
Spreading Knowledge Amongst Mankind......

ଜୁନ – ୨୦୧୮ JUNE - 2018



# ବେଦାନ୍ତୀ

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ, ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ରାଜ୍ୟ ଏବଂ କେନ୍ଦ୍ର ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ଧାରାରେ ଓ ନିର୍ଦ୍ଦିଷ୍ଟ ସମୟରେ ଆୟବ୍ୟୟର ବିବରଣୀ ଗୃହରେ ଉପସ୍ଥାପନା କରିଥାନ୍ତି । ଦେଶ ପାଇଁ କେନ୍ଦ୍ରୀୟ ବଜେଟ ପାର୍ଲାମେଣ୍ଟରେ ଓ ରାଜ୍ୟମାନେ ରାଜ୍ୟ ବିଧାନ ସଭାରେ ଏହା ଉପସ୍ଥାପନ କରିଥାନ୍ତି। ବିଧି ବ୍ୟବସ୍ଥା ଅନୁସାରେ ବଜେଟ ଉପରେ ଆଲୋଚନା ହୋଇ ଗୃହୀତ ହୋଇଯାଏ । ବସ୍ତୁତଃ ଏହା କେବଳ ଆୟବ୍ୟୟର ଗଣିତ ନୁହେଁ। ଏଥି ସହିତ ସରକାରଙ୍କର ଗୋଟିଏ ବିତ୍ତୀୟ ନୀତି ଯୋଡି ହୋଇ ରହିଥିବାରୁ ବର୍ଷଟିକୁ ବିତ୍ତୀୟ ବର୍ଷ ଏବଂ ଆୟବ୍ୟୟର ହିସାବକୁ ନେଇ ରାଜସ୍ୱ ଆୟବ୍ୟୟ କୁହାଗଲାବେଳେ ସରକାରଙ୍କ ବିତ୍ତୀୟ ନୀତି ପାଇଁ ଏହାକୁ ବିତ୍ତୀୟ ନିଅଣ୍ଟ ଅବା ବିତ୍ତୀୟ ବଳକା ବୋଲି କୁହାଯାଏ। କେତେକଙ୍କ ମତରେ ପୁଞ୍ଜି ଲଗାଣ ବୃଦ୍ଧିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କର ରୋଜଗାର ବୃଦ୍ଧି ଓ ନିଯୁକ୍ତି କ୍ଷେତ୍ରରେ ପ୍ରସାରିତ କରିବା। ସେହିପରି ଋଣକୁ ନେଇ ମଧ୍ୟ ନିର୍ଦ୍ଦିଷ୍ଟ ନୀତି ଅଛି । ଋଣ କରିବାର ଆବଶ୍ୟକତା ଯେତିକି ଅଛି ତାକୁ ପୁଞ୍ଜିଭାବେ ବିନିଯୋଗ କରି ଏଥିରୁ ଆୟ (ରିଟର୍ଣ୍ଣ) ମଧ୍ୟ ସେହି ପରିମାଣରେ ଆଶା କରାଯାଏ। ଅର୍ଥାତ ପ୍ରଥମ ବର୍ଷରୁ ହିଁ ଋଣ ବିନିଯୋଗରୁ ଯେଉଁ ଆୟ ଆକଳନ ହେବ ତାହା ଅନ୍ତତଃ ହେବାକୁ ଥିବା ସୁଧ ଠାରୁ କମ୍ ହେବା ଉଚତ୍ ନୁହେଁ। ପୁଞ୍ଜି ବିନିଯୋଗର ଏକ ନିର୍ଦ୍ଦିଷ୍ଟ ନୀତି ଅଛି ଯେଉଁଥିରେ ହେଉଥିବା ଖର୍ଚ୍ଚ ଯେପରି ଅଧିକ ଲାଭଜନକ ହୁଏ ତାହା ଦେଖାଯାଇଥାଏ। ସେଥିପାଇଁ ପ୍ରତ୍ୟକଟି ପ୍ରକଳ୍ପରେ ଲାଭକ୍ଷତିର ଆକଳନ ଅନୁପାତ

ଧାର୍ଯ୍ୟ କରାଯାଇଥାଏ । ପ୍ରତ୍ୟେକଟି ଉନ୍ନୟନମୂଳକ ଯୋଜନାରେ ମୁଣ୍ଡପିଛା ଆୟ ବୃଦ୍ଧିର ହିସାବ କରାଯାଇଥାଏ ।

ବିତ୍ତୀୟ ନୀତି କେବଳ ଯେ ଉତ୍ପାଦନମୁଖୀ ହେବାକୁ ପ୍ରାଧାନ୍ୟ ଦିଆଯାଏ, ତା ନୁହେଁ । ଜନମଙ୍ଗଳକାରୀ ବ୍ୟବସ୍ଥା ଭିତରେ ଉତ୍ପାଦନକୁ ସ୍ଥିର ବା ଆଗୁସାର କରିବାରେ ସହାୟତା ଦେଉଥିବା ଅନେକ କାର୍ଯ୍ୟକ୍ରମ ଯଥା ଶିକ୍ଷା, ସ୍ୱାସ୍ଥ୍ୟ କୁ ମଧ୍ୟ ଗୁରୁତ୍ୱ ଦିଆଯାଏ । ଅନେକ ସାମାଜିକ ନ୍ୟାୟ ପ୍ରଦାନକାରୀ ବ୍ୟବସ୍ଥା ଯଥା ଅସହାୟ ଅବସରକାଳିନ ବୟସ୍କଙ୍କ ପାଇଁ ଭତ୍ତା ପ୍ରଦାନ ଅଗ୍ରାଧିକାର ଲାଭ କରିଥାଏ । ରାଜ୍ୟର ବିକାଶକୁ ଲକ୍ଷ୍ୟ କଲେ ରାଜ୍ୟବାସୀଙ୍କ ଅନୁମେୟ ଚନ୍ତା ଓ ବିକାଶର ଚନ୍ତାଧାରା ପାଇଁ ଜନ ସଚେତନତା ସହ ଶିକ୍ଷା ଓ କୌଶଳର ବିପ୍ଳବ ଭାବାନ୍ତରରେ ଆସିବା ଉଚତ୍ । ଏହି ଚନ୍ତାଧାରାକୁ ତ୍ୱରାନ୍ୱିତ କରିବା ସହିତ ଆର୍ଥିକ ବୈଷୟିକ ସହଯୋଗ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପ୍ରଦାନ କରିବା ବିଧେୟ ।

ଓଡିଶାର ବିକାଶ ବୁଝିଲେ ମୁଖ୍ୟତଃ ଏହା ନଜର ଶିକ୍ଷାଗତ ଯୋଗ୍ୟତାକୁ ପ୍ରତିପାଦନ କରୁଛି । ଏହାର ଶିକ୍ଷାର ପ୍ରସାର ଅଗ୍ରଗାମୀ । ଆଇନଗତ ବିଷୟବସ୍ତୁକୁ ଆଧାର କଲେ ଜଣାଯାଇଛି ଯେ ବିଗତ ଦଶନ୍ଧିରେ ଶିକ୍ଷାର ପ୍ରସାର ୭୩.୫% ଥିଲା, ଏହା ବର୍ତ୍ତମାନ ୭୪.୪% ବୃଦ୍ଧି ପାଇଛି । ଯଥାଯୁକ୍ତ ଶିକ୍ଷାର ପ୍ରସାର କଲେ ଓଡିଶାର ବିକାଶ ଆଶାନୁରୂପ ଫଳ ପ୍ରଦାନ କରୁଛି । ଔଦ୍ୟୋଗିକ ବିକାଶ ଓଡିଶାର ବିକାଶର ଅନ୍ୟତମ ମାର୍ଗ । ଏହାର ମୂଳ ପଞ୍ଜିକୃତ ପ୍ରମାଣ ଅନୁଯାୟୀ ବିଗତ ଦଶନ୍ଧିରେ ନିଯୁକ୍ତି ଓ ଶିକ୍ଷାର ସୁଦୁର ପ୍ରସାର ଦୃଶ୍ୟମାନ । ଔଦ୍ୟଗିକ ବିକାଶ ରାଜ୍ୟର ମେରୁଦଣ୍ଡ ଭାବେ ପରିଗଣିତ ହୋଇଅଛି । ଓଡିଶାର ଖଣିଜ ସଂପଦ ଉନ୍ନତିର ମାର୍ଗ ପ୍ରଦର୍ଶିତ କରୁଛି । ଓଡିଶାର ଉନ୍ନତି ମୁଖ୍ୟତଃ କୃଷି, ଶିକ୍ଷା, ବ୍ୟବସାୟ, ଶିକ୍ଷାନୁଷ୍ଠାନ, ବିଜ୍ଞାନ, ପରିବେଶ, କ୍ଷୁଦ୍ରଶିଳ୍ପ, ପ୍ରାକୃତିକ ସମ୍ପଦର ସଂରକ୍ଷଣ, ପର୍ଯ୍ୟଟନ, ସଂସ୍କୃର ନଗମର ବିକାଶ ଉପରେ ନର୍ଭରଶିଳ । ଏହା ସହିତ ଜନ ସଚେତନତା ମଧ୍ୟ ଜରୁରୀ ଅଟେ ।

ଆମ ରାଜ୍ୟର ଯୁବଶକ୍ତି ମୂଲ୍ୟବାନ। ରାଷ୍ଟ୍ରୀୟ ସଂପଦ ଯୁବଶକ୍ତିକୁ ଠିକ୍ ମାର୍ଗରେ ପରିଚାଳନା କରିବା ଉଚିତ୍। ଓଡିଶାର ବିକାଶ କ୍ଷେତ୍ରରେ କେବଳ ସରକାର କିମ୍ବା ଜିଲ୍ଲା ପ୍ରଶାସନ ନୁହେଁ, ପ୍ରତିଟି ସଚେତନ ଯୁବକ ଏ କ୍ଷେତ୍ରରେ ସଂକଳ୍ପ ନେଲେ ଉତ୍କଳୀୟ ପରମ୍ପରାର ସ୍ମାରକୀ ସାଧବପୁଅଙ୍କ ବାଣିଜ୍ୟ ଓ ବ୍ୟବସାୟରେ ଚିନ୍ତା ଓ ଚେତନା ଆମକୁ ବିକାଶର ନୂଆ ସକାଳର ସୂର୍ଯ୍ୟ ଦେଖାଇବ ନିଃସନ୍ଦେହ।

ଓଡିଶାର କୃଷି କ୍ଷେତ୍ରକୁ ନିଅନ୍ତୁ। ବାସ୍ତବ ଜୀବନରେ ଆମେ ଯଦି ଆତ୍ମସମୀକ୍ଷା କରିବା, କୃଷି କେବଳ ଓଡିଶାର ଗ୍ରାମ୍ୟ ଜୀବନକୁ ପରିପୁଷ୍ଟ କରି ନଥାଏ। ସହରୀ ମଣିଷଙ୍କ ଆଦ୍ୟପ୍ରାଣକୁ ମଧ୍ୟ ପ୍ରଭାବିତ କରିଥାଏ। ଓଡିଶାର ବିକାଶ କେବଳ ରାଜ୍ୟ ସରକାର ଉପରେ ନୁହେଁ, କେନ୍ଦ୍ର ସରକାରଙ୍କ ଦୃଷ୍ଟିଗୋଚର ହେବା ମଧ୍ୟ ଉଚିତ୍। ଆମ ରାଜ୍ୟର କୃଷକମାନଙ୍କ ବହୁବିଧ ସମସ୍ୟାକୁ ପରଖି, ନୂଆ ନୂଆ ପ୍ରଣାଳୀରେ ଚାଷ ଉତ୍ପାଦନରେ କ୍ଷମତା ବୃଦ୍ଧି ସହିତ, ସଠିକ୍ ମାର୍ଗରେ ଚାଷୀମାନଙ୍କୁ ଋଣ ଯୋଗାଇ ଦେଲେ, ଓଡିଶାର ବିକାଶ ମାର୍ଗ ଉନ୍ମୋଚନ ହେବ। ଆମ ରାଜ୍ୟର ପ୍ରକୃତିର ଉପହାର ଖଣିଜ ପଦାର୍ଥକୁ ସଠିକ୍ ମାର୍ଗରେ ଉପଯୋଗ ଏବଂ କୃଷିଭିତ୍ତିକ ଗୋପାଳନ, ଶସ୍ୟ, ଫୁଲଫଳ, ଇତ୍ୟାଦି ଦ୍ରବ୍ୟ ଉପରେ ସରକାର ଯତ୍ନନେବା ଉଚିତ୍। କୃଷି କେବଳ ରାଜ୍ୟକୁ ନୁହେଁ, ରାଜ୍ୟ ବାସୀଙ୍କୁ ମଧ୍ୟ ଉନ୍ନତିର ଶିଖରରେ ପହଞ୍ଚାଇବ। କୃଷିଭିତ୍ତିକ ବିଭିନ୍ନ ଯୋଜନା କୃଷକମାନଙ୍କ ପାଖରେ ପହଞ୍ଚିବା ନିହାତି ଆବଶ୍ୟକ, ସେଥିପାଇଁ ଏ କ୍ଷେତ୍ରରେ ଶିକ୍ଷାର ପ୍ରସାର ପ୍ରତି ସଚେତନତା ଆଣିବା ଉଚିତ।

ଆମ ଦେଶ ବିଶ୍ୱର ଅନ୍ୟତମ ବୃହତ ଅର୍ଥବ୍ୟବସ୍ଥା ଏବଂ ବର୍ତ୍ତମାନ ଆମ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ହାର ବିଶ୍ୱରେ ଅଦ୍ୱିତୀୟ। ବିଶ୍ୱର ସର୍ବ ବୃହତ୍ ଯୁବଶକ୍ତି ମଧ୍ୟ ଆମ ଦେଶରେ ବିଦ୍ୟମାନ। ଅନେକ ସମୟରେ କୌଣସି ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ହାର ସଂପୃକ୍ତ ଦେଶର ପ୍ରଗତୀର ମାନଦଣ୍ଡ ଭାବରେ ଗ୍ରହଣ କରାଯାଇଥାଏ। ଦେଶର ଆୟ କୃଷି, ଉଦ୍ୟୋଗ ଏବଂ ସେବାକ୍ଷେତ୍ରରୁ ଉତ୍ପନ୍ନ ହୋଇଥାଏ। ଆମ ଦେଶରେ ରୋଜଗାର ସୁଯୋଗ ଆବଶ୍ୟକତାର

ବ୍ୟାପକତା ଏବଂ ଦେଶର ବିଶାଳତା, ବିବିଧତା ଏବଂ ବୈଶିଷ୍ଟ୍ୟ ଦୃଷ୍ଟିରୁ ଆମକୁ ମୁଖ୍ୟତଃ କୃଷି ଏବଂ ବିନର୍ମାଣ କ୍ଷେତ୍ରକୁ ଗୁରୁତ୍ୱ ଦେବା ଆବଶ୍ୟକ। କୃଷି କ୍ଷେତ୍ରକୁ ଏକ ବିନର୍ମାଣ କ୍ଷେତ୍ର ରୂପେ ରୂପାନ୍ତର କରି ଆମେ ଅସଂଖ୍ୟ କର୍ମ ସୁଯୋଗ ସୃଷ୍ଟି କରିବା ସମ୍ଭବ ହେବ। ଆମ ରାଜ୍ୟରେ ବ୍ୟାପକ ଧାନଚାଷ ସହିତ, କପା, ତୈଳବୀଜ ଏବଂ ମକା ଚାଷ ମଧ୍ୟ ବ୍ୟାପକ ସ୍ତରରେ ଏକ ଅନୁକୂଳ ବାତାବରଣ ସୃଷ୍ଟି କରି ଅନନ୍ୟ ବିନର୍ମାଣ କେନ୍ଦ୍ର ସ୍ଥାପନ କରି ରାଜ୍ୟ କୃଷିର ଗୁଣାତ୍ମକ ରୂପାନ୍ତରଣ କରିବା ସଙ୍ଗେସଙ୍ଗେ ବ୍ୟାପକ ରୋଜଗାର ସୁଯୋଗ ସୃଷ୍ଟି କରି ପାରିବ।

ଓଡିଶାର ବିକାଶ କରିବାକୁ ହେଲେ ପ୍ରଥମେ ଓଡିଶାର ଭାଷାକୁ ବିକାଶ କରିବାକୁ ପଡିବ। କାରଣ ଭାଷା ବିନା ମନୁଷ୍ୟ କୌଣସି କାର୍ଯ୍ୟ ସଂପାଦନରେ ସାମର୍ଥ୍ୟ ଲାଭ କରିପାରେନାହିଁ। ଓଡିଆ ଭାଷାକୁ ବିକଶିତ କରି ସମସ୍ତ କାର୍ଯ୍ୟାଳୟରେ ଓଡିଆ ଭାଷାର ପ୍ରଚଳନ ହେତୁ ପ୍ରୋତ୍ସାହନ ଦେବା ଉଚତ୍। ସମସ୍ତ ଓଡିଶା ବାସୀଙ୍କର ଚନ୍ତାଧାର୍ ମହାନ ପୁରୁଷଙ୍କ ଭଳ ହେଲେ ଓଡିଆ ଭାଷା ଏବଂ ଓଡିଶା ମାଟିର ବିକଶିତ ସମ୍ଭବ ହୋଇପାରିବ।

ସଭ୍ୟତା ଓ ଜାତୀୟତାବାଦର ବିକାଶ ସହିତ ଧନ ସମ୍ପତ୍ତି କହିଲେ ପୃଥିବୀମାତାଙ୍କ ଅବଦାନକୁ କେବଳ ବୁଝାଏ ନାହିଁ, ମାଟି ଭିତରେ ଓ ଉପରେ ଥିବା ଖଣିଜ, ଜଳ ସଂପଦ, ଗଛବୃକ୍ଷ ଓ ପଶୁପକ୍ଷୀ ଇତ୍ୟାଦି ତାଲିକା ଭିତରକୁ ଆସିଯାନ୍ତି । ବିଦ୍ୟା ଓ ଜ୍ଞାନ ଅର୍ଜନ ଦ୍ୱା ମଣିଷ ଧନ ଅର୍ଜନ କରିବାର ଏକ ଉତ୍ତମ ମାଧମ । ମଣିଷର ବୁଦ୍ଧି ଯେତିକି ବିକଶିତ ହେବ, ତାର ଉପାର୍ଜନ ଶକ୍ତି ସେତିକି ବଢିବ ଏବଂ ଅର୍ଥନୀତିରେ ଅସମାନତା ସେତିକି କମିବ। ଭାରତର ଗଣତାନ୍ତ୍ରିକ ଶାସନର ସଫଳତା, ଜ୍ଞାନ ଓ ପ୍ରଯୁକ୍ତି ବଳରେ ଦେଶ ବାହାରେ ଥିବା ସହସ୍ର ସଂଖ୍ୟାରେ ଭାରତବାସୀ ଧନ ଅର୍ଜନ କରିପାରୁଛନ୍ତି। ସୁତରାଂ ଶତପ୍ରତିଶତ ସାକ୍ଷରତା ହାସଲ କରିବା ସହିତ ଜ୍ଞାନ ବିଜ୍ଞାନ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଆମ ଦେଶର ଯୁବକମାନେ ପ୍ରତିଯୋଗିତା ବଳରେ ଧନ ଅର୍ଜନ କରିବା କ୍ଷେତ୍ରରେ ଆହୁରି ଅଧିକ ସଫଳତା ହାସଲ କରିବାର ଉଜ୍ଜ୍ୱଳ ସମ୍ଭାବନା ରହିଛି। ମଣିଷର ବୌଦ୍ଧିକ ବିଚକ୍ଷଣତା ଓ

ଶକ୍ତି ଯେତିକି ବଢ଼ିବ, ସେମାନଙ୍କ ମଧ୍ୟରେ ଥିବା ଅସମାନତା ସେତିକି ହ୍ରାସ ପାଇବ । ଯେତିକି ସଂଖ୍ୟାରେ ଲୋକମାନେ ଦକ୍ଷ ଓ ପାରଙ୍ଗମ ହେବେ, ସେମାନଙ୍କ ମଧ୍ୟରେ ଥିବା ଅସମାନତା ସେତିକି ହ୍ରାସ ପାଇବ । ଜ୍ଞାନ ଓ ଶିକ୍ଷାର ଉପଯୋଗ କରି ଦେଶର ସମ୍ପଦ ବୃଦ୍ଧି ସହିତ ବିଦ୍ୟା ଅର୍ଜନ କରିଥିବା ଯୁବକ, ଯୁବତୀମାନେ ପରିବାର ଉପରେ ନିର୍ଭର ନକରି ଦେଶର ସମ୍ପତ୍ତି ସୃଷ୍ଟି କରିବା ସହିତ ନିଜ ଭବିଷ୍ୟତ ଉନ୍ନତି ମାର୍ଗରେ ଅଗ୍ରସର ହେବେ । ପ୍ରକୃତ ଶିକ୍ଷା କେବଳ ଖବର ସଂଗ୍ରହ ନୁହେଁ, ଏହା ସହିତ ଚରିତ୍ର ଗଠନ ମଧ୍ୟ ଶିକ୍ଷା ରୁଚିକୁ ମାର୍ଜିତ କରେ, ବ୍ୟବହାରକୁ ଶୃଙ୍ଖଳିତ କରେ, ଜିହ୍ୱାକୁ ସଂଯତ କରେ, ଦେଶପ୍ରେମ ଜାଗ୍ରତ କରେ, ଅନୁଭବକୁ ପ୍ରଶସ୍ତ କରେ ଏବଂ ସର୍ବୋପରି ଚେତନାକୁ ଉନ୍ନତ କରେ । ଯେକୌଣସି ଦେଶର ବିକାଶ ପାଇଁ ଆବଶ୍ୟକ ହେଇଥାଏ ଆର୍ଥିକ, ପ୍ରାକୃତିକ ଓ ମାନବସମ୍ବଳ ସହିତ ବୈଷୟିକ ଜ୍ଞାନ କୌଶଳ ଏବଂ କର୍ମ-ସଂସ୍କୃତିର ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ ସଦୁପଯୋଗ ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ
mamata.dash1234@gmail.com



# ଭିତର ପୃଷ୍ଠାରେ....


| | | |
|---|---|---|
| ନ୍ୟୁକ୍ଲିୟାର | ପ୍ରତିଭା ପ୍ରିୟଦର୍ଶିନୀ | ୧୧ |
| ହେ କୋଣାର୍କ | କାର୍ତ୍ତିକ ପାଣିଗ୍ରାହି | ୧୪ |
| ବିଶ୍ୱାସର ଅନ୍ତଃସ୍ୱର | ଅନୁସୂୟା ମିଶ୍ର | ୧୬ |
| ଅବଶୋଷ | ଭାସ୍କର ଚନ୍ଦ୍ର ଖଣ୍ଡା | ୨୩ |
| ଲେଖକ ର ସ୍ୱପ୍ନ | ସୁବଳ ମହାପାତ୍ର | ୨୪ |
| ଖେଜରଲି ଆନ୍ଦୋଳନ | ମଧୁସ୍ମିତା ପଟ୍ଟନାୟକ | ୨୬ |
| ହେମନ୍ତ କାଳ | ସନାତନ ମହାକୁଡ | ୩୧ |
| ସୁନ୍ଦର | ରାଜଶେଖର "ଚମା" | ୩୨ |
| ସେ ଦିନର ମଣିଷ | ଶାନ୍ତିଲତା ମିଶ୍ର | ୩୪ |
| ଜୀବନ-ଫର୍ଦ | ଆଶୁତୋଷ ମେହେର | ୩୮ |
| ନାରୀ | ସ୍ମିତା ତ୍ରିପାଠୀ | ୩୯ |
| ଅସ୍ତାଞ୍ଚଳ ର ଦୃଶ୍ୟ | ରାଜୀବ ଗୋପାଳ ସ୍ୱାଇଁ | ୪୧ |
| ଏହି ମୋର ଗାଆଁ | ପ୍ରଶାନ୍ତ କୁମାର ନାଥ | ୪୯ |
| ବନ୍ଧୁ | ଶୈଳଜା ମିଶ୍ର | ୫୧ |
| କ୍ଷଣିକ ଖୁସି | ସୁଲୋଚନା ପଟ୍ଟନାୟକ | ୫୨ |
| ବସନ୍ତର ବନବାସ | ହିମାଂଶୁ ଭୂଷଣ ଜେନା | ୫୮ |
| ଜୋତା | ସତ୍ୟବ୍ରତ ସାହୁ | ୫୯ |
| ମାନସିକ ରୋଗୀ | ଶଶଧର ମହାପାତ୍ର | ୬୧ |

| | | |
|---|---|---|
| ପ୍ରେମ ମନ୍ଦାକିନୀ | କବିତା ମହାନ୍ତି | ୭୧ |
| ପ୍ରତିଶ୍ରୁତି | ଅଶୋକ କୁମାର ସେଠୀ | ୭୨ |
| ମାଲ୍ୟାଣୀ ଲୋ ଭଲ କଲୁ | ବିନୟ ମହାପାତ୍ର | ୭୭ |
| ଅଙ୍ଗୁଠି ପୁରାଣ | ମନୋଜ କୁମାର ବେହେରା | ୭୯ |
| ଭସା ବାଦଲ | ରାମ ପ୍ରସାଦ ବିଶୋଇ | ୮୫ |
| ଅଢେଇଶହ ଡଲାର ର ରୋମାଞ୍ଚ | ଡ. ବିଜ୍ଞାନୀ ଦାସ | ୮୭ |
| ଲାଲ ରକତର ସୁଅ | ପୂର୍ଣ୍ଣଚନ୍ଦ୍ର ରଣା | ୧୦୧ |
| ପରିବେଶ: ଏକ ରଙ୍ଗମଞ୍ଚ | ସୌମ୍ୟ ରଞ୍ଜନ ପାଲ | ୧୦୩ |
| ଉମରାଓଙ୍କୁ ପଢିଲା ପରେ ଓ ଦେଖିଲା ପରେ | ପ୍ରିୟବ୍ରତ ପାତ୍ର | ୧୦୪ |
| କାହିଁକି ଆସିଲ? | ମଧୁଛନ୍ଦା ବେହେରା | ୧୧୩ |
| ସର୍ବ ଶକ୍ତିମାନ କାଳ | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୧୧୫ |
| ଅଧା ରହିଗଲା ରାକ୍ଷୀ ବନ୍ଧନ | ପ୍ରକାଶ ସାହୁ | ୧୧୭ |
| ମୋ ସ୍ୱପ୍ନର ପ୍ରେୟସୀ – ବର୍ଷା | ଅରୁଣ କୁମାର ପାତ୍ର | ୧୨୨ |
| ମରୀଚିକା | ଆଶା ସାହୁ (ଆରତୀ) | ୧୨୪ |
| ମାଁ | ମାମାଜିନ ପ୍ରଧାନ | ୧୩୦ |
| ଖୁସିର ଖରାଛୁଟି | ଉମେଶ କୁମାର ବେହେରା | ୧୩୧ |
| ଜୀବନର କୁମ୍ଭାରଶାଳ | ନୃସିଂହ ଚରଣ ବେହେରା | ୧୩୩ |
| ଅନ୍ଧବିଶ୍ୱାସ | ଜୟକୃଷ୍ଣ ମେହେର | ୧୪୦ |
| ଅନଲାଇନ୍ | ସୁଧାଂଶୁ ଦ୍ୱିବେଦୀ | ୧୪୧ |
| ବୁର୍ଲା ଯାତ୍ରା | ପୁଷ୍ପିତା ଭୂୟାଁ | ୧୪୩ |
| ବୋଉ | ଦିପୁନ୍ ପୁହାଣ | ୧୪୮ |
| ଆମୁର ଫାଲକନର ବିଶ୍ୱ ରାଜଧାନୀ (ଧାରାବାହିକ) | ଅଶୋକ ବିଶ୍ୱାଳ | ୧୫୦ |

| | | |
|---|---|---|
| ମୋ ମା | ମୃତ୍ୟୁଞ୍ଜୟ ହୋତା(ଆଲୋକ) | ୧୬୨ |
| ସପନ ର ପଛେ ପଛେ | ସିପ୍ରା ନାମତା (ନମ୍ରତା) | ୧୬୫ |
| ଧନ କଣି ପାରେନା ମନ | ସାଗର ପ୍ରଧାନ | ୧୭୨ |
| ଗ୍ରୀନ୍ ଲାଇଟ୍ ଓ ସେ | ସଚ୍ଚିଦା ନନ୍ଦ ବାରିକ | ୧୭୩ |
| ଉପଦେଶ | ଡ. ସତ୍ୟନାରାୟଣ ମିଶ୍ର | ୧୭୫ |
| ଛାତି ତଳର ପ୍ରେମ | ଜୟପ୍ରକାଶ ଦୁରିଆ(ରମଣ) | ୧୭୭ |
| ପ୍ରିୟା | ବିଭୁତି ରଞ୍ଜନ ପାଣିଗ୍ରାହୀ | ୧୮୦ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନତା ପଣ୍ଡା | ୧୮୩ |
| ମୁଁ, ତୁମେ ଓ ସେ | ଖଗେଶ୍ୱର ବାଗ | ୧୮୬ |
| ମଦ | ତିଳ ରାଉତ | ୧୮୮ |
| ଅଥଃ ପତନଃ ସମ୍ବାଦ | ସତ୍ୟବ୍ରତ ମହାପାତ୍ର | ୧୯୦ |
| ସୁପ୍ରଭାତ | ଜ୍ୟୋତିର୍ଦିତ୍ୟ ପୁଝାରୀ | ୧୯୪ |
| ଜୟ କୋଶଲ୍ | ଭରତ ମେହେର | ୧୯୫ |
| ପ୍ରେମ ଏକ ଅଭୁଲା ସ୍ମୃତି | ଶାଶ୍ୱତି ସାମଲ | ୧୯୬ |
| ନକ୍ଷେଧାଞ୍ଚଳ | ଏମ୍. ବିଜୟ କୁମାର | ୨୦୧ |
| ଏଡସ୍ | ଶୁଭକାନ୍ତ ସାହୁ | ୨୦୩ |
| ମରିଚିକା | କାହ୍ନୁ ଚରଣ ସାହୁ | ୨୦୬ |
| ସମୟର ଅନ୍ତରାଳେ, ଏକ ସ୍ୱୀକାରୋକ୍ତି | କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ | ୨୦୮ |
| କେମିତି ହେବି ମୁଁ ସାବିତ୍ରୀ | ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ | ୨୧୨ |
| ସମାଜ ଆରୁ ଆମେ | ପ୍ରସନ୍ନ ପ୍ରୟାସ ଭୁଏ (ପ୍ରୟାସ) | ୨୧୪ |
| ଏତେ ଭଲପାଅ ମତେ? | ଶୁଭସ୍ମିତା ବେହେରା | ୨୧୯ |

| | | |
|---|---|---|
| ପାଶବିକ ଶକ୍ତି ବିରୁଦ୍ଧରେ | ଅନନ୍ତ ବାଗ | ୨୨୦ |
| ହିନ୍ଦୁ ଶବ୍ଦର ଐତିହାସିକ ତଥ୍ୟ | ବାଲ୍ମୀକ ନାୟକ | ୨୨୩ |
| ମାୟାବିନୀ ପ୍ରେମିକା | ଶିଶିର କୁମାର ସାମଲ | ୨୨୭ |
| ପୁସ୍ତକ ପରିଚୟ | ବେଦାନ୍ତୀ ପରିବାର | ୨୨୮ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୨୨୯ |


## ଶିଶୁ ବିଭାଗ


| | | |
|---|---|---|
| ଦେଖିଯିବା ହାତୀବେଶ | ସତ୍ୟବ୍ରତ ସାହୁ | ୨୩୪ |
| ବାପା ମା | ପ୍ରକାଶ ସାହୁ | ୨୩୬ |
| କହିଲ ଦେଖି | ସାଗର ପ୍ରଧାନ | ୨୩୮ |
| ଚନ୍ଦ୍ର | ପ୍ରକାଶ ସାହୁ | ୨୩୯ |
| ଜୁନ ମାସର ପର୍ବପର୍ବାଣୀ | ସଂଗୃହୀତ | ୨୪୦ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୪୧ |


## ପଢନ୍ତୁ ଏବଂ ପଢାନ୍ତୁ "ବେଦାନ୍ତୀ"

# ନ୍ୟୁକ୍ଲିୟାର



ପ୍ରତିଭା ପ୍ରିୟଦର୍ଶିନୀ

ଫେସବୁକ ରେ ସାଙ୍ଗ ମାନଙ୍କ ଭ୍ରମଣ ବୃତ୍ତାନ୍ତ ବୟାନ କରୁଥିବା ଫୋଟୋ ଗୁଡ଼ିକ ଦେଖୁଥାନ୍ତି ସୌମ୍ୟ। ପାଖରେ ବସିଥାଏ ସୀମା। ହଠାତ ଦୀର୍ଘଶ୍ୱାସ ଟିଏ ନେଇ ସୌମ୍ୟ କହିଲେ,"ସତରେ କେତେ ସୁଖଦ ଏମାନଙ୍କ ଜୀବନ !! ପରିବାର ଇଚ୍ଛା ବିରୁଦ୍ଧରେ ନିଜ ପସନ୍ଦରେ ବାହା ହେଲେ ବୋଲି ପରିବାର ଠୁ ଭିନ୍ନ ହୋଇ ସ୍ୱାଧୀନ ଭାବରେ ବଞ୍ଚିଲେ। କୌଣସି ଦାଇତ୍ୱ ନାହିଁ କେବଳ ନିଜ ପତ୍ନୀ ଆଉ ପିଲାଙ୍କ ବ୍ୟତୀତ। ବିଦେଶ ରେ ଚାକରୀ। ମୋଟା ଦରମା ରେ ଭାଗ ବସେଇବାକୁ କେହି ନାହିଁ। ତେଣୁ ମନଇଚ୍ଛା ବୁଲୁଛନ୍ତି। ଜୀବନ କୁ ଉପଭୋଗ କରୁଛନ୍ତି। ବର୍ଷକୁ ଯେଉଁ କେତେଟା ଦିନ ଏଠିକି ଆସିବେ, କେହି ଆପଣା ଲୋକ ଥିଲେ ଖୁବ ଆଦର ଅଭ୍ୟର୍ଥନା ଦେବେ, ନହେଲେ ଏଠି ବି ପିକନିକ ଭଳି ବିତେ ୟାଙ୍କ ରହଣି। ହେଲେ ଆମେ......ମତେ କ୍ଷମା କରିଦିଅ ସୀମା !

- ଆରେ, ଏ କି କଥା !! ମୁଁ ତ କିଛି ଅଭିଯୋଗ କରିନି କେବେ !

- ହଁ, ତୁମେ କୁହନି, ସେଇଟା ହିଁ ମୋତେ ଏତେ ବେପରୁଆ କରିଛି। ଆମ ସଂସାର ର ଦୁଇ ତୃତୀୟାଂଶ ବୋଝ ତୁମ କାନ୍ଧରେ ଲଦି ଦେଇଛି।

-ଓଃ, 10 ବର୍ଷ ପରେ କେତେ ଚିନ୍ତା ? କଣ ଫିଲୋସଫର ହେଇଗଲେ କି ମ୍ୟାନେଜର ସାହେବ। (ବେଦମ ହସୁଥାଏ ସୀମା)

- ନା ସୀମା, ଆଜି କହିବାକୁ ଦିଅ ମୋତେ| ଆମର ବି ଲଭ ମ୍ୟାରେଜ। କିନ୍ତୁ ମୋ ପରିବାର ର ସମ୍ମତି ପାଇବାକୁ ତୁମେ ଗୋଟାଏ ଦଶନ୍ଧି ଧରି କେତେ ମାନସିକ ଚାପ ନ ସହିଛ ! ମୋ ପରିବାର ଆମ ବାହାଘର ସାମାଜିକ ଭାବରେ ଆରେଞ୍ଜ ମ୍ୟାରେଜ ହିସାବରେ

ହିଁ କରିଥିଲେ। ଦେଖାଶୁଣା ଠୁ ଯୌତୁକ ଯାଏଁ ସବୁକଛି ରୀତିମତ ଆରେଞ୍ଜ ମ୍ୟାରେଜ ଭଳି। ଅଥଚ ଏତେ ସବୁ ପରେବି ତୁମକୁ ଗ୍ରହଣ କରିବା ପାଇଁ10 ବର୍ଷ ଲାଗିଗଲା। ତୁମ ଭଳି ଉଚ୍ଚ ଶିକ୍ଷିତା ଝିଅ ନିଜ କ୍ୟାରିୟର କୁ ଆଡ଼ କରି ସାଧାରଣ ଗୃହିଣୀ ଅବତାର ରେ ନିଜକୁ ଢାଳାଇ ନେଲା। ମୋ ପରିବାର ର ସମ୍ମାନ କୁ ସମ୍ମାନ ଦେଇ ସବୁ ପରମ୍ପରା କୁ ଆଗ୍ରହ ରେ ଆପଣେଇ ନେଲା। ଆଜିଯାଏ ଶାଶୁଘର ଦାଣ୍ଡ ପିଣ୍ଡା କେବେ ବିନା ଓଢଣା ରେ ତୁମକୁ ନିଜ ଉପରେ ଆବିଷ୍କାର କରିନି। ସବୁଠୁ ବଡ କଥା ହେଲା, ଏସବୁ ତୁମେ ଖୁସିରେ କରିଛ, ନିର୍ଲିପ୍ତ ନିର୍ବିକାର ଭାବରେ। ଯେଉଁଠି ଯେଉଁ ରୂପ ଆବଶ୍ୟକ, ସେ ଭୂମିକା ରେ ନିଜକୁ ପ୍ରସ୍ତୁତ କରିଛ। ଏଠି ମୋ କର୍ମସ୍ଥଳୀ ରେ ଶାଶୁଘର ର ଆଦର୍ଶ ଓଡ଼ିଆଣି ରକ୍ଷଣଶୀଳ ବୋହୂ ଟି ଆଧୁନିକ ଯୁଗ ସହ ଖାପ ଖୁଆଇ ଘର ବାହାର ସମସ୍ତ ଦାଇତ୍ୱ ନେଇ ସ୍ମାର୍ଟ ହୋମ ମେକର ର ଦ୍ୱୈତ ଭୂମିକା କୁଶଳ ଓ ନିପୁଣ ଭାବରେ ନିଭେଇ ଚାଲିଚ।

ହେଲେ ମୁଁ କଣ ଦେଇଛି ତୁମକୁ ? ବାହାଘର ପରେ ହନିମୁନ ପାଇଁ ଟିକେଟ ରୁ ହୋଟେଲ ଯାଏଁ ସବୁ ବୁକଙ୍ଗ କରିବା ପରେ ବି ସାମାନ୍ୟ ପାରିବାରିକ କାରଣରୁ ଅନ୍ତିମ ମୁହୂର୍ତ୍ତ ରେ ବାତିଲ କଲି। ଆଗ୍ରହ ରେ ସଜାଡିଥିବା ସୁଟକେସ କୁ ଖାଲି କରିଛ ତୁମେ ଚୁପଚାପ। ତୁମେ ନ କହିଲେ ତୁମ ପାଇଁ ବିନ୍ଦି ପ୍ୟାକେଟ ଟେ ବି କିଣି ଆଣିବାକୁ ମନେ ପଡେନି ମୋତେ। ମତେ ଛୁଟି ମିଳେନି ସହଜେ, ଯେବେ ମିଳେ, କିଛି ଯୋଜନା କରିବା ପୂର୍ବରୁ ଘରୁ ବାପା ବୋଉ ପଚାରି ବସନ୍ତି କେବେ ଯାଉଛେ ସେଠିକୁ। ସେଠି ପହଞ୍ଚିବା ପରେ ଘର, ବିଲ ବାଡ଼ି ର ଖବର, ଜ୍ଞାତି ପରିଜନ, ବନ୍ଧୁ ବାନ୍ଧବ ଇତ୍ୟାଦି ବୁଝିବା ଭିତରେ ଏତେ ବ୍ୟସ୍ତ ହୋଇଯାଏ ଯେ ଦିନ ଦିନ ଧରି ତୁମ ସହିତ କଥା ହେବାର ସୁଯୋଗ ହୁଏନି। ବର୍ଷ ସାରା ବନ୍ଧୁ ବାନ୍ଧବ ଙ୍କ ସହିତ ସମ୍ବନ୍ଧ ନିଭେଇବା ଦାଇତ୍ୱ ବି ଆମ ଉପରେ। ମୁଁ, ମୋ ଚାକରୀ, ମୋ ପରିବାର, ମୋ ସମ୍ପର୍କୀୟ, ମୋ ସଂସାର ଭିତରେ ତୁମେ ନିଜକୁ କୋଉଠି ହଜେଇ ଦେଇଛ। ଆଇ ଆମ୍ ସରି, ସୀମା । ରିଅଲି ଭେରି ସରି।

ସୌମ୍ୟ ଙ୍କ ଭାବାକ୍ରାନ୍ତ ମୁଣ୍ଡର ଗହଳିଆ କେଶ କୁ ଆଙ୍ଗୁଳିରେ ଅଲଗା କରୁକରୁ ସୀମା କହିଲା, " ସୌମ୍ୟ, ମୁଁ ସ୍ୱାର୍ଥପର ନୁହେଁ। ତୁମକୁ ବାହାହେଲା ବେଳେ ତୁମ ପରିବାର କୁ ବି ଆପଣେଇଥିଲି। ମୋ ଜେଜେମା କହେ, 'ମୁଁ ଆଉ ମୋ ବର-ବାକ ସବୁ ପର' ଏ ଭାବନା

ରଖୁଥିବା ବୋହୁ ଅଲକ୍ଷଣୀ। ହଁ, ତୁମେ ଯାହା କହିଲ ସେସବୁ ସତ, ତେବେ ଏକାକ ଖୁସି ହେବାରେ ସେ ଆନନ୍ଦ କାହିଁ ଯାହା ପରିବାର ସାଙ୍ଗରେ ମିଳେ। ଏଇ ଯୋଉ ସାଙ୍ଗ ମାନଙ୍କ ନ୍ୟୁକ୍ଲିଆର ଫ୍ୟାମିଲି ମସ୍ତି ଦେଖି ମନଦୁଃଖ କରୁଛ, ଭାବିଲ ଦେଖି, ସେମାନଙ୍କ ପାଖରେ ଖୁସି ବାଣ୍ଟିବାକୁ କିଏ ଅଛି ? ସେଇଥି ପାଇଁ ସ୍ୱାମୀ ସ୍ତ୍ରୀ ଆପଣା ଭିତରେ ସୀମିତ। ଏ ମସ୍ତି ଏକାକତ୍ୱ କୁ ଭୁଲେଇବାର ଚେଷ୍ଟା ମାତ୍ର। ମାସ ଶେଷରେ ଆସୁଥିବା ଦରମା ରୁ ନିର୍ଦ୍ଦିଷ୍ଟ କିଛି ଅଂଶ ଘରକୁ ଦେଇ ଦେବା ପରେ (ନିଜ ଜିଦରେ ବାହା ହୋଇ ପରିବାର ଠୁ ଭିନ୍ନ ହୋଇଥିଲେ ସେତକ ବି ଦେବାକୁ ପଡେନି), ବାକିତକ କେବଳ ନିଜ ପାଇଁ ଖର୍ଚ୍ଚ କରନ୍ତି। ଗଛ କଣ ନିଜର ସବୁତକ ଫଳ ନିଜେ ଖାଇ ଖୁସି ହୁଏ ? କେଜାଣି, ସେମାନେ ହେଉଥିବେ ନିଜ ଉପାର୍ଜନ ର ନିରଂକୁଶ ଉପଯୋଗ ନିଜ ପାଇଁ କରି। ଆମକୁ ନିଜ ବ୍ୟତୀତ ପରିବାର ଠୁ ବନ୍ଧୁ ବାନ୍ଧବ ଯାଏ ସମସ୍ତଙ୍କୁ ଦେଖିବାକୁ ହୁଏ। ସେଇଟା ହିଁ ସମସ୍ତଙ୍କୁ ବାନ୍ଧିରଖେ ସ୍ନେହଁ ଡୋର ରେ। ପର୍ବ ପର୍ବାଣୀ, ବିବାହ ଓ ଅନ୍ୟାନ୍ୟ ପାରିବାରିକ ସମାରୋହରେ ଆମେ ଶାରୀରିକ, ଆର୍ଥିକ ଓ ମାନସିକ ଭାବରେ ସାମିଲ ହୁଏ, ସେଇତ ଆନନ୍ଦ। ସେ ସୁଖରୁ ଏଇ ନ୍ୟୁକ୍ଲିୟାର ମାନେ ବଞ୍ଚିତ ଯେ। ତେଣୁ ସେମାନଙ୍କ ସହ ନିଜକୁ ତୁଳନା କରନି। ସେମାନଙ୍କ ଭିତରେ ନିଜ ପରିବାର ଓ ପରିଜନ ଙ୍କ ଠୁ ଦୂରେଇ ରହିବାର ଗୋଟେ ଅବ୍ୟକ୍ତ ଖାଲିପଣ ଥାଏ, ଯାହା ଲୁଚରହେ ଏସବୁ ସୁଖଦ କାହାଣୀ ଆଢୁଆଳ ରେ।

ମୋ ପାଇଁ କିଛି କରିନ ବୋଲି ଏତେ ଅବଶୋଷ ଯଦି, ଏଇ ସପ୍ତାହ ଟା ଘର ଦାଇତ୍ୱ ତୁମର ........ଓଃ କଣ କହିଲିରେ ବାବା, ତୁମକୁ ଘର ସମ୍ଭାଳିବା ଦାଇତ୍ୱ ଦେଲେ ମତେ ଆସନ୍ତା ସପ୍ତାହରେ ଓଭର ଟାଇମ କରିବାକୁ ପଡିବ ସବୁ ବ୍ୟବସ୍ଥିତ କରିବାକୁ...... ଏତିକି କହି ତା ସହଜ ହସରେ ସୌମ୍ୟଙ୍କୁ ହାଲୁକା ଅନୁଭବ କରେଇବାରେ ସଫଳ ହେଲା ସୀମା। ସୌମ୍ୟ ତାକୁ ସ୍ନେହଁ ରେ ଛାତି ଉପରକୁ ଆଉଜେଇ ନେବା ବେଳେ ଦୌଡ଼ି ଆସିଲା କୁନି ପୁଅ, "ମୋ ମାମା କୁ ଖାଲି ମୁଁ ଗେଲ୍ହା କରିବି" କହି କହି। ପରସ୍ପର ଗଭୀର ଆଶ୍ଲେଷ ର ଉଷ୍ମତା ରେ ଜଡସଡ଼ ହେଉଥିଲେ ତିନି ପ୍ରାଣ। ଉଭୟ ସୌମ୍ୟ ଓ ସୀମା ଢାଳୁଥିଲେ ଆନନ୍ଦଅଶ୍ରୁ, ସୀମା ଆଖିରୁ ଆଉ ସୌମ୍ୟ ମନତଳୁ.......

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

# ହେ କୋଣାର୍କ.....!!



କାର୍ତ୍ତିକ ପାଣିଗ୍ରାହି

ହେ କୋଣାର୍କ....!!

ଶୁଣିଛି ତୁମେ କାଳେ ଜୀବନଠୁ

ବି ଆହୁରି ଜୀବନ୍ତ....

ଶୁଣିଛି ପାଷାଣ ହୋଇ ବି

ତୁମେ ଆହୁରି ପ୍ରଶାନ୍ତ....

ତମେ କାଳେ କହିପାର,

ପ୍ରତିଟି ମୂର୍ତ୍ତିର ଅନ୍ତରର କଥା.....?

ତମେ କାଳେ ଶୁଣିପାର,

ବାରଶ ବଢେଇଙ୍କ ହୃଦୟର ବ୍ୟଥା....?

ତମେ କାଳେ ବୁଝିପାର,

ଚନ୍ଦ୍ରଭଗାର କୂଳରେ ମଥାପିଟି

ସାଗରକୁ ଫେରିବାର

ଲହରୀର ଗୁମର କାହାଣୀ....?

ତମେ କାଳେ ବୁଝାଇପାର,

ବିଶେଇ ମହାରଣାର

ଲୁହ ଆଉ ଲହୁର କାହାଣୀ....?

ତମେ କାଳେ କାନ୍ଦିଥିଲ,



ଧରମାର ଜାତିପ୍ରେମ ଦେଖି....?

ତମେ କାଳେ ହସିଥିଲ ମନଖୋଲି ହସ,

ଧରମାର ମୁଣ୍ଡିମଗ୍ନ ଦେଖି....?

ହେ କୋଣାର୍କ.....!!

ଆଜି ତମେ ବେଶ୍ କହିପାରୁଛ

ପଥର ଦେହରେ ଲଗିଥିବା ମଣିଷଙ୍କ କଥା,


ହେଲେ କହି ତ ପାରୁନ କାହିଁକି....!

ପାଥରର ଠକ୍ ଠକ୍ ଶବ୍ଦରେ

ପାଥର ସାଜି ଯାଇଥିବା

ବାରଶ ବଢେଇଙ୍କ ବ୍ୟଥା

ମୁଁ ଜାଣିଛି...



ତମେ କଛି ବି କହିପାରିନ

କାରଣ ତମେ ଖୁବ୍ ସ୍ୱାର୍ଥପର

ସେଦିନ ତମେ ପଥରରୁ

ଜୀବନ୍ତ ହେବାର ମୋହରେ

ପଥର ପାଲଟିଯାଇଥିଲ,

ଅଥଚ ଆଜି.....

ତମର ଅବକ୍ଷୟମୂକ୍ଷୀ ଅସ୍ତିତ୍ୱ ଦେଖି

ତମେ ପୁଣି ପଥର ପାଲଟି ଯାଇଛ.......

****

# ବିଶ୍ୱାସର ଅନ୍ତଃସ୍ୱର



ଅନୁସୂୟା ମିଶ୍ର

ପ୍ରତିଟି ଅନୁଶାସନକୁ "କାହିଁକି" ର ତରାଜୁରେ ତଉଲା ଯାଏନାହିଁ । ବରଂ ଆଖି ବୁଜି ସେଇ ସୁଅରେ ନିଜକୁ ଭସାଇ ଦେଲେ ଚଲାପଥର ଶିଳାଖଣ୍ଡଗୁଡିକ ଯେତେବେଳେ ଆପେ ଆପେ ଆଡେଇ ହୋଇଯାଏ, ସେତେବେଳେ ସେଇ ଶିଳାଖଣ୍ଡର ଆକାର ଆକୃତିରୁ କଳାହୁଏ ଅନୁଶାସନରେ ଜୋର୍ କେତେ । କିନ୍ତୁ ଆଜିକାଲିର ପିଲାଙ୍କୁ କିଏ ବୁଝାଇବ ଏ କଥା**?** ସିଏ ତ ଜନ୍ମରୁ ନିଜ ହାତରେ ନିଜେ ଚଉଦ ପା' । ତାଙ୍କ ମନମୁଖୀ ଚଳଣୀକୁ ଟିକେ ବାଧା ଦେଲେ ଯୋଉ ବିତଣ୍ଡା, ଯୁକ୍ତି, ଯୋଉ ବେଖାତରିଆ ମୁଖଭଙ୍ଗୀ.... ନିଜ ସମ୍ମାନକୁ ଜଗି ଚୁପ୍ ହୋଇଯିବା କଥା । ସେମାନେ କଣ ବୁଝନ୍ତି ଯେ ଯେଉଁ ରାସ୍ତାରେ ସେମାନେ ପାଦ ଦେବାକୁ ଯାଉଛନ୍ତି, ପଡି ଉଠି ସେ ରାସ୍ତାକୁ ଆମେ କେବେଠୁ ପାର୍ କରି ଆସିଛୁ **!** ଛାଡ..... । ବିଛଣାରେ ପଡି ପଡି ନିଜ ଅଶାନ୍ତ ମନକୁ ଶାନ୍ତ କରିବାକୁ ଚେଷ୍ଟା କରୁଥିଲା ସୁଧନ୍ୟା ।

ଅଷ୍ଟମ ଶ୍ରେଣୀରେ ସୁନି ଯେଉଁଦିନ ଜିଦି କରିଥିଲା ଫେସବୁକ୍ ରେ ତାର ଆକାଉଣ୍ଟ ଖୋଲିବ ବୋଲି, ସେଦିନ ଗୋଟେ ଛୋଟକାଟର ମହାଭାରତଟେ ହୋଇଯାଇଥିଲା ସୁଧନ୍ୟା ଘରେ । ଝିଅ କଥା ଶୁଣୁ ଶୁଣୁ ରାଗରେ ଅଗ୍ନିଶର୍ମା ହୋଇ ଯାଇଥିଲା ମା',

"ତୁ ଛୋଟ ପିଲାଟା, ତୋର ଏବେ ପାଠପଢାରେ ମନ ଦେବାର ବୟସ । କଣ ଦରକାର ସେ ଫେସବୁକ୍**?**"

ତାପରେ ତାକୁ ବହୁତ ଡରାଇବାକୁ ବି ଚେଷ୍ଟା କରିଥିଲା....

"ଜାଣିଛୁ, ତୋ'ରି ପରି ଛୋଟ ଝିଅମାନଙ୍କୁ ବହୁତ ହଇରାଣ କରନ୍ତି ସେଠି । ତୋ ଫଟୋକୁ ନେଇ ଯଦି ଆଉ କାହା ଫଟୋରେ ଯୋଡିଦେବେ**???** ତୁ ଆମର ସେ ଇଆଡୁ ସିଆଡୁ ଧନ୍ଦାରେ ମୁଣ୍ଡ ପୁରା଼ନା । ପରୀକ୍ଷା ଆସୁଛି । ପାଠ ପଢେ ।" ମା'ର ସମସ୍ତ ଗାଳଗୁଲଜ, ଡରାଧମକାଣ ପରେବି ସୁନ ତା ଜିଦିରେ ଅଟଳ । ତାର ସବୁ ସାଙ୍ଗଙ୍କର ତ ଫେସବୁକ୍ ରେ ଆକାଉଣ୍ଟ ଅଛି ।କାହିଁ, କାହାର କଛି ଅସୁବିଧା ହୋଇଯାଉନ ତ**!**

ଏଇ ସାଙ୍ଗପ୍ରେମ ତ ନଷ୍ଟ କରିଦେଲା ଝିଅଟାକୁ....ମନେ ମନେ ଗରଗର ହେଲା ସୁଧନ୍ୟା । ସାଙ୍ଗମାନଙ୍କଠୁ ଯାହା ବା ଯେତିକ ବର୍ତ୍ତୁଥିଲା ଘରେ ବାପଙ୍କର ମୁହଁ ବଢେଇବା ପ୍ରକୃତିଟା ସେତକକୁ ଭରଆ କରିଦେଉଥିଲା । ସେଦିନ ବି ସେଇଆ ହେଲା । ଅଶୋକଙ୍କର ମଧ୍ୟସ୍ଥତା ଫଳରେ ଫେସବୁକ୍ ରେ ଆକାଉଣ୍ଟଟିଏ ଖୋଲା ହେଲା । ସୁଧନ୍ୟା ପାଇଁ ଏତିକ ଆଶ୍ୱସ୍ତିରେ କଥା ଯେ ମା'-ଝିଅଙ୍କର କମନ୍ ଆକାଉଣ୍ଟ ରହିଲା । ଯାହା ହେଉ, ଏତିକ ତ ଖବର ରଖି ପାରିବ କେମିତି ପିଲାଙ୍କ ସାଙ୍ଗେ ସାଙ୍ଗ ହେଉଛି ସୁନ, କାହା ସାଙ୍ଗେ କେତେ ସମୟ କଥା ହେଉଛି.... । ଆଜିକାଲି ତ କେତେ କଣ ସବୁ ଶୁଣା ଯାଉଛି ଏଇ ଫେସବୁକ୍ ବିଷୟରେ ।

ସିଏ ତ ଗଲା ଦୁଇବର୍ଷ ତଳର କଥା । ଆଜି ପୁଣି ଜିଦି ଧରିଛି ସୁନ ତାର ନିଜର ଗୋଟେ ଅଲଗା ଆକାଉଣ୍ଟ ଦରକାର ଫେସବୁକ୍ ରେ । ଏତିକ ନୁହେଁ । ସାଙ୍ଗମାନେ ଥଟ୍ଟା କରୁଛନ୍ତି, କହୁଛନ୍ତି, "ବେବିଟା, ଆଜିଯାଏଁ ମା' କାନିରେ ବନ୍ଧା ହୋଇ ରହିଛି ।" ସୁଧନ୍ୟାର ସେଇ ଚରାଚରିତ ପ୍ରଶ୍ନ "ତୁ ବାପା-ମାଙ୍କ ଅନୁସାରେ ଚଳବୁ ନା ତୋ ସାଙ୍ଗମାନଙ୍କ ଅନୁସାରେ**?**" ସୁନ ମୁହଁରେ ବି ସେଇ ଚରଚରିତ ବିଦ୍ରୋହର ସ୍ୱର, "ତମର କଣ ଅସୁବିଧା ହେଉଛି, ମୁଁ ଯଦି ଆଉ ଗୋଟେ ଆକାଉଣ୍ଟ ଖୋଲିଲି**?**" ବହୁ ସମୟରେ କଥା କଟାକଟି ପରେ ବି ସେ ବିଷୟ ଅମିମାଂସିତ ରହି ଯାଇଥିଲା ସେଦିନ ମା' ଝିଅଙ୍କ ଭିତରେ ।

ସ୍କୁରିଟା ବେଳକୁ ହଠାତ ଶାଶ୍ୱତୀର ଫୋନ୍ ଆସିଲା । ତା ଝିଅ ମିନା ଆଉ ସୁନ ଏକା କ୍ଲାସ୍ ରେ ପଢନ୍ତି । ଖୁବ୍ ସାଙ୍ଗ ଦୁହେଁ । ଶାଶ୍ୱତୀ କହିଲା ମିନା କହୁଥିଲା ଯେ ଅବିନାଶ ବୋଲି କେହି ଜଣେ ସୁନ ପଛରେ ପଡିଛି । ଦୁହେଁ ବେଶ୍ ଗପସପ କରୁଛନ୍ତି ଆଜିକାଲି ଫେସବୁକ୍ ରେ ।

"ହଁ, ଆଜିକାଲିକା ପିଲା, ଏସବୁକୁ ସେମାନେ ନିଜେ ହିଁ ହ୍ୟାଣ୍ଡେଲ୍ କରିପାରିବେ ।"

ଉପରମୁହଁରେ ସିନା ଶାଶ୍ୱତୀକୁ ଏତିକ କହିଦେଲା, କିନ୍ତୁ ସେତିକିବେଳଠୁ କେତେ କଥା ଖେଳୁଛି ସୁଧନ୍ୟା ମନରେ..... ଏଇଥିପାଇଁ ଆଉ ସୁନି ନିଜର ଅଲଗା ଆକାଉଣ୍ଟଟିଏ ଗଢ଼ୁଛି ତ! ତେବେ କ'ଣ ବାପା ମାଙ୍କୁ ଲୁଚେଇ ଆଜେବାଜେ ବାହାର ପିଲାଙ୍କ ସାଙ୍ଗେ ସାଙ୍ଗ ହେବା ଶିଖିଗଲାଣି ସୁନି!!

ଆଜି ହିଁ ଅଶୋକଙ୍କ ସାଙ୍ଗେ କଥା ହେବାକୁ ପଡିବ ଏ ବିଷୟରେ, ମନେ ମନେ ସ୍ଥିର କଲା ସୁଧନ୍ୟା । ତାଙ୍କର ଅତି ଗେହ୍ଲାରୁ ତ ଏତେ ମୁହଁ ପାଇଛି ଝିଅଟା । ଆରେ.... ଯୁଗ ଯୋଉ ଅବସ୍ଥାରେ ହେଲାଣି, ଝିଅଟିକୁ ବଡ କରିବାକୁ ହେଲେ କେତେ ଗୁରିଆଡକୁ ନିଜର ଦବାକୁ ହେବ.... କେତେ ସାବଧାନତାର ସହିତ ତାକୁ ଚଳେଇବାକୁ ହେବ । କିନ୍ତୁ, ଅଶୋକ କଣ ସେସବୁ ବୁଝନ୍ତି!! ଦିନେ ବି ଆକଟ କରି କିଛି କହିବେନି ତାକୁ । ସୁଧନ୍ୟା ଯଦି ଝିଅ ନାଁ ରେ କିଛି କଂପ୍ଲେନ୍ କରେ, ତେବେ ଅତିବେଶୀରେ ଏତିକ କହିବେ, "ମୋ ଝିଅ ତ ସୁନାଝିଅଟା ! ମା'ରେ ମାମା କଥା ମାନିବୁ ଏଥର ।" ବାସ୍..... । ଏମିତି କଣ ଶାସନ କରାଯାଏ ପିଲାଙ୍କୁ! ସେଇଥିପାଇଁ ସିଏ କହୁଛି, ବାବା ଭଲ, ମାମା ଖରାପ ।

ସେଦିନ ଅଶୋକ ଅଫିସ୍ ରୁ ଫେରିଲା ପରେ ସୁନି ହିଁ ଫେରାଦି ହୋଇଥିଲା ଆଗ ଯାଇ ମାମା ନାଁ ରେ । ସେଇଠୁ ପୁଣି ଆରମ୍ଭ ହୋଇଯାଇଥିଲା ବାକଆ ବଚସା ମା'ଝିଅଙ୍କ ଭିତରେ । ନିଜର ସମସ୍ତ ଆଶଙ୍କାକୁ ମନରେ ଗୁପି ରଖି ଅଶୋକଙ୍କର ସପୋର୍ଟ ପାଇବା ଆଶାରେ ସୁଧନ୍ୟା କଥାର ମୋଡକୁ ପାଠପଢା ଦିଗରେ ବୁଲେଇବାକୁ ଚେଷ୍ଟା କଲା,

"କଣ ଦରକାର ତୋର ଫେସବୁକ୍ ରେ ଏତେ ସମୟ ନଷ୍ଟ କରିବା? ଏ ବର୍ଷ ପରା ଦଶମ ପରୀକ୍ଷା ଦେବୁ, ପାଠପଢାରେ ମନ ଦେଲେ ହୁଅନ୍ତାନି ! ଦେଖୁଛି ତ କେତେ କମ୍ ନମ୍ବର ଆସିଲା ନବମରେ ! ଇଂଲିଶ୍ ପ୍ରଫେସରଙ୍କ ଝିଅ ଇଂଲିଶରେ ରଖିଛି ୪୫ ।"

ତା ପରେ ସୁନିକୁ ଆଉ ସମ୍ଭାଳ କିଏ! ଆଜିକାଲିକା ପିଲାଙ୍କ ପାଖରେ ତ ସବୁକଥାର ଜବାବ ଆଗରୁ ରେଡି ହୋଇ ରହିଥାଏ । ସୁଧନ୍ୟା ଜୀବନର ପୁରା ଇତିହାସ ଖୋଲି ଥୋଇଦେଲା

ସୁନ, "ହଁ ହଁ, ମୁଁ ବି ଜାଣିଛି । ଆଈ କହୁଥିଲା ଅଷ୍ଟମରେ ତୁମେ ଭୂଗୋଳରେ ଜଷ୍ଟ ପାସ୍ କରିଥିଲ । ମାନୀ ମାଉସୀ କହୁଥିଲା ଯେ ତମେ ଆଉ ସିଏ ଅନେକଥର କଲେଜ ନ ଯାଇ ତା ଘରେ ବସି ସିନେମା ଦେଖୁଛ । ଟୁନ ମାଉସୀ ବି କହୁଥିଲା ତମେ କୁଆଡେ ସବୁବେଳେ ସାଙ୍ଗମାନଙ୍କ ସାଙ୍ଗରେ ଗପୁଥାଅ.... । ଅଜା ସବୁ ଜାଣି ପାରନ୍ତି, କନ୍ତୁ ଦିନେ ବି କଛି କୁହନ୍ତିନ ତୁମକୁ । ତାଙ୍କ ଝିଅ ହେଇ ତମେ ଏମିତି ଖେଁକାରି ହେଉଛ କାହିଁ ସବୁକଥାରେ?"

ସେଦିନ ବି ଅଶୋକ ପଦେ ଗାଳ ଦେଇ ନଥିଲେ ସୁନକୁ । ପାଖରେ ବସାଇ ତା ମୁଣ୍ଡକୁ ଆଉଁସି ଦେଉ ଦେଉ ଏତିକ କହିଥିଲେ, "ତୁ ତ ମୋର ସୁନାଝିଅଟା । ମୁଁ ଜାଣିଛି ତୁ କେବେ ବି ଅମାନଆ ହେବୁନ ।" ବାପଝିଅଙ୍କ କଥାରୁ ସୁଧନ୍ୟାର ମନେ ପଡିଗଲା ତା ବାପାଙ୍କ କଥା.....

ସତରେ, ସୁନ ଠିକ୍ କହିଛି । ବାପା ତାକୁ ଦିନେ ବି କଛି କୁହନ୍ତିନ ରାଗିକ । ବୋଉର ସମସ୍ତ ଆପତ୍ତି ଅଭିଯୋଗ ଶୁଣି ସାରିବା ପରେ ତାକୁ ପାଖକୁ ଡାକଏମିତି ହିଁ ଆଉଁସି ଦିଅନ୍ତି ତା ମୁଣ୍ଡକୁ । ସୁଧନ୍ୟାକୁ ଲାଗେ ଆଉଁସି ଦେଲେନ ତ, ସତେ ଯେମିତି ଝାଡିଦେଲେ ତା ମୁଣ୍ଡରୁ ବାଟବଣା ହେବାର ପ୍ରଲୋଭନତକ । ତାର ସମଗ୍ର ଶରୀରରେ ଖେଳଯାଏ ନଜକୁ ସଜାଡି ନେବାର ଅଦ୍ଭୁତ ଏକ ପ୍ରେରଣା ।

ପିଲାଟି ଦିନୁ ଖୁବ୍ ମେଳାପି ସ୍ୱଭାବର ଝିଅ ସୁଧନ୍ୟା । ପୁଅଝିଅ ହେଇକ ବହୁତ ସାଙ୍ଗ ତାର । ତାଙ୍କ ଘରେ ବି ଅବାଧ ଯାତାୟତ ସମସ୍ତଙ୍କର । ସ୍କୁଲ୍ ପାସ୍ କରି ଯେତେବେଳେ କଲେଜ୍ ଗଲା ତା ସାଙ୍ଗଙ୍କ ସଂଖ୍ୟା ଆହୁରି ବଢିବାକୁ ଲାଗିଲା । କଲେଜ୍ ସାଙ୍ଗମାନେ ଫୋନ୍ କଲେ ବୋଉ ଭାରି ଚଡେ । କହେ "କଲେଜରେ ଗପ ସରୁନ ଯେ ଆହୁରି ଘରକୁ ଆସି ଫୋନ୍ କରିବା ଦରକାର ପଡୁଛି! ସୁନ ଭଳ ସୁଧନ୍ୟା ବି ମନେ ମନେଭାବେ "ଆଉ କଣ ଯାଉଛି କେଜାଣି, ସବୁବେଳେ ସବୁକଥାରେ ଗୋଟେ କେଟେର କେଟେର ଲଗେଇଛି"!

ଅନ୍ୟ ସାଙ୍ଗଙ୍କ କଥା ଛାଡ, ସମୀର୍ ଯଦି କେତେବେଳେ ଫୋନ୍ କଲା, ତେବେ ନାନା ବାହାନା କରି ବୋଉ ସେଇ ରୁମ୍ ରେ ହିଁ ରହିବ । ଗପ ଯଦି ଅଧିକ ସମୟ ଲମ୍ବିଲା, ତେବେ ବିଭିନ୍ନ ପ୍ରକାର ଧଡଧାଡ ଖଡଖାଡ୍ ଶବ୍ଦ କରି ଅପରପକ୍ଷକୁ ତାର ଉପସ୍ଥିତି ବିଷୟରେ ଜଣାଇବ । ଆଉ, ଫୋନ୍ ଟା ରଖି ସାରିଲା ପରେ ଏମିତି ତୀକ୍ଷଣ ଦୃଷ୍ଟିରେ ଚାହିଁବ ଯେ, ଯେମିତି ସୁଧନ୍ୟାର ମୁହଁରୁ ସେ ତା ମନର ଅଲ୍ଟ୍ରାସାଉଣ୍ଡ ସ୍କାନଂ କରି ଦେଖୁଛି କେଉଁଠି କିଛି ଲୁଗୁଛପା ରହି ଯାଇନ ତ!

ସମୀର୍ ତା ସାଙ୍ଗର ଭାଇ । ସୁଧନ୍ୟା ଜାଣିଥିଲା ଯେ ସମୀର୍ ର ତା ପ୍ରତି ଦୁର୍ବଳତା ଅଛି । ଆଉ ସୁଧନ୍ୟାର ଏତେ ମୀଳାମିଶାକୁ ହୁଏତ ସେ ସୁଧନ୍ୟାର ସମ୍ମତି ହିସାବରେ ନେଉଥିବ । ଏ କଥା ବି ଜାଣିଥିଲା ଯେ ସମିର୍ ସହିତ ବନ୍ଧୁତ୍ୱବଢାଇବାର କୌଣସି ଆବଶ୍ୟକତା ହିଁ ନାହିଁ । ତଥାପି ବୟସର ପ୍ରଭାବରେ ମନେ ମନେଖୁବ୍ ଉପଭୋଗ କରୁଥିଲା ସୁଧନ୍ୟା ସମୀର୍ ର ତା ପ୍ରତି ଏପରି ବିଶେଷ ଧ୍ୟାନ ଦେବାଟା । କେମିତି କେଜାଣି ବୋଉ ତା ବାସ୍ନା ବାରି ପାରୁଥିଲା ।

ଦିନେ ଇଂଲିଶ୍ ର ଗୋଟେ ଡାଉଟ୍ ନେଇ ସୁଧନ୍ୟା ବାପାଙ୍କ ପାଖକୁ ଆସିଲା ବେଳକୁ ଶୁଣିଲା ଭିତରେ ବାପାବୋଉ କଥାବାର୍ତ୍ତା ହେଉଛନ୍ତି । ବୋଉ କହୁଛି, "ତୁମେ ଝିଅଟାକୁ ଟିକେ ଆକଟ କରୁନ, କାଲି ସକାଳେ ଯଦି ନାଁ ପକେଇବ ଲୋକେ ତୁମକୁ ହିଁ ନିନ୍ଦିବେ ।" ଆଗରୁ ଆହୁରି କେତେ କଣ କହିଥିବ କେଜାଣି! ସମିର୍ ଯେ ତା ଅଭିଯୋଗପତ୍ରର ମୁଖ୍ୟ ବିଷୟବସ୍ତୁ ହୋଇଥିବ ସେ ବିଷୟରେ ନିଃସନ୍ଦେହ ଥିଲା ସୁଧନ୍ୟା । ଏଭଳ ଏକ ପରିପ୍ରେକ୍ଷୀରେ ବାପାଙ୍କ ପ୍ରତିକ୍ରିୟା କଣ ହେବ ଭାବି ତାକୁ ଭୀଷଣ ଡର ଲାଗିଲା । ବାପାଙ୍କର ସମ୍ଭାବ୍ୟ ରାଗି ମୁହଁଟା ମନେ ପକାଇ ଶେତା ପଡିଗଲା ସୁଧନ୍ୟାର ଚେହେରା । ହାତଗୋଡ ଥରିବାକୁ ଲାଗିଲା । ଆଖି ଦୁଇଟିରେ ଢଳଢଳ ହେଲା ଅଜସ୍ର ଅଭିମାନ । ହୁଏତ, ଜୀବନରେ ପ୍ରଥମ ଥର ପାଇଁ ତା ଉପରେ ଆଜି ରାଗିବେ ବାପା ।

ମୁହଁ ଖୋଲିଲେ ବାପା । ଚିରାଚରିତ ସେଇ ସ୍ଥିର, ପ୍ରଶାନ୍ତ କଣ୍ଠସ୍ୱର..... "କାହିଁକି ଏତେ ବ୍ୟସ୍ତ ହେଉଛ! ସେ ସେମିତି କିଛି ବି କରିବନି । ତା ଉପରେ ମୋର ସେ ବିଶ୍ୱାସ ଅଛି ।"

ପଢାରୁମ୍ କୁ ଫେରି ଆସିଲା ସୁଧନ୍ୟା । ଆଖିକୋଣରେ ଜକେଇ ଆସୁଥିବା ବାପାଙ୍କ ପ୍ରତି ଅଭିମାନତକ ଅବିଶ୍ରାନ୍ତ ବୋହିବାକୁ ଲାଗିଲା ନିଜ ମନର ଦୋଷୀଭାବ ହୋଇ । ସମିର୍ ସାଙ୍ଗେ ସଂପର୍କର ଏଇଠି ପରିସମାପ୍ତି । ସେଇଦିନଠାରୁ ଆଜି ଯାଏଁ, କେବେବି ଟପିନି ସୁଧନ୍ୟା ବାପାଙ୍କ ବିଶ୍ୱାସର ଲକ୍ଷ୍ମଣ ରେଖାଟିଏ ।

ବିଶ୍ୱାସ..... ଛୋଟିଆ ଶବ୍ଦଟିଏ ହେଲେ ମଧ୍ୟ ପଥରକୁ ଦେବତା କରିଦେଇପାରେ, ଆଉ ଦେବତାଙ୍କୁ ପଥର । ଏଇ କଥାଟିକୁ ବାପା ଠିକ୍ ବୁଝିଥିଲେ ସେଦିନ । ଆଜି ସୁଧନ୍ୟାର ସମୟ ଆସିଛି ସେଇ ସତ୍ୟଟିକୁ ଆପଣେଇ ନେବାକୁ ।

ରାତିରେ ଖାଇସାରି ମେସେଞ୍ଜର୍ ଖୋଲି ପ୍ରଥମଥର ପାଇଁ ଦେଖିଲା ସୁଧନ୍ୟା ସୁନି ଓ ଅବିନାଶଙ୍କର କଥାବାର୍ତ୍ତା । କେତେ ଇମୋଜି, କେତେ ଷ୍ଟିକର୍, କେତେ ଯେ ପୋଷ୍ଟର୍..... ନିର୍ଲଜ ଭାବେ ନିଜ ଦୁର୍ବଳତାର ପ୍ରଦର୍ଶନ କରିବାରେ ଟିକେ ବି ହେଳା କରିନି ଅବିନାଶ । ସୁନିର କଥାବାର୍ତ୍ତାରେ ସେପରି କୌଣସି ସହମତିର ଭାବ ନଥିଲେ ମଧ୍ୟ ହୁଏତ..... । ହଠାତ୍ ତା ପାଖରେ ଆସି ଠିଆ ହେଲା ସୁନି । ଫୋନ୍ ଟା ମାଗିବାକୁ ହିଁ ଆସିଥିଲା ସେ । କିନ୍ତୁ ମାମା ଆଖି ଆଗରେ ଖୋଲା ଥିବା ସ୍କ୍ରିନ୍ ଟି ଦେଖି ସେ ଅପ୍ରସ୍ତୁତ ହୋଇଗଲା । ଡରିଗଲା ବି । ଛେପ ଢୋକି ଏତିକି କହିଲା, "ସିଏ ମୋ ସାଙ୍ଗଟା । ଆଉ କିଛି ନୁହେଁ ।"

କହିଦେଇ ସୁନି ପାଦ ବଢେଇଲା ତା ଶୋଇବା ଘର ଆଡେ । ମୁହୂର୍ତ୍ତକ ପାଇଁ ବାପାଙ୍କ ମୁହଁଟା ଭାସିଗଲା ସୁଧନ୍ୟାର ଆଖି ଆଗରେ । ଫୋନଟାକୁ ନେଇ ସୁନି ପଛେ ପଛେ ଗଲା ସିଏ । ମା କୁ ଦେଖି ସୁନିର ମୁହଁଟା ଆହୁରି ଶେତା ପଡିଗଲା । ତା ହାତରେ ଫୋନଟା ଦେଇ ତାକୁ କୁଣ୍ଢାଇ ପକାଇଲା ସୁଧନ୍ୟା । ଗାଲରେ ଗୋଟେ ଗେଲ କରି କହିଲା, "ସବୁବେଳେ ରାଗେ ସିନା, ହେଲେ ମୋ ଝିଅକୁ କଣମୁଁ ଚହ୍ନିନି! ତା ଉପରେ ମୋର ପୁରା ବିଶ୍ୱାସ ଅଛି ।"

ସେଦିନ ରାତିରେ ବହୁତ ଭଲ ନିଦ ହେଲା ତାକୁ । ବିଶ୍ୱାସ ଯେ ଜୀବନର ବୋଝଟାକୁ ଏତେ ହାଲକା କରିଦିଏ ସେଇଦିନ ଅନୁଭବ କଲା ସିଏ । ରାତିରେ ହିଁ ସେ ସ୍ଥିର କରିସାରିଥିଲା

ତାର ପରବର୍ତ୍ତୀ କାର୍ଯ୍ୟପନ୍ଥା । ସକାଳୁ ସୁନ ରୁମ୍ ରୁ ଫୋନଟା ଆଣି ଆଶ୍ଚର୍ଯ୍ୟ ହୋଇଗଲା ସେ । ଅବିନାଶକୁ ବ୍ଲକ୍ କରିଦେଇଛି ସୁନ ।

ବହୁତ ଡେରିରେ ଉଠିଲା ସୁନ । ତା ମୁହଁରେ ସ୍ପଷ୍ଟ ଦେଖାଯାଉଥିଲା ଯେ ରାତିଯାକ ବହୁତ ଲଢିଛି ସେ ନିଜ ସହିତ । ମା ମନଟା ଦବିଗଲା ସୁଧନ୍ୟାର । ଖାଇବା ବେଳେ ସୁନକୁ ଡାକୁ ଖୁବ୍ ସହଜ ଭାବରେ କହିଲା ସିଏ, "ତୁ ଠିକ୍ କହୁଥିଲୁ ରେ ମା । ନେ, ତୋ ଆକାଉଣ୍ଟଟା ଅଲଗା କରେଦେ ତ! ଏତେ ନୋଟିଫିକେସନ୍ ଆସୁଛି ଯେ, ସେଇ ଶବ୍ଦରେ ବିରକ୍ତ ଲାଗୁଛି ଭାରି ।"

ସେଇ ଗୋଟିଏ ରାତିରେ ଅନେକବଡ ହୋଇ ଯାଇଥିଲା ସୁନ । ଚୁପଚାପ୍ ଆସି ମା କୁ ଜୋର୍ ରେ କୁଣ୍ଢେଇକ ଧରିଲା । ଆଉ, ତା ନରବତା ସୁଧନ୍ୟାର ମନ ପାଖେ ଚଲେଇକ କହୁଥିଲା, "ମୁଁ ଯେଉଁଠି ଥିଲେ ବି ତୁ ଯେ ତୋ ବିଶ୍ୱାସର ବଳୟ ଭିତରେ ମୋତେ ସବୁଦିନ ସୁରକ୍ଷିତ କରି ରଖିଥିବୁ, ଏ ବିଶ୍ୱାସ ମୋର ତୋ ଉପରେ ଅଛି ।"

ଶତାବ୍ଦୀ ନଗର, ୟୁନିଟ୍-୮, ଭୁବନେଶ୍ୱର

# ଅବଶୋଷ



ଭାସ୍କର ଚନ୍ଦ୍ର ଖଣ୍ଡା

ଭାବନାର ଜାଗରଣ ଆଣି
କେତେବେଳେ ଯାଏ ଅତୀତକୁ
କେତେବେଳେ ଗଢେ ସିଏ
ସ୍ୱପ୍ନର କୋଣାର୍କ
ବର୍ତ୍ତମାନରେ ଘାଣ୍ଟି ହୋଇ
ଭିଜେ କେବେ ଉଦୁଉଦିଆ ଖରାରେ ।୧।



ଖୋଜେ ମନ ଶୀତଳ ପରଶ
ସେ ଝାଳ ଶୁଖାଇବାକୁ
ନଏ ଆଶ୍ରା ବିଂଚଣାର
କେବେ ମାଆର ପଣତ କାନରେ
ଖୋଜେ କେବେ ଆତ୍ମୀୟ ସୋଦର
ଅନ୍ତରଟା ଖୋଲି ଦେଇ ଥରେ ।୨।

ରହିଯାଏ ସବୁ ଦିନ ପାଇଁ
କେତେ ଅବଶୋଷ
ଭାଂଗି ଯାଏ ବାଲିଘର
ପୁଣି ଗଢେ ତାକୁ
ପ୍ରୟାସର ଅଧାଗଢା ସ୍ୱପ୍ନ ନେଇ
ଭାସିଯାଏ ସମୟ ସୁଅରେ ।୩।

ସହଦେବଖୁଣ୍ଟା, ବାଲେଶ୍ୱର

# ଲେଖକ ର ସ୍ୱପ୍ନ....



ସୁବଳ ମହାପାତ୍ର

ବେଳେବେଳେ ଶବ୍ଦ ସବୁ ଧସେଇ ପଶନ୍ତି ମୁଣ୍ଡ ଭିତରେ,
ଲେଖି ପାରିବା ବା ନପାରିବା ଗ୍ଲାନ ରେ ହାତ ଥରେ,
ଶବ୍ଦ ମାନେ ବାହାରି ଆସିବାକୁ ଅପେକ୍ଷା ରେ ଥାଆନ୍ତି,
ପ୍ରତୀକ୍ଷା ଗଳ୍ପ କମ୍ବା କବିତା ର ଦେହାବଶେଷ ହେବାର। (୧)

ଖାତା, ପେନ ଧରି ବସିଯାଏ,
କଛି ଲାଗି ଯାଆନ୍ତି, କଛି ବିଛୁରିତ ହୋଇ ଯାଆନ୍ତି,
କଛି ଶବ୍ଦ ବିନା ବାକ୍ୟବ୍ୟୟରେ ଓହରି ବି ଯାଆନ୍ତି,
ସବୁ କଛି ମୋ ହାତରେ ଥାଏ, କାହାକୁ ରଖିବି, କାହାକୁ ତଡିବି,
କାହାକୁ କାହା ସହ ଯୋଡି, ତୋଳବି ମୋ ସ୍ୱପ୍ନ ର ମାନସ ପୁତ୍ର,
ଏ ଚନ୍ତା ରେ ବିନଦ୍ର ରଜନୀ ପୁଣି ସକାଳ ହୁଏ।(୨)

ମନ ଭିତରେ ବୁଲୁଥାଏ ମାନସ ପୁତ୍ର ର ମୁହଁ, ଦେହ, ହାତ, ପୁରା ଶରୀର,
ଚନ୍ତା ରେ ଦିନ ବିତେ, ପୁଣି ରାତି ହୁଏ,
ଅଧଗଢା ସ୍ୱପ୍ନ ସବୁ ଭାଙ୍ଗି ରୁଜି ଯାଆନ୍ତି,
ଆଉ କଛି, ଅନ୍ୟ ବାଟ ଦେଇ ପୂରଣ ହୁଅନ୍ତି।(୩)

ଆଉ ମୁଁ??

ନୂଆ, ପୁରୁଣା, ସମସ୍ତଙ୍କୁ ନେଇ ଭେଟି ଦିଏ ମୋ ଭଗବାନ (ପାଠକ) ଙ୍କ ପାଖରେ,
କଛି ଅଧାଗଢା ବି ଜଗନ୍ନାଥଙ୍କ ପରି ବିଶ୍ୱ ବ୍ରହ୍ମାଣ୍ଡ ଚହଳ କରନ୍ତି,
ଆଉ କଛି ପୂର୍ଣ୍ଣ ଅବୟବ ବି ଖାତା ର କେଉଁ କୋଣ ରେ କବର ପାଆନ୍ତି,
କଛି ତାଳ, କଛି ବାଃ ବାଃ, କଛି ଲାଇକ ଆଉ କଛି କମେଣ୍ଟ ପାଇ,
ଖୁସି ହୁଏ, ଧନ୍ୟବାଦ ଦିଏ, କେବେକେବେ କଛି ଗାଳ ରେ ପେଟ ପୁରାଏ।(୪)

ତଥାପି ଖୁସି ହୁଏ,
ପୁଣି ଏହିପରି ଏକ ଦିନ କୁ ଅପେକ୍ଷା କରେ....

ଗାନ୍ଧିନଗର, ଗୁଜରାଟ-୩୮୨୦୦୯

"ବେଦାନ୍ତୀର ଜୁଲାଇ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଜୁନ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com"

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

# ଖେଜରଲି ଆନ୍ଦୋଳନ

## (ଏକ ଅମର ବଳିଦାନର ଗାଥା)



ମଧୁସ୍ମିତା ପଟ୍ଟନାୟକ

ଆଜି ବିଶ୍ୱରେ ବିଭିନ୍ନ ପ୍ରକାରର ସମସ୍ୟା ଗମ୍ଭୀର ରୂପ ଧାରଣ କରିବାରେ ଲାଗିଛି । ତନ୍ମଧ୍ୟରୁ ଆମର ପରିବେଶକୁ ନେଇ ଦେଖାଦେଇଥିବା ସମସ୍ୟା ମଧ୍ୟ ଗୁରୁତର । ବିଭିନ୍ନ କାରଣ ଯୋଗୁଁ ଆମ ପରିବେଶ ତଥା ଜୈବ ବିବିଧତାର ଯେଉଁ ଅସନ୍ତୁଳନ ଦେଖା ଦେଇଛି। ପରିବେଶର ସୁରକ୍ଷା ଦିଗରେ ବିଭିନ୍ନ ପ୍ରକାରର ପଦକ୍ଷେପମାନ ନିଆଯାଉଛି ସତ, କିନ୍ତୁ ତାହା ଫଳପ୍ରଦ ହୋଇ ପାରୁନି ।

ପରିବେଶ ସୁରକ୍ଷାକୁ ନେଇ ଭାରତବର୍ଷରେ ଅତୀତରେ ଯେଉଁ ପ୍ରକାରର ଆନ୍ଦୋଳନ ହୋଇଥିଲା ଓ ଲୋକମାନେ ଯେଉଁ ଭଳି ଭାବେ ନିଜର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ ସେଭଳି ବଳିଦାନର ଗାଥା ବିଶ୍ୱ ଇତିହାସରେ ବିରଳ । ଏହି ଘଟଣା ସଂଗଠିତ ହୋଇଥିଲା ରାଜସ୍ଥାନର ଖେଜରଲି ଗାଁରେ । ସେହି ଗ୍ରାମର ଅମୃତା ଦେବୀ ଓ ତାଙ୍କ ତିନିଝିଅଙ୍କର ବଳିଦାନ ଭାରତୀୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ସେହି ଆନ୍ଦୋଳନ.. "ଖେଜରଲି ଆନ୍ଦୋଳନ" ନାମରେ ଖ୍ୟାତ ।

ପ୍ରକୃତିପ୍ରେମୀ ତଥା ପରିବେଶବିତ୍ ରିଚ୍ଚର୍ଡ ବାର୍ବେ ତାଙ୍କର ଭାରତ ଭ୍ରମଣରେ ଆସିଥିବା ସମୟରେ ଏହି ଘଟଣା ବିଷୟରେ ଶୁଣି ଅଭିଭୂତ ହୋଇ ପଡିଥିଲେ । ସେ ସମଗ୍ର ବିଶ୍ୱବାସୀଙ୍କୁ "ବୃକ୍ଷମାନବ ସଂସ୍ଥା" ମାଧ୍ୟମରେ ଏହି ଅମର ବଳିଦାନ ଗାଥାର ପ୍ରସାର କରିବା ସହ ଭାରତବର୍ଷର ମହାନ ସଂସ୍କୃତ ଓ ପରମ୍ପରା ବିଷୟରେ ମଧ୍ୟ ଅବଗତ କରାଇଥିଲେ ।

ରାଜସ୍ଥାନର  ଯୋଧପୁର ନିକଟରେ 'ଖେଜରଲି' ନାମକ ଏକ ଗାଁ ଅଛି । ସେହି ଗାଁରେ ବିଷ୍ଣୋଇ ଜାତିର ଲୋକମାନେ ବସବାସ କରୁଥାନ୍ତି । ବିଷ୍ଣୋଇ ମାନଙ୍କର ଗୁରୁ ଶ୍ରୀ ଜମ୍ଭେଶ୍ୱର ମହାରାଜଙ୍କ ଦ୍ୱାରା ପ୍ରାଣୀତ ୨୯ଟି ନିୟମକୁ ସେହି ସମାଜର ଲୋକମାନେ ବହୁତ ସମ୍ମାନ ଦେଇଥାନ୍ତି ଏବଂ ସେଗୁଡିକୁ ବଡ ଶ୍ରଦ୍ଧାର ସହ ପାଳନ କରିଥାନ୍ତି । ବିଷ୍ଣୋଇ ଧର୍ମର ନିୟମ ଅନୁସାରେ ବୃକ୍ଷଲତା କାଟିବା ଓ ବନ୍ୟପ୍ରାଣୀଙ୍କର ହତ୍ୟା କରିବା ନିଷେଦ୍ଧ । ତେଣୁ ସେହି ଗ୍ରାମର ରହୁଥିବା ଏହି ବିଷ୍ଣୋଇ ସମାଜର ଲୋକମାନେ ପ୍ରକୃତିପ୍ରେମୀ ଥିଲେ। ସେମାନେ ନିଜ ଗାଁରେ ଥିବା ଜୀବଜନ୍ତୁ ତଥା ବୃକ୍ଷଲତାମାନଙ୍କର ଯତ୍ନ ନିଜ ପିଲାଙ୍କ ପରି ନେଉଥିଲେ । ଏହି ବିଷ୍ଣୋଇ ସମାଜର ଅମ୍ରିତା ଦେବୀଙ୍କର ପରିବେଶ ସୁରକ୍ଷା ପାଇଁ ଦେଇଥିବା ବଳିଦାନ ସତରେ ସମଗ୍ର ମାନବଜାତକୁ ଗୋଟିଏ ଶିକ୍ଷା ଦେଇଥିଲା ।

ଏହି ଖେଜରଲି ଗାଁର ନାମକରଣ ବୋଧେ ସେଠି ମହଜୁଦ ଥିବା 'ଖେଜରୀଗଛ' ମାନଙ୍କ ଯୋଗୁଁ ହୋଇଛି । ସେହି ଗାଁରେ ବିପୁଳ ପରିମାଣରେ 'ଖେଜରୀ ଗଛ' ଦେଖିବାକୁ ମିଳେ । ଶମୀବୃକ୍ଷକୁ ରାଜସ୍ଥାନରେ ଖେଜରୀ ବୋଲି କୁହାଯାଏ । ଏହି ଗଛ ମରୁଅଞ୍ଚଳରେ ଦେଖାଦିଏ  । ରାଜସ୍ଥାନର ସେହି ଗାଁଟି ଥିଲା ସବୁଜତାରେ ପରିପୂର୍ଣ୍ଣ ।

ରାଜସ୍ତାନର ଯୋଧପୁରର ରାଜା ଅଭୟ ସିଂଙ୍କ ଶାସନକାଳର ଘଟଣା । ରାଜା ମହାରାଣଗଡ କିଲ୍ଲାରେ 'ଫୁଲମହଲ' ନାମକ ଏକ ସୁରମ୍ୟ ରାଜପ୍ରସାଦ ନିର୍ମାଣ କରୁଥିଲେ । ସେଥିପାଇଁ ବିପୁଳ ପରିମାଣର କାଠର ଆବଶ୍ୟକତା ପଡିଲା । ପ୍ରତମତଃ ରାଜସ୍ଥାନ ହେଲା ମରୁ ଅଞ୍ଚଳ । ଗଛବୃକ୍ଷଙ୍କର ଅକାଳ କହିଲେ ଚଳେ । ରାଜା ବଡ ଚିନ୍ତାରେ ପଡିଗଲେ । ରାଜାଙ୍କର ମହାମନ୍ତ୍ରୀ ଗିରିଧାରୀ ଦାସ ଭଣ୍ଡାରୀ ଯୋଧପୁର ଠାରୁ ୨୫କି.ମି. ଦୂରରେ ସ୍ଥିତ ଏହି ଗାଁ ବିଷୟରେ ସୂଚନା ଦେଇ କହିଲେ, ମହାରାଜ,ସେହି ଗାଁରେ ବିପୁଳ ପରିମାଣର ଖେଜରୀଗଛ ମହଜୁଦ୍ ଅଛି ଯାହାକି ରାଜପ୍ରାସାଦର ଆବଶ୍ୟକତାକୁ ପୁରଣ କରିପାରିବ । ଏହା ଶୁଣି ରାଜା ସାଙ୍ଗେ ସାଙ୍ଗେ ମହାମନ୍ତ୍ରୀଙ୍କୁ ଆଦେଶ ଦେଲେ ଉକ୍ତ ଗ୍ରାମରୁ ଗଛ ସବୁ କାଟି ଆଣିବା ପାଇଁ ।

ମନ୍ତ୍ରୀ ରାଜାଙ୍କ ଆଦେଶ ପାଇ ସୈନ୍ୟମାନଙ୍କ ସହ ପହଞ୍ଚିଗଲେ ଉକ୍ତ ଗ୍ରାମରେ । ଘଟଣାଟି ହେ ୧୭୩୦ ମସିହା ସେପ୍ଟେମ୍ବର ମାସ ୨୦ ତାରିଖ । ପ୍ରଥମେ ସେମାନେ ରାମୁ ଖେଡେ ଜଣେ ବ୍ୟକ୍ତି ଘର ଆଗରେ ଥିବା ସମସ୍ତ ଗଛକୁ ହାଣିବା ଆରମ୍ଭ କଲେ । ଗଛ ହଣାର ଶବ୍ଦ ଶୁଣି ତାଙ୍କ ସ୍ତ୍ରୀ ଅମ୍ରିତାଦେବୀ ଓ ତିନ ଝିଅ ଆଶୁ, ରତନୀ ଓ ଭାଗୁବାଇ ଘର ଭିତରୁ ଦୌଡି ଆସିଲେ । ଗଛ ହଣା ହେଉଥିବାର ଦୃଶ୍ୟ ଦେଖି ସୈନିକମାନଙ୍କ ସାମ୍ନାକୁ ଚାଲି ଆସିଲେ ଏବଂ ସେମାନଙ୍କୁ ଗଛ କାଟିବାରୁ ନିବୃତ୍ତ ହେବା ପାଇଁ ଯେତେ ଅନୁରୋଧ କଲେ ମଧ୍ୟ ସେମାନେ କିଛି ଶୁଣିଲେ ନାହିଁ । ଶେଷରେ ଆଉ କିଛି ଉପାୟ ନପାଇ ଅମ୍ରିତା ଦେବୀ ଉକ୍ତ ବୃକ୍ଷକୁ କୁଣ୍ଢାଇ ଧରି କହିଲେ, 'ଆମ ବିଷ୍ଣୋଇ ଧର୍ମରେ ବୃକ୍ଷ ଛେଦନ ମହାପାପ ବୋଲି କୁହାଯାଇଛି । ଆମେ ଏହି ବୃକ୍ଷମାନଙ୍କର ପୂଜା କରୁ । ଏହା ଆମ ଗୁରୁଙ୍କର ଆଦେଶ ମଧ୍ୟ । 'ସିର୍ ସାଟେ ରୁଖ୍ ରହେ ତୋ ସସ୍ତୋ ଜାଣ୍' ଅର୍ଥାତ ଯଦି ଏହି ବୃକ୍ଷମାନଙ୍କୁ ବଞ୍ଚେଇବାକୁ ଯାଇ ମୋତେ ମୋର ପ୍ରାଣର ଆହୁତି ଦେବାକୁ ପଡେ, ତେବେ ମୁଁ କଦାପି ପଛଘୁଞ୍ଚା ଦେବି ନାହିଁ । ରାଜାଙ୍କ ପାଇଁ କ'ଣ ଲୋକମାନଙ୍କର ଜୀବନରେ କିଛି ମୂଲ୍ୟ ନାହିଁ **?'**

ସୈନିକ ମାନେତ ଗର୍ବରେ ମଦମତ୍ତ ହୋଇଥିଲେ । ତେଣୁ ସେମାନେ କହିଲେ, 'ଏହା ମହାରାଜଙ୍କ ଆଦେଶ । ଆମେ ରାଜାଙ୍କର ଆଦେଶକୁ ଅବମାନନା କରିପାରିବୁ ନାହିଁ । ଆମେ ଗଛ କାଟିବାକୁ ଆସିଛୁ ଏବଂ ଗଛ କାଟି ସାଙ୍ଗରେ ନେଇକରି ହିଁ ଏଠୁ ଯିବୁ...', ଅମ୍ରିତାଦେବୀଙ୍କର କଥାକୁ ଶୁଣିଲେ ନାହିଁ ସେମାନେ । ଗଛ ହାଣିବା ସହ ତାଙ୍କର ଶରୀରକୁ ମଧ୍ୟ ଖଣ୍ଡ ଖଣ୍ଡ କରି ହାଣି ଚାଲିଲେ । ଏହା ଦେଖି ତାଙ୍କର ତିନି ଝିଅ ମଧ୍ୟ ଗଛମାନଙ୍କୁ ରକ୍ଷା କରିବା ପାଇଁ ଜାବୁଡି ଧରିଲେ । ସେମାନେ ମଧ୍ୟ ବାଦ୍ ପଡିଲେ ନାହିଁ । ସେମାନଙ୍କୁ ମଧ୍ୟ ଗଛ ସହ ନିଜର ଜୀବନ ହାରିବାକୁ ପଡିଥିଲା । ଏହା ଦେଖି ଗ୍ରାମର ଅନ୍ୟ ଲୋକମାନେ ମଧ୍ୟ ସେହି ଶମୀ ବୃକ୍ଷଗୁଡିକୁ ବଞ୍ଚେଇବା ପାଇଁ ନିଜର ଜୀବନ ଉତ୍ସର୍ଗ କରିବାକୁ ପଛେଇଲେ ନାହିଁ । ସୈନ୍ୟମାନଙ୍କ ଉପରେ ଏ ପ୍ରକାର ଅଭାବନୀୟ ଘଟଣା କିଛି

ପ୍ରଭାବ ପକେଇ ପାରଲା ନାହିଁ । ସେମାନେ ଲୋକମାନଙ୍କୁ ହତ୍ୟା କରିବା ସହ ବୃକ୍ଷଗୁଡ଼ିକୁ କାଟି ଧରାଶାୟୀ କରି ଚାଲିଥାନ୍ତି ।

ସୈନିକମାନଙ୍କର ଏଭଳି ବର୍ବୋରଚିତ କାର୍ଯ୍ୟର ଖବର ଆଖପାଖରେ ଥିବା ୮୦ଟି ଗ୍ରାମରେ ନିଆଁ ଭଳି ଖେଳିଗଲା । ସେହି ଗ୍ରାମମାନଙ୍କରେ ବାସ କରୁଥିବା ବିଷ୍ଣୋଇଜାତିର ଲୋକମାନେ ଏହି ଘଟଣାର ବିରୋଧ କରିବା ପାଇଁ ଧାଇଁ ଆସିଥିଲେ । ବୟୋବୃଦ୍ଧ ଲୋକେ ପୁରୁଷ, ମହିଳା, ଯୁବକ, ଯୁବତୀମାନଙ୍କୁ ନିଜ ନିଜର ଜୀବନ ହାରିବାରୁ ନିବୃତ୍ତ କରି ଆଗକୁ ଆଗେଇ ଆସି ପ୍ରାଣ ବିସର୍ଜନ କରିଥିଲେ ।

ଏହା ଦେଖି ମହାମନ୍ତ୍ରୀ ଗିରିଧାରୀ ଦାସ ଭଣ୍ଡାରୀ ତାଚ୍ଛଲ୍ୟ କରି କହିଲେ, 'ଏଇ ବୃଦ୍ଧମାନଙ୍କୁ ମରିବା ପାଇଁ କାହିଁକି ପଠେଇ ଦେଉଛ ? ଯଦି ସତରେ ସାହାସ ଅଛି ତେବେ ସମସ୍ତେ ଆଗକୁ ଆସି ନିଜ ନିଜ ପ୍ରାଣର ଆହୁତି ଦିଅ ।'


ଏପରି ରଣ ହୁଙ୍କାର ଶୁଣି ଆବାଳ ବୃଦ୍ଧବନିତା ବୃକ୍ଷଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଆଗେଇ ଆସିଥିଲେ । ସେ ସମୟରେ ଗୋଟେ ଆନ୍ଦୋଳନର ରୂପ ନେଇଥିଲା ଏଇ ଘଟଣାଟି । ସର୍ବମୋଟ ୩୬୩ ଜଣ ନିଜର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ଖେଜରଲି ଗାଁର ମାଟି ରକ୍ତ ରଞ୍ଜିତ ହୋଇଯାଇଥିଲା ବଳିଦାନରେ । ଏହି ମୃତକମାନଙ୍କ ମଧ୍ୟରେ ଥିଲେ ୭୧ ଜଣ ମହିଳା ଓ ୨୯୨ ଜଣ ପୁରୁଷ । ଲୋକମାନଙ୍କର ଏତାଦୃଶ କାର୍ଯ୍ୟକଳାପ ଦେଖି ମନ୍ତ୍ରୀ ଟିକିଏ ଭୟ ପାଇ ଯାଇ ସୈନ୍ୟ ମାନଙ୍କ ସହ ଫେରି ଆସିଥିଲେ ଯୋଧପୁର ଏବଂ ରାଜାଙ୍କୁ ଏ ଘଟଣା ବିଷୟରେ ଅବଗତ କରାଇଲେ ।

ରାଜା ଏପରି ଏକ ଅଭାବନୀୟ ତଥା ଅକଳ୍ପନୀୟ ଘଟଣା ବିଷୟରେ ଜାଣି ପାରି ନିଜର କୃତକର୍ମ ପାଇଁ ବହୁତ ଅନୁତାପ କରିଥିଲେ । କାରଣ ତାଙ୍କ ଯୋଗୁଁ ଏତେ ଜଣ ନୀରିହ ଲୋକଙ୍କ ଜୀବନ ଗଲା । ତେଣୁ ସମସ୍ତ ବିଷ୍ଣୋଇ ସମାଜର ଲୋକମାନଙ୍କ ଆଗରେ ରାଜା ନିଜର ଆଚରଣ ପାଇଁ କ୍ଷମା ମାଗିବା ସହ ଭବିଷ୍ୟତରେ ସେପରି କାର୍ଯ୍ୟର ପିନାରୁବୃତ୍ତି ନ ହେବାର କଥା ଦେଲେ ଏବଂ ସେମାନଙ୍କୁ ସେମାନଙ୍କର ଅପୂର୍ବ ବଳିଦାନ ପାଇଁ ତାମ୍ରପତ୍ରରେ

ସମ୍ମାନିତ କରିଥିଲେ । ଏଥି ସହ ବିଷ୍ଣୋଇମାନେ ରହୁଥିବା ଅଞ୍ଚଳରେ ବୃକ୍ଷଲତା ଛେଦନ ଓ ଜୀବହତ୍ୟା ନ କରିବା ପାଇଁ ଆଦେଶ ଜାରି କରିଥିଲେ । ଏପରିକି ନିଜ ରିୟାସତ ଯୋଧପୁରରେ ମଧ୍ୟ ଗଛ କାଟିବା ଉପରେ ପ୍ରତିବନ୍ଧ ଲଗେଇବା ସହ କଠିନ ଦଣ୍ଡର ବିଧାନ ମଧ୍ୟ କରିଥିଲେ । ସେବେଠାରୁ ନେଇ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ବିଷ୍ଣୋଇମାନେ ସେହି ଦିନଟିକୁ "ବଳିଦାନ ଦିବସ" ଭାବରେ ପାଳନ କରି ଆସୁଛନ୍ତି ।

ଏହି ବିଷ୍ଣୋଇ ଧର୍ମର ମହିଳାମାନେ ଦୁନିଆ ପାଇଁ ଉଦାହରଣ ସୃଷ୍ଟି କରିଦେଇ ଗଲେ ଯେ ମହିଳାମାନେ କୌଣସି ଗୁଣରେ କମ୍ ନୁହନ୍ତି । ସେମାନେ ଚାହିଁଲେ ଅସାଧ୍ୟ କାର୍ଯ୍ୟକୁ ମଧ୍ୟ ପୂରା କରି ପାରିବେ । ସେହି ମହିୟସୀ ମହିଳାଙ୍କ ବଳିଦାନ ଜଣେ ରାଜାଙ୍କର ମୁଣ୍ଡକୁ ତଳକୁ କରିଦେଇଥିଲା, ଯାହାକି ବିଷ୍ଣୋଇ ଜାତି ପାଇଁ ଥିଲା ଏକ ବଡ ଉପଲବ୍ଧି । ଏହି ଆନ୍ଦୋଳନ ପରେ 'ଚିପକୋ ଆନ୍ଦୋଳନ'ର ରୂପ ନେଇଥିଲା ।

ବର୍ତ୍ତମାନ ସମୟ ଏପରି ଯେ ବିକାଶ ନାଁରେ ବୃକ୍ଷକଟା ଚାଲିଛି । ଯାହା ଫଳରେ ପରିବେଶ କ୍ଷତିଗ୍ରସ୍ତ ହେବାରେ ଲାଗିଛି । ଯଦି ଏହି ପରି ଆମେମାନେ ବିକାଶ ନାଁରେ ନିଜର ସ୍ୱାର୍ଥ ପାଇଁ ପରିବେଶକୁ ନଷ୍ଟ କରିଚାଲିବା ତେବେ ଧୀରେ ଧୀରେ ଏ ସୁନ୍ଦର ସୃଷ୍ଟି ଅଚିରେ ଲୋପ ପାଇଯିବ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ତେଣୁ ଆମେ ସମସ୍ତେ ପ୍ରଥମେ ପରିବେଶର ସୁରକ୍ଷା ପାଇଁ ସଚେତନ ହେବା ସହ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରିବା ତେବେ ଆମର ଏ ଧରାପୃଷ୍ଠ ସବୁଜିମାରେ ହସି ଉଠିବ ।



୨୧୭, ୟୁନିଟ-୯(ଫ୍ଲାଟ)
ବାୟାବାବା ମଠ ଲେନ, ଭୁବନେଶ୍ୱର

# ହେମନ୍ତ କାଳ

ମୂଳରଚନା (ବଙ୍ଗଳା): ଅସିମ କୁମାର ବସୁ
ଓଡିଆ ଭାଷାନ୍ତର: ସନାତନ ମହାକୁଡ



ସନାତନ ମହାକୁଡ

ରବିନ୍ଦ୍ରନାଥ ଏହାକୁ ନେଇ ପାଞ୍ଚଟିରୁ ବେଶି ଗୀତ ଲେଖିନଥିଲେ

ତେଣୁ କ ଏତେଟା ଫିକା ଏଇ ହେମନ୍ତ ଅପରାହ୍ନ?

ଗଛର ପତ୍ର ଦେଖି ସ୍ତବ୍ଧ ହୋଇଛି ଅଭିମାନ

କଟା ଧାନକ୍ଷେତେ ଆନନ୍ଦେ ପେଚା ଆଉ ମୂଷା ବୁଲାବୁଲି କରେ

ହାଲୁକା କାକର ମଧ୍ୟେ ଝପ୍ କରି ସନ୍ଧ୍ୟା ଓହ୍ଲାଇ ଆସେ

ତା ପରେ ଧୀରେ ଧୀରେ ଉଠି ଆସେ ଜହ୍ନ ।

ପୂର୍ଣ୍ଣିମା ସନ୍ଧ୍ୟାର ନିର୍ଜନ ପଡିଆରେ

ଯେଉଁ ନାରୀଟି ଏକା ବସିଥାଏ

ଆବହମାନ ପରେ ତାକୁ ସଠିକ୍ ଚହ୍ନିନ ହେମନ୍ତ କାଳ ।

ବେରୁଆଁବାରୀ, ନୟାଗଡ, ଓଡିଶା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ସୁନ୍ଦର



ରାଜଶେଖର "ଚମା"

ଲତା ପାଇଁ କୋମଳ କୁସୁମ ସୁନ୍ଦର,
କବିତା ପାଇଁ କମନୀୟ କଳ୍ପନା ସୁନ୍ଦର,
ବନତା ପାଇଁ ରମଣୀୟ ରୂପ ସୁନ୍ଦର,
ପ୍ରିୟତମ ପାଇଁ ପ୍ରିୟତମା ପ୍ରେମ ସୁନ୍ଦର


ନେତ୍ର ପାଇଁ ଦିବ୍ୟ ଦୃଷ୍ଟି ସୁନ୍ଦର,
ପୂର୍ଣ୍ଣିମା ପାଇଁ ଗୁରୁ ଚନ୍ଦ୍ର ସୁନ୍ଦର,
ପତ୍ର ପାଇଁ ନିର୍ମଳ ନିହାର ସୁନ୍ଦର,
ପ୍ରିୟତମା ପାଇଁ ପ୍ରିୟତମ ପ୍ରେମ ସୁନ୍ଦର ।

ରାତି ପାଇଁ ନଭ ନକ୍ଷତ୍ର ସୁନ୍ଦର,
ଉପତ୍ୟକା ପାଇଁ ଝରୁଥିବା ଝରଣା ସୁନ୍ଦର,
ସମୁଦ୍ର ପାଇଁ ଲହର ଲହରୀ ସୁନ୍ଦର,
ପ୍ରିୟତମ ପାଇଁ ପ୍ରିୟତମା ପ୍ରେମ ସୁନ୍ଦର ।

ନର୍ତ୍ତକୀ ପାଇଁ ନୟନା ନନ୍ଦକର ନୃତ୍ୟ ସୁନ୍ଦର,
ଗାୟିକା ପାଇଁ ଗନ୍ଧର୍ବ ଗାନ ସୁନ୍ଦର,
ପୁଷ୍ପ ପାଇଁ ମଧୁର ମକରନ୍ଦ ସୁନ୍ଦର,
ପ୍ରିୟତମା ପାଇଁ ପ୍ରିୟତମ ପ୍ରେମ ସୁନ୍ଦର ।

ରମଣୀ ପାଇଁ ଅନନ୍ତ ଅନୁରାଗ ସୁନ୍ଦର,
ଧରଣୀ ପାଇଁ ସୁବର୍ଣ୍ଣ ସୂର୍ଯ୍ୟକରଣ ସୁନ୍ଦର,
ସହଧର୍ମିଣୀ ପାଇଁ ସ୍ୱାମୀଙ୍କ ସାମିପ୍ୟ ସୁନ୍ଦର,
ପ୍ରିୟତମା ପାଇଁ ପ୍ରିୟତମ ପ୍ରେମ ସୁନ୍ଦର ।

chvrajasekhar@gmail.com



"ବେଦାନ୍ତୀର ଜୁଲାଇ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଜୁନ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:**vedantimagazine@gmail.com**"

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ସେ ଦିନର ମଣିଷ



ଶାନ୍ତିଲତା ମିଶ୍ର

ମଉସା ଚାଲିଗଲେ । କାହାର ସେ ମଉସା ଥିଲେ କେହି ଜାଣନ୍ତିନ, କିନ୍ତୁ ଛୁଆ ଠାରୁ ବଡ ପର୍ଯ୍ୟନ୍ତସମସ୍ତେ ତାଙ୍କୁ ମଉସା ବୋଲି ଡାକୁଥିଲେ । ସମସ୍ତଙ୍କର ସେ ପ୍ରିୟପାତ୍ର ଥିଲେ ଯଦିଓ ତାଙ୍କର ଇତିହାସ ବାଭୂଗୋଳ କାହାକୁ ଜଣା ନଥିଲା । ଖାଲି ସେ ଗାଁ ଲୋକ ନୁହେଁ ଆଖ ପାଖର ଅନ୍ୟ ଛଅ ଖଣ୍ଡଗାଁର ଲୋକ ବିତାଙ୍କୁ "ଧୀର ମଉସା' ବୋଲି ଡାକନ୍ତି । ଆଜି ସମସ୍ତଙ୍କ ଆଖିରେ ଲୁହ । ସସମ୍ମାନେ ସବୁ ଗାଁର ଲୋକ ମାନେମିଶି ତାଙ୍କର ଶବ ସତ୍କାର କରି ଏକ ସମାଧୀ ପିଠ ଗଢିବାକୁ ମିଳତ ସଭାରେ ସମ୍ମତ ହୋଇଛନ୍ତି ।

ମଉସା ହାରମୋନିୟମ ବଜେଇ ଭଲ ଗୀତ ବୋଲନ୍ତି । ତାଙ୍କ ସୁଲଳତ କଣ୍ଠରୁ ଯେତେବେଳେଭଜନ,ଛାନ୍ଦ ବା ଓଡିଶୀ ସଂଗୀତ ର ସୂର ବାହେରେ ପଶୁ ପକ୍ଷୀ ବି ମୁଗ୍ଧ ହୋଇ ଶୁଣନ୍ତି ବୋଲି ଲୋକେ କୁହନ୍ତି । ପ୍ରତି ଗାଁକୁ ମଉସା ମାସକୁ ଥରେ ଯାଆନ୍ତି, ସାଇକଲରେ ହାରମୋନିୟକୁ ପଛରେ ବାନ୍ଧି ଦେଇ । ସେଇଗାଁରେ ତିନ ଚାରି ଦିନ ରହି ଲୋକ ମାନଙ୍କୁ ଖୁବ ଗୀତ ଶୁଣାନ୍ତି । କେବେ ମନ୍ଦିରରେ ତ କେବେ କାହା ଘରେ,କାହା ଛୁଆର ଜନ୍ମ ଦିନରେ ତ କାହା ବାହା ଘରେ । ସବୁଠି ତାଙ୍କର ଆଦର ଚର୍ଚ୍ଚା, ସତ୍କାର । ଯାହା ଘରେ ଯିଏଡାକଲେ ତାଙ୍କ ଘରେ ଯାଇ ରୁହନ୍ତି ରାତିରେ ବି ସେଠି ଶୋଇ ଯାଆନ୍ତି । ରାତି ବିତେଇବା କଥା ଯିଏ ଘରେ କଣତା ଘରେ କଣ । ସମସ୍ତେ ତ ତାଙ୍କ ନିଜର, ଆପଣାର ।

ସେଦି ସଦାନନ୍ଦ ବାବୁଙ୍କ ନାତିର ପ୍ରଥମ ଜନ୍ମ ଦି ଥିଲା । ବଡ ଧୁମ ଧାମରେ ପାଳନ କରିବା ସଙ୍ଗେସଙ୍ଗେ ନାଚ ଗୀତର ଆୟୋଜନ କରା ଯାଇଥିଲା । ତଥାପି ଧୀର ମଉସାଙ୍କୁ ଗୀତ ବୋଲିବାକୁ ଅନୁରୋଧକରିବା ଭୁଲି ନ ଥିଲେ । ସଦାନନ୍ଦ ବାବୁଙ୍କ ପୁତୁରା ବିଜନ୍

ବାବୁ ଆସିଥିଲେ ସହରରୁ ଯୋଗ ଦେବାକୁ ନାତିଜନ୍ମ ଦିନକୁ । ସେ ଯେତେବେଳେ ଶୁଣିଲେ ମଉସାଙ୍କ ଗୀତ ଅଭିଭୁତ ହୋଇଗଲେ । ସେ ରେଡିଓ ଷ୍ଟେସନରେ କାମ କରନ୍ତି। ଏପରି କଣ୍ଠ କଳା କୃତିତ୍ୱ ଆଜିକାଲି ବିରଳ । ଧୀରେ ଧୀରେ ଏପରି ଗାଇବା ଶୈଳୀ ଲୋପପାଇବାକୁ ବସିଲାଣି ।

ସେ ସଙ୍ଗେ ସଙ୍ଗେ ତାଙ୍କୁ ନଜ ସଙ୍ଗେ ସହରକୁ ଯିବାକୁ ଅନୁରୋଧ କଲେ ତାଙ୍କର କଛି ଗୀତ ରେକଡିଙ୍ଗକରି ରେଡିଓ ଷ୍ଟେସନରେ ବଜେଇବା ପାଇଁ । କନ୍ତୁ ମଉସା ଏଥିରେ ରାଜି ହେଲେ ନାହିଁ । ସେ ଏ ଗାଁ ଛାଡି କୁଆଡେ ବି ଯିବେ ନାହିଁ ବୋଲି ସଫା ମନା କରିଦେଲେ। କନ୍ତୁ ଗାଁର କଛି ଯୁବକ ଲୋକ ମଉସାଙ୍କୁ ଏକ ରକମ ବାଧ୍ୟ କଲେ ଯିବାକୁ । ଅନ୍ୟ ମାନଙ୍କୁ ସୁଯୋଗ ମିଳବ ତାଙ୍କ ସୁଲଳତ କଣ୍ଠ ସ୍ୱର ଶୁଣିବାକୁ । ମାନ ସମ୍ମାନ, ଧନସବୁତ ମିଳବ କାହିଁକ ନଯିବେ । ସମସ୍ତଙ୍କର ଏହି ଉକ୍ତି ମିଳତ ଅନୁରୋଧ ସହିତ ।

ସମସ୍ତଙ୍କ ଖୁସି ଅନୁରୋଧକୁ ଏଡାଇ ନପାରି ଶେଷରେ ଅନଚ୍ଛା ସତ୍ୱେ ବିଜନ ବାବୁଙ୍କ ସଙ୍ଗେ ବାହାରିଲେ ମଉସା ସହର । ବିଜନ ବାବୁଙ୍କ ସହାୟତାରେ ଖୁବ ଗୀତ ରେକଡିଙ୍ଗ କଲେ ମଉସା । ରେଡିଓ ମାଧ୍ୟମରେ ଗୀତ ପ୍ରଚାର ହେଲା ଗାଁ ଲୋକ ମାନେ ଶୁଣି ବହୁତ ଖୁସି ହେଲେ । ସମସ୍ତଙ୍କ ମୁଖରେ ମଉସାଙ୍କ ପ୍ରଶଂସା ଓମଉସାଙ୍କ ଗୀତ । କନ୍ତୁ ସମସ୍ତେ ମଉସାଙ୍କୁ ଖୁବ ମନେ ପକୋଉଥିଲେ ତାଙ୍କର ଅଭାବ ଅନୁଭବ କରୁଥିଲେ ।

ସେମାନେ ଯେମିତି ମଉସାଙ୍କୁ ମନେ ପକୋଉଛନ୍ତି ମଉସା କଣ ସେମିତି ତାଙ୍କୁ ମନେ ପକୋଉଥିବେ ।

ସହରର କୋଳାହଳ ଭିତରେ ସେ ହଜି ଯିବେଣି । ତା ବ୍ୟତୀତ ଟଙ୍କା ମାନ ସମ୍ମାନ ଭିତରେ ସେ ବୁଡି ଯିବେଣି। ମାସେ ହେଲା ଗଲେଣି ନା ଖଣ୍ଡେଚିଠି ନା ଖବର । ତାଙ୍କର ଏଠି ଘର ନା ପରିବାର ଯେ ସେ ଫେରିବେ ।

ଆଉ ଫେରିବାର ସମ୍ଭାବନା ଦେଖା ଯାଉ ନାହିଁ ଗାଁ ଲୋକଙ୍କୁ ।

ଉଡା ଚଢେଇ ସେ ଯେମିତି ଉଡିକି ଆସିଥିଲେ ଏ ଗାଁକୁ ସେମିତି ଉଡି ଚାଲିଗଲେ । ସମସ୍ତଙ୍କୁଅନାୟସରେ ଆପଣାର କରି ନେଅନ୍ତି । ଅମାୟିକ ସରଳ ଲୋକ । ଯୋଉଠି ସ୍ନେହ ଆଦର ପାଇଲେ ସେଠିରହିଯିବେ । ସମସ୍ତେ ଏ ସବୁ ଜାଣିଥିଲେ ବି ଭଲରେ ମନ୍ଦରେ ତାଙ୍କୁ ତଥାପି ମନେ ପକେଉଥିଲେ ।

ସବୁ ସନ୍ଧ୍ୟାରେ ଭଜନ ଶୁଣିବା ଆଉ ମନ୍ଦିର ବେଢାରେ ସମ୍ଭବ ହେଉ ନାହିଁ । ସମସ୍ତଙ୍କ ରାଗ ଯାଇ କାହ୍ନା, ଗୋପାଳ, ହରିଙ୍କ ଉପରେ । ସେଇମାନେ ହିଁ ତାଙ୍କୁ ବାଧ କରିଥିଲେ ଯିବାକୁ ମାନ ସମ୍ମାନ ମିଳବ ଇତ୍ୟାଦି କହି, ସେ ତ ମୂଳରୁ ଯିବାକୁ ରାଜି ନଥିଲେ । ତାଙ୍କ ସଂଗୀତ ବିନା ସତରେ ସକାଳ ସଂଧ୍ୟା ଖାଁ ଖାଁ ଲାଗୁଛି । ବିଶେଷତଃ ମହିଳା ମାନଙ୍କୁ । ସେମାନେ ହିଁ ମଉସାଙ୍କ ଗୀତ ଶୁଣିବାକୁ ମନ୍ଦିର ବାହାନା କରି ବେଶୀ ଯାଉଥିଲେ ।

ଦିନେ ସଂଧ୍ୟାରେ ଗାଁର କିଛି ଯୁବକ ଏକାଠି ବସି ଗପସପରେ ମଗ୍ନ ଥିଲା ବେଳେ ହଠାତ ସୁଲଳିତ କଣ୍ଠରୁ ଗୀତ କିଛି ସୁଦୁରରୁ ଭାସି ଆସିଲା । ସମସ୍ତେ ହଠାତ ଚୁପ ହୋଇଯାଇ କାନ ଡେରି ଶୁଣିଲେ । ଏତ ମଉସାଙ୍କ କଣ୍ଠ ସ୍ୱର । ହୁଏତ କେହି ରେଡିଓରୁ ତାଙ୍କ ଗୀତ ଶୁଣୁଥିବ । ଆଜିକାଲି ତାଙ୍କ ଗୀତ ରେଡିଓରୁ ବେଶ ଆସୁଛି ।

ନା ଏହା ବିନା ବାଦ୍ୟ ଯନ୍ତ୍ରରେ ମଉସା ଗାଇଲା ପରି ଶୁଭୁଛି । ସେ ଏଠି କେମିତି । ସମସ୍ତେ ସେଇ ଦିଗକୁ ଦୌଡିଲେ । ଆରେ ହଁ ତ ଏତ ମଉସା । ଅବେଳରେ ଅଦିନରେ । କଏ ପଚାରେ । ମଉସା ଆସିଗଲେ ସେତିକି ସେମାନଙ୍କ ପାଇଁ ଯଥେଷ୍ଟ ।

ମଉସାଙ୍କ ସେଇ ହସ ହସ ମୁହଁରେ କୌଣସି ପରିବର୍ତ୍ତ ନାହିଁ । ସେଇ ଆନ୍ତରିକତା ସେଇ ଆପଣାର ଭାବ ନେଇ ସହାସ ମୁଖରେ ବସିଗଲେ ବୀରେନ୍ଦ୍ର ମଉସାଙ୍କ ଆମ୍ବ ଗଛ ମୂଳ ଚାନ୍ଦିନୀ ପାଖରେ । ହାରମୋନୟମ ଖୋଲି ଗାଇ ଚାଲିଲେ କିଛି ଭଜନ । ଗାଁ ସାରା ସମସ୍ତେ ଘେରି ଯାଇ ଥାନ୍ତି । ଏ ଗାଁରୁ ସେ ଗାଁ ମଉସାଙ୍କ ଆସିବା ସମ୍ବାଦ ଟା ପ୍ରସାର ହେବାକୁ ବେଶୀ ସମୟ ଲାଗିଲାନ । ସମସ୍ତେ ନହେଲେ ବି ଯିଏ ପାରିଲେ ସିଏ ଆସି ଯୋଗଦେଲେ ମଉସାଙ୍କ ସଙ୍ଗିତ ମଣ୍ଡଳରେ । କିଛି ସମୟ ଗୀତ ବୋଲା ସରିଲା ପରେ

ମଉସା ମୁହଁ ଖୋଲିଲେ ସମସ୍ତଙ୍କ ଉତ୍ସୁକ ଭରା ଗ୍ରହଣି ବିସ୍ମୟ ଭରା ଦୃଷ୍ଟିରେ ଭରିଥିବା ପ୍ରଶ୍ନର ଉତ୍ତର ଦେବା ପାଇଁ |

-"କାହିଁ ଏ ଆମ୍ବ ମୂଳ ସୁଲୁସୁଲିଆ ପବନ, କାହିଁ ବଉଳ ଗଛ ଭରା ମନ୍ଦିର ବେଢାରେ ବସି ତୁମ ମାନଙ୍କମେଳରେ ଗୀତ ଗାଇବାର ମଜା, ସେଥିରେ ଯେଉଁ ଆନନ୍ଦ, ସେ ମେସିନ ଭରା ନବୁଜ ଗୃହ ଭିତରେ ବସିମେସିନ ସାମନାରେ ଗୀତ ଗାଇବାରେ ସେ ଆନନ୍ଦ କାହିଁ| ମାସକ ପାଇଁ ରହିବା ଖାଇବା ଗୀତ ଗାଇବାର ବ୍ୟବସ୍ଥା ବିଜନ ବାବୁ କରି ଦେଇଥିବାରୁ ବାଧ ହୋଇ ମାସେ ରହିଗଲି | ଜେଲରେ ରହିଲା ପରି ଲାଗୁଥିଲା |

ଦି ଗଣୁଥିଲି କେମିତି ତୁମ ମାନଙ୍କ ପାଖକୁ ଫେରି ଆସିବି ବୋଲି |"

ସେ ଟଙ୍କା ପଇସା ସମ୍ମାନରେ ଆନନ୍ଦ ନାହିଁ ଯେତେ ତମ ମାନଙ୍କ ପାଖେ ବସି ଗୀତ ଗାଇବାରେ ଅଛି |

ତା ପର ଦି ସବୁ ଗାଁର ଲୋକ ମାନେ ଆସି କଏ ଖାଇବାକୁ ତ କଏ ତାଙ୍କ ଘରେ ରହିବାକୁ ମଉସାଙ୍କୁ ନିମନ୍ତ୍ରଣ କରିଗଲେ | ଦୁଇଦିନ ପରେ ରାଧାଷ୍ଟମି ମନ୍ଦିରରେ ବେଶ ଆୟୋଜନ ଚାଲିଥିଲା | ମଉସାଙ୍କ ତରଫରୁ ସବୁ ଗାଁଲୋକ ମାନଙ୍କ ପାଇଁ ଖାଇବାର ଆୟୋଜନ ହୋଇଥିଲା | ମଉସା ଯେତକ ଟଙ୍କା ରେଡିଓ ଷ୍ଟେସନରେ ଗୀତଗାଇ ଆଣିଥିଲେ ସବୁ ଭୋଜି ଭାତରେ ସମସ୍ତଙ୍କୁ ଆପ୍ୟାୟିତ କଲେ | ଅନ୍ୟ ମାନଙ୍କ ଠୁ ମଉସାଙ୍କ ଖୁସି ଦ୍ୱିଗୁଣିତ|

ସେଦିନଠୁ ମଉସା ଏଇଠି ଏଇ ଗାଁ ଲୋକଙ୍କ ପାଖରେ | ଆଜି କିନ୍ତୁ ସମସ୍ତଙ୍କ ଆଖିରେ ଲୁହ | ରେଡିଓ ଷ୍ଟେସନରୁ ଦିନ ଯାକ ମଉସାଙ୍କ ଗୀତ ବାଜି ଚାଲିଛି | ସତରେ କିଛି ମଣିଷ ଅଛନ୍ତି ସମସ୍ତଙ୍କ ହୃଦୟକୁ ଅନାୟସରେ ଛୁଇଁ ଯାଆନ୍ତି | ସେ ଯୁଗର ଲୋକ ସେ ଏ ଯୁଗ ସହିତ ତାଳ ମିଳେଇ ଚାଲିବା ତାଙ୍କ ପକ୍ଷେ ସମ୍ଭବ ହେଲାନାହିଁ | ଏଇ ମାଟି ପାଣି ପବନକୁ ଆପଣାର ଭାବୁଥିଲେ ତାକୁଇ ମା ବୋଲି ଭାବି ତାରି କୋଳକୁ ପୁଣି ଫେରି ଆସି ଏଇଠି ଶୋଇଗଲେ ନିଷ୍ଚିତ ନିଦରେ |


ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ଜୀବନ-ଫର୍ଦ



ଆଶୁତୋଷ ମେହେର

ଜୀବନ ଟା ସତରେ
ଏକ କାଗଜର ଫର୍ଦ ।
କଏ ତା'ଉପରେ ଲେଖିଦିଏ
ସୁଂଦର ଏକ ପ୍ରେମର ଗଜଲ ।
କ ଢାଳ ଦିଏ ରଂଗଭରା ତୂଳୀରୁ
ପ୍ରେମ-ଫୁଲର ଫୁଆର୍,
ଆଉ କଏ ଗଢ଼ି ତୋଳେ
ହୃଦୟର କାହାଣୀ କୋଣାର୍କ ।।
ଆଉ ଜଣେ କଏ ଗଢ଼ିଦିଏ
ସୁନ୍ଦର ଏକ ରଂଗିନ ଗୁଡ଼ି
ଉଡାଇ ଦେଇ ଜୀବନର ଚଉହଦିରେ ।।



ତେବେ ଦୁଃଖ ଲ୍ଗେ
କେହିଜଣେ ଯେବେ ଲେଖିଦିଏ ସେ କାଗଜରେ
ମୃତ୍ୟୁର ପରଓ୍ୱାନା, ହାରିଯାଇ
ଜୀବନଯୁଦ୍ଧରେ।
କାଗଜକୁ ଦଳମକଚ ଫିଙ୍ଗିଦିଏ
ଅଦରକାରି କରି ଡଷ୍ଟବିନ୍ ଭିତରକୁ ।

ଆର୍ଯ୍ୟପଲ୍ଲୀ,କଟ ଛକ,
ପଟିଆ,ଭୁବନେଶ୍ୱର

# ନାରୀ



ସ୍ମିତା ତ୍ରିପାଠୀ

କିଛି କହିବାକୁ ଚାହିଁଲେ ବି କହି ହୁଏନା
କିଛି ଭୁଲିବାକୁ ଚାହିଁଲେ ବି ଭୁଲି ହୁଏନା
କିଛି କଥା ଆଖିରେ ରହିଯାଏ ସପନ ହୋଇ
କିଛି କଥା ବୋହିଯାଏ ଲୁହ ହେଇ
କିଛି କିଛି ଅନୁଭୁତି ବି କହି ହୁଏନା
ସମାଜର କଟୁ ଦୃଷ୍ଟିରେ
କିଛି କଥା ସହି ହୁଏନା
ନାରୀଟିଏ ହେଇ ଜନମିବାର
ଦୁର୍ଭାଗ୍ୟ କହି ହୁଏନା
ନାରୀ ନୁହେଁ ଖେଳର ଘର
ନାରୀନୁହେଁ ଉପଭୋଗର
ନାରୀଟିଏ ହେବାର ସୌଭାଗ୍ୟ ବି କହି ହୁଏନା
ଲୁହ ସବୁ ପିଇ
ନାରୀଟିଏ ହସି ଦିଏ
ପରିବାରକୁ ତ୍ୟାଗ କରି
ନାରୀ ଖୁସି ପାଏ
କିନ୍ତୁ
ନାରୀକୁ କିଏ ପଚାରେନା
କି ମନ ତାର ବୁଝିପାରେନା
ସାଥି ମେଳରେ ନାରୀଟିଏ ବି
ହସି ପାରେନା



ହୃଦୟ ଦେଇ ଭଲ ପାଇପାରେ
ଭଙ୍ଗା ହୃଦୟନେଇ ବଞ୍ଚିବାର ସୀମା ସହିପାରେନା
ମା ଟିଏ ହୋଇ ଅଳ ଅଝଟ ସହି
ନିଜ ଇଚ୍ଛା ଅଳୀ କରିପାରେନା
ଭଉଣୀଟିଏ ହେଇ
ନିଜ ଭାଇ ଭଉଣୀଙ୍କୁ ମାଗିପାରେନା
ସ୍ତ୍ରୀ ଟିଏ ହେଇ
ସ୍ୱାମୀ ମନ ବୁଝି ମାଗିପାରେନା
ଆଇଟିଏ ହେଇ ନିଜ ଦୁଃଖ କହିପାରେନା
ସାଙ୍ଗଟିଏ ହେଇ
ସାଙ୍ଗ ହେଇ ପାରେନା ଏଇ କଳି ଯୁଗରେ
ସାଙ୍ଗ ବୋଲି କହିପାରେନା
ନାରୀ ନୁହେଁ ଖେଳନା

ରାମେଶ୍ୱର ସାହି, ଖଲରୀ
ହୁଲୁରିଶିଙ୍ଘା, ଅନୁଗୁଳ-୭୫୯୧୨୨

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

ବେଦାନ୍ତୀ

# ଅସ୍ତାଞ୍ଚଳ ର ଦୃଶ୍ୟ



ରାଜୀବ ଗୋପାଳ ସ୍ୱାଇଁ

ସଂକ୍ଷିପ୍ତ ପରିଚୟ: ରାଜୀବ ଗୋପାଳ ସ୍ୱାଇଁ
ଠିକଣା: ମାତୃକୁଟୀର, କୁରୁଣ୍ଟି, ମେରାମଣ୍ଡଳୀ,ଢେଙ୍କାନାଳ -୭୫୯୧୨୧
ସମ୍ମାନ : ୨୦୦୪ ଭୁବନେଶ୍ୱର ପୁସ୍ତକ ମେଳା (ରବି ପଟ୍ଟନାୟକ ଗଳ୍ପ ସମ୍ମାନ), ଶ୍ରେଷ୍ଠ ଗଳ୍ପ-୨୦୦୯ ଗଳ୍ପପାଠୋତ୍ସବ, ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ଓ ଭାରତୀୟ ଜନସଞ୍ଚାର ସଂସ୍ଥାନ, ଢେଙ୍କାନାଳ
ପ୍ରକାଶିତ ପୁସ୍ତକ: ସତ ସ୍ୱପ୍ନ ର ରାତି(ଗଳ୍ପ ସଂକଳନ), ସାଗର ପକ୍ଷୀ (କବିତା ସଂକଳନ)

ତପନ ସମସ୍ତଙ୍କୁ ଛାଡି ଚାଲିଯାଇଛି, ଯେଉଁଠାରୁ କେହି କେବେବି ଫେରନ୍ତି ନାହିଁ । ଅଫେରା ନଈର ସୁଅପରି ଅଫେରନ୍ତି ପାଦ ତା'ର ଅଦୃଶ୍ୟ ହୋଇଯାଇଛି ଧରାଧାମରୁ ସବୁଦିନ ପାଇଁ। ପଛରେ ଛାଡି ଯାଇଥିବା ଆପଣାରମାନେ ଶୋକର ଛାଇରେ ନରବ ଅଶ୍ରୁବିସର୍ଜନ କରିବାଛଡା ଅନ୍ୟୋପାୟ ନାହିଁ । ତପନକୁ ଝୁରୁଛି ତା ଗାଁ ଦାଣ୍ଡ, ଗୋଧୂଳୀର ବେଳ, ସାଙ୍ଗସାଥି, ମାଆର ମମତ୍ତ୍ୱ, ବାପାଙ୍କ ଆଶାର ଝୁଲି, ସ୍ତ୍ରୀର ପଣତ, ପୁଅର ଦରୋଟି ଓଠେ ମିଠା ବାପା ଡାକ । କାହାର ଆଖିରୁ ଶୁଖିନ ଲୁହ, ମରିନ ସେ ତପନର ଅମଳନ ଛବି ମରିବି ଅମର ହୋଇ ତପନ ହସୁଛି । ସତେ ଯେପରି ତପନ ବଞ୍ଚିଛି, ଅଗଣାରେ ଫୁଲରେ ଫଗୁଣରେ ମଳୟ ମଧୁରେ ତ କେତେବେଳେ ତପ୍ତ ଝଞ୍ଜା ଅବା କେବେ ଶୀତ ଲହରରେ । ତପନ ବଞ୍ଚିଛି ....... କାରଣ ସେ ଅକାରଣେ ମଉଳ ଯାଇନ । ଦେଶ ପାଇଁ ଜୀବନ ଦେଇଛି । ବୀର ପରି ଶତ୍ରୁସହ ଏକ ଦମ୍ ଲଢି ଗୁଳରେ ଟଳଛି ।

ତପନ ଶହୀଦ୍ ହୋଇଛି ।

ଅଚହ୍ନା ଗାଁ ଦାଣ୍ଡ, ତପନର ଘର, ଗାଁର ମଶାଣୀ ସବୁ ଲାଗୁଛି ପବିତ୍ର ପାଲଟିଯାଇ ଇତିହାସ ବକ୍ଷରେ ତାକୁ ଅମର କରିଛି । ଅଖ୍ୟାତ ପଲ୍ଲୀ ପଥରଗଡ଼ ବୋଲେଇଛି ଶହୀଦ୍ ର ଗାଁ । ତପନକୁ ନଚହ୍ନିଥିବା ଲୋକମାନେ ବି ବେଶ୍ ଗର୍ବିତ ଚର୍ଚ୍ଚିତ, ଅପରିଚିତ ଓଠରେ ତପନର ପ୍ରଶଂସା, ଗାଁରେ, ପଞ୍ଚାୟତରେ, ଜିଲ୍ଲା ସ୍ତରରେ ଯଥାକ୍ରମେ ସାଇନଙ୍ଗ୍ ତପନ ନାମରେ କ୍ଲବ, ଶହୀଦ ତପନ ମେମୋରିଆଲ ଟୁର୍ଣ୍ଣାମେଣ୍ଟ, ଶହୀଦ ସ୍ମରଣେ ନାମକ ଉତ୍ସବ ଇତ୍ୟାଦି ଅନୁଷ୍ଠାନ ଗଢି ଉଠିଛି ।

ତପନ ପାଇଁ ତା ପରିବାର, ପରିଜନ, ବଂଧୁ ମହଲ, ଗାଁ ଭୂଇଁ ସମସ୍ତେ ଛାତି ଚଉଡା କରନ୍ତି ହେଲେ ସେଇ ତପନର କଥା ଭାବି ଦେଲା ବେଳେ ବାପା ମାଆଙ୍କ ବୁକୁ ଫଟେଇ ଯେଉଁ ଦୀର୍ଘ ଶ୍ୱାସଟି ପଦାକୁ ବାହାରି ଯାଏ ତାହା ଥରେଇ ଦିଏ ଦେଖୁବା ଲୋକର ହୃଦୟକୁ ।

ତପନ ଶହୀଦ୍ ହେବାର ପ୍ରାୟ ପାଞ୍ଚବର୍ଷ ହେଲାଣି । ଆମ ଅଫିସ୍ ତରଫରୁ ମୋ ଉପରେ ଏକ ଦାୟିତ୍ୱ ନ୍ୟସ୍ତ ହେଲା । ଶହୀଦ୍ ହେବାର ଏ ପାଞ୍ଚଟା ବର୍ଷ ପରେ କେମିତି ଅଛି ଶହୀଦ୍ ର ପରିବାର,କେମିତି ବଞ୍ଚିଛି ଶହୀଦ୍ ଲୋକଙ୍କ ମନରେ, ଆଉ କଣ ସବୁ କରାଯାଇ ପାରିଥାନ୍ତା ଇତ୍ୟାଦି ଇତ୍ୟାଦି ଜଣାଇବା ପାଇଁ.... ଯାହାକି ଶହୀଦ ମାନଙ୍କ ଉଦ୍ଦେଶ୍ୟରେ ପାଳନ ହେବାକୁ ଥିବା ବିଜୟ ଉତ୍ସବ ଅବସରରେ ପ୍ରସ୍ତୁତ ହେବାକୁ ଥିବା ବିଶେଷ ପ୍ରତିବେଦନରେ ସ୍ଥାନିତ ହେବ ।

ସଦର ମହକୁମାରୁ ଶହୀଦ୍ ତପନର ଗାଁ କୋଡିଏ କିଲୋମିଟର । ତପନ ଶହୀଦ୍ ହେଲା ବେଳେ ପ୍ରଥମ ଥର ପାଇଁ ନ୍ୟୁଜ୍ କଭର କରିବା ପାଇଁ ମୁଁ ସେହି ଗାଁରେ ପହଞ୍ଚିଥିଲି । ସେଥିପାଇଁ ଏବେକାର ଯାତ୍ରା ବେଳେ ରାସ୍ତାର ଉଠାଣି ଗଡାଣି ବିଷୟରେ ଅନ୍ୟକାହାରି କୁ ପଚାରିବାର ଆବଶ୍ୟକତା ଅନୁଭବ କରିନଥିଲି ।

ଗାଡିରେ ଚଢିବା ପରଠାରୁ ମୋ ମାନସ ପଟରେ ଭାସି ଚାଲିଥିଲା ଅନେକଗୁଡିଏ ଛବି । ଦେଖିଥିବା ଚିତ୍ର ସହିତ ମିଶି ଚାଲିଥିବା କାଳ୍ପନିକ ପ୍ରତିଛବିଗୁଡିକ ଫେଣ୍ଟାଫେଣ୍ଟି

ହୋଇ ମୋ ପାଇଁ ଅନେକ ଗୁଡିଏ ଉତ୍ସୁକତା ତିଆରି କରି ଚାଲିଥାନ୍ତି । ଏ' ପାଞ୍ଚ ବର୍ଷ ଭିତରେ ତପନ ସିନା ଚାଲିଯାଇଛି ହେଲେ ତା'ର ମୃତ୍ୟୁ ସହିତ ଘରମୁହାଁ ହୋଇଥିବା ଅଜସ୍ର ଆର୍ଶିବାଦ ଯେ, ସେହି ପରିବାରର ରୂପରେଖକୁ ସଂପୂର୍ଣ୍ଣ ପରିବର୍ତ୍ତିତ କରିଦେଇଥିବ ତାହା ମୁଁ ଅନୁମାନ କରିପାରୁଥିଲି । ବାପା-ମାଆଙ୍କ ମନର ଶୋକ ନଜ ନାତିର କ୍ରମବର୍ଦ୍ଧିଷ୍ଣୁ ବୟସ ସହିତ ପ୍ରଶମିତ ହେଉଥିବା ବେଳେ, ତପନର ସ୍ତ୍ରୀ ପାଇଁ ଏହି ପିଲାଟିର ଭବିଷ୍ୟତ ହିଁ ସବୁକଛି ହୋଇଯାଇଥିବ । ଘରର ରୂପରେଖ ପରିବର୍ତ୍ତିତ ହୋଇଯାଇ, ସେ ଛୋଟିଆ ପିଲାର ରକ୍ଷାକବଚ ପାଲଟି ସାରିଥିବ । ଗାଁର କେଉଁ ଗୋଟିଏ କୋଣରେ ଶହୀଦ୍ ସ୍ମୃତି ମଣ୍ଡପଟିଏ ତିଆରି ହୋଇ ଆଖପାଖର ଅନେକ ଯୁବକ ତଥା ତରୁଣମାନଙ୍କୁ କରୁଥିବ ଉତ୍ସାହିତ । ହୁଏତ ସେଇଠି କୋଉଠି ଶହୀଦ୍ ତପନର ସ୍ମୃତି ସଦନ ସହ ଜଡିତ ବ୍ୟକ୍ତି ବିଶେଷଙ୍କ ସହିତ ସାକ୍ଷାତ୍ ହୋଇଯାଇପାରେ । ଏହା ମୋର ତଥ୍ୟ ସଂଗ୍ରହର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରେ ।

ଏପରି ଭାବୁ ଭାବୁ ଅନେକ ରାସ୍ତା ଅତିକ୍ରମ କରିସାରିଥାଏ । ମନେ ମନେ କଡ ଲେଉଟାଉଥାଏ, ଅନ୍ୟ ଏକ ପ୍ରେକ୍ଷାପଟ ....... ।

ତରୁଣ ତପନ ତା'ର ଆଦ୍ୟ କୈଶୋର ରୁ ଯୁବଶୁଲଭ ଉଦ୍ଦାମତା ଭିତରେ ଦେଖିଥିବା ସ୍ୱପ୍ନମାନେ କପରି ଭାବରେ ଯେ, ଚରିତାର୍ଥ ହୋଇ ଚାଲିଥିଲେ ତାହା ଥିଲା ବେଶ୍ ରୋମାଞ୍ଚକର । ବାପା ସାଧାରଣ ଚାଷୀ ହେଲେବି ସେ ମାଡିଥିଲା କଲେଜ ମାଟି । କ୍ରୀଡାରେ, ପାଠରେ, ମଞ୍ଚରେ, ଗୀତରେ ସବୁଠି ସେ ଥିଲା ଆଗରେ । ଖାଲି ସଫଳତା ଆଉ ସଫଳତା । ତଥାପି ଏସବୁ ଭିତରେ ଘର ପାଇଁ ଅର୍ଥ, ସବୁକଛି ଉତ୍କର୍ଷତା ପାଇଁ ସାଜିଥିଲା କଠୋର-ନିଷ୍ଠଳ ପ୍ରତିବଂଧକ । ମନରେ ଥିବା ଦେଶ ପ୍ରେମର ଡୋରୀ ତାକୁ ସଂଯୋଜିତ କରିଥିଲା ଜାତୀୟ ପ୍ରତିରକ୍ଷା ଏକାଡେମୀ ସହିତ ଅନ୍ତରଂଗ ଭାବରେ । ଯୁବକ ତପନ ପାଲଟିଥିଲା ଉଦ୍ଦାମ ତପନ, ଦେଶ ମାତୃକାର ସେବାରେ ବି ପ୍ରଥମ ହେବା ପାଇଁ ଆରମ୍ଭ ହୋଇଥିଲା ଅନ୍ତରରୁ - ଅନନ୍ତ ପ୍ରେମ ।

ଅର୍ଥ ପାଇଁ ଆନର୍ଥ ହୋଇନଥିଲା ତପନର ଜୀବନ ବରଂଚ ସେ ନିଜର ଅସଜଡା ଅର୍ଥହୀନ ଜୀବନକୁ ଅର୍ଥପୂର୍ଣ୍ଣ କରିତୋଳଥିଲା, ଯାହାକି ପ୍ରମାଣିତ କରିଥିଲା ଯେ, ମଣିଷର ଇଚ୍ଛାର ଅନୁରୂପ ସାଧାରଣ ବି ହୋଇପାରେ ଅସାଧାରଣ ।

ଏହା ପରେ ବଦଳଥିଲା ଚିତ୍ର, ବଦଳଥିଲେ ଚରିତ୍ର । ବଦଳଥିଲା ଆଖ ପାଖର ପରିବେଶ । ଅଭାବ ରୁ ଜନ୍ମ ନେଇଥିଲା ସର୍ବୋତ୍କୃଷ୍ଟ ଭାବ । ଅଚହ୍ନାରୁ ଚହ୍ନାର ପଦ୍ମବଣ ରେ ଗଣ୍ୟ ହୋଇଥିଲା ତପନର ପରିବାର । କ୍ଲୀଷ୍ଟ ପ୍ରତିବଂଧକ ବିଲୀନ ଅଥବା ନିଶ୍ଚିହ୍ନ ହୋଇ ପଡୁଥିଲେ । ଘରର ସବୁ ବୋଝ ହାଲୁକା ହୋଇ ତପନର ବାହାଘର ପାଇଁ ପଥ ପ୍ରସ୍ତୁତ କରିଥିଲା ।

ତଥାପି ତପନ ସେହି ତପନ ଥିଲା; ଗାଁରେ,ସାଙ୍ଗ ମହଲରେ ଅବା ବଂଧୁ ବାନ୍ଧବରେ, ଗୁରୁଜନଙ୍କ ପାଇଁ ବାଲ୍ୟକାଳର ତପନ ପରିବର୍ତ୍ତିତ ହୋଇନଥିଲା ।

ସେହି ତପନ ର ସବୁ ସଫଳତା, ସବୁ ଘଟଣା କ୍ରମର ଚର୍ଚ୍ଚା କେବେବି ଥମୁନଥିଲା।

ଆଉ ସେ ଚାଲିଯିବା ପରେ ବି.. ସେଇ ଚର୍ଚ୍ଚା କୁ ସବୁବେଳ, ସବୁଦିନ ପାଇଁ ସେ ଜୀବିତ, ଉଷ୍ମ ତଥା ମାର୍ମୀକ କରି ଦେଇ ଯାଇଛି ।

ମୋର ଭଲଭାବରେ ମନେ ଅଛି, ପାଞ୍ଚ ବର୍ଷ ତଳେ, ଯେତେବେଳେ ତପନ ଶହୀଦ୍ ହୋଇଥିଲା ସେତେବେଳେ ଏହା ଉପରେ ଏକ ପ୍ରଚ୍ଛଦ କାହାଣୀ ମୁଁ ନିଜେ ଲେଖିଥିଲି, ଆଉ ଖାସ ସେଇଥିପାଇଁ ମୋର ପ୍ରତ୍ୟେକଟି କଥା କାଲିପରି ମନେ ଅଛି । ଆଉ ଆଜି ତପନର ସ୍ମୃତି ଅଧିକ ଜୀବନ୍ତ ହୋଇଉଠିଛି, ଯେତେବେଳେ ତା'ଉପରେ ମୋତେ ପୁଣି ଥରେ ଏକ ରିପୋର୍ଟ ତିଆରିବା ପାଇଁ କୁହାଯାଇଛି ।

ଗାଡି ସହିତ ଦୌଡୁଥିଲା ମୋ ମନ, ପୁଣି ଅସ୍ଥିର ହେଉଥିଲା ଅତୀତ, ଆଉ ମୁଁ ତାହାରି ଭିତରେ ଦେଖୁଥିବା ମୁହଁଟି ତପନ ସ୍ତ୍ରୀ ର ଥିଲା । ଜୀବନର ସମସ୍ତ ସୁଖ, ପ୍ରାଚୁର୍ଯ୍ୟ କୁ ଉପଭୋଗ କରିବା ସମୟରେ ନୀଡ ଛାଡି ଚାଲିଯାଇଥିଲା ତା ଜୀବନସାଥୀ । ନିପଟ ଗାଉଁଲି ଭାଷାରେ  ମୁହଁ ପଟେ ଯାଉଥିଲା ତା' ଯୌବନ। କୋଳରେ କେଇଟା ବର୍ଷର

ପୁଅ, ଯାହାର ମୁହଁ ଦେଖି ତାକୁ ବିତାଇବାକୁ ହେବ ସାରାଜୀବନ । ଘରେ ଅସହାୟ ମାଆ – ବାପା, ଯେଉଁମାନେ ଗୁହିଁ ବସିଥିଲେ ପୁଅର କାନ୍ଧରେ ଅନ୍ତିମ ଯାତ୍ରା କରିବା ପାଇଁ, ସେମାନେ ହୋଇଥିବେ ସେହି ଫୁଲ ପରି କୋମଳ ଅଥଚ ନୟତି ର କ୍ରୁର ଅଭିଶାପରେ ନଷ୍ଟଭ୍ର ବୋହୂଟି ପାଖରେ ଆଶ୍ରିତ । ନାତି ପାଲଟି ଥିବ ଆଶା ଓ ବିଶ୍ୱାସର ପ୍ରାଣକେନ୍ଦ୍ର । ଧନର ପାହାଡ ତଳେ ଭଙ୍ଗା ମନ ଓ ଉହାଡରେ ଜୀବନ୍ତ ଅଶରିରୀସମ ଘର ର ମଣିଷମାନେ ଥିବେ ଆତଯାତ ।

ଏମିତି ଅନେକ ଅବାନ୍ତର ଦୃଶ୍ୟ, ଆଶା ଓ ନରାଶା ଭିତରେ ମୁଁ ପହଞ୍ଚିଥିଲି ତପନ ର ଗାଁ ମୁଣ୍ଡ ସ୍କୁଲ ପାଖରେ । ଡ୍ରାଇଭର କୁ ଗାଡି ସାଇଡ କରିବାକୁ କହି ଗାଡିରୁ ଓହ୍ଲାଇ ଯାଇଥିଲି । ଅଦୂରରେ ନଜର ପଡିଥିଲା ଶହୀଦ୍ ସ୍ମୃତିସ୍ତମ୍ଭ ଉପରେ। ତଳେ ତପନ ବିଷୟରେ ସାମ୍ୟକ ସୂଚନା । ଦୁଇ ତିନଟା ଫଟୋ ଉଠାଇ ଗୁରିପାଖ କୁ ଅନାଇଲି । କେହି କେଉଁ ଆଡେ ନଜରକୁ ଆସିଲେ ନାହିଁ । ଶହୀଦ୍ ସ୍ମୃତିସ୍ତମ୍ଭଟି ସୁରକ୍ଷିତ ଓ ସୁସଜ୍ଜିତ । ଆଖ ପାଖରେ ପିଲାଏ ବସନ୍ତି ତାର ପ୍ରମାଣ ସେଇ ପାଖରୁ ପାଇଲି । ଶହୀଦ୍ ସ୍ତମ୍ଭର ଫୁଲମାନ ଶୁଖିଯାଇଥିଲେ ବି ଲାଗୁଥିଲା ଏଇ କେଇଦିନ ତଳର ହୋଇଥିବ ପରା ।

ଭାବିବା କୁ ବେଶୀ କଷ୍ଟ କରିବାକୁ ପଡିଲା ନାହିଁ ତପନ ର ଆବିର୍ଭାବ ସୂଗୁଇ ଦେଲା ହୁଏତ ଅଳ୍ପଦିନ ତଳେ ତପନ ର ଜନ୍ମବାର୍ଷିକ ପାଳନ ହୋଇଯାଇଛି । ସେଠାରେ ବେଶୀ ସମୟ ନଷ୍ଟନକରି ଗାଁ ଅଭିମୁଖେ ବାହାରିଗଲି ।

ଗାଁ ଭିତରେ ଅନେକ ଲୋକଙ୍କ ସହିତ ଦେଖାହେଲା । ସେମାନଙ୍କ ମଧ୍ୟରୁ ବୟସ ନର୍ବିଶେଷରେ ଗୁରିଗୋଟି ଶ୍ରେଣୀ କରି ଅନେକ ଗୁଡିଏ ବାଇଟସ୍ ନେଲି । ବୟସ୍କ ଶ୍ରେଣୀର ଅଧିକାଂଶ ଲୋକ କହିଲେ ତପନର ପରିବାର ପ୍ରତି ଉପଯୁକ୍ତ ନ୍ୟାୟ ହୋଇନ, ଏଥିପାଇଁ ଆଉରି ଅନେକ କଛି କରିବାକୁ ବାକ ଅଛି । ଆପଣ ତପନର ଘରକୁ ଗଲେ ଜାଣି ପାରିବେ । ତପନ ଆମ ଗାଁର ଗର୍ବ, ଯାହାକୁ ନେଇ ଆମେ ଗୌରବାନ୍ୱିତ ମନେକରୁ, ହେଲେ ................!!

ଏ' ହେଲେ, ର ଅର୍ଥ ଟିକୁ ଖୋଜୁ ଖୋଜୁ ଅନେକ ଯୁବ ବଂଧୁ ବାଧକଲେ ସେମାନଙ୍କୁ କଛି କହିବାକୁ ଦିଆଯାଉ, ଆଉ ସୁଯୋଗ ମିଳବା ମାତ୍ରେ ମୁଁ ଯେଉଁ ସାରମର୍ମ ସଂଗ୍ରହ କଲି ତାହା ଏହିପରି ଥିଲା - ତପନ ଏ ମାଟି ମାଆର ସୁଯୋଗ୍ୟ ସନ୍ତାନ, ହେଲେ ଏ ଗାଆଁକୁ ଭଲ ରାସ୍ତା ଖଣ୍ଡେ ନାହିଁ । ତାପରେ ସ୍ମୃତିରକ୍ଷା ପାଇଁ ରାଜ୍ୟସ୍ତରରେ ସେମିତି କୌଣସି ଆଖି ଦୃଶିଆ ପଦକ୍ଷେପ ଏ ପର୍ଯ୍ୟନ୍ତ ନଆଯାଇ ପାରିଲା ନାହିଁ । ଗାଁ ଭିତରେ ତପନ ପରି ଶହୀଦ ହୋଇଯାଇଥିବା ପିଲାମାନଙ୍କର ବାପା - ମାଆ ମାନେ ଅବହେଳିତ ହେଲେ ସେଥିପ୍ରତି କାହାର ନଘା ନଥାଏ...............!!

ମୁଁ ଏସବୁର ଅର୍ଥକୁ ଯୋଡୁଥିଲି, ହେଲେ ଏ ଯୋଡିବାକୁ ଅଧିକ ସକ୍ରିୟ କରିଥିଲେ ବିଦ୍ୟାଳୟସ୍ତରରେ ଥିବା ସେଇ ଗାଁ ପିଲା। ଶହୀଦ ତପନଙ୍କ ପାଇଁ ଆମ ଗାଁ ଆଜି ଇତିହାସରେ । ଆମେ ସବୁ ତାଙ୍କ ପରି ହେବାକୁ ଚାହୁଁ ............!!

ସ୍ତ୍ରୀ ଲୋକମାନଙ୍କ ପାଖରୁ ଫିଟିଥିଲା କଥାର ଗୁମର – ଆହା ! କେତେ ଭଲ ପିଲାଟି ନ ଥିଲା କହିଲ । ହେଲେ ଦଇବ କ'ଣ ଏତେ ସୁଖ ଦେଖି ପାରିଲା । ବିଚରା ବାପା - ମାଆ ଯାହା ହନ୍ତସନ୍ତ ହେଲେ । ପୁଅ ନୁହେଁ ତ ହୀରା ଖଣ୍ଡେ ଗଲିଗଲା....... ଛିଃ ଛିଃ ସେ ବୋହୂଟା.........!! ପୁଅଟାକୁ ନେଇ ବାପଘରେ ରହିଛି । ତା' ବାପା - ମାଆ ଲାଗିଛନ୍ତି ଆଉ ଗୋଟାକ ସହ ବାହା କରାଇ ଦେବା ପାଇଁ ....କାନ୍ଦି କାନ୍ଦି ମରୁଛନ୍ତି ଏ ବୁଢା ବୁଢୀ ଦି' ଜଣ ।

ମୁଁ ସବୁ କଥାକୁ ତଉଲୁଥିଲି ଆଉ ମୋର ଏଠାକୁ ଆସିବା ରାସ୍ତାରେ ଯେଉଁ ସବୁ କଥା ଭାବି ଭାବି ଆସିଥିଲି, ତାହା ସହିତ ତୁଳନା କରି କରି ବେଶ୍ ଚକିତ ହୋଇ ପଡିଥିଲି କହିଲେ ଚଳେ ।

ଶହୀଦ ତପନର ଘର ପାଖରେ ପହଞ୍ଚିଲା ବେଳକୁ ଜନତାଙ୍କ ସ୍ରୋତ ମୋ ପିଛା ଛାଡୁ ନଥିଲା । ଘର ବାରଣ୍ଡାରେ ବସିଥିବା ତପନର ବାପା ଅଧିକ ବୃଦ୍ଧ ଓ ଦୁର୍ବଳ ମନେ ହେଉଥାନ୍ତି । ଆଖିରୁ ଲୁହ ଶୁଖିନଥିବା ତପନର ମାଆ ବିଞ୍ଚଣାରେ ବିଞ୍ଚୁଥାନ୍ତି, ସ୍ୱାମୀଙ୍କ

ଭାଙ୍ଗି ପଡୁଥିବା ଶରୀରକୁ । କାହାରି ମୁହଁରେ ନଥାଏ ଭାଷା । ପିଣ୍ଡା ପାଖକୁ ଉଠି ନମସ୍କାର କରିବା ଅବସରରେ ନିଜର ପରିଚୟ ଦେଲି । ତପନର ମାଆ ସେଠାରୁ ଘୁଞ୍ଚି ଏରୁଣ୍ଡି ବନ୍ଧକୁ ଲାଗି ଠିଆ ହୋଇ ପଡିଲେ । ବୃଦ୍ଧଙ୍କ ନିର୍ଦ୍ଦେଶ ମତେ ସେଇ ପାଖରେ ବସିଲି ।

-ଭେଣ୍ଡିଆ ପୁଅ ଚାଲିଗଲା । ନାତିଟାକୁ ନେଇ ବାପଘରକୁ ଚାଲିଯାଇଛି ବୋହୂ । ଏବେ ଆମେ ଏକା ଏକା । ଭାଗ ଚାଷୀ ର ଭରସା ରେ ବିତୁଛି ଦିନ । ନାତି ମୁହଁରେ ପୁଅର ଚେହେରା ଦେଖି ଦେଖି ଶେଷ କାଳ ଟା କଟିଯିବ ବୋଲି ଭାବିଥିଲୁ ହେଲେ କାଳ ସାଜିଛି ବଇରୀ । ସୁନା ପ୍ରତିମା ପରି ବୋହୂ ଟା ମୋର ପର ବୋଲରେ ବାପା ଘରକୁ ଚାଲିଯାଇଛି । ମନ କଲେ କେବେ କେମିତି ଏଇ ବାଟ ଦେଇ ବୁଲିଯାଏ । ନାତି ଟା କୁ କୋଉ ଗୋଟେ ସ୍କୁଲ ରେ ଛାଡିଛି ଯେ, ବର୍ଷକ ରେ ଥରେ ଦୁଇଥର ଛୁଟି । ଛୁଟି ରେ ଆସିଲେ ନିଜ ଘର ଟା ପାଲଟେ ବନ୍ଧୁ ବାନ୍ଧବ ଙ୍କ ଘର ପରି ଅଳ୍ପଦିନ ର ରହଣି ସ୍ଥଳ । ଘଡିଏ ଦୁଇଘଡି ପାଇଁ ଆସି, ବିଜୁଳସମ ମାଆ ସାଥିରେ ଚାଲିଯାଏ । ଦେଖି ବି ନଦେଖିଲା ପରି ଲାଗେ । ଆଖି ଲୁହ ଆଖିରେ ରହି ମନ କୁ କନ୍ଦାଏ । ଅସରନ୍ତି ଦିନ ଗୁଡାକ ରେ ବେଶୀ ବେଶୀ ମାନେ ପଡେ ତପନ । ନିଦାରୁଣ ଯମ, ଯୁବକ ପୁଅ କୁ ସିନା ନେଇଗଲା, ହେଲେ ଆମକୁ କାହିଁକି ଯେ, ବଞ୍ଚାଇ ରଖିଛି ତାହା କିଏ ଜାଣେ ?

ଏତେ କଥାକୁ କହିଲା ବେଳେ ଦୁଇ ପ୍ରାଣୀ କାନ୍ଦୁଥାନ୍ତି । ମୋ ମୁହଁରେ କୌଣସି ଗୋଟେ ହେଲେ ବି ପ୍ରଶ୍ନ ନଥିଲା । କାରଣ ଯାହା ପଚାରିବା କଥା, ସେ ସବୁ ସ୍ୱତଃ ମୋ ସାମ୍ନା କୁ ଆସି ସାରିଛି ।


ଛେପ ଢୋକି କେବଳ ଏତିକି ପଚାରିଲି - ମଉସା! ତମକୁ କ'ଣ କଛି ସରକାରୀ ସହାୟତା ମିଳଛି?

ବୃଦ୍ଧ ହସିଲେ । ଭାରି କରୁଣ ସେ ହସ । ସତେ ଯେମିତି କେତେ ହଜାର କୋରଡ ମାଡ ପରେ ଗୋଟେ ଲୋକକୁ ବାଧ୍ୟ କରାଯାଇଛି ହସିଦେବା ପାଇଁ - ହଁରେ ପୁଅ ସବୁ ସହଯୋଗ ସରକାର କରିଛନ୍ତି । ଟଙ୍କା ପଇସା ଠୁଁ ଆରମ୍ଭ କରି ପୁଅର ପେନସନ୍ ।

ଶହୀଦ ହେବାପରେ ରାଜଧାନୀରେ ଜାଗା ଓ ଘର ସବୁ ଲେଖିଦେଇଛନ୍ତି, ହେଲେ ଏ ସବୁ ହେଲା ବୋହୂ ନାଁରେ । ବୋହୂ ଟା  ମୋର ସୁନା ନାକୀ, ଆଜି ସିନା ମନ ବୁଝୁନ ବୋଲି ବାପଘରେ ରହୁଛି ହେଲେ, ଆମ ବୁଢା ବୁଢୀ ଦି'ଟାର ମନ କହୁଛି ସେ ନିଶ୍ଚୟ ଫେରିବ ......... । ମୋ ନାତି କୋଟି କରେ ଗୋଟିଏ ହେବ । ତା' ବାପା ପରି ଆମର ନାଁ ଟେକ କରିବ ।

ବୃଦ୍ଧ ଓ ବୃଦ୍ଧା ଦୁହେଁ ଲୁହ ଗଡାଉଥିଲେ । ସମବେତ ଜନତା ଥିଲା ହତବାକ୍ । ମୁଁ ଅପ୍ରତ୍ୟାଶିତ ଭାବରେ ନୀରବ ଥିଲି ହେଲେ ଶ୍ରେମନ୍ତିତ ମନ ତଳେ ଗୋଟିଏ ଛୋଟ ଅଥଚ ବହୁ ମୂଲ୍ୟବାନ ପ୍ରଶ୍ନ ଉଙ୍କି ମାରୁଥିଲା - ତପନର ସ୍ତ୍ରୀ ଘର ବାହୁଡା ହେବତ?

ମାତୃକୁଟୀର, କୁରୁଣ୍ଡି, ମେରାମଣ୍ଡଳୀ, ଢେଙ୍କାନାଳ



# ଏହି ମୋର ଗାଆଁ



ପ୍ରଶାନ୍ତ କୁମାର ନାଥ

ଏହି ମୋର ଗାଆଁ
ସକା ଳସୁରୁଜ ଯେଉଁଠି ଆସି
ଦେଉଛି ତାର ଛୁଆଁ ।
ଏହି ମୋର ଗାଆଁ
ଓଳରେ ଏଠି ଲଙ୍ଗଳ ଅଛି
ମନ୍ଦିରର ଦେଖ ନେତ ଉଡୁଛି
କଅଁଳା ବାଛୁରୀ ଡିଆଁ ମାରୁଛି
ଗାଇଆଳ ଟୋକା ଡାକ ଛାଡୁଛି
କୁନପିଲା୍ର କାନ୍ଦ ଯେଉଁଠି
ସୁଭଇ କୁଆଁକୁଆଁ
ଏହି ମୋର ଗାଆଁ
ଏହି ମୋର ଗାଆଁ ।
ସୁନାକ୍ଷେତରେ ଧାନ ଫଳୁଛି
ପଖାଳ ଏଠି ମନକଣୁଛି
ଜୁଈ ଜାଇର ବାସ ଛୁଟୁଛି
ଜହ୍ନି କାକୁଡି ଲତା ମାଡିଛି
ସକାଳ ହେଇ ଗୃଷୀ ଭାଇଟି
ପିଉଛି ନାଲି ଗୃ
ଏହି ମୋର ଗାଆଁ......... ।
ସନ୍ଧ୍ୟା ହୋଇଲେ ପକ୍ଷୀ ଫେରୁଛି
ଝୁଣାଧୂପର ବାସ ଛୁଟୁଛି
ଗୀତା ଭାଗବତ ପାଠ ହେଉଛି
ଆଈ ମା ବି ଗପ କହୁଛି
ସକାଳେ ହେଲ୍ ବସ୍ତାନୀ ଖୋଲି
ପଢ଼ନ୍ତି ଅ..ଆ
ଏହି ମୋର......
କାନ୍ଥରେ ଏଠି ଝୋଟି ପଡୁଛି
ନୂଆ ବୋହୁଟି ଲା୍ଜକରୁଛି
ସାଙ୍ଗସାଥୀଙ୍କର ଖଟି ଜମୁଛି
ଜାଲୁଅ ବି ଏଠି ମାଛ ଧରୁଛି
ସ୍ନେହ ପ୍ରେମରେ ସମସ୍ତେ ବନ୍ଧା
ଜଣେତ ଅନ୍ୟର ସାହା
ଏହି ମୋର.......
ବାର ମାସରେ ତେର ପରବ

ମୁଣ୍ଡ ଉଙ୍କୁଣୀ ଦେଖାହେଉଛି

ମାଟିହାଣ୍ଡିରେ ଭାତ ବସୁଛି

ଗାଆଁ ଜନ୍ତାଳ ଏବେବି ଅଛି

ଗାଁଆର ଶୋଭା ମନ ତୋଷୁଛି

ମମତା ଡୋରୀରେ ସେ ବାନ୍ଧି ରଖିଛି

ଗାଆଁଟି ମୋର ମାଆ

ଏହି ଆମରି ଗାଆଁ....

ନଂ-୧୦,ଫାଷ୍ଟ ଫ୍ଲୋର, ଫାଷ୍ଟ ବି କ୍ରସ,
ଏସ୍.ଜି.ଏନ୍ ଲେଆଉଟ୍, କସ୍ମିକ୍ ଏମ୍ବାସୀ,
ବାଙ୍ଗାଲୋର-୫୬୦୦୨୭



ଶୈଳଜା ମିଶ୍ର

# ବନ୍ଧୁ

ବନ୍ଧୁ ଅତୀତର
ଦେଖାହେଲା ମୋର
ଜୀବନର ସାୟାହ୍ନେ
"କପରି ଅଛ"?
ସାକ୍ଷାତେ ପ୍ରଶ୍ନ,
ମୋଟା ଚଷମା ଫ୍ରେମ୍ ଭିତର
ମୋର ପାଣିଚଆ ଆଖିଟା"
ବୁଲାଇ ଆଣିଲା ତାଙ୍କ ସାରା ଶରୀର ।
"ସେମିତି ଅଛି" ଉତ୍ତର ସଂକ୍ଷିପ୍ତ
"କନ୍ତ"
ପ୍ରଶ୍ନୀଳ ଆଖି ତାଙ୍କ ପଗ୍ଭରିଥିଲା ପ୍ରଶ୍ନ
"ସଞ୍ଜ ସକାଳ
ଅବସର ଅପରାହ୍ନ
ପିଲାଛୁଆ ଜଞ୍ଜାଳ
ଏ ଦୀର୍ଘ ପଥ"
କପରି ଥିଲା ମୋ ପରର ଭବିଷ୍ୟତ?
ଓଠ କନ୍ତ ଥରୁଥିଲା ।
ଦୀର୍ଘଶ୍ୱାସ ଢେଉରେ କେବଳ ଭାସି ଆସିଲା
ଢଳଢଳ ଉତ୍ତର
"ଠିକଣା ନାହିଁ ମନର
ଶରୀରଟା ଖାଲି କର୍ତ୍ତବ୍ୟରତ" ।

ପ୍ଲଟ୍ ନଂ – ୩୬୫, ଶାସ୍ତ୍ରୀ ନଗର, ଭୁବନେଶ୍ୱର

# କ୍ଷଣିକ ଖୁସି



ସୁଲୋଚନା ପଟ୍ଟନାୟକ

ସୁଚରିତା ମନେ ମନେ ବହୁତ ଖୁସି ହେଉଥାଏ । ସିଏ ଜାଣେ ବାପା ମା ଆଉ ଭାଇ ସମସ୍ତେ ଭଳି ଖୁସି ଅଛନ୍ତି । ବୋଉ ମୁଣ୍ଡରୁ ବଡ ଚନ୍ତାଟାଏ ଚାଲି ଯାଇଛି । ଜେଜେମାଙ୍କର ଗୋଡ ତଳେ ଲାଗୁନ । ମରିବା ପୂର୍ବରୁ ନାତୁଣୀର ବାହାଘର ଦେଖି ମରିବେ । ସେଇ ଖୁସିରେ ସିଏ ଯେମିତି ଆଉ କିଛି ବର୍ଷ ଅଧିକା ବଞ୍ଚିଯିବେ । ୭୫ ବର୍ଷ ବୟସ ହେଲେ ବି ସିଏ ସୁସ୍ଥ ସବଳ ଓ ଖୁବ କାମିକା, କିନ୍ତୁ ନିଜକୁ ସବୁବେଳେ ବୃଦ୍ଧା ବୋଲି ଭାବନ୍ତି । ୩୨ ବର୍ଷରୁ ନିଜ ସ୍ୱାମୀକୁ ହରାଇ ଅନେକ ଦୁଃଖ ଦୁଃର୍ବିସହ ଜୀବନ କଟାଇ ସାରିଛନ୍ତି ଜେଜେମା ସୁନୟନା । ଦୁଇଟି ବୋଲି ପୁଅ ତାଙ୍କର । ଦୁହିଁଙ୍କୁ ଭଲରେ ମଣିଷ କରିପାରିଛନ୍ତି, ସେଇଥିରେ ସିଏ ଖୁସି ।ସେଇ ସୁଖ ତାଙ୍କୁ ବଂଚାଇ ରଖିଛି । ଭାଇ ଭଗାରୀ ଘର ଭିତରେ ପଖାଳ, ଶାଗ ଖାଇ ସେମାନେ ବଢିଛନ୍ତି । ବଡ ପୁଅ ଓକିଲ ଆଉ ସାନ ପୁଅ ସରକାରୀ ଅଫିସର ହୋଇ ପ୍ରତିଷ୍ଠିତ । ଏବେ ଛାତି ଫୁଲାଇ ଚାଲିବାର ସମୟ ଆସିଛି। ଆଜି ନାତୁଣୀର ବାହାଘର ହେବ, ତା'ଠାରୁ ବଡ ଖୁସିର ଦିନ ଆଉ କଣ ହୋଇପାରେ ? କିଏ ଜାଣେ ସିଏ କେତେ ଦିନ ବଞ୍ଚିବେ ? ବୋହୂ ସୁନନ୍ଦା ତାଙ୍କର ସବୁ କଥା ବୁଝନ୍ତି । ଖାଇବା, ପିଇବା, ଠିକ ସମୟରେ ଔଷଧ ପତ୍ର ଦେଇ ତାଙ୍କୁ ଖୁସିରେ ରଖିବାକୁ ଆପ୍ରାଣ ଚେଷ୍ଟା କରିବାରେ ହେଳା କରିନାହାନ୍ତି କେବେ । ତାଙ୍କର ଘରୋଇ ଡାକ୍ତରଙ୍କୁ କହି ଭିଟାମିନ ଦେଇ ଥାନ୍ତି ଶାଶୁଙ୍କୁ । ନାତି, ନାତୁଣୀ ମାନେ ଯେତେବେଳେ ଯାହା ଭଲ ମନ୍ଦ ଖାଆନ୍ତି, ମା'କୁ ଟିକିଏ ନ ଚଖାଇଲେ ଖାଆନ୍ତି ନାହିଁ । ବୋହୂ ସୁନନ୍ଦା ଆଉ ପୁଅ ଦିବାକର ବାବୁ ବେଳେ ବେଳେ ବିରକ୍ତ ହୁଅନ୍ତି, କାଳେ ବୁଢିଙ୍କର ଦେହ ଖରାପ ହୋଇଯିବ ବୋଲି । କାହା କଥା ନ ମାନି ସାନ ନାତୁଣୀ ଗଛରୁ ପାଚିଲା ପିଜୁଳି, ଆମ୍ବ, ଅମୃତଭଣ୍ଡା ବାପା ବୋଉଙ୍କୁ ଲୁଚାଇ ଜେଜେମାକୁ ଦେଇ ଭାରି ଖୁସି ହୁଏ । ହସ ଖୁସିରେ

ସଂସାର ଚାଲୁଥାଏ । ଏତେ ଆନନ୍ଦର ଦିନ ସବୁବେଳେ ରହିଲାନି । ହୁଏତ କାହାର ଖରାପ ନଜର ପଡିଗଲା ତାଙ୍କର ସଂସାର ଉପରେ । ଅକାଳରେ ହୃଦରୋଗରେ ପଡି ବଡ ନାତି ଅଘଟନକ ଚାଲିଗଲା । ପରିବାରରେ କଳା ମେଘ ଘୋଟିଗଲା । ତାଙ୍କର ଛୋଟ ସଂସାରରେ ପୁଣି ଦୁଃଖ ଛାଇ ହୋଇଗଲା ।

ଆଜି ଅନେକ ଦିନ ପରେ ଘରେ ଖୁସି ଖବରଟିଏ ଆସିଛି । ବଡ ନାତୁଣୀର ବାହାଘର ଆଉ ସପ୍ତାହ ଦୁଇଟାରେ ହେବାର ଅଛି । ବୁଢୀର ଗୋଡ ପାଦକରୁ ଲମ୍ବି ଛଅ ପାଦରେ ପଡୁଛି । କଅଣ କରିବ, କେତେବେଳେ କରିବ ଭାବି ମନରେ ଗୋଟାଏ ତାଲିକା କରିଛି । ବୋହୁକୁ ପ୍ରତି ଦୁଇ ମିନଟରେ ଥରେ ଡାକ ତାଗିଦା କରୁଛି । ସୁନନ୍ଦା ବାହାଘରକୁ କାହାକୁ ଡାକବେ ତାର ଗୋଟାଏ ତାଲିକା କରିଛନ୍ତି । ସୁନୟନା ସେଥିରେ ସବୁଦିନ ଜଣେ ଦୁଇ ଜଣଙ୍କୁ ଯୋଡୁଛନ୍ତି । କଏ ଆସିପାରିବେ ଏତେ କମ ସମୟରେ ସେଥିକୁ ତାଙ୍କର ଚନ୍ତା ନାହିଁ । ସୁଚକୁ ଯେଉଁଠି ଦେଖିଲେ ବୁଢ଼େ ଆଉଁସି ପକାଇ ସୁଁ ସୁଁ କରି କାନ୍ଦୁଛନ୍ତି । "ତତେ ଛାଡି ମୁଁ କେମିତି ବଞ୍ଚିବି ସୁଚ" **?** ସେଇଆ ହେଲା ତାଙ୍କ କାନ୍ଦିବାର ମୂଳ କାରଣ । ସୁଚର କନ୍ତୁ କେଉଁଥିରେ ଖାତିର ନାହିଁ । ନା ମାଆର କାନ୍ଦ, ନା ବୋଉର ଖୁସି **!** ସିଏ ଯେମିତି ଗୋଟାଏ ଆବେଶରେ ରହିଯାଇଛି । ବାହା ହେବ, ଘର ଛାଡି, ପରିବାର ଛାଡି ଅନ୍ୟ କାହଘରକୁ ଯିବା ପାଇଁ ନୁହେଁ, ନଜ ଦେଶ ଛାଡି ଆଉ ଏକ ଦେଶରେ ନଜ ଘର ବସାଇବ ସେଇଟା ତାର ଚନ୍ତାରେ ପଶିଛି ।

ସୁଚ ହାଇସ୍କୁଲ ପାଶ କରିବାର ପାଞ୍ଚ ବର୍ଷ ହୋଇଗଲାଣି ଏ ଭିତରେ । ଯେଉଁଥି ପାଇଁ ସିଏ କଲେଜ ଯାଇ ପାରି ନଥିଲା ସେ କଥା ବି ସିଏ ଭୁଲି ଗଲାଣି । ସୁନନ୍ଦା ସୁସ୍ଥ ହୋଇ ସାଧାରଣ ଜୀବନ କଟାଉଛନ୍ତି ଏବେ । ଘର କାମ, ବାହାର କାମ ସବୁ କରିପାରୁଛନ୍ତି । କନ୍ତୁ ସୁଚ ହିଁ ତାଙ୍କର ଡାହାଣ ହାତ ହୋଇ ରହି ଯାଇଛି । ସୁଚ ନଥିଲେ ଯେମିତି କେଉଁ କଥା ସୁରୁରୁ ରୂପେ ହୋଇପାରନ୍ତା ନାହିଁ । ଘରେ ସମସ୍ତେ ସୁଚର ସାହାଯ୍ୟ ଲୋଡନ୍ତି । ସମସ୍ତେ ସବୁବେଳେ ସୁଚ ସୁଚ ହେଉଥାନ୍ତି । ତେଣୁ ସୁଚ ବାହାଘର ସ୍ଥିର ହେବାଦିନୁ ଯେମିତି ସୁଖ ଭିତରେ ଦୁଃଖ ବି ଛପି ରହିଛି । ସୁନନ୍ଦା ସୁଚ ପାଇଁ କେବେଠାରୁ ସୁଚର

ମନ ମୁତାବକ ଗହଣା କଛି ସାଇତି ରଖିଥିଲେ ବୋଲି ଏବେ ଏତେ ଚନ୍ତା କରିବାକୁ ପଡୁନ ତାଙ୍କୁ । ନୂଆ ଶାଢି କଛି କଣିବାକୁ ପଡିବ ଆଉ ବେଖିର ପାଇଁ କଛି ଲୁଗା ପଟା କଣିବା ନହାତି ଦରକାର । ଆଗରୁ ସାଇତି ରଖିଥିବା ଶାଢିର ବ୍ଲାଉସ ତିଆରି କରିବାକୁ ଦର୍ଜିକୁ ଦେବାକୁ ହେବ । ଏତେ ସବୁ କଥା ତାଙ୍କ ମନକୁ ଘାରି ରଖିଛି । କନ୍ତୁ ସୁଚ ଭାବୁଛି, ସିଏ ତ ଆମେରିକା ଯିବ, ତାର ଶାଢିର ଆବଶ୍ୟକତା କେତେ ? ସେଠି ଥଣ୍ଡାରେ କଏ ଶାଢି ପିନ୍ଧିବ ? ଲୋକ ବି ଦେଖିଲେ କଅଣ ଭାବିବେ ? ସେଠି ଯାଇ ସିଏ ଜିନ -ସାର୍ଟ ପିନ୍ଧିବ । ସେଇ କଥା ମନକୁ ଆସିଗଲେ ତାକୁ ଭାରି ଖୁସି ଲାଗୁଛି । ଆମେରିକା ବିଷୟରେ ସିଏ ଯେତିକ ଭୂଗୋଳ ବହିରେ ପଢିଥିଲା । ଆଉ କୌଣସି ସୁଯୋଗ ନାହିଁ ଆମେରିକା ବିଷୟରେ ଜାଣିବାର । କାହାକୁ ପଗ୍ଚରି ଜାଣିବାର ପ୍ରବଳ ଆଗ୍ରହ ତାର । ସିଏ ହେଉଛି ପ୍ରଥମ ଝିଅ ଯିଏ ଆମେରିକା ଯିବ ତାର ସମସ୍ତ ହାଇସ୍କୁଲ ସାଙ୍ଗଙ୍କ ଭିତରୁ । ସାଙ୍ଗ ମାନେ କେତେଜଣ ଏ ଯାଏଁ କଲେଜ ଶେଷ କରିନାହାନ୍ତି । ସେମାନଙ୍କ ଭିତରୁ ପାଞ୍ଚ ଛଅ ଜଣ କେବଳ ବାହା ହୋଇଛନ୍ତି । ମନୋରମା ତ ଯାହାକୁ ଭଲ ପାଉଥିଲା ତାକୁ ବାହା ହୋଇ ଏଇଠି ରହିଛି, ଖୁସିରେ ଅଛି । ମାସକୁ ଥରେ ଦୁଇଥର ତା ସହ ଦେଖା ବି ହୁଏ । ମଙ୍ଗରାଜ ବାବୁ ଡାକ୍ତରଙ୍କ ଝିଅ ଶାନ୍ତି ବାହା ହୋଇ ବାଙ୍ଗାଲୋରରେ ଅଛି । ଆଉ ଦୁଇ ଜଣ କଟକରେ ରହୁଛନ୍ତି । ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ସିଏ ଆମେରିକା ଯିବ । ସେଇ କଥା କେମିତି ସମସ୍ତଙ୍କୁ କହିବ ତାକୁ ଆଉ ବୁଦ୍ଧି ଦିଶୁନ । ବେଳେ ବେଳେ ଭୟ ବି ଲାଗୁଛି । ଅନୁରାଗ ବାବୁ ଆମେରିକାରେ ଜଣେ ବଡ ସାଇଣ୍ଟିଷ୍ଟ । ସିଏ କେମିତି ଆଉ କାହିଁକ ତାକୁ ବାହା ହେବାକୁ ରାଜି ହୋଇଛନ୍ତି ତାର କାରଣ ସିଏ ଜାଣି ପାରୁନ । ସୁଚ ଦେଖିବାକୁ ଗୋରା ଆଉ ସୁନ୍ଦର, କନ୍ତୁ ପାଠ ତ ମାତ୍ର ହାଇସ୍କୁଲ ପାଶ ! ଯୌତୁକର ଲୋଭ ନାହିଁ ବା ନଥିବ ଅନୁରାଗ ବାବୁଙ୍କର, କାରଣ ଆମେରିକାରେ ରହୁଥିବା ଲୋକଙ୍କର ପଇସାର ତ ଅଭାବ ନ ଥିବା କଥା । ଆନୁରାଗ ବାବୁ ବି ଦେଖିବାକୁ ଭାରି ସୁନ୍ଦର । କେମିତି ଭାରି ନମ୍ରତାର ସହ କଥା ବାର୍ତ୍ତା କରନ୍ତି ! ଆମେରିକାରେ ଦଶ ବର୍ଷ ରହିଲା ପରେ ବି ଶୁଦ୍ଧ ଓଡିଆରେ କଥା କୁହନ୍ତି । ଏ ସବୁ କାରଣ ସତ୍ତ୍ୱେ ସିଏ ତାକୁ ବାହା ହେବାକୁ ରାଜି ହେବାର କାରଣ ସିଏ ଜାଣି ପାରୁନ । ବେଳେ ବେଳେ ସେଇ ଚନ୍ତା ତାକୁ ଅସ୍ଥିର କରୁଛି । ଘରେ ସମସ୍ତେ

ବାହାଘର ଚନ୍ତା ନେଇ ଏତେ ବ୍ୟସ୍ତ ଯେ ହୁଏତ କାହାକୁ ଚନ୍ତା କରିବାର ଅବସର ବି ମିଳୁନ । ଅନୁରାଗ ବାବୁଙ୍କୁ ଜୁଆଇଁ କରି ପାଇବେ ବୋଲି ସମସ୍ତେ ଭାରି ଖୁସି । ସୁଚ ବି ବେଳେ ବେଳେ ବୋଉ ରଖିଥିବା ତାଙ୍କର ପାସପୋର୍ଟ ଫୋଟୋକୁ ଲୁଚାଇ ଲୁଚାଇ ଦେଖି ଭିତରେ ଭିତରେ ଖୁସି ହେଉଛି ।

ସେଦିନ ସୋମବାର ହୋଇଥାଏ । କଟକରେ ଦୋକାନ ବଜାର ବନ୍ଦ । ତେଣୁ ବାହାରକୁ ଯିବାର ପ୍ରସ୍ତାବ ନ ଥାଏ । ସୁଚ ଏକୁଟିଆ ବସିଥିବାରଦେଖି ସୁନନ୍ଦା ତାକୁ ପାଖକୁ ଡାକଲେ। ନଣନ୍ଦ ବାକ୍ସଟିଏ ସଜାଡିବାରେ ସାହାଯ୍ୟ କରିବାକୁ କହିଲେ । ଶାଢି, ବ୍ଲାଉସ ସାୟା ସହ ପାଉଡର ସ୍ନୋ ଆଉ ନେଲପଲିସ ଇତ୍ୟାଦି ରଖି ସାରିଲା ପରେ ସୁଚରିତା ଶାଶୁଙ୍କ ବାକ୍ସସଜାଡିବ କହି ଗୋଲାପି ରଙ୍ଗର ଓଡଶୀ ହାଣ୍ଡଲୁମ୍ ଶାଢିଟିଏ ରଖିଲା । ଠିକ ସମାନ ସୁଟକେଶଟିଏ, ସବୁ ସମାନ ଜିନଷ । କେବଳ ନଣନ୍ଦଙ୍କ ପାଇଁ ସୁନାର କାନଫୁଲ, ଚେନ ଓ ମୁଦି ସେଟ୍‌ଟିଏ ଆଉ ଶାଶୁ ବାକ୍ସରେ ଆମେରିକାନ ଡାଇମଣ୍ଡର ତାରଫୁଲ ପରି କାନଫୁଲ । ସୁନନ୍ଦା ବିରକ୍ତ ହୋଇ କହିଲେ, "ଶାଶୁ ତ ବିଧବା ଲୋକ, ଗୋଲାପି ଶାଢି ସିଏ କଣ ପିନ୍ଧିବେ"? ସୁଚ ସେକଥା ଶୁଣି ହସି ହସି ଗଡିଗଲା, ବୋଉକୁ କହିଲା, "ତୋର ପୁରୁଣା ଢଙ୍ଗ ଗଲାନ । ଯାହା ପୁଅ ଆମେରିକାରେ ଅଛି, ସିଏ କଣ ଏ ଯାଏଁ ନିୟମ କାନୁନ ମାନ ଚଳୁଥିବେ?ସିଏ ତ କେତେ ଥର ଆମେରିକା ଯାଇ ସାରିବେଣି । କଏ ଜାଣେ ସିଏ କଣ ପିନ୍ଧୁଛନ୍ତି ?" ସୁନନ୍ଦା ମନକୁ ଏ କଥା ଗଲା ନାହିଁ । ସିଏ ଧଳାରେ କଳା ବଡର ଥିବା ଓଡିଶୀ ପାଟ ଶାଢିଟିଏ ରଖିଲା । ସଜାଡି ସାରିବା ପରେ ମା ଝିଅ ଗଲେ ଅନ୍ୟାନ୍ୟ କାମ କରିବା ପାଇଁ ।

ହଠାତ ସୁଚର ସାନଭାଇ ଟିଟୁ ଧଇଁ ସଇଁ ହୋଇ ଦୌଡି ଆସି ବୋଉକୁ କହିଲା, "ଯା ବୋଉ ଦେଖିବୁ, ବାହାରେ କଏ ଆସିଛନ୍ତି" । ସେତେବେଳକୁ ସଂଧ୍ୟା ହୋଇ ଆସୁଥାଏ। ସୁନନ୍ଦା ତରବର ହେଉଛନ୍ତି, ସଂଜ ଦେବା ପାଇଁ । "କଏ ବା ଆସିବ ବର୍ତ୍ତମାନ" କହି ସିଏ ଦାଣ୍ଡଘରଆଡକୁ ଚାଲିବାକୁ ଲାଗିଲେ । ଟିଟୁ ବି ସାଙ୍ଗରେ ଯାଉ ଯାଉ କହିଲା, "ସେଇ ଲୋକ, ଯିଏ ଅପାକୁ ବାହା ହେବେ, ବର୍ତ୍ତମାନ ଏକୁଟିଆ ଆସିଛନ୍ତି" । ସୁନନ୍ଦା ଚନ୍ତା କରି

ପାରିଲା ନାହିଁ । ମନକୁ ମନ କହିଲା, "ଡକା ଡକ ନାହିଁ, ହଠାତ କେମିତି ଆସିଛନ୍ତି?ତେବେ ତାକୁ କବାଟ ଖୋଲିବାକୁ ପଡିଲା ନାହିଁ । ମୂର୍ଖ ଟିଟୁ, କବାଟଟାକୁ ଖୋଲା ରଖି ଚାଲି ଆସିଥିଲା ।ସୁନନ୍ଦା ମୁହଁରେ ସାମାନ୍ୟ ହସ ହସି "ଆସ ପୁଅ ଭିତରକୁ ଆସ, ବାହାରେ ଠିଆ ହୋଇଛ କାହିଁକି" କହି ଭିତରକୁ ନେଇଗଲା ଅନୁରାଗ ବାବୁଙ୍କୁ । ସୋଫାରେ ବସିବାକୁ କହି ସୁଚକୁ ଡାକଲା । ସୁଚ ଲାଜ ଲାଜ ହୋଇ ଆସି କବାଟର ପରଦା ପାଖରେ ଠିଆ ହେଲା । ସୁନନ୍ଦା କହିଲେ, "ଯା ମା, ଅନୁରାଗ ବାବୁଙ୍କ ପାଇଁ ଚାହା କପେ ନେଇ ଆ । ତୁ ଆସିଲେ ମୁଁ ସଂଜ ଦେବାକୁ ଯିବି" । ଅନୁରାଗ ବାବୁ କହିଲେ, "ନାଇଁ ମାଉସୀ, ମୁଁ ବର୍ତ୍ତମାନ ଆଉ ଚାହା ପିଇବିନ । ବେଶି ଚାହା ପିଇବାର ଅଭ୍ୟାସ ବି ଛାଡିଗଲାଣି । କଫି କପେ ସକାଳୁ ଥରେ ପିଇଦେଲେ ମୋର ସେଇଥିରେ ସାରାଦିନ ଚାଲିଯାଏ । ଥାଉ, ଆଉ ଆଣନ୍ତୁନ । ମୁଁ ଆସିଥିଲି ସୁଚଙ୍କ ସଙ୍ଗେ ପଦେ କଥା ହେବା ପାଇଁ" । ସୁନନ୍ଦା ଖୁସି ହୋଇ କହିଲେ, "ଆପଣ ପଚାରୁଛନ୍ତି କେମିତି? ସେଇଟା ତ ଆମର ସୌଭାଗ୍ୟ । ବସନ୍ତୁ, ଗପସପ କରନ୍ତୁ, ପରସ୍ପରକୁ ଚହ୍ନନ୍ତୁ, ଜାଣନ୍ତୁ । ସେଇଟା ଭଲ । ଆମବେଳେ ସେସବୁ ନ ଥିଲା ପୁଅ । ତୁମ ମଉସାଙ୍କୁ ତ ମୁଁ ଯାଇ ଚତୁର୍ଥୀ ଦିନ ଦେଖିଥିଲି । ତାଙ୍କ ସ୍ୱର ବି ଶୁଣି ନଥିଲି । ସେସବୁ କାଳ ଗଲାଣି । ହଉ ତୁମେ ଦୁହେଁ ବସ । ମୁଁ ସଂଜ ଦେଇ ଆସେ" ।

ଅନୁରାଗ ସେଦିନ ଘଣ୍ଟାଏ ବସି ସୁଚ ସହ କଥା ହୋଇ ଫେରିଲେ । ବାହାଘର ପୂର୍ବରୁ ଆଉ କଥା ହୋଇନାହାନ୍ତି । ଦୁଇ ସପ୍ତାହ କୁଆଡେ ଚାଲିଗଲା । ବାହାଘର ବି ସରିଗଲା । ଅଳ୍ପ ବଂଧୁ ବାନ୍ଧବ ଆଉ ଦୁଇ ପରିବାରର ଜଣାଶୁଣା ଲୋକ ଆସିଥିଲେ । ସୁଚର ବାପା ନିଜ ଆଡୁ ଦୁଇ ପକ୍ଷର ଭୋଜି ଏକାଠି କରିବାର ପ୍ରସ୍ତାବ ଦେଇ ନିଜେ ସବୁ ଖର୍ଚ୍ଚ ବହନ କରିଥିଲେ । ଅନୁରାଗ ବାବୁଙ୍କୁ ବିଶେଷ ହଇରାଣ ବା ଖର୍ଚ୍ଚ ପଡିଲାନି । ଭଲରେ ଭଲରେ ବାହାଘର ସରିଯିବା ପରେ ସୁଚ ଅନୁରାଗ ବାବୁଙ୍କ ଘରେ ନିଜକୁ ଖାପଖୁଆଇ ଚଳିବା ଚେଷ୍ଟାରେ ଥାଏ । ଘରେ ଗହଳ କମି କମି ଆସୁଥାଏ । ଖୁବ ସକାଳୁ ଉଠିବା ଅଭ୍ୟାସ ନ ଥିବାରୁ, ବିଶେଷ କରି ସକାଳୁ ଉଠି ଗାଧୋଇବା ଅଭ୍ୟାସ ନଥିବାରୁ କଷ୍ଟ ଲାଗୁଥାଏ

ସୁଚକୁ । ସବୁ ନୂଆ ନୂଆ ଲାଗୁଥାଏ, ଡର ବି ଲାଗୁଥାଏ । କହିଁକି କେଜାଣି ଶାଶୁଙ୍କୁ ଦେଖିଲେ ଛାତିଟା ଧଡ ଧଡ ହୋଇଯାଉଥାଏ ଡର । କଣ କରିବ, କାହାକୁ ପଗ୍ଗରି କରିବ ଜାଣିପାରୁନଥାଏ ସୁଚ । ମନରେ ଆସୁଥାଏ କେମିତି ଝିଅମାନେ ଅଜଣା ଲୋକ, ଅଜଣା ଘରକୁ ନିଜର କରନ୍ତି କେଜାଣି ! ବୋଉ ଉପରେ ମନେ ମନେ ରାଗ ବି ଆସୁଥାଏ । ବୋଉ ସିନା ତାକୁ ଆଗରୁ କହିଥାନ୍ତା ତା ବୋହୁ ବେଳର ଜୀବନ କାହାଣି ! ବର୍ତ୍ତମାନ ଆଉ କିଛି କରିବାର ବାଟ ନାହିଁ । ସବୁ ନିଜ ଉପରେ ନିର୍ଭର କରୁଛି । ସୁଚ ମନକୁ ଦୃଢ କଲା । ସମୟ କ୍ରମେ ସବୁ ନିଶ୍ଚୟ ଠିକ୍ ହୋଇଯିବ ବୋଲି ଭାବିଲା । ସେଦିନ ରାତି ଦଶଟା ବେଳକୁ ସୁଚ ଶାଶୁଙ୍କୁ ପାଣି ଗିଲାସେ ଦେଇ ତାକୁ ଦିଆ ଯାଇଥିବା ବଖରାକୁ ଆସିଲା । ଅନୁରାଗ ବାବୁ ଆଗରୁ ଆସି ଖଟରେ ପଡି ଖବର କାଗଜଟାରେ ଆଖି ପକାଉଥାନ୍ତି । ସୁଚ ଆସିଲା ମାତ୍ରେ ଉଠି ସିଧା ହୋଇ ବସି ତାକୁ ପାଖକୁ ଡାକି କହିଲେ "ଆଜି ତମକୁ କିଛି କହିବି ଭାବୁଥିଲି । ତମେ ଜାଣିଛକି ନାହିଁ ଜାଣିନି, ମୁଁ ତିନି ସପ୍ତାହ ଛୁଟି ନେଇ ଆସିଥିଲି । ଆଉ ଦୁଇ ଦିନରେ ଯିବାକୁ ପଡିବ । ଆଗରୁ ତ ଟିକେଟ ହୋଇ ସାରିଛି । କାମରୁ ବି ଛୁଟି ମିଳ ା ପୁଣି ଆସିବାକୁ ବର୍ଷେ ଲାଗିଯାଇପାରେ । ମୁଁ ଜାଣିଛି ତମ ମନ ଦୁଃଖ ହେବ । କିନ୍ତୁ ହାତରେ କିଛି କରିବାକୁ ନାହିଁ । ତମେ ବୋଉ ପାଖରେ ରହିବ । ବୋଉର ଦେଖାଶୁଣା କରିବ । ତାର ତ ବୟସ ହେଲାଣି । ସେଇ କଥା ବିଚାର କରି ମୁଁ ଏ ବାହାଘରରେ ରାଜି ହୋଇଥିଲି । ମୁଁ ମଝିରେ ମଝିରେ ତୁମକୁ ଫୋନରେ ଡାକିବି । ବର୍ଷଟେ କୁଆଡେ ଗ୍ଗଲିଯିବ । ତା ଛଡା ବୋଉ ତ ଆମେରିକା ଯିବାର ନାଁ ଧରୁନି । ତେଣୁ ତୁମକୁ ସବୁବେଳେ ଏଇଠି ରହିବାକୁ ପଡିବ..." ।

ସୁଚର କାନ ଯେମିତି ତାବ୍‌ଦା ହେବାକୁ ଲାଗିଲା । ଆଉ ତାକୁ କିଛି ଶୁଣାଗଲାନି । ତାର ଆମେରିକା ଯିବା ଖୁସିର ସ୍ୱପ୍ନ କୁଆଡେ ଉଭେଇ ଗଲା । ଖୁସି ଯେ କ୍ଷଣିକ ଆଉ କେବଳ ଚନ୍ଦ୍ରାରେ ଥାଏ ତା ସିଏ ପ୍ରଥମ କରି ବୁଝିଲା ।


ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ବସନ୍ତର ବନବାସ



ହିମାଂଶୁ ଭୂଷଣ ଜେନା

ବସନ୍ତ କ'ଣ ସତରେ ବନବାସ,
ଶାସନ ଭାର ସଂପୂର୍ଣ୍ଣ ସମର୍ପିତ ଗ୍ରୀଷ୍ମ ହାତରେ
କାହାର କ'ଣ ହେଉକ ନହେଉ
କୋଇଲି କନ୍ଦୁ ଝୁରି ଝୁରି ବାରମ୍ବାର ସଂଜ୍ଞାହୀନ
ସାମାନ୍ୟ ଚେତାରେ ଗୁଣୁଗୁଣୁ ହେଉଛି
କରିଛି କ କଛି ଭୁଲ୍
କରିଛ କ ଅଭିମାନ
ତୁମ ପଦବନ୍ଦନା କରିବାକୁ ଗାଇଛି ସୁମଧୁର ସଂଗୀତ
ଗ୍ଚତକ ପରି ଗ୍ଚହିଁଛି ତୁମ ଆସିବା ବାଟକୁ
ଦେଇଛ ବଞ୍ଚିବାର ଗ୍ଚହା
ଦୁଃଖକୁ ଭୁଲିଯିବାର ସାମୟିକ ସମ୍ଭାବନା
ପ୍ରତୀକ୍ଷା କେବଳ ତୁମର ଆଗମନକୁ
ତୁମେ ପିରିଆସ, ଫେରିଆସ
ନହେଲେ, ତୁମକୁ ଖୋଜି ଖୋଜି
ମୋ ଜୀବନ ହେବ ଶେଷ,
ମୋର ବିଶ୍ୱାସ
ତୁମେ ଫେରି ଆସିବ
ଭରିଦେବ ନବ ଉନ୍ମାଦନା
ପାଇବ ସୃଷ୍ଟି ଜୀବନ୍ୟାସ ।




ସହକାରୀ ଶିକ୍ଷକ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ନଆଳ, ଯାଜପୁର

# ଜୋତା



ସତ୍ୟବ୍ରତ ସାହୁ

ଜୋତାର ଜନ୍ମ ସେବା କରିବାକୁ
ସେବାରେ ହିଁ ତା'ର ଆନନ୍ଦ/ସୌଭାଗ୍ୟ ମଧ୍ଯ
ଜୋତା ଶୋଭାପାଏ ପାଦରେ
ପାଦକୁ ସୁନ୍ଦର ଭାବେ ସଜେଇ ପାରେ ଜୋତା
ପାଦରେ ଜୋତା ଥିଲେ
ଭୟ ନଥାଏ କଣ୍ଟା ଫୁଟିବାର ଅଥବା
ଝୁଣ୍ଟି ପଡିବାର
ପାଦର ଏକ ମାତ୍ର ସୁରକ୍ଷା କବଚ ଜୋତା ।



ଜୋତାକୁ ହୀନ କହି ଘୃଣା କରନ୍ତି ଆମେ,
ତଥାପି ଦୁଃଖ କରେନା ସେ
କାର୍ପଣ୍ୟତା ଦେଖାଏନା ତା' ସେବାରେ
ଗର୍ବିତ କରେନା ବରଂ ଖୁସି ହୁଏ ନିଜେ
କଷ୍ଟ ସହି ଆମକୁ ସୁରକ୍ଷା ଦେବାରେ ।
ହୋଇପାରେ କେଉଁ ତରୁଣୀର ନରମ ପାଦର
ସ୍ପର୍ଶରେ ଜୋତା ବି ସ୍ୱପ୍ନ ଦେଖେ,
ଖୁସି ଅନୁଭବ କରେ ଟିକେ ପାଲିସ୍ କରିଦେଲେ

ଜୋତାର ବି ଦୁଃଖ ଅଛି,

ସେ ଦୁଃଖ କରେ ଯେତେବେଳେ ମାଳ ହୋଇ

ଲମ୍ବିଯାଏ କେଉଁ ଏକ ଅସାମାଜିକ

ବ୍ୟକ୍ତିର ଗଳାରେ ।

ବେଳେବେଳେ ଜୋତାର ବି ଖୁବ୍ ଚର୍ଚ୍ଚା ହୁଏ

ଯେତେବେଳେ ସେ ପାଦରୁ ବାହାରି

ଫୋପଡା ଯାଏ କେଉଁ ଏକ ନେତା ବା

ମନ୍ତ୍ରୀଙ୍କ ଉପରକୁ ।

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

ବେଦାନ୍ତୀର ଆଗାମୀ ସଂଖ୍ୟା ଜୁଲାଇ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଜୁନ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ମାନସିକ ରୋଗୀ



ଶଶଧର ମହାପାତ୍ର

ସ୍ଥାନ ହେଉଛି ଓ୍ୱାସିଙ୍ଗଟନ୍ ଡି.ସି | ଆମେରିକାର ରାଜଧାନୀ | ବ୍ୟସ୍ତବହୁଳ ଜୀବନ ଏଠି| ଦିନ ବିତି କେମିତି ରାତି ହୁଏ, ମାସ ମାସ, ବର୍ଷ ବର୍ଷ କଟିଯାଏ ଜଣା ପଡେନ । ସମୟ ଘୋଡାପିଠିରେ ବସି ଅନବରତ ଦୌଡୁଥାଏ । ଏଠି "୧୦୧ କେନଆନ୍ ଷ୍ଟ୍ରୀଟ' ରେ ଗୋଟିଏ ଦୁଇ ବେଡ୍ରୁମ୍ ଆପାର୍ଟମେଣ୍ଟରେ ରହୁଥିଲେ ମା' ଟିଏ ଓ ଝିଅଟିଏ । ମା' ନାଁ "ନୋରା' ଓ ଝିଅଟି ନାଁ "ସେରା'। ନାଁ ଦୁଇଟି ବେଶ୍ ସୁନ୍ଦର । ଝିଅଟି ମା'ର ଜୀବନ ଆକାଶରେ ସତେକି ପୂର୍ଣ୍ଣିମା ଜହ୍ନଟିଏ । ଆଜି ସେ 'ମା' ଟି ଏକାକି । "ନୋରା' ଓ "ଜେଫ୍' ପରଷ୍ପରକୁ ଭଲପାଇ ଦିହେଁ ଦିନେ ବିବାହ ବନ୍ଧନରେ ବାନ୍ଧି ହେଇଥିଲେ । ସେତେବେଳେ "ନୋରା' କୁ ଠିକ୍ ଅଠର ବର୍ଷ ଓ "ଜେଫ୍ 'କୁ ପଚଶ। ଦିହେଁ ଦିହିଁଙ୍କୁ ଭେଟିଥିଲେ ଏକ ପାର୍କରେ । "ଜେଫ୍'ର ଅତି ସୁନ୍ଦର ଚେହେରା "ନୋରା'କୁ ବହୁତ ଆକର୍ଷିତ କରିଥି । କହନ୍ତି - ପ୍ରେମ ଅଧିକାଂଶ ସମୟରେ ହେଇଯାଏ ପ୍ରଥମ ଦେଖାରେ । ଅବଶ୍ୟ ସେମାନଙ୍କ କ୍ଷେତ୍ରରେ ସେଇଆ ହେଇଥି । ପ୍ରଥମେ ଚହ୍ନା ଜଣା, ତା' ପରେ ବାରମ୍ବାର ଦେଖା ସାକ୍ଷାତ ରୂପାନ୍ତରିତ ହେଲା ପ୍ରେମରେ । ପ୍ରେମ ଏକ ଗହିରିଆ ଶବ୍ଦ । ତାଙ୍କ ପ୍ରେମ ଗପଭଳି ଲାଗୁଥିଲେ ମଧ୍ୟ ଦିନେ ସତ ହେଲା । କିଏ ଜାଣିଥିଲା ଏ' ସଂପର୍କ ଦିନେ ବିବାହ ବନ୍ଧନରେ ଦିହିଙ୍କୁ ବାନ୍ଧିଦେବ ବୋଲି । ଏ ' ବା'ଘରରେ ଦିହିଁଙ୍କର ବାପା-ମା ରାଜି ନଥିଲେ। କିନ୍ତୁ, ପ୍ରେମରେ କିଛି ବାଡବତା ନଥାଏ । କୁହାଯାଏ- ପ୍ରେମକିଛି ବାଧା ବନ୍ଧନ ମାନେନା । ମାଡିଯାଏ ନଈବଢି ଭଳି ବନ୍ଧବାଡ ଭାଙ୍ଗି । ବାପା-ମା' ଯେଉଁମାନେ ଜନ୍ମକରି ଏତେବଡ କରିଥାନ୍ତି ସେମାନଙ୍କ କଥା ସେତେବେଳେ ବିଷଭଳି ଲାଗେ । ଗୁରୁଜନ ଓ ସାଙ୍ଗସାଥୀମାନେ ଶତ୍ରୁଭଳି ଲାଗନ୍ତି । ଯୌବନର ପ୍ରାରମ୍ଭରେ ଆକାଶଟା ସତେ ଯେମିତି ହାତ ପାଆନ୍ତାରେ ଲାଗେ । ଦୁନିଆରେ ସବୁ ରଙ୍ଗୀନ୍ ରଙ୍ଗୀନ୍ ଦିଶେ । ବଲିଉଡ୍ ମୁଭିଭଳି

ଅଧିକାଂଶ ସମୟରେ ପ୍ରେମର ହିଁ ଜିତାପଟ ହେଉଥାଏ । ସେମିତି ତାଙ୍କ ଜୀବନରେ ମଧ ଘଟିଥିଲା । ବର୍ଷ ନପୁରୁଣୁ ଝିଅଟିଏ (**"ସେରା"**) ଜନ୍ମ ହେଲା । ଦୁଃର୍ଭାଗ୍ୟବଶତଃ, ଝିଅ ଜନ୍ମ ହେବାର ୨ ବର୍ଷ ପରେ "ନୋରା" ସ୍ୱାମୀକୁ ଛାଡପତ୍ର ଦେବାକୁ ବାଧ୍ୟ ହେଲା । ଏବେ "ଜେଫ୍" ଅନ୍ୟ ଏକ ଝିଅଟିର ହାତଧରି ତା'ନୂଆ ସଂସାରରେ ବ୍ୟସ୍ତ ।

"ନୋରା"ର ସ୍ୱାମୀଟି ପ୍ରାୟ ସବୁବେଳେ ବେକାର । ଅଳସୁଆଟିଏ । କେତେବେଳେ କେମିତି ଗୋଟିଏ କନ୍ଷ୍ଟ୍ରକ୍ସନ୍ କଂପାନରେ କାମ କରେ । କଥା ଖୁବ୍ ବଡ । କାମକୁ କିଛି ନୁହେଁ । କଥାରେ କହନ୍ତି- "ଅଳସୁଆଙ୍କ ବାରବାଟୀ ଚାଷ"। ବିଅର ପିଇ ଟିଭିରେ ସ୍ପୋର୍ଟସ ଦେଖିବା ତା'ର ନିତିଦିନିଆ କାମ । ତା' ଦିନ ଏମିତି ଚାଲେ । ଏଥିରେ ସଂସାର ଚଳିବ କେମିତି **?** "ବସି ଖାଇଲେ ନଈ ବାଲି ସରେ"। "ନୋରା" ଗୋଟିଏ କ୍ଲିନିକରେ "ଫିଜିସିଆନ ଆସିଷ୍ଟାଣ୍ଟ" ଭାବେ କାମ କରେ । "ନୋରା" ଝିଅକୁ ସକାଳୁଉଠାଇ ପ୍ରସ୍ତୁତ କରାଏ, ବ୍ରେକ୍ଫାଷ୍ଟ ଖୁଆଇ ନିଏ ତାକୁ "ଡେ-କେୟାର" ରେ ଛାଡିବାକୁ । ତାପରେ ନିଜ କାମକୁ ଯାଏ । ଏମାନେ ଘର ଛାଡିଲାବେଳେ "ଜେଫ୍" ବିଛଣାରେ ଶୋଇଥାଏ । କାରଣ ଡେରି ରାତିଯାଏ ନଶୋଇ ଗେମ୍ସ୍ ଦେଖୁଥାଏ । କାମରୁ ଫେରି "ନୋରା" ଝିଅକୁ ଆଣି ଘରକୁ ଫେରେ । ଘରେ ପହଞ୍ଚି ଡିନର ବ୍ୟବସ୍ଥା କରେ । ଏହା ଭିତରେ ବା' ହେବାର ତିନି ବର୍ଷ ବିତି ଗଲାଣି । ଏ' ତିନି ବର୍ଷ "ନୋରା" କୁ ତିନି ଯୁଗଭଳି ଲାଗିଲାଣି । ଦିନକୁ ଦିନ ଅବସ୍ଥା ସୁଧୁରିବ କ'ଣ ବରଂ ଖରାପ ଆଡକୁ ଗତି କରୁଥିଲା । ଦିହେଁ ପ୍ରାୟ ସବୁଦିନ ଯେ କୌଣସି ବିଷୟ ନେଇ ପାଟିତୁଣ୍ଡ କରୁଥିଲେ । ଆମେରିକା ଭଳି ଦେଶଟି "ସୁପରପାୱାର" ହେଲେବି ବସି ଶୋଇଲେ କେହି ଖାଇବାକୁ ମୁଠେ ଦେବେନାହିଁ କି ଏମିତି ଲାଇଫ୍ଷ୍ଟାଇଲ୍କୁ ପସନ୍ଦ କରିବେ ନାହିଁ । ଭେଣ୍ଡିଆ ମଣିଷଟିଏ । କିଛି କାମ ତ କରିବା ଦରକାର । ମଣିଷରମାନ ମର୍ଯ୍ୟାଦା ବୋଲି କିଛି ଅଛି ନା ନାହିଁ **!** କେତେଦିନ ଏମିତି ଅଶାନ୍ତିରେ ରହିବେ **!** ଶେଷରେ ଅକସ୍ମାତ ଦିହିଙ୍କ ଆକାଶରେ ଏକ କଳା ବାଦଲ ଢାଙ୍କି ହେଇଗଲା । ଝଡଟିଏ ଆସିଲା । ବିରାଟ ଏକଝଡ । କେମିତି ମୁକାବିଲା କରିବେ **?** ଦିନେ ଦିହେଁ ଭଲପାଇ ବା' ହେଇଥିଲେ । "ନୋରା" ଭାବେ ତା'ଭାଗ୍ୟକୁ ସବୁ ଗୋଳମାଳିଆ ହେଇଯାଉଛି କାହିଁକି **?** ସେ'

କ'ଣ ଏଥିପାଇଁ ଅପରାଧୀ ? "ଜେଫ୍' ତା'କୁ ଧୋକାଦେଲା କାହିଁକି ? ଏ' କ'ଣ ଏକ ଅସମାଧିତ ପ୍ରଶ୍ନ ? ତା' ମନ ଭିତରେ ସବୁବେଳେ କାହିଁକି ବଜ୍ରପାତ ହେଉଛି ? ଠିକଏ ହେଲେ ମନରେ ଶାନ୍ତି ନାହିଁ ? ବହୁତ ଭାବିଚନ୍ତି ଦିନେ "ନୋରା' ନିଷ୍ପତ୍ତିନେଲା ଡିଭୋର୍ସ କରିବାକୁ । କପାଳରେ ଯାହା ଲେଖାଅଛି ନିଷ୍ଟେ ଦିନେ ଭୋଗିବାକୁ ପଡିବ !

ଫେବୃଆରୀ ମାସ ଶୁକ୍ରବାର ୧୩ ତାରିଖ । ବାହାରେ ଚାଲିଛି ବିରାଟ ତୁଷାର ଝଡ । ପ୍ରକୃତିର ଏକତାଣ୍ଡବ ଲୀଳା । ରାତିସାରା ବରଫ ପଡିବ ବୋଲି ପାଣିପାଗ କହିଛି । ୨୦-୨୫ ଇଞ୍ଚ ପଯ୍ୟନ୍ତ ବରଫ ପଡିବାର ଆଶଙ୍କା ରହିଛି । ଏ' ଏକ ନୂଆ ରେକର୍ଡ । ଏତେ ବରଫ ଏଠି ସାଧାରଣତଃ ପଡେନି । କିନ୍ତୁ, କାଲି ସକାଳରୁ ଝଡ କମିଯିବ ବୋଲି କହିଛି । ସବୁ ସ୍କୁଲ, କଲେଜ, ସରକାରୀ ଅଫିସ ଓ ତା'କ୍ଲିନିକ୍ ସେଥିପାଇଁ ଆଜି ବନ୍ଦ । ବାହାରକୁ ନ ଯିବାକୁ ଟିଭି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି । ବାହାରେ ଭୀଷଣ ଥଣ୍ଡା । ହାତଗୋଡ କୋହ୍ଲା ମାରିଯାଉଛି । ପବନରେ ହୋ ହା ଶବ୍ଦ ଶୁଭୁଛି । "ନୋରା' ମନରେ ମଧ୍ୟ ଅଶାନ୍ତ ଆଉ ଏକ ଭିନ୍ନ ଝଡ । ଏ' ଝଡ କେବେ କମିବାରେ ନାହିଁ । ବରଂ ଦିନ କୁ ଦିନ ବଢି ଚାଲିଛି । ନା ! ତାକୁ କିଛି ଏବେ କରିବାକୁ ପଡିବ । ନହେଲେ ସେ' ପାଗିଳୀ ହେଇଯିବ । "ଜେଫ୍' କୁ ସାମ୍ନା କରି କହିବ । ଅନେକ ସାହସ ବାନ୍ଧି "ଜେଫ୍' କୁ କହିଲା । ଶେଷରେ ସେୟାହିଁ ହେଲା । ଦିହେଁ ରାଜି ହେଲେ ଡିଭୋର୍ସ ପାଇଁ । କୋର୍ଟ ଯାଇ ଫଇସ ହେଇଗଲା । "ଜେଫ୍' ର ଚାକରି ନଥିବାରୁ ଭରଣପୋଷଣ ପାଇଁ କିଛି ସାହାଯ୍ୟ ମିଳିଲା ନାହିଁ । କିନ୍ତୁ, କୋର୍ଟ "ଜେଫ୍' କୁ ନ ବସିରହି ଶୀଘ୍ର ଚାକରି ଖୋଜିବାକୁ ତାଗିଦ୍ କଲା । କୋର୍ଟର ନିଷ୍ପତ୍ତି ଅନୁସାରେ ଝିଅ "ନୋରା' ପାଖରେ ରହିଲା ଯେହେତୁ ଝିଅର ଭରଣପୋଷଣ ପାଇଁ "ଜେଫ୍' ସକ୍ଷମ ନୁହେଁ । ଡିଭୋର୍ସ ବେଳେ ପିଲାଙ୍କର ଭବିଷ୍ୟତ କୋର୍ଟ ବିଚାରକୁ ନେଇଥାଏ । "ସେରା' କୁ ଦେଖିବାକୁ ଆସିବାକୁ ଅନୁମତି "ଜେଫ୍' କୁ କୋର୍ଟ ଦେଇଥିଲେ ମଧ୍ୟ ଛଅ ମାସରେ ଥରେ କେବେ ମନେ ପଡିଲେ ଆସିଥାଏ "ସେରା'କୁ ଦେଖିବାକୁ ।ଏ' ଦେଶରେ ଏଇଟା ନୂଆ କଥା ନୁହେଁ । ଏମିତି ସବୁବେଳେ ଚାଲେ ।

ସେତେବେଳକୁ "ସେର୍‌'କୁ ମାତ୍ର ଦି' ବର୍ଷ | ତା'ର ଛୋଟ ପିଲାଳଆ ମନଟି କ'ଣ ବୁଝିବ ଡିଭୋର୍ସମାନେ ? "ସେର୍‌' ଯେବେ ତା' "ଡାଡି' କୁ ଖୋଜେ, ତା' ମା' ତାକୁ ଭୁଲାଇଦିଏ | ମା'ଟି ଏକ ଆହତ ପକ୍ଷୀଭଳି | ଏ' ଦୁନଆକୁ ଚହ୍ନିବାକୁ ତା'କୁ ଏତେ ସମୟ ଲାଗିଗଲା | ମାତ୍ର ୧୮ ବର୍ଷରେ ବା'ଘର | ବର୍ଷେ ନପୁରୁଣୁ ପିଲାଟିଏ | ସବୁ ଯେମିତି ଖୁବ୍ ଚଞ୍ଚଳ ଚଞ୍ଚଳ ଘଟିଗଲା | ପୂର୍ବରୁ କଛି ଅଭିଜ୍ଞତା ନଥିଲା ତା'ର | ଲାଗିଲା ଯେମିତି ସେ' ଜୀବନ ସଂଗ୍ରାମରେ ହାରିଯାଇଛି | ଦିନେ ସିଏ ଓ "ଜେଫ୍'କୁ ନେଇ ଅସରନ୍ତି ସ୍ୱପ୍ନ ଦେଖିଥି | ସେ' ସ୍ୱପ୍ନସବୁ ଏତେଶୀଘ୍ର ଭାଙ୍ଗି ଚୂର୍‌ମାର ହେଇଗଲା | ଯାହାକୁ ଦିନେ ପାଖରେ ଦେଖିଲେ ତା' ଦେହସାରା ଏକ ଅଦ୍‌ଭୁତ ରୋମାଞ୍ଚ ଖେଳଯାଉଥିଲା, ଆଜି ତା'ର କ"ଣହେଲା ? ଯେଉଁ "ଜେଫ୍'କୁ ଦିନେ ଭୂୟସୀ ପ୍ରଶଂସା କରୁଥିଲା, ଆଜି ତା' ଛାଇ ଦେଖିଲେ ତା' ନାହି ଡେଉଁଛି| ଏବେ ଦେଖିଲେ ବିଷଖାଇ ଆତ୍ମହତ୍ୟା କରିବାକୁ ତା'ର ଇଚ୍ଛା ହେଉଛି | ଭାବୁଥି "ଜେଫ୍' ତାକୁ ସାହାରା ଟିକେ ଦେବ, ସେ' ବରଂ ତା' ହୃଦୟକୁ ବେଶୀ ପୀଡା ଦେଲା | ଆଜି ଦିନଟିଏ କ ରାତିଟିଏ ଏତେ ଲମ୍ବାଭଳି ତାକୁ ଲାଗେ | ବେଳେବେଳେ ରାତିଅଧରେ ଅଜବ ସ୍ୱପ୍ନ ଦେଖି ନଦ ତା'ର ଭାଙ୍ଗିଯାଏ, ଛାତି ଚରି ହେଇଯାଏ | ଅଦ୍‌ଭୁତ ସେ' ଅନୁଭୂତି | ସେ' ଭାବନା ଯେତେବେଳେ ମନଭିତରେ ହଠାତ୍ ଉଙ୍କିମାରେ, "ସେର୍‌'କୁ ତା' ଛାତିକୁ ଲଗାଇ ଜୋରେ୍ର ଜାବୁଡି ଧରେ | ଆଖିବୁଜି ଦିଏ| ବେଳେବେଳେ ସଞ୍ଜବେଳେ ଉଇକ୍‌ଏଣ୍ଡରେ "ସେର୍‌'କୁ ସେହି ପାର୍କକୁ ଷ୍ଟ୍ରୋଲରରେ ବୁଲେଇ ନେଲାବେଳେ ନଚାହିଁଲେ ବି ଅନେକ ଭାବନା ତା' ମନକୁ ଆପେ ଆପେ ଆସେ | "ଜେଫ୍' କଥା ଭାରି ମନେ ପଡେ | ଦୁଇଟି ପ୍ରେମ ପକ୍ଷୀ | ଜଣେ ନଜେ ବାନ୍ଧିଥିବା ବସାରେ ଆହତ ହେଇ ପଡିଛି, ଡେଣା ତା'ର କଟିଯାଇଛି; ଅଥଚ ଆର ପକ୍ଷୀଟି ଅନ୍ୟ କେଉଁ ଇଲାକାରେ ଗଗନ ପବନରେ ଉଡୁଛି | ସେ' ଅଟକ ଯାଏ | ତଳେ ବସିପଡେ | ଦୀର୍ଘ ନଃଶ୍ୱାସଟିଏ ଛାଡେ| ଶୂନ୍ୟ ଆକାଶ ଆଡକୁ ଚାହେଁ | କଳାକଳା ବାଦଲଭିତରେ ତୃତୀୟା ଜହ୍ନଟିଏ ସେମିତି ଲୁଚକାଳି ଖେଳୁଥାଏ ଯେମିତି "ସେର୍‌' ତା' କୋଳରେ ମୁହଁ ଲୁଚେଇ ଲୁଚକାଳି ଖେଳେ | ସେ' ବେଳେବେଳେ ଏବେ ଆନମନା ହେଇଯାଉଛି, ବାଟବଣା ହେଇଯାଉଛି କାହିଁକି ? ଏ' ଅବସ୍ଥାରେ ତା'ର ମନ ଚାହୁଁଥିଲେ ମଧ୍ୟ ତା' ବାପା-ମା'ଙ୍କ ପାଖକୁ କଛି ଦିନପାଇଁ

ଫେରିଯିବାକୁ, କିନ୍ତୁ, କେଉଁ ମୁହଁରେ ସେ' ଫେରିଯିବ ? "ନୋରା' ତା' ନିଜ ମନକୁ ଟିକେ ବୁଝେଇ ଦିଏ | ତା' ମନ ଓ ହୃଦୟ ଭିତରେ ଯେଉଁ ଶତଶତ ଦାଗ ସୃଷ୍ଟିହେଇଛି ସେ' ଦାଗସବୁ ଲିଭିବାକୁ ସମୟ ତ ଲାଗିବ | ନା, ତାକୁ "ସେରା' ପାଇଁ ବଞ୍ଚିବାକୁ ପଡିବ | ତା' ଜୀବନ ସଂଗ୍ରାମରେ ହାର ନମାନି ତା' ସଂଗ୍ରାମକୁ ଜାରି ରଖିବ | ଦୁନିଆକୁ ଦେଖେଇଦେବ ଯେ ସେ' ଏକ ସଂଗ୍ରାମୀ | ନିଜ ଗୋଡରେ ଛିଡା ହେବ |ନିଜ ଗୋଡକୁ ଆହୁରି ସଶକ୍ତ କରିବ | କେଉଁଠି ଢେର୍‌ଦେଇ ଛିଡାହେବା ଦରକାର ନାହିଁ |

"ନୋରା' କେତେ କଷ୍ଟକରି ଝିଅଟିକୁ ପାଳିଲା, ପୋଷିଲା, କେତେ ଭଲପାଇଲା | ଭାବିଲା ପିଲାମାନଙ୍କ ପାଇଁ ବାପ-ମା'ଙ୍କର ଏ' ହେଉଛି ବଡ କର୍ତ୍ତବ୍ୟ, ଅନୁକଂପା ନୁହେଁ | ସେ' ନିଜେ ବାପା ଓ ମା'ର ଭୂମିକା ନେବ | "ସେରା' ଏବେ ଶିଶୁଟିଏ | ତା'ର ବା ଦୋଷ କ'ଣ? ନିଜର ଗୁଜୁରାଣ ମେଣ୍ଟେଇବା ପାଇଁ ଏବେ ତା'କୁ ଦୁଇଟି ଚାକିରି କରିବାକୁ ପଡୁଛି| ଯେତେବେଳେ ଝିଅକୁ ଡେ' କେୟାରରେ ଛାଡି କାମକୁ ଯାଏ ସେତେବେଳେ ତା' ମନରେ ବହୁତ କଷ୍ଟ ହେଇଛି କିନ୍ତୁ, ତା'ପାଖରେ କିଛି ଉପାୟ ନଥିଲା | ସମୟ ଦୌଡୁଥିଲା ତା' ବାଟରେ | ଗୁହୁଁ ଗୁହୁଁ ଝିଅଟି ତେରଟି ଫଗୁଣ ଅତିକ୍ରମ କଲା | ବୟସ ବଢିବା କ୍ରମେ ଝିଅଟିର ଆବଶ୍ୟକତା ବଢିବାକୁ ଲାଗିଲା | ପିଲାଦିନେ ମା'ଯାହା ଖାଇବାକୁ ଦେଉଥିଲା ପିନ୍ଧିବାକୁ ଦେଉଥିଲା ସେଥିରେ ସେ' ସିନା ଚଳିଯାଉଥିଲା | କିନ୍ତୁ, ଏ'ତ ଦେଖାଶିଖା ଯୁଗ| "ସେରା' ଦେଖେ ତା' ସାଙ୍ଗରେ ପଢୁଥିବା ଅନ୍ୟ ଝିଅ ସାଙ୍ଗମାନେ ଡିଜାଇନର ଡ୍ରେସ କି ଯୋତା ପିନ୍ଧୁଛନ୍ତି | ସାଙ୍ଗମାନଙ୍କଠୁଁ ବି ଶୁଣେ ଯେ ସେମାନେ ସେମାନଙ୍କ ମା'ମାନଙ୍କ ସହିତ ଶପିଙ୍ଗ ମଲ୍‌କୁ ବୁଲି ଯାଉଛନ୍ତି, ଫୁଡକୋର୍ଟରେ ଫାଷ୍ଟ ଫୁଡ୍ ଖାଉଛନ୍ତି, ପାର୍କ ଯାଉଛନ୍ତି, ସିନେମା ଦେଖି ଯାଉଛନ୍ତି, ବେଶ୍ ମଉଜ ମସ୍ତି କରୁଛନ୍ତି | ତା'ର ମନ ହେଲା ସେମିତି ସେ' ବି କରନ୍ତା |ମା' ପାଖରେ ଗୁହାରିକଲା | କିନ୍ତୁ, ଅନ୍ୟ ମା'ମାନଙ୍କଭଳି ତା' ମା' ପାଖରେ ସମ୍ବଳ ନଥିଲା | ଏମିତି ଦିହିଙ୍କ ମଧ୍ୟରେ ଯୁକ୍ତି, ତର୍କ ବଢିବାକୁ ଲାଗିଲା | ବେଳେବେଳେ ତା' ଡାଡିଙ୍କ ଅନୁପସ୍ଥିତି ମଧ୍ୟ ତା' ଅସନ୍ତୋଷର ଏକ କାରଣ ହେଇଗଲା | ଟିନେଜରମାନଙ୍କୁ ଚଳେଇବା ଏ' ଦେଶରେ କାଠିକର ପାଠ | କେବଳ ଯେଉଁମାନେ ବାପା-

ମା' ସେହିମାନେ ହିଁ ଜାଣନ୍ତି | "ସେର୍ସ୍' ଯୌବନ ଜ୍ୱାଳାରେ ଛଟପଟ ହେଉଥିଲାବେଳେ ତା'ମା'ଟି ଏକମାତ୍ର ଝିଅ ଚନ୍ତାରେ ଆଉଟୁ ପାଉଟୁ ହେଉଥି | ଏମିତି ସଂଘର୍ଷ "ନୋର୍ସ୍' ପାଇଁ ନିରନ୍ତର ସବୁଦିନେ ଲାଗିରହିଲା |

କ୍ରମେ କ୍ରମେ "ସେର୍ସ୍'ର ମାନସିକ ଅବସ୍ଥାରେ ପରିବର୍ତ୍ତ ଆସିଲା, ସେ' ପାଗିଳୀଟିଏ ଭଳି ଗପିବାକୁ ଆରମ୍ଭ କଲା | ସ୍କୁଲକୁ ଯିବା ବନ୍ଦ କରିଦେଲା | କେତେବେଳେ ପାଗଳୀଟିଏ ଭଳି ଯାଡୁସ୍ୟାଡୁ ଗପିଲା ତ କେତେବେଳେ କଛି ନକହି ନୀରବ ରହିଲା | ମା'ଟି ତାଙ୍କର ପ୍ରାଇମେରୀ କେୟାର ଡକ୍ଟର "କେଟିଗ୍ରଇଡର୍' ଙ୍କୁ ଦେଖେଇବାକୁ ନେଲା | "ଡକ୍ଟର ଗ୍ରଇଡର୍ 'ସେର୍ସ୍'କୁ ଜଣେ ମାନସିକ ରୋଗ ବିଶେଷଜ୍ଞ ( ସାଇକଆଟ୍ରିଷ୍ଟ) କୁ ଦେଖେଇବାକୁ ପରାମର୍ଶ ଦେଲେ | "ନୋର୍ସ୍' ଇଣ୍ଟରନେଟ୍‌ରୁ ଖୋଜିଜଣେ ବିଶିଷ୍ଟ ସାଇକଆଟ୍ରି "ଡକ୍ଟର ଆଲେନ୍' ଙ୍କ ସହ ଆପଏଣ୍ଟମେଣ୍ଟ ଠିକ୍ କଲା | ଦିନେ "ସାର୍ସ୍'କୁ ନେଇ ସାଇକଆଟ୍ରି କ୍ଲିନକରେ ପହଞ୍ଚି | "ଡକ୍ଟର ଆଲେନ୍' "ସେର୍ସ୍'କୁ ଦେଖି ବହୁତ ଖୁସିରେ ତା'ସହ କଥାବାର୍ତ୍ତା ହେବାକୁ ଚେଷ୍ଟା କଲେ, କନ୍ତୁ, ସେ' କାହିଁକି ଶୁଣିବ ? ସେ' ଅନ୍ୟମନସ୍କ ଭାବେ ବାହାରକୁ ଗ୍ଚହୁଁଥାଏ | କୌଣସି ପ୍ରଶ୍ନର ଉତ୍ତର ଦେଉ ନଥାଏ | ତା' ନଖକୁ ପାଟିରେ ପୁରାଉଥାଏ | "ଡକ୍ଟର ଆଲେନ୍' ତା' ମା'ଠାରୁ "ସେର୍ସ୍'ର ସମସ୍ତ ହିଷ୍ଟ୍ରି ବୁଝିନେଲେ | ଆଗରୁ ତାଙ୍କ ନିକଟକୁ ଅନେକ ମାନସିକ ରୋଗୀ ଆସିଛନ୍ତି, ଭଲ ହେଇ ଯାଇଛନ୍ତି, ହେଲେ "ସେର୍ସ୍' ଭଳି ରୋଗୀ ସ୍ୱତନ୍ତ୍ର | ଏତେ କମ୍ ବୟସରେ ମାନସିକ ରୋଗର ଶୀକାର ହେବା ତାଙ୍କ ଚନ୍ତାକୁ ବଢେଇ ଦେଇଥି | "ସେର୍ସ୍'ର ମସ୍ତିସ୍କର "ସିଟି ସ୍କାନ' ଓ "ଏମ୍.ଆର୍.ଆଇ' କରେଇ ଗୋଟିଏ ନର୍ମାଲ ମସ୍ତିସ୍କଠୁଁ କଣ ପାର୍ଥକ୍ୟ ରହିଛି ସେ' ଜାଣିବାକୁ ପାଇଲେ | ସେହି ଅନୁଯାୟୀ ତା'ପାଇଁ ଏକ ସ୍ୱତନ୍ତ୍ର ଟ୍ରିଟମେଣ୍ଟ୍ ପ୍ଲାନ୍ କଲେ | "ନୋର୍ସ୍'କୁ କହିଲେ ସେ' ସଂପୂର୍ଣ୍ଣ ଭଲ ନହେବା ଯାଏ ତାକୁ ତାଙ୍କ କ୍ଲିନକ୍ ଆଣିବାକୁ | ମାନସିକ ରୋଗୀମାନେ ଭଲ ହେବାକୁ ସାଧାରଣତଃ ବହୁତ ସମୟ ଲାଗେ | ଏ' ଜର, ଝାଡା କ ମୁଣ୍ଡବିନ୍ଧା ହେଇନ ଯେ ସାଙ୍ଗେ ସାଙ୍ଗେ ଭଲ ହେଇଯିବ | "ସେର୍ସ୍' ଏମିତି ତା' ମା' ସହ ପ୍ରତି ମାସରେ ଆସେ ଟ୍ରିଟମେଣ୍ଟ ହେବାକୁ | ଏମିତି ଦୁଇବର୍ଷ ବିତିଗଲା | ଆସ୍ତେ ଆସ୍ତେ

"ସେର୍'ର ଇମ୍ପ୍ରୁଭମେଣ୍ଟ ହେବାକୁ ଲାଗିଲା | ତା' ବ୍ୟବହାରରେ ପରିବର୍ତ୍ତନ ହେବାକୁ ଲାଗିଲା | ତା' ମା' କଥା ଓ "ଡକ୍ଟର ଆଲେନ୍'ଙ୍କ କଥା ଶୁଣିବାକୁ, ବୁଝିବାକୁ ଲାଗିଲା | ତା' ଭଲ ହେଇଆସିବା କଥା ଶୁଣି "ନୋର୍' ଓ "ସେର୍'ର ସାଙ୍ଗମାନେ, ଶିକ୍ଷକମାନେ ଓ ସେମାନଙ୍କର ପଡୋଶୀମାନେ ଖୁସି ହେବାକୁ ଲାଗିଲେ |

ଦିନେ "ଡକ୍ଟର ଆଲେନଙ୍କ" ଅଫିସରେ "ସେର୍' ଲକ୍ଷ୍ୟ କଲା ଯେ ଛୋଟରୁ ବଡ ବହୁତ ପେଙ୍ଗୁଇନ୍ଙ୍କ ଡଲ୍ ଗୋଟିଏ ଧାଡିରେ ରଖାଯାଇଛି | ସେ' ସବୁ ତାକୁ ବହୁତ ଭଲ ଲାଗିଲା| କିଛି ସମୟ ସେମାନଙ୍କ ସହ ବି ଖେଳଲା | ତା' ମନରେ ପ୍ରଶ୍ନ ଆସିଲା | ଏତେ ଗୁଡିଏ ପେଙ୍ଗୁଇନ୍ ଡଲ୍ ପୁଣି ତାଙ୍କ ଅଫିସରେ କାହିଁକି ସେ' ରଖିଛନ୍ତି ? "ଡକ୍ଟର ଆଲେନ୍'ଙ୍କୁ ସେ' ଏ' ବିଷୟରେ ପ୍ରଶ୍ନ କଲା | "ଡକ୍ଟର ଆଲେନ୍" କହିଲେ ଯେ ସେ' ପେଙ୍ଗୁଇନ୍ ଗୁଡିକ ଏବେ ନୁହେଁ ସେ' ଯେବେ ତାଙ୍କ ଅଫିସ୍କୁ ତା' ମା' ସହିତ ପ୍ରଥମକରି ଆସିଥି ତା' ପୂର୍ବରୁ ମଧ୍ୟ ସେଗୁଡିକ ସେଠି ଅଛନ୍ତି ଓ ସେ' ସବୁବେଳେ ସେମାନଙ୍କୁ ଦେଖି ଆସିଛି| କିନ୍ତୁ, ସେତେଥର ସେ' ଦେଖିଥିଲେ ମଧ୍ୟ ସେତେବେଳେ ପେଙ୍ଗୁଇନ୍ମାନେ ତା' ଦୃଷ୍ଟିକୁ ଆକର୍ଷଣ କରିନଥିଲେ| ଏବେ ଯେହେତୁ ସେ' ଭଲ ହେଇଆସିଲାଣି ତେଣୁ ସେ' ଯାହା ସବୁ ଦେଖୁଛି ଓ ଯେଉଁ ଜିନଷ ତା' ମନକୁ ଆକର୍ଷିତ କରୁଛି, ସେ' ସବୁ ତା'ର ଖିଆଲ ରହୁଛି | "ଡକ୍ଟର ଆଲେନ୍' କହିବାକୁ ଲାଗିଲେ - ଏ' ଏକ ଲମ୍ବା କାହାଣୀ | ତାଙ୍କର ଏକମାତ୍ର ପୁଅ "ଜଷ୍ଟିନ୍" ଯିଏକ ଏବେ "ହାରଭାର୍ଡ' ୟୁନିଭରସିଟିରେ ପଢୁଛି | "ଜଷ୍ଟିନ୍" ଏକ ବହୁତ ଭଲ ଛାତ୍ର, ସ୍ମାର୍ଟ ବି | ତାଙ୍କ ପୁଅ ଛୋଟ ପିଲାଥିଲାବେଳେ ସେ ତା' ସହିତ ସମୟ କେବେ ନକଟାଇ ସବୁବେଳେ ରୋଗୀ ଦେଖିବା, ବିଭିନ୍ନ ଗବେଷଣାରେ ଲିପ୍ତ ରହିବା, ଦେଶରେ ଓ ଦେଶ ବାହାରକୁ ଯାଇ ତାଙ୍କ ଗବେଷଣା ଭିତ୍ତିକ ତଥ୍ୟବିଷୟରେ ବକ୍ତୃତା ଦେବା, ଅଫିସରେ ସମୟ କାଟିବା ଓ କେମିତି ବେଶୀ ଅର୍ଥ ଉପାର୍ଜନ କରିହେବସେଥିରେ ସେ' ବେଶି ସମୟ ଅତିବାହିତ କରିବାକୁ ପସନ୍ଦ କରୁଥିଲେ | ଏମିତିକି ଷ୍ଟକ୍ ମାର୍କେଟରେ ଅନ୍ଲାଇନରେ ସେ' ଇନଭେଷ୍ଟ କରନ୍ତି ଓ ସେଥିପାଇଁ ସେ' ମଧ୍ୟ ଅନେକ ସମୟ କଟାନ୍ତି | ଘରକୁ ପ୍ରତିଦିନ ଡେରିରେ ଫେରିଲେ "ଜଷ୍ଟିନ୍" ସେତେବେଳକୁ ଶୋଇ ଯାଇଥାଏ | ତେଣୁ ତା' ସହିତ ପ୍ରାୟ

ଦେଖାହୁଏନ । ଜଷ୍ଟିନ୍ ତା' ପିଲାବେଳେ ପେଙ୍ଗୁଇନ୍‌ମାନଙ୍କୁ ବହୁତ ଭଲପାଉଥି । ଏମିତିକି ସେ' କେତେଥର ମୋତେ ଓ ତା' ମମିଙ୍କୁ କହିଛି "ପେଙ୍ଗୁଇନ୍ ସୋ' ଥରେ ଦେଖେଇ ନେବାକୁ । କିନ୍ତୁ, ମୁଁ ତା'ଉପରେ ବିଗିଡିଛି ବରଂ କେବେ ଦେଖେଇ ଦେବାକୁ ନେଇ ନାହିଁ । ଆସ୍ତେ ଆସ୍ତେ ପିଲାଟି ବିଗିଡି ଗଲା ।

ଜଷ୍ଟିନ୍ ଘରେ କି ବାହାରେ କାହାକୁ କିଛି ନକହି ନିଜେ ନିଜେ ସେ' ଖେଳେ । କିନ୍ତୁ, କ୍ଲାସରେ ତା'ସାଙ୍ଗମାନଙ୍କ ସହ ଖରାପ ବ୍ୟବହାର ପ୍ରଦର୍ଶନ କରେ ଓ ଏମିତିକି ମାଡଗୋଳ କରେ । କ୍ଲାସରେ ପାଠପଢା ହେଲାବେଳେ ଅନ୍ୟ ମନସ୍କ ରହିବା ଯୋଗୁ ଶିକ୍ଷକଙ୍କଠାରୁ ଗାଳି ଶୁଣିବା ଓ ଏମିତିକି ପ୍ରିନସିପାଲଙ୍କଠୁଁ ଘରକୁ ଚିଠି ଆସିବା ପର୍ଯ୍ୟନ୍ତ ଯାଇଛି । ଯେଉଁ ଦିନ ସେ' ଚିଠି ମୁଁ ପ୍ରିନ୍ସିପାଲଙ୍କ ଠୁଁ ପାଇଲି, ସେ' ଦିନ ମୋର ଚେତା ପଶିଲା । ମୋ' ଜ୍ଞାନର ଅଭ୍ୟୁଦୟ ହେଲା । ମୁଁ ଜାଣିଗଲି ଯେ ମୁଁ ତାପାଇଁ କେତେ ଅନ୍ୟାୟ କରିଛି । ମୁଁ ବି ଦିନେ ତା'ଭଳି ଛୋଟ ପିଲା ଥିଲି । ମୁଁ ମୋ' ପିଲାବେଳେ ଗୁହୁଁଥିଲି ମୋ'ଡାଡି ଓ ମମି ମୋ' ସହିତ ଟିକିଏ ସମୟ କଟେଇବାକୁ ଓ ଖେଳିବାକୁ । ମୁଁ ହଠାତ୍ ଅନୁଭବ କଲି ଯେ ମୋତେ କିଛି ନା କିଛି କରିବାକୁ ପଡିବ, ନଚେତ୍ ଲେଡିଗୁଡ କଉଣୀକୁ ବୋହିଯିବ ଓ ମୁଁ ମୋ' ପିଲାଟିକୁ ଖୁବ୍ ଶୀଘ୍ର ହରେଇ ବସିବି । ମୁଁ ବେଶୀ ସମୟ ଅଫିସରେ ନକାଟି "ଜଷ୍ଟିନ୍" ସହ କଟାଇବାକୁ ଚେଷ୍ଟାକଲି । ସେ' ପ୍ରଥମେ ଧରାଛୁଆଁ ଦେଲାନି । ମୋ' କଥା ଶୁଣିଲାଣି । ତା' ଇଚ୍ଛା ଯାହା ହେଉଥିଲା ସେ' କରୁଥି । ମୁଁ ତଥାପି ଧୈର୍ଯ୍ୟ ନହରାଇ ତା' ପଛେ ପଛେ ଲାଗିଲି, ତା'ର ନିକଟତର ହେବାକୁ ଚେଷ୍ଟାକଲି, କାରଣ ମୁଁ ଜଣେ ସାଇକ୍ରିଆଟିଷ୍ଟ । ସମସ୍ତ ସୂତ୍ର ଲଗେଇ ଜାଣିଲି ଯେ ଆମ ସହରରେ କେଉଁଠି ଓ କେବେ ପେଙ୍ଗୁଇନ୍ ସୋ' ହେଉଛି ବୋଲି । ଦିନେ ମୁଁ କହିଲି- ଜଷ୍ଟିନ୍ ତୁ ଦିନେ ଗୁହୁଁଥିଲୁ ନା "ପେଙ୍ଗୁଇନ୍ ସୋ' ଦେଖି ଯିବାକୁ । ଆମ ସହରରେ ଏବେ ଏକ "ପେଙ୍ଗୁଇନ୍ ସୋ' ଗ୍ଲିଛି । ଦିହେଁ ଦେଖିବାକୁ ଗଲେ କେମିତ ହୁଅନ୍ତା ? ସେ' ଏକଥା ମୋ' ପାଟିରୁ ଶୁଣି ବହୁତ ଖୁସି ହେଇଗଲା । ସେ'ଏଡେ ଖୁସି ହେବାର ମୁଁ କେବେ ମୋ' ଜୀବନରେ ଦେଖି ନଥିଲି । ଦିନେ

ଦିହେଁ ସୋ' ଦେଖିବାକୁ ବାହାରିଲୁ | ସୋ' ଆରମ୍ଭ ହେବା ପୂର୍ବରୁ ଗ୍ୟାଲେରିର ପ୍ରଥମ ବେଞ୍ଚରେ ଦିହେଁ ଯାଇ ବସିଲୁ | ପପ୍‌କର୍ଣ୍ଣ ଖାଇଲୁ |

ସୋ' ଆରମ୍ଭ ହେଲା | ଦେଖିଲି ଜଷ୍ଟିନ୍ ଆଖି ପିଛୁଳା ନମାରି ସୋ'କୁ ଉପଭୋଗ କରୁଛି | କିନ୍ତୁ, ମୋ'ମନକୁ ଆଉ ଏକ ପ୍ରଶ୍ନ ବିଚଳିତ କରିବାକୁ ଲାଗିଲା | ମୁଁ ଅନେକ କଥା ଭାବି ଚାଲିଥିଲି | ଈଶ୍ୱରଙ୍କ ସୃଷ୍ଟିରେ ମଣିଷ ହେଉଛି ଏକ ଶ୍ରେଷ୍ଠ ପ୍ରାଣୀ, ଜ୍ଞାନୀ, ମାନୀ, ବୁଦ୍ଧିଜୀବି ବି | ଦେଖୁଥିଲି ମାଷ୍ଟରଟି (ଟ୍ରେନର) ପେଙ୍ଗୁଇନ୍‌ମାନଙ୍କୁ ଯେମିତି ଟ୍ରେନଙ୍ଗ୍ ଦେଇଛି, ସେମାନେ ସେମିତି ଖେଳ ଦେଖାଉଛନ୍ତି | ତାଙ୍କୁ କହିଲେ ସମରସଲ୍ଟ କରୁଛନ୍ତି, ବିଭିନ୍ନ ଭାବ ଭଙ୍ଗୀରେ ଡେଉଁଛନ୍ତି, ନାଚୁଛନ୍ତି, ଧରାଧରି ହୋଇ ଚାଲୁଛନ୍ତି । ସେମାନଙ୍କୁ ଖୁସିରେ ରଖିବାକୁ ଓ ସେମାନଙ୍କ ଭଲ ପ୍ରଦର୍ଶନପାଇଁ ମାଷ୍ଟରଟି ମଝିରେ ମଝିରେ ସେମାନଙ୍କୁ ପିଠିରେ ଆଉଁସିଦେଇ ମାଛ ଗୋଟିଏ ଲେଖାଏଁ ଖାଇବାକୁ ଲାଞ୍ଚ ଦେଉଛି | ସେଥିରେ ମାଷ୍ଟରଟି ଖୁସି, ସେମାନେବି ଖୁସି | ମୁଁ ଦେଖୁଥିଲି ବାସ୍ତବରେ ସେମାନଙ୍କ ଭିତରେ କେତେ ନିବିଡ ସେମାନଙ୍କର ଭଲପାଇବା | ମୋ' ମନରେ ପ୍ରଶ୍ନ ଆସିଲା- ଯଦି ପେଙ୍ଗୁଇନ୍‌ମାନଙ୍କ ଭଳି ଛୋଟ ପ୍ରାଣୀଙ୍କୁ ତାଲିମ ଦେଲେ ସେମାନେ ମଣିଷଙ୍କ କଥା ଶୁଣୁଛନ୍ତି ତେବେ ଆମେ ଶ୍ରେଷ୍ଠ ଜୀବ ମଣିଷହୋଇ କାହିଁକି ସେତିକି କରିପାରିବାନାହିଁ ଓ ଆମ ପିଲାମାନେ କାହିଁକି ଆମ କଥା ଶୁଣିବେ ନାହିଁ | ସେହି ଦିନରୁ ମୁଁ ପେଙ୍ଗୁଇନ୍ ଡଲ୍‌ମିଳୁଥିବା ଏକ ଷ୍ଟୋରକୁ ଯାଇ ସେମାନଙ୍କୁ କିଣି ଆଣିଲି ଓ ମୋ' ଘରେ ରଖିଥିଲି| ମୋ' ପୁଅ ଛୋଟଥିଲେବେଳେ ସେମାନଙ୍କୁ ଧରି ସବୁଦି ଖେଳୁଥି | ଏବେ ସେ' ବଡ ହେଇଗଲାଣି ଓ କଲେଜରେ ପାଠପଢିଲାଣି | ଭଲପାଠ ପଢି ଏବେ ସେ' "ହାରଭାର୍ଡ' ରେ ଆଡ୍‌ମିସନ ନେଇ ପଢୁଛି | ସେ' ଘରଛାଡିତା' କଲେଜ ଯିବା ପରେ ପରେ ମୁଁ ସେ' ପେଙ୍ଗୁଇନ୍ ଡଲ୍‌ସବୁ ଆଣି ମୋ' ଅଫିସରେ ସାଇତି ରଖିଛି |ଏହାର କାରଣ ହେଉଛି ଯେ ମୁଁ ଯେତେବେଳେ ସେମାନଙ୍କ ଆଡକୁ ଚାହୁଁଛି, ସେମାନେ ମୋତେ ମନେପକାଇ ଦେଉଛନ୍ତି, ପ୍ରେରଣା ଦେଉଛନ୍ତି, ଏକ ଶିକ୍ଷା ଦେଉଛନ୍ତି- "ସମସ୍ତଙ୍କୁ ଭଲପାଅ ବୋଲି, ସେମାନଙ୍କୁ କିଛି ସମୟ ଦିଅବୋଲି"| ଏ' ଦୁନିଆରେ ଅନେକ ସମସ୍ୟା ଅଛି ଯାହାର ସମାଧାନ ଖୁସିରେ

ହୋଇପାରିବ | ସେଥିପାଇଁ ସମୟହିଁ ଦେବାକୁ ପଡିବ, ବୁଦ୍ଧି ଓ ବିଗ୍ୱର ଖଟେଇବାକୁ ପଡିବ | ପ୍ରତ୍ୟେକ ବାପା-ମା ସେମାନଙ୍କ ପିଲ୍ମାନଙ୍କୁ ଭଲ ପାଆନ୍ତି | ତୋ' ମା' ବି ତୋତେ ବହୁତ ଭଲପାଏ |ତୋ' ମା' ଯଦି ତୋତେ ଭଲ କରିବାକୁ ମୋ' ପାଖକୁ ଆଣି ନଥାନ୍ତେ କି ସମୟ ଦେଇ ନଥାନ୍ତେ ତେବେ ତୁ ସବୁଦିନ ପାଇଁ ପାଗିଳୀଟିଏ ହୋଇ ରହିଯାଇଥାନ୍ତୁ | ସେତେବେଳକୁ "ଡକ୍ଟର ଆଲେନ୍'ଙ୍କ ମୁହଁ ଶୁଖି ଆସିଥିଲା, କଣ୍ଠ ନରମି ଯାଇଥିଲା, ଆଖିରୁ କେଇ ବୁନ୍ଦା ଲୁହ ଝରି ପଡୁଥି | "ସେର୍' ସେତେବେଳେ ନିଜେ ବୁଝି ସାରିଥିଲା ଯେ ତା' ଅବସ୍ଥା ଦିନେ କାହିଁକି ସେମିତି ହୋଇଥି | ଏ' ସବୁ ଦେଖି "ସେର୍' "ଡକ୍ଟର ଆଲେନ୍'ଙ୍କୁ କୁଣ୍ଢେଇବାକୁ ଦି'ପାଦ ଆଗକୁ ଗଲା ଓ ଅଙ୍କଲ୍ଙ୍କ ଆଖିରୁ ଲୁହ ପୋଛି ଆଉ ନକାନ୍ଦିବାକୁ ଅନୁରୋଧ କରୁଥି |

ହିଡେନ୍ ଭ୍ଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ
ମେରୀଲ୍ୟାଣ୍ଡ,ଯୁକ୍ତରାଷ୍ଟ୍ର ଆମେରିକା



# ପ୍ରେମ ମନ୍ଦାକିନୀ



କବିତା ମହାନ୍ତି

କଶଳୟ ତୁମେ ପଲ୍ଲବୀତ ବୁକୁ
ପୁଷ୍ପଭର୍ ଯଉବନ
ସୁବାସ ଗ୍ଭେର୍ଏ ଗ୍ଭେର୍ ଚଇତିଟା
ସୁଷମା ଗ୍ଭଖେ ନୟନ ।
ମନପୁଷ୍ପ ଯାନେ ବୁଲଇ ଭ୍ରମର
ପିଇବାକୁ ପ୍ରୀତିସୁଧା
କାମଦେବଙ୍କର ଚ୍ୟୁତପୁଷ୍ପ ବାଣେ
ରସିକେ କାମିନୀ ଶ୍ରଦ୍ଧା ।
ଗୋଲ୍ପ ପୁଷ୍ପକୁ ସଜାଇ ଗଭ୍‌ରେ
ଗୁନ୍ଥଇ ମଲ୍ଲୀର ମାଳ
ପ୍ରେମିକା ସଜାଏ କୁସୁମର ଶଯ୍ୟା
ଗ୍ଭନ୍ଦିନୀ ର୍‌ଜନୀ ଧବଳ ।
ପ୍ରେମ ମନ୍ଦାକିନୀ ଶୁଷ୍କ ହୋଇଯାଏ
ଝରେନା ପ୍ରେମ ସଙ୍ଗୀତ
ବାସହୀନ ହୁଏ ଝର୍ ଶେଫାଳଟା
ଜର୍ ଅଙ୍କରେ ପତିତ ।
ପନ୍ଝଡା ଦ୍ରୁମ ସଉଁଲା କୁସୁମ (ମଉଳା)
ପ୍ରେମକୁ କରେ ଭର୍ତ୍ସନା
ସମୟର ସ୍ରୋତ ଯଉବନ ହଜେ
ଉଚ୍ଛୁଳେନ ସେ ଯମୁନା ।

# ପ୍ରତିଶ୍ରୁତି



ଅଶୋକ କୁମାର ସେଠୀ

ପରିବର୍ତ୍ତିତ ଦୁନିଆରେ ସବୁ କିଛି ବେବାକ ବଦଳୁଥାଏ । କ୍ଷଣ ଭଙ୍ଗୁର ନୀତିରେ ମୁହୂର୍ତ୍ତ ମୁହୂର୍ତ୍ତ କଡ ଲେଉଟାଉଥାଏ । ଗୁଣ ଦେଇ ଅଟକାଇ ହେବ ନା କାହାର ଯୁ ଅଛି ବାଡ ଦେଇ ବାଟ ଓଗାଳିବ....! ମୁହୂର୍ତ୍ତ, ତା ଗତିରେ ସେ ଅପରିବର୍ତ୍ତିତ । ନିର୍ଘଟ ସତ୍ୟ ତା ପ୍ରତିଶ୍ରୁତିର ସର୍ତ୍ତ । କିନ୍ତୁ ଆମେ କେତେଦୂର କଥା ଦେଇ କଥା ନ ରଖି ଆଉ କେଉଁ ବାହାନାରେ ବର୍ତ୍ତିଯିବାର ଯୋଜନା । ପ୍ରତିଶ୍ରୁତିକୁ ପରତେ ଯିବା ପ୍ରକୃତିର ସହମତି କି ପରିପନ୍ଥୀ କେଜାଣି**?** ତଥାପି କିଛି ପ୍ରତିଶ୍ରୁତି ବଳବତ୍ତର ରହେ । କେତେ ପ୍ରତିଶ୍ରୁତି ଶୃତି ପ୍ରତି ହୋଇ ରହିଯାଏ । ସକାଳେ କଥା ଦେଇ ସଞ୍ଜରେ ଭୁଲୁଥିବା ଲୋକ ଅନେକ । ହେଲେ ଏମିତି ବି ଲୋକ ଅଛନ୍ତି କଥା ଦେଇ କଥାକୁ ଯେମିତି ହେଲେ ବି ରଖିବାକୁ ଯଥାସାଧ୍ୟ ଚେଷ୍ଟା କରନ୍ତି । ଅଳୀକ ଏ ସମାଜରେ ସେମାନେ ଏକ ବିରଳ ଦୃଷ୍ଟାନ୍ତ ।

ଆକାଶ ଓ ଅଭିଷେକ ଦୁଇ ଅନ୍ତରଙ୍ଗ ବନ୍ଧୁ **|** ଉଭୟଙ୍କ ବନ୍ଧୁତ୍ୱ କୁ ନେଇ କେହି କେହି ଈର୍ଷା ପରାୟଣ ବି ହୁଅନ୍ତି ।ସେ ଦୁହେଁ ବନ୍ଧୁତ୍ୱ ର ଏକ ଜ୍ୱଳନ୍ତ ଓ ବିରଳ ଦୃଷ୍ଟାନ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ **|** ସ୍ୱାଭାବିକ କଥା ତାଙ୍କ ଦୁହିଁଙ୍କ ମଧ୍ୟରେ ସେତିକି ନିବିଡ଼ ସମ୍ପର୍କ ଥିଲାଯେ**..**

ବହୁତ ଦିନ ତଳର କଥା । ଆକାଶ ଓ ଅଭିଷେକ ଓଡିଶାର ଦୁଇ ପ୍ରାନ୍ତରୁ ଆସିଥାନ୍ତି ରେଭେନ୍ସା ମହାବିଦ୍ୟାଳୟରେ ଉଚଶିକ୍ଷା ପାଇଁ । ସେ ଦୁହିଁଙ୍କୁ ହଷ୍ଟେଲ ରେ ଗୋଟିଏ ରୁମ୍ ଆଲଟ ହୋଇ ହୋଇଥାଏ **|** ଏମିତ ଗାଡି ଗଲେ ସମୟ **|** ଧିରେ ଧିରେ ଉଭୟଙ୍କୁ ନିଜ ନିଜର ପରିଚୟ ଦେଇଛନ୍ତି । ଜଣେ ପୂର୍ବ ଓଡିଶାରୁ ଆଉ ଜଣେ ପଶ୍ଚିମ ଓଡିଶାରୁ । ଏମିତି କିଛି ମାସ ବିତି ଯାଇଥାଏ । ସମର ଭେକେସନ୍ ସମୟ ନିକଟଇ ଆସିଥାଏ । କଲେଜ ଏକ

ମାସ ଧରି ଛୁଟି ହେବାର ଘୋଷଣା ହୋଇଥାଏ । ଉଭୟେ ନିଜ ନିଜ ଗାଁ କୁ ଯିବାକୁ ବାହାରି ଗଲେ । ଆକାଶ ଅଭିଷେକ କୁ କହିଲା –ଗୋଟେ କାମ କଲେ କେମିତି ହୁଅନ୍ତା**.....?**

କଣ କହୁନୁ ଅଭିଷେକ କଣ - ସେ କୌତୁହଳ କଥା ଜାଣିବାକୁ ପଗ୍ଭରିଲା |

କଲେଜ ଯେବେ ଖୋଲିବ ତା ଦୁଇ ଦିନ ପୂର୍ବରୁ ଆସୁନୁ ଆମେ କଟକ ଟିକେ ବୁଲିବା ସନ୍ଧ୍ୟା ରେ | ତିନ କୋଣିଆ ବଗିଗ୍ଭ, ଆନକଟ, ନରାଜ ବ୍ରିଜ, ଖାନ ନଗର ପାର୍କ, କଟକ ବାରବାଟୀ ଦୂର୍ଗ, ବାରବାଟୀ ଷ୍ଟାଡ଼ିଅମ ଇତ୍ୟାଦି ଇତ୍ୟାଦି **..** ବହୁତ ଭଲ ହୁଅନ୍ତା ନିଷ୍ଚୟ | ହଉ ତେବେ ମୁଁ କଥା ଦେଲି କଲେଜ ଖୋଲିବା ର ଦୁଇ ଦିନ ପୂର୍ବରୁ ପହଞ୍ଚି ଯିବି |

ସିଓର ତ**..!!**

ହଁ, ସିଓର ଅଭିଷେକ ର ଦୃଢୋକ୍ତି |

ଉଭୟେ ଉଭୟଙ୍କ ଗାଁକୁ ଯାଇଛନ୍ତି| ଖରା ଛୁଟି ରେ | ଖରା ଛୁଟି ର ଅବଧି ସରି ଯାଇଛି ।

କଥା ମୁତାବକ ଉଭୟ ନିର୍ଦ୍ଧିଷ୍ଟ ଦିନରେ ଆସି ଯାଇଛନ୍ତି । ଉଭୟେ ଉଭୟଙ୍କୁ ଦେଖି ଖୁବ୍ ଖୁସି ହୋଇ ଯାଇଛନ୍ତି । ବୋଧହୁଏ ଏ ଖୁସିରେ କାହାର ନଜର ଲାଗିଯାଇଛି ଦୀର୍ଘ ସ୍ଥାୟୀ ବଳୟକୁ କେଉଁ ଏକ କ୍ରୁର ଦୃଷ୍ଟି ପଡି ସାରିଲାଣି । ହଁ, ଦିନ ତମାମ ବୁଲାବୁଲି ସିନେମା ଦେଖା ଭିତରେ ସନ୍ଧ୍ୟା ସମୟ ଉପଗତ । ସନ୍ଧ୍ୟା ସମୟରେ ଯୋଜନା ସବୁକୁ ଅଭିଷେକ ମନେ ପକେଇ ଦେଉଥାଏ ଆମର ଏଠିକ ବୁଲି ଯିବାର ଥିଲା । ତିନିକୋଣିଆ ବଗିଗ୍ଭ ରେ ଚଣାଚୁର ଖାଇବା ଏମିତି ସବୁ ପୂର୍ବ ନିର୍ଦ୍ଧାରିତ କଥା ସବୁ କୁ ସତେ ଯେମିତି ମୁଖସ୍ତ କରି ରଖିଛି । ବୁଲାବୁଲି ଯଦିଓ ସାରି ହେଲାନି, ସନ୍ଧ୍ୟା ଅତିକ୍ରାନ୍ତ ହୋଇଯାଇଥାଏ । ଆକାଶ ଅଭିଷେକକୁ ପଗ୍ଭରିଲା, ତତେ କଣ ଥକ୍କା ଲାଗୁନି**?**

ଓଃ**..** ବୁଝି ପାରିଲି ହଉ ଗ୍ଭଲ ହଷ୍ଟେଲ ଫେରିଯିବା | ଅଭିଷେକ ର ଉଦାସଭରା ପ୍ରତିଉତ୍ତର **..!**

ଆକାଶ ବୁଝିବାକୁ ଅସମର୍ଥ ଅଭିଷେକର ଅସହାୟତା ।ମନ ଦୁଃଖ କାହିଁ କରୁଛୁ, କାଲି ପୁଣି ବୁଲିବା । ଆକାଶ ସାନ୍ତ୍ୱନା ଦଉଛି ।

ନା ସାଙ୍ଗ ମନ ଦୁଃଖ କରୁ ନାହିଁ । ଚାଲ ଫେରି ଯିବା ହଷ୍ଟେଲ ।

ଉଭୟେ ଖୁବ ଖୁସି । ଛୁଟି କେମିତି କାଟିଲୁ ତୁ ଗାଁ ରେ**?**
ଆକାଶ ଅଭିଷେକ କୁ ପଚାରନ୍ତେ ..

ଅଭିଷେକ ଆକାଶ କୁ କହିଲା ତୁ କହ କେମିତ କାଟିଲୁ ତୁ ଛୁଟି । ଆକାଶ ଗପି ଚାଲୁଥାଏ ଗାଁ ରେ ବିତେଇଥିବା ଅନୁଭୂତି । ଅଭିଷେକ ସେମିତି ନୀରବରେ କାନ ପାତି ଶୁଣୁଥାଏ । ସେ ନିଜେ ଜାଣିଥାଏ ଯେ ମୁଁ ମୋ ଅନୁଭୂତି ବଖାଣି ପାରିବାକୁ ଅସମର୍ଥ । ବେଳୁ ବେଳ ତା ମନ ଉଦାସ ହୋଇ ଆସୁଥାଏ ।ଆକାଶ ଅଭିଷେକ କୁ କହିଲା ରାତି ଅନେକ ହେଲାଣି ଚାଲ ଶୋଇପଡିବା । ହଁ, ଶୋଇବା ତ ତୁ ଆଉ କିଛି କହୁନୁ... । ଏତିକି ରେ କଣ ସରିଗଲା ତୋ ଅନୁଭୂତି । ଅଭିଷେକ, ଆକାଶକୁ ଆହୁରି ଗପିବାକୁ ବାଧ୍ୟ କରିଛି । ଆକାଶ ସାମାନ୍ୟ ହସି ଦେଇ ପୁଣି ଆରମ୍ଭ କରିଦେଇଛି ଛାଡି ଥିବା ଅନୁଭୂତିଠାରୁ । ଅଭିଷେକ ସେମିତ ନିର୍ବାକ ଭାବରେ ସତେ ଯେମିତି କଥା ସବୁକୁ ଆକଣ୍ଠ ପାନ କରି ଚାଲିଛି ।

ଆକାଶ, ଅଭିଷେକ କୁ ପଚାରିଛି ତୋର କଣ ହେଇଛି **?**ତୁ ଆଜି ବେଶୀ ଭାବପ୍ରବଣ ହେଲା ପରି ଲାଗୁଛି **??**

ଅଭିଷେକ ସାମାନ୍ୟ ହସି ଦେଇ କଥା ର ଗତିପଥ ଅନ୍ୟ ଆଡ଼କୁ ପେଲି ଦେଇଛି । ଆକାଶ କହିଲା ରାତି ଅନେକ ହେଲାଣି । ଆଜି ଦିନ ସାରା ବୁଲି ବୁଲି ଥକା ବି ଲାଗିଲାଣି ଚାଲ ଶୋଇପଡିବା । ଅଭିଷେକ ର ଇଛା ନଥାଏ । ଆଉ କିଛି ମୁହୂର୍ତ୍ତ ଏମିତି ବିତୁ ତା ଅଭିଳାଷ ଥିଲା।

ଆକାଶ ଅଭିଷେକକୁ କହିଛି ଲାଇଟି ଅଫ୍ କରିଦେ, ଶୋଇବା । ଅଭିଷେକ ର ହାତ ଶୋଇବା ଜାଗାଠାରୁ ଲମ୍ବି ଲମ୍ବି ଯାଉଛି । ହାତଟା ୮ ଫୁଟ ଦୂରତା ରେ ଥିବା ସୁଇଚ ତା ହାତ ସେଇ ଅନୁସାରେ ୮ ଫୁଟ ଲମ୍ବି ଯାଇଛି ।

ଏ ଦୃଶ୍ୟ ଦେଖି ଆକାଶ ମୁର୍ଚ୍ଛା ଯାଇଛି । ଭୟରେ ସେ ଚେତା ଶୂନ୍ୟ । ସକାଳର ସୂର୍ଯ୍ୟକରଣ ଝରକା ଦେଇ ତା ଉପରେ ପଡିବାରୁ ଆକାଶ ର ଚେତା ଫେରି ପାଇଛି । ତା ପାଖରେ କିନ୍ତୁ ଅଭିଷେକ ନାହିଁ । ତା ଅସଜଡା ଶେଜ ତା ପାଖେ ପଡିଛି । ଭିତରୁ କବାଟ ପଡିଛି । କାଲି ରାତି କଥା ଆକାଶର ହୃଦସ୍ପନ୍ଦନ ବଢି ଯାଇଛି । ଏ କଥା ସେ ସମସ୍ତଙ୍କୁ କହିଲା । ଶେଷରେ ଅଭିଷେକ ର ଘର ଲୋକଙ୍କ ସହ ଯୋଗାଯୋଗ କରାଗଲା । ତାଙ୍କ ଘର ଲୋକ ଯାହା କହିଲେ ସମସ୍ତେ ଶୁଣି ଚକିତ । କଥା ହେଲା ସମର ଭ୍ୟାକେସନ ଛୁଟିରେ ସେ ଗାଁ କୁ ଆସିଥାଏ । ତାର ଦୁଇ ଦିନ ପରେ ଏକ ସଡକ ଦୁର୍ଘଟଣାରେ ସେ ମୃତ ।

ଆକାଶ ର ବୁକୁ ଫଟା ଚିତ୍କାର | ତା ସାଙ୍ଗର ମୃତ୍ୟୁ କଥା ସେ ଜମା ବିଶ୍ୱାସ କରି ପାରୁନ | ତା ଆଖିରୁ ଲୁହ ଶୁଖୁନ |ତା ଆତ୍ମା ବିଳପି ଉଠିଛି | କାଲିର ସବୁ କଥା ଗୋଟି ଗୋଟି କରି ତା ଆଗେ ନାଚ ଯାଉଛି | ଅଭିଷେକ ତା କଥା ରଖି ସେ ଆସିଛି ତା ସାଙ୍ଗପାଖକୁ | କଣ ପାଇଁ ସେ କାଲି ଭାବ ପ୍ରବଣ ହୋଇ ପଡିଥିଲା ଆକାଶ ଏବେ ବୁଝି ପାରୁଛି | ସେ ରାତି ସାରା ମୋ କଥା ଶୁଣିବାକୁ କଣ ପାଇଁ ବାଧ କରୁଥିଲା ...!

ଆକାଶ ରେଭେନ୍ସା ରୁ ଅନ୍ୟ କଲେଜକୁ ସ୍ଥାନାନ୍ତର କରିଦେଇଛି | ମନେମନେ ସ୍ଥିର କରିଛି ଆଉ ସେ କେବେ କଟକ କ ରେଭେନ୍ସା ଆସିବନି | ତା ମନରୁ ଗୋଟିଏ କଥା କେବେ ବି ଲିଭିବନି ମୃତ୍ୟୁ ପରେ ବି ସେ ତା ପ୍ରତିଶୃତି ପ୍ରତି କେତେ ସଚେତନ..!

ଆକାଶ ଏବେ ବୃଦ୍ଧ ପ୍ରାୟ | ଦୀର୍ଘଦିନ ପରେ ସେ କଟକ ଆଜି ଆସିଛି | ତା ଅମାନିଆ ପାଦ ଦିଟା ଆଗକୁ ଆଗକୁ ମାଡି ଚାଲିଛି | କେତେବେଳେ ରେଭେନ୍ସା

ମୁଖ୍ୟ ଫାଟକ ଡେଇଁ ସାରିଲାଣି ସେ କଥା ସେ ଜାଣିନ | ତଥାପି ସେ ଆଗକୁ ଆଗକୁ ସତେ କ ଅଦୃଶ୍ୟ ଆକର୍ଷଣରେ ମାଡି ଗ୍ଲଲିଛି | ହଠାତ ପାଦ ଦୁଇଟି ନର୍ଦ୍ଦିଷ୍ଟ ହଷ୍ଟେଲ ସମ୍ମୁଖରେ ଅଟକ ଯାଇଛି | ଏକ ଲୟରେ ସେ ହଷ୍ଟେଲ ର ଝରକାଆଡେ ଅନେଇ ରହିଛି | ଏକବାର ସେ ମଗ୍ନ କୌଣସି ଗଭୀର ଭ୍ଵବନା ରେ | ତା ଅଜାଣତରେ କେଇ ଟୋପା ଲୁହ ତା ଚବୁକ ଛୁଇଁଲାଣି |

ତଥାପି ସେ ପୂର୍ବାବତ ଏକ ଲୟରେ ସେମିତି ସେ ଝରକା ଆଡକୁ ଅନେଇ ରହିଛି ...

କଲ୍ୟାଣପୁର, ନୟାଗଡ


**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ମାଲ୍ୟାଣୀ ଲୋ ଭଲ କଲୁ



ବିନୟ ମହାପାତ୍ର

ମାଲ୍ୟାଣି ଲୋ, ଭଲକଲୁ,
ଦିନ ଆଲୁଅରେ ମୋତେ
ତୋର ମେଣ୍ଢା କରିଦେଲୁ ।
ହେଲେ ମୋର ଅସ୍ମିତା
ମୋ ପାଖେ ଛାଡି ଦେଲୁ
କିଛି ଘଡି ତ ମୋତେ,
ମୋ ପରି ଜିଇଁବାକୁ ଦେଲୁ !



ଏଇ ସହରର ପ୍ରତିଟି ଗଳିରେ
ପ୍ରତି ଚଉଛକ ପାଶେ,
କେତେ ଯେ ବୁଲୁଛନ୍ତି
ମାଲ୍ୟାଣୀ ଲୋ ତୋଅରି ଛଦ୍ମବେଶେ ।
ମିଠା ମିଠା କଥା କହି,
କେବେ ନାଲି ଟହଟହ ଗୋଲାପ ଦେଖାଇ,
ମୋହି ନେଇ ଯାଆନ୍ତି ଲୋ
ସରଳଆ ଗାଈଆଳ ମନ ।
ବିଚରା କ ଜାଣେ
ଦୁନିଆର ଛନ୍ଦ କପଟ ସବୁ
କେବେ ଗୋଲାପ ଦେଖି ଖୁସି ହୋଇଯାଏ,
କେବେ ରୂପର ମୋହେ ଫସିଯାଏ ।

ମାଲ୍ୟାଣୀ ଲୋ,
ଏଠି ତ ଭଳକ ଭଳ ଆସନ୍ତି,
ରୂପ ବଦଳେଇ ବଦଳେଇ,
କେତେ ଧୋବ ଧାବଳଆ ହୋଇ ।
କେବେ ମିଛ ଲୁହରେ ଭିଜେଇ ଦିଅନ୍ତି,
କେବେ ସୁନାର ସପନ ଦେଖାନ୍ତି,
ଆଉ ଦେଖୁ ଦେଖୁ ଆଖି ପଲକରେ
ମେଣ୍ଟା କରି ଯାଆନ୍ତି, ସବୁଦିନ ପାଇଁ
ଶେଷେ ଛାଡିଦେଇ ଯାଆନ୍ତି
ଅଗନା ଅଗନ ଗହନ ବନସ୍ତରେ ନେଇ ।

ମାଲ୍ୟାଣୀ ଲୋ ଡରଲାଗେ ଆଜି,
ଦୁନଆର ରଙ୍ଗ ଢଙ୍ଗ ଦେଖି,
ସରଳତା ଗୁଣ ନୁହେଁ ଏଠି,
ସରଳତା ସହଜରେ
ସମ୍ମୋହିତ ହୋଇଯାଏ ବୋଲି ।
ଧୂର୍ତ୍ତ ବ୍ୟାଧ ଘୁମନ୍ତି ଚଉଦିଗେ,
ମେଣ୍ଡା ତ କରିଦେବେ ଘଡିକରେ,
ଆଉ, ଦିନ ସରିବା ଆଗରୁ
କାଟିକୁଟି ଖାଇଯିବେ ପୁଳାପୁଳା ମାଂସ,
ଭୋକଲା ଶାର୍ଗୁଣାର ଦଳ
ଉଡୁଛନ୍ତି ଡେଣା ତାଙ୍କ ମେଲି ।

କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡିଶା

# ଅଙ୍ଗୁଠା ପୁରାଣ

ମନୋଜ କୁମାର ବେହେରା

ଅଙ୍ଗୁଠା..କେତେ ଛୋଟ ଶବ୍ଦଟିଏ ! ହେଲେ ଏଇ ଅଙ୍ଗୁଠା କଥା ଯେତେବେଳେ ପଡେ ସେତେବେଳେ ପୁଣିଥରେ ଜୀବିତ ହୋଇଯାଏ ମୋର ଅତୀତର କ୍ଷତ । ଅତୀତର ଦିନେ ଯେଉଁ ସାଙ୍ଗ ସହିତ ମିଶି ମୁଁ ବ୍ୟବସାୟ କରୁଥିଲି, ଠିକଣା ସମୟରେ ସେ କେମିତି ଖସିଗଲା ମୋତେ ଅଙ୍ଗୁଠା ଦେଖାଇ । ଆଜି ପର୍ଯ୍ୟନ୍ତ ସେହି ଅଙ୍ଗୁଠା ରହି ରହି ମୋତେ କଷ୍ଟ ଦେଉଛି ଯାହାକୁ ନା' ତ ମୁଁ କହିପାରୁଛି ନା' ସହି ପାରୁଛି ।

ଅଙ୍ଗୁଠା..! ସତରେ କେତେ ଛୋଟ ଶବ୍ଦଟିଏ । ଆମ ହାତର ପାଞ୍ଚ ଆଙ୍ଗୁଳ ଭିତରୁ ସବୁଠୁ ଦମ୍ଭିଲା ଆଉ ମୋଟା ସୋଟା ଆଙ୍ଗୁଳଟି 'ବୁଢା ଆଙ୍ଗୁଳ' ଅଥବା 'ଅଙ୍ଗୁଠା' ନାମରେ ପରିଚତ। ଏହି ଅଙ୍ଗୁଠା ପାଇଁ କେତେ ଯେ ଘଟଣା ଓ ଦୁର୍ଘଟଣା ଘଟୁଛି ତାହା ଆପଣଙ୍କୁ ମୁଁ ଆଉ କ'ଣ କହିବି । ଯଦି ଏହି ଆଙ୍ଗୁଠାର ଗୁଣ ଗାନ କରି ଲେଖି ବସିବି ତେବେ ଗୋଟେ ପୁରାଣ ଲେଖା ହୋଇଯିବ ।

ଆମ ଦୈନନ୍ଦିନ ଜୀବନରୁ ଆରମ୍ଭ କରି ଜ୍ୟୋତିଷ ଶାସ୍ତ୍ର ପର୍ଯ୍ୟନ୍ତ ସବୁଠି ଏହି ଅଙ୍ଗୁଠାର ମହତ୍ତ୍ୱ ଅଛି । କିଏ ଅଙ୍ଗୁଠାକୁ ସଫଳତାର ସୂଚକ ରୂପେ ନିଏ ତ ଆଉ କିଏ ଏହି ଅଙ୍ଗୁଠାକୁ ଗ୍ରହଣ କରେ ବିଫଳତାର ସୂଚକ ରୂପେ । ଯେମିତିକି.. ଯଦି ଅଙ୍ଗୁଠା ଉପର ଆଡକୁ ମୁହଁ କରିଛି ତେବେ ସଫଳତା ଆଉ ଯଦି ତଳ ଆଡକୁ ମୁହଁ କରିଛି ତେବେ ବିଫଳତା । ଦେଖିବାକୁ ଗଲେ ଏହି ଅଙ୍ଗୁଠାର ପରିସର ବ୍ୟାପକ । ଆମର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏହି ଅଙ୍ଗୁଠାର ବହୁଳ ଉପଯୋଗିତା ଅଛି ।

ମୋ ଜୀବନରେ ଏହି ଅଙ୍ଗୁଠାର ବହୁତ ଦୁଃଖଦ ଅନୁଭୂତି ଅଛି । ଏଇ ଅଙ୍ଗୁଠା କଥା ଯେତେବେଳେ ପଡେ ସେତେବେଳେ ପୁଣି ଥରେ ଜୀବିତ ହୋଇଯାଏ ମୋର ଅତୀତ କ୍ଷତ୍। କାହିଁକନା..ଅତୀତରେ ଦିନେ ଯେଉଁ ସାଙ୍ଗ ସହିତ ମିଶି ମୁଁ ବ୍ୟବସାୟ କରୁଥିଲି, ଠିକଣା

ସମୟରେ ସେ ଗ୍ଭଲିଗଲା ମୋତେ ଅଙ୍ଗୁଠା ଦେଖାଇ । ଆଜି ପର୍ଯ୍ୟନ୍ତ ସେହି ଅଙ୍ଗୁଠା ରହି ରହି ମୋତେ କଷ୍ଟ ଦେଉଛି ଯାହାକୁ ନା' ତ ମୁଁ କହିପାରୁଛି ନା' ସହି ପାରୁଛି ।

ଏବେ ଏହି ଅଙ୍ଗୁଠାର ଗୁଣ ବିଷୟରେ ମୁଁ ଆପଣମାନଙ୍କୁ ଆଉ କ'ଣ କହିବି ? କେମିତି ମୋ ଜୀବନରୁ ଏହାକୁ ଦୂରେଇବି ? ବଦମାସଟା ସବୁବେଳେ କଛି ନା' କଛି ବାହାନା କରି ମୋ ସାମ୍ନାକୁ ଗ୍ଭଲି ଆସି ମନ ତଳେ ଲୁଚ ରହିଥିବା କ୍ଷତକୁ ବିଦାରି ପକାଉଛି । କ'ଣ କହିବି ଆଜ୍ଞା! ସେଦିନ ହାତଟା ଟିକଏ କଟିଗଲା ମୋର ।ସାଙ୍ଗେ ସାଙ୍ଗେ ଗଲି ମେଡିସିନ୍ ଦୋକାନକୁ ବ୍ୟାଣ୍ଡେଡଟେ ଆଣିବାକୁ । ଦୋକାନୀକୁ ବ୍ୟାଣ୍ଡେଡଟେମାଗିବାରୁ ସେ ମୋତେ ଅଙ୍ଗୁଠା ଛାପ୍ 'ହାନସାପ୍ଲାଷ୍ଟ' ଧରେଇ ଦେଲା ।

ଏବେତ ମୁଁ କୋଲ୍ଡ ଡ୍ରିଙ୍କସ୍ ପିଇବାକୁ ଡରୁଛି । କାହିଁକି..! କାହିଁକନା ଗୋଟେ ନାମୀ ଦାମୀ କମ୍ପାନୀ ନଜ କୋଲ୍ଡ ଡ୍ରିଙ୍କସ୍ ବୋତଲରେ ବିଧିବଦ୍ଧ ଭ୍ଭବରେ ଅଙ୍ଗୁଠାର ଚହ୍ନକୁ ଛାପିଛି । ଆଉ ଯେତେବେଳେ ମୁଁ ସେ କୋଲ୍ଡ ଡ୍ରିଙ୍କସକୁ ପିଏ ମୋତେ ଲାଗେ ସତେ ଯେମିତି ବ୍ରାଣ୍ଡେଡ୍ ବିଷ ପିଉଛି ।

ହଁ..ହଁ.. ଆଉ ଗୋଟିଏ ଘଟଣା ବିଷୟରେ କହିବାକୁ ତ ମୁଁ ପୁରା ଭୁଲି ଯାଇଥିଲି । ଦିନେ ଗୋଟେ ଜରୁରୀ କାମରେ ଯାଉଥିଲି ମୁଁ । ହଠାତ୍ ମୋ କାରର ଡ୍ରାଇଭର ବନ୍ଦ କରିଦେଲା ଗାଡିକୁ । ମୁଁ ଟିକଏ ଚଡିଯାଇ ତାକୁ "କେଦାର, ଗାଡିକୁ ହଠାତ୍ କାହିଁକ ବନ୍ଦ କଲ ?"ବୋଲି ପଗ୍ଭରିବାରୁ ସେ ମୋତେ ଇସାରାରେ କହିଲା ଯେ, "ସାର୍, ଝିଅଟେ ଲିଫ୍ଟ ମାଗୁଛି ।"

"ତୁମେ କେମିତି ଜାଣିଲ ଯେ, ଝିଅଟି ଲିଫ୍ଟ ମାଗୁଛି ବୋଲି ?" ମୁଁ ଆଶ୍ଚର୍ଯ୍ୟ ହୋଇ ପଗ୍ଭରିବାରୁ ସେ ନଜ ବାମ ହାତର ବୁଢା ଅଙ୍ଗୁଠି ଦ୍ୱାରା ଆଙ୍କନ କରି ଦେଖାଇ କହିଲା, ଏହି ଇସାରାର ଅର୍ଥ ହେଲା.., "ଲିଫ୍ଟର ଆବଶ୍ୟକତା ଅଛି ।"

ସେମିତି ଦେଖିବାକୁ ଗଲେ ଏହି ଅଙ୍ଗୁଠାର ମାୟା ଟିକେ ଅଲଗା ପ୍ରକାରର । ଆମେ ସମସ୍ତେ ଛୋଟରୁ ବଡ କେବଳ ଏହି ଅଙ୍ଗୁଠାକୁ ଚୁସି ଚୁସି ହୋଇଛେ । ନୁହେଁକି..? କ'ଣ

ମୁଁ କଛି ମିଛ କହୁଛି ? ନା'..ଆମେ ସମସ୍ତେ ପିଲାବେଳୁ ଅଙ୍ଗୁଠା ଚୁସିଚେ । ମା' ମାନଙ୍କ ପାଇଁ ତ ଏହି ଅଙ୍ଗୁଠା ବରଦାନ ସଦୃଶ । ଯଦି ଶୋଇଲାବେଳେ ପିଲାମାନେ ଅଝଟ କରନ୍ତି ମା'ମାନେ ଏହି ବ୍ରହ୍ମାସ୍ତ୍ରକୁ ବ୍ୟବହାର କରିବାକୁ କୁଣ୍ଠା ପ୍ରକାଶ କରନ୍ତିନ । ସାଙ୍ଗେ ସାଙ୍ଗେ ଛୁଆଙ୍କ ମୁହଁରେ ଅଙ୍ଗୁଠାକୁ ପୁରେଇ ଦିଅନ୍ତି ଆଉ କଛି ସମୟ ଭିତରେ ଅଙ୍ଗୁଠାକୁ ଚୁସି ଚୁସି ଛୁଆମାନେ ହଜିଯାଆନ୍ତି ନଜର ସ୍ୱପ୍ନ ଦୁନଆରେ ।

ଆମ ଦେଶରେ ଏହି ଅଙ୍ଗୁଠାର ପ୍ରସିଦ୍ଧି କଛି କମ୍ ନୁହେଁ । ଆମର ଦେଶରେ 'ଅଙ୍ଗୁଠା ଛାପ' ନାମରେ ଗୋଟିଏ ସମ୍ପ୍ରଦାୟ ମଧ ଅଛି । ଯେଉଁମାନେ ପାଠଶାଠ ବିବର୍ଜିତ ତାଙ୍କୁ ଆମେ 'ଅଙ୍ଗୁଠା ଛାପ' ଶ୍ରେଣୀରେ ପରିଗଣିତ କରୁ । ହଁ..କଛି ଲୋକ ଏମିତିଆ ମଧ ଅଛନ୍ତି ଯେଉଁମାନେ କୌଣସି ଦାୟିତ୍ୱରୁ ମୁକ୍ତି ପାଇବା ପାଇଁ ନଜକୁ 'ଅଙ୍ଗୁଠା ଛାପ' କହିବାକୁ ପଛାନ୍ତି ନାହିଁ । ସତେ ଯେମିତି 'ଅଙ୍ଗୁଠା ଛାପ' ହେବାଟା ପି.ଏଚ୍.ଡି. ଡିଗ୍ରୀ ହାସିଲ୍ କରିବାଠୁ କୌଣସି ଗୁଣରେ କମ୍ ନୁହେଁ।

ଆପଣ ମାନେ ଜାଣନ୍ତି ସାରା ଦୁନଆ ଉପରେ ଆମେରିକାର ଯେମିତି ଦବଦବା ଅଛି ସେମିତି ବଳଷ୍ଠ ଭୂମିକା ଆମ ଜୀବନରେ ଅଛି ଅଙ୍ଗୁଠାର ।ବିନା ଅଙ୍ଗୁଠାରେ ନା'ତ ଆମେ ଆଧାର କାର୍ଡ କରିପାରିବା ନା' ଆଜିର 'ଡିଜିଟାଲ ଇଣ୍ଡିଆ' ଗଠନରେ ନଜର ଯୋଗଦାନ ଦେଇ ପାରିବା ।

ଥରେ ଭାବି ଦେଖନ୍ତୁ ନା! ଆମ ହାତର ଏଇ ଅଙ୍ଗୁଠା କେତେ ମୂଲ୍ୟବାନ! ତା'ଛଡା ନା'ତ ଆମେ କଛି ଜିନଷ ଉଠେଇ ପାରିବା ନା'ତ ଭାତକୁ ଗୁଣ୍ଡା କରି ଖାଇପାରିବା ।ତା'ଛଡା ବିନା ଅଙ୍ଗୁଠାରେ ଆମେ କ'ଣ ନଜର ନାଁ ଆଉ ଠିକଣା ଲେଖିପାରିବା । ନା'..! ତା'ଛଡା ଆଜିକାଲି ସବୁ ଅନୁଷ୍ଠାନରେ ଆଉ ସ୍କୁଲ୍ କଲେଜରେ ବାୟୋମେଟ୍ରିକ ଉପସ୍ଥାପନା ଯନ୍ତ୍ର ଲଗାଯାଇଛି । ଯେଉଁଥିରେ ଆମେ ଆମ ଅଙ୍ଗୁଠାର ଛାପ ଦେଇ ନଜର ଉପସ୍ଥାପନା ପକାଉଛୁ । ଭାବି ଦେଖନ୍ତୁତ..! ଯଦି ହାତର ଏହି ଅଙ୍ଗୁଠିଟି ନଥାନ୍ତା ତେବେ ଆମେ କ'ଣ କରିଥାନ୍ତେ । ସେଥିପାଇଁ ଆଜ୍ଞା..ମୁଁ କହୁଛୁ ଯେ ଆମ ହାତରେ ସବୁ ଅଙ୍ଗୁଠି ଗୋଟେ ପଟେ ଆଉ ଏହି ଅଙ୍ଗୁଠା ମହାଶୟ ଗୋଟେ ପଟେ ।

ଯଦି ଅଙ୍ଗୁଠାର ମହତ୍ତ୍ୱକୁ ଜାଣିବା ପାଇଁ ଆମେ ଇତିହାସର ପୃଷ୍ଠଭୂମି ଉପରେ ଧ୍ୟାନ ଦେବା ତେବେ ଜାଣି ପାରିବା ଯେ ଭଗବାନ ରାମ, ଧନୁର୍ଦ୍ଧାରୀ ଅର୍ଜୁନ, ପିତାମହ ଭୀଷ୍ମ ସମସ୍ତେ ମହାନ୍ ଧନୁର୍ଦ୍ଧାରୀ ଥିଲେ । ଆଉ ଧନୁରେ ତୀରକୁ ଯୋଖି କେତେ କେତେ ଯୁଦ୍ଧ ଜିତିଛନ୍ତି । ଯଦି ଆମେ ଧ୍ୟାନ ସହକାରେ ଦେଖିବା ତେବେ ଜାଣିପାରିବା ଯେ, ଧନୁରେ ତୀର ଯୋଖିବାରେ ମୁଖ୍ୟ ଭୂମିକା ହେଉଛି ଏହି ଅଙ୍ଗୁଠାର । ଥରେ ଭାବନ୍ତୁତ..! ଯଦି ତାଙ୍କ ହାତରେ ଏହି ଅଙ୍ଗୁଠା ନଥାନ୍ତା ତେବେ ସେ କ'ଣ ଏତେ ବଡ ଧନୁର୍ଦ୍ଧାରୀ ହୋଇପାରିଥାନ୍ତେ.. ନା' ରାମ ରାବଣ ଯୁଦ୍ଧ ହୋଇପାରିଥାନ୍ତା ନା' ମହାଭାରତ ଯୁଦ୍ଧ ହୋଇପାରିଥାନ୍ତା ? ନା'..ରାମାୟଣ ଆଉ ମହାଭାରତ ଭଳି ଗ୍ରନ୍ଥ ରଚନା କରାଯାଇ ପାରିଥାନ୍ତା ।

ଅଙ୍ଗୁଠାର ଚର୍ଚ୍ଚା ଯେତେବେଳେ ଚାଲେ ସବୁଠୁ ଉପରେ ରୁହନ୍ତି ଏକଲବ୍ୟ । ବିଚରା ଏକଲବ୍ୟ! ଦୂରରୁ ନିଜ ଗୁରୁଙ୍କୁ ଦେଖି ଧନୁଚାଳନା ଶିଖିଲେ, ହେଲେ ସେତେବେଳେ ମଧ୍ୟ ତାଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର କନସେପ୍ଟ କେତେ କ୍ଲିୟର ଥିଲା ଦେଖନ୍ତୁତ! ଏକଲବ୍ୟର ସବୁ ବିଦ୍ୟାକୁ ବେକାର କରି ଅର୍ଜୁନଙ୍କୁ ଶ୍ରେଷ୍ଠ ଧନୁର୍ଦ୍ଧାରୀ କରିବା ପାଇଁ ସେ ସିଧା-ସିଧା ତା'ର ଅଙ୍ଗୁଠାକୁ ମାଗି ନେଲେ ଗୁରୁ ଦକ୍ଷିଣାରେ ।

ଆଜିର ଯୁଗରେ ଅଙ୍ଗୁଠାର ମହତ୍ତ୍ୱ ବିଷୟରେ କ'ଣ କହିବି ଆଉ ଆପଣଙ୍କୁ! ବଡ ବଡ କମ୍ପାନୀମାନେ ପ୍ରାୟତଃ ସଦୁପଯୋଗ କରିଥାନ୍ତି ଏହି ଅଙ୍ଗୁଠାର ।ଶ୍ରମିକମାନେ ନିଜ ଦାବୀ ପୂରଣ ପାଇଁ ଯେତେବେଳେ ହଡତାଳ କରନ୍ତି ସେତେବେଳେ କମ୍ପାନୀର ମ୍ୟାନେଜମେଣ୍ଟ ପ୍ରଥମେ ସେମାନଙ୍କୁ ଲଲିପପ୍ ଦେଖାଇ କାମକୁ ଫେରାଇ ଆଣନ୍ତି ।ତା'ପରେ ଗୋଲଟେବୁଲ ବୈଠକରେ କଥାବାର୍ତ୍ତା ଆରମ୍ଭ ହେଲାବେଳକୁ ମ୍ୟାନେଜମେଣ୍ଟ ନିଜର ଚରିତ୍ର ଢଙ୍ଗରେ ଅଙ୍ଗୁଠାର ଦେଖାନ୍ତି ଶ୍ରମିକଙ୍କର ଦାବୀକୁ। ଆଉ ଶ୍ରମିକମାନେ ମଧ୍ୟ ବୁଝିଯାଆନ୍ତି ଯେ, ଅଙ୍ଗୁଠା ଦେଖାଇ ମ୍ୟାନେଜମେଣ୍ଟ ତାଙ୍କ ଦାବୀକୁ ଅସ୍ୱୀକାର କରିଦେଲେ ବୋଲି ।

ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ ଆମ ଅଙ୍ଗୁଠାର ବହୁତ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଛି ଆଜ୍ଞା । ଏହି ଅଙ୍ଗୁଠାର ସିଧା ଅଥବା ଟେଢା ଅବା ଟିକଏ ବଙ୍କା ରୂପକୁ ନେଇ ଜ୍ୟୋତିଷମାନେ କହି

ଦିଅନ୍ତି କଏ ଶାରୀରିକ ପରିଶ୍ରମ ଅଧିକ କରିବ, କଏ ମାନସିକ ସ୍ତରରେ କାମ ଅଧିକ କରିବ କମ୍ବା କଏ ଭବିଷ୍ୟତରେ ଗ୍ଭେର ଖଣ୍ଡ ହେବ । ତେଣୁ ଏବେ ଆପଣମାନେ ବିଗ୍ଭର କରନ୍ତୁ ଆମ ହାତର ଅଙ୍ଗୁଠିଟି କେତେ କାମର ବୋଲି ।

ଆଜିକାଲି ଆପଣ ଯାହାକୁ ଦେଖିବେ ସେ ଅନ୍ୟମାନଙ୍କୁ ଅଙ୍ଗୁଠା ଦେଖାଇବାରେ ବ୍ୟସ୍ତ । ଯେମିତି ନେତାମାନେ ଇଲେକ୍ସନ୍ ସରିଲେ ଅଙ୍ଗୁଠା ଦେଖାଉଛନ୍ତି । ଟିଚରମାନେ କୋର୍ସ ନସାରି ଅଙ୍ଗୁଠା ଦେଖାଉଛନ୍ତି ଷ୍ଟୁଡେଣ୍ଟଙ୍କୁ । ବିଲଡର ମାନେ ଘର ଓ ଜମି ଦେବାକୁ ଯାଇ ଅଙ୍ଗୁଠା ଦେଖାଉଛନ୍ତି ସାଧାରଣ ଜନତାଙ୍କୁ । ପିଲାମାନେ ସବୁ ସମ୍ପତ୍ତିକୁ ନିଜ ନାଁରେ କରିସାରି ଅଙ୍ଗୁଠା ଦେଖାଉଚନ୍ତି ବୃଦ୍ଧ ପିତା ମାତାଙ୍କୁ । ଆଜିର ପ୍ରେମୀ ଯୁଗଳ ପରସ୍ପରକୁ ଦେଖାଉଛନ୍ତି ବାହାହେବା ନାଁରେ । ଡାକ୍ତରମାନେ ଅଙ୍ଗୁଠା ଦଖୋଇ ଶୋଷଣ କରୁଛନ୍ତି ରୋଗୀକୁ । ମନ୍ଦିରରେ ପୂଜାରୀମାନେ ବିଭିନ୍ନ ପୂଜା ନାଁରେ ଅଙ୍ଗୁଠା ଦେଖାଉଛନ୍ତି ଭକ୍ତଙ୍କୁ । ଆଉ ବଡ ବଡ କମ୍ପାନୀମାନେ ଅପମିଶ୍ରଣ ନାଁରେ ଅଙ୍ଗୁଠା ଦେଖାଉଛନ୍ତି ଉପଭୋକ୍ତାଙ୍କୁ । ତେଣୁ ଦେଖିବାକୁ ଗଲେ ଆମ ଦୈନନ୍ଦିନ ଜୀବନରେ ବହୁଳ ବ୍ୟବହାର ଗ୍ଭଲିଛି ଅଙ୍ଗୁଠାର।

କ'ଣ କହିବି ଆଜ୍ଞା..! ଦିନେ ପୁରୁଣା ରୋଷେଇ ଘରକୁ ଟାଇଲ୍ କରିବା ପାଇଁ ଫରମାଇସ୍ କଲେ ମା' ।ମୁଁ ମୋର ଅସହାୟତା ଜଣାଇ ଟାଇଲ୍ ନ କରି ପାରିବାର ଅସମର୍ଥତତା ବିଷୟରେ କହିବାରୁ ସେ ରାଗିଯାଇ ଘରକୁ ଖାଲି ଉଠେଇଲେ ଆଉ ପକେଇଲେ, ଆଉ କହିଲେ,

"କ'ଣରେ ପୁଅ..ତତେ କ'ଣ ମୁଁ ହୀରାର ହାରଟେ ମାଗିଲି ଯେ ମୋତେ ମନା କରୁଛୁ । ଗତ ଥର ସୁନାର ଚୁଡି ଦୁଇପଟ କଣିଦେବାକୁ କହିଲି ଯେ ମୋତେ ସାଙ୍ଗେ ସାଙ୍ଗେ ଅଙ୍ଗୁଠା ଦେଖାଇ ଦେଲୁ । ଆଉ ଆଜି ରୋଷେଇ ଘରକୁ ଟାଇଲ୍ କରିବା ପାଇଁ କହିବାରୁ ମୋତେ ପୁଣି ଥରେ ସେଇ ଅଙ୍ଗୁଠା ଦେଖାଉଛୁ । ଏମିତି ଆଉ କେତେଦିନ ଚଳବ କହିଲୁ ?"


"ମା'.. ଠିକରେ ମନେ ପକାଅତ । ମୁଁ ତୁମକୁ କେଉଁଠି ଅଙ୍ଗୁଠା ଦେଖାଇଛି ? ହଁ..,ଚୁଡି କଣି ଦେବାକୁ ମନା କରିଥିଲି ।" ମୁଁ ତାଙ୍କ କଥା କାଟିବାକୁ ଯାଇ କହିଲି ।

"ଦୁଇଟା ଯାକ ଏକା କଥାରେ ପୁଅ । ମନା କରିବା ଅର୍ଥ ଅଙ୍ଗୁଠା ଦେଖାଇବା ନୁହେଁ ତ ଆଉ କଣ ?" ଆଉ କଛି ବାକ ରହିଗଲାକ ତୋର ।

ଠିକ୍ ତା'ପରେ ପରେ ଛୋଟ ଝିଆରୀଟି ଅଙ୍ଗୁଠାକୁ ଚୁସି ଚୁସି ଆସି ମୋତେ କହିଲା, ଅଙ୍କଲ ଆଜି ପିଜା ଖାଇବାକୁ ବହୁତ ଇଛା ହେଉଛି । ପିଜା ଖାଇବା ପାଇଁ ଯିବାକ ? ମୁଁ ତାକୁ ଆଉ କ'ଣ କହିଥାନ୍ତି ? ଠିକ୍ ଅଛି ପିଜା ଖାଇବାକୁ ଆମେ ନଶ୍ଚୟ ଯିବା ହେଲେ..ଆଗ ନଜ ମୁହଁରୁ ଅଙ୍ଗୁଠାକୁ କାଢି ଦିଅ ମାମା । ମୁଁ ମୋ ଛାତି ଉପରେ ହାତ ରଖି ତାକୁ ଏତିକ କହିବାରୁ ସେ ଜୁଳୁଜୁଳୁ କରି ଦେଖୁଥିଲା ମୋତେ । ସେ ଅବା କାହୁଁ ଜାଣିବ ଯେ ଏହି ଅଙ୍ଗୁଠା ରହି ରହି ମୋତେ କେତେ କଷ୍ଟ ଦେଉଛି ବୋଲି ।

ମା' ଆଉ ଝିଆରୀର ଏହି ଅଙ୍ଗୁଠା ଚର୍ଚ୍ଚା ମୋତେ ପୁଣି ମନେ ପକେଇଦେଲା ମୋ ସାଙ୍ଗ ଦେଖାଇଥିବା ଅଙ୍ଗୁଠା ବିଷୟରେ । ମୋତେ ଲାଗିଲା ଯାହା ହେଇଗଲେବି ଏହି ଆଙ୍ଗୁଠା ମୋ ପିଛା ଛାଡିବନ, ଆଉ ରହି ରହି ଏମିତି କଷ୍ଟ ଦେଉଥିବ ମୋତେ ମଲା ପର୍ଯ୍ୟନ୍ତ ।

୨୧୭,ୟୁନଟ-୯(ଫ୍ଲାଟ) ବାୟାବାବା ମଠ ଲେନ
ଭୁବନେଶ୍ୱର-୨୨



# ଭସା ବାଦଲ

ରାମ ପ୍ରସାଦ ବିଶୋଇ

ଭସା ବାଦଲ ଟିଏ
ଆକାଶେ ଖେଳେ ପବନ ସହ
ମିଶି
ଯେତେବେଳେ ଧକ୍କା ଖାଏ
ବରଷି ଯାଏ
ଅତର୍କିତ


ଆଶ୍ରା ଦିଏ
ପୃଥିବୀ
ହଜାଇ ଦେବାକୁ
ତା ସମ୍ପୂର୍ଣ୍ଣ ସତ୍ତା

ହଜି ଯାଏ
ତା ପରିଚୟ ରହିଯାଏ
ରହିଁ
ପୁଣି ସେ ବେଳକୁ
କେତେବେଳେ ଖାଇବ
ପୁଣି ଧକ୍କା

ଜହ୍ନ
ସେ ତ ଆକାଶର ରାଣୀ
ଗୋଟିଏ ପକ୍ଷ
ପୂର୍ଣ୍ଣ କଳାରେ ଚାଲେ
ବଢି
କ୍ଷୟ ବି ହୋଇ ଚାଲେ
ଆର ପକ୍ଷରେ
ବିଚରା ସମୁଦ୍ର ଉତ୍ଫୁଲ୍ଲିତ ହୁଏ
ଅବାଞ୍ଛିତ ଆବେଗେ
କଚାଡି ହୁଏ
ପୃଥିବୀ ପାଦ ତଳେ
କାଳେ ମିଳିଯିବ
ଆକାଶରେ ହସୁଥିବା
ଅମ୍ଳାନ ଜହ୍ନ
ତା ହାତ ପାହାନ୍ତାରେ

ନଦ ଖୋଜେ ସ୍ୱପ୍ନ
ସ୍ୱପ୍ନ ଖୋଜେ ନଦ
ମରି ଯାଇ ନ କେବେ ଲକ୍ଷ୍ୟ
ଦିନ ଆସେ ଖୋଜିବାକୁ
ଲକ୍ଷ୍ୟ
ରାତି ଶୋଇପଡ଼େ
ଜହ୍ନର
ଓଢଣୀ ତଳେ

ଦିନ କହେ
ତୁ ଫେରିବୁ ପୁଣି
ବାଦଲ
ଅତର୍କିତ ବରଷି ଯିବାକୁ
ପୃଥିବୀ ବକ୍ଷରେ
ଖାଲି ବର୍ଷା ଋତୁକୁ କରେ
ତୁ ପ୍ରତୀକ୍ଷା
ଉଦଣ୍ଡ ନାଚ ନାଚବାକୁ
ଧରଣି ଗ୍ରଣୀ ବକ୍ଷେ
ପ୍ରହେଳକା ମୟୀ ଜହ୍ନ
ପଛେ
ହସୁ ରହି ବାଦଲ
ଅଢୁଆଳେ ମୁରକ ମୁରକ
କହି
ବାଦଲ ନା କେବେ ଥିଲା
ତାର ନା ହେବ ବି କେବେ
ତା ନଜର
ସେ ତ ପବନ ସହ ହସି ଖୁସି ଘୁରି ବୁଲେ
କିଏ କରି ପାରିବ
ଅନାଭରଣ
ପ୍ରକୃତି ବୈଚିତ୍ରତା
ରହସ୍ୟମୟ ମୁଦ୍ରିତ ଲଫାପାରେ
ବନ୍ଦ
ଯେ ତା ଚରିତ୍ର----------!



କାଶ୍ୟପ, ରାୟଗଡା

# ଅଢେଇଶହ ଡଲାର ର ରୋମାଞ୍ଚ



ଡ. ବିଜ୍ଞାନୀ ଦାସ

ରବିର ଭାବନା ରଙ୍ଗମୟ ହେଉଥିଲା । କେଜାଣି କାହିଁକି ତିଲୁ ତା' ମନ ଭିତରେ ସତେକି ପ୍ରେମର ଏକ ନୂଆ ଗଛର ରୋପଣ କରି ଦେଇଗଲା । ଜାହ୍ନବୀର ବାହାଘର ସମ୍ବାଦ ଶୁଣିବା ପରେ ବିଧ୍ୱସ୍ତ ହୋଇଯାଇଥିବା ରୋମାଣ୍ଟିକ୍ ଚେତନା ଏବେ ଜାଗ୍ରତ ହୋଇଉଠିଲା । ଶ୍ରୀକ୍ଷେତ୍ରରେ ମନ୍ଦିରରୁ ଫେରିବା ସମୟରେ ବାଇଶି ପାହାଚ ଉପରେ ପାଦ ଥୋଇ ସିଏ ଜଗନ୍ନାଥଙ୍କ ପାଖରେ ମାନସିକ କଲା ।"ମୋ ଜୀବନରେ ପ୍ରେମ ଭରିଦିଅ ପ୍ରଭୁ, ରଙ୍ଗ ଭରିଦିଅ । ତିଲୁର ମେରୀଲାଣ୍ଡ ରେ ରେସିଡେନ୍‌ସୀ କରେଇଦିଅ ଓ ତା' ସହିତ ମୋ ଜୀବନ ବାନ୍ଧିଦିଅ ।"

ନିଜ ଭାବନାରେ ଏମିତି ପ୍ରାର୍ଥନା କରୁଥିବା ସମୟରେ ତାର ଚକ୍ଷୁଦ୍ୱୟ ମୁଦ୍ରିତ ଥିଲା ଓ ତା' ମୁହଁରେ ଏକ କାରୁଣିକ ଭାବ ପ୍ରକଟ ହେଉଥିଲା । ତାକୁ ଦେଖି ତିଲୁ ପଚାରିଲା, "ଆପଣ କଣ ଏମିତି ସଙ୍କଟରେ ପଡିଛନ୍ତି ଯେ ଭଗବାନଙ୍କୁ ଏତେ ଦୟନୀୟ ହୋଇ ଭିକ୍ଷା କରୁଛନ୍ତି?"

ରବିର ତା' ତିନିଦିନ ପରେ ଆମେରିକା ଫେରିଆସିବା ପାଇଁ ଟିକେଟ୍ ହୋଇଥିଲା । ରବିକୁ ତେଣୁ ଦୁଇଦିନ ପରେ ଦିଲ୍ଲୀ ଫେରିଯିବାକୁ ପଡିବ ଓ ଦିଲ୍ଲୀରୁ ସିଏ କେ.ଏଲ୍.ଏମ୍ ଏୟାର୍‌ଲାଇନ୍‌ସ୍ ଫ୍ଲାଇଟରେ ଓ୍ୱାସିଂଟନ୍ ଡିସି ଫେରିବ । ହେଲେ ମନ ହେଉଥିଲା ତିଲୁ ସହିତ ଆଉ କିଛି ଅଧିକ ସମୟ ବିତେଇବାର ବାହାନା ମିଳଯାଆନ୍ତା କି ?

ସେମାନେ ପୁରୀରୁ ଫେରିବା ପରେ ଘରେ ପହଞ୍ଚି ଟିକେ ବିଶ୍ରାମ ନେଲେ । ତାପରେ ଜୁଲି ତିଲୁକୁ ନେଇଗଲା ଶପିଙ୍ଗ୍ କରିବାପାଇଁ । ରବି ତା' ସାଙ୍ଗମାନଙ୍କ ସହିତ କିଛି ସମୟ ବିତେଇ ପୁଣି ସଂଧ୍ୟାବେଳକୁ ଘରକୁ ଫେରିଆସିଥିଲା । ସେମାନେ ସଂଧ୍ୟାବେଳର ଗୃହା

ସମସ୍ତେ ମିଶି ପିଉଥାନ୍ତି । ତିଲୁ ପଚାରିଲା, "ଆପଣ କଣ ସତରେ ଦୁଇଦିନ ପରେ ଫେରିଯିବେ ?"

ରବି - "ହଁ, ଟିକେଟ୍ ତ ସେମିତି ହୋଇଛି ।"

ତିଲୁ - "ପ୍ରମୋଦ ଭାଇଙ୍କ ରିସେପ୍ସନ୍ ରେ ବି ରହିବେନି ?"

ରବି – "ମୁଁ ପ୍ରମୋଦକୁ ସେକଥା ଜଣେଇ ଦେଇଥିଲି । ତାପରେ ଆମର ୟୁନିଭର୍ସିଟିରେ କ୍ଲାସେସ୍ ଆରମ୍ଭ ହୋଇଗଲାଣି ତ । ଏ ସମୟରେ ଏତେ ଛୁଟି ନେଇହେବନି ।"

ତିଲୁ - "ମୁଁ ଭାବୁଥିଲି, ଆମେ ସମସ୍ତେ ମିଶି ସମ୍ବଲପୁର ବୁଲି ଯାଇଥିଲେ ହୋଇଥାଆନ୍ତା । ହେଲେ ଆପଣ ସାଙ୍ଗରେ ନ ରହିଲେ ଆମେ ଝିଅ ଦୁଇଜଣ ଯିବାକୁ ସାହସ କରିପାରୁନୁ ।"

ରବି - "ଏବେ ତ ଯେଉଁଠି ଦେଖ, ନାରୀ ସମାନତା, ନାରୀ ସ୍ୱତନ୍ତ୍ରତା ନେଇ ଗୋଟିଏ ଜାଗରଣ ପ୍ରବାହ ଚାଲିଛି । ସେଥିରେ ଯଦି ତମ ଭଳି ଉଚ୍ଚଶିକ୍ଷିତା ବ୍ରିଲିଆଣ୍ଟ ଡାକ୍ତର ଏମିତି ମନ୍ତବ୍ୟ ଦେବେ, ସେଇଟା ଜମା ବି ଶୋଭା ପାଇବନି ।"

ତିଲୁ - "ମୁଁ ମାନୁଛି, ନାରୀ ସମାନତାର ଜାଗରଣ ଚାଲିଛି । ତେବେ ଜାଗରଣର ଭାଷା ଓ ପ୍ରକୃତ ଜୀବନର କାହାଣୀ ସେସବୁ ଭିତରେ ପାର୍ଥକ୍ୟ ଅଛି । ହେଲେ ଆପଣ ସେସବୁ କହି ବିଷୟ ବଦଳେଇ ଦିଅନ୍ତୁନି । କୁହନ୍ତୁ, ଆପଣ କଣ ଦୁଇଦିନ ଅଧିକ ରହି ପାରିବେନି? ତେବେ ଆମେ ସମସ୍ତେ ମିଶି ସମ୍ବଲପୁର ଯାଆନ୍ତେ । ଆପଣ ବି ପ୍ରମୋଦ ଭାଇ ଓ ଜାହ୍ନବୀ ଅପାଙ୍କ ରିସେପ୍ସନ୍ ଆଟେଣ୍ଡ୍ କରିପାରନ୍ତେ ।"

ରବି କଣ ଉତ୍ତର ଦେବ, ହଠାତ୍ ବୁଝିପାରିଲାନି । ଏ ତିଲୁ ବି, କେତିକି ସମୟର ପରିଚୟ, ସେଥିରେ ସିଏ ଏମିତି ଏକ ଅନୁରୋଧ କରିବାକୁ ଭାବିପାରିଲା କେମିତି ?

ଜୁଲି ଓ ତିଲୁ କଣ ଫୁସୁରୁଫାସର ହେଉଥାନ୍ତି । ରବିକୁ ଏମିତି ଅନୁରୋଧ କେହି ବି କେବେ କରିନାହାନ୍ତି । ସମସ୍ତେ ଜାଣନ୍ତି, ରବି ଯାହା ସ୍ଥିର କରିଥାଏ, ସେଥିରୁ କେହି ତାକୁ ବିଚ୍ୟୁତ କରିପାରିବେନି । ଏମିତି ଗୋଟିଏ ଗୋଟିଏ ଅନୁରୋଧ କରି ବିଫଳ ହେବାର ଅଭିଜ୍ଞତା ସମସ୍ତଙ୍କର ହୋଇସାରିଛି ।

ଜୁଲି ଜାଣିଛି, ଭାଇ ଏବେ ହୁଏତ ରାଗିଯାଇପାରେ । ତାପରେ କଣ ଯେ କହିବ ? ତିଲୁ କଣ ଭାବିବ ?

ତିଲୁ ପୁଣି ଥରେ ଅନୁରୋଧ କରି କହିଲା, "ଦେଖନ୍ତୁ, ଆପଣ ନ ରହିଲେ, ବୁଲାବୁଲି ଜମା ବି ଭଲ ଲାଗିବନି । ତାପରେ ଏମିତି ପୁଣି ମିଳାମିଶାର ସୁଯୋଗ ଆଉ କେବେ ଆସିବ କିଏ ଜାଣେ ? ବର୍ତ୍ତମାନର ଏ ସୁଯୋଗକୁ କଣ ଏମିତି ଏଡିଦେବା ଭଲ ?"

ରବି ମନେମନେ ଭାବିଲା, ଏ ଝିଅର କଣ ଏତିକ ବୁଦ୍ଧି ନାହିଁ ଯେ ଟିକେଟ୍ ଏକସଟେଣ୍ଡ କରିବା ସହିତ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡେ ବୋଲି । ହେଲେ ତିଲୁର ସେ ଅନୁରୋଧର ବାକ୍ୟଟି, "ଦେଖନ୍ତୁ, ଆପଣ ନ ରହିଲେ, ବୁଲାବୁଲି ଜମା ବି ଭଲ ଲାଗିବନି" କାହିଁକି କେଜାଣି ରବି ମନରେ ଯାଦୁ ଭଳି କାମ କଲା । ସିଏ ଟିକେ ହସି କହିଲା, "ତମେ କିନ୍ତୁ ଗୋଟିଏ ଅଜବ ଅନୁରୋଧ କଲ । ମୁଁ ଟିକେ ଭାବେ ଓ ଏୟାର୍‌ଲାଇନ୍ସ୍ ସହିତ ଯୋଗାଯୋଗ କରି ବୁଝେ ।"

ଜୁଲି ଅବାକ୍ ହୋଇଗଲା । ମାଈଁ ବି ସେଠି ମାଛ ଭାଜୁଥିଲେ । ତିଲୁ ବଙ୍ଗାଳୀ ଝିଅ ତ, ମାଛ ପାଇଁ ତାର ବହୁତ ଦୁର୍ବଳତା । ମାଈଁ ସେଥିପାଇଁ ସ୍ୱତନ୍ତ୍ର ଭାବେ ଗାଁ ପୋଖରୀର ମାଛ ମଗେଇଥିଲେ । ସିଏ ବି ରବି କଥାଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଏଇତ ଦୁଇଦିନ ତଳେ ରବିର ମା' ସେଇକଥା ତାଙ୍କୁ ପରୋକ୍ଷରେ କହୁଥିଲେ, ଅନ୍ତତଃ ପ୍ରମୋଦ ଓ ଜାହ୍ନବୀର ରିସେପ୍‌ସନ୍ ପାଇଁ ରହିଗଲେ ଜାହ୍ନବୀକୁ ଭଲଲାଗନ୍ତା ।

ରବି ନିଜେ ବି ଆଶ୍ଚର୍ଯ୍ୟ ହେଲା । ଗୁହା ପିଇସାରି ସିଏ କଂପ୍ୟୁଟର୍ ଅନ୍ କଲା ଓ ଏୟାର୍ ଲାଇନ୍ସ୍ ଡେଟିଟେଲ୍‌ସ୍ ସବୁ ଚେକ୍ କରି ନିଜର ଟ୍ରାଭଲ୍ ଏଜେଣ୍ଟକୁ ହ୍ୱାଟ୍‌ସ୍‌ଆପରେ ଫୋନ୍ ଲଗେଇଲା । ଟ୍ରାଭଲ୍ ଏଜେଣ୍ଟରେ କହିବା ଅନୁଯାୟୀ, ତାକୁ ଅଧିକ ଅଢେଇଶହ ଡଲାର୍ ଖର୍ଚ୍ଚ କରିବାକୁ ପଡିବ । ହେଲେ ଭୁବନେଶ୍ୱରରୁ ଦିଲ୍ଲୀ ଓ ଦିଲ୍ଲୀରୁ ଓ୍ୱାସିଂଟନ୍ ଡିସି ଟିକେଟ୍ ମିଳିବାରେ କିଛି ଅସୁବିଧା ହେବନି । ସେ ଟ୍ରାଭଲ୍ ଏଜେଣ୍ଟାକୁ ରବି ପ୍ରାୟ ପାଞ୍ଚବର୍ଷରୁ ଅଧିକ ଜାଣିଲାଣି । ତାର ସମସ୍ତ କନ୍‌ଫରେନ୍‌ସ୍ ସମ୍ବନ୍ଧୀୟ ଟ୍ରାଭଲ୍ ଓ ବ୍ୟକ୍ତିଗତ ଟ୍ରାଭଲ୍ ପାଇଁ ସିଏ ସେଇ ଟ୍ରାଭଲ୍ ଏଜେଣ୍ଟ ମାଧ୍ୟମରେ ହିଁ ଟିକେଟ୍ କରାଏ । ତେଣୁ ସେ ଟ୍ରାଭଲ୍ ଏଜେଣ୍ଟ ଉପରେ ରବିର ଅନେକ ଆସ୍ଥା । ଏଣୁ ଆଉ କିଛି ଅଧିକ ଚିନ୍ତା ନକରି ସମୁଦାୟ

ଆଉ ତିନଦିନ ଅଧିକ ବଢାଇ ସିଏ ଟିକେଟ୍ କରେଇନେଲା ଓ ଟ୍ରାଭ୍‌ଲ୍ ଏଜେଣ୍ଟକୁ ଇମେଲ୍ ରେ ପରିବର୍ତ୍ତିତ ଟିକେଟ୍ ପଠେଇଦେବାକୁ ଅନୁରୋଧ କରି ଫୋନ୍ ରଖିଲା ।

ସିଏ ଯେତେବେଳେ ଆସି ଏ ଶୁଭଖବର ଜଣେଇଲା, ତିଲୁ କୃତକୃତ୍ୟ ହୋଇଗଲା । ଜୁଲି ଆଖିରୁ ଦୁଇବୁନ୍ଦା ଲୁହ ଝରିପଡିଲା । ସିଏ ଭଉଣୀ ଭାବେ ଏଭଳ ଅନୁରୋଧ କରିପାରିବାକୁ ସାହସ କରିନ, ହେଲେ ଆଜି ତିଲୁ ସେଭଳ ଅନୁରୋଧ କରିଦେଲା, ଆଉ ଭାଇ ବି ସେ ଅନୁରୋଧ ରଖିଲା ।

ରବି ଜୁଲିକୁ କହିଲା, "ତାହେଲେ ସମ୍ବଲପୁର ଯିବାର ପ୍ଲାନ୍ କର । ମୁଁ ବି ତ ସମ୍ବଲପୁର କେବେ ଦେଖିନ । ହେଲେ ମୋର ଜଣେ ସାଙ୍ଗ ସେଠି ପ୍ରଫେସର୍ ଅଛି । ତୁ ପ୍ଲାନ୍ କରି ଜଣେଇଲେ, ମୁଁ ତାକୁ ଜଣେଇବି । ବୁଲାବୁଲି କରିବା ପାଇଁ ଚହ୍ନାଜଣା ଡ୍ରାଇଭର୍ ଓ ରହିବାପାଇଁ ନିରାପଦ ସ୍ଥାନ ସିଏ ଯଦି ଯୋଗାଡ କରିଦେବ ତ ଭଲହେବ ।"

ତାପରେ ତିଲୁକୁ ଜଣେଇଲା, "ମାଡାମ୍, ଏବେ ତ ଖୁସି । ତେବେ ଏ ସମ୍ବଲପୁର ଯାତ୍ରାରେ କଣ କେଉଁଠି ଦେଖିବାକୁ ଚାହଁ, ଶୀଘ୍ର ତାଲିକା କରି ପ୍ରସ୍ତୁତିରେ ଲାଗିଯାଅ । ଆମେ କାଲି ସକାଳୁ ବାହାରିଯିବା ।"

ତିଲୁର ଗୋଡ ତଳେ ଲାଗୁନଥାଏ । ଯେମିତି ଗୋଟିଏ ଗଡ ଜୟ କରିଛି, ସେମିତି ଅନୁଭବ ହେଉଥାଏ ।

ରବିର ମନ ବି କେମିତି ଏକ ଆନନ୍ଦ ସ୍ରୋତରେ ଭାସିଭାସି ଚାଲିଥାଏ । ଅଢେଇଶହ ଅଧିକ ଡଲାର୍ ଖର୍ଚ୍ଚରେ ଏମିତି ଏକ ଆନନ୍ଦର ସ୍ରୋତ ତା ମନରେ, ଦେହରେ ବହିଯିବାର ଅନୁଭବ ତାର ଅତି କ୍ୱଚତ ରହିଛି । ସେଇଆ ତ ସିଏ ଚାହୁଁଥିଲା । ତିଲୁ ସହିତ ଆଉ କିଛି ଅଧିକ ମୁହୂର୍ତ୍ତ ବିତାଇବା ପାଇଁ, ତାର ସୁନ୍ଦର ହସହସ ମୁହଁକୁ ଦେଖି ଖୁସି ଅନୁଭବ କରିବା ପାଇଁ। ତା' ସହିତ ଯୁକ୍ତିତର୍କ କରି, ପୁଣି କେତେବେଳେ କଥାରେ କଥା ମିଶେଇ ରୋମାଞ୍ଚ ଅନୁଭବ କରିବା ପାଇଁ । ଦେଖ ତ, ତା' ଚାହୁଁଥିବା ଜିନଷଟି କେମିତି ଖୁବ୍ ସହଜରେ ମିଳଗଲା ?

ତିଲୁ ଓ ଜୁଲି ସମ୍ବଲପୁର ଯିବା ଆୟୋଜନରେ ଲାଗିଗଲେ । ଯୋଜନା ଅନୁଯାୟୀ ଟିକେଟ୍ ମଧ୍ୟ ମିଳିଗଲା । ଆସନ୍ତା କାଲି ସକାଳୁ ବଲାଙ୍ଗୀର ଏକ୍ସପ୍ରେସ୍ ଟ୍ରେନରେ ସେମାନେ ଭୁବନେଶ୍ୱରରୁ ବାହାରି ଦିନ ବାରଟା ବେଳକୁ ସମ୍ବଲପୁରରେ ପହଞ୍ଚିଯିବେ । କାଲିଟା ଓ ପହରିଦିନ ସମ୍ବଲପୁରରେ ରହିବେ । ଫେରିବେ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନରେ। ଆସିଲେ ସନ୍ଧ୍ୟାବେଳେ, ପ୍ରମୋଦ ଓ ଜାହ୍ନବୀଙ୍କ ରିସେପ୍ସନ୍ ଆଟେଣ୍ଡ କରିପାରିବେ । ଜୁଲି ଟିକେଟ୍ କରିଦେଲା । ତିଲୁ କଣ କଣ ପ୍ୟାକ୍ କରାଯିବା ଉଚତ, ସେସବୁର ତାଲିକା କରି ରବି ଓ ଜୁଲିଙ୍କୁ ଟେକ୍ସଟ୍ କରିଦେଲା ଓ ସମ୍ବଲପୁରରେ କଣକଣ ଦେଖିବା କଥା,ସେସବୁର ତାଲିକା କରି ରବିକୁ ଉଭୟ ଇମେଲ୍ ଓ ଟେକ୍ସଟ ପଠେଇଲା ।

ରବିର ସାଙ୍ଗ ବିକ୍ରମ ପଟ୍ଟନାୟକ, ସମ୍ବଲପୁର ୟୁନିଭର୍ସିଟିରେ ପଦାର୍ଥ ବିଜ୍ଞାନର ଅଧ୍ୟାପକ। ତାଙ୍କୁ ଫୋନ୍ କରି ରବି ସେମାନଙ୍କର ଏ ସମ୍ବଲପୁର ଯାତ୍ରା ବିଷୟରେ ଜଣେଇବାରୁ ସିଏ ବହୁତ ଖୁସି ହୋଇଗଲେ ଓ ସମସ୍ତଙ୍କୁ ତାଙ୍କ ଘରେ ହିଁ ଅତିଥି ହୋଇ ରହିବାକୁ ଅନୁରୋଧ କଲେ ।

ତା' ପରଦିନ ସେମାନେ ସମସ୍ତେ ସକାଳୁ ଉଠି ପ୍ରସ୍ତୁତ ହୋଇ ବାହାରି ପଡିଲେ ସମ୍ବଲପୁର ଅଭିମୁଖେ । ବହୁତ ଦିନ ପରେ ରବିର ଏ ରେଳଯାତ୍ରା ଅନୁଭବ । ଏମିତି କ ତିଲୁ ଓ ଜୁଲି ମଧ୍ୟ ଜଣେଇଲେ ଯେ ପ୍ଲେନ୍ ଟିକେଟ୍ ଶସ୍ତାରେ ମିଳଯାଉଥିବାରୁ, ସେମାନେ ବି ବହୁତ ଦିନ ହେଲା ଟ୍ରେନରେ ଯାତ୍ରା କରିନାହାନ୍ତି । ସମସ୍ତଙ୍କୁ ଭଲ ଲାଗୁଥାଏ । ଗୋଟିଏ ବର୍ଥରେ ତିନଟା ସିଟରେ ସେମାନେ ବସିଥାନ୍ତି । ତାଙ୍କର ବିପରୀତ ପାର୍ଶ୍ୱରେ ବସିଥାନ୍ତି ଗୋଟିଏ ଯୁବ ପରିବାର, ବାପା, ମା ଓ ତାଙ୍କର ତିନି ବର୍ଷର ଛୋଟ ଝିଅଟିଏ । ସେ ଛୋଟ ଝିଅଟି ଜୁଲି ଓ ତିଲୁଙ୍କ ସହିତ ଖୁବ୍ ମିଶିଗଲା ଓ ସେମାନଙ୍କ ସହିତ ଖେଳିବାରେ ମଜ୍ଜିଯାଉଥିଲା । ରବି ମଝିରେ ମଝିରେ ଷ୍ଟେସନ୍ ସବୁ ଦେଖିବାକୁ ତଳକୁ ଓହ୍ଲାଉଥିଲା । କେତେବେଳେ ପିଜୁଳି ତ କେତେବେଳେ କମଳା ଏମିତି ସବୁ କିଣି ଭିତରକୁ ନେଇଆସୁଥିଲା । ସମସ୍ତେ ମିଶି ଖାଉଥିଲେ । ଅନ୍ୟ ପରିବାରକୁ ମଧ୍ୟ ଯାଚୁଥିଲେ । କଥାବାର୍ତ୍ତା କରି ଜଣାପଡିଲା ସେ ପରିବାରଟି ମା' ସମଲାଇଙ୍କ ଦର୍ଶନ କରିବାକୁ ଯାଉଛନ୍ତି । ଝିଅଟିର ଦେହ ବିଡମ୍ବନା

ରହିଥିଲା । ଝିଅଟିର ଅଜା, ଆଈ, ସମ୍ବଲପୁରରେ ରୁହନ୍ତି । ସେମାନେ ମା' ସୋମଲାଇଙ୍କ ପାଖରେ ମାନସିକ ରଖିଥିଲେ । ସେଇ ମାନସିକ ପୂରଣ ପାଇଁ ସେମାନେ ସମ୍ବଲପୁର ଯାଉଛନ୍ତି ।

ତିଲୁ ତ ଡାକ୍ତରାଣୀ । ସିଏ ଖୋଳତାଡ କରି ସେ ଛୋଟ ଝିଅଟିର ସ୍ୱାସ୍ଥ୍ୟ ବିଷୟରେ ବୁଝିବାକୁ ଚାହିଁଲା ।

ସେ ଝିଅଟିର ବାପା, ମା' କହିବସିଲେ ସେ ଇତିହାସ । ସେ ଝିଅଟି ଅଢେଇ ବର୍ଷ ପର୍ଯ୍ୟନ୍ତ କଥାବାର୍ତ୍ତା କରୁନଥିଲା । ଏମିତି କ ଠିଆ ହେଲା ବର୍ଷକ ପରେ, ଚାଲିଲା ଦେଢବର୍ଷ ପରେ । ହେଲେ ଏତେଦିନ ପର୍ଯ୍ୟନ୍ତ କଥାବାର୍ତ୍ତା ନ କରିବାରୁ ସେମାନେ ଜଣେ ଚାଇଲ୍ଡ୍ ସ୍ପେସିଆଲିଷ୍ଟ ପାଖକୁ ନେଇ ଦେଖେଇଲେ । ସିଏ ଅପରେସନ୍ କରିବାର ପ୍ରସ୍ତାବ ରଖିଲେ । ସେଥିରେ ଘରେ ସମସ୍ତେ ଶଙ୍କିତ ହୋଇପଡିଲେ । ଏତେ ଛୋଟପିଲାଟା, ଏତେବଡ ଅପରେସନ୍ ? ସମ୍ଭାଳ ପାରିବ ତ? ଅନ୍ୟ କେତେଜଣ ଚହ୍ଲାଜଣା ଡାକ୍ତର ଆଉ ଗୋଟିଏ ବର୍ଷ ଅପେକ୍ଷା କରି ଦେଖିବାକୁ କହିଲେ । ହେଲେ ଚାଇଲ୍ଡ୍ ସ୍ପେସିଆଲିଷ୍ଟ କହିଲେ, “ଆପଣ ଯଦି ଅପେକ୍ଷା କରିବାକୁ ଚାହୁଁଛନ୍ତି, କରନ୍ତୁ, ହେଲେ ପିଲାର ସବୁଦିନ ପାଇଁ ମୂକ ହୋଇ ରହିଯିବାର ସମ୍ଭବନା ରହିଛି ।" ଏସବୁ ଶୁଣି ବାପା, ମା କେମିତି ସମ୍ଭାଳ ରହିବେ? ଭାବିଭାବି ଝିଅର ମା'ର ଡିପ୍ରେସନ୍ ବଢିଗଲା । ବାପାର ମନୋଭାବ ଆହୁରି ଖରାପ ହୋଇଗଲା । ହେଲେ ଏଇ ସମୟରେ ଉଦ୍ଧାର କଲେ ମା' ସୋମଲାଇ ।

"ମା, ସୋମଲାଇ ଉଦ୍ଧାର କଲେ ? କେମିତି ?" - ତିଲୁ ଆଶ୍ଚର୍ଯ୍ୟ ହୋଇଗଲା ।

ପିଲାଟିର ଅଜା, ଆଈ ଏ କଥା ଶୁଣି ବଡ ମର୍ମାହତ ହେଲେ । ଆଉ କଛି ଉପାୟ ନପାଇ ସେମାନେ ନିଜକୁ ମା' ସୋମଲାଇଙ୍କ ପାଖରେ ସମର୍ପଣ କରିଦେଲେ । ପିଲାଟି ପାଇଁ ଦୁଇଦିନର ଯଜ୍ଞ କରାଗଲା । ସାଧୁ, ବ୍ରାହ୍ମଣ ଭୋଜନ ଦିଆଗଲା । ଆଉ ଆଲୌକିକ କଥା ହେଲା ଯେ, ଯଜ୍ଞ ସଂପୂର୍ଣ୍ଣ ହେବାର ପନ୍ଦର ଦିନପରେ ପିଲାଟି କଥାକହିବା ଆରମ୍ଭ କଲା ।

"ସତରେ ନା' କଣ ? ମା' ସୋମଲାଇଙ୍କର ଏମିତି ମହିମା ?"

ତିଲୁର ଏ ପ୍ରଶ୍ନରେ ଆହୁରି ଉତ୍ସାହିତ ହୋଇ ସ୍ତ୍ରୀ ଲୋକ ଜଣକ ଅତି ବିଶ୍ୱାସରେ ଦୁଇହାତ ଉପରକୁ ଟେକଲେ ଓ କହିଲେ, "ହଁ ଆଜ୍ଞା । ଆପଣ ବି ଯାହା ମାନସିକ ରଖିବେ, ସେସବୁ ପୂରଣ ହେବ । ଆପଣଙ୍କର ତ ପିଲାପିଲି ହୋଇନ । ମା'ଙ୍କୁ ଦର୍ଶନ କରି ମାଗନ୍ତୁ । ଆସନ୍ତା ବର୍ଷକୁ ଆପଣଙ୍କ କୋଳରେ ପିଲାଟିଏ ଥିବ ।"

ଜୁଲି ହସିହସି କହିଲା, "ହେଲେ ଭାଉଜ, ତା'ର ପିଲାପିଲି କେମିତି ହେବ ? ସିଏ ତ ବାହା ହୋଇନ ।"

ଏଥିରେ ନାରୀଜଣକ ଲଜ୍ଜିତ ହୋଇ କହିଲେ, "ସରି, ମୁଁ ଭାବିଥିଲି ସିଏ ଆପଣଙ୍କ ଭାଉଜ ବୋଲି ।"

ଉଭୟ ରବି ଓ ତିଲୁ ଅପ୍ରସ୍ତୁତ ଦିଶିଲେ । ହେଲେ ରବି ନିଜ ମନ ଭିତରେ ରୋମାଞ୍ଚ ଅନୁଭବ କରୁଥାଏ । "ଏକଥା ଦିନେ ସତ ହୁଅନ୍ତା କି ? ତିଲୁ ମୋ ଜୀବନ ଭିତରକୁ ପଶିଆସନ୍ତା କି ?"

ତିଲୁ ବି ମନେମନେ ରୋମାଞ୍ଚ ଅନୁଭବ କଲା । "ସତରେ, ରବି ଏତେ ହ୍ୟାଣ୍ଡସମ୍, ଏତେ ଉଚ୍ଚଶିକ୍ଷିତ ଆଉ ଏତେ ମାର୍ଜିତ । ତାଙ୍କ ଭଳି ପୁରୁଷ ସବୁ ନାରୀଙ୍କର କାମ୍ୟ । ତିଲୁ ଜୀବନରେ ସିଏ ଯଦି ଏଣ୍ଟ୍ରି ମାରନ୍ତେ ତ ଜୀବନ ରଙ୍ଗମୟ ହୋଇଯାଆନ୍ତା ।"

ପ୍ରାୟ ୧୧ଟା ୪୫ ବେଳକୁ ଟ୍ରେନ୍ ତା' ଗନ୍ତବ୍ୟ ସ୍ଥଳ ସମ୍ବଲପୁର ଷ୍ଟେସନରେ ପହଞ୍ଚିଗଲା । ସେମାନେ କଂପାର୍ଟମେଣ୍ଟରୁ ବାହାରକୁ ଆସିଲେ । ଲଗେଜ୍ ତ ସେମିତି କିଛି ନଥିଲା । ସମସ୍ତଙ୍କର ଗୋଟିଏ ଗୋଟିଏ କ୍ୟାରିଅନ୍ ବ୍ୟାଗ୍ ଓ ହ୍ୟାଣ୍ଡବ୍ୟାଗ । ପ୍ଲାଟ୍‌ଫର୍ମରେ ବିକାଶ ପଟ୍ଟନାୟକ ଅପେକ୍ଷା କରିଥିଲେ, ଏତେ ବର୍ଷ ପରେ ସାଙ୍ଗକୁ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲେ । ସମସ୍ତେ ବିକାଶ ପାର୍କ କରି ରଖିଥିବା ଗାଡି ପାଖକୁ ଆସିଲେ । ଗାଡି ଭିତରେ ତିନିଜଣଙ୍କ ପାଇଁ ତିନିଟି ଟିଫିନ୍ ଡବାରେ ସୁଜି ଉପମା ରହିଥିଲା । ସେମାନେ ସେ ସୁଜି ଉପମା ଖାଇ ଓ ବୋତଲ ପାଣି ପିଇ ବ୍ରେକ ମାରିଲେ । ଗାଡି ଭିତରେ ବସି ବିକାଶ ରବିକୁ ପଚାରିଲେ, "ଆରେ ସାଙ୍ଗ, ତୁ ତ ମତେ ଚମକେଇ ଦେଲୁ । କେବେ ବାହାହେଲୁ, ଖବର ବି ଦେଲୁନ । ନ ଦେ ବରଂ, ହେଲେ ଭାଉଜଙ୍କୁ ନେଇ ମୋ ପାଖକୁ ଆସିଲୁ, ମୁଁ ସେଥିପାଇଁ ସେ ରାଗ ଭୁଲିଲି ।"

ତାପରେ ତିଲୁ ଆଡେ ଚାହିଁ ବିକାଶ କହିଲେ, "ଆଚ୍ଛା ଭାଉଜ, କୁହନ୍ତ, ଆମର ଏ ପ୍ରଫେସର୍ ବନ୍ଧୁ ତମକୁ ଆମମାନଙ୍କ ବିଷୟରେ କଛି କେବେ କୁହନ୍ତି ନା ନାହିଁ ?"

ରବି ବିକାଶ କାନ୍ଧରେ ମୃଦୁ୍ୟ ଚାପ ଦେଇ ପଚାରିଲା, "କାହାକୁ ଭାଉଜ କହୁଛୁ ?"

ବିକାଶ ନର୍ବୋଧ ଭାବେ ପଚାରିଲା, "ଭାଉଜଙ୍କୁ ଭାଉଜ କହୁଛି, ଆଉ କାହାକୁ କହିବି?"

ପୁଣି ଥରେ ରବି ବିକାଶ କାନ୍ଧରେ ମୃଦୁ୍ୟ ଚାପ ଦେଇ କହିଲା, "ସିଏ ତ ଜୁଲି, ତୁ ତାକୁ ଆଗରୁ ଭେଟିଛୁ, ଆଉ ଇଏ ହେଲେ ଡାକ୍ତର ତିଳୋତ୍ତମା ମୁଖାର୍ଜୀ, ଡାକ ନାମ ତିଲୁ, ସିଏ ଜୁଲିର ସାଙ୍ଗ ।"

ବିକାଶ ଲଜ୍ଜିତ ହୋଇ ତିଲୁକୁ କ୍ଷମା ମାଗିଲେ ।"ସରି ଆଜ୍ଞା, ମୋର ଭୁଲ୍ ହୋଇଗଲା ।"

ତିଲୁ ଲଜ୍ଜିତ ଦିଶିଲା ଓ ବିକାଶଙ୍କ ଉଦ୍ଦେଶ୍ୟରେ କହିଲା, "ସେଇଟା ଆପଣଙ୍କର ଭୁଲ୍ ନୁହେଁ, ଏଇଟା ତ ସାଧାରଣ ମାନସିକତା । ଗୋଟିଏ ପୁଅ ସହିତ ପାଖାପାଖି ବୟସର ଆଉଜଣେ ଝିଅକୁ ଦେଖିଲେ, ଜଣେ ଭଉଣୀ ଭାବିପାରେ, ଭାଉଜ ଭାବିପାରେ, ପତ୍ନୀ ଭାବିପାରେ, ସହକର୍ମୀ ଭାବିପାରେ କବା ବନ୍ଧୁ ଭାବିପାରେ । ତେବେ ଭାବନାରେ ପ୍ରଥମ ସଂପର୍କ ମନକୁ ଆସେ ପତ୍ନୀ ଅଥବା ଝିଅବନ୍ଧୁର ।"

ରବି ଖୁସି ହେଲା । ତିଲୁ ଏତେ ସହଜରେ ବୁଝେଇଦେଲା ।

ପ୍ରାୟ ସାଢେ ବାରଟା ବେଳକୁ ସମସ୍ତେ ଆସି ବିକାଶଙ୍କର କ୍ୱାର୍ଟରରେ ପହଞ୍ଚିଗଲେ । ତାଙ୍କ ପତ୍ନୀ ବୃନ୍ଦା ରେଷେଇବାସ ସାରି ଅପେକ୍ଷା କରିଥିଲେ । ସମସ୍ତେ ପହଞ୍ଚି ଧୁଆଧୋଇ ହୋଇ କପଡା ବଦଳେଇ ଦେଲେ । ଡାଇନଙ୍ଗ୍ ଟେବୁଲ୍ ଉପରେ ସଜ୍ଜିତ ହୋଇ ନାନା ସୁସ୍ୱାଦୁ ବ୍ୟଞ୍ଜନ ରହିଥିଲା । ସମସ୍ତଙ୍କର ଅତିପ୍ରିୟ ଖାଦ୍ୟ "ଚଙ୍ଗୁଡି ତରକାରୀ" ଖାଇ ରବି ମନ୍ତବ୍ୟ ଦେଲା, "ଜାଣିଲୁ ସାଙ୍ଗ, ମନେ ପଡିଯାଉଛି, କବି ଯଦୁମଣିଙ୍କ ବାକ୍ୟଟି - ହଇ ହେ ଚଙ୍ଗୁଡି କାହିଁ, ଘୁଙ୍ଗୁଡି ମାରିବା କାହାକୁ ଖାଇ । ଭାଉଜଙ୍କ ରନ୍ଧାର ଉପମା ନାହିଁ ।"

ବୃନ୍ଦାଙ୍କ ମୁହଁରେ ହସ ଫୁଟିଲା ।

ବିକାଶ ଜଣେଇଲେ, "ମୁଁ ଗାଡି ବୁକ୍ କରିଦେଇଛି, ଚହ୍ଲା ଡ୍ରାଇଭର୍ | ତମେମାନେ ଆଜି ଯଦି ହିରାକୁଦ ଡ୍ୟାମ୍ ବୁଲିବାକୁ ଯିବ ତ, ଭଲ; ନହେଲେ ସୋମଲାଇ ମନ୍ଦିର, ନୃସିଂହନାଥ ମନ୍ଦିର ଇତ୍ୟାଦି ଯାଇପାରିବ |"

ତିଲୁ କହିଲା, "ଆଜି ଆମେ ହିରାକୁଦ ଡ୍ୟାମ୍ ଦେଖିବୁ ଓ କାଲି ସବୁ ମନ୍ଦିର ଦେଖିବୁ | ଆଚ୍ଛା ଏ ଶାଢୀ ବୁଣା ଯାଉଥିବା ଗାଁ କଛି ବୁଲିପାରିବୁ କ ?"

ବିକାଶ କହିଲେ, "ହଁ, ତେବେ ଆପଣମାନେ ପ୍ରଥମେ ବରପାଲି ଯିବେ | ସେଠି ଏସବୁ ଶାଢୀବୁଣା କେନ୍ଦ୍ର ଦେଖି, ସଂଧ୍ୟାପୂର୍ବରୁ ହିରାକୁଦ ଫେରିଆସିବେ | ସଂଧ୍ୟା ହିରାକୁଦରେ କଟେଇ, ଘରକୁ ଫେରିଆସି ଡିନର୍ କରିବେ |"

ସେଇଆ ହେଲା | ବିକାଶ ଡ୍ରାଇଭର୍‌କୁ ସବୁ ବୁଝେଇଦେଲା | ପ୍ରଥମେ ସେମାନେ ବରପାଲି ଗଲେ | ଶାଢୀବୁଣା ସ୍ୱଚକ୍ଷୁରେ ଦେଖିବା, ସମସ୍ତଙ୍କ ପାଇଁ ପ୍ରଥମ | ସମସ୍ତେ ସେ କେନ୍ଦ୍ରରୁ ଅନେକ ଶାଢୀ, ସାର୍ଟ, ସାଲୁଆର୍ କମିଜ୍, ବେଡ୍‌ସିଟ୍ ଇତ୍ୟାଦି କଣିଲେ | ଡ୍ରାଇଭରର ଉପସ୍ଥିତି ପାଇଁ ସେମାନଙ୍କୁ ସବୁ କଛି ଲୋକାଲ୍ ମୂଲ୍ୟରେ ମିଳଗଲା, ନହେଲେ ହୁଏତ ଠକ ଯାଇଥାନ୍ତେ | ତିଲୁର ତ ଇଚ୍ଛା ହେଉଥିଲା, ଆହୁରି କଛି କଣନ୍ତା, ହେଲେ ସେସବୁ ବୋହିକରି ନେବାକୁ ପଡିବ | ସେଠି ଯେଉଁଠି ଦେଖ, ସବୁ ରଙ୍ଗମୟ, ସବୁ ସୁନ୍ଦର |

ହିରାକୁଦ ଡ୍ୟାମ୍ | ଏସିଆର ସର୍ବ ବୃହତ୍ ଡ୍ୟାମ୍ | ସ୍ୱପ୍ନରେ ହିଁ କେବଳ ଭାବିଥିଲା ରବି, ଦେଖିନଥିଲା ଏପର୍ଯ୍ୟନ୍ତ | ସିଏ ୟୁରୋପ୍, ଆମେରିକା, ଅଷ୍ଟ୍ରେଲିଆ, ଚ୍ଟଇନା, ଜାପାନ, କେତେ ଦେଶ ସବୁ ଦେଖିଲାଣି, ହେଲେ ଘରଠାରୁ ମାତ୍ର ୫ ଘଣ୍ଟା ଯାତ୍ରାରେ ରହିଥିବା ଏ ସୌନ୍ଦର୍ଯ୍ୟ ଆଜିଯାଏ ଦେଖିନଥିଲା | ମନେମନେ ସିଏ ତିଲୁର ପ୍ରସ୍ତାବକୁ ତାରିଫ୍ କଲା | ସମସ୍ତେ ଡ୍ୟାମ୍‌ର ସୌନ୍ଦର୍ଯ୍ୟରେ ମୁଗ୍ଧ ଓ ଭାବମୟ ହୋଇଉଠିଲେ | ମହାନଦୀର ବିସ୍ତୀର୍ଣ୍ଣ ଜଳରାଶି ଉପରେ ସୂର୍ଯ୍ୟାସ୍ତର ଶୋଭା ଅବର୍ଣ୍ଣନୀୟ | ତିଲୁ ଅତ୍ୟନ୍ତ ପୁଲକତ ହୋଇ କହିଲା, ସତରେ ଆପଣଙ୍କୁ କ ଭାଷାରେ କୃତଜ୍ଞତା ଜଣେଇବି, ବୁଝିପାରୁନ | ମୋର ବହୁତ ଦିନର ଇଚ୍ଛାଟିଏ ଆଜି ଆପଣଙ୍କ ପାଇଁ ପୂରଣ ହୋଇପାରିଲା |"

ରବି ହସି କହିଲା, "ହୋଉ ମାଡାମ୍, ଏତେଟା ଭାବୁକ ହୁଅନ୍ତୁନ | ତମର ଡାକ୍ତରାଣୀ ସର୍ଭିସ୍ ଯେତେବେଳେ ଦରକାର ପଡିବ, ମତେ ଟିକେ ରିହାତି ଦେଇଦେବ |"

ରବିର ରସିକତାରେ ଉଭୟ ଡିଲୁ ଓ ଜୁଲି ହସିଉଠିଲେ |

ପ୍ରଥମ ଦିନ ଏମିତି କଟିଗଲା | ଦ୍ୱିତୀୟ ଦିନ ସକାଳେ ସେମାନେ ସୋମଲାଇ ମନ୍ଦିର ଗଲେ| ଜୁଲି ଗଲା ଭୋଗ କଣିବାକୁ | ସେଠି ଉଭୟ ରବି ଓ ଡିଲୁ ଏକା ସାଙ୍ଗରେ ନମସ୍କାର କରି ଠିଆ ହୁଅନ୍ତେ, ପୁଜାରୀ ସେମାନଙ୍କ ଉପରେ ଫୁଲ ପକେଇ ଉଭୟଙ୍କୁ ଆଶୀର୍ବାଦ କରିଦେଲେ, "ତମ ଦୁହିଁଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ |" ସେଠି ଏତେ ଭିଡ ଥିଲା ଯେ, ଏକ୍ସ୍ପ୍ଲାନେସନ୍ ଦେବାକୁ ସମୟ ହିଁ ନଥିଲା | ହେଲେ ଉଭୟ ସେ ଆଶୀର୍ବାଦ ସୁଖ ଚଉରେ, ପୂର୍ଣ୍ଣ ପ୍ରାଣରେ ଗ୍ରହଣ କଲେ ଓ ସେ ଆଶୀର୍ବାଦର ରୋମାଞ୍ଚ ଅନୁଭବ କଲେ |

ଡିଲୁ ମନେମନେ ମାନସିକ କଲା, "ମା' ସୋମଲାଇ, ଆମମାନଙ୍କୁ ତୁ ସାରାଜୀବନ ପାଇଁ ବାନ୍ଧିଦେ, ମୁଁ ତୋର ମନ୍ଦିର ଆଉଥରେ ଆସି ଯଜ୍ଞ କରାଇବି |"

ରବି ମଧ୍ୟ ମନେମନେ ମାନସିକ କଲା, "ମୋ ଜୀବନ ମରୁରେ ଡିଲୁପ୍ରେମର ନୂଆ ଗଛଟା ଲଗେଇଦେ ମା | ମୁଁ ପୁଣି ଥରେ ତୋର ଦର୍ଶନ କରିବାକୁ ଆସିବି ।"

ଜୁଲି ଭୋଗନେଇ ଫେରିଲା | ସେମାନେ ଠାକୁରାଣୀଙ୍କ ପାଖରେ ଭୋଗ ଲଗେଇ ମନ୍ଦିର ପରିକ୍ରମା କରି ଫେରିଆସିଲେ |

ସେଦିନ ସେମାନେ ସମ୍ବଲପୁରର ଅନ୍ୟାନ୍ୟ ମନ୍ଦିର ସବୁ ଦେଖି ବରଗଡ ଗଲେ | ବରଗଡର ନୃସିଂହନାଥ ମନ୍ଦିର, ଅଷ୍ଟଶମ୍ଭୁ ମନ୍ଦିର, ଗନ୍ଧମାର୍ଦ୍ଦନ ପର୍ବତ ଇତ୍ୟାଦି ସମସ୍ତ ଦର୍ଶନ କରି ସେମାନେ ରାତିରେ ସମ୍ବଲପୁର ଫେରିଆସିଲେ | ସେଦିନ ରବି ସମସ୍ତଙ୍କୁ ଏକ ଭଲ ରେଷ୍ଟୁରାଣ୍ଟରେ ଖାଇବାପାଇଁ ନିମନ୍ତ୍ରଣ କରିଥିଲା | ବିକାଶର ପରିବାର ଓ ଏମାନେ ତିନିଜଣ ସମସ୍ତେ ମିଶି ହୋଟେଲ୍ ଶିବର ସାଫାୟାର୍ ରେଷ୍ଟୁରାଣ୍ଟରେ ରାତ୍ରଭୋଜନ କଲେ |

ତା ପରଦିନ ସମସ୍ତେ ଭୁବନେଶ୍ୱର ଫେରିଆସିଥିଲେ |

----------o----------

ରବି, ପ୍ରମୋଦ ଓ ଜାହ୍ନବୀଙ୍କର ରିସେପ୍‌ସନ୍ ଆଟେଣ୍ଡ୍ କରିବା କଥାଟା ସାଙ୍ଗେସାଙ୍ଗେ ବିଜୁଳି ଭଳି ଖେଳିଗଲା । ସମସ୍ତେ ଖୁସି । ହେଲେ ଏସବୁ ସମ୍ଭବ ହେଲା କେମିତି ? କିଏ ରବି ଉପରେ ଏମିତି କୁହୁକ କଲା ? ବିଶେଷତଃ ରବିର ମା' ଆଉ ଭାଉଜଙ୍କର ବିଶେଷ ଆଗ୍ରହ ରହିଥାଏ । ମାଇଁ ଉତ୍ତରଦେଲେ, "କିଏ ଆଉ, ସେଇ ଡାକ୍ତରାଣୀ ତିଲୁ, ଜୁଲିର ସାଙ୍ଗ ।"

ରବିର ଭାଉଜ, ଶାଶୁଙ୍କ ମୁହଁକୁ ଅନେଇଲେ । "ଭଲ ଝିଅଟିଏ ତିଲୁ ।" - ଶାଶୁ ମନ୍ତବ୍ୟ ଦେଲେ ।

ମାଇଁ କହିଲେ, "ମୋ ଆଖି ତ ଧୋକା ଖାଇବନି । ମତେ କାହିଁକି ଲାଗିଲା ଯେ, ରବି ଓ ସେ ତିଲୁ ଭିତରେ କିଛି ଚାଲିଛି ।"

ଭାଉଜ କହିଲେ, "ତାହେଲେ ତ ଆମେ ସମସ୍ତେ ଖୁସି ହୁଅନ୍ତୁ । ହେଲେ ସିଏ ପରା ସେଠି କୋଉ ଗୋରୀ ଝିଅକୁ ବାହାହେବେ ବୋଲି ଠିକ୍ କରିଛନ୍ତି ?"

ଜାହ୍ନବୀ ଯେତେବେଳେ ଏକଥା ଜାଣିଲା, ପଦ୍ମାକୁ ଚୁପ୍‌କରି କହିଲା, "ଜାଣିଛୁ, ସେ ତିଲୁ ସାଙ୍ଗରେ ରବି ଭାଇଙ୍କର ଆଫେୟାର୍ ଚାଲିଛି ନିଶ୍ଚୟ । ନହେଲେ ତା' କଥାରେ ସିଏ ଟିକେଟ୍ ଏକ୍ସ୍‌ଟେଣ୍ଡ୍ କରି ସମ୍ବଲପୁର ଯାଇ ବୁଲିଆସିଲେ ?"

ପଦ୍ମା ହସିଲା । "ହଁ, ତିଲୁ ଭଲ ଝିଅଟିଏ । ସେମାନଙ୍କର ବାହାଘର ହେଲେ ବହୁତ ଭଲ ହୁଅନ୍ତା ।"

ପ୍ରମୋଦର ରିସେପ୍‌ସନ୍ ରେ ସମସ୍ତେ ରବିକୁ ଦେଖି ଖୁସି ହେଲେ । ରବିର ମଧ ଅନେକ ପୁରୁଣା ବନ୍ଧୁ ଓ ସଂପର୍କୀୟଙ୍କ ସହିତ ଦେଖାହେଲା । ଗୋଟିଏ ନିରୋଳା ମୁହୂର୍ତ୍ତ ମିଳିଥିଲା ତିଲୁ ସହିତ । ତିଲୁ କହିଲା, "ଆପଣ ଫେରିଗଲେ ମୁଁ ଆପଣଙ୍କୁ ମିସ୍ କରିବି ।"

ରବି ହସିଲା, "ଥଟ୍ଟା କରୁଛନ୍ତି ତ ? ମତେ କାହିଁକି ତମେ ମିସ୍ କରିବ ?"

ତିଲୁ ଲାଜେଇ ଯାଇ ସେଠୁ ଦୂରକୁ ଚାଲିଗଲା ।

ପଦ୍ମାର ଗୋଟିଏ ଆଖି ସବୁବେଳେ ରବି ଉପରେ ଥାଏ | ହଁ, ରବି ଖୁସି ଦିଶୁଥିଲେ | ହୁଏତ ତିଲୁକୁ ସିଏ ଭଲପାଉଛନ୍ତି କି କଣ ? ମନ ଭିତରେ କଛି ସମୟ ପାଇଁ ଇର୍ଷା ଖେଳଗଲା | ଏଇ ରବି ଆଜି ତାର ହୋଇଥାନ୍ତେ, ଏବେ ସିଏ ତିଲୁର ହୋଇଯିବେ | ଆଖିରୁ ଦୁଇବୁନ୍ଦା ଲୁହ ଝରିପଡିଲା |

ରବି ତା' ଦୁଇଦିନ ପରେ ଆମେରିକା ଫେରିଆସିଥିଲା | ଖାଲି ଦିନ ଗଣୁଥିଲା, କେବେ ମାର୍ଚ୍ଚ ମାସ ଆସିବ ଆଉ ତିଲୁର ରେସିଡେନ୍ସୀ ବିଷୟରେ ଜଣାପଡିବ |

ରଞ୍ଜନା ବେଳେବେଳେ ପାଠ ବୁଝିବାକୁ ଆସୁଥିଲା | ଥରେ ସିଏ ରବିକୁ କହିଲା, "ଆପଣ ଇଣ୍ଡିଆରୁ ଫେରିବା ପରେ ବହୁତ ଖୁସି ଜଣାପଡୁଛନ୍ତି | ନିଶ୍ଚୟ ନିଜ ପରିବାରକୁ ଭେଟିବାରେ ସ୍ୱତନ୍ତ୍ର ଖୁସି ଅଛି |"

ରବି ହସିହସି ସ୍ୱୀକୃତି ଦେଇଥିଲା | "ହଁ, ସବୁ ଆତ୍ମୀୟସ୍ୱଜନଙ୍କ ସହିତ ଏକତ୍ର ଦେଖାହେଲା | ବହୁତ ଭଲଲାଗିଲା |"

ଦେଖୁଦେଖୁ ମାର୍ଚ୍ଚମାସ ପହଞ୍ଚିଗଲା | ରବି ଯାଇ ହିନ୍ଦୁ ମନ୍ଦିରରେ ତିଲୁ ପାଇଁ ପୂଜା କରିଆସିଲା| ମାର୍ଚ୍ଚ ୧୯ ତାରିଖରେ ତିଲୁ ତାର ମେରୀଲାଣ୍ଡ ରେ ରେସିଡେନ୍ସୀ ହୋଇଯାଇଥିବାର ଖବର ଟେକ୍ସ୍ଟ୍ କରି ପଠେଇ ଜଣେଇଲା | ସିଏ ଜୁନ୍ ମାସରେ ଆମେରିକା ଆସୁଥିବାର ଖବର ମଧ୍ୟ ଜଣେଇଲା | ରବି ସାଙ୍ଗେସାଙ୍ଗେ ଫୋନ୍ କରି ତିଲୁକୁ କନ୍ଗ୍ରାଚୁଲେସନ୍ସ୍ ଜଣେଇଲା | ତିଲୁ ପଚାରିଲା, "ରେସିଡେନ୍ସୀ ତ ଆରମ୍ଭ ହୋଇଯିବ ଜୁନ୍ ଶେଷ ସପ୍ତାହରୁ | ମୁଁ ଭାବୁଥିଲି, ଗୋଟିଏ ସପ୍ତାହ ଆଗରୁ ଟିକେଟ୍ କରି ଜୁନ୍ ପନ୍ଦର ବେଳକୁ ପହଞ୍ଚିଯିବି | ତାହେଲେ, ରେସିଡେନ୍ସୀ ଆରମ୍ଭ ପୂର୍ବରୁ ସେଟ୍ଲ୍ ହୋଇଯାଇଥିବି| ରେସିଡେନ୍ସୀ ଆରମ୍ଭ ହୋଇଗଲେ ତ ଆଉ ନିଶ୍ୱାସ ନେବାକୁ ବେଳ ମିଳିବନି |

ରବି ପରାମର୍ଶ ଦେଲା, "ହଁ ସେଇଟା ଉଚିତ ହେବ | ତମେ ଜମା ବ୍ୟସ୍ତହୁଅ ନାହିଁ | ମୁଁ ତମକୁ ଏୟାରପୋର୍ଟରୁ ନେଇଆସିବି ଓ ତମକୁ ସେଟ୍ଲ୍ କରାଇବାରେ ସାହାଯ୍ୟ କରିବି | ଆଉ ତମେ ଯଦି ଚାହିଁବ, ମୁଁ ଆମ ଆପାର୍ଟମେଣ୍ଟର ମ୍ୟାନେଜର୍ ସହିତ କଥାହୋଇ ତମପାଇଁ ଆପାର୍ଟମେଣ୍ଟ୍ ବୁଝିଦେବି |"

ଏମିତି କହି ରବି ସବୁ ପାଖାପାଖି ଥିବା ଆପାର୍ଟମେଣ୍ଟ ସମ୍ବନ୍ଧୀୟ ତଥ୍ୟ ଜଣେଇଲା ଓ ପରେ ଇମେଲ୍ ରେ ମଧ୍ୟ ପଠେଇଦେଲା | ତାର ଇଚ୍ଛା ହେଉଥିଲା ବହୁତ କଛି ଗପିଥାନ୍ତା, କନ୍ତୁ କଣ ଗପିବ | ତଥାପି ଏଣୁତେଣୁ କଥା ପଗ୍ଚରିଲା, ଯଥା, "ତମ ବାପା, ମା' ଖୁସି ଅଛନ୍ତି ନା' ଝିଅ ଦୂରକୁ ଗ୍ଚଲିଆସିବ ବୋଲି ଦୁଃଖିତ ?"

ତିଲୁ ଉତ୍ତରରେ ହସି କହିଥିଲା, "ସେମାନେ ଉଭୟ ଖୁସି ଓ ଦୁଃଖିତ ଅଛନ୍ତି | ସେଥିପାଇଁ ସେମାନେ ଏପ୍ରିଲ୍‌ରୁ ଦିଲ୍ଲୀରୁ ଆସି ବାଲେଶ୍ୱରରେ ମୋ ପାଖରେ ରହିବେ, ମୁଁ ଆମେରିକା ଯିବାପରେ ଦିଲ୍ଲୀ ଫେରିବେ |"

ତିଲୁ ସହିତ କଥାବାର୍ତ୍ତା କରିବା ପରେ ରବିକୁ ଲାଗୁଥିଲା ଯେମିତି ସିଏ ଶୂନ୍ୟରେ ଉଡୁଛି, ତାର ଡେଣା ଲାଗିଯାଇଛି, ସିଏ ପୁଣି ଥରେ ଏ ଖୁସି ପାଇଁ ହିନ୍ଦୁ ମନ୍ଦିରରେ ପୂଜା କଲା |

ରବିର ମନ ଖୁସି ରହୁଥିବାରୁ କାମ ମଧ୍ୟ ଭଲ ହେଉଥାଏ | ତାର ଦୁଇମାସ ଭିତରେ ଦୁଇଟା ପେପର୍ ଲେଖା ସରିଗଲା | ଯଦିଓ କାମ ସବୁ ତାର ଛାତ୍ର ଦୁଇଜଣ କରିଥିଲେ, ତେବେ ରବି ମଧ୍ୟ ସେମାନଙ୍କୁ ଭଲଭାବେ ଗାଇଡ୍ କରୁଥିବାରୁ ସମସ୍ତ ଏକ୍ସପେରିମେଣ୍ଟ ଓ ଡାଟା ଆନାଲିସିସ୍ ଠିକ୍ ସମୟରେ ସରିପାରିଲା |

ଏବେ ରବି ଖାଲି ଦିନ ଗଣୁଥାଏ | କେବେ ଜୁନ୍‌ମାସ ପହଞ୍ଚିବ |ଅପ୍ରିଲ ୨୩ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ତାର ଭିଏନାରେ ଗୋଟିଏ କନ୍‌ଫରେନ୍‌ସ୍ ଆଟେଣ୍ଡ କରିବାର ଥିଲା | ସେଥିପାଇଁ ବି ତାର ପ୍ରସ୍ତୁତି ଖୁବ୍ କମ୍ ସମୟରେ ହୋଇଗଲା |

ମନଖୁସିର ଯେ ଏତେଟା ପ୍ରଭାବ, ସିଏ ବହୁତଦିନ ପରେ ବୁଝିଲା | ଏ ପ୍ରଭାବ ସ୍ୱତଃ, ପ୍ରେରଣାଜନତ, କାହାର ବାଧବାଧକତାରେ ନୁହେଁ | ଛୋଟ ବେଳେ ବୋଉ ପରୀକ୍ଷା ପୂର୍ବରୁ ତା' ପାଇଁ ତାର ପ୍ରିୟ ଖାଦ୍ୟ ପ୍ରସ୍ତୁତ କରିଦିଏ, ଓ ପରୀକ୍ଷାରେ ଭଲ କଲେ ଆହୁରି ଭଲ ଖାଦ୍ୟ ତିଆରି କରି ଖୁଆଇବାର ପ୍ରତିଶ୍ରୁତି ଦିଏ | ରବି ମଧ୍ୟ ସେଇ ଲୋଭରେ ମନଦେଇ ପଢେ, ପରୀକ୍ଷାରେ ଭଲକରେ | ବଡହେବା ପରେ ସିଏ ନଜେ ନଜକୁ ପ୍ରେରଣା ଦେଇଛି | ହେଲେ, ତିଲୁ ପ୍ରତି ପ୍ରେମର ଭାବନା ଆଜି ତା' ପାଇଁ ସ୍ୱତଃ ପ୍ରେରଣା ହୋଇଯାଇଛି |

କାହିଁକି କେଜାଣି ମନରେ ଅନୁଭବ ହେଉଥିଲା, ତିଲୁ ମଧ ରବିକୁ ପ୍ରେମ କରୁଛି | ଏବେ ତିଲୁ ଆସିବା ପୂର୍ବରୁ ତାକୁ ଅନେକ କଛି ଚନ୍ତା କରିବାକୁ ପଡିବ | ନୂଆ ଘର କଣିବ କ ଆଉ ? ଏ ଆପାର୍ଟମେଣ୍ଟରେ ଏତେଦିନ ରହିଲାଣି | ଏବେ ତାର ଦରମା ତ ଅନେକ ବଢିଗଲାଣି | ନୂଆ ଘର, ନୂଆ ଡିଜାଇନ୍ର ସାଜସଜା, ହଁ ତିଲୁ ପାଇଁ କଛି ତ ସ୍ପେସିଆଲ୍ କରିବାକୁ ପଡିବ | ଏମିତି ସବୁ ସୁଖସପନ ରଚନା କରୁକରୁ, ରବି ସୋଫା ଉପରେ ଶୋଇପଡିଥିଲା |

ରଦରେ୍ଫାର୍ଡ ୱେ,ଡେଟନ୍,ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଲାଲ ରକତର ସୁଅ



ପୂର୍ଣ୍ଣଚନ୍ଦ୍ର ରଣା

ବରଷାକୁ ଦେଖି ପଚ୍ଚରି ଦେଲି ମୁଁ
ଆଲୋ ହେ ବରଷା କାହିଁ କାନ୍ଦୁଛୁ
ବରଷା କହିଲା ଆଖିକୁ ପଚ୍ଚର
ଆଖି ତୁ କାହିଁକି ଲୁହ ଢାଳୁଛୁ ॥୧॥

ଆଖି ତ କହିଲା କେମିତି କହିବି
ମୋ ଆଖିରେ ଖାଲି ରକତ ଧାର
ଲାଲ ରଙ୍ଗ ଦେଖି ସହି ପାରୁନାହିଁ
ଏ ଆଖି କରିବ କି ବିଚ୍ଚର ॥୨॥

ବରଷା କହିଲା ଜନନୀ ବକ୍ଷରେ
ବହି ଯାଉଅଛି ଲାଲ ରକତର ସୁଅ
କେମିତି ଦେଖିବି ସେଇ ରକତକୁ
ସହିପାରୁନ ଏ ଦେହ ॥୩॥



ଦେଖି ପାରୁନାହିଁ ଏ ଚକ୍ଷୁ ମୋହର
ସହିଦର ସେଇ ମୃତ ଶରୀର
ଧୈର୍ଯ୍ୟ ନାହିଁ ଆଉ କଛି ଦେଖିବାକୁ
ଅଶ୍ରୁ ଝରୁଅଛି ମୋର ପ୍ରଚୁର ॥୪॥

ଶହିଦ ଶରୀରର ପ୍ରତି ରକତର ବିନ୍ଦୁ
କହି ଯାଉଅଛି ମୋହରି କାନେ
ଆଲୋ ହେ ବରଷା ଭିଜେଇ ଦେ ତୁ
ବୀର ଶରୀରକୁ ଅତି ଯତନେ ॥୫॥

ଲାଲ ରଙ୍ଗ ସବୁ ପାଣିରେ ମିଶିବ
ଗ୍ଭଲିଯିବ ସବୁ ମହୋଦଧିକୁ
ଶହିଦରସେଇ ଅମର ଆତ୍ମା ଯେ
ଗ୍ଭଲିଯିବ ପୁଣି ବୈକୁଣ୍ଠକୁ ॥୬॥

ଆଉ ଧୈର୍ଯ୍ୟ ନାହିଁ ପଗ୍ଭରିବାକୁ ତ
ବରଷାର ସେଇ ରୂପକୁ ଦେଖି
ଭୟଙ୍କର ସେଇ ବରଷାର ରୂପ
ଭାବୁଛି କେବେ ତ ଯିବି ମୁଁ ହଜି ॥୭॥

ହାଟସିଂହାପୁର, ଯାଜପୁର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପରିବେଶ: ଏକ ରଙ୍ଗମଞ୍ଚ



ସୌମ୍ୟ ରଞ୍ଜନ ପାଲ

ସବୁଜ ସାଥେ ନିବିଡ ସଂପର୍କ
ପାଦ ପଡିଲ୍ ଦିନୁ
ରଙ୍ଗ ବଦଳଲେ ଦିଶେ ଫରକ
ସ୍ମୃତି ବହିଯାଏ ମନୁ ।
ନୀଳ ରଙ୍ଗରେ ନୟନ ଖେଳେ
ମଥା ଉପରେ ଘର
ହଳଦୀ କେବେ ଲୋହିତ କେବେ
ପ୍ରଦୂଷଣ ଦିଏ ଡର ।
କୁଳୁକୁଳୁ ନାଦ ଚରଣ ପଖାଳେ
କର୍ଣ୍ଣ ଲଭୁଥାଏ ଶାନ୍ତି,
ମେଣ୍ଟାଏ ତୃଷ୍ଣା ଦେଖି କରିସ୍ନା
ଅଣୁ ମାନ ପ୍ରଦାନନ୍ତି ।
ଗୋଲକ ଦୁଇ ସାଥିରେ ରହି
ସଦା ଲୁଚକାଳି ଖେଳୁଥାନ୍ତି,
ଏକରୁ ବଳ ଯେ ଆରେକ
ପୁଣି ନିଃଶବ୍ଦେ କହିଦ୍ୟନ୍ତି ।
ସମୀର ସାଥେ ଅନଳ ଯୋଗ
ଆଙ୍କେ ଚନ୍ଦ୍ର ଗୁରିପାଖେ,
ଥିଲେ ଅଙ୍ଗାର ଅମ୍ଳଜାନ କ
ସତେ ଝଲସେ ମୟୂଖେ?

ବଡସୋଲ୍, ଝରପୋଖରିଆ, ଡି. ମୟୂରଭଞ୍ଜ, ଓଡିଶା

# ଉମରାଓଙ୍କୁ ପଢିଲା ପରେ ଓ ଦେଖିଲା ପରେ

ପ୍ରିୟବ୍ରତ ପାତ୍ର

ଉପନ୍ୟାସ ଉମରାଓ ଜାନ୍ ଆଦା ହେଉଛି ଏକ ଉତ୍ତରଣର ଗାଥା । ଗଣିକାଙ୍କୁ କେନ୍ଦ୍ର କରି ସାହିତ୍ୟ ରଚନା ଇତିହାସରେ କିଛି ନୂଆ କଥା ନୁହେଁ । ଏବେ ବି ନାଟକ, ଗଳ୍ପ, ଉପନ୍ୟାସ ତଥା ସିନେମାରେ ଗଣିକାମାନଙ୍କ କଥା କୁହାଯାଉଛି । ପଦାରେ ରହି ଗଣିକାମାନଙ୍କ ଜୀବନଶୈଳୀ ଲେଖୁଥିବା ଲୋକେ ନିଜନିଜର ସ୍ମୃତିବଦ୍ଧ କଳ୍ପନା ଜଳ୍ପନା, ଯୌନ ଉଦ୍ଦୀପନା ତଥା କାମନାବାସନାକୁ ବାନ୍ତି କରନ୍ତି । ନିଜସ୍ୱ ଶୈଳୀରେ, ନିଜ ସୁଖଦୁଃଖର ସୀମା ସରହଦ ଭିତରେ ଜୀବନ ବିତାଉଥିବା ଗଣିକାମାନଙ୍କ ପାଇଁ କଥାକାର ଓ ଲେଖକମାନଙ୍କ ବର୍ଣ୍ଣନା ହାସ୍ୟାସ୍ପଦ, ଅବାସ୍ତବ ଓ ନାଟକୀୟତାରେ ଭରପୂର କାହାଣୀମାତ୍ର । ତେଣୁ ପରୋକ୍ଷ ବର୍ଣ୍ଣନାରେ ଅଶ୍ଳୀଳତା ପ୍ରଚୁର ଥାଏ, ଅନୁକମ୍ପାମୂଳକ ଦୃଷ୍ଟିକୋଣ ଥାଏ, ବେଳେବେଳେ ନାୟିକା-ଗଣିକାକୁ ଦେବୀତୁଲ୍ୟ ପବିତ୍ର କରିଦେବାରେ ତତ୍ପରତା ଥାଏ । ଗଣିକା ଜୀବନକୁ ବୃତ୍ତିକରି ବଞ୍ଚୁଥିବା ମଣିଷଟିର ବୃତ୍ତିଗତ ଦୈନନ୍ଦିନ ଘଟଣା ନିଶ୍ୱାସପ୍ରଶ୍ୱାସ ପରି ଅତି ସ୍ୱାଭାବିକ ହେବାଯୋଗୁଁ ସେଥିରେ ଅଲୌକିକତା ବା ନାଟକୀୟତା ନଥାଏ । ସାହିତ୍ୟ ଜଗତରେ ଖୋଦ୍ ଜଣେ ଗଣିକା, ନିଜ ଆତ୍ମଜୀବନୀକୁ ସାହିତ୍ୟ ଆକାରରେ ରୂପ ଦେବା ଖୁବ୍ ବିରଳ ଘଟଣା । ଉମରାଓ ଜାନ୍ ଆଦା ସେ ଦୃଷ୍ଟିରୁ ଏକ ଅନନ୍ୟ ସୃଷ୍ଟି ।

କଳ୍ପନା କରନ୍ତୁ, ସଂଯୋଗବଶତଃ ଗଣିକା ଜଣେ ଯଦି ସାହିତ୍ୟିକ ହୋଇଥିବେ, ସେର୍-ସାଏରୀରେ ପାଣ୍ଡିତ୍ୟ ଲାଭ କରିଥିବେ, ବ୍ୟାକରଣକୁ ଆୟତ୍ତ କରିଥିବେ, ପଠନରୁଚ ଯଦି ଭାରତ ଭୂଖଣ୍ଡ ତେଇଁ ଅନ୍ୟ ଭୂଖଣ୍ଡର ସାହିତ୍ୟ ପ୍ରତି ବିସ୍ତାରିତ ହୋଇଥିବ, ତେବେ ତାଙ୍କର ଅନୁଭୂତିକୁ ବର୍ଣ୍ଣନା କରିବା କ୍ଷମତା ଖୁବ୍ ଉଚ୍ଚାଙ୍ଗ ହେବ । ଉନବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଜନ୍ମଲାଭ କରିଥିବା ଉମରାଓ ଥିଲେ ଏଇ ଦୃଷ୍ଟିରୁ ଜଣେ ସଫଳ ବିନ୍ଧାଣୀ । ସେ

ଏକାଧାରରେ ହିନ୍ଦୁ ଓ ମୁସଲମାନ ଧର୍ମୀୟଭାବନାରେ ରୁଚ ରଖିଥିଲେ । ହିନ୍ଦୀ, ଉର୍ଦ୍ଦୁ, ଆରବୀ ଓ ପାର୍ସୀ ଭଳି ଗୁରିଗୁରିଟା ଭାଷାକୁ ଆୟତ୍ତ କରିଥିଲେ । ତେଣୁ ତାଙ୍କର ଦୃଷ୍ଟିକୋଣ ଯେ ମାନବଜୀବନର ଏକ ଅନାଲୋଚତ ବିଷୟ ଦିଗେ ଧାବିତ ହୋଇଥିବ ଏକଥା ନଶ୍ଚିତ । ଉମରାଓଙ୍କ ଜୀବନୀକୁ ବଡ ଆନ୍ତରିକତାର ସହ ଉପନ୍ୟାସର ରୂପ ଦେଇଛନ୍ତି ଉନବିଂଶ ଶତାବ୍ଦୀର ଔପନ୍ୟାସିକ ମିର୍ଜା ମହମ୍ମଦ ହାଜି ରୁସୱା ।

୧୭୩୯ ମସିହାରେ ନାଦିର ଶାହଙ୍କ ଦିଲ୍ଲୀ ଆକ୍ରମଣ ପରେ ବହୁ ବିଦ୍ୱାନ, କବି, ସଂଗୀତଜ୍ଞ, ସମ୍ଭ୍ରାନ୍ତ ତଥା ବଣିକ ପରିବାର ଦିଲ୍ଲୀ ଛାଡି ଲକ୍ଷ୍ନୌ ଆସିଗଲେ । ଉର୍ଦ୍ଦୁ ଭାଷାର ପ୍ରାଣକେନ୍ଦ୍ର ଭାବେ ଲକ୍ଷ୍ନୌର ପ୍ରସିଦ୍ଧି ବଢିଗଲା । ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ, କବି, ସଂଗୀତଜ୍ଞ ଓ ନୃତ୍ୟନପୁଣା ଗଣିକାମାନେ ଲକ୍ଷ୍ନୌ ସଂସ୍କୃତିର ଏକ ପ୍ରମୁଖ ପରିଚୟ ହୋଇଗଲେ । ଗଣିକାମାନେ ଭାରତୀୟ ଶାସ୍ତ୍ରୀୟ ସଂଗୀତ ନୃତ୍ୟ ସହ, ପାର୍ସି ଓ ଉର୍ଦ୍ଦୁ ସଂଗୀତ ଶିଖୁଥିଲେ । ଲକ୍ଷ୍ନୌର ଉର୍ଦ୍ଦୁ ସାହିତ୍ୟ ବିକାଶରେ ଶୋକଗୀତ ବା ମର୍ଶିଆ ପରମ୍ପରାର ମୁଖ୍ୟ ଥିଲେ ମୀର୍ ବବର୍ ଓ ମିର୍ଜା ଦବୀର । ଶୋକଗୀତ ବାଦନ କରିବା ଭଙ୍ଗୀକୁ ସୋଜ୍ କୁହାଯାଏ ଏବଂ ଏହି ସୋଜ୍ ପରମ୍ପରାରେ ଉମରାଓ ଥିଲେ ଅପ୍ରତିଦ୍ୱନ୍ଦୀ । ଏହି ପରମ୍ପରା ଉନବିଂଶ ଶତାବ୍ଦୀର ଶେଷଯାଏ ଗ୍ଲଲିଥିଲା ଏବଂ କାଳକ୍ରମେ ଧାର୍ମିକ ପ୍ରଥାରେ ବାରଣ ଯୋଗୁଁ ଲକ୍ଷ୍ନୌରେ ଏହି ବିକଶିତ ସାଂଗତୀକ-ନଟୀ-ସଂସ୍କୃତିର ବିଲୁପ୍ତି ଘଟିଥିଲା । ଉମରାଓ ଅନେକ କବିତା ଲେଖିଥିଲେ, ଅନେକ ଶୋକଗୀତର ସୁର ଦେଇଥିଲେ ଯାହାକି ତାଙ୍କର ଛଦ୍ମ ନାମ "ଆଦା"ର କୃତି ଭାବେ ଲକ୍ଷ୍ନୌର ଘରେ ଘରେ ପରିଚତ ଥିଲା ।

ଔପନ୍ୟାସିକ ମିର୍ଜା ମହମ୍ମଦ ହାଜି ରୁସୱାଙ୍କ ଜନ୍ମସମୟର କଛି ସଠିକ୍ ବିବରଣୀ ମିଳେନାହିଁ । କନ୍ତୁ ୧୯୬୧ରେ ସେ ମୃତ୍ୟୁବରଣ କରିଥିଲେ । ସେ ଛଦ୍ମନାମ ରୁସୱା ବ୍ୟବହାର କରି ଲେଖୁଥିଲେ । ଅନ୍ୟତମ ଉପନ୍ୟାସ "ଅଖତାରୀ ବେଗମ୍" ତାଙ୍କର ସର୍ବଶ୍ରେଷ୍ଠ କୃତି ବୋଲି ବିଗ୍ଭରକମାନେ ମତ ଦିଅନ୍ତି । ରୁସୱାଙ୍କ ଜୀବନୀ ମଧ୍ୟ ଥିଲା ବିଚନ୍ତ

ଓ ଅଣପାରମ୍ପରିକ । ଯୌବନ କାଳରେ ଅଗଷ୍ଟାଇନ୍ ନାମକ ଏକ ବାଳକା କୁ ନେଇ ତାଙ୍କର ପ୍ରେମକାହାଣୀ ଥିଲା ବିଚିତ୍ର ଓ ଚର୍ଚ୍ଚିତ । ଅଗଷ୍ଟାଇନଙ୍କ ମା ଥିଲେ ଭାରତୀୟ, ବାପା ଥିଲେ ଫରାସୀ । ମାଲିକାଣୀ ଅଗଷ୍ଟାଇନ୍ ଓ ତାଙ୍କର ଜମିଦାରୀ ତଦାରଖ କରୁଥିବା ରୁସୱାଙ୍କ ପ୍ରେମ ଚର୍ଚ୍ଚା ସବୁଠି ଚାଲିଥିବା ବେଳେ, ଦିନେ କୌଣସି କାମରେ ଦୁହେଁ ବମ୍ବେ ଯାଇଥିଲେ । ହଠାତ୍ ନଶାର୍ଦ୍ଧରେ ଅଗଷ୍ଟାଇନ୍ ଅନ୍ତର୍ଦ୍ଧାନ ହୋଇଗଲେ । କାଗଜରେ ଲେଖାଥିଲା – ମୁଁ ଫ୍ରାନସ୍ ଚାଲିଯାଉଛି, ସେଠାରେ ସମ୍ପତ୍ତିବାଡିକୁ ନେଇ ଚାଲିଥିବା ମାଲିମକଦ୍ଦମା ସାରି ପୁଣି ଭାରତ ଫେରିଆସିବି । କିନ୍ତୁ ସେ କେବେବି ଭାରତ ଫେରିନଥିଲେ କି ରୁସୱାଙ୍କ ସହ ସଂପର୍କ ରଖିନଥିଲେ । ମ୍ରିୟମାଣ ଓ ମର୍ମାହତ ରୁସୱା ତା ପରଠୁ ବହୁ ପତ୍ନୀ ଓ ଗଣିକାଙ୍କ ଗହଣରେ ବାକି ଜୀବନ କାଟିଦେଇଥିଲେ ।

ରୁସୱା ବଞ୍ଚିଥିବା ବେଳେ ହିଁ ଉପନ୍ୟାସକୁ ନେଇ ବହୁ ବିବଦମାନ ମତାମତର ଝଡ ସୃଷ୍ଟି ହୋଇଥିଲା । ତତକାଳୀନ ଲକ୍ଷ୍ନୌର ଜୀବନଶୈଳୀ, ସଂସ୍କୃତି, କଳା, ଖାଦ୍ୟପାନୀୟ, ଧୂମପାନ ଲୋକଚଳଣି, ମେଳା ମଉଚ୍ଛବ ସବୁ ଏତେ ଜୀବନ୍ତ ଭାବେ ଏଠାରେ ବର୍ଣ୍ଣିତ ଯେ ଅନ୍ୟ କୌଣସି ଉପନ୍ୟାସ ଏହାର ତୁଳନା ହିଁ ହୋଇପାରେନା । ପାନ କପରି ଖିଆଯିବ, ପାନ କପରି ଅତିଥିଙ୍କୁ ଯାଚି ଯିବାଠୁ ଆରମ୍ଭ କରି ପିକଦାନରେ କପରି ପାନଛେପ ପକାଯିବ ପର୍ଯ୍ୟନ୍ତ ଛୋଟରୁ ବଡଯାଏଁ ସବୁ ଚଳଣି ପାଠ କଲାବେଳେ ବଡ ନଖୁଣଭାବେ ଆଖି ଆଗରେ ନାଚଯାଏ । ସେ କାଳରେ ଅଭିଜାତ ବର୍ଗର ତରୁଣମାନଙ୍କୁ ଗଣିକାମାଙ୍କ କୋଠିକୁ ପଠାଯାଉଥିଲା । ଏଇଠି ହିଁ ସେମାନେ ଜୀବନର ଅସରନ୍ତି ଅନୁଭୂତି ସମ୍ପର୍କରେ ଜ୍ଞାନ ହାସଲ କରୁଥିଲେ । ଶହ ଶହ ବର୍ଷ ଧରି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତକୁ ନିଜ କୋଳରେ ଆଶ୍ରୟ ଦେଇ ଏହି ଗଣିକାମାନଙ୍କ କୋଠି ହିଁ ବଞ୍ଚାଇ ରଖିଥିଲା । ଏସବୁର ନିଖୁଣ ସାମାଜିକ ଚିତ୍ରରେ ଭରପୂର ଉମରାଓ ଜାନ୍ ଆଦା ସତରେ ଏକ ଚମତ୍କାର ସୃଷ୍ଟି । ଏହି ଉପନ୍ୟାସର ବଡ ସଫଳତା ହେଉଛି, ଡଜନ ଡଜନ ବିଚିତ୍ର ଚରିତ୍ରସବୁ ଉପନ୍ୟାସରେ ଆସିଛନ୍ତି, ପ୍ରତ୍ୟେକ ନିଜ ନିଜ ଗାସ୍ତାରେ ପୂର୍ଣ୍ଣାଙ୍ଗ ରୂପ ନେଇଛନ୍ତି । କେହି

ଜଣେ ମଧ୍ୟ ଅଧାପନ୍ତରିଆ ଭାବେ ଉପନ୍ୟାସରୁ ବାଦ ପଡିନାହାନ୍ତି। ଅନ୍ୟ ପକ୍ଷରେ ଆଲୋଚକମାନଙ୍କ ମତରେ ରୁସୱା ଜଣେ ସଫଳ ଗଦ୍ୟକାର, ମାତ୍ର ବିଫଳ କବି। ଉପନ୍ୟାସରେ ଛତ୍ରେ ଛତ୍ରେ ଯେଉଁ କବିତା ଓ ଗଜଲସବୁ ଖଞ୍ଜା ଯାଇଛି, ସେଇଥିରୁ କବିତ୍ୱରେ ଦାରିଦ୍ର୍ୟ ସ୍ୱଷ୍ଟ ବାରି ହୋଇପଡେ।

ଏ ତ ଗଲା ଉପନ୍ୟାସ କଥା। ଏଥର ଚଳଚ୍ଚିତ୍ର କଥା ଦେଖିବା। ରୁସୱା ନିଜ ଜୀବଦ୍ଦଶାରେ ହିଁ ଉପନ୍ୟାସକୁ ନେଇ ଚଳଚ୍ଚିତ୍ର କରିବେ ବୋଲି କ୍ଷୀଣ ସ୍ୱପ୍ନଟିଏ ଦେଖିଥିଲେ। ଯାହା ହେଉ ୧୯୮୨ ମସିହାରେ ମୁଜାଫର୍ ଅଲ୍ଲୀଙ୍କ ନିର୍ଦ୍ଦେଶିତ "ଉମରାଓ ଜାନ୍" ଚଳଚ୍ଚିତ୍ର ମୁକ୍ତିଲାଭ କଲା। ରେଖା, ଫାରୁକ୍ ଶେଖ୍, ରାଜ ବବର୍, ନାସିରୁଦ୍ଦିନ୍ ଶାହାଙ୍କ ଭଳି ବିଖ୍ୟାତ କଳାକାରମାନେ କଳାତ୍ମକ ଭାବେ ସିନେମାଟିକୁ ଏପରି ସ୍ତରକୁ ନେଇଛନ୍ତି ଯେ, ତା ର ପଟାନ୍ତର ନାହିଁ। ତାର ପଚଶ ବର୍ଷ ପରେ ଐଶ୍ବର୍ଯ୍ୟା ରାୟ, ଅଭିଷେକ୍ ବଚ୍ଚନ, ସୁନିଲ ସେଟ୍ଟୀ ତଥା ସବାନା ଆଜମୀ ଭଳି କଳାକାରମାନେ ମିଶି ଜେ.ପି. ଦତ୍ତଙ୍କ ନିର୍ଦ୍ଦେଶନାରେ ପୁଣି "ଉମରାଓ ଜାନ୍" କରିଛନ୍ତି।ଫଟୋଗ୍ରାଫି, ସଙ୍ଗୀତ, କୋରିଓଗ୍ରାଫି, ସଂଳାପ ଆଦିରେ ଚଳଚ୍ଚିତ୍ରଟି ଖୁବ୍ ଉଚ୍ଚକୋଟୀର ହୋଇଛି। କିନ୍ତୁ ବ୍ୟବସାୟିକ ସଫଳତାକୁ ଦୃଷ୍ଟିରେ ରଖି ଉଭୟ ପ୍ରଥମ ଓ ଦ୍ୱିତୀୟ ଉମରାଓ ଜାନ୍ ଚଳଚ୍ଚିତ୍ର ମୂଳ ଉପନ୍ୟାସଠୁ କିଛି କିଛି ଜାଗାରେ ଦୂରେଇ ଯାଇଛନ୍ତି।

ସିନେମାରେ ଦେଖାଯାଇଛି ଗତିଶୀଳ ଘଟଣାମାନଙ୍କର କେନ୍ଦ୍ରରେ ରହିଛନ୍ତି ଉମରାଓ। ସିନେମା ଆରମ୍ଭ ହୋଇଛି ଏକ ଗଣିକାର ଆଦ୍ୟ ଜୀବନର ନିରୀହ ଶୈଶବରୁ ଓ ଶେଷ ହୋଇଛି ପ୍ରାପ୍ତ ବୟସରେ ଏକ ଅସହାୟବୋଧତାରେ। ସିନେମାରେ ଉମରାଓ ଙ୍କ ଗଭୀର ଜୀବନବୋଧର ଚିହ୍ନବର୍ଣ୍ଣ ହିଁ ନାହିଁ, ବିଶେଷକରି ଶେଷ ଜୀବନର ଇଚ୍ଛା ଓ ଆକୁଳତା ଉପରେ ଆଦୌ କିଛି ଆଲୋକପାତ ନାହିଁ। ଉମରାଓ ମଧ୍ୟ ଚାହିଁଥିଲେ ପବିତ୍ର କାବ୍ବାଲ୍ (ଆରବ)ର ମାଟି ଚୁମିବାକୁ, ସେ ମାଟିରେ ତିଆରି ଜପାମାଳ ଧରି ଆଲ୍ଲାଙ୍କ ନାମନେଇ ଶେଷ ଜୀବନ କଟାଇବାକୁ! ନିଜର ସହକର୍ମୀ ଅନ୍ୟ ଗଣିକାମାନଙ୍କୁସେ ଖୁବ୍ ଭଲ

ପାଉଥିଲେ, ସବୁକଛି ସମ୍ପତ୍ତି ଲୁଟିନେଇଥିବା ଧୋକାବାଜ୍ ଗୋହର ମିର୍ଜାକୁ କ୍ଷମା କରି ଦେଇଥିଲେ । ଏପରିକ ତା ର ପିଲାଙ୍କ ଜନ୍ମ ଦିନରେ ପ୍ରତିବର୍ଷ ଢେର ଉପହାର ପଠାଉଥିଲେ । ଏ ବିଷୟରେ ସିନେମା ସବୁ ନରବ । ହାଜିଙ୍କ ଉମରାଓ ଉପନ୍ୟାସର ପ୍ରଥମ ସମିକ୍ଷକ ଥିଲେ ନଜେ ଉମରାଓ । ନଜ ତରଫରୁ ଦୀର୍ଘ ପୃଷ୍ଠାବ୍ୟାପି ଯେଉଁ ମତାମତଟି ସେ ଦେଇଥିଲେ ତାହା ଅତ୍ୟନ୍ତ ସ୍ପର୍ଶକାତର । ଏହା ଅନ୍ତଃ ଜୀବନର ନରବ ଫଲଗୁଧାର୍ ପରି ସ୍ପଷ୍ଟ । ଏହା ଉପରେ ମଧ ସିନେମା ନରବ । ସବୁଠୁ ମଜାକଥା ହେଲା ଉପନ୍ୟାସ ଅନୁସାରେ ଉମରାଓଙ୍କ ଜୀବନରେ ଆସିଥିବା ଅନେକ ବାଟଭୁଲା ପଥିକଙ୍କ ଭିତରୁ ନବାବ ସୁଲତାନ ଜଣେ ବୋଲି ନଆଯାଇଛି । ଉପନ୍ୟାସର ଆରମ୍ଭରେ କଛି ଅଧ୍ୟାୟ ଓ ଶେଷର କଛି ପରିଚ୍ଛେଦରେ ନବାବ ସୁଲତାନଙ୍କ ଭୂମିକା ସୀମିତ । କନ୍ତୁ ସିନେମାରେ ନବାବ ସୁଲତାନ ନାୟକ ହୋଇଯାଇଛନ୍ତି ଓ ଉମରାଓଙ୍କ ସହ ତାଙ୍କ ସମ୍ପର୍କକୁ କେନ୍ଦ୍ରକରି ପୂରା ସିନେମା ରୂପ ନେଇଛି । ଭାରତୀୟ ଦର୍ଶକଙ୍କ ମନସ୍ତାତ୍ତ୍ୱିକ ଅବସ୍ଥାକୁ ହୃଦୟଙ୍ଗମ କରି ବୋଧେ ନର୍ଦ୍ଦେଶକମାନେ ସିନେମା ସବୁକୁ ଏପରି ପ୍ରସ୍ତୁତ କରିଛନ୍ତି ।

ରେଖା ଅଭିନୀତ ପ୍ରଥମ ସିନେମାଟିରେ ଉପନ୍ୟାସର ଅନେକ ଚରିତ୍ରକୁ ଯଥାସମ୍ଭବ ଜାଗା ଦିଆଯାଇଛି । ଅମୀରନକୁ ଶୈଶବକାଳରେ ଅପହରଣ କରି ଲକ୍ଷ୍ନୌରେ ବିକ୍ରିକରି ଦେଇଥିବା ଦିଲାବର ଖାଁ ର ଶେଷ ପରିଣତି ବିଷୟରେ ସିନେମା ନରବ, ଅଥଚ ଚୋରି ଅପରାଧରେ ତାକୁ ଫାଶି ହୋଇଥିଲା ବୋଲି ଉପନ୍ୟାସ କହେ । ସେମିତି ଅନ୍ୟ ଏକ ଚରିତ୍ର ହେଲେ ଦୟାଳୁ ଓ ରସିକ ଡାକୁ ସର୍ଦ୍ଦାର ଫୈଜ ଅଲ୍ଲୀ । ଉପନ୍ୟାସର ଶେଷ ପର୍ଯ୍ୟନ୍ତ ସେ ତାର ଚୋରିଧନ୍ଦା କରୁଥିଲା ବୋଲି କୁହାଯାଉଛି । କନ୍ତୁ ସିନେମାରେ ସିପାହୀମାନଙ୍କ ସହ ଧସ୍ତାଧସ୍ତୀରେ ତାର ମୃତ୍ୟୁ ଘଟିଥିବା କୁହାଯାଉଛି । ଉପନ୍ୟାସରେ ଖାନୁମ୍ କୋଠିର ସୁନ୍ଦରୀ ଖୁର୍ଦ୍ଦିସ୍ କଥା ଢେର ବର୍ଣ୍ଣିତ । ଅଥଚ ସିନେମାରେ ତାର ବର୍ଣ୍ଣନା ନାହିଁ । ଗୃକର ଟୋକା ଗୋହର ମିର୍ଜା ଶେଷ ପର୍ଯ୍ୟନ୍ତ ଖାନୁମ୍ କୋଠିର ଜଣେ ସଚ୍ଚା ଓ ନଷ୍ଠାପର ଭୃତ୍ୟ ବୋଲି ସିନେମାରେ ବର୍ଣ୍ଣିତ । ଉପନ୍ୟାସରେ କନ୍ତୁ ସେ ଜଣେ ପକ୍କା ସଂସାରୀ ଯିଏକ ଉମରାଓଙ୍କ

ଅନେକ ସମ୍ପତ୍ତି ଲୁଚେଇ ନେଇ ପଳେଇଥିଲେ । ଉପନ୍ୟାସ କ୍ରମେ ଉମରାଓ ଫୈଜାବାଦର ନିଜ ଘରେ ନିଜ ମା ଙ୍କ ସହ ଗୋଟେ ରାତି କଟେଇଥିଲେ । ପରଦିନ ସାନଭାଇ ତାଙ୍କୁ ଛୁରୀମାରି ହତ୍ୟା କରିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ସିନେମାରେ ସେକଥା ଦେଖାଯାଏନି । ଉପନ୍ୟାସଟି କେଉଁ ପରିସ୍ଥିତିରେ ଲେଖା ଯାଇଥିଲା ସେ ବିଷୟରେ ପ୍ରଥମ ସିନେମା ନିରବ । ତା ସତ୍ତ୍ୱେ ସିନେମାଟି ଉପନ୍ୟାସକୁ ଛୁଇଁକରି ଗଲାପରି ଲାଗିଥାଏ ।

୨୦୦୬ରେ ମୁକ୍ତିଲାଭ କରିଥିବ ଜେ.ପି. ଦତ୍ତ ନିର୍ଦ୍ଦେଶିତ ଉମରାଓ ଜାନ ସିନେମାଟି ଉପରେ ଆଲୋଚନା କରିବା । ସିନେମା ଆରମ୍ଭରେ ଦେଖାଯାଉଛି ମିର୍ଜା ସାହେବ ଉମରାଓଙ୍କୁ ଭେଟିଛନ୍ତି ଓ ତାଙ୍କଠୁ ଜୀବନୀ ସଂଗ୍ରହ କରିଛନ୍ତି । ଉମରାଓଙ୍କଠୁ ପାଖାପାଖି ତିରିଶି ବର୍ଷ ସାନ ହେଏ ମିର୍ଜା । କିନ୍ତୁ ସିନେମାରେ ଉମରାଓଙ୍କୁ ଚାଳିଶି ବର୍ଷିଆ ପରି ସଜାଗଲା ବେଳେ, ମିର୍ଜାଙ୍କୁ ସତୁରୀ ବର୍ଷ ପରି ସଜାଯାଇଛି । ଉମରାଓ, ଅମୀରନ୍ ଥିବାବେଳେ (ପିଲାବେଳର ନାଁ), ଯେଉଁ ନଳକୂଅ ପାଖରେ କାନଫୁଲ ହଜେଇଥିଲେ ବୋଲି ଦେଖାଯାଉଛି, ସିନେମାର ବିଭିନ୍ନ ସମୟରେ ସ୍ମୃତିଚାରଣ ପାଇଁ ସେହି ନଳକୂଅଟି ଦେଖାଯାଇଛି । ପାଣି ବାହାରୁଥିବା ନଳକୂଅ ଏକ ପ୍ରବାହମାନ ଜୀବନର ପ୍ରତୀକ । କିନ୍ତୁ ୧୮୪୦ ବେଳକୁ ନଳକୂଅ ହିଁ ଆବିଷ୍କାର ହୋଇନଥିଲା । ସିନେମାରେ ରାମଦେଇ କଥା ଆଦୌ ନାହିଁ, ଯାହାକି ଉପନ୍ୟାସରେ ଏକ ପାର୍ଶ୍ୱନାୟିକା ଭାବେ ରହିଛି । ସିନେମାରେ ଉମରାଓ ବୁର୍ଖା ପିନ୍ଧି ବାହାରକୁ ମୁଜୁରା କରିବାକୁ ଯାଉଛନ୍ତି, ଉପନ୍ୟାସରେ ଉମରାଓ ନିଜେ ବୁର୍ଖା ପିନ୍ଧାକୁ ଅସ୍ୱୀକାର କରିଛନ୍ତି । ନାୟକ ନବାବ ସୁଲତାନ ଜଣେ କୋମଳ ହୃଦୟଧାରୀ, କବିସୁଲଭ ରୁଚିସମ୍ପନ୍ନ ସମ୍ଭ୍ରାନ୍ତ ଥିଲେ । କିନ୍ତୁ ସିନେମାରେ ସେ ଜଣେ କ୍ରୁଦ୍ଧ ପଠାଣ ଭାବେ ଚିତ୍ରିତ, ଯାହା ଭିତରେ ସାହିତ୍ୟିକ ବା କବିର କୋମଳତା କମ, ଜଣେ ଅଗ୍ରଧର୍ଷୀର ପ୍ରବଣତା ଅଧିକ । ନବାବ ସୁଲତାନଙ୍କ କଥାକଥାକେ ରାଗ, ଗଜଲର ମୃଦୁ ମୁର୍ଚ୍ଛନାକୁ ଅଯଥାରେ ଅଣଶୁଣା କରି ଦେଉଛି । ସିନେମାରେ ଅଭିଷେକ ବଚ୍ଚନଙ୍କ ଚେହେରାକୁ ସୁହାଇଲା ଭଳି ଚରିତ୍ରଟିଏ ତିଆରି ହୋଇଛି । ଜଣେ ଦୁର୍ଦ୍ଧର୍ଷ, କ୍ରୁଦ୍ଧ ପଠାଣ ପାଖରେ ସମର୍ପିତା, ଉତ୍ସର୍ଗୀକୃତା

ପ୍ରେମିକା ଭାବେ ଜଣେ ନାରୀର ଦୁଃଖଯନ୍ତ୍ରଣା ଓନଃସଙ୍ଗତାକୁ ନେଇ ସିନେମାଟି ଏକପାଖିଆ ହେଲାଭଳି ଲାଗେ। ମୋଗେଲ ସମ୍ରାଟମାନଙ୍କ ପ୍ରେମ କାହାଣୀକୁ ଯେପରି ସ୍ତରରେ ରୂପ ଦେବାକଥା, ଉମରାଓ – ନବାବ ସୁଲତାନଙ୍କ ପ୍ରେମ କାହାଣୀକୁ ସେପରି ରୂପ ଦିଆଯାଇଛି। ତେଣୁ ସାନ୍ ସୌକତ୍ ଭରା, ଅୟସ ଜୀବନ, ଚମତ୍କାର ସାଜସଜା, ନାମୀଦାମୀ ପୋଷାକପତ୍ର ଭିତରେ ତତକାଳୀନ ଲକ୍ଷ୍ନୌ ଗଣିକାଙ୍କ ଜୀବନଶୈଳୀ ଲୁଚଯାଇଛି। ପ୍ରକାରାନ୍ତରେ ପ୍ରାଚୁର୍ଯ୍ୟ ଭିତରେ ଦର୍ଶକ ତଟସ୍ଥ ହୋଇଯାଉଛି ସିନା ଅନ୍ତରଙ୍ଗତା ଅନୁଭବ କରୁନାହିଁ। ବେଳେବେଳେ ସାଜସଜା ଦେଖି ସିନେମାଟି ପରୀ କାହାଣୀ ପରି ଲାଗୁଛି। ସିନେମାଟି ଅତିମାତ୍ରାରେ ଚଳଚଞ୍ଚଳ ଓ ନାଟକୀୟ ଘଟଣାରେ ଭରପୂର। ଖାନୁମ୍ କୋଠିରେ ହତ୍ୟାକାଣ୍ଡ ପରେ ନବାବ୍ ସୁଲତାନ୍ ଆଉ ଥରେ ମଧ୍ଯ ସେଠାକୁ ଆସିନଥିଲେ। କନ୍ତୁ ସିନେମାରେ ଆସି ରହିବା କଥା ଅଛି। ତାଙ୍କର ଦାରିଦ୍ର୍ୟକୁ ଉପହସିତ କରାଯାଇଛି। ଅସଲ କଥା ବିସମିଲ୍ଲା, ଅମୀନା, ଖୁର୍ଶିଦ୍, ଛବ୍ ସାହେବ ଆଦିଙ୍କ ଭାଗ୍ୟ ଦୁର୍ଭାଗ୍ୟକୁ ଜବରଦସ୍ତ ନାୟକ-ନାୟିକାଙ୍କ ଜୀବନ ଉପରେ ଆରୋପିତ କରାଯାଇଛି। ଫଳରେ ଲାଗୁଛି ନବାବ ସୁଲତାନ ହିଁ ଏକମାତ୍ର ଚରିତ୍ର, ଅନ୍ୟ କେହି ଆଉ ନାହାନ୍ତି। କନ୍ତୁ ଉପନ୍ୟାସରେ ଅନେକ ନାୟକ ଭିତରୁ ନବାବ ସୁଲତାନ ଜଣେ ବୋଲି ହୃଦବୋଧ ହୋଇଥାଏ।

ଆଉ ଜଣେ ଚରିତ୍ର ହେଉଛି ଡାକୁ ଫୈଜ ଅଲ୍ଲୀ। ସେ କେବେହେଲେ ମିଥ୍ୟା କହି, ଷଡଯନ୍ତ୍ର କରି ସୁଲତାନଙ୍କ ମନରେ ଉମରାଓ ପ୍ରତି ଘୃଣା ସୃଷ୍ଟି କରିନଥିଲେ। ଫୈଜ ଅଲ୍ଲୀ କେବେହେଲେ ସୁଲତାନଙ୍କୁ ସାକ୍ଷାତ କରିନଥିଲେ। ଜୀବନ ସ୍ୱାଭାବିକ ଢଙ୍ଗରେ ଗ୍ଳାଲିଥିଲା ଏବଂ ଫୈଜ ଅଲ୍ଲୀ ସହ ମାସେ ପାଇଁ ବାହାରକୁ ବାହାରିଥିବା ଉମରାଓ ଘଟଣାକ୍ରମେ ସୁଲତାନଙ୍କ ଘରକୁ ଆସିଯାଇଥିଲେ। ସିନେମାରେ ସବୁ କଛି ଯୋଜନାବଦ୍ଧ ଭାବେ ଘଟାଯାଇଥିଲ ଭାବେ ବୋଲି ଦର୍ଶାଯାଇଛି। ଉମରାଓ ଫୈଜାବାଦରୁ ଲକ୍ଷ୍ନୌ ଫେରିଲାବାଟରେ କୁଷ୍ଠରୋଗ ଭୋଗି ଦିଲାବର ଖାଁକୁ ଭିକ୍ଷା ମାଗିବା ଦେଖିଥିଲେ। ତାକୁ କ୍ଷମା କରିବା ସହ

ସୁବର୍ଣ୍ଣ କଙ୍କଣ ଦୁଇଟି ଦେଇଥିଲେ । ଅସଲ କଥା ହେଲା ଜୀବନ ଶେଷ ପର୍ଯ୍ୟନ୍ତ ଉମରାଓ ଦିଲାବର ଖାଁ କୁ କ୍ଷମା କରିନଥିଲେ ଏବଂ ଏକ ଚୋରି ଅପରାଧରେ ଦିଲାବର ଫାସି ପାଇଥିଲା । ସିନେମାରେ ଅଛି ଭାଡୁଆ ଗୋହର ମିର୍ଜା ସିପାହୀ ବିଦ୍ରୋହରେ ଯୋଗଦେଇ, ନିଜ ଜୀବନ ବିପନ୍ନ କରି ଖାନୁମ୍ କୋଠିର ଗଣିକାମାନଙ୍କୁ ନିରାପଦରେ ଯିବାକୁ ଦେଇଥିଲା । କିନ୍ତୁ ବାସ୍ତବରେ ଗୋହର ମିର୍ଜା ଉମରାଓଙ୍କ ଅନେକ ସମ୍ପତ୍ତି ଲୁଚାଇ ନେଇଥିଲା ଏବଂ ବାହାସାହା ହୋଇ ନିଜର ଘରସଂସାର କରିଥିଲା ।

ଦୁଇଟିଯାକ ସିନେମା କିଛି ମାତ୍ରାରେ ଉପନ୍ୟାସଠୁ ଦୂରେଇଗଲେ ସୁଦ୍ଧା ଅତି ଚମତ୍କାର ଭାବେ ପରିବେଶିତ ହୋଇଛି । ଆମ ସିନେମାର ଦୁର୍ବଳ ଦିଗ ହେଲା – ଆମେ ନାୟକ ପାଖରେ ସବୁ ଭଲଗୁଣ ଖଞ୍ଜିଦେଉ ଓ ଖଳନାୟକ ପାଖରେ ସବୁ ମନ୍ଦ ଗୁଣ । ଅନ୍ୟାନ୍ୟ ଚରିତ୍ରମାନେ ପ୍ରାୟ ଏକାରକମର, ହେଲେ ଏପାଖ ନହେଲେ ସେପାଖ । କିନ୍ତୁ ସବୁ ଚରିତ୍ର ଭଲମନ୍ଦର ମିଶାମିଶିରେ ପର୍ଯ୍ୟବେସିତ – ଏକଥା କହିବାକୁ ସିନେମା ସବୁବେଳେ ଡରେ । ସେଇ ମୂଳଡର ଅନୁସାରେ ଉମରାଓ ଜାନ୍ ସିନେମା ମଧ୍ୟ ପର୍ଯ୍ୟବେସିତ ।

ଉପନ୍ୟାସଟିକୁ ଓଡିଆରେ ଭାଷାନ୍ତର କରିଥିବା ଡଃ. ସଂଗ୍ରାମ ଜେନା ଏହି ଉପନ୍ୟାସର ଭୂମିକା ଲେଖିଓଲାବେଳେ ଉମରାଓଙ୍କ ଉପରେ ଯେଉଁ କେତୋଟି ନିଜସ୍ୱ ମନ୍ତବ୍ୟ ଦେଉଛନ୍ତି ତାହା ପଠନଯୋଗ୍ୟ । ତାହା ଏହିପରି....

"ଉମରାଓ ଜାନ୍ ଆଦା....ଅପସରି ଯାଉଥିବା ଅପରାହ୍ନର ଆଲୋକ ପରି । ଶୂନଶାନ୍ ସ୍ୱରଟିଏ । ସାରାଜୀବନ ସମାଜର ସବୁ ନିନ୍ଦା ଅପବାଦକୁ ଆଦରି ନେଇ ନିଜ ଭିତରେ ନିଃଶେଷ ହୋଇଯାଉଥିବା ଦୀପଶିଖାଟିଏ । କାହିଁ କେତେଦୂର, ନଈ ସେପାରିରୁ ଭାସି ଆସୁଥିବା ସକରୁଣ ସଂଜ ସଂଗୀତଟେ । କୁଆଁରୀର କାନ୍ଦଣା, ପ୍ରେମିକାର ପ୍ରଳାପ, ରମଣୀର ରତି, ନାରୀର ନିରୁକ୍ତି, ଦେହ, ମନ ଯୌବନ, ସବୁ ଜୀବନ ଯନ୍ତ୍ରଣାର ଭିନ୍ନ ଭିନ୍ନ ଭଂଗୀ । ଉମରାଓ ଜାନ୍ ଦେହରୁ ଦର୍ଶନ, ଦରିଆରୁ ଦିଗନ୍ତ ଯାଏ ଏକ ଗୁଣୁଗୁଣୁ ଗଜଲ । ଏକ ଅକ୍ଷୟ ଅବଶୋଷ । କୋଠିର କୋଳାହଳ, ହାରେମ୍ ର ହାହାକାର ଭିତରେ

ରୂପ, ତୃଷ୍ଣା, ଆଶା, ଅପେକ୍ଷା ବ୍ୟଥା, ବେଦନା, ପ୍ରେମ ପ୍ରତିଶ୍ରୁତି, ପ୍ରତ୍ୟାଖ୍ୟାନ ଓ ପ୍ରବଂଚନାର ସକରୁଣ ସ୍ମୃତିଟିଏ। ଏକ ବିବର୍ଣ୍ଣ ବସନ୍ତର ବାସ୍ନା। ପାପପୁଣ୍ୟର ସବୁ ବିତର୍କିତ ବର୍ଣ୍ଣମାଳା ଭିତରେ ଉମରାଓ ଜାନ୍ ଏକ ଅନ୍ତରଙ୍ଗ ଅନୁରାଗ ।"

ଅମୀରନ୍ ହେଉଛି ପର୍ବତ ଉପରେ ଛୋଟିଆ ଜଳଧାରାଟିର ନାଁ। ଆଗକୁ ବଢି ଘଟଣାଚକ୍ରରେ ଝରଣା ବା ବଣୁଆ ନଈ ରୂପେ ବିଭିନ୍ନ ଉତଥାନ ପତନ ଦେଇ ଗତିକରି କେତେବେଳେ ପ୍ରପାତ, କେବେ ଜଳର ଆବର୍ତ୍ତ, ଭୀମଗର୍ତ୍ତ, ବନ୍ୟା, ବ୍ୟୁତ୍ପତ୍ତି କରି, ସାଥିରେ ପୁଣି ମଲା ଶବଠୁ ଆରମ୍ଭ କରି ଫୁଲ ଓ କାକର ଟୋପାକୁ ନେଇ ତେଜସ୍ୱିନୀ ନଦୀ ରୂପେ ଆଗକୁ ଗଲିଲା। ନାଁ ହୋଇଗଲା ଉମରାଓ ଜାନ। ଜୀବନର ଅପରାହ୍ନରେ ସେ ହୋଇଗଲା ସ୍ଥିର, ତରଙ୍ଗହୀନ, ଠିକ୍ ଯେମିତି ନଈଟିଏ ସମୁଦ୍ରରେ ମିଶିବା ପୂର୍ବରୁ ବିସ୍ତାରିତ ହୋଇଯାଏ, ସ୍ଥିର ହୋଇଯାଏ। ଅନନ୍ତକୁ ଭେଟିବାର ପର୍ବ ଆରମ୍ଭ ହୋଇଗଲେ, ମଣିଷ ଏପରି ଅନେକ ଜୀବନାନୁଭୂତିରେ ପୂର୍ଣ୍ଣାଙ୍ଗ ହୋଇଯାଏ, ଉଦାର ହୋଇଥାଏ। ଉମରାଓ ଚରିତ୍ରର ଏହି ମୂଳ ଜୀବନଦର୍ଶନକୁ ସିନେମା ଦୁଇଟିରେ ଏକବାର ଉହ୍ୟ ରଖି ଦିଆଯାଇଛି, ଏପରିକି ଖୋଦ୍ ଔପନ୍ୟାସିକ ମଧ୍ୟ ଏହି ଉତ୍ତରଣର ପର୍ବଟିକୁ ବର୍ଣ୍ଣନା କରିବାରେ ଯେଥେଷ୍ଟ ନିଷ୍ଠା ଦେଖାଇ ନାହାନ୍ତି ।ତା ସତ୍ତ୍ୱେ ଉପନ୍ୟାସ ଓ ସିନେମା ଉଭୟ ପାଠକ ଓ ଦର୍ଶକଙ୍କୁ ଏକ ଭିନ୍ନ ଜଗତ ସହ ପରିଚତ କରାଇବାରେ ଯଥେଷ୍ଟ ସଫଳ ହୋଇଛନ୍ତି ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା



# କାହିଁକ ଆସିଲ?



ମଧୁଛନ୍ଦା ବେହେରା



କାହିଁକ ଆସିଲ ଜୀବନ ରେ ମୋର
କାଳ ବୈଶାଖୀ ହୋଇ
ଜୀବନ ନଇ ର ପାଣି ଶୋଷି ନେଲ
ଗଲି ମୁଁ ଅଲେ଼ଡା ହୋଇ
ବିନା ଅନଳ ରେ ଜାଳଦେଲ ତୁମେ
ମୋ ସୁନେଲି ସ୍ୱପନ ଯେତେ
ବାଇ ଚଢେଇ ର ବସା ଭଙ୍ଗିଗଲା
ବିନା ବତାସ ରେ ସତେ
କାହିଁକ ଆସିଲ ଜୀବନ ରେ ମୋର
ବିନା ଅସ୍ତ୍ରେ କଲ ଘାତ
ହୃଦୟ କୁ ମୋର ଖଣ୍ଡଖଣ୍ଡ କରି
କ ଲାଭ ପାଇଲ ମିତ
ଦେଇ ତ ନ ଥିଲି ଆସିବା ସଙ୍କେତ
ବଢାଇ ନ ଥିଲି ହାତ
ଅଭିନୟ ଆଉ ଛଳନା ପାଖରେ
ହାରିଗଲା ଆଜି ସତ
ସତ ର ସଜ୍ଞା ବଦଳ ଯାଇଛି
ମିଛ ତ ଦେଇଛି ଢାଂକ
ପ୍ରେମ ପ୍ରଣୟ ର ପରିଭାଷା ପୁଣି
ଅପ୍ରେମୀ ଦଉଛି ଲେଖି
କାହିଁକ ଆସିଲ ଜୀବନ ରେ ମୋର

ହୋଇ ଧାଉ୍ ଶିଉ୍ବଣ
ଏମିତି ବରଷି ଗଲ ମୋ ଜୀବନେ
ବୁଡିଗଲ୍ ମନ ପ୍ରାଣ
ଲୁହ ର ବନ୍ୟା ରେ ଭସେଇ ଯେ ଦେଲ
ପାଇଲିନ ଥଳକୁଳ
ଜୀବନ ଡଙ୍ଗା ମୋ ଥରହର ହେଲ୍
ନାଉରୀ ଯେ ହେଲ୍ କାଳ
ହେଲେ!
ପାରି ହୋଇଗଲି ପ୍ରଭୁଙ୍କ ଦୟା ରେ
ଜୀବନ ର ସାତ ସିନ୍ଧୁ
ସବୁଦିନ ବନ୍ଧୁତା ବାନ୍ଧିଲି
ସେହି ପ୍ରଭୁ ହେଲେ ମୋର ପ୍ରିୟ ବନ୍ଧୁ ।

କଟଓ୍ୱାରିଆ ସରାଇ, ନୂଆ ଦିଲ୍ଲୀ

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି, ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା:

vedantimagazine@gmail.com &

editor.vedantimagazine@gmail.com.

Whatsapp & Mobile: 9594993733



# ସର୍ବ ଶକ୍ତିମାନ କାଳ

ପ୍ରବୋଧ ଚନ୍ଦ୍ର ମୁଦ୍ରା

ଅନନ୍ତ ବିଶ୍ୱର ଚରନ୍ତନ ସତ୍ୟ ସର୍ବଜୟୀ ମହାକାଳ ।
ତାର କବଳରୁ ନସ୍ତରିବା ପାଇଁ ନାହିଁ ତ କାହାର ବଳ ॥ ୧ ॥
ଦୈତ୍ୟାମର ନର ଗନ୍ଧର୍ବ କନ୍ନର ସର୍ବେ ତାହାର ଅଧୀନ ।
କୀଟ-ପତଙ୍ଗାଦି ସକଳ ସଜୀବ କାଳଚକ୍ରେ ବନ୍ଧା ପୁଣ ॥ ୨ ॥
ବର୍ଷ-ମାସ-ଦିନ ହୋଇଲେ ସମାପ୍ତ କାଳ ହୁଏ ଉପଗତ ।
ଯଥା ସମୟରେ ତା ଗର୍ଭେ ବିଲୀନ ହୁଅନ୍ତି ପ୍ରାଣୀ ଜଗତ ॥ ୩ ॥
କେହିତ ନୁହନ୍ତି ଅଜର-ଅମର ଏହି ଅନତ୍ୟ ସଂସାରେ ।
ଆବାଳ-ବୃଦ୍ଧବନତାଦି ସର୍ବେ ଗଚ୍ଛନ୍ତି କାଳର ସ୍ରୋତରେ ॥ ୪ ॥
ଅହରହ ଭ୍ବେ ପ୍ରତି ନମିଷରେ କାଳ କରୁଥାଏ ଗତି ।
ତା ଗତିକୁ ପ୍ରତିରୋ୍ଧ କରିବାକୁ ନାହିଁତ କାହାର ଶକ୍ତି ॥ ୫ ॥
ସମୟ ତ ଅଟେ ମହାଶକ୍ତିମାନ ପୁଣି ଅଟେ ବେଗମାନ ।
ସୁର-ବୀର ମହାପ୍ରତାପୀ ଠୁ ମଧ ଅଟଇ ସେ ବଳବାନ ॥ ୬ ॥
ସମୟ ସ୍ରୋତରେ ଶୁଷ୍କତୃଣ ପରି ସର୍ବେଭ୍ସି ଗ୍ଳଲିଥାନ୍ତି ।
ଜୀବନ ଯୁଦ୍ଧରେ ହୋଇ ପର୍ହତ ଲଭନ୍ତି ମହା ଦୁର୍ଗତି ॥ ୭ ॥
କ୍ଷଣଭଙ୍ଗୁର ଏ ନଶ୍ୱର ସଂସାରେ କେହିତ ନୁହେଁ କାହାର ।
ଭବ ରଙ୍ଗମଞ୍ଚେ ସାରି ଅଭିନୟ ତ୍ୟଜନ୍ତି ଇହ ସଂସାର ॥ ୮ ॥
ଧନ-ଯୌବନ ନୁହେଁ ଚର ସ୍ଥାୟୀ ଏହା ଅଟେ ସତ୍ୟଗିର ।
ଅଢେଇ ଦିନର ତୁଚ୍ଛ ପ୍ରାଣୀ ଆମ୍ଭେ ଦେଖାଉ ବଡ ଗ୍ଳତର ॥ ୯ ॥

ବୟସ ବୃଦ୍ଧିରେ ଆୟୁ ହୁଏ କ୍ଷୀଣ ସର୍ବେ ଯାନ୍ତି ଯମ ସଦନ ।
ଗର୍ବ-ଅଭିମାନ ସବୁ ହୁଏ ଚୂର୍ଣ୍ଣ ଏ ଅଟେବିଧିର ବିଧାନ ॥ ୧୦ ॥
ଅଜର-ଅମର ଜ୍ଞାନ କରି ବୁଧେ ଅର୍ଜଥାନ୍ତି ବିଦ୍ୟା-ଧନ ।
ମୃତ୍ୟୁ ଉପସ୍ଥିତ ହୋଇଯିବ ଜାଣି କରନ୍ତି ଧର୍ମ ଅର୍ଜନ ॥ ୧୧ ॥
ବିଷୟ ଭୋଗରେ ହୋଇଣ ଆବଦ୍ଧ ମାୟାମୋହେ ହେଉଛନ୍ତି,
କାଳକଥା ମନୁ ହୁଏ ବିସ୍ମରିତ ଈଶ୍ୱରେ ନ ରଖି ମତି ॥ ୧୨ ॥
ବିଭୁଙ୍କ କୃପାରୁ ଏ ଧରା ବକ୍ଷରେ ମାନବ ରୂପରେ ଜାତ,
କାଳ ଇଙ୍ଗିତରେ ଯେ ଯାହା ବାଟରେ ଗ୍ଭଲନ୍ତି ଏ କଥା ସତ୍ୟ ॥ ୧୩ ॥
ବିଶ୍ୱଭୁବନର ଅଦ୍ୱିତୀୟଶୂର ସେ ଅଟେ ମହାନାୟକ,
ବିଧିର ବିଧାନ ନ ହୋଇବ ଆନ କାଳ ଯେ ସର୍ବ ଭକ୍ଷକ ॥ ୧୪ ॥
ଭବାର୍ଣ୍ଣବ ଜଳେ ହୁଏ ଭାସମାନ ମୀନ ରୂପୀ ଏହି ନର,
ମହାକାଳରୂପୀ କୃବର୍ତ୍ତ ପାଶରୁ ନ ମିଳେ କଦା ନସ୍ତାର ॥ ୧୫ ॥

ସାଙ୍କୁଡା, ଗଞ୍ଜାମ, ଓଡିଶା

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଅଧା ରହିଗଲା ରାକ୍ଷୀ

## ବନ୍ଧନ



ପ୍ରକାଶ ସାହୁ

ରାକ୍ଷୀ ର ମହତ୍ୱ ଭାଇ କୁ ଜଣା। ଆଉ ଭାଇ ର ମହତ୍ୱ ଭଉଣୀ କୁ। ଦୁନଆ ର ସବୁଠୁ ପବିତ୍ର ବନ୍ଧନ ରାକ୍ଷୀ ବନ୍ଧନ। ଯଦି ରାକ୍ଷୀ ବାବଦରେ ଅବୁଝା ଅଛ ତେବେ ଦେଖ ଟିକେ ସେହି ଶ୍ରୀମନ୍ଦିର କୁ କେମିତି ଅଛି ସେହି ଅଲିଅଳ ଭଉଣୀ ତା ବଡ଼ ଭାଇ ବଳଆ ଆଉ ସାନ ଭାଇ କାଳଆ ମଝି ରେ।ରାକ୍ଷୀ ଏକ ସାମନ୍ୟ ସୂତା ଖିଅଟିଏ, କନ୍ତୁ ଭଉଣୀ ଯେବେ ବାନ୍ଧେ ରାକ୍ଷୀ ତା ଭାଇ ହାତ ରେ ସେହି ସୂତା ଖିଅ ପାଲଟି ଯାଏ ସୁରକ୍ଷା ର କବଚ।ଭାଇ ର ମଙ୍ଗଳ କାମନା କରେ ଭଉଣୀ, ପ୍ରତିବଦଳ ରେ ଭାଇ ଭଉଣୀ ର ସୁରକ୍ଷା ର ପ୍ରତିଶ୍ରୁତି ଦିଏ।

କନ୍ତୁ ବେଳେ ବେଳେ ଏମିତି କଛି ପ୍ରଶ୍ନ ମନ କୁ ଆସେ ରାକ୍ଷୀ କୁ ନେଇ ଆଜି ର ସଭ୍ୟ ସମାଜ ରେ ନାରୀ ମାନଙ୍କ ପ୍ରତି ଥିବା ଘୃଣ୍ୟ ମନୋଭାବ। ଆଉ ବିଧାତା ର ବିଚାର ବି ବଡ଼ ବିଚତ୍ର।

ମନେ ପଡିଲେ ନୟନ ରୁ ଲୋତକ ଝରି ପଡେ। ଶରୀର ମୋର ଶୀତେଇ ଉଠେ। ଦେହ ରେ ଶିହରଣ ଖେଳ ଯାଏ। ମନ ମୋର ଦୁଃଖ ରେ ଭାଙ୍ଗି ଯାଏ। ଆହା କ କରୁଣ ସେ କାହାଣୀ। ହେ ଭଗବାନ! ସତେ କ ତୁ ଏତେ ନଷ୍ଠୁର? ତୁହି ପରା ସୃଷ୍ଟିକର୍ତ୍ତା। ତୋ ସୃଷ୍ଟି ରେ ଏତେ ହୀନସ୍ତା କାହିଁକ? ହେ ପ୍ରଭୁ ତୁ ମାନନୀ ର ସାହା ଭରସା,ତା ନ ହେଲେ ସେ ସାରା ସଂସାର ରୁ ଭାସିଯିବ।

ମାନନୀ ଛୋଟ ଝିଅଟିଏ।ନବମ ଶ୍ରେଣୀ ର ଛାତ୍ରୀ।ବାପା ତାର ଭାରତୀୟ ସେନା ରେ ଜଣେ ସିପାହୀ।ତାର ସାନ ଭାଇ ଦିପୁ, ବହୁତ ଭଲ ପାଏ ତାକୁ।ମା ରୋଗ ରେ ପଡି କଛି ବର୍ଷ ତଳେ ସମସ୍ତଙ୍କୁ ପର କରି ଚାଲିଯାଇଛି ଆର ପାରି କୁ। ବାପା ମଝି ରେ ମଝି ରେ ଗାଁ

କୁ ଆସିଲେ ସେମାନଙ୍କ ପାଇଁ ଅନେକ ଖାଇବା ଜିନଷ,କପଡା ନେଇ ଆସନ୍ତି । ପିଲ୍ ଦୁଇ ଜଣଙ୍କର ମୁହଁ କୁ ଦେଖି ମାନନୀ ର ବାପା ବି ଦ୍ଵିତୀୟ ବିବାହ କଲେ ନାହିଁ।କାଳେ ସେମାନଙ୍କର ଯତ୍ନ ରେ ଅବହେଳା ହେବ ବୋଲି। ଜେଜେମା ଆଉ ଜେଜେବାପା ଙ୍କ ସହିତ ମାନନୀ ଆଉ ଦିପୁ ବହୁତ ଖୁସି ରେ ରହିଥାନ୍ତି।

ହଠାତ ଏହି ସଂସାର ର ଭାଗ୍ୟକାଶ ରେ ସୂର୍ଯ୍ୟ ଲିଭିଗଲ୍। ସାରା ସଂସାର ଅନ୍ଧକାରମୟ ହୋଇଗଲ୍। ସେଦିନ ଥିଲ୍ ଅଗଷ୍ଟ ମାସ ପନ୍ଦର ତାରିଖ ଯେଉଁଦିନ ଆମ ଦେଶ ସ୍ଵାଧୀନ ହୋଇଥିଲ୍।

ମାନନୀ ଆଉ ଦିପୁ ଗାଁ ବିଦ୍ୟାଳୟ ରେ ସ୍ଵାଧୀନତା ଦିବସ ପାଳନ କରୁଥିବା ବେଳେ ଦୂରଦର୍ଶନ ଏବଂ ରେଡ଼ିଓ ରେ ଖବର ପ୍ରସାରିତ ହେଲ୍ ଏମିତି "ସ୍ଵାଧିନତା ଦିବସ ଅବସର ରେ ଆତଙ୍କବାଦୀ ଙ୍କ ର ଏକ ବଡ ଧରଣର ଯୋଜନା କୁ ପଣ୍ଡ କରିଦେଇଛି ଭାରତୀୟ ସେନା।ଏଥିରେ ସମସ୍ତ ଆତଙ୍କବାଦୀ ମୃତ୍ୟୁବରଣ କରିଛନ୍ତି। "ଆଉ ସେନା ର ଦୁଇ ଜଣ ଯବାନ ସହିଦ ହୋଇଛନ୍ତି।ଚାରିଆଡ଼େ ଖାଲି ସେନା ର ପ୍ରସଂଶା।ଦେଶ ର ସ୍ଵାଧୀନତା ଦିବସ ଅବସରରେ ସେନା ର ଏକ ବଡ ସଫଳତା ପାଇଁ ସବୁଆଡେ ଚର୍ଚ୍ଚା ଚାଲିଛି।ମାନନୀ ଆଉ ଦିପୁ ଭି ବହୁତ ଖୁସି । ପର ଦିନ ସଖାଳ ସମୟ ରେ ମାନନୀ ଘର ଚଉଁରା ମୂଳେ ଦୀପ ଜାଳୁଥିବା ବେଳେ । କିଛି ଗାଡି ର ଶବ୍ଦ ଶୁଣି ଧାଇଁ ଗଲ୍ ସେହି ଘର ଅଗଣା ଆଡେ।ଏତେ ସବୁ ଏକ ରଙ୍ଗ ର ଗାଡି ଆଉ ବାପା ଙ୍କ ପୋଷାକ ପରି ପିନ୍ଧିଥିବା କିଛି ଯୁବକ ଙ୍କୁ ଏତେ ପାଖ ରେ ଦେଖି ମାନନୀ କିଛି ବୁଝି ପାରୁନଥିଲ୍।ଗାଡି ର ପଛ ରେ ଥିଲେ ସହ ସହ ଲୋକ। ହଠାତ ଗାଡି ଭିତରୁ କିଛି ଲୋକ ଜଣେ ଲୋକ ର ଶବ ଆଣି ଘର ସାମ୍ନା ରେ ରଖି ଦେଲେ । ଧଳା କପଡା ରେ ଶବ କୁ ଘୋଡାଇ ଦିଆଯାଇଥିଲ୍। ମାନନୀ ଖାଲି ଦେଖୁଥାଏ ହାତ ରେ ଥାଏ ଅଧା ଜଳା ଦୀପ,କେହି ଜଣେ ଶବ ର ମୁହଁ ରୁ କପଡା ଉଠାଇ ଦେଲେ। ଜଜେମା ଆଉ ଜେଜେବାପା ଙ୍କ କ୍ରନ୍ଦନ ଶୁଣିବାକୁ ମିଳଲ୍ ତାକୁ।ସାନ ଭାଇ ଦିପୁ ବି କାନ୍ଦୁଥିଲ୍। ସେ କଣ କରିବ ଏପରି ପରିସ୍ଥିତି ରେ କିଛି ବୁଝିପାରୁନଥିଲ୍। ଏହି କିଛି ବର୍ଷ ତଳେ ମା କୁ ହରାଇବାର ର ଦୁଃଖ ସବୁ ମନେ

ଅଛି।ମନେ ଅଛି ବିତି ଯାଇଥିବା ସେହି ଦୁଃଖଦ ଦିନ ଗୁଡିକ। ଏତେ କମ ବୟସ ରେ ଏତେ ବଡ଼ ଦୁଃଖ କୁ ସେ ସମ୍ଭାଳ ପାରୁନଥିଲା।କାହାର ଦୋଷ ଦେବ ସେ ବୁଝିପାରୁନଥିଲା। କେଉଁ ଜନ୍ମ ର ପାପ କ କାହା ଅଭିଶାପ ର କୋପ ରେ ତାର ଏହି ସୁନାର ସଂସାର ଆଜି ଛାରଖାର ହୋଇଗଲା ?

ତଥାପି ଭାଙ୍ଗି ପଡ଼ିଲାନ ସେ ପାଠ ପଢା ଛାଡିଦେଲା । ଜେଜେମା, ଜେଜେବାପା ଆଉ ଦିପୁ ର ଦାଇତ୍ୱ ଏବେ ତା ହାତ ରେ ନ୍ୟସ୍ତ କରି ଭଗବାନ ତାର କେଉଁ ପରୀକ୍ଷା ନେଉଥିଲେ କେଜାଣି? ବହୁ ଦୁଃଖ କଷ୍ଟ ରେ ସମୟ ବିତିଲା ତାର ।ଯେଉଁ ବୟସ ରେ ସେ ସାଙ୍ଗ ମାନ ଙ୍କ ସହିତ ବୁଲିବା କ କଲେଜ ଯାଇ ପାଠ ପଢିବା କଥା ଆଜି ସେ ସମସ୍ତ ଆଶା ଙ୍କୁ ମାରି ଦେଇଛି କେବଳ ତା ଭାଇ କୁ ମଣିଷ କରିବା ପାଇଁ ଘର ର ଚ୍ଚାରି କାନ୍ଥ ଭିତରେ ନିଜ କୁ ଆବଦ୍ଧ କରିଦେଇଛି।

ଆଜି ମାନିନୀ ହସି ହସି ଖୁସି ରେ ଡେଇଁ ପଡୁଛି। ଭାଇ ତାର ମାଟ୍ରିକ ପରୀକ୍ଷା ରେ ପ୍ରଥମ ସ୍ଥାନ ରେ ପାସ କରିଛି। ସବୁ ଦୁଃଖ ତାର ଦୁରେଇ ଯାଉ । ଆଜି ତା ଆଖି ରେ ଆଖିଏ ସ୍ୱପ୍ନ।ସେ ଯେମିତି ଯେଉଁଠି ହେଲେ ପଇସା ଆଣିବ ।ଭାଇ କୁ ଅଧିକା ପାଠ ପଢାଇବ।ତା ଭାଇ ବଡ଼ ମଣିଷ ହେବ। ତାର ସବୁ ଦୁଃଖ ଦୁରେଇ ଯିବ।ସେ ଦଉଡି ଯାଉଥାଏ ତା ବାପା ମା ଙ୍କ ଫଟୋ ନିକଟ କୁ। ସତ ରେ କେତେ ଖୁସି ହୋଇଥାନ୍ତେ ତାର ବାପା ମା। ମନ ତାର ଦୁଃଖ ରେ ମଳିନ ପଡ଼ିଥାଏ।କଇଁ କଇଁ ହୋଇ କାନ୍ଦି ଉଠେ ସେ।ମନେ ମନେ କହି ଉଠେ ତୁମେ ଦିପୁ କୁ ଆଶୀର୍ବାଦ କର। ମୋତେ ସାହସ ଯୋଗାଅ । ଏମିତି କେତେ କଣ ଭାବି ମୁଣ୍ଡିଆ ମାରେ ସେହି ସ୍ୱର୍ଗତ ପିତା ମାତା ଙ୍କ ଫଟୋ ନିକଟରେ।

ରାଜଧାନୀ ର ଏକ ନାମିଦାମୀ କଲେଜରେ ଦିପୁ ର ନାମ ଲେଖା ସରିଗଲା। ଆଜି ସେ ପାଠ ପଢିବାକୁ ଯାଉଛି। ନୂଆ ଜାଗା, ନୂଆ ପିଲା।ସତର୍କ ରହିବୁ। ମନ ଲଗାଇ ପାଠ ପଢିବୁ।କେତେ କଣ ବୁଝାଉଥାଏ ମାନିନୀ ତାର ଆଦର ର ଭାଇ ଦିପୁ କୁ। ଦିପୁ ଚ୍ଚାଲିଗଲା ପାଠ ପଢିବା ପାଇଁ। ମାନିନୀ ଆଜି ଏକା।ଆଦୌ ଭଲ ଲାଗୁନଥାଏ ତାକୁ। ଚ୍ଚାହୁଁ ଚ୍ଚାହୁଁ ରାଖୀ

ପୂର୍ଣିମା ଆସିଗଲାଣି। ତାର ସେହି କୁନ ଗେଲ୍ହା ଭାଇ ହାତ ରେ ରାକ୍ଷୀ ବାନ୍ଧି ସାହସ ଯୋଗାଇ ଦେବା ପାଇଁ ଦିପୁ ପାଖକୁ ଆଜି ଚଠି ଟିଏ ଲେଖିଲା।

ଦିପୁ ରେ,ଆଶୀର୍ବାଦ ନେବୁ। ତୁ କେମିତି ଅଛୁ ସେଠି।ଦେହ ଭଲ ଅଛି କ ନାହିଁ।ପାଠ ପଢା କେମିତି ଚାଲିଛି।ତୁ ରାକ୍ଷୀ ପୂର୍ଣିମା କୁ ଆସିବୁ। ତୋତେ ବହୁତ ଦିନ ହେବ ଦେଖି ନାହିଁ।ତୋ ନାନୀ କଥାରଖିବୁ । ଗୋଟେ ଦିନ ପାଇଁ ଘର କୁ ଆସିବୁ। ଜେଜେମା ଆଉ ଜେଜେବାପା ବି ତୋ କଥା ବହୁତ ପଚାରୁଛନ୍ତି।ତୋ ସାଙ୍ଗ ମାନେ ବି ପଚାରୁଛନ୍ତି ତୋ ବିଷୟରେ ତୁ କେବେ ଆସିବୁ**?**

ତୋ ଅପା,

ଦଶ ଦିନ ଭିତରେ ଚଠିର ଉତ୍ତର ଆସିଗଲା।ନାନୀ ତୁ ଆଦୌ ବ୍ୟସ୍ତ ହେବୁ ନାହିଁ। ମୁଁ ରାକ୍ଷୀ ପୂର୍ଣିମା ଦିନ ଘର କୁ ଯିବି। ନାନୀ ମୁଁ ବହୁତ ଦିନ ହେଲା ତୋ ହାତ ରନ୍ଧା ଖାଇ ନାହିଁ। ମୁଁ ଘର କୁ ଗଲେ ଚକୁଳ ପିଠା କରିଦେବୁ। ଅନ୍ୟାନ୍ୟ ସବୁ ଭଲ । ମୁଁ ପୂର୍ଣିମା ଦିନ ସକାଳୁ ପହଞ୍ଚିଯିବି।ଚଠି ର ଉତ୍ତର ପଢି ଆନନ୍ଦ ର ସୀମା ରହିଲା ନାହିଁ ମାନନୀ ର।ତା ଭାଇ ଆସିବ। ଗାଁ ରୁ ଯାଇଛି ସହର କୁ ପାଠ ପଢିବା ପାଇଁ କେତେ ନୂଆ ଜନଷ ଦେଖୁଥିବ।ସେ କଣ ଏହି ଅଳ୍ପ ଦାମ ରାକ୍ଷୀ କୁ ପସନ୍ଦ କରିବ।ଯେମିତି ହେଉ କଛି ପଇସା ସଞ୍ଚୟ କରି ବାହାରି ଗଲା ଏକ ଦାମୀ ରାକ୍ଷୀ କଣିବା ପାଇଁ। ବାଦାମ, ନଡ଼ିଆ ଆଉ ଘିଅ ଆଣି ପିଠା କରିବ ତା ଭାଇ ଖାଇବ କେଡେ ସରାଗ ରେ, ଆଉ କହିବ ମୋ ନାନୀ ପରି କଏ ହେବ। ଏତକ ତା ଭାଇ ପାଟି ରୁ ଶୁଣି ଖୁସି ରେ ଫୁଲି ପଡିବ। ରାକ୍ଷୀଟିକୁ ବାନ୍ଧି ଦେଇ କହିବ ଦିପୁ ରେ ତୁ ଭଲ ମଣିଷ ଟେ ହେବୁ। ଦେଶ ଜାତି ର ସେବା କରିବୁ । ବାପ ଙ୍କ ପରି ସେନା ବାହିନୀ ରେ ଯୋଗ ଦାନ କରି ଦେଶ ର ସୁରକ୍ଷା କରିବୁ। ସେଥିରେ ରେ ତୋ ନାନୀ ର ଆନନ୍ଦ । ଆଉ କଛି ଲୋଡ଼ା ନାହିଁ ମୋର।

ଆଜି ରାକ୍ଷୀ ପୂର୍ଣିମା।ଦିପୁ ତାର ଗାଁ ମାଟି କୁ ଆସିବ। ମାନନୀ ପିଠା ସଜାଇ ରଖିଛି। ଘରେ କାମ କରୁ କରୁ ଦାଣ୍ଡ ଦୁଆର ମୁହଁ ରେ ଶୁଣା ଗଲା ଗାଡି ର ଶବ୍ଦ।ମାନନୀ ଦୌଡ଼ିଗଲା।

ଦେଖେ ତ ଦୁଇ ତିନ ଜଣ ପ୍ୟାଣ୍ଟ ସାର୍ଟ ପିନ୍ଧି ଗାଡି ରୁ ଓଲ୍ହାଇ ପଡିଲେ। ମାନନୀ ଭାବିଲା ଏମାନେ ତା ହେଲେ ଦିପୁ ର ସାଙ୍ଗ। ଦିପୁ ତାଙ୍କୁ ସାଙ୍ଗ ରେ ଆଣିଛି ତାଙ୍କ ଘର ଦେଖେଇ ନେବାକୁ। ହେଲେ ବର୍ତ୍ତମାନ ସେ କଣିବ କଣ? ସେ ତ ଗୋଟିଏ ରାକ୍ଷୀ କଛି ପିଠା ରଖିଛି। ଏମାନଙ୍କ ହାତ ରେ ବାନ୍ଧିବ କଣ? ଖାଇବାକୁ ଦେବ କଣ।ମନେ ମନେ ଚଡି ଉଥିଲା।

କନ୍ତୁ ଏ କଣ ହେଲା। ମାନନୀ ର ମୁହଁ କଳା ପଡିଗଲା। ତା ମୁଣ୍ଡ ଘୁରାଇଦେଲା। ସବୁ ଅନ୍ଧକାର ଦେଖା ଗଲା। ତାକୁ ସେହି ବନ୍ଧୁ ମାନେ ଧଳା ଗୁଦର ତଳେ ଶୋଇଥିବା ଦିପୁ କୁ ଓଲ୍ହାଇ ଆଣିଲେ। ଠିକ ଏହିପରି ତା ବାପାଙ୍କର ଶବ କୁ ଘର ଅଗଣା ରେ ରଖାଇଯାଇଥିଲା। ଆଉ ମଧ ରଖାଯାଇଥିଲା ତା ମା ର ଶବ ଠିକ ଏହିପରି ମଶାଣି କୁ ନେବା ପୂର୍ବ ରୁ। ମାନନୀ ଧଳା ଗୁଦର ବାହାର କରି ଦେଖେ ତ ଦିପୁ ର ରକ୍ତ ଜୁଡବୁଡ଼ ଶରୀର।ଏଥର ମାନନୀ ନା କାନ୍ଦି ପାରିଲା ନା ହସି ପାରିଲା।ମୁକ ହେଲା ପରି ଶବ ର ପାଖ ରେ ବସି ପଡ଼ିଲା। ବାପା ମା ଙ୍କୁ ହରାଇଲା ପରେ ଯାହା ମୁହଁ କୁ ଗୁହିଁ ସେ ଆଜି ଯାଏ ବଞ୍ଚି ଥିଲା ଶେଷ ରେ ସେ ବି ଗୁଲିଗଲା ବହୁ ଦୂରକୁ। ଗାଁ ର ଲୋକ ମାନେ ତାକୁ ଯେତେ ଯାହା କହିଲେ ସେ କଛି କହିଲା ନାହିଁ କାରଣ ଦିପୁ ର ଶବ କୁ ଦେଖି ତାର ପ୍ରାଣବାୟୁ ଉଡିଯାଇଥିଲା।

ଦିପୁ ଆସିବା ବାଟ ରେ ତାର ଗାଡି ଦୁର୍ଘଟଣା ରେ ଚରଦିନ ପାଇଁ ଆଖି ବୁଝିଦେଇଥିଲା। ଗୋଟିଏ ଜୁହି ରେ ଭାଇ ଭଉଣୀ ଦୁଇଜଣ ମହା ଆନନ୍ଦ ରେ ଶୋଇଗଲେ।ଏ ଦୁଃଖଦ ସଂସାର ରୁ ବିଦାୟ ନେଲେ ଶେଷରେ ଅଧା ରହିଗଲା ରାକ୍ଷୀ ବନ୍ଧନ..

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ



# ମୋ ସ୍ୱପ୍ନର ପ୍ରେୟସୀ – ବର୍ଷା



ଅରୁଣ କୁମାର ପାତ୍ର

କ୍ଷଣେ ଥମିଯାଅ ବରଷା
ଯିବି ମୋ’ ପ୍ରେୟସୀ ପାଶେ
ଗୃହିଁ ବସିଥିବ ପଥକୁ ମୋର
ଜଗ ଦନ୍ତ ପଲଙ୍କେ । ୧ ।

ବାସର ଶେଜରୁ ଆସିଛି
ମୁହିଁ ସାଧବ ପୁଅ
ମୋର ବିଛେଦରେ ଝରୁଥିବ
କେତେ ସେ ଲୁହ । ୨ ।

ଚନ୍ଦ୍ରପଙ୍କ ଗୁପି ବକ୍ଷରେ (ମୋ)
ଦେଖୁଥିବ ସପନ
ଇଛାମତୀ ତହିଁ ଆଙ୍କୁ ଯେ
ଥିବ ଘନଘନ ଚୁମ୍ବନ । ୩ ।

ବିରହ ଜ୍ୱାଳାରେ ଜର୍ଜ୍ଜରୀ
କରୁଥିବ ସେ ମାନ
ରାଣୀ ଅନ୍ତପୁର ତା’ ପାଇଁ
ଥିବ ଶ୍ମଶାନ ସମ । ୪ ।

କଥା ଦେଇ ତୁମେ ରହିଲ
କାହିଁ ଦୂର ବିଦେଶେ
କେମିତିକା ତୁମେ ମଣିଷ
ବୁଝିପାରେନା ସତେ । ୫ ।

କେତେ କଥା ଚନ୍ତା କରୁ
ସେ ଥିବ ମୋ ପାଇଁ ନତି
ଦିନୁ ଦିନୁ ବଢୁଥିବ ଯେ
ତା'ର ଅଦେଖା ପ୍ରୀତି ।୬।
ଭାଙ୍ଗି ଦେଇଥିବ ଶ୍ରୀଫଳ
ଗ୍ରାମ ଦେବତୀ ପାଶେ
ମନାସୀ ଥିବ ସେ ମୋ' ପାଇଁ
ପାଟ ଛତର କେତେ ।୭।
କ୍ଷଣେ ଥମିଯାଅ ବରଷା
ଯିବି ପ୍ରେୟସୀ ପାଶେ
ଗୁହିଁ ବସିଥିବ ପଥକୁ ମୋର
ଜଗ ଦନ୍ତ ପଲଙ୍କେ ।୮।

ଶିକ୍ଷକ, କେନ୍ଦୁପଦର,
ଫୁଲବାଣୀ – ୭୬୨୦୦୧, କନ୍ଧମାଳ (ଓଡ଼ିଶା)



# ମରୀଚକା



ଆଶା ସାହୁ (ଆରତୀ)

ସମ୍ମୁଖରେ ପାର୍କଟିଏ । ପାର୍କର ଠିକ୍ ମଝାମଝି ମେପଲ୍ ଗଛଟିଏ । ଗୋଲପି ଲାଲ୍ ମିଶା ସୁନ୍ଦର ପତ୍ର । ଭାରି କୋମଳ ।ବଡ ବଡ ଫ୍ରେଞ୍ଚ ବାତାୟନ ପାଖରେ ଠିଆ ହୋଇଛନ୍ତି ସାବିତ୍ରୀ । ସ୍ୱଚ୍ଛ କାଚରୁ ବାହାରକୁ ଅନେଇଛନ୍ତି । ଦୃଷ୍ଟି ତାଙ୍କର ନବଦ୍ଧ ଗଛରୁ ଝଡୁଥିବା ପତ୍ର ମାନଙ୍କ ଉପରେ । ଗୋଟିଏ ଗୋଟିଏ ଝଡୁଥିବା ପତ୍ରକୁ ଗଣୁଛନ୍ତି ସାବିତ୍ରୀ । ଏକ-ଦୁଇ-ତିନ –ଚାରି । ଯାଃ କ'ଣ ହୋଇଛି ଯେ ତାଙ୍କର । ଆଜି ସକାଳ କେତେବେଳେ ଯାଉଥିବା ଗାଡିକୁ ଗଣୁଛନ୍ତି ତକେତେବେଳେ ଲାଇବ୍ରେରୀରେ ଥିବା ବହି ସବୁକୁ । ମେପଲ୍ ଗଛକୁ ଦେଖି ଦେଖି ନଜର ସ୍ଥିତିକୁ ଅନୁଧ୍ୟାନ କରୁଛନ୍ତି । ଏଇ ପତ୍ର ଭଳି ତାଙ୍କ ଜୀବନରୁ ମଧ୍ୟ ସମ୍ବନ୍ଧ ସବୁ ଧିରେ ଧିରେ ବିଚ୍ଛିନ୍ନ ହୋଇଯାଉଛନ୍ତି ଗୋଟିଏ ଗୋଟିଏ କରି । ପ୍ରଥମେ ମାଆ, ବାପା, ତା ପରେଶାଶୁ-ଶ୍ୱଶୁର । ଭାଇ, ଭଉଣୀ, ଦିଅର ନଣନ୍ଦ ମଧ୍ୟ ପାରିବାରିକ, ଆର୍ଥିକ ରଜ୍ଜୁରେ ଟାଣି ହୋଇ କେତେ ଦୂରକୁ ଚାଲିଗଲେଣି । ତା ପରେ ସ୍ୱାମୀ ମଧ୍ୟ ତାଙ୍କୁ ଛାଡି ଚାଲିଗଲେ ଏ ସଂସାର ସମୁଦ୍ରର ସୁଖ ଦୁଃଖର ଲହଡି ସବୁକୁ ଏକା ଏକା ଗଣିବା ପାଇଁ ।

ପୁଅ ବୋହୂଠାରୁ ସେ ଦୂରେଇଆସିଛନ୍ତି ନଜ ଦୋଷରୁ । ଆଉ ଝିଅ**?** ଭବିଥିଲେ ଝିଅଟା ତାଙ୍କର ଏକାନ୍ତ ନଜର । କନ୍ତୁ.....

ଝରକା ପାଖରୁ ଅପସରି ଆସିଲେ । ମୋଟା ମୋଟା ଗଦିରେ ଅଧା ଶୁଆ ହୋଇ ବସି ପଡିଲେ ଗୋଲ୍ କୁଶନ୍ କୁ ଆଉଜି । ଦିୱାନ କଭରରେ ଟ୍ୟୁଲିପ୍ ଫୁଲର ପ୍ରିଣ୍ଟ । ନଜ ଅଜ୍ଞାତରେ ପୁଣି ଗଣି ବସିଲେ, ସମୁଦାୟ କେତୋଟି ଫୁଲ ଅଛି ।

ତାଙ୍କର କ'ଣ ମତିଭ୍ରମ ହେଲାଣି**?**

ମନକୁ ନିଜ ଆୟତ୍ତକୁ ଆଣିବାକୁ ଚେଷ୍ଟା କରି ପାଖରେ ଥିବା ପ୍ରତିଭା ରାୟଙ୍କର ଯାଜ୍ଞସେନୀ ଉପନ୍ୟାସଟି ଉଠାଇ ପଢିବାରେ ମନ ଦେଲେ ।" ପାଣ୍ଡବମାନଙ୍କର ସ୍ୱର୍ଗାରୋହଣ ଯାତ୍ରା । ବୃଦ୍ଧା, ଦୁର୍ବଳା ଦ୍ରୌପଦୀ ପଥରରେ ଝୁଣ୍ଟି ପଡିଯାଆନ୍ତି । ଆଉ ଉଠିପାରନ୍ତି ନାହିଁ । ମୃତ୍ୟୁର ଆଲିଙ୍ଗନକୁ ଯାଉ ଯାଉ ନିଜ ସ୍ୱାମୀ ମାନଙ୍କୁ ଡାକ ପକାନ୍ତି ପଛରୁ । କିନ୍ତୁ କେହି ଭ୍ରୂକ୍ଷେପ କରନ୍ତି ନାହିଁ ।"

ସାବିତ୍ରୀଙ୍କ ମନ ଆହୁରୀ ବିଷାଦଗ୍ରସ୍ତ ହୋଇଯାଏ । ଆମେରିକାରେ ତାଙ୍କ ମନ ଜମାରୁ ଲାଗୁନଥାଏ । ସମସ୍ତ ସୁଖ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ପ୍ରାସାଦ ଭଳି ଏତେ ବିରାଟ ଘରେ ମଧ୍ଯ ସେ ପ୍ରସନ୍ନତା ଅନୁଭବ କରିପାରୁ ନଥାନ୍ତି ।

ଏତେ ବଡ ଘରଟାରେ ସେ ସମ୍ପୂର୍ଣ୍ଣ ଏକା । ଝିଅ ଜ୍ୱାଇଁ ନାସାରେ ସାଇଣ୍ଟିଷ୍ଟ ଅଛନ୍ତି । ସେମାନଙ୍କର ରାତି ଦିନ ସବୁ ସମାନ । ନାତି ଦୁହେଁ ବାପା ଭଳିଆ ପୂରା ଆମେରିକୀୟ । ଖାଇବା ଶୋଇବା କଛିର ସମୟ ନାହିଁ । ହିପ୍ପିମାନଙ୍କ ଭଳି କେତେବେଳେ କେଉଁ ଝିଅକୁ ଧରି ବୁଲୁଛନ୍ତି ଜଣାନାହିଁ । ଜଣେ ମଡେଲିଂ କରୁଛି, ଆର ଜଣକ କ'ଣ ଅନଲାଇନ୍ ବିଜନେସ୍ କରୁଛି କେଜାଣି ।

"ହାଏ ଗ୍ରେନ", ଛାଡି ନାତିଙ୍କ ସାଙ୍ଗରେ ସାବିତ୍ରୀଙ୍କର ଆଉ କୌଣସି ସମ୍ବନ୍ଧ ନାହିଁ । ସେ ବି କେବେ, କଦବା କ୍ୱଚତ୍ ।

ଝିଅ ଜ୍ୱାଇଁ କେହି କାହା କଥାରେ ମୁଣ୍ଡ ପୂରାନ୍ତି ନାହିଁ । କେତେବେଳେ ଝିଅ କେଉଁ ପୁରୁଷ ବନ୍ଧୁ ମାନଙ୍କ ସାଙ୍ଗରେ ବୁଲୁଚ, ତ କେତେବେଳେ ଜ୍ୱାଇଁ ମହିଳା ବନ୍ଧୁମାନଙ୍କୁ ନେଇ ଘରକୁ ଆସୁଛନ୍ତି । ସେମାନଙ୍କର ପରସ୍ପର ବ୍ୟବହାର ସାବିତ୍ରୀଙ୍କୁ ଆଦୌ ଭଲ ଲାଗୁନାହିଁ । ବାଃରେ ସଂସ୍କୃତିର ଉନ୍ନତି । ଜ୍ୱାଇଁଙ୍କ କଥା ଅଲଗା । କିନ୍ତୁ ଝିଅ ମଧ୍ଯ ସେ କଲଚର୍ ରେ ସମ୍ପୂର୍ଣ୍ଣ ଭାବରେ ଡୁବି ଯାଇଛି । ମଣିଷ ଏପରି ପାଶ୍ଚାତ୍ୟ ସଂସ୍କୃତି ଆଡକୁ ଧାଉଁଛି ଯେ ଆଜି ଆଉ ଲଜ୍ଜା, ସଂକୋଚ ଭାବପ୍ରବଣତାର କୌଣସି ମାନେ ହିଁ ନାହିଁ । ବାହ୍ୟ ଆଡମ୍ବର, ଫେସନ୍ ର

ଦୁନିଆରେ ନିଜର ସଭ୍ୟତା, ସଂସ୍କୃତି, ନିଜସ୍ୱ ଐତିହ୍ୟ ସବୁକୁ ତିଳାଞ୍ଜଳୀ ଦେବାକୁ ବସିଲେଣି ଆମ ଭାରତୀୟ ମାନେ ।

ପ୍ରାଚୀନ କାଳରେ ମଧ୍ୟ ପାଠ ପଢୁଥିଲେ ଭାରତୀୟ ମହିଳା ମାନେ। ଇତିହାସ ପୁରାଣ ସାକ୍ଷୀ ଅଛି । କେତେ ମହାନ୍ ମହାନ୍ କାମ କରିଯାଇଛନ୍ତି ଗଣିତ ବିଦ୍ୟାରେ, ଚିକିତ୍ସା କ୍ଷେତ୍ରରେ ଜ୍ୟୋତିଷ ବିଦ୍ୟାରେ, ସାହିତ୍ୟରେ ।

ଜନ୍ମ ନେଇନଥିଲେ କି ଗାର୍ଗି, ଶକୁନ୍ତଳା, ଜୀଜାବାଈ ପ୍ରଭୃତି ମହିଳାମାନେ? ପୁରୁଷମାନଙ୍କ କାନ୍ଧରେ କାନ୍ଧ ମିଳେଇ କାମ କରିନଥିଲେ କି, କୈକେୟୀ, ଲକ୍ଷ୍ମୀବାଈ, ସରୋଜିନୀ ନାଇଡୁ ପ୍ରଭୃତି ମହିୟସୀ ମହିଳାମାନେ? କିନ୍ତୁ ସମ୍ଭ୍ରମତା ଓ ଶାଳୀନତାକୁ ବାଦ ଦେଇ ତ ନୁହେଁ।

ଆଜିର ଏ ଉଚ୍ଛୃଂଖଳତାକୁ ଦେଖି ତାଙ୍କୁ ଘୃଣା ଆସୁଛି। ଉଚ୍ଛୃଙ୍ଖଳତା, ପାଶ୍ଚାତ୍ୟ ସଂସ୍କୃତି ଭାରତରେ ମଧ୍ୟ ନିଜର ଡେଣା ପକ୍ଷ ମେଲି ସାରିଲାଣି । କିନ୍ତୁ ଏଠାରେ ସେ ସବୁ ଭାରି ଉତ୍କଟ ରୂପ ଧାରଣ କରିଛି । ମର୍ଯ୍ୟାଦା ବୋଲି କିଛି ନାହିଁ। ସମ୍ପର୍କ ସବୁ ନିଜର ରୂପ ପରିବର୍ତ୍ତନ କରି ସାରିଲେଣି ।

ଏବେ ବି ଝିଅକୁ ଆକଟିବାକୁ ଇଚ୍ଛା ହେଉଛି। ସେ ଏ ଭିତରେ ଜାଣି ସାରିଲେଣି ଯେ ଝିଅ ଜ୍ୱାଇଁର ବୈବାହିକ ଯୁଗ୍ମ ଜୀବନ କେବଳ ଉପରକୁ ଦେଖାଯାଉଛି। ତାହା କେବଳ ଏକ କମ୍ପ୍ରୋମାଇଜ୍ । ଯଦିଓ ତାଙ୍କ ଭିତରେ କିଛି କଟୁତା ନାହିଁ। ଦୁହେଁ ଦୁହିଁଙ୍କୁ ଯଥେଷ୍ଟ ସମ୍ମାନ ଦେଖାନ୍ତି। କିନ୍ତୁ ସେମାନେ ବିବାହିତର ସମ୍ବନ୍ଧ ନେଇ ମଧ୍ୟ ଖୁବ୍ ଉଦାର। ସେସବୁ ନେଇ ତାଙ୍କ ମନରେ କଳୁଷତା ମଧ୍ୟ ନାହିଁ। ତା ମାନେ, ପାଶ୍ଚାତ୍ୟ ସଂସ୍କୃତି କଣ ପାଶବିକତାର ଜାମା ପିନ୍ଧିସାରିଲାଣି ।

ଘୃଣାରେ ଅତିଷ୍ଠ ହୋଇ ଦେହମନ ତାଙ୍କର ଶୀହରି ଉଠିଲା, ଝିଅକୁ ଏ ନେଇ ଥରେ ଦିଥର ତାଗଦା କଲେ। ନିଜ ସଂସ୍କୃତି ନିଜ ପରମ୍ପରାର ଦ୍ୱାହି ଦେଲେ। ଝିଅ ତାକୁ ହସରେ ଉଡାଇଦେଲା ନିଜ ଓଠରେ ଥିବା ସିଗାରେଟର ଧୂଆଁ ଭଳି । ଇଂରାଜୀରେ କହିଲା, "What

**Mama, give up those old hasty Indian Ideas. We are very much OK with each other. Don't worry."**

ସାବିତ୍ରୀ ଚୁପ୍ ରହିଲେ । ଭାବିଲେ, କାହିଁକି ସେ ଏଠାକୁ ଆସିଲେ କେଜାଣି । ସେ ଛୋଟବେଳୁ ଝିଅକୁ ଜାଣନ୍ତି । ବେଶି କହିଲେ ସେ ବିରକ୍ତ ହେବ, ଚଡିଯିବ । ଇଆଡୁ ସିଆଡୁ କଥା କହିବ । ଏଠାକୁ ଆସିଲା ପରେ ସେ ଅନେକାଂଶରେ ହୃଦୟହୀନା ମଧ୍ୟ ହୋଇଯାଇଛି । "ଆଲୋ ସଖି, ଆପଣା ମହତ ଆପେ ରଖି ।"

ଆଗରୁ ମଧ୍ୟ ପ୍ରତିଭାଶାଳିନୀ ଓ ମେଧାବିନୀ ବୋଲି ତା ମନରେ ଅହଂକାର ଥିଲା । ପସନ୍ଦ ନଆସିଲେ କଥା କାଟୁଥିଲା । ବେଳେବେଳେ ତାଙ୍କୁ ଓ ତାର ବାପାଙ୍କୁ ମୁହେଁ ମୁହେଁ ଜବାବ୍ ଦେଉଥିଲା । କନ୍ତୁ ଅଲିଅଳ ଓ ଉଚ୍ଚ ଶିକ୍ଷିତା ବୋଲି ସେମାନେ ଧରୁନଥିଲେ ।

ହେଇ ସେଦିନ କମୋଡ ରେ ବସୁ ବସୁ ଗୋଡ ମକଚ ହୋଇ ଯଇଥିଲା ଯେ କେବଳ **"be careful"**କହି ନିଜର ଡ୍ୟୁଟିରେ ଗ୍ଲିଯାଇଥିଲା । ଟିକେ ସହାନୁଭୂତି ତ ଦୂରର କଥା, ପାଖକୁ ଆସି ଟିକେ ଆଉଁସି ମଧ୍ୟ ଦେଲାନାହିଁ । ଏତେ ବ୍ୟସ୍ତତା କଣ**?** ଭାରି କାନ୍ଦ ଲାଗିଲା ସାବିତ୍ରୀଙ୍କୁ । ନିଜକୁ ଭାରି ଏକୁଟିଆ ଲାଗୁଥିଲା । ନିଜେ ଓଏଣ୍ଟମେଣ୍ଟ ମାଲିସ୍ କରୁ କରୁ ବୋହୁ ସୁପର୍ଣ୍ଣା କଥା ମନେ ପକାଉଥିଲେ । ଥରେ ଝୁଣ୍ଟିପଡି ଗୋଅ ବୁଢା ଆଙ୍ଗୁଠିରୁ ରକ୍ତ ଝରୁଥିଲା ଯେ ସୁପର୍ଣ୍ଣା ବ୍ୟତିବ୍ୟସ୍ତ ହୋଇପଡି ଖୋଉଥିବା ନାତିକୁ ଛାଡି ଡିଟେଲ୍ ତୁଳା ଧରି ଗ୍ଲି ଆସିଥିଲା । ତାଙ୍କୁ ଲାଗୁଥିଲା ସବୁ ପ୍ରହସନ । "ଛାଡ୍ ସେ ସୁଆଗ" କହି ସେ ତା ହାତ ଛିଞ୍ଚାଡି ଦେଇଥିଲେ । ତଥାପି ସେ ଜବରଦସ୍ତି ଆସି ଆଉଁସା ଆଉଁସି କରି ଔଷଧ ଲଗାଇ ଦେଇଥିଲା । ତାଙ୍କର ଟିକେ ଦେହ ଖରାପ ହେଲେ ସେ ମାଆ ଛେଉଣ୍ଡ ଝିଅଟା ବ୍ୟାକୁଳ ହୋଇ ପଡୁଥିଲା । ଆଉ ସେ**??**

କେତେ ଖରାପ ବ୍ୟବହାର କରୁନଥିଲେ ସେ ତା ସହିତ । ସଦାବେଳେ ଝିଅ ସହ ତୁଳନା କରି ତାକୁ ଆଘାତ ଦେବାରେ ସେ ଆନନ୍ଦ ପାଉଥିଲେ । ଗରୀବ ବାପାର ଝିଅଟା ଉଁ ଚୁଁ କରୁନଥିଲା । ତାଙ୍କଠାରେ ସେ ନିଜ ମାଆର ରୂପ ଦେଖୁଥିଲା ।

ସେମିତି ଏକ ଅତି ଛୋଟ କଥାରେ ରାଗିଯାଇ ଝିଅ ପାଖକୁ ପଳେଇ ଆସିବାର ଦୃଢ ନିଷ୍ପତ୍ତି ନେଇଥିଲେ । ସ୍ୱାମୀ ତ ନଥିଲେ, ଆର ପାରିକୁ ଚାଲି ଯାଇଥିଲେ । ସେ ପୁଅ ଓ ଗାଉଁଲି ବୋହୂ ପାଖରେ କାହିଁକି ପଡି ରହିବେ? ବରଂ ଝିଅ ପାଖରେ ଅବଶିଷ୍ଟ ଦିନଗୁଡା ସୁରୁଖୁରୁରେ କାଟି ଦେବେ ବୋଲି ଦୃଢ ପ୍ରତିଜ୍ଞା କରିଥିଲେ ।

ବର୍ତ୍ତମାନ କିନ୍ତୁ ସେଇ ଅପାଠୋଇ ବୋହୂ, ଅଧା ପାଠୁଆ ପୁଅର ମୋହ ତାଙ୍କୁ ଆବୋରି ବସିଲାଣି । ଭାରତ ଫେରିଯିବାକୁ ଉଚ୍ଛନ ବିକଳ ହେଲେଣି, କିନ୍ତୁ ଅଭିମାନ ତାଙ୍କୁ ବାଧା ଦେଉଛି ।

ତାଙ୍କ ପୁଅ, ଝିଅ ଭଳି ମେଧାବି ନଥିଲା । ପରିଶ୍ରମ କଲେ ସୁଦ୍ଧା ତା ଦେଇ ପାଖାପାଖି ନମ୍ବର ଭି ରଖିପାରୁନଥିଲା । ଯେନତେନ ପ୍ରକାରେଣ ପାସ୍ କରି ଯାଉଥିଲା । ସୁଧାର ନିରିହ, ଶାନ୍ତ ସ୍ୱଭାବର ପୁଅ ତାଙ୍କର କେତେ ଅଭାଷା ଶୁଣୁ ନଥିଲା । କୁଳାଙ୍ଗାର, ମୂର୍ଖ, ଗଧ ଇତ୍ୟାଦି ବିଶେଷଣରେ ତାକୁ ଭୂଷିତ କରାଯାଉଥିଲା । କୌଣସିମତେ ଜିଲ୍ଲା କାର୍ଯ୍ୟାଳୟରେ ବରିଷ୍ଠ କିରାଣୀ ଭାବେ ସେ ଏବେ କାର୍ଯ୍ୟରତ ।

ତା ବାପା ମୃତ୍ୟୁଶଯ୍ୟାରେ ଉଚ୍ଛନବିକଳ ହେଉଥିଲା ବେଳେ ପୁଅବୋହୂ ମନପ୍ରାଣ ଦେଇ ସେବା କରୁଥିଲେ । କିନ୍ତୁ ସେ ଝିଅକୁ ହିଁ ଝୁରୁ ହେଉଥିଲେ ।

ଝିଅର ନାଁ ନେଇ ହିଁ ସେ ଆରପାରିକୁ ଗଲେ । କିନ୍ତୁ ଝିଅ ଆସିପାରିନଥିଲା । ସେ ଭାବିଥିଲେ କାମର ଚାପ ଓ ରିଜର୍ଭେସନ ଅଭାବରୁ ସେ ଆସି ପାରିନଥିବ । କିନ୍ତୁ ସେ କଣ ଜାଣିଥିଲେ ରୋବଟ୍ ଦୁନିଆରେ ଆସି ସେ ବି ଏକ ରୋବଟ୍ ପାଲଟିଯାଇଛି । ଭାବପ୍ରବଣତାର ତା ଠାରେ ଆଉ ଚିହ୍ନବର୍ଣ୍ଣ ସୁଦ୍ଧା ନାହିଁ । ଗୋଟିଏ ଚଳନ୍ତି ମେସିନ୍, ଯାହାର ଦୈହିକ ଆବଶ୍ୟକତା ସେ ପୂରଣ କରୁଥିଲା, ସ୍ଥାନ, କାଳ, ପାତ୍ର ନିର୍ବିଶେଷରେ, ଯେଉଁଠି ଯାହା ମିଳିଲା । ଶରୀରକୁ ସେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖୁଥିଲା । ଏଇତ ଉନ୍ନତି?!!

ସ୍ୱାମୀଙ୍କର ମୃତ୍ୟୁପରେ ସେ ଖୁବ୍ ଚିଡଚିଡା ହୋଇ ଯାଇଥିଲେ । କଥା କଥାକେ ଅଭିମାନ, ରାଗ ରୁଷା । ମିଛରେ ହେଲେ ବୋହୂ ଉପରେ ଦୋଷାରୋପ କରିବା, ଏପରିକି ଏଡେ

ଗୁଲୁଗୁଲିଆ ନାତିର ମୋହ ମଧ୍ୟ ତାଙ୍କୁ ଅଟକାଇ ପାରି ନଥିଲା । ସେ ଫୋନ କରି ଝିଅକୁ କହିଲେ ଯେ ସେ ତା ପାଖରେ ରହିବାକୁ ଚାହାନ୍ତି । ଝିଅ ଅବିଳମ୍ବେ ରିଜର୍ଭେସନ୍ କରି ଭିସା, ପାସପୋର୍ଟ ପଠାଇ ଦେଇଥିଲା ।

ପୁଅ ବୋହୂ ଓ ନାତି ଦିଲ୍ଲୀ ଆସିଥିଲେ ତାଙ୍କୁ ବାଟେଇ ଦେବାକୁ । ରାସ୍ତା ସାରା ପୁଅ ବୋହୂ ବାରମ୍ବାର କ୍ଷମା ମାଗୁଥିଲେ । ତାଙ୍କୁ ଶୀଘ୍ର ଫେରିଆସିବାକୁ କହୁଥିଲେ । ନାତି ତାଙ୍କୁ ଜାବୁଡି ଧରିଥିଲା ।

ଏତେଦିନ ପରେ ସେ ଝିଅ, ଜ୍ୱାଇଁ ଓ ନାତି ମାନଙ୍କୁ ଦେଖିବାପାଇଁ ପାଗଳନୀ ହୋଇଯାଇଥିଲେ । କିନ୍ତୁ ଏୟରପୋର୍ଟକୁ କେହି ଆସି ନଥିଲେ ତାଙ୍କୁ ପାଛୋଟି ନେବାକୁ । ଜଣେ ଅଧସ୍ତନ କର୍ମଚାରୀକୁ ପଠାଇ ଦେଇଥିଲେ । କିନ୍ତୁ ମୋହାବିଷ୍ଟା ସାବିତ୍ରୀଙ୍କ ମନରେ କିଛି ଦୁର୍ଭାବନା ଆସିନଥିଲା ।

କିନ୍ତୁ ସେ ଆସିଲାବେଳେ ବୋହୂର ଲୁହ ଛଳ ଛଳ ଆଖି ଦେଖି ତାଚ୍ଛଲ୍ୟରେ ମୁହଁ ମୋଡି ଦେଇଥିଲେ ।

ଆଜି କିନ୍ତୁ ସେ ଲୁହର ମୂଲ୍ୟ ବାସ୍ତବରେ କଳନା କରି ପାରୁଛନ୍ତି । ନିଜ ଦେଶମାଟିର ମୋହ ଏବେ ଅନୁଭବ କରିପାରୁଛନ୍ତି । ମେପଲ୍ ଗଛରେ ସେ ନିଜ ବାରି ଆମ୍ବଗଛର ପ୍ରତିଛବିକୁ ଦେଖୁଛନ୍ତି ।

ମେପଲ୍ ଗଛର ଝଡୁଥିବା ପତ୍ରକୁ ଗଣିଲାବେଳେ ବାସ୍ତବରେ ସେ ଦିନ ଗଣୁଛନ୍ତି ।

ତିନିମାସିଆ ଭିସା ସରିବାକୁ ଆହୁରି ତେଇସ ଦିନ ବାକି ଅଛି ।

ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ

# ମାଁ



ମାମାଜିନ ପ୍ରଧାନ

ମାଁ  ମୋ ମାଁ ।
ଜହ୍ନଠୁ ସୁନ୍ଦର ମାଁ
ଫୁଲଠୁ କୋମଳ ମାଁ
ନଇଠୁ ଚଞ୍ଚଳ ମାଁ
ନଜଠୁ ନଜର ମାଁ
ମାଁ.. ମାଁ.. ମାଁ..ମୋ ମାଁ ।  (୧)
ମଧୁଠୁ ମଧୁର ମାଁ
ପକ୍ଷିଠୁ ନିରିହ ମାଁ
ସ୍ୱତିଠୁ ଦରଦି ମାଁ
ସୂର୍ଯ୍ୟଠୁ ପ୍ରଖର ମାଁ
ମାଁ.. ମାଁ.. ମାଁ..ମୋ ମାଁ ।  (୨)

ମମତା ସହର ମାଁ
ସାଥିଠୁ ବିଶ୍ୱାସୀ ମାଁ
ନିଆଁଠୁ ସାହାସୀ ମାଁ
ସୁଖର ଭଣ୍ଡାର ମାଁ
ମାଁ.. ମାଁ.. ମାଁ..ମୋ ମାଁ ।  (୩)
ସାଗରଠୁ ଗଭୀର ମାଁ
ଜଳଠୁ ନିର୍ମଳ ମାଁ
ପୃଥିବୀଠୁ ସବଳ ମାଁ
ସବୁରି ଆଦର ମାଁ
ମାଁ.. ମାଁ.. ମାଁ..ମୋ ମାଁ ।  (୪)

ବାଲିଛାଇ, ଗଞ୍ଜାମ, ଓଡିଶା



# ଖୁସିର ଖର୍‌ଛୁଟି



ଉମେଶ କୁମାର ବେହେର୍‌

ନାଚ, ଗୀତ କରେ ସେ ଭଲ
ପାଠ ପଢାରେ ଏକ ନମ୍ବର
ସାଙ୍ଗ ସାଥି ସଙ୍ଗେ ରହେ ମିଶି
ନାଆଁ ଟି ତାହାର ଖୁସି ।

ଆସିଲ୍ ଖର୍ ଛୁଟି
ମାମୁଁ ଗାଁ ଗଲ୍ ଖୁସି
ଆମ୍ବ ତୋଟା ଆମ୍ବ ଖାଇଲ୍
ନଈରେ ପହଁର୍ ଶିଖିଲ୍ ।

ମାମୁଁ ମାଇଁ କଲେ ଗେହ୍ଲ
ମୁନୁ ସାଙ୍ଗେ ଖେଳଲ୍ ଖେଳ
ମାଇଁ ଦେଲେ ଭଲ ଖାଇବା
ଭୁଲିଗଲ୍ ସେ ପାଠ ପଢିବା ।
ଖର୍ ଛୁଟି ଗଲ୍ ସରି
ଘରକୁ ଆସିଲ୍ ଫେରି
ସ୍କୁଲ ଯାଇ ପାଠ ପଢିଲ୍
ଦିନ ପରେ ଦିନ ଗଡ଼ିଲ୍ ।

ପରୀକ୍ଷାର ବେଳ ଆସିଲ୍
ସାହିତ୍ୟ, ବିଜ୍ଞାନ ଲେଖିଲ୍
ଗଣିତରେ ଅଙ୍କ କଶିଲ୍
ଖୁସିର ପରୀକ୍ଷା ସରିଲ୍ ।

ପରୀକ୍ଷାର ଫଳ ବାହାରିଲ୍
କମ୍ ନମ୍ବର ସେ ରଖିଲ୍
ଖୁସିଗଲ୍ ଦେଖ ରୁଷି
ସାଙ୍ଗସାଥି ଦେଲେ ହସି ।

ଖୁସି ଭ୍‌ବିଛି ଏ ଥର
ଦିନ ର୍‌ତି ପାଠ ପଢ଼ିବ
ଭଲ ନମ୍ବର ରଖିବ
ଖୁସି ପରି ଆଉ କଏ ହେବ ।

କାର୍ଲାବାହାଲି(କଂଟାବାଞ୍ଜି),ଇଲ୍ଙ୍ଗିର



# ଜୀବନର କୁମ୍ଭାରଶାଳ



ନୃସିଂହ ଚରଣ ବେହେରା

ସଭିଙ୍କ ଜୀବନରେ ଜନ୍ମଦାତ୍ରୀ ଜନନୀର ସ୍ଥାନ ସର୍ବଦା ଉପରେ । ଅବାଧ ଶିଶୁଟିଏ ଯେତେବେଳେ ନିଜର ସମସ୍ତ ଅଳି ଅର୍ଦ୍ଦଳି,ରାଗରୋଷ, ଯନ୍ତ୍ରଣା ଅଭିମାନର ଉପସ୍ଥାପନା କରେ ସେତେବେଳେ ଏହି ସ୍ନେହମୟୀ ଜନନୀ ହିଁ ତା'ର ସମାଧାନ କରିଥାନ୍ତି । ଜଣେ ଜନନୀ ପାଇଁ ତା'ର ସବୁ ସନ୍ତାନ ସମାନ । ସେ ସନ୍ତାନଙ୍କୁ କୋଳରେ ବସାଇ ଗେଲ କରେ। ସନ୍ତାନ ପ୍ରଥମେ ମା'ର ପଣତକାନି ଧରି ହାତ ଧରି ଚାଲିବା ଶିଖେ । ସବୁ ଶିଶୁଙ୍କର ପ୍ରଥମ ଗୁରୁ ହେଉଛନ୍ତି ତା'ର ଜନନୀ । ଆଗକାଳରେ ମା' ମାନେ ନିଜର ସମସ୍ତ ସମୟକୁ ଘରକରଣା ଆଉ ଶିଶୁର ଲାଳନ ପାଳନରେ ଉପଯୋଗ କରିଥିଲେ । ହେଲେ ଏବେ ଶିକ୍ଷାର ପ୍ରସାର ଆଉ ସଚେତନା ପାଇଁ ମା' ମାନେ କର୍ମଜୀବି । ତେଣୁ ଶିଶୁର ଲାଳନ ପାଳନ ଠିକ୍ ଭାବେ କରିବାକୁ ଅକ୍ଷମ । କୋମଳମତି ଶିଶୁର ଦାୟିତ୍ୱ ପରଲୋକଙ୍କ ହାତରେ ଦେଇ ନିଜେ ଅର୍ଥ ଉପାର୍ଜନର ଘୋଡା ଦୌଡରେ ସାମିଲ୍ ହୋଇଯାଇଛନ୍ତି ଆଜିର ନାରୀ । ପରିବାରର ମୁଖ୍ୟ ହିସାବରେ ପିତା ଅର୍ଥ ଉପାର୍ଜନ ପାଇଁ ନାନା ପନ୍ଥା ଅବଲମ୍ବନ କଲାବେଳେ ପରିବାରର ଅନ୍ୟ ସଦସ୍ୟମାନେ ଶିଶୁକୁ ପିଲାବେଳୁ ବଡ ହେଲେ ଅର୍ଥ ଉପାର୍ଜନ କରିବା ପାଇଁ ଶିକ୍ଷା ଦେଇଥାନ୍ତି । ପିତା ଯେ ପରିବାରରେ କେବଳ ଅର୍ଥ ଉପାର୍ଜନର ମାଧ୍ୟମ ନୁହନ୍ତି ବରଂ ସେ ମଧ୍ୟ ଶିଶୁର ଜଣେ ଗୁରୁ ଓ ମାର୍ଗ ଦର୍ଶକ ସାଜିଥାନ୍ତି ସମୟେ ସମୟେ । ଆଜିକାଲି ଯୁଗ ବଦଳିବା ସହିତ ବଦଳିଲଣି ପରିବାର ସଂଜ୍ଞା ଆଉ ବାଖ୍ୟା । ଏକକ ପରିବାର ଯୋଗୁଁ ଶିଶୁର ଶିକ୍ଷାର ପରିସର ଦିନକୁ ଦିନ ସଂକୁଚିତ ହେବାକୁ ଲାଗିଛି । ଆଉ ଦ୍ୱିତୀୟ ସୋପାନ ହେଉଛି ବିଦ୍ୟାଳୟ । ଯେଉଁଠି ଶିଶୁଟିଏ ଶିକ୍ଷାଲାଭ କରିବାପାଇଁ ଯାଏ ଆଉ ଯାହାର ଆଧାର ହେଉଛି ଶିକ୍ଷକ, ଶିକ୍ଷାଲାଭର

ପରିବେଶ ଆଉ ଛାତ୍ର । ଅତୀତର ଗୁରୁକୁଳ ଶିକ୍ଷା ଆଜି ଆଉ ନାହିଁ । ଅତୀତର ଗୁରୁକୁଳ ଶିକ୍ଷା ଗୋଟିଏ ଶିଶୁର ଚରିତ୍ର ଗଠନରେ ସହାୟକ ହେଉଥିଲା । ହେଲେ ଆଜିର ଶିକ୍ଷା ପ୍ରଣାଳୀ ଛାତ୍ରଙ୍କୁ ବିପଥଗାମୀ କରାଉଛି । ସ୍ୱାମୀ ବିବେକାନନ୍ଦ କହିଥିଲେ ଛାତ୍ରର ଶାରୀରିକ,ମାନସିକ ଏବଂ ମୌଳିକ ବିକାଶ କ୍ଷେତ୍ରରେ ପୂର୍ଣ୍ଣତା ହିଁ ହେଉଛି ପ୍ରକୃତ ଶିକ୍ଷା । ହେଲେ ଆଜିର ଯୁଗରେ ଅବସ୍ଥାକୁ ଦେଖିଲେ ଯେ କେହି ମଧ୍ୟ ଭାବିବାକୁ ଲାଗିବ ଯେ ବାସ୍ତବରେ ଆମ ସମାଜରେ ଘଟୁଛି କ'ଣ ?

ଗୁରୁମାନଙ୍କ ପ୍ରଦତ୍ତ ଜ୍ଞାନ ହିଁ ଆମ ଭବିଷ୍ୟତ ଗଠନ ପାଇଁ ହୋଇଥାଏ ସହାୟକ । ଗୁରୁମାନେ ଛାତ୍ର ଛାତ୍ରୀଙ୍କୁ ନିଜର ସନ୍ତାନ ଭଳି ସ୍ନେହ କରିବା ସହିତ ତାଙ୍କର ଆଖିର ଲୁହକୁ ପୋଛି ଦିଅନ୍ତି ଆଉ ଦୁଷ୍ଟାମୀ କଲେ କଠୋର ଦଣ୍ଡ ଦ୍ୱାରା ଶାସନ କରନ୍ତି । ଗୁରୁ ହିଁ ଯୁଗେ ଯୁଗେ ଛାତ୍ରର ଭବିଷ୍ୟତ ପାଇଁ ସାଜିଥାନ୍ତି ପଥ ପ୍ରଦର୍ଶକ । ନିଜେ ଦୁଃଖ କଷ୍ଟ ଭୋଗୀ ଛାତ୍ର ଛାତ୍ରୀଙ୍କର ଭବିଷ୍ୟତ ଏବଂ ଚରିତ୍ର ଗଠନ ପାଇଁ ସେମାନେ ଅଙ୍ଗୀକାର ବଦ୍ଧ । ଗୁରୁ ଛାତ୍ରଙ୍କ ସମ୍ପର୍କ ବି ନିଆରା । ଗୁରୁ ଯେ କେବଳ ଶିକ୍ଷାଦାନ କରନ୍ତି ତାହା ନୁହେଁ, ବରଂ ସେ ଛାତ୍ରମାନଙ୍କୁ ନିଜ ସନ୍ତାନ ଭଳି ମନେରଖିଥାନ୍ତି ଆଜୀବନ । କିଛି ଗୁରୁ ଛାତ୍ର ଛାତ୍ରୀଙ୍କର ଅଭିଭାବକ ମାନଙ୍କୁ ମନେ ରଖିଥାନ୍ତି । ଅଭିଭାବକ ମାନେ ଗୁରୁମାନଙ୍କ ପାଖରୁ ନିଜ ସନ୍ତାନର ଶିକ୍ଷା ବିଷୟରେ ପଚାରି ବୁଝିବା ଫଳରେ ସେମାନଙ୍କ ଭିତରେ ସୁସମ୍ପର୍କ ସ୍ଥାପନ ହୁଏ । ଅଭିଭାବକମାନେ ନିଜ ସନ୍ତାନର ଶିକ୍ଷା ପ୍ରତି ଯତ୍ନବାନ ହୁଅନ୍ତି । କିନ୍ତୁ ଏବେ ଆଉ ସେ ସମୟ ନାହିଁ । ଅଭିଭାବକ ମାନେ ଟ୍ୟୁସନ ଶିକ୍ଷକଙ୍କ ଉପରେ ନିର୍ଭରଶୀଳ । ଆଜିର ସମାଜରେ ସମସ୍ତେ ଆଗକୁ ବଢିବାର ଦୌଡରେ ସାମିଲ୍ । ପିତାମାତା ଚାହାନ୍ତି କିପରି ତାଙ୍କ ପିଲା ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବ ଆଉ ଭବିଷ୍ୟତରେ ଗୋଟେ ବଡ ଚାକରୀ କରି ଯଥେଷ୍ଟ ଅର୍ଥ ଉପାର୍ଜନ କରିବ ।

ମଣିଷତ ସାମାଜିକ ପ୍ରାଣୀ ଏବଂ ବିକାଶ ପଥରେ ଧାବମାନ ।ଆଜିର ମଣିଷ ବିଜ୍ଞାନ ବଳରେ ସବୁ କ୍ଷେତ୍ରରେ ଆଗୁଆ । ହେଲେ ଦୁଃଖ ପରିତାପର ବିଷୟ ଯେ, ବିକାଶର ସାଥେ ସାଥେ ସମାଜରେ ହିଂସା,ବ୍ୟଭିଚାର,ବିଶୃଙ୍ଖଳା,ଦୁର୍ନୀତି ନିତି ବଢିବାରେ ଲାଗିଛି ।

ଆଜିର ଯୁଗରେ ବିକାଶ ଏକ ସମୟରେ ଆଗପଛ ହୋଇ ଗ୍ଲିଛନ୍ତି । ଯାହା ଫଳରେ ଶାନ୍ତି ବ୍ୟାହତ ହେଉଛି । ଆମର ଯାହାବି ବିକାଶ ହୋଇଛି ତାହା କେବଳ ଶିକ୍ଷା ଯୋଗୁଁ । ଏବେ ନମିଷକ ମଧ୍ୟରେ ଆମେ ଦେଶ ଦୁନିଆର ଖବର ପାଇବାକୁ ସକ୍ଷମ କେବଳ ବିଜ୍ଞାନଶିକ୍ଷା ଅର୍ଥାତ ଦୂର ସଂଗ୍ଚର ଏବଂ ପ୍ରଯୁକ୍ତି ବିଦ୍ୟାର ବହୁଳ ପ୍ରସାର ହେତୁ । ଆଜି ଆମ ଜୀବନଧାରଣର ମାନରେ ହୋଇଛି ଯଥେଷ୍ଟ ଉନ୍ନତି । ଆଧୁନକ ଶିକ୍ଷା ପ୍ରଣାଳୀ କେବଳ ଅର୍ଥ ଉପାର୍ଜନ ପାଇଁ ସକ୍ଷମ । ହେଲେ ଆମମାନଙ୍କର ଚନ୍ତା କରିବାର କଥା,ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ କ'ଣ ? ଯଦି ଜୀବନ ଧାରଣର ମାନରେ ଉନ୍ନତିକୁ ଶିକ୍ଷାର ଲକ୍ଷ୍ୟବୋଲି ଧର୍ାଯାଏ ତେବେ ଆଧୁନକ ଶିକ୍ଷା ପ୍ରଣାଳୀ ସଫଳ ହେଲ୍ ପରି ମନେ ହେଉନାହିଁ ।ଆଜିର ଶିକ୍ଷା ଜଣେ ଉପାର୍ଜନ କରିବାକୁ ସକ୍ଷମ ହେଲେ ତା' ହୃଦୟରୁ ମାନବିକତା ଲ୍ୋପ ପାଇ ବସିଲ୍ଣି । ଶିକ୍ଷା ଯୋଗୁଁ ଚନ୍ଦ୍ର ମଙ୍ଗଳ ଗ୍ରହ ଅଭିଯାନ,ପରମାଣୁ ବୋମାର ଉଦ୍ଭାବନ ସମ୍ଭବ ହୋଇଛି ସତ ହେଲେ ମାନବିକତା ଲ୍ୋପ ପାଇଗ୍ଲିଛି ଧୀରେ ଧୀରେ । ସାମାଜିକ ପ୍ରାଣୀ ହିସାବରେ ମଣିଷ କେବେବି ଏକାକୀ ରହିପାରିବ ନାହିଁ । ବାପା,ମା,ବନ୍ଧୁ,ପରିଜନ,ଶିକ୍ଷକ,ସମାଜ,ବୃକ୍ଷଲତା,ନଦୀ,ବଣପାହାଡ,ପଶୁପକ୍ଷୀ,ମାଟି,ପାଣି ,ପବନ ସମସ୍ତେ ତା' ପାଇଁ ଆବଶ୍ୟକ । ମଣିଷ ଏ ବିଶ୍ୱ ବ୍ରହ୍ମାଣ୍ଡରେ ଏକ କ୍ଷୁଦ୍ର ଅଂଶ ମାତ୍ର। ସମାଜର ପ୍ରଗତି ପାଇଁ ଶିକ୍ଷା ଯେତିକି ଆବଶ୍ୟକ ତାଠୁ ଅଧିକ ଜରୁରୀ ଶିକ୍ଷାର ସଠିକ୍ ଉପେଯାଗ କରିବା । ଆଉ ଏହି ସଠିକ୍ ଉପଯୋଗଟି ଆସେ ନୈତିକ ଓ ମୂଲ୍ୟବୋଧକୁ ପାଠ୍ୟକ୍ରମରେ ସାମିଲ୍ କରିବା ନହାତି ଜରୁରୀ । ସେଥିପାଇଁ ପିତା ମାତା ଶିକ୍ଷକ ସମସ୍ତେ ଯତ୍ନବାନ ହେବା ଦରକାର । ଆଉ ଏଥିପାଇଁ ବୁଦ୍ଧିଶୀଳ ବ୍ୟକ୍ତିମାନଙ୍କର ସୁଚନ୍ତିତ ପର୍ାମର୍ଶ,ସହଯୋଗ ଅପରିହାର୍ଯ୍ୟ । ଏହି ପରିପ୍ରେକ୍ଷୀରେ ଆମେରିକାର ପ୍ରଖ୍ୟାତ ର୍ାଷ୍ଟ୍ରପତି ଆବ୍ରାହିମ ଲିଙ୍କନଙ୍କର ଲିଖିତ ଚଠି ପ୍ରଣିଧାନ ଯୋଗ୍ୟ । ସେ ତାଙ୍କ ପୁଅ ଅଧ୍ୟୟନ କରୁଥିବା ବିଦ୍ୟାଳୟର ଶିକ୍ଷକଙ୍କ ପାଖକୁ ଲେଖିଥିଲେ ଏହି ଚଠିଟି । ସେ ଲେଖିଥିବା ଚଠିଟି ଏହିପରି;

"ମୁଁ ଜାଣେ, ସବୁ ମଣିଷ ସତ୍ୟବାଦୀ ନୁହନ୍ତିକ ସବୁ ମଣିଷ ନ୍ୟାୟବାଦୀ ନୁହନ୍ତି,ତେଣୁ ଏହା ମୋ ପୁଅକୁଶିଖିବାକୁ ହେବ,ଆଉ ଆପଣ ତାକୁ ଏହା ମଧ୍ୟ ଶିଖାନ୍ତୁ

ଯେ, ପୃଥିବୀରେ ଯେତିକି ବଦମାସ ଅଛନ୍ତି, ସେତିକି ବୀର ମଧ୍ୟ ଅଛନ୍ତି । ତାକୁ ଶିକ୍ଷା ଦିଅନ୍ତୁ ଯେ, ପୃଥିବୀରେ ଯେତିକି ସ୍ୱାର୍ଥବାଦୀ ରାଜନୀତିଜ୍ଞଅଛନ୍ତି,ସେତିକି ସମର୍ପିତ ନେତା ମଧ୍ୟ ଅଛନ୍ତି । ତାକୁ ଶିକ୍ଷା ଦିଅନ୍ତୁ ଯେ, ପୃଥିବୀରେ ଯେତିକି ଶତ୍ରୁ ଅଛନ୍ତି, ସେତିକି ମିତ୍ର ମଧ୍ୟ ଅଛନ୍ତି । ମୁଁ ଜାଣେ ତାକୁ ଏହା ଶିଖିବାକୁ ସମୟ ଲାଗିବ ।କିନ୍ତୁ ଯଦି ଆପଣ ପାରିବେ ତେବେ ତାକୁ ଶିଖାନ୍ତୁ ଯେ, ବାଟରୁ ଗୋଟାଯାଇଥିବା ପାଞ୍ଚଟଙ୍କାଠାରୁ ଝାଳବୁହା ଟଙ୍କାକର ମୂଲ୍ୟ ଯଥେଷ୍ଟ ବେଶୀ.. ।"

ସେ ଜିଣିବାର ଆନନ୍ଦକୁ ଉପଭୋଗ କରିବାକୁ ଶିଖିବା ସହିତ ପରାଜୟର ଗ୍ଲାନିକୁ ମଧ୍ୟ ସହିବା ଶିଖୁ । ଆପଣ ପାରିଲେ ତାକୁ ଦୂରେଇ ନେବେ । ତାକୁ ଶିଖାଇବେ ନୀରବ ହସର ରହସ୍ୟ । ଯଦି ପାରିବେ ତାକୁ ବହିର୍ଜଗତରେ ବିସ୍ମୟ ସହିତ ପରିଚିତ କରାଇବେ । ଆଉ ତା' ସହିତ ତାକୁ କିଛି ଏକାନ୍ତ ସମୟ ବି ଦେବେ, ଯେତେବେଳେ ସେ ଆକାଶରେ ଉଡୁଥିବା ଚଢେଇ, ଖରାରେ ଝଟକୁଥିବା ମହୁମାଛି ଏବଂ ସବୁଜ ପାହାଡ ଉପରେ ରହୁଥିବା ଫୁଲ ଗୁଡିକର ଚିରନ୍ତନ ରହସ୍ୟକୁ ବୁଝିବାରେ ନିମଗ୍ନ ହୋଇ ପାରିବ । ସ୍କୁଲରେ ତାକୁ ଆପଣ ଶିଖାଇବେ ଯେ, ଠକିବା ଅପେକ୍ଷା ଅସଫଳ ହେବାରେ ରହିଛି ଯଥେଷ୍ଟ ଗୌରବ..। ତା' ନିଜର ଭାବନାକୁ ଅନ୍ୟମାନେ ଭୁଲ୍ କହିଲେବି, ସେ ନିଜ ଉପରେ ଅଟଳ ବିଶ୍ୱାସ ରଖିବା ଶିଖୁ.. । ଭଦ୍ରଲୋକଙ୍କ ପ୍ରତି ଭଦ୍ର ଓ କଠୋରଙ୍କ ପ୍ରତି କଠୋର ହେବାର କଳା ମଧ୍ୟ ଶିଖୁ ।

ମୋ ପୁଅ ଭିତରେ ଆପଣ ଏପରି ଶକ୍ତି ଭରିଦିଅନ୍ତୁ ଯେପରି ମେଣ୍ଢାପଲ ଭିତରେ ସେ ମେଣ୍ଢା ହୋଇ ମାତିଯିବ ନାହିଁ । ଆପଣ ତାକୁ ଶିଖାନ୍ତୁ ଯେ, ସେ ଯେମିତି ସମସ୍ତଙ୍କ କଥାକୁ ମନ ଦେଇ ଶୁଣିବା ସହିତ ସେହି କଥାକୁ ସତ୍ୟର ଚାଲୁଣିରେ ଛାଣି ତା'ର ସତ୍ୟତା ମାପି ପାରିବ । ଯାହା ଫଳରେ ସେ କେବଳ ଭଲତକକୁ ହିଁ ସାଉଁଟିବାରେ ସଫଳ ହେବ । ଯଦି ପାରିବେ ତାକୁ ଶିଖାନ୍ତୁ ଦୁଃଖ ସମୟରେ ଭାଙ୍ଗିନପଡି କେମିତି ହସାଯାଏ । ତାକୁ ଆପଣ ଶିଖାଇ ଦେବେ ଯେ ଲୁହ ବାହାରିବା କିଛି ଲାଜର କଥା ନୁହେଁ । ନିନ୍ଦୁକ ଓ ଦୋଷୀ ଦେଖାଳୀଙ୍କୁ ସେ ସିଧା ଉପହାସ କରିବା ଶିଖିବା ସହିତ ତୋଷାମଦ ପ୍ରତି ସର୍ତକ ମଧ୍ୟ

ରହିବ ଯେମିତି । ସବୁଠୁ ବଡ ଆହ୍ୱାନ ପାଖରେ ସେ ନଜର ବଳ ଓ ବୁଦ୍ଧିକୁ ଲଗାଇପାରେ, କିନ୍ତୁ କୌଣସି ମୂଲ୍ୟରେ ନିଜ ବିବେକ ଆଉ ଆତ୍ମାକୁ ଯେମିତି ନବିକେ । ଗୋଠରେ ଗର୍ଜନ କରୁଥିବା ଲୋକଙ୍କ ଚତ୍କାରଠୁ ଯେମିତି ସେ କାନ ଦେବ ନାହିଁ । ଦରକାର ପଡିଲେ ସେ ଅନ୍ୟାୟ ବିରୁଦ୍ଧରେ ଯେମିତି ଏକା ଲଢିପାରିବ ଆପଣ ତାକୁ ନିଷ୍ଠୟ ଶିଖାଇବେ । ତାକୁ ସ୍ନେହ ଦେବେ କିନ୍ତୁ ଗେହ୍ଲା କରିବେନି । କାରଣ ନିଆଁ ଖାଇଲେ ହିଁ ସେ ଉକୃଷ୍ଟ ଇସ୍ପାତ ବନିପାରିବ । ତା' ଭିତରେ ଧୈର୍ଯ୍ୟ ହରାଇ ପାରିବାର ସାହାସ ସହିତ, ସାହାସୀ ହୋଇପାରିବାର ଧୈର୍ଯ୍ୟ ମଧ୍ୟ ଆସୁ । ନିଜ ଉପରେ ଅଟଳ ବିଶ୍ୱାସ ରଖିବା ମଧ୍ୟ ଆପଣ ତାକୁ ଶିଖାନ୍ତୁ । କାରଣ ନିଜ ଉପରେ ବିଶ୍ୱାସ ରଖିପାରେଲେହିଁ ସେ ମଣିଷ ଜାତି ଉପରେ ଅଟଳ ବିଶ୍ୱାସ ରଖିପାରିବ ।

ଆପଣଙ୍କୁ ମୁଁ ବହୁତ କାମ ଦେଲିଣି । ହେଲେ ଆପଣ ଦେଖନ୍ତୁ ଏହା ଭିତରୁ କ'ଣ କ'ଣ ଆପଣ କରିପାରିବେ । ମୋ ପୁଅ ଅତି ଭଲ ପିଲାଟିଏ ।

ଜଣେ ରାଷ୍ଟ୍ରନାୟକଙ୍କର ଚନ୍ତାଧାରା ଜଣେ ପିତା ହିସାବରେ ସମସ୍ତଙ୍କୁ ପ୍ରେରଣା ଦେବ ଏଥିରେ ଦ୍ୱିମତ ହେବାର ନାହିଁ । ତେଣୁ ପ୍ରତ୍ୟେକ ପିତାମାତା ଆଉ ଶିକ୍ଷକ ମାନଙ୍କୁ ଆତ୍ମସମୀକ୍ଷା କରିବାକୁ ହେବ । ସେମାନେ ଶିକ୍ଷାଦାନ ଦିଗରେ କେତେ ସଚେତନ ଓ ସଫଳ ତାହା ଚନ୍ତା କରିବାକୁ ହେବ । ଅତି ମୂଲ୍ୟବାନ ମାନବ ସମ୍ବଳ ଓ ଭବିଷ୍ୟତର ନାଗରିକ ତଥା ସରଳ ଶିଶୁମାନଙ୍କୁ ପ୍ରଜ୍ଞାପୁଷ୍ଟ ଓ ପ୍ରାଣ ପୁଷ୍ଟ କରି ଗଢି ତୋଳିବାରେ ପିତାମାତାଙ୍କଠୁ ଆରମ୍ଭ କରି ଶିକ୍ଷକ, ଶିକ୍ଷାନୁଷ୍ଠାନ, ଶାସକ, ନେତୃବର୍ଗ ଏବଂ ଜନସାଧାରଣ ସମସ୍ତେ ଯତ୍ନବାନ ହେବା ଦରକାର ।

ଆଜିର ସମାଜରେ ପିଲାମାନଙ୍କ ମନରେ ଉଗ୍ରସ୍ୱଭାବ ଓ ଅପରାଧ ପ୍ରବଣତା ଦିନକୁ ଦିନ ବଢୁଥିବାର ଦେଖିବାକୁ ମିଳୁଛି । ଯେମିତିକି ଜଣେ ଏକାଦଶ ଶ୍ରେଣୀର ଛାତ୍ର ହତ୍ୟା କରିଛି ଦ୍ୱିତୀୟ ଶ୍ରେଣୀର ଛାତ୍ରକୁ । ହରିୟାଣାର ଜଣେ ଦ୍ୱାଦଶ ଶ୍ରେଣୀର ଛାତ୍ର ପ୍ରିନ୍ସିପାଲଙ୍କୁ ହତ୍ୟା କରିଛି । ଏମିତି ଅନେକ ଘଟଣା ଘଟୁଛି ନିତିଦିନ ଆମ ସମାଜରେ । ଆଉ ପିଲାମାନଙ୍କ ଏପରି ଅପରାଧିକ ଉଗ୍ରସ୍ୱଭାବ ସୃଷ୍ଟି ହେବା ପଛରେ ଆମ ପରିବେଶ ମୁଖ୍ୟତଃ ଦାୟୀ ।

ପିଲାଙ୍କର ମାନସିକ, ମନୋବୈଜ୍ଞାନିକ ଓ ବ୍ୟବହାରିକ ଆଚରଣକୁ ଶୁଦ୍ଧ କରିବା ପାଇଁ ଯେତିକ ଯତ୍ନ ଲୋଡା ସେଥିରୁ ସେମାନେ ବଞ୍ଚିତ ହେଉଛନ୍ତି । ବାପା ମା' କେବଳ ପାଠ ପଢିବାକୁ ବାଧ୍ୟ ନକରି ବାସ୍ତବବାଦୀ ହେବା ଦରକାର । ଯଦି ପିଲାଟିଏ ସକାଳୁ ଉଠି ଦିନସାରା ଟ୍ୟୁସନ, ସ୍କୁଲ, ପୁଣି ଟ୍ୟୁସନ, ଆଉ ହୋମୱାର୍କରେ ବ୍ୟସ୍ତ ରହି ରାତି ଅଧରେ ଶୋଇବାକୁ ଯିବ ତେବେ ତା'ର ବୌଦ୍ଧିକ ବିକାଶ ହେବ କେତେବେଳେ ? ପିଲାଟି ଉଚ୍ଚ ଶିକ୍ଷିତ ହେବା ଭଲ କଥା ମାତ୍ର ତା'ର ସ୍ୱଭିମାନ ପ୍ରତି କୁଠାରଘାତ କରି ତା'ର ବାହ୍ୟଜ୍ଞାନର ବିକାଶର ରାସ୍ତାକୁ ବନ୍ଦ କରି ଆମେ ମାନେ ତା' ପ୍ରତି ଅନ୍ୟାୟ କରୁନେତ ? ତେଣୁ ପିତାମାତା ବନ୍ଧୁ ପରିଜନ ସମସ୍ତେ ମିଳମିଶି ପିଲାକୁ ଉପଯୁକ୍ତ ପଥ ଦେଖାଇବା ଦରକାର । ଶିକ୍ଷକମାନେ କେବଳ ଶ୍ରେଣୀ ଗୃହରେ ପାଠ ପଢେଇ ଦେଇ ସେମାନଙ୍କର କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ନଭାବି ପାଠପଢା ସହିତ ଖେଳ,ଯୋଗ,ସାମୁହିକ ଆଲୋଚନା ପ୍ରତି ଧ୍ୟାନ ଦେବା ଦରକାର । ପାଠ୍ୟପୁସ୍ତକ ସହିତ ଅନ୍ୟବହି ପଢିବା ପାଇଁ ପ୍ରେରଣା ଯୋଗାଇବା,ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉତ୍ସାହିତ କରିବା,ବିଭିନ୍ନ ସ୍ଥାନ ପରିଦର୍ଶନ ପାଇଁ ଉପଦେଶ ଦେବାଭଳି କାର୍ଯ୍ୟମାନ କଲେ ପିଲାମାନଙ୍କର ବହୁ ମଙ୍ଗଳ ସାଧନ ହେବ । ତାଙ୍କର ଶୈଶବକୁ ଛଡେଇ ନେବା ପରିବର୍ତ୍ତେ ସେମାନେ କପରି ସ୍ୱାଭାବିକ ଓ ପ୍ରାକୃତିକ ଭାବରେ ଜୀବନକୁ ଉପଭୋଗ କରିପାରିବେ ସେଥିପ୍ରତି ଧ୍ୟାନ ଦେଲେ ବିକାଶର ପଥ ସୁଗମ ହେବ । ଆଜିର ବ୍ୟସ୍ତବହୁଳ ଜୀବନ ଚର୍ଯ୍ୟାରେ କାହା ପାଖରେ ସମୟ ନାହିଁ । ଏଇ ଯେମିତି,

- ଛାତ୍ରଛାତ୍ରୀଙ୍କ ପାଖରେ ଖେଳକୁଦ ପାଇଁ ସମୟ ନାହିଁ ।
- ଶିକ୍ଷକଙ୍କ ପାଖରେ ଶିକ୍ଷାଦାନ କରିବା ପାଇଁ ସମୟ ନାହିଁ ।
- ବାପା ମା'ଙ୍କ ପାଖରେ ପିଲାଙ୍କ ପାଇଁ ସମୟ ନାହିଁ ।
- ଶାସକଙ୍କ ପାଖରେ ଶାସିତଙ୍କ କଥା ଶୁଣିବା ପାଇଁ ସମୟ ନାହିଁ ।
- ନେତାଙ୍କ ପାଖରେ ଶାସନକାର୍ଯ୍ୟ କରିବା ପାଇଁ ସମୟ ନାହିଁ ।

- ଜନତାଙ୍କୁ ସୁରକ୍ଷା ଦେବାକୁ ସୁରକ୍ଷା କର୍ମୀଙ୍କ ପାଖରେ ସମୟ ନାହିଁ ।

- ପୁଜକଙ୍କ ପାଖେ ଉପାସନା କରିବାକୁ ସମୟ ନାହିଁ ।

- ଡାକ୍ତରଙ୍କ ପାଖରେ ରୋଗୀ ଦେଖିବାକୁ ସମୟ ନାହିଁ ।

ଏପରି କେତେ ନାହିଁ ନାହିଁର ପରିସ୍ଥିତି ଦେଖିବାକୁ ମିଳୁଛି ଆଜିକାଲି । ହେଲେ ଏପରି ପରିସ୍ଥିତି ହେଲା କପରି ? ଏଥିପାଇଁ ଦାୟୀ କଏ ? ଏସବୁର ସମୀକ୍ଷା କରିବାର ବେଳ ଏବେ ଉପଗତ । ବେଳଥାଉ ଥାଉ ସଜାଗ ହୋଇ ଉପଯୁକ୍ତ ବ୍ୟବସ୍ଥା ନକଲେ "ଦିଅଁ ଗଢିବାକୁ ଯାଇ ସର୍ବହର୍" ହେବାକୁ ପଡିବ । ଏ ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଏକ ବିଶାଳ ଗ୍ରନ୍ଥ ଏବଂ ପ୍ରକୃତି ହେଉଛି ତା'ର ବିବେକ ହେଉଛି ତା'ର ସବୁଠୁ ବଡ ଗୁରୁ । ସୁତରାଂ କାଳ ବିଳମ୍ବ ନକରି ଆମର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଲେ ସମାଜର ମଙ୍ଗଳ ହେବ, କାହିଁକନା ,

"ଭଲ ବିଦ୍ୟାଳୟ ହିଁ ଅନୁଶାସନର ନିର୍ମାଣ କରେ, ସୁସଂସ୍କୃତ ପରିବାରରେ ପିଲାଟେ ଅନୁଶାସନ ଶିଖେ । ଅନୁଶାସିତ ବିଦ୍ୟାର୍ଥୀ ବଢାନ୍ତି ଦେଶର ମାନ, ଯିଏ ଅନୁଶାସନହୀନ ସେ ପାଆନ୍ତିନ କେଉଁଠି ସମ୍ମାନ ।"

୨୧୭,ୟୁନିଟ-୯(ଫ୍ଲାଟ), ବାୟାବାବା ମଠ ଲେନ, ଭୁବନେଶ୍ୱର-୨୨

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ଅନ୍ଧବିଶ୍ୱାସ



ଜୟକୃଷ୍ଣ ମେହେର

ଭୁଲ ହୋଇଯାଏ ଅଜାଣତରେ

ସତେ କ! ମୋର କଛି ହୋଇଯିବ

ମନରେ ଜମାଟ ବାନ୍ଧେ ଅଜଣା ଭୟ

କାଳେ କଛି ଘଟିଯିବ କ !

ଅଧିକ ଶିକ୍ଷିତ ଅତ୍ୟାଧୁନକ ମନ ବି

ଝାଉଁଲି ହାର ମାନଯାଏ ।

ମନକୁ ବୁଝାଇ ଥକପଡେ

ବାରମ୍ବାର ସୃଡିହୁଏ ସେ ପ୍ରତିବିମ୍ବ

ସବୁକଛି ଥାଇ ଲ୍ଗେ ଅନ୍ଧ, ମୁକ, ବିକଳାଙ୍ଗ

ଶେଷରେ ମାନବାକୁ ବାଧ ହୁଏ

ସେହି ପାରମ୍ପରିକ ବିଶ୍ୱାସ

ଅନ୍ଧବିଶ୍ୱାସ........ଅନ୍ଧବିଶ୍ୱାସ........ ।



ଗୋହିର୍‌ପଦର, ବଲାଙ୍ଗୀର

# ଅନଲାଇନ୍

ମୂଳ ଇଂଗ୍ରଜୀ – ମାର୍ଟିନ ଜନ୍
ଅନୁବାଦ – ସୁଧାଂଶୁ ଦ୍ୱିବେଦୀ


ସୁଧାଂଶୁ ଦ୍ୱିବେଦୀ

ସହରରୁ କଛି ଦୂର ୪୦-୫୦ ଘର ବିଶିଷ୍ଟ ନୂଆ କଲୋନିର ବିଲ୍ ଜମା କରିବା ଅଫିସ ୧୦-୧୫ କ.ମି. ଦୂରରେ ଥାଏ । ସେଠାରେ ପହଞ୍ଚି ଲମ୍ବା ଲାଇନ୍ ରେ ଛିଡା ହେବାରେ ବହୁତ ସମୟ ବିତିଯାଏ । ଖାଲି ଯାହା ସମୟର ଅପଚୟ ବ୍ୟତୀତ ଆହୁରି ଅନେକ ପ୍ରକାର ସମସ୍ୟାରେ ସମ୍ମୁଖୀନ ହେବାକୁ ପଡେ । ମୁକେଶ ପୁରା କଲୋନୀବାସୀଙ୍କର ଇଲେକ୍ଟ୍ରିକ୍ ଟେଲିଫୋନ୍ ଓ ଗ୍ୟାସ୍ ବିଲ୍ ଇତ୍ୟାଦି ଜମା କରିବା ପାଇଁ ସ୍ଥିର କଲା । କଲୋନୀବାସୀ ଶାନ୍ତୀରେ ନିଃଶ୍ୱାସ ମାରିଲେ । ସେମାନଙ୍କ ବ୍ୟସ୍ତ ବିବ୍ରତ ଜୀବନରେ ମୂଲ୍ୟବାନ ସମୟ ବଞ୍ଚିଗଲା । ବିଲ୍ ଜମା କରିବା କାମ ପାଇଁ ମୁକେଶକୁ ପ୍ରତି ବିଲ୍ ପିଛା ୧୫ ଟଙ୍କା ମିଳଯାଏ, ସେହି ଟଙ୍କାରେ ସେ ତା ପରିବାରର ଗାଡି ଠିକ୍ ଭାବେ ଟାଣିଗଲେ ।

ସେ ଯାହାହେଉ, କଛି ଦିନ ପରେ ତାରେ ସେହି ଇନକମ୍ ରେ କାହାର ନଜର ଲାଗିଗଲା ବୋଧେ । ତାପରେ ସେ ବିଲ୍ ପାଇଁ କଲୋନୀ ବାସୀଙ୍କର ଯାହା ଘର କବାଟ ଠକ୍ ଠକ୍ କଲା, ଜବାବ ମିଳଲା, "ଆରେ ମୁକେଶ ବିଲ୍ ଜମା ହେଇଯାଇଛି ।" କେତେ ଜଣଙ୍କୁ ଛାଡି ଦେଲେ ସଭିଏଁ ତାକୁ ବିଲ୍ ର ରସିଦ୍ ଦେଲେ ନାହିଁ । କାଲିଯାଏ ଯେଉଁମାନେ ସମୟର ଅପଚୟ ଭାବି କାନ୍ଦୁଥିଲେ, ଆଜି ସବୁ କଷ୍ଟ ସହିଯିବାକୁ ଯେମିତି ପୁରାପୁରି ସକ୍ଷମ ହୋଇଯାଇଛନ୍ତି ।

ମୁକେଶ ଶର୍ମାବାବୁଙ୍କ କବାଟ ଖୋଲିବା ପାଇଁ ଠକ୍ ଠକ୍ ଆୱାଜ କଲା । ଘର ଭିତରୁ ଜବାବ ମିଳଲା, "ଜମା ହୋଇଯାଇଛି ।"

"ଆପଣଙ୍କର ତ ଦେହ ଭଲ ନାହିଁ, ପୁଣି ଠିକ୍ ଚାଲିବୁଲି ପାରୁନାହାନ୍ତି, ଏତେସବୁ କଲେ କପରି?" ମୁକେଶ ପଚାରିଲା ।

"ଆରେ ମୁକେଶ ଆଜିକାଲି ପଚା ସବୁ କଛି ଅନଲାଇନ୍ ରେ ହୋଇଯାଉଛି ।"

"ଅନଲାଇନ?" ତା ମୁହଁରେ ପ୍ରଶ୍ନବାଚକ ସ୍ୱର ବାହାରିଲା । ତାକୁ ଜଣାହେଲା ଅନଲାଇନ୍ ନାମକ କେହି ବିଚିତ୍ର ଆକୃତି ବାଲା ଜୀବ ତା ସମ୍ମୁଖରେ ଯେମିତି ଠିଆ ହୋଇଛି । ଆଉ ତାର ବେସାହାରା ପରିସ୍ଥିତିରେ ହସିଉଠୁଛି ।

ରାଗ ଓ ଅଭିମାନରେ ତା କଣ୍ଠରୁ ବାହାରି ପଡିଲା, "ବଦମାସ୍ ଅନଲାଇନ୍.....!"

ଯୋଗ ଫର ଲାଇଫ, ସେକ୍ଟର-୧, ସଲ୍ଟ ଲେକ୍, କୋଲକତା

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ବୁର୍ଲା ଯାତ୍ରା



ପୁଷ୍ପିତା ଭୂୟାଁ

ବୁର୍ଲା ଯିବା ପାଇଁ ସକାଳୁ ସକାଳୁ ଅଟୋ ରେ ଯାଇ ଭୁବନେଶ୍ୱର ଷ୍ଟେସନ ରେ ପହଂଚଲୁ ଆମେ । ସକାଳ ୬.୩୦ ରେ ଭୁବନେଶ୍ୱର ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍ । ରାତି ୪ଟା ରୁ ଉଠି ରାସ୍ତା ପାଇଁ ଜଳଖିଆ ତିଆରି କରି ଗାଧୁଆ ପାଧୁଆ ପୂଜା ଓ ଘର ର କିଛି କାମ ସାରି ଯିବା ପାଇଁ ପ୍ରସ୍ତୁତ ହେଲି । ଗତ ୭ ବର୍ଷ ତଳେ ବୁର୍ଲା ଛାଡି ଭୁବନେଶ୍ୱର ଆସିଥିଲି ମୁଁ। ପୁଣି ପ୍ରଦିପ ଙ୍କର ବୁର୍ଲା ବଦଳ ହୋଇଛି । ବୁର୍ଲା ଯିବା ପାଇଁ ମନରେ ଉତ୍କଣ୍ଠା ଜାଗି ଉଠିଲା |

ବୁର୍ଲା ଗୋଟିଏ ଛୋଟ ସହର ହୋଇଥିଲେ ମଧ୍ୟ ସେଠାରେ ମେଡିକାଲ କଲେଜ, ଇଂଜିନଅରିଂ କଲେଜ, ସମ୍ବଲପୁର ୟୁନଭରସିଟି, ହୀରାକୁଦ ଡ୍ୟାମ୍, ପାୱାର ହାଉସ୍ ଭଳି ଅନେକ କିଛି ମହତ୍ୱପୂର୍ଣ୍ଣ ଅନୁଷ୍ଠାନ ଅବସ୍ଥିତ। ନଦୀ ପାହାଡ଼ ଜଙ୍ଗଲ ଘେରା ସହରଟି ସୌନ୍ଦର୍ଯ୍ୟ ରେ ପରିପୂର୍ଣ୍ଣ। ଆଖ ପାଖ ରେ ଅନେକ ଗୁଡିଏ ପିକନକ ସ୍ପଟ୍ ମଧ୍ୟ ରହିଛି । ଶୀତ ଦିନେ କାହିଁ କୁଆଡୁ ଲୋକେ ପିକନକ୍ ପାଇଁ ଆସନ୍ତି। ଟ୍ରେନ ରେ ଯିବା ବେଳେ ପୁରୁଣା ଦୃଶ୍ୟ ସବୁ ମନ ଭିତରେ ପୁଣି ଉଦ୍ଜୀବିତ ହୋଇ ଚାଲି ଥାଏ । ମା ସମଲେଶ୍ୱରୀ ଙ୍କୁ ଦର୍ଶନ କରିବାର ପୁଣି ଥରେ ମୋତେ ସୁଯୋଗ ମିଳିଛି । ମନ ଟା ମୋର ମାଙ୍କୁ ଦର୍ଶନ କରିବା ପାଇଁ ବ୍ୟାକୁଳ ହୋଇ ଉଠୁଥାଏ ।

ଟ୍ରେନ ରେ ଯାତ୍ରା କରିବାର ମଜା ନିଆରା। ଆରାମରେ ବସି ବହି ପେପର ପଢ, ଗୀତ ଶୁଣ ତା ସହିତ ମଝିରେ ମଝିରେ ଚା ବିସ୍କିଟ ର ମଜା ନିଅ| ତା ସହିତ କେତେ ପ୍ରକାର ଲୋକଙ୍କର ଯିବା ଆସିବା କଥା ବାର୍ତ୍ତା ରେ ସମୟ ଟି କେତେବେଳେ ଅତିବାହିତ ହୋଇଯାଏ

ଜମା ଜଣା ପଡେନ, ପୁଣି ବସି ବସି ଚଡି ଲାଗିଲେ ଉଠିକ ଟିକେ ବୁଲି ଆସ। ମଝିରେ ମଝିରେ ଚା ବିକାଳୀଙ୍କ ଡାକ ବି ଶୋଇବା ଲୋକଙ୍କୁ ନିଦରୁ ଉଠାଇ ଦିଏ। ଚା କପେ ପିଇ ଦେଇ ଯାତ୍ରୀମାନେ ସତେଜ ହୋଇ ଉଠନ୍ତି। କେତେ ଲୋକ ଙ୍କର ଗପ ର ସୁଅ ବି ଛୁଟି ଥାଏ।

ଷ୍ଟେସନ ପରେ ଷ୍ଟେସନ ଟପି ଗାଡି ଆଗକୁ ଗଡ଼ି ଚାଲିଥାଏ । କେତେବେଳେ ଗାଡିର ଗତି କ୍ଷୀପ୍ରତ୍ତର ତ କେତେବେଳେ ଧୀର । ଅନୁଗୋଳ ଷ୍ଟେସନ ହେବାରୁ ଗାଡି ଅଟକଲା । ଏଠାରେ ଗାଡି ପ୍ରାୟ ଦଶ ମିନଟ ରହେ। ଲୋକମାନେ ଚଢିବା ଓହ୍ଲାଇବା ସହିତ ଜଳଖିଆ କିଣିବାକୁ ମଧ୍ଯ ଯାଆନ୍ତି। ଷ୍ଟେସନ ଦୋକାନରେ ଭଲ ଜଳଖିଆ ମିଳେ ।

ଏହି ସମୟରେ କିଛି ସ୍କୁଲ ପିଲା ଆମ ବଗିରେ ଚଢିଲେ ଦୁଇ ଜଣ ଶିକ୍ଷକ ଙ୍କ ସହିତ । ଜଣେ ଆସି ଆମ ପାଖରେ ବସିଲା, ପଚାରି ବୁଝିଲି ସେମାନେ ଏକ ସେଣ୍ଟ୍ରାଲ ସ୍କୁଲ ର ଛାତ୍ର ହେବା ସଙ୍ଗେ ସଙ୍ଗେ ତାଙ୍କ ସ୍କୁଲ ର କ୍ରିକେଟ ଟିମ୍ ।ଷ୍ଟେଟ ଲେବଲ ର ମ୍ୟାଚ୍ ଖେଳିବା ପାଇଁ ବଲାଙ୍ଗୀର ଯାଉ ଥାନ୍ତି । ସମସ୍ତେ ଦଶମ ଶ୍ରେଣୀ ର ଛାତ୍ର । କିନ୍ତୁ ମୋତେ ଖୁସି ଲାଗୁଥାଏ ତାଙ୍କର ଶିକ୍ଷକ ଜଣକ ପ୍ରତିଟି ପିଲାର କେତେ ଯତ୍ନ ନେଉ ଥାନ୍ତି । ସମସ୍ତେ କୋଉଠି ବସିଲେ କଣ ଖାଇବେ ବାରମ୍ବାର ପଚାରି ବୁଝୁଥାନ୍ତି। ଯାହାବି ବିକିବାକୁ ଆସୁଥାଏ, ସେ ପିଲାଙ୍କୁ କିଣିକରି ଦେଉଥାନ୍ତି, ଆଉ କହୁଥାନ୍ତି ପିଲାମାନେ ଲାଜ ନକରି ଯାହା ଇଚ୍ଛା କରୁଚ ଖାଅ ବୋଲି । ଏଥିରୁ ଶିକ୍ଷକଙ୍କର ପିଲାମାନଙ୍କ ପ୍ରତି କର୍ତ୍ତବ୍ୟ ବୋଧ ଓ ଭଲପାଇବା ପରିଲିଖିତ ହେଉଥାଏ । ଛୋଟ ପିଲା ଘର ଛାଡ଼ି ଆସିଥାନ୍ତି,ଦୁଇ ଚାରି ଦିନ ସେଠାରେ ରହିବେ ଆଉ କେଉଁ କେଉଁ ଷ୍ଟେଟ ର ପିଲାଙ୍କ ସହିତ ମ୍ୟାଚ ଖେଳିବେ ତାଙ୍କୁ ବି ଜଣା ନଥାଏ କିନ୍ତୁ ସେମାନେ ବେଶ ଉତ୍ସାହିତ ଥାନ୍ତି । ଅବଶ୍ୟ କେତେକ ପିଲା ଲାଜ ଆଉ ଡରରେ ବୋଧେ ଶିକ୍ଷକ ଙ୍କ ସହିତ ଫ୍ରି ହୋଇ ପାରୁ ନଥାନ୍ତି । କିନ୍ତୁ ସବୁ ଜିନିଷ କୁ ନିଜନିଜ ଭିତରେ ବାଣ୍ଟି କରି ଖାଉଥାନ୍ତି । ସେମାନଙ୍କୁ ଦେଖୁ ଦେଖୁ ତାଙ୍କ ବିଷୟ ରେ ଜାଣୁ ଜାଣୁ ଆମର ଷ୍ଟେସନ ଆସିଗଲା। ସମୟ କେମିତି ଅତିବାହିତ ହୋଇ ଗଲା ଜଣା ପଡ଼ିଲାନି।

ଦିନ ବାରଟା ରେ ଟ୍ରେନ ହୀରାକୁଦ ଷ୍ଟେସନରେ ପହଞ୍ଚିଲା। ଆମେ ଟ୍ରେନରୁ ଓହ୍ଲାଇ ବୁର୍ଲାର ବାସଗୃହ ଅଭିମୁଖେ ଚାଲିଲୁ। ଡ୍ରାଇଭର ଆସି ଆଗରୁ ଅପେଖ୍ୟା କରି ଥିଲା। ଟ୍ରେନ ରୁ ଓହ୍ଲାଇଲା ପରେ ଭାରି ଗରମ ଅନୁଭୂତ ହେଉଥାଏ, କାରଣ ବୁର୍ଲାର ଟେମ୍ପରେଚର ଭୁବନେଶ୍ୱର ତୁଳନାରେ ଅଧିକା। ସଂନ୍ଧ୍ୟା ବେଳେ ପ୍ରଦୀପଙ୍କ ସାଙ୍ଗର ପୁଅ ର ବିବାହ ଉତ୍ସାହ କୁ ଯିବାର ଥାଏ |

ଏଇ କେତେ ବର୍ଷ ଭିତରେ ଜାଗାଟିର ବେଶ ଉନ୍ନତି ପରିଲକ୍ଷିତ ହେଉଥାଏ । ରାସ୍ତା ଘାଟ ର ସମ୍ପ୍ରସାରଣ ସହିତ ନୂଆ ନୂଆ ବିଲ୍ଡିଂଗ ବି କଛି ଗଢି ଉଠିଥାଏ । ବୁର୍ଲା ମେଡିକାଲ ର ବି କେତେ ନୂଆ ନୂଆ ବିଭାଗ ଖୋଲି ଯାଇଛି । ରହୁଥିବା ବେଳର ପ୍ରତ୍ୟେକ ଦୃଶ୍ୟ ସହିତ ଆଜିର ଦୃଶ୍ୟ ଭିତରେ ମୁଁ ତୁଳନା କରିବାରେ ଲାଗିଥାଏ । ଦୀର୍ଘ ୨୦ ବର୍ଷ ମୁଁ ସେ ଜାଗାରେ କଟିଛି । ମୋର ଦୁଇ ପିଲା ଜନ୍ମ ହୋଇ ପ୍ରଥମ ରୁ ଦଶ ଶ୍ରେଣୀ ଯାଏ ପଢିଛନ୍ତି । ବୁର୍ଲା କୁ ମୋ ପିଲା ମାନଙ୍କର ଜନ୍ମ ସ୍ଥାନ କହିଲେ ବି ଅତ୍ୟୁକ୍ତି ହେବ ନାହିଁ । କେତେ ଶୀତ କେତେ ଖରା ମୁଁ କାଟିଛି ସେଠାରେ । କନ୍ତୁ ଆଜି ମୋତେ ସେଠିକାର ଖରା ଭାରି କାଟୁ ଥାଏ। ସାତ ବର୍ଷ ହେଲାଣି ମୁଁ ଉପକୂଳ ପାଣିପାଗ ସହିତ ଜଡିତ ହୋଇ ଗଲିଣି। ବୁର୍ଲାରେ ଖରା ଯେତିକ ପ୍ରଖର, ଶୀତ ବି ସେତିକ ପ୍ରବଳ । ବର୍ଷା ଦିନେ ବର୍ଷା ବି ଲାଗିରହୁଥିଲା ଆଗରୁ । ଏବେ ବର୍ଷା ଟିକେ କମିଗଲାଣି । ସେତେବେଳେ ସେ ପରିବେଶ ରେ ଆମେ ଖାପ ଖୁଆଇ ନେଇଥିଲୁ ନଜକୁ । ଅବଶ୍ୟ ବିନା ଏସି,କୁଲର ରେ ଖରାଦିନେ ସେଠାରେ ରହିବା ଅସମ୍ଭବ । ଖରା ଦିନେ ତାପମାତ୍ରା ୫୦ ଡିଗ୍ରୀ ଉପରକୁ ଉଠିଯାଏ ଆଉ ଶୀତ ଦିନେ ୫/୬ ଡିଗ୍ରୀ କୁ ଖସିଯାଏ ।

ମହାନଦୀ ପୋଲ ଉପରେ ଗଲା ବେଳେ ସମାନ୍ତରାଳ ରେ ହୀରାକୁଦ ବନ୍ଧ ର ଦୃଶ୍ୟ ଭାରି ମନୋରମ । ବନ୍ଧ ର ଦୁଇ ପାର୍ଶ୍ୱ ଦୁଇଟି ପାହାଡ଼ ସହିତ ସଂଯୋଗ । ଆଉ ପାହାଡ଼ ଦୁଇଟି ଉପରେ ଦୁଇଟି ମୀନାର । ବୁର୍ଲା ପଟେ ନେହେରୁ ମିନାର ଆଉ ହୀରାକୁଦ ପଟେ ଗାନ୍ଧୀ ମିନାର|ବନ୍ଧ ଟି ଦୁଇଟି ଛୋଟ ଛୋଟ ସହରକୁ ସଂଲଗ୍ନ କରିଛି । ଦୁଇଟି ଯାକ ମୀନର ଉପରୁ ସହର ଓ ନଦୀର ଦୃଶ୍ୟ ଅତୀବ ମନୋରମ । ବନ୍ଧର ଏକ ପାର୍ଶ୍ୱରେ

ମହାନଦୀର ଜଳଭଣ୍ଡାର ଓ ଅନ୍ୟ ପଟେ ପଥୁରିଆ ନଦୀର ଶଯ୍ୟା । ଜଳଭଣ୍ଡାର ରେ ଭର୍ତ୍ତି ପାଣି ଆଖି ପାଏ ନ କେଉଁଠାରୁ ଆରମ୍ଭ ହୋଇଛି । ଯେତେ ବେଳେ ବନ୍ଧ ଟି ତିଆରି ହୋଇଥିଲା, ଜଳଭଣ୍ଡାରର ପାଣିରେ କେତେ ଯେ ଗାଁ ସମାଧିସ୍ଥ ହୋଇଛି ଆଉ କେତେ ଯେ ଲୋକ ନିଜର ବାସ ଗୃହ ହରାଇଛନ୍ତି ଭାବିଲେ ଭାରି ଦୁଃଖ ଲାଗେ। କିନ୍ତୁ ରାଜ୍ୟର ବୃହତ୍ତମ ସ୍ୱାର୍ଥ ଦୃଷ୍ଟିରୁ କିଛି ତ ହରାଇବାକୁ ପଡେ । ବର୍ଷା ଦିନେ ଯେତେବେଳେ ଜଳଭଣ୍ଡାରର ଛାତି ଫୁଲି ଉଠେ, ହୀରାକୁଦ ବନ୍ଧ ର ଫାଟକ ଖୋଲା ଯାଏ । ଫାଟକ ଦେଇ ବାହାରୁଥିବା ପାଣିର ଫୁଆର ଦେଖିଲେ, ନିଜକୁ ସେଥିରେ ହଜିଗଲା ପରି ଲାଗେ । ନିମିଷକେ ମହାନଦୀ ର ପଥୁରିଆ ଶଯ୍ୟା ବର୍ଷା ଦିନର ଗୋଳିଆ ପାଣି ରେ ଉଚ୍ଛୁଳି ଉଠେ। ନଦୀ ଟି ଉପର ମୁଣ୍ଡରୁ ବାହାରି କାହିଁ କୁଆଡେ ଲମ୍ବି ଯାଇଛି ।

ନଦୀ ର ଏକ ପାର୍ଶ୍ୱରେ ସମ୍ବଲପୁର ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀ ଙ୍କ ମନ୍ଦିର । କଥିତ ଅଛି ରାତିରେ ମା ସମଲେଶ୍ୱରୀ ତାଙ୍କ ଭଉଣୀ ମାନଙ୍କ ସହିତ ନଦୀ କୂଳରେ ଭ୍ରମଣ କରନ୍ତି ଏବଂ ଭୋରରୁ ମହାନଦୀ ଘାଟରେ ଗାଧୋଇ ପାଧୋଇ ମନ୍ଦିର କୁ ପଶନ୍ତି । ପ୍ରତକ୍ଷ ଦେବୀ । ମାଙ୍କ ମୁହଁକୁ ଚାହିଁଲେ ଛାତିରେ ଏକ ଶିହରଣ ଖେଳି ଯାଏ ।

ତା ପରଦିନ ସକାଳୁ ସକାଳୁ ଗାଧୋଇ ପାଧୋଇ ମାଙ୍କୁ ଦର୍ଶନ କରିବା ଲାଗି ସମ୍ବଲପୁର ଗଲି। ବୁର୍ଲା ରୁ ବାଇପାସ ରେ ଗଲେ ଦଶ ବାର କିଲୋମିଟର ର ରାସ୍ତା। ମାଙ୍କୁ ଦର୍ଶନ କରି ମନ ଟା ମୋର ଖୁସିରେ ଉତଫୁଲ୍ଲିତ ହୋଇ ଉଠିଲା । ପୁଣି ଏ ସୌଭାଗ୍ୟ ମିଳିବ ବୋଲି ଭାବି ନଥିଲି । ମନ୍ଦିର ପାରିପାର୍ଶ୍ୱରେ କେତେ କଣ ଗଢି ଉଠିଲାଣି। ମନ୍ଦିର କୋଳରେ ଟିକେ ବସି ପଡ଼ିଲି । ସେଠାରେ ଟିକେ ବସିଲେ ମା ର କୋଳରେ ବସିବା ର ଅନୁଭୂତି ଆସେ । ସେଥି ପାଇଁ ସମସ୍ତେ ଟିକେ ଟିକେ ମନ୍ଦିର ରେ ବସି ପଡନ୍ତି । ସେଠାରେ ଟିକେ ବୁଲା ବୁଲି କରି ବୁର୍ଲା ଫେରି ଆସିଲି ଘଣ୍ଟେ ଦେଢ ଘଣ୍ଟେ ଭିତରେ । ପୁଣି ଉପର ବେଳା ଟ୍ରେନ ରେ ଆମକୁ ଭୁବନେଶ୍ୱର ଫେରିବାର ଥିଲା । ଟ୍ରେନ ୪ଟା ରେ ଥିଲା। ପ୍ରଦୀପ ତାଙ୍କ ଅଫିସ କାମସାରି ଆସିଲେ। ଡ୍ରାଇଭର ଆଣି ଆମକୁ ଷ୍ଟେସନ ରେ ପହଞ୍ଚାଇ ଦେଲା । ଟ୍ରେନ

ଆସିଲା ୨୦ମିନଟ ବିଳମ୍ବରେ, ଭାରି ଗରମ ଲାଗୁଥାଏ ବାହାରେ,ଟ୍ରେନ ଭିତରେ ପଶିଲା ପରେ ମଣିଷ କୁ ଟିକେ ଆଶ୍ୱସ୍ତି ବୋଧ ହେଲା ।

ଫେରିବା ଟ୍ରେନ ରେ ଆଉ କଛି ନୂଆ ସହଯାତ୍ରୀ। ସେତେବେଳେ କଛି ଛୋଟ ପିଲା ଥାନ୍ତି ଆମ ବଗି ରେ। ଟ୍ରେନ ଟି ଲାଇନ ନ ପାଇବାରୁ ବାରମ୍ବାର ମଝିରେ ମଝିରେ ରହି ଯାଉ ଥାଏ । ସେତେବେଳେ ପିଲା ଦୁଇ ତିନ ଜଣ ଙ୍କ ଦୌଡା ଦୌଡ଼ି ହୋ ହାଲା ରେ ବଗି ଟି କମ୍ପି ଉଠୁ ଥାଏ। ଆମ ପାଖ ସିଟ ରେ ଗୋଟେ ଦୁଇ ତିନ ମାସର ଛୁଆ ଥାଏ ତା ବାପା ମା ସହିତ ଥାଏ। ପିଲାଟି ନା ଖାଉ ଥାଏ ନା ଶୋଉ ଥାଏ। ଖାଲି ଟିକେ ଛାଡି ଟିକେ କାନ୍ଦୁ ଥାଏ। ମା ବାପା ବିଚରା ପିଲାଟିକୁ ବୁଝାଇ ବୁଝାଇ ନାକେଦମ୍ । ଛୋଟ ପିଲା କଣ ବା ଜାଣୁଛି କ୍ଷଣିକେ ହସ ତ କ୍ଷଣିକେ କାନ୍ଦ ତାର । ତାକୁ ପରିବେଶ ବୋଧେ ଭଲ ଲାଗୁ ନଥାଏ । ବାପ ମା ମୋବାଇଲ ରୁ ଲୋରୀ ବାହାର କରି ଶୁଣାଉ ଥାନ୍ତି|ଘଡ଼ିଏ ଚୁପ, ଲୋରୀ ବନ୍ଦ ହେଲେ ପୁଣି କାନ୍ଦ।

ଆଜିକାଲି ଯୁଗରେ ମୋବାଇଲ ବି ଧନ୍ୟ, କେତେ ସୁବିଧା ସୁଯୋଗ ଯୋଗାଇ ଦେଉଛି ମଣିଷ ମାନଙ୍କୁ । ଏତେ ଛୋଟ ପିଲା ସେ ବି ବୁଝିପାରୁଛି ମୋବାଇଲ ରେ ଗୀତର ତାଳ କୁ। ଯାତ୍ରୀ ମାନେ ବି ପିଲାଟି ର ଅବସ୍ଥା ରେ ବ୍ୟସ୍ତ ହୋଇ ପଡୁ ଥାନ୍ତି । ଏମିତି କେତେ ବାଟ ଗଲା ପରେ ପିଲାଟି ଟିକେ ଶୋଇ ପଡ଼ିଲା ।

ଟ୍ରେନ ଘଣ୍ଟାଏ ବିଳମ୍ବ ରେ ଚାଲିଥାଏ । ଭୁବନେଶ୍ୱର ରେ ପହଞ୍ଚୁ ପହଞ୍ଚୁ ରାତି ୧୧.୩୦ । ଭଡା ଗାଡି ବୁକ କରି ଘରେ ପହଁଚଲା ବେଳକୁ ରାତି ବାରଟା । ଏମିତି ଯିବା ଆସିବାରେ ମୋର ଦୁଇ ଦିନ କାଟି ଗଲା । କନ୍ତୁ ମନ ରୁ ସେସବୁ ର ଚନ୍ଦ ଲିଭିବା ପାଇଁ କଛିଦିନ ଲାଗି ଯିବ । ପୁଣି ଯିବାର ସୁଯୋଗ କେବେ ମିଳବ ମନରେ ଉତ୍କଣ୍ଠା ନଷ୍ଚୟ ରହିବ ।

ଜଗମରା,ଖଣ୍ଡଗିରି,ଭୁବନେଶ୍ୱର,ଓଡିଶା

# ବୋଉ



ଦିପୁନ୍ ପୁହାଣ

କୋଉ ସୃଷ୍ଟି କଥା  କହୁଚୁ ରେ ଧନ**???**

ଆକାଶରେ ନୀଳରଂଗ ଦେବୁ**..**

ପତ୍ରରେ ଭରିବୁ ସବୁଜିମା**..**

ମେଘ ଠି ଶ୍ୟାମଳ**...**

ଆଉ ପବନ ରେ ଭରିଦେବୁ ଶୂନ୍ୟତା**....**

ରହ**..**

ମୁଁ ପରଖ୍‌ନଏ ତୋ ହାତର କଅଁଳ ଆଂଗୁଳ**...**

ତୋ କାଂଦୁର୍ ମୁହଁରେ ନୀରବତା**...**

ତୋ ପେଟ ପିଠି ଦୁଃଖ**..**



ରହ**...**

ବାଡି ନେଉଟିଆ କେରେ ଭ୍‌ଜିଦିଏ**..**

ଛେଚଦିଏ କଂଗ୍ରୁ ଆଂବ ସହ ବଡି ଟିକେ ରସୁଣ ଲୁଣରେ**...**

ବାଢିଦିଏ ପଖାଳ କଂସାଏ**....**

ତୁ ଖାଇବୁ

ଆକାଶ ଯାକ ତ ତୋର**..**

ଉଡିବାକୁ ମନା ନାହିଁ**...**

ତୁ ଉଡିବୁ**,**

ପବନରେ ଘୁରୁ ଘୁରି ଥକଗଲେ

ଫେରିବୁରେ ଧନ....

ଜହ୍ନମାମୁଁ ଦେଖେଇ ଦେଖେଇ

ମୁଁ ଗାଇବି ନାନାବାୟା ଗିତ...

ତୁ ଶୁଣିବୁ

କବିତା ଲେଖିବୁତ??

ଅଝଟ କାହିଁକ....

ଶୋଇପଡ ଟିକେ ମୋ କୋଳରେ

ମୁଁ କଥାଟିଏ କହୁଥିବି..

ତୁ ହୁଁ ମାରୁଥିବୁ...

ଶୁଣିଶୁଣି ଶୋଇଯିବୁନ ତ???

ମୋ ଗପର ଫୁଲ ଗଛ ମରିବା ବେଳକୁ.....

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

ବେଦାନ୍ତୀର ଆଗାମୀ ସଂଖ୍ୟା ଜୁଲାଇ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଜୁନ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# ଆମୁର ଫାଲକନର ବିଶ୍ୱ ରାଜଧାନୀ

**(ଷଷ୍ଠଭାଗ)**



ଅଶୋକ ବିଶ୍ୱାଳ

ସେହି ଯାଗା ଦେଖିବାକୁ ବହୁତ ମନ ଥିଲା । ଏତେ ବାଟ ତ ଆମୁର ଫାଲକନ ମାନଙ୍କ ବାସସ୍ଥାନ ଦେଖିବାକୁ ଆସିଛି ।ସେମାନେ ନଥାଇ ପାରନ୍ତି । ନଥାଆନ୍ତୁ, କିନ୍ତୁ କମ ସେ କମ ସେମାନଙ୍କ ଯାଗାରେ ପହଂଚତ ଯାଏ । ମୁଁ ଡୋଇଙ୍ଗ ନଦୀର ସେହି ଅଂଚଳକୁ ଯାଉଥିଲି ।

ଖୁବ ବଡ ଏକ ଡ୍ୟାମ ଡୋଇଙ୍ଗ ନଦୀର ଉପରେ ତିଆରି ହୋଇଛି । ବହୁତ ପାଣି ଜମି ଯାଇଛି । ସେହି ଡ୍ୟାମର ଏକ ଧାରରେ ପାଙ୍ଗତି ଗାଁ । ଆଉ ତଳେ, ନଦୀ ପାଣିର ଧାରରେ ଅଛି କିଛି ପୁରୁଣା ଚାଷ ଜମି । ଅନେକ ଜମି ପାଣିରେ ବୁଡି ଯାଇଛି । ପାଣି ଧାରରେ ଅନେକ ବଡ ଗଛ ଅଛି । ସେହି ଗଛମାନଙ୍କରେ ପକ୍ଷୀମାନେ ରାତିରେ ରୁହନ୍ତି । ମୁଖ୍ୟ ପିଚୁ ରାସ୍ତାରୁ ତଳକୁ ଏକ ପତଳା ଗାଡି ରାସ୍ତା ଲମ୍ବି ଯାଇଛି । ପାଙ୍ଗତି ଗାଁର ନିଜ ଜମି । ଏଠି ଅଧିକାଂଶ ଜମି ଲୋକଙ୍କ ମାଲିକାନାରେ ଅଛି । ପାଙ୍ଗତିର ଏହି ଜମି ସବୁ କିଛି ବ୍ୟକ୍ତିଙ୍କର ସତ୍ୱ ।

ତଳେ, ନଦୀ ପଠାରେ ପ୍ରାୟ ପଡିଆ ଜମି ଥିଲା । କିଛି ଅଂଚଳ ସଫା କରା ଯାଇଛି । ପାଖରେ ଏକ କାଠର ଓ୍ୟାଚ ଟାଓ୍ୟାର ବା ନିରୀକ୍ଷଣ ଟାଓ୍ୟାର ତିଆରି ହୋଇଛି । ଖୁବ ପତଳା ରାସ୍ତାର ଧାରରେ ବହୁତ ବଡ ବଡ ଘାସ ଗଛ ଥିଲା । ଏଗୁଡିକ ଏଲିଫ୍ୟାଂଟ ଘାସ। ମଣିଷ ଠାରୁ ହାତେ ଦୁଇ ହାତରୁ ଅଧିକ ବଡ । ହାତୀ ତା ଭିତରେ ଲୁଚି ଯିବ । ଘାସ ଫୁଲର ଚଅଁର ସବୁ ଅଳ୍ପ ପବନରେ ଦୋହଲୁ ଥିଲା ।

କାହାନ୍ତି ଆମୁର ଫାଲକନ**?** ପାଙ୍ଗତିର ଆମୁର ଫାଲକନ ଦେଖିବାକୁ ବହୁତ ମନ ଥିଲା । କଛି ଦେଖାଗଲେ ଭଲ ଲାଗନ୍ତା । ମୋ ଆସିବା ସମୟଟା ଉପଯୁକ୍ତ ନୁହେଁ । ସେମାନେ ଚାଲିଯାଇଛନ୍ତି । କଛି ହୁଏତ ଥାଇ ପାରନ୍ତି ।

ଆକାଶକୁ ଅନାଇଲି । ଖୁବ ଉଚ୍ଚରେ କଛି ପକ୍ଷୀ ଉଡୁଥିଲେ । ସେମାନେ ଘୁରୁଥିଲେ ।

ଏଇତ ଆମୁର ଫାଲକନ ।- ସେ କହି ଉଠିଲେ

ଆମୁର ଫାଲକନ **!**- ମୋର ବିସ୍ମୟ ଥିଲା । ତାହେଲେ କଛି ଆମୁର ଫାଲକନ ଏ ପର୍ଯ୍ୟନ୍ତ ରହି ଯାଇଛନ୍ତି । ମୁଁ ସେମାନଙ୍କୁ ଭଲ ଭାବେ ଅନାଇଲି । ସେ ମୋତେ ଫାଲକନ ଚହ୍ନାଇ ଦେଉଥିଲେ ।

ଫାଲକନ ସବୁ ପାଉଁଶିଆ ଛୋଟ ବିନ୍ଦୁ ଲାଗୁଥିଲେ । ନୀଳ ଆକଶରେ ସେହି ବିନ୍ଦୁ ସବୁ ବୃତ ବନାଇ ଚାଲିଥିଲେ । ପ୍ରାୟ ଚାଳିଶ ପଚାଶଟା ଫାଲକନ ହୋଇ ପାରନ୍ତି । ତାହେଲେ କଛି ଫାଲକନ ରହିଯାଇଛନ୍ତି ।

ମଝିରେ**,** ବୋଧହୁଏ ସେମାନଙ୍କ ଉଡିବାର କଛି ଉପରେ ଏକ ବିଶାଳ ଚଲ ଉଡୁଥିଲା । ତାର ଲମ୍ବା ଡେଣା ଲମ୍ବି ଯାଇଥିଲା । ସେ ଫାଲକନ ମାନଙ୍କ ଠାରୁ ଅନେକ ଅନେକ ବଡ ।

ମୁଁ ସେହି ପକ୍ଷୀମାନଙ୍କୁ ଅନେକ ସମୟ ଅନାଇ ରହିଲି । କେଉଁ ଦୂରରୁ ଆସୁଛନ୍ତି ଏହି ପକ୍ଷୀ ଏକ ପାହାଡି ଦେଶକୁ ଟିକଏ ବିଶ୍ରାମ ନେବା ପାଇଁ । ମୋର ଆଖି ସେମାନଙ୍କ ଉପରେ ଲାଗି ରହିଥିଲା ।

କେଉଁଠି ବସନ୍ତି**?**- ମୁଁ ପଚାରିଲି ।

ସେ ହାତ ବଢାଇଦେଲେ । ଲମ୍ବା ଘାସ ପଡିଆର ପରେ କେତୋଟି ଗଛ ଦେଖା ଯାଉଥିଲା। ଅଳ୍ପ କେତୋଟି ଲମ୍ବା ଗଛ ।ଓ୍ୟାଚ ଟାଓ୍ୱାର ଠାରୁ ଦେଢଶହ ମିଟର ଦୂରରୁ ଅଧିକ ହେବ ।

ଏତେ ଦୂରରୁ ଦେଖିଲେ ପକ୍ଷୀମାନେ ଡରକି ଯିବେ ନାହିଁ । ସେମାନେ ଶାନ୍ତିରେ ବିଶ୍ରାମ ନେବେ ।

ଏଇଠି ଲକ୍ଷାଧିକ ପକ୍ଷୀ କେମିତି ବସନ୍ତି ? – ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା ।

ଏହି ଗଛ ମାନଙ୍କରେ ସବୁଠୁ ବେଶୀ ପକ୍ଷୀ ବସନ୍ତି । ତାପରେ ଆଉ ଗଛ ଅଛି । ଏଠୁ ଦେଖାଯାଉ ନାହିଁ । – ସେ କହିଲେ ।

ସବୁ ଗଛରେ ପକ୍ଷୀମାନେ ଖୁନ୍ଦି ହୋଇ ଯାଆନ୍ତି ।- ଥୁଙ୍ଗବେମୋ କହୁଥିଲେ ।

ଏତେ ପକ୍ଷୀ ଯେ ଆପଣ ବିଶ୍ୱାସ କରି ପାରିବେ ନାହିଁ । ପ୍ରତି ଡାଳରେ ପକ୍ଷୀ । ଲାଗିବ ଯେମିତି ପ୍ରତି ଡାଳ, ପ୍ରତି ପତ୍ରରେ ପକ୍ଷୀ ଖୁନ୍ଦି ହୋଇ ଯାଇଛନ୍ତି ।ସେ ସମୟରେ ଗଛରେ ଲାଗିବ ସବୁଠି ଫୁଲ ଆଉ ଫଳ ନେସି ହୋଇ ଯାଇଛି ।- ସେ କହୁଥିଲେ । ତାଙ୍କର ଦୃଷ୍ଟି ସେହି ଗଛ ମାନଙ୍କ ପଛରେ ଥିବା ନୀଳ ଆକାଶ ଭିତରେ ଲୀନ ହୋଇ ଯାଇଥିଲା ପରି ଲାଗୁଥିଲା ।

ନୀଳ ଆକାଶ, ଲମ୍ବା ଘାସୁଆ ପଡିଆ, ଅସରନ୍ତି ପାଣି ମଣିଷକୁ କେମିତି ଭାବାନ୍ତର ଦେଉଥିଲା ।

ଏହି ଲୋକମାନେ ଦିନେ ପକ୍ଷୀ ଶିକାରୀ ଥିଲେ । କିନ୍ତୁ ଆଜି ମନରେ କେତେ ଭିନ୍ନ ଭାବନା ଆସିଯାଇଛି ।

ପ୍ରତିଟି ଡାଳରେ ପକ୍ଷୀ । ଛୋଟ ଶିକାରୀ ପକ୍ଷୀ । ତଳ ପେଟ ଆଡକୁ ଧଳା ପାଉଁଶିଆ । ବେକ ପାଖ ତଳ ଆଡକୁ ସାମନ୍ୟ ଧଳା । ହଜାର ହଜାର, ଲକ୍ଷ ସଂଖ୍ୟାରେ ପକ୍ଷୀ ପତଳା ଡାଳ ମାନଙ୍କରେ ବସିଛନ୍ତି । ସେମାନଙ୍କ ହଳଦିଆ ଗୋଡ ସବୁ ଫଂଝାରେ ଡାଳକୁ ଜାବୁଡି ଧରିଛନ୍ତି ।ଗୋଲ ଚେପଟା ମୁଣ୍ଡରେ କଳା କଳା ଆଖି ଦୂରକୁ ତନ୍ନ ତନ୍ନ କରି ଦେଖି ନେଇପାରେ । ଗାଢ ହଳଦିଆ ବଙ୍କା ଥଂଟ । ଫାଲକନମାନେ ସବୁବେଳେ ଏପଟ ସେପଟ

ହେଉଛନ୍ତି । ସେମାନେ ଜୋରରେ ପାଟି କରୁଛନ୍ତି । ଆକାଶ କମ୍ପିଯାଉଛି ସେମାନଙ୍କ ରାବରେ, କାକଳୀରେ ।

ଏକ ଗଛରେ ଡାଳ ଟିକଏ ଜୋରରେ ହଲିଗଲା । ପକ୍ଷୀମାନେ ଟିକଏ ଡରି ଯାଉଛନ୍ତି । ସେ ଗଛରୁ ଏକଦମ ହଜାରେ ପକ୍ଷୀ ଏକ ସାଥିରେ ଉଡି ଯାଉଛନ୍ତି । ତଳେ ଡୋଇଙ୍ଗ ନଦୀର ପାଣି ଗାଢ ସବୁଜ ଦେଖାଯାଉଛି । ସେପଟ ପାହାଡର ଛାଇ ନଦୀ ପାଣିକୁ ଅଧାରୁ ଅଧିକ ଘୋଡାଇ ଦେଇଛି । ସେ ଉପରେ ପକ୍ଷୀମାନେ ଉଡି ଯାଉଛନ୍ତି । ତାପରେ ପକ୍ଷୀମାନେ ପାଟିକରି ଏକା ସଙ୍ଗରେ ଆକାଶକୁ ଉଡି ଯାଉଛନ୍ତି । ଲକ୍ଷ ଲକ୍ଷ ସଂଖ୍ୟାରେ ପକ୍ଷୀ ଏକା ସାଙ୍ଗରେ ଉଡୁଛନ୍ତି । ସେମାନଙ୍କ ଡେଣା ପୁରା ଖୋଲିଯାଇଛି । ଶିକାରୀ ପକ୍ଷୀମାନେ ଏକାସାଙ୍ଗରେ ଦଳ ଦଳ ହୋଇ ଉଡୁଛନ୍ତି । ଆକାଶ ସାରା ପକ୍ଷୀରେ ଭରି ଯାଇଛି । ପଛରେ ଖୁବ ଉଚ୍ଚ ପାହାଡ ତାର ଆଗରେ ପକ୍ଷୀମାନେ ଡେଣା ଝାଡି ଉଡୁଛନ୍ତି ।

ସେ ଆତ୍ମ ବିସ୍ମୃତ ହୋଇଯାଉଥିଲେ । ନିଜକୁ ଯେମିତି ପକ୍ଷୀ ମାନଙ୍କ ଭିତରେ ହଜାଇ ଦେଲାଭଳି ଅନୁଭବ କରୁଥିଲେ । ତାଙ୍କର ଆଖି ବନ୍ଦ ହୋଇଯାଇଥିଲା ।

ଆକାଶରେ ସକାଳେ ଆଉ ସଂନ୍ଧ୍ୟାରେ ଫାଲକନ ଭରି ଯାଆନ୍ତି । ଆକାଶ ସାରା ପାଉଁଶିଆ କଳା ବିନ୍ଦୁମାନ ଭରି ଯାଇଥାଏ । ସେମାନେ ଏପଟ ସେପଟ ହୋଇ ଉଡୁଥାଆନ୍ତି । ଅସଂଖ୍ୟ ଅସଂଖ୍ୟ ଫାଲକନ ।

ଏଣେ ଜଙ୍ଗଲରେ ଉଇ ହୁଙ୍କାରୁ ଝଡିପୋକ ମାନେ ଉଡୁଥାଆନ୍ତି । ହୁଙ୍କାର ଗୋଜିଆ ମୁହଁରୁ ଝଡିପୋକ ସବୁ ଗୋଟାକ ପରେ ଗୋଟାଏ ହୋଇ ପାଣି ସୁଅର ଭଳି ବାହାରି ଆସନ୍ତି । ସେହି ପୋକମାନଙ୍କର ଲମ୍ବା ପାଉଁଶିଆ ଧଳା ଶରୀର ଆଉ ଦେହରେ ପତଳା ଡେଣା । ସେମାନେ ଡେଣା ଝାଡି ଆକାଶକୁ ଉଡି ଯାଆନ୍ତି । ପାଣି ଉପରେ ଆଉ ଘାସୁଆ ଜମି ଉପରେ ଅୟୁତ ଅୟୁତ ସଂଖ୍ୟାରେ ଝଡି ପୋକମାନେ ଉଡୁଥାନ୍ତି । ସବୁଆଡେ ପୋକ ଭରି ଯାଇ ଥାଆନ୍ତି ।

ଏଣେ ଆକାଶରେ ହଜାର ହଜାର ସଂଖ୍ୟାରେ ଫାଲକନମାନେ ଝଡି ପୋକମାନଙ୍କୁ ଖାଇବା ପାଇଁ ଚକ୍କର ମାରୁଥାନ୍ତି । ସେମାନେ ଛୋଟ ଛୋଟ ଝାମ୍ପ ଦେଇ ତଳକୁ ଓହ୍ଲାଇ ଆସି ଆକାଶରେ ପୋକ ମାନଙ୍କୁ ଧରି ଖାଇ ଜାଅନ୍ତି । ପୋକମାନେ ଏପଟ ସେପଟ ହୋଇ ରକ୍ଷା ପାଇବା ପାଇଁ ଚେଷ୍ଟା କରନ୍ତି । କିନ୍ତୁ ଶିକାରରେ ପାରଙ୍ଗମ ପକ୍ଷୀ ସହଜରେ ଦେହକୁ ଡେଣାକୁ ବଙ୍କେଇ ସେମାନଙ୍କୁ ଧରି ଜାଅନ୍ତି । ଏମିତି ଛକା ପଂଜା ଶିକାର ଲାଗି ରହିଥାଏ ।

ତାଙ୍କର କହିବା ଶୈଳୀ ଖୁବ ଆକର୍ଷଣୀୟ ଥିଲା । ସେ ଯେମିତି ଏହି ଦେଖୁଛନ୍ତି । ମୋତେ ଖୁବ ଭଲ ଲାଗୁଥିଲା । ପ୍ରକୃତିକୁ ବୁଝି ପାରିଲେ ନିରୀକ୍ଷଣ କରିବାକୁ ଖୁବ ଭଲ ଲାଗେ ।ବୁଝି ନପାରିଲେ ସବୁ ଗତାନୁଗତିକ ଅନାକର୍ଷଣୀୟ ଲାଗେ । ନିଜର ଇନ୍ଦ୍ରିୟ ସବୁକୁ ପୁନଃ ଜାଗ୍ରତ କରିବା ପାଇଁ ପ୍ରକୃତି କୋଳରେ ରହି ପ୍ରକୃତିରେ ଘଟି ଯାଉଥିବା ଘଟଣାବଳୀକୁ ଅନୁସନ୍ଧିତ୍ସୁର ନୟନରେ ଦେଖିବା ଅତି ଆବଶ୍ୟକ ।

କଣ ପାଇଁ ଏତେ ପକ୍ଷୀ ଆସନ୍ତି ।- ମୁଁ ପଚାରିଲି । ତାଙ୍କ ଭିତରର ଆତ୍ମବିସ୍ମୃତତା ମୋ ଭିରେ ଅନୁସନ୍ଧିତ୍ସାକୁ ଖୁବ ବଢାଇ ଦେଇଥିଲା ।

ଏ ପକ୍ଷୀମାନେ ଏଠି ଶରୀରର ଶକ୍ତି ବର୍ଦ୍ଧନ ପାଇଁ ଆସନ୍ତି ।- ସେ କହୁଥିଲେ ।

କଥାଟା କେମିତି ଅଲଗା ଥିଲା । ସୁଦୂର ଚାଇନା, ରୁଷିଆର ସୀମା ଅଂଚଳରୁ ପକ୍ଷୀମାନେ ଏଠିକି ଶକ୍ତି ବଢାଇବା ପାଇଁ ଆସନ୍ତି! କଥାଟା ଟିକିଏ ଅତିରଂଜିତ ହେଲାଭଳି ଲାଗୁଥିଲା । ମୋ ଆଖିର ସମାନ୍ୟ ଅବିଶ୍ୱାସ ସେ ଦେଖି ପାରୁଥିଲେ । ନାଗା ସମାଜରେ ଅବିଶ୍ୱାସ ନାହିଁ। ସାମାନ୍ୟ ଅବିଶ୍ୱାସ ମୃତ୍ୟୁ ଆଉ ବିନାଶ ଡାକି ଆଣେ । ଆଗରୁ ସେମାନେ ନିଜ ନିଜ ଭିତରେ ଅନ୍ୟମାନଙ୍କ ସହ ଏତେ ଯୁଦ୍ଧ କରୁଥିଲେ ତେଣୁ ସେମାନେ ନିଜ ଭିତରେ ଅବିଶ୍ୱାସ ରଖୁ ନଥିଲେ । ସାମାନ୍ୟ ବିଚାରରେ ଭିନ୍ନତା ସେମାନଙ୍କୁ ସହଜରେ ମୃତ୍ୟୁର ଗହ୍ୱରକୁ ଠେଲି ଦେଇପାରେ । ତେଣୁ ସେ କିଛି ଅବିଶ୍ୱାସର କଥା କହୁ ନଥିଲେ ।

ଆମର ଶିକାରୀମାନେ ଦେଖିଛନ୍ତି ।- ସେ କହିଲେ । ନଜର ଶିକାରୀମାନଙ୍କ ବୁଦ୍ଧିମତାକୁ ନିଜ ମନରେ ପ୍ରଶଂସା କରୁଥିଲେ । ନାଗା ଶିକାରୀମାନେ ଶିକାରର ବ୍ୟବାହାର ଆଉ ଶକ୍ତି ବା ଦୁର୍ବଳତାକୁ ଠିକ ଭାବେ ତଉଲାଇ ନଥନ୍ତି ।

ଆଗରୁ ତ ବହୁତ ଶିକାର ହେଉଥିଲା । ଯେତେବେଳେ ଫାଲକନ ମାନେ ପ୍ରଥମେ ପହଂଚନ୍ତି ସେମାନଙ୍କ ଓଜନ ପ୍ରାୟ ଦେଢଶହ ଗ୍ରାମ ପର୍ଯ୍ୟନ୍ତ ଥାଏ । କିନ୍ତୁ ଏକ ମାସ ପରେ ସେମାନଙ୍କ ଦେହରେ ଚର୍ବି ଜମିଯାଏ । ପ୍ରାୟ ଅଢାଇଶହ ଗ୍ରାମ ପଯ୍ୟନ୍ତ ହୋଇ ଯାଆନ୍ତି । – ସେ ନିଜ ହିସାବରେ ମୋତେ ବୁଝାଉ ଥିଲେ ।

ଏତେ ବୃଦ୍ଧି । କାରଣଟା କଣ ହୋଇପାରେ ? ଓଜନ ସେମାନଙ୍କୁ ଥକାଇ ଦେଇପାରେ । ଯେତେ ପତଳା ହେବେ ସେତେ ଭଲ । ବହୁତ କାମ ସହଜରେ କରିଯାଇ ପାରେ ।କିନ୍ତୁ ଦେହରେ ଚର୍ବି ମଣିଷକୁ ଧିମା କରିଦିଏ । ଏହାତ ମୋର ବିଶ୍ୱାସ ଥିଲା ।

ଓଜନ ସେମାନଙ୍କୁ ଲମ୍ବା ଯାତ୍ରା ପାଇଁ ଶକ୍ତି ଦିଏ । ସେମାନେ ଯେ ମହାଦେଶ ଯାତ୍ରୀ । ସେମାନଙ୍କ ଭଳି ଲମ୍ବା ଯାତ୍ରା ଆଉ କେଉଁ ଚଢେଇ କରି ପାରେନା । ତେଣୁ ସେମାନଙ୍କୁ ପ୍ରଚୁର ଶକ୍ତି ଆବଶ୍ୟକ ।- ସେ ମୋତେ କହିଲେ ।

ତାଙ୍କର ଆଖି ଉପରେ ଉଡୁଥିବା ଫାଲକନ ମାନଙ୍କ ଆଡକୁ ଗ୍ଲି ଯାଉଥିଲା ।

ସେମାନେ ଏଇଠୁ ବହୁତ ଦୂର ଉଡି ଯାଆନ୍ତି । ଡୋଇଙ୍ଗ ଜଳାଶ୍ରୟ ଉପର ଦେଇ ଉଡି ଯାଆନ୍ତି । ଭାରତ ପରେ ପାରସ୍ୟ ଉପସାଗର ଦେଇ ଦକ୍ଷିଣ ଆଫ୍ରିକା ଗ୍ଲି ଯାଆନ୍ତି ।- ତାଙ୍କ ଆଖି ଡୋଇଙ୍ଗର ପାଣି ଉପରେ ଲାଗିଥିଲା । ପାଖରେ ଏକ ବଡ ପାହାଡ । ଜଳ ରାଶି ଗଭୀର ଲାଗୁଥିଲା । ଦୁରରେ ଗୋଟିଏ ଦୁଇଟି ଦେଶୀ ଡଙ୍ଗା ଭାସୁଥିଲା ।

ଏ ଫାଲକନ ମାନଙ୍କ ଡେଣାରେ ଅମାପ ଶକ୍ତି । ଶକ୍ତି ଯେମିତି ସରିବ ନାହିଁ । କିଛି ବାଧା ସେମାନଙ୍କୁ ଅଟକାଇ ପାରିବ ନାହିଁ । କେଉଁ ପକ୍ଷୀ ଏତେ ଦୂର ଉଡି ପାରନ୍ତି ନାହିଁ । କିନ୍ତୁ ସେମାନେ ଉଡି ଯାଆନ୍ତି । – ସେ କହୁଥିଲେ । ତାଙ୍କର ଆଖି ସେଇ ପକ୍ଷୀ ମାନଙ୍କ

ଉପରେ ଲାଗି ରହିଥିଲା । ସେମାନେ ଏପର୍ଯ୍ୟନ୍ତ ଏକ ପାହାଡ ଉପରେ ଚକ୍କର କାଟି ଉଡୁଥିଲେ । କଣ ଖୋଜୁଥିଲେ କେଜାଣି? ଡୋଇଙ୍ଗର ପାଣି ଉପରେ ଉଡୁ ନାହାନ୍ତି । ବୋଧହୁଏ ଏମାନେ ଆଉ କଛିଦିନ ରହିବେ । ଦେହରେ ପୂର୍ଣ ଓଜନ ଆସିନ । ଆସିଲେ ସେମାନେ ଉଡିଯିବେ ।

ମୁଁ ସେହି ପକ୍ଷୀମାନଙ୍କୁ ଦେଖି  କେମିତି ନଜକୁ ଭୁଲିଯାଇଥିଲି । ନୀଳ ସମୁଦ୍ର ଲମ୍ବି ଯାଇଛି। କୂଳ କେଉଁଠି ରହିଗଲାଣି । ଆଗରେ କଛି ଆଉ ଭୂମି ଦେଖା ଯାଉନ । ଏହି ପକ୍ଷୀମାନେ ଉଡି ଯାଉଛନ୍ତି । କଛି ଦିଗ, କଛି କୂଳ ଦିଶୁନ । କେମିତି ଉଡୁଛନ୍ତି ସେମାନେ? ଟିକଏ ଦିଗ ଭୂଲ ହୋଇଗଲେ ସେମାନେ ଆଫ୍ରିକା ପହଂଚ ପାରିବେନ । ଦକ୍ଷିଣ ଆଫ୍ରିକା ଆଫ୍ରିକା ମହାଦେଶର ଶେଷ ସୀମାନ୍ତ । ଆଫ୍ରିକାର ତଳେ ଆରମ୍ଭ ହୋଇଯାଇଛି ପ୍ରଶାନ୍ତ ମହାସାଗର । ସେ ଜଳରାଶି ସରିବାର ନାହିଁ।ତାପରେ ହଜାର ହଜାର କଲୋମିଟର ଦୂରରେ ଆଂଟାର୍କଟିକା । ସେଠି ସେମାନେ ପହଁଚ ପାରିବେନ ପହଁଚଲେ ବି ବଂଚ ପାରିବେନ । ସାଇବେରିଆ ବା ଉତର ପୂର୍ବ ଏସିଆଠାରୁ ଅନେକ ଶୀତ । ଫାଲକନ ମାନେ ବଂଚ ପାରିବେନ । କେମିତି ନଜର ଦିଗ ଠଉରାନ୍ତି । ତଳେ କଛି ତ ନାହିଁ, ଅଛି ଅଥଳ ନୀଳ ଜଳରାଶି । କେଉଁଠି ଲହଡି ଭାଙ୍ଗୁନ । କେଉଁଠି ଉଦ୍ବେଳନ ନାହିଁ । ତାହେଲେ ସେମାନେ ଦିଗ କେମିତି ଜାଣି ପାରୁଛନ୍ତି?

ଦେହରେ ଏଇ ଶହେ ଦୁଇଶହ ଗ୍ରାମ ଓଜନ କଣ ଏତେ ଶକ୍ତି ଦେଉଛି? ସେମାନେ ଏତିକ ଅଧିକ ଚର୍ବି ରୂପକ ଇଂଧନ ନେଇ କେମିତି ହଜାର ହଜାର କଲୋମିଟର ଯାତ୍ରା କରୁଛନ୍ତି? ତଳକୁ ଓହ୍ଲାଉ ନାହାନ୍ତି । ଗ୍ଲହିଁଲେ ମଧ୍ୟ ଆରବ ସାଗରରେ ଦ୍ଵୀପ କାହିଁ ସେମାନଙ୍କ ରାସ୍ତାରେ?

ମୁଁ ସେହି କେତୋଟି ଫାଲକନଙ୍କୁ ଅନାଇ ରହିଲି । ସେମାନେ ଅନେକ ଦୂର ଗ୍ଲଲିଗଲେଣି । ଆକାଶରେ ପ୍ରାୟ ବିନ୍ଦୁ ଭଳ ଲାଗୁଛନ୍ତି । ବଡ ଚଲଟି ମଧ୍ୟ ସେମିତି ସେମାନଙ୍କ ଉପରେ ଉଡି ବୁଲୁଛି । ତାର ଆଉ ଫାଲକନ ମାନଙ୍କ ଭିତରେ ଦୂରତା ଅନେକ ବଢିଗଲାଣି । ଆକାଶ ଖୁବ ନୀଳ ହୋଇ ଗଲାଣି ।

ତଳେ କଛି ପକ୍ଷୀ ନଥିଲେ । ସବୁ ଫାଲକନ ବହୁତ ଦୂରରେ ଉପରେ ଥିଲେ । ଏକ ମୋଟା ଫଟବାଲ୍ ଗାଢ ନୀଳ ରଙ୍ଗର ମାଛରଙ୍କା ପକ୍ଷୀ ଡେଣା ବାଡେଇ ଉଡିଯାଉଥିଲା । ପାଣିଆଡୁ ପକ୍ଷୀଟି ନିଜ ବସା ଆଡକୁ ଯାଉଥିଲା । ପେଟ ଭରିଯାଇଛି । ନିଜର ଶାବକଙ୍କୁ ଗ୍ରାସ୍ ଦେବାପାଇଁ ଉଡି ଯାଉଛି । ସେପଟେ ଦୂର ପାହାଡ ଉପରେ ଫାଲକନ ମାନେ ସେମିତି ଚକ୍କର କାଟୁଥିଲେ ।

ସେ ଟିକେ ହସିଲେ । ଦୂରରେ ଏକ କାଉ କା କା କରୁଥିଲା ।

କାଉ ମାନେ ଖୁବ କଳିଆ ।- ସେ ଖୁବ ହସିଲେ ।

ସେମାନେ ଆମ ମନ କଥା ତଥାପି ବି ବୁଝି ପାରିଲେ ନାହିଁ । ଫାଲକନ ମାନଙ୍କ ପାଇଁ ପାଙ୍ଗତି ଗାଁ ପ୍ରସିଦ୍ଧ ହୋଇଯାଇଛି ବୋଲି ବୁଝି ପାରିଲେ ନାହିଁ । – ଏତିକ କହି ପୁଣି ହସିଲେ । ମୁଁ କଥା କଛି ବୁଝି ପାରୁ ନଥିଲି ।

ଅନ୍ୟ ପକ୍ଷୀମାନେ କଛି କୁହନ୍ତିନ । କନ୍ତୁ ଏଇ କାଉମାନେ ଫାଲକନ ମାନଙ୍କ ସହ ଲଢାଇ କରନ୍ତି । ଦୁଇଜଣଙ୍କର ଆକାର ପ୍ରାୟ ସମାନ ।କାଉ ମୋଟେ ଫାଲକନକୁ ସହି ପାରେ ନାହିଁ । ସବୁବେଳେ କା କା କରି ଫାଲକନ ମାନଙ୍କୁ ତଡୁଥାଏ ।- ସେ କହୁଥିଲେ ।

କାଉ ମାନଙ୍କ ଏହା ପ୍ରବୃତି । ସେମାନେ ବାହାରର ପକ୍ଷୀକୁ ନିଜ ପାଖରେ ଦେଖିବାକୁ ଚ୍ହାନ୍ତି ନାହିଁ ।

ଅନେକ ପ୍ରଜାପତି ତଳେ ଉଡୁଥିଲେ । ଅନେକ ଅନେକ ପ୍ରଜାପତି । ବାଲିଆ ମାଟିରେ ଘାସ ଆଉ ଏଲିଫ୍ୟାଂଟ ଘାସ ଭରିଯାଇଛି ।

ସେପଟେ ତଳେ ଡ୍ୟାମର ପାଣି ଦେଖାଯାଉଥିଲା । ଅନେକ ମାଛୁଆ ମାଛ ଧରୁଛନ୍ତି । ଛୋଟ ଛୋଟ ସରୁଆ ଦେଶୀ ଡଙ୍ଗା । ହାଲକା ସବୁଜ ନିର୍ମଳ ପାଣିରେ ଆହୁଲା ମାରି ସେମାନେ ଆଗେଇ ଯାଉଥିଲେ । ନଦୀଧାରରେ କଛି ଘାସ ମାଡି ଆସିଥିଲା ।

ଅନେକ ସାଇଂଟିଷ୍ଟ ଆସିଥିଲେ । ସେମାନେ ଫାଲକନ ଉପରେ ଅନୁସଂନ୍ଧାନ କରୁଥିଲେ।- ସେ କହିଲେ ।

ଏକ ଆମୁର ଫାଲକନ ନାଁ ଆମେ ନାଗା ଦେଇଛୁ ।- ସେକହିଲେ ।ନିଜ ଜାତିର ନାଁ କୁ ସେମାନେ ଏକ ସାହାସୀ ପକ୍ଷୀକୁ ଦେଇଛନ୍ତି । ତାଙ୍କୁ ଖୁବ ଖୁସି ଲାଗୁଥିଲା । ଘାସୁଆ ଜମିରେ ଧିରେ ଥଣ୍ଡା ପବନ ବୋହୁଥିଲା । ମୁଁ ତାଙ୍କର ଆମ୍ବ ବିସ୍ମୃତି ଆଉ ଉତ୍ସାହ ଦେଖୁଥିଲି ।

ଖାଲି ନାଗା ନୁହେଁ । ଆଉ ଦୁଇଟି ଫାଲକନର ନାମ କରଣ ହୋଇଛି । ଗୋଟାକର ନାଁ ଓ୍ୱାକା ଆଉ ଗୋଟାକର ନାମ ପାଙ୍ଗତି । ଆମ ଜିଲ୍ଲାର ନାମ । ଆମ ଗାଁର ନାମ । ସମସ୍ତେ ଏହି ନାମ ତିନୋଟିକୁ ମନେ ରଖିବେ । – ତାଙ୍କୁ ଖୁବ ଖୁସି ଲାଗୁଥିଲା ।

ସେ ଏକ ଖୁବ ଲମ୍ବା ନିଃଶ୍ୱାସ ନେଲେ । ପବନ ତ ତାଜା ଥିଲା କିନ୍ତୁ ଡୋଇଙ୍ଗ ନଦୀ ଉପରେ ଭାସି ଆସୁଥିବା ପବନରେ ଯେମିତି ଫାଲକନର ଶକ୍ତି ଥିଲା, ଭାଷା ଥିଲା । ତାଙ୍କ ମନରେ ନିଶ୍ଚିତ ଭାବେ କିଛି ସଙ୍ଗୀତ ତିଆରି କରିଥିବ ।

ଆଉ ପାଙ୍ଗତିକୁ ସମସ୍ତେ ବିଶ୍ୱର ଆମୁର ଫାଲକନର ରାଜଧାନୀ କହିବାକୁ ଲାଗିଲେ ।ଦୁନିଆରେ ଆଉ କେଉଁଠି ଏକା ସମୟରେ ଏତେ ଆମୁର ଫାଲକନ ଦେଖା ଯାଆନ୍ତି ନାହିଁ। ସେମାନଙ୍କ ଗ୍ରୀଷ୍ମ ଭ୍ରମଣ ଭୂମି କିମ୍ବା ଦକ୍ଷିଣ ଆଫ୍ରିକାର ଭ୍ରମଣ ଭୂମି କେଉଁଠି ବି ଏତେ ସଂଖ୍ୟାରେ ଏକତ୍ରିତ ହୁଅନ୍ତି ନାହିଁ । ହଙ୍ଗେରୀରୁ ଆଉ ଅନ୍ୟ ଯାଗାରୁ ବୈଜ୍ଞାନିକ ମାନେ ଆସିଥିଲେ । ଦୁନିଆର କେଉଁ କୋଣରେ ଏତେ ସଂଖ୍ୟାରେ ଆମୁର ଫାଲକନ ଏକା ଯାଗାରେ ନାହାନ୍ତି ।- ଆତ୍ମ ଗର୍ବରେ ସେ ଯେମିତି ଫାଟି ପଡୁଥିଲେ ।

ନାଗା ଆଉ ପାଙ୍ଗତି ନାମକ ଦୁଇ ଫାଲକନ ବାଙ୍ଗଲାଦେଶ, ଆନ୍ଧ୍ର ପ୍ରଦେଶ, କର୍ଣାଟକା ଆଉ ମହାରାଷ୍ଟ୍ର ଉପର ଦେଇ ପାରସ୍ୟ ମହାଦେଶ ଉପରେ ଆଫ୍ରିକାକୁ ଉଡି ଯାଇଥିଲେ । ତୃତୀୟ ଫାଲକନ ଓ୍ୱାକା ବଙ୍ଗୋପସାଗର ଉପର ଦେଇ ଆଗକୁ ଉଡି ଯାଇଥିଲା ।ଏସବୁ

ଓଡିବା ସାଟେଲାଇଟ ଟ୍ରାନସମିଟର ଜରିଆରେ ହଙ୍ଗେରୀର ବୈଜ୍ଞାନିକମାନେ ଅନୁଧ୍ୟାନ କରୁଥିଲେ ।

ଆଉ ଆପଣ ଜାଣନ୍ତି ସେମାନଙ୍କ ମଧ୍ୟରୁ ନାଗା ଆଉ ପାଙ୍ଗତି ପରବର୍ଷ ଡୋଇଙ୍ଗ ଅଂଚଳକୁ ଫେରି ଆସିଥିଲେ । – ସେ ଖୁବ ଉତ୍ସାହର ସହ କହୁଥିଲେ ।

ତାଙ୍କ ଖୁସି ଦେଖି ଲାଗୁଥିଲା ଯେମିତି ଅନେକ ଦିନ ପରେ ତାଙ୍କର ନିଜ ସନ୍ତାନ ଘରକୁ ଫେରିଛି । ଏ ଭିତରେ ସେ ଏହି ପକ୍ଷୀମାନଙ୍କ ପ୍ରତି ଖୁବ ସ୍ନେହ ଭାବ ଜାଗ୍ରତ କରିଛନ୍ତି ।

ଆମେ ସମସ୍ତେ ଖୁବ ଖୁସି ହୋଇ ଯାଇଥିଲୁ । ସବୁ ମାଛୁଆ ମାନେ ଏକାଠି ହୋଇ ଯାଇଥିଲେ । ଆମର ଘରକୁ ଆଉଥରେ ଆମର ସନ୍ତାନ ବାହୁଡି ଆସିଛି ।- ସେ ଖୁବ ଖୁସି ହୋଇ ଯାଇଥିଲେ ।

କଥାଟା ନିଶ୍ଚିତ ଭାବରେ ବଡ ହୋଇଥିବା । ବୈଜ୍ଞାନିକମାନେ ଅନେକ ତଥ୍ୟ ଖୋଜି ନେଇଥିବେ । ବାର୍ଡ ମାଇଗ୍ରେସନ ଉପରେ ସଂପୂର୍ଣ ତଥ୍ୟ ଜଣା ପଡିନ । ବାର୍ଡ ନାଭିଗେସନ ଏପର୍ଯ୍ୟନ୍ତ କେହି ଭଲ ଭାବେ ବୁଝି ପାରି ନାହାନ୍ତି । ହୁଏତ ଧିରେ ଧିରେ ସେହି ତଥ୍ୟ ଉନ୍ମୋଚତ ହେବ ଆଉ ପାଙ୍ଗତିର ଏହି ଶିକାରୀମାନଙ୍କ ପରିବର୍ତନ ସ୍ୱାର୍ଣକ୍ଷରରେ ଇତିହାସ ପର ପୃଷ୍ଠାରେ ଲିପିବଦ୍ଧ ହୋଇଯିବ । ଆଜି ଆମେ କଲମ୍ବସ, ମ୍ୟାଗଲେନ ବା ଅନ୍ୟ ଆବିଷ୍କାରକଙ୍କ କଥା ପଢି ଆସିଛେ । ଏହି ପକ୍ଷୀମାନଙ୍କ ଦିଗ ନିର୍ଣୟ ହୁଏତ ସେମାନଙ୍କ ଠାରୁ ଅନେକ ଶ୍ରେଷ୍ଠ ହୋଇପାରେ ।

ସଂନ୍ଧ୍ୟା ହୋଇ ଆସୁଥିଲା । ଦିନ ଏତେ ଜଲଦି ଗଡିବା କଥା ନୁହେଁ । କିନ୍ତୁ ପାହାଡରେ ଦିନ ଜଲଦି ସରିଯାଏ । ଛାଇ ବହୁତ ଜଲଦି ହଜିଯାଏ । ରାସ୍ତାର ଧାରରେ ଏଲିଫ୍ୟାଂଟ ଘାସର ବଡ ବଡ ବୁଦା ଥିଲା । ସେଥିରୁ ଝାଡୁ ଘାସର ଚଅଁର ଭଳି ଚଅଁର ସବୁ ବାହାରି ଥିଲା । ଆକଶରେ ସାମାନ୍ୟ ଟିକଏ ବାଦଲ ନଥିଲା । ଜହ୍ନ ଖୁବ ସଫା ଦେଖାଯାଉଥିଲା ।

ସେ ଚଅଁର ଭିତରେ ଜହ୍ନ ଦୋଳ ଖେଳୁଥିଲା । ଆକାଶରେ ଉଡୁଥିବା ପକ୍ଷୀମାନେ କୁଆଡେ ତଳକୁ ଓହ୍ଲାଇ ଯାଇଥିଲେ ।

ଆମୁର ଫାଲକନ ହେଉଛି ଏକ ଗ୍ରପଟର ପକ୍ଷୀ । ଏମାନେ ଶିକାରୀ ପକ୍ଷୀ । ଶିକାର ପାଇଁ ନିଜର ଛଂଚୁ ବା ଫଂଝାକୁ ଉପଯୋଗ କରନ୍ତି ।


ଆମୁର ଫାଲକନ ଦକ୍ଷିଣ ପୂର୍ବ ରୁଷିଆ, ଉତର ଚୀନ, ଉତର ମଙ୍ଗୋଲିଆ ଆଉ ଉତର କୋରିଆ ଅଂଚଳରେ ପ୍ରଜନନ କରନ୍ତି । ସେମାନଙ୍କ ସଂଖ୍ୟା ୧୦ ଲକ୍ଷରୁ ଅଧିକ ହୋଇପାରେ । ପ୍ରତି ବର୍ଷ ଏମାନେ ଭାରତର ଉତର ପୂର୍ବ ଅଂଚଳ, ଶ୍ରୀଲଙ୍କା ଉପରଦେଇ ପାରସ୍ୟ ଉପସାଗର ଉପରେ ଦକ୍ଷିଣ ଆଫ୍ରିକାକୁ ଉଡି ଯାଆନ୍ତି । ସେମାନଙ୍କ ଯାତ୍ରା ସମୟରେ ଭାରତ ଉପରଦେଇ ପ୍ରାୟ ଦଶ ହଜାର ଫୁଟ ଉପରେ ପଶ୍ଚିମ ଦିଗକୁ ପବନ ଜୋରରେ ବୋହି ଯାଉଥାଏ । ଏହି ପବନ ସେମାନଙ୍କୁ ଉଡିବାରେ ସାହାଯ୍ୟ କରେ । ଏମାନେ ପ୍ରାୟ ୩୦୦୦ ଫୁଟରୁ ଅଧିକ ଉଚ୍ଚରେ ମାଇଗ୍ରେସନ ସମୟରେ ଉଡନ୍ତି । ଏମାନେ ନିଜର ମାଇଗ୍ରେସନରେ ପ୍ରାୟ ୨୨ ହଜାର କିଲୋମିଟର ଅତିକ୍ରମ କରନ୍ତି । ସେମାନଙ୍କ ଫେରିବା ରାସ୍ତା ବିଷୟରେ ବହୁତ କିଛି ଜଣା ଯାଇ ନାହିଁ । ହିମାଳୟର ପଶ୍ଚିମ ହୋଇ ସେମାନେ ନିଜର ପ୍ରଜନନ ଭୂମିକୁ ଶୀତ ପରେ ଫେରି ଯାଇ ଥାନ୍ତି ।

ମୁହଁ ସଂଜ ହୋଇ ଆସୁଥିଲା । ରାସ୍ତାରେ କିଛି ଗାଡି ନଥିଲା । ଲୋକ ଯିବା ଆସିବା ବହୁତ କମ । କେଉଁ ଜୀବ ଜନ୍ତୁର ଆବାଜ ଶୁଣା ଯାଉ ନଥିଲା । ମାଟି ରାସ୍ତାର ଧାରରେ ତିନଜଣ ଲୋକ ଅଳ୍ପ ନିଆଁ ଜଳାଇ ବସିଥିଲେ । ବୋଧହୁଏ ମାଛୁଆ । ମାଛ ଧରି ଘରକୁ ଫେରିବେ ॥ ପାଖରେ କିଛି ଜାଲ ନଥିଲା । ସେମାନେ ପକ୍ଷୀ ରହୁଥିବା ସ୍ଥାନରୁ ବହୁତ ଦୂରରେ ଥିଲେ । ଆଉ ଫାଲକନ ପକ୍ଷୀ ଶିକାର କରୁ ନାହାନ୍ତି । ଫାଲକନ ସେମାନଙ୍କୁ ଦେଶ ବିଦେଶରେ ପରିଚିତ କରିଛି । ସେମାନେ ଅନେକ ସମ୍ମାନ ପାଇଛନ୍ତି । ସେମାନଙ୍କ ମୁହଁରେ ହସ ଥିଲା, ରାଗ ଟିକିଏ ନଥିଲା ।

ପରଦିନ ସକାଳେ ମୁଁ ଖୁବ ଜଲଦି ବାହାରିଗଲି । ସକାଳ ପାଂଚଟା ସମୟ । ଲୋକମାନେ ତଥାପି ଶୋଇ ରହିଥିଲେ । ବାହାରେ ଖୁବ ଥଣ୍ଡା ପଡୁଥିଲା । କିଛି ସମୟ ପରେ ଧିରେ ଧିରେ ସୂର୍ଯ୍ୟ ଉଇଁ ଆସୁଥିଲା । ପୂର୍ବର ପାହାଡ ପଛପଟ କମଳା କଳା ଥିଲା । ଦିଗବଳୟରେ ଲମ୍ବା ପାହାଡର ଧାଡି ଥିଲା । ମୋ ଯିବା ରାସ୍ତା ଭିତରେ ଅନେକ ଛୋଟ ଛୋଟ ପାହାଡ ଥିଲା । ବଉଦ ସବୁ ପାହାଡ କୋଳରେ ଶୋଇ ଯାଇଥିଲେ । ମଝିରେ ମଝିରେ ଗୋଟିଏ ଦୁଇଟି ପାହାଡ ମୁଣ୍ଡ ଟେକିଥିଲେ । ନାଗା ଗାଁ ସବୁ ନିଦରେ ଶୋଇ ରହିଥିଲା । ଫାଲକନ ପକ୍ଷୀମାନେ ସେ ଭିତରେ କେଉଁଠି ଶୋଇ ରହିଥିବେ । ଧିରେ ଧିରେ ସୂର୍ଯ୍ୟ ଏକ ଉଚ୍ଚା ପାହାଡ ଧାରରେ ଉଇଁ ଆସିଲା । ନରମ ଲାଲ କିରଣ ଧଳା ବଉଦକୁ ଛୁଇଁ ଯାଉଥିଲା । ପକ୍ଷୀମାନଙ୍କର ଉଡି ଯିବାର ସମୟ ହୋଇଯାଇଥିଲା । ସେମାନେ ନିଡରରେ ନାଗାଲାଣ୍ଡର ଆକାଶରେ ଉଡି ବୁଲିବେ । ସେମାନେ ନାଗାଲାଣ୍ଡର ଗର୍ବ ବଢାଇଛନ୍ତି । ଏକ ସାହାସୀ ନାଗା ଏକ ଦୁଃସାହାସୀ ଯାତ୍ରୀକୁ ସମ୍ମାନ ଦେବ । ଫାଲକନ ମାନେ ନିରନ୍ତର ଯାତ୍ରା କରି ଚାଲିଛନ୍ତି । ଏ ମାହାଦେଶରୁ ସେ ମହାଦେଶ । ସେମାନଙ୍କର ଯାତ୍ରା ଏମିତି ଚାଲୁଥିବ ।

-ସମାପ୍ତ-

ସେକ୍ଟର-୩, ସଲ୍ଟଲେକ, କଲିକତା



# ମୋ ମା



ମୃତ୍ୟୁଞ୍ଜୟ ହୋତା(ଆଲୋକ)

ସୃଷ୍ଟିର କ ଦିବ୍ୟ ଛନ୍ଦନା ଗୋଟିଏ ଶବ୍ଦର ନାଁ
ତୋହରି ସ୍ଥିତି ମୁଁ ନର୍ବୋଧ କପରି ପରଖିବି
ଈଶ୍ୱରଙ୍କୁ ଦିଅଇ ଧନ୍ୟବାଦ କେବଳ
ଚଳନ୍ତି ଠାକୁର ମମତା ମୂରତି ଓ ପାଇଁ ମୋ ମା ॥

ପ୍ରଥମ ସ୍ପର୍ଶ ପ୍ରଥମ ଡାକ ଛାତିରେ ଭିଡି ଆଲୋ ମୋ ଧନ ଆ
ବ୍ୟାକୁଳ ହୁଏ ମନ ପାଟିରୁ ପେଟ ଖେଳଯାଏ ପରିପୂର୍ଣ୍ଣତା
ତୋହରି ସୃଷ୍ଟି ତୋହରି ରକ୍ତ ଅନୁରୂପେ ଏକ ଛାଇ
ସେଥିପାଇଁ ବୋଧେ ଶିଶୁ ଉଚ୍ଚାରିତ ପ୍ରଥମ ଶବ୍ଦ ଯେ ମା ॥

ନର୍‌ପଦ ମଣେ ଶିଶୁଟି ନଜକୁ କୋଳ ଯେ ମାତ୍ର ଠିକଣା
ପଣତ କାନରେ ମୁହଁ ପୋଛିଦେଇ ଭୁଲିଯାଏ ଦୁଃଖ କଷ୍ଟ
ସ୍ୱାର୍ଥପର ଏ ଦୁନଆ ହାଟରେ ସବୁ ମିଳଯାଏ ମିଳେନା କନ୍ତୁ ମା
ତୋ ସ୍ନେହ ମମତା ଅତୁଲ୍ୟ ଅଟଇ ନାହିଁ ଯେ ତା ତୁଳନା ॥

କୋଟିରୁ ପର୍‌ର୍ଦ୍ଧ ଶବ୍ଦ ମଧ୍ୟେ ଲ୍‌ଗଇ ସହଜ ତୋ ନାଁ
ଆକାଶ ସମ ହୃଦୟ ଯାହାର ପୃଥିବୀ ସମ ସହନଶୀଳା

ମୋ ଆଖି ଲୁହରେ ହୃଦୟ ତୋ ଫାଟେ ହସରେ ତରଳେ ପରାଣ
ମୋ ଓଠରେ କନ୍ତୁ ହସ ମାତ୍ର ପାଇଁ କରୁ କେତେ କଷ୍ଟ ମୋ ମା ॥

ବିନା ସ୍ୱାର୍ଥରେ ଅଳ ଅର୍ଦ୍ଦଳ ମୋ ସହୁ ସ୍ନେହରେ ନ କରୁ ଊଣା
ବାପାଙ୍କ ରାଗରୁ ତୁ ହିଁ ବଞ୍ଚାଉ ସନ୍ତାନ ତୋ ସବୁକଛି
ବିନା କାରଣରେ ଅଝଟ କରେ କରେ ଯେ କେତେ ବାହାନା
କେତେବେଳେ ଆସି କୋଳେଇ ନେବୁ ଅପେକ୍ଷା କରିଥାଏ ମୁଁ ମା ॥

ତୋହରି ଶିକ୍ଷା ମୋହରି ଭିତରେ ଶାନ୍ତି ମୈତ୍ରୀ ଓ ଦୟା
ଭରି ଦେଇଛୁ ଶତ ସିଂହର ସାହାସ ଶିଖାଇଛୁ ପରୋପକାର
ଶିଖାଇଛୁ ପୁଣି ଭକ୍ତି କରିବା କହିବାକୁ ସତକଥା
ମଣିଷ ଅରଣ୍ୟେ ତୋ ସ୍ନେହ ଆଶୀର୍ବାଦ ସଞ୍ଜିବନୀ ସମ ମୋ ମା ॥

ଈଶ୍ୱରଙ୍କ ପାଖରେ ପୂଜାର୍ଚ୍ଚନା କରୁ କରୁ କେତେ ମାନସିକ
ନ ମାଗୁ କଛି ନଜ ପାଇଁ ମାଗୁ ମୋ ପାଇଁ କେବଳ
ପ୍ରାଣୀ ଜଗତେ ସର୍ବେ ହୁଅନ୍ତି ତୃପ୍ତ ଧରି ତୋହରି ନାଁ
ବଞ୍ଚିବା ପାଇଁ ମାତ୍ର ସାହାରା ତୁ ନାହିଁ ତୋ କଛି ବିକଳ୍ପ ॥

ଦେବୀ ରୂପେ ପୂଜା ପାଉ ଭିନ୍ନ ଅବତାରେ ଭିନ୍ନ ଭିନ୍ନ ତୋ ନାଁ
ସରସ୍ୱତୀ ହୋଇ ଜ୍ଞାନ ବାଣ୍ଟି ଦେଉ ଲକ୍ଷ୍ମୀରୂପେ ଧନ ଯଶ
ବଢ଼ିଲେ ଦୁଷ୍କାମି ସଂହାର କରୁ ହୋଇ ତୁ ଦୁର୍ଗା କାଳୀ
ଆଦ୍ୟାଶକ୍ତି ଅଟୁ ପାର୍ବତୀ ରୂପେ ସର୍ବାଗ୍ରେ ବନ୍ଦିତା ମୋ ମା ॥

ଗୁରୁଣ୍ଡି ଗୁରୁଣ୍ଡି ପଡି ଉଠି ଆଜି ହେଲି ମୁଁ ବଡ ମୋ ମା
ତୋ ଆଶିଷ ପାଇ ପଥ କୁସୁମିତ ବାଧା ବିଘ୍ନ ହେଲା ଦୂର
ଭୁଲି ନ ପାରିବି ସମୟ ସେ କେବେ ତୋ କୋଳେ ମୋ ପିଲାଦିନ
ଯେଉଁଠି ଥିଲେ ବି ତୋହରି ଶିଶୁ ଯେପରି ତୁ ମୋ ମା ॥

କହନ୍ତି ସମସ୍ତେ ମା ଋଣ କାଳେ କେବେ ତ ସୁଝି ହୁଏନା
ମୁଁ ବି ଚାହେଁ ବଞ୍ଚିବାକୁ କେବଳ ହୋଇଯେ ତୋହରି ଋଣୀ
ସମସ୍ତ ମା'ଙ୍କୁ ପ୍ରଣାମ ଜଣାଇ ସମର୍ପଣ କଲି କବିତା ମୋହରି
ଶବ୍ଦ ନ ପାଏ ଲେଖିବାକୁ ଆଉ ଅବର୍ଣ୍ଣନୀୟା ତୁ ମୋ ମା ॥

ସୋନପୁର, ଓଡିଶା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି, ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା: vedantimagazine@gmail.com & editor.vedantimagazine@gmail.com.

Whatsapp & Mobile: 9594993733

# ସପନ ର ପଛେ ପଛେ



ସିପ୍ରା ନାମତା (ନମ୍ରତା)

ନିଜ ଅସ୍ତିତ୍ୱ କୁ କୁରେଦୁ ଥିଲା ସ୍ମିତା ପୋଡା ପାଉଁଶ ତଳର ଝୁଲ ରୁ । କାଠ ଗୁଡିକ ପୋଡିଯାଇ ଅଙ୍ଗାର ଓ ପାଉଁଶ ରେ ପରିଣତ ହୋଇ ସାରିଛନ୍ତି । ଅଙ୍ଗାର ଗୁଡିକୁ ଜାଳଚଟୁ ରେ କାଢି ଆଣି ଲିଭେଇ ଦେଇଥିଲା ପାଣି ସିଞ୍ଚି | ଚୁଲ୍ଲୀ ଭିତରେ ସେମିତି ପାଉଁଶ ସବୁ ରହିଛି । ସତେ କଣ ଆଉ ନିଆଁ ଅଛି ତା ଭିତରେ ....? ଦିନ ୧୨ ଟା ପାଖ ରୁ ଖେଞ୍ଚେଇ ସରି ଦିନ ଦ୍ୱି ପ୍ରହର ହେବାକୁ ଧାଇଁଲାଣି । ପଡିଶା ଘର ମାଉସୀ ତାଟିଆଏ ଚୁନା ମାଛ ଓ ବିଡେ ପତର ଦେଇ ପଠେଇଛନ୍ତି ପତୁଆ କରିବା ପାଇଁ । ଭାବୁ ଥାଏ ସେ, ଆଜିକାଲି ତ ଆଉ କାଠ ଚୁଲ୍ଲୀ ରହୁନାହିଁ, ପତୁଆ କ ପୋଡ଼ ପିଠା ଟିଏ କରିବା ପାଇଁ କ ସେ ଶାଳ ପତର ବି ମିଳୁନାହିଁ। ଚୁଲ୍ଲୀ ଭିତରେ ଲିଭିଲା ନିଆଁ ରେ ମାଛ ପତୁଆଟେ, କଞ୍ଚା ବିଲାତି ରେ ସୋରିଷ ବାଟଣ ଦେଇ ତ କେତେବେଳେ ଆଳୁ ରେ ପୋସ୍ତ, ଗୋଟା ରସୁଣ ଦି' ଫଡା, ପିଆଜ ଟିକଏ ଆଉ କଞ୍ଚା ଲଙ୍କା ର ମିଶ୍ରିତ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ରେ ଭାତ, ପଖାଳ, ମୁଢି ସବୁ ଉଠିଯାଏ ଜଣାପଡେନି । ସେଇଥିପାଇଁ ସ୍ମିତା ଗୋଟେ କାଠ ଚୁଲ୍ଲୀ ରଖିଛି ଅବେଳ,ସବେଳ ରେ କାମ ରେ ଲାଗିବା ପାଇଁ । ଘର ଦକ୍ଷିଣ କୁ ଠିଆ ହୋଇଛି ବଡ ବଡ ଶଗୁଆନ ଗଛ କେତୋଟି । ସିଧା ରଖିବା ପାଇଁ ଗଛ ଡାଳ କେତୋଟି କୁ କାଟିଦେଇଛନ୍ତି ଶ୍ୱଶୁର । ଆହୁରି ମଧ୍ୟ ଘର ର କବାଟ ଝରକା କାମ ତିଆରି ହୋଇଥିଲା ବେଳେ ବହୁତ ବଳକା ଅଂଶ ଜାଳେଣୀ ରୂପେ ସାଇତି ରଖା ହୋଇଛି ଘାଡିରେ ଘାଡିଏ ଖଣ୍ଡେ, ଅଦିନଆ ଗ୍ୟାସ ସରିଗଲେ ସେଗୁଡିକ ବହୁତ ସାହାଯ୍ୟ କରନ୍ତି ସ୍ମିତା ପାଇଁ । ଏ ମହରଗ ଯୁଗ କୁ ଗ୍ଭରି ଗ୍ଭରି ଟା ଛୁଆ ପିଲା, ଗଲା ଅଇଲା ସବୁବେଳେ ଲାଗିଥିବ । ତରକାରୀ ବ୍ୟତିରେକେ କମ ଖରଚ ଆଉ ଦେହ ସମ୍ପଦ କୁ ଉପଯୁକ୍ତ ତତ୍ତ୍ୱାବଧାନ ବି ମିଳଯାଏ । ପୁଅ ଗୋଟାଏ

କୁ ଗୁହିଁ ଗୁହିଁ ତିନ ଝିଅ ......ତା'ପଛ କୁ ଜଗତ ଯାକର ଦିଅଁ ମାଜଣା ପରେ ଚତୁର୍ଥ ଟି ପୁତ୍ର ଲାଭ ହୋଇନ ଯେ ଅଳ୍ପ କେ ଜୀବନ ଟା ସମ୍ଭଳିଯାଇଛି । କାଠ ଖଣ୍ଡେ ଧରି ଖେଞ୍ଚି ଦେଲା ସ୍ମିତା, ପାଉଁଶ ଝୁଲ କେତେ ଉଡି ଗୁଲିଗଲା ଉପରକୁ । ଫୁଙ୍କ ନଳୀରେ ହାଲକା ଫୁଙ୍କି ଦେଲା ସେ । ଲାଲ ଲାଲ ନଆଁ ଟିକେ ଚମକ ଉଠିଲା କାଠ ଚେନା ଦି'ଟା ହାଲକା କରି ପକାଇଦେଲା ସେଇ ନଆଁ ଉପରେ ଏବଂ ହାଲକା ପବନ ଦେବାରୁ ଧୀରେ ଧୀରେ ଚେନା ରେ ନଆଁ ଲାଗିବା ଉତ୍ତାରୁ ଅଙ୍ଗାର ଗୁଡିକୁ ଚୁଲ୍ଲୀ ଭିତରକୁ ଦେଇଦେଇ ମସଲା ସଜାଡିବା ରେ ଲାଗିପଡ଼ିଲା ସେ । ଇତି ମଧ୍ୟ ରେ ଚଳବା ମାପ ର ନଆଁ ହୋଇଯାଇଥିଲା । ଏଥର ପତର ସଜାଡିଲା ସେ । ଶାଶୁ ଭାଜୁଥିବା ମୁଢି ଭଜା କୁଞ୍ଚି କାଠି ରୁ ଦି'ଟା ନେଇ ପତର ଟିପିଲା । ଶାଶୁଙ୍କ ପରି ହେବ ନାହିଁ, କନ୍ତୁ କାମ ହୋଇଯିବ । ଶାଶୁ ଶ୍ୱଶୁର ନାହାନ୍ତି, ଯାଇଛନ୍ତି ଦେଢଶୁର ଙ୍କ ଘର କୁ ଛଅ, ସାତ ଦିନ ହେଲାଣି । ହୁଏତ ଏଇ ଦିନେ ଦି'ଦିନ ଭିତରେ ଆସି ପହଁଚଯିବେ । ଯାହା ହେଉ କାମ ସାରିଦେଇ ସାନ ପୁଅ ଝିଅ ଙ୍କ ପାଖରେ ଟିକଏ ଗଡି ପଡିଲା ସେ । ବଡ ଝିଅ ଦୁଇ ଜଣ ସ୍କୁଲ ଯାଇଛନ୍ତି । ଭୋର ପାଞ୍ଚ ଟା ରୁ ଖଟଣୀ.....ଅଣ୍ଟା ପିଠି ଲାଗି ଯାଉଛି,ଓଃ .....ଆଖି ମୁଦି ଯାଉଛି ସ୍ମିତା ର ।

**********

ଆଃ....... କ ସୁନ୍ଦର ମନ ମହକଆ ବାସ୍ନା । ଚତୁର୍ଦ୍ଦିଗ କୁ ଆଖି ବୁଲାଇ ଆଣିଲା ବେଳକୁ ସାମ୍ନା ରେ ସୁନ୍ଦର ଫୁଲ ବଗିଗୁ । କେତେ ରଙ୍ଗ ବେରଙ୍ଗୀ ଫୁଲ ରେ ପୂର୍ଣ୍ଣ । ଆଉ ଟିକଏ ଆଗେଇଲା ବେଳକୁ ଛୋଟ ଏକ ସୁନ୍ଦର ଘର । ଘର ର ଛାତ ଉପର ଟା ଠିକ୍ ପିରାମିଡ ଭଳି ଦେଖାଯାଉଛି । ଘର ର ଉପରୁ ତଳ ପର୍ଯ୍ୟନ୍ତ ଗୁରିପାଖ ରେ ଘେରା ହୋଇଛି ସୁନ୍ଦର ଡିଜାଇନ ର ରଙ୍ଗ ବେରଙ୍ଗୀ ଚେନ ଲାଇଟ । ଆଃ ...କ ଲୋଭନୀୟ ନ ଦିଶୁଛି ସତେ ? ବଗିଗୁ ର ଗୋଟେ କଡ କୁ ଗୋଲାପ ଗଛ ର ବଡ଼ ବୁଦା ଟିଏ ଏବଂ ତା'ପାଖକୁ ଦୋଳା ଟିଏ । ସେ ଦୋଳା ରେ ନାରୀ ଟିଏ ଦୋଳାୟ ମାନ । ଧୀରେ ଧୀରେ ସେ ପାଖେଇଲା ସେଇ ଦିଗ କୁ ....ଟିକେ ...ଆଉ ଟିକେ ....ଆରେ ଏ କ'ଣ ଦୋଳା ରେ ତା'ରି ପରି ଆଖି, ନାକ, କାନ, ମୁହଁ ଅବିକଳ ତାଆରି ପରି ଦେଖା ଯାଉଛି ନାରୀ ମୂର୍ତ୍ତି ଟି । ଛବି ରେ

ଦେଖିଥିବା ଅପ୍ସରୀ ପରି ଦେଖାଯାଉଛି । ଚମକ ପଡି ପଛକୁ ଦି'ପାଦ ଫେରିଆସିଲ୍ ସେ । ..ଆଗେଇଲ୍ ବିପରୀତ ପାର୍ଶ୍ୱ ରେ ଥିବା ଘର ଆଡକୁ,ଘର ତ ନୁହେଁ ଛୋଟ ଏକ ମହଲ । ଉନ୍ମୁକ୍ତ ଦରଜା ଦେଇ ଭିତରକୁ ପଶିଲ୍ ସେ ।କେଇଜଣ ଭୃତ୍ୟ ଭିନ୍ନ ଭିନ୍ନ କାର୍ଯ୍ୟ ରେ ବ୍ୟସ୍ତ ଅଛନ୍ତି । ବିଳାସିତା ର ସମସ୍ତ ସୌଖୀନ ଜିନଷ ମହଜୁଦ ସେଠି ।ଆଉ ଟିକଏ ସନ୍ତର୍ପଣ ରେ ଆଗେଇଲ୍ ..ବୋଧହୁଏ ଶୟନ କକ୍ଷ ସୁସଜ୍ଜିତ ବିସ୍ତୃତ ପଲ୍ୟଙ୍କ ଟିଏ ରେ ଅର୍ଦ୍ଧଶାୟିତ ମୁଦ୍ରା ରେ ସୁନ୍ଦରୀ ରମଣୀ ଟିଏ, ବେଶ ପରିପାଟୀ ରୁ କେଉଁ ମହାରାଣୀ ଠାରୁ କମ ଲାଗୁ ନ ଥାଏ ....ମୁଦ୍ରିତ ନୟନ ରେ ହୁଏ ତ ପ୍ରାଣପ୍ରିୟ ଙ୍କ ସ୍ୱପ୍ନ ଦେଖୁଥିବ ଅବା ....ଆଏଁ ....ୟେ ...କଏ ...? .. ଇଏ ...ଇଏ ଚମକ ପଡୁଥିଲ୍ ସେ,...ଆରେ ଇଏ ତ ଠିକ୍ ତାଆରି ମୁହଁ ର ନକ୍ସା ପରି ଲାଗୁଛି । ଇସ ..କ ଅପୂର୍ବ ତେଜ ଏ ମୁଖମଣ୍ଡଳ ରେ!!! ପାଦ ଚପିଚପି ପଛେଇ ଗ୍ଲଲିଆସିଲ୍ ସେଠୁ ସେ । ଅପର ପାର୍ଶ୍ୱ କୁ ଅତିକ୍ରମ କରୁ କରୁ ସଂଲଗ୍ନ କୋଠରୀ ଭିତରକୁ ଦୃଷ୍ଟି ଗ୍ଲଲିଗଲ୍ ....ଆଖି ଦୁଇଟି ବିସ୍ଫାରିତ ହୋଇଗଲ୍ ଆପେ ଆପେ । ଜଣେ ଭୃତ୍ୟା ଛୋଟ ଏକ ଶିଶୁ ପୁତ୍ର କୁ ଶୁଆଇଦେଉଛି ...ଭଲ କରି ନୀରୀକ୍ଷଣ କଲ୍ ପରେ ତାକୁ ଲାଗିଲ୍ ଏ ତ ତାଆରି ରକ୍ତ ର ଜୀବନ୍ତ ପିତୁଳା ଗୁଡୁ । ଏକ ଅଜଣା ଉତ୍ସାହ ଓ ଆଶଙ୍କା ରେ ଆଉ ଟିକେ ଆଗେଇ ଯାଉ ଯାଉ ଲକ୍ଷ୍ୟ କଲ୍ ଏକ ବିସ୍ତୃତ କକ୍ଷ, ବିରାଟ ଡାଇନଂ ଟେବୁଲ ରେ ବିଭିନ୍ନ ଖାଦ୍ୟପେୟ ସଜ୍ଜିତକରି ରଖାଯାଇଛି ଓ ରାଜକନ୍ୟା ପରି ଦେଖାଯାଉଥିବା ତିନ ଜଣ ଝିଅ ବସିଛନ୍ତି ଏବଂ ପରିଗ୍ଲରିକା ସେମାନଙ୍କୁ ଖାଦ୍ୟ ପରଷି ଦେଉଛି ।ସେମାନେ ଯାହା ଗ୍ଲହୁଁଛନ୍ତି ପରିଗ୍ଲରିକା ସେଇୟା ଦେଉଛି ।କିନ୍ତୁ ଏ କ'ଣ .....ଏମାନେ ଯେ ତାଆରି ସନ୍ତାନ ପରି ଦେଖାଯାଉଛନ୍ତି । ଲିପି, ଶିପି, ଆଉ ତପୀ । ସେମାନେ ଏଠି ?? ଖାଇସାରି ପରମ ତୃପ୍ତି ରେ ସେମାନେ ଉଠି ଗ୍ଲଲି ଗଲେ । ଅନେକ ତୃଷା ଅନୁଭବ କରୁଥିବାରୁ ହାତ ଟି ସ୍ୱୟଂ ଗ୍ଲଲିଗଲ୍ ଜଳ ପାତ୍ର ଆଡକୁ । ଏତେ ସୁନ୍ଦର ତାରକସି କାମ ହୋଇଥିବା ପାତ୍ରଟିରେ ମୁହଁ ନ ଲଗାଇ ଢକ ଢକ କରି ପାଣି ମୁନ୍ଦେ ଢାଳନେଲ୍ ପାଟି ଭିତରକୁ । କିଛି ପାଣି ଦେହ ରେ ଢାଳ ହୋଇଗଲ୍ । ହାତ ଟି ସକ୍ରିୟ ହୋଇଗଲ୍ ଓଦା ଲୁଗା ଟିକୁ ଝାଡି ଦେବାପାଇଁ, ସେପଟୁ ସତେ ଅବା ଶିଶୁପୁତ୍ର ଟି ର କ୍ରନ୍ଦନ ର ଧ୍ୱନୀ ଭସିଆସୁଥିଲ୍ । ଗ୍ଲଉଁକନା ଚମକ ଉଠିଲ୍ ସ୍ମିତା । ପାଖ ରେ ଶୋଇଥିବା ଗୁଡୁ

ପରିସ୍ରା କରିଦେଇ ଉଠି ବସି କାନ୍ଦିବାକୁ ଆରମ୍ଭ କରିଦେଇଛି । ଆଉ ପୁଅ ର ମୂତ୍ର ଧାର ରେ ପେଟ ପାଖରୁ ଫାଳେ ଓଦା ହୋଇ ଯାଇଛି । ଏକ ସୁନ୍ଦର ସ୍ୱପ୍ନ ଦେଖିବାରୁ ବଞ୍ଚିତ ହେବାରୁ ବିରକ୍ତ ଲାଗୁଥିଲା ତାକୁ । ନିଜକୁ ଓ ଗୁଡୁ କୁ ପରିଷ୍କାର କରିସାରିବା ପରେ ଘଣ୍ଟା ଆଡକୁ ନଜର ପକାଇଲା ସେ, ପିଲାଙ୍କର ସ୍କୁଲ ରୁ ଫେରିବା ବେଳ ହେଲାଣି ଅଥଚ ଶୁଭେନ୍ଦୁ ଏତେ ପର୍ଯ୍ୟନ୍ତ ଖାଇବାକୁ ଆସିନାହାନ୍ତି ଯେ **???**

********

ରାତି ନଅ ଟା ହେଲାଣି । ପିଲାମାନଙ୍କୁ ପାଠ ପଢାଇ ସାରି ସଜ ପଖାଳ ଓ ମାଛ ପତୁଆ ଖୁଆଇ ଦେଇ ସାରି ସେମାନେ ଶୋଇ ଗଲା ପରେ ଶୁଭେନ୍ଦୁ କୁ ଅପେକ୍ଷା କରି ପିଣ୍ଡା ରୁ ଦୁଇ ଚାରି ଥର ଟହଲ ମାରିସାରିଲାଣି । ଶାଶୂ ଶ୍ୱଶୁର ଙ୍କ ଯିବା ଦିନ ଠାରୁ ଶୁଭେନ୍ଦୁ ଙ୍କ ଘର କୁ ଫେରିବା ସମୟ ଠିକ୍ ରହୁ ନାହିଁ|ପଚାରିଲେ କିଛି କହୁନାହାନ୍ତି । ଆଜି ଆସନ୍ତୁ **......!!** ମନେ ମନେ ସେଇ କଥା ବିଚାର କରୁଥିବା ସମୟ ରେ ଶୁଭେନ୍ଦୁ ଘରେ ପ୍ରବେଶ କଲେ । ସ୍ମିତା ଭୀଷଣ ରାଗି ଯାଇଥିଲା **--**"ଘର ବୋଲି କିଛି ଅଛି ନା **?**ଖାଲି ଅନ୍ୟ ମାନଙ୍କ ପାଇଁ କାମ କରିବାକୁ ତୁମେ ଅଛ **??** ଦେଖୁଛି ବାପା ବୋଉ ନ ରହିବା ବେଳକୁ ତୁମେ ଖୁବ୍ ମନମର୍ଜି ଚଳେଇଛ **?**" ଶୁଭେନ୍ଦୁ ଙ୍କ କାନ ରେ କିଛି ପଶୁ ନ ଥିଲା । ସେ ଗୋଡ଼ ହାତ ଧୁଆଧୋଇ କରି ଶ୍ୱାନ ପରି ଶୁଙ୍ଘି ଶୁଙ୍ଘି କହୁଥିଲେ "ଊଁ କ'ଣ ଗୋଟେ ଆଇଁଷ ଆଇଁଷ ବାସୁଛି, ଦିଅ **....**ଦିଅ ଶୀଘ୍ର ଶୀଘ୍ର ଖାଇବାକୁ ଦେଲ ।" କିନ୍ତୁ ସେଠାରେ ସ୍ମିତା ନ ଥିଲା । ଭୋକ କୁ ସମ୍ଭାଳ ପାରୁ ନ ଥିଲା ବେଳେ ସ୍ମିତା ର ଅନୁପସ୍ଥିତିରେ ବାଧ ହୋଇ ଯାଇ ନିଜେ ବାଢି ଆଣି ଖାଇବସିଲେ ଶୁଭେନ୍ଦୁ । ସେତିକିବେଳେ ସ୍ମିତା ଆସି ଏସବୁ ଦେଖି ହତବାକ।ଏ କ'ଣ **?** ତା' ସଂସାର ଟା ତାକୁ ଅନ୍ଧାର ଦେଖା ଯାଉଥିଲା । ଆପେ ଖାଇଲେଣି **?** ଏଥର ନିଜ କାମ ପାଇଁ ଆଉ ସ୍ମିତା କୁ ଲୋଡା ହେବନି । କଣ ଶୁଭେନ୍ଦୁ ତାକୁ ଆଉ ଦରକାରୀ ମନେ କଲେନି **?** ମନେପଡିଗଲା **'**ମଧୁ**'** ର କାହାଣୀ । ଦୀର୍ଘ ବର୍ଷ ପରେ ଦିନେ ଦେଖା ହୋଇଥିଲା ବଜାର ରେ । ଫୋନ ନଂ ନେଇ ଘଣ୍ଟା ଘଣ୍ଟା ଧରି ତା'ଜୀବନରେ ଘଟିଯାଇଥିବା ପରକୀୟା ପ୍ରୀତି କୁ ଖୁବ୍ ରୋମାଞ୍ଚ ଦେଇ ଗପିଥିଲା । ଆଶ୍ଚର୍ଯ୍ୟ ରେ ମୁଣ୍ଡ

ଘୁରିଯାଏ ତା'ର କେବଳ ସ୍ୱାମୀ ର ଅବହେଳା ପାଇଁ ଏମିତି କ'ଣ ସମ୍ଭବ ? ଏକ ବିରାଟ ପ୍ରଶ୍ନ ବାଚୀ ଠିଆ ହୁଏ ତା'ଆଗରେ । ମଧୁ ପରି ଦୃଢ଼ମନା ଝିଅ ଏମିତି ପୁଣି ନିଜ ଠାରୁ କମ ବୟସ ର ଯୁବକ ସହ ......ଓଃ ହେ ଭଗବାନ ଏମିତି କାହାକୁ ବିପଥଗାମୀ ନ କରଅ । ଚମକ ପଡିଲା ମନେ ମନେ ସ୍ମିତା । ଶୁଭେନ୍ଦୁ ର ଏଇ ସାମାନ୍ୟ କାର୍ଯ୍ୟ ରେ ଏତେ ଟା ଅସହିଷ୍ଣୁ ହେବା ଠିକ୍ ନୁହେଁ । କଛି ସମସ୍ୟା ଥାଇପାରେ । ଅବଶ୍ୟ ତା'ଯୁଗ୍ମ ଜୀବନର ସଫଳତା କହିଲେ ଏଇ ଗୁରେଟି ସନ୍ତାନ ବ୍ୟତୀତ ଆଉ କଛି ଅନୁଭବ କରିନାହିଁ ସେ । ନିପଟ ଗାଉଁଲୀ ସ୍ତ୍ରୀ ଟିଏ ପରି ଜୀବନ ବିତେଇବା ଛଡା ଅନ୍ୟ କଛି ସେ ଭାବିନାହିଁ କମ୍ବା ଭାବିବାକୁ ଆଗେଇ ପାରେ ନାହିଁ । ନିଜ ଜ୍ଞାତି କୁଟୁମ୍ବ ଓ ସାଇପଡ଼ିଶା ଙ୍କ ସହିତ ଉତ୍ତମ ସମ୍ପର୍କ,ପଡୋଶୀ ସ୍ତ୍ରୀଲୋକ ଙ୍କ ସହିତ ବନ୍ଧୁତା,ପରିବାର ର ସେବା ଯତ୍ନ,ନିଜ ପିଲାଙ୍କୁ ଗଢିବା ଭିତରେ ହିଁ ଜୀବନ ତା'ର ସୀମୀତ । ଅଳ୍ପକେ ସନ୍ତୁଷ୍ଟ ରହିବାର କଳା ଟିକୁ ଶିଖିବାର ପ୍ରଚେଷ୍ଟା ରେ ହିଁ ଅର୍ଦ୍ଧ ପକ୍ଷ କଟିଗଲାଣି ଆଉ କେଇଟା ବର୍ଷ କଟେଇଦେବାକୁ ଚେଷ୍ଟା କରୁଛି ସେ । ବେଶୀ ଚନ୍ତା ଝିଅ ମାନଙ୍କୁ ନେଇ । ଶିକ୍ଷା, ସଂସ୍କାର, ଓ ଜୀବନର ସଫଳତା ର ଗୁବିକାଠି କୁ ଖୋଜିବାର ମନ୍ତ୍ର କୁ ସେମାନଙ୍କ କାନ ରେ ଫୁଙ୍କିବାକୁ ପଡେ। ଏତେ ସବୁ ପରେ ଶୁଭେନ୍ଦୁ ର ଅବହେଳା ମନକୁ ଭୀଷଣ କଷ୍ଟ ଦିଏ ।ଖଟ କୁ ଆଉଜି କେତେବେଳେ ଢୁଳାଇ ପଡିଛି ସ୍ମିତା ଏସବୁ ଭାବି ଭାବି । କାହା ର ସ୍ପର୍ଶ ରେ ନିଦ ଭାଙ୍ଗିଗଲା ସ୍ମିତା ର । --କାହିଁକି ବେକାର ଟା ରେ ରାଗୁଛ କହିଲ ? ସ୍ମିତା ର ଅଭିମାନ ତରଳବାକୁ ଲାଗିଲା ପଦେ କଥାରେ । ଆଖିରେ ଲୁହ ଜକେଇ ଆସିଲା ତା'ର। ଶୁଭେନ୍ଦୁ କୁ ଏମିତି ଅଧରାତିଆ ନିଜ ପାଖରେ ସେ ଯେମିତି ଆଶା କରୁ ନ ଥିଲା । --ଆରେ ଖାଇଛ ନା ନାହିଁ ? --ତମେ ତ ନିଜେ ବାଢି ଆଣି ଖାଇଦେଲ । ତମକୁ ତ ଅପେକ୍ଷା କରିଥିଲି । ତୁମ ଆଗରୁ ମୁଁ କେବେ ଖାଇଛି ? ---ଭୋକ ଲାଗୁଥିଲା । ତା ଉପରେ ମାଛ ପତୁଆ ର ବାସ୍ନା ଆଉ ସମ୍ଭାଳ ହେଲାନ । ତମ କୁ ଡାକଲି ଶୁଣିଲନ । ଦିନ ସାରା ଭାତ ମୁଠେ ମିଳ ନ ଥିଲା । ସେଥିପାଇଁ ଖାଇଦେଲି ।........ ବେସରକାରୀ ଚାକରୀ ରେ କେତେବେଳେ କୁଆଡେ ଯିବାକୁ ପଡୁଛି, ଠିକଣା ନାହିଁ । ନୋହେଲେ ଚାକରୀ ଗାଲିଯିବ। ----ସେଇ କଥା ଟା ତ ପ୍ରଥମ ରୁ କହିଥିଲେ ସରିଥାନ୍ତା । ବାପା ବୋଉ ଯିବା

ଦିନ ଠାରୁ ତମେ ବହୁତ ଡେରି ରେ ଫେରୁଛ । ତୁମ ସମସ୍ୟା ନ କହିଲେ ଜାଣିବି କେମିତି। ଶୁଭେନ୍ଦୁ ନ ଖାଇବା କଥା ଜାଣି ସ୍ମିତା ର ହୃଦୟ ଟା ମନ୍ଥି ହୋଇଗଲା । ସତ ରେ ସେ କଣ ନାଇଁ କଣ ଭାବି ଯାଉଥିଲା । ---ଚାଲ, ଆଉଥରେ କ'ଣ ଦି'ଟା ଖାଇନେବ। ନିଜ ହାତରେ ଖାଇଛ ...ପେଟ କ'ଣ ପୂରିଥିବ ? କହି ସ୍ମିତା ଆଗେଇ ଗଲା ରୋଷେଇ ଘର କୁ । ହେଲେ ଗ୍ୟାସ ତ ନାହିଁ ...କରିବ କ'ଣ ? ଏତେ ରାତିରେ ବାହାର ମେଲା କୁ ଯାଇ କାଠ ସଜାଡି ଗେରସ୍ତ ସୁଆଗ ଦେଖେଇବ ?? କରୋସିନୀ ଷ୍ଟୋଭ ଟି କାଢ଼ିଲା କବାଟ କୋଣ ରୁ । ହଁ ...କରୋସିନୀ ଅଛି ହଲାଇ ଦେଖିଲା । ଯା'ହୋଉ କାମ ଚଳିଯିବ । ପୁଅ ର ପିଠା ଖାଇବା ସଉକ ପାଇଁ ଦୁଇ ଦିନ ହେବ ଆଣ କରି ରଖିଛି। ସେଇଥିରୁ ଦି' ଡଙ୍କି ବିରିଚାଉଳ ର ଆଣ କୁ ତାବା ରେ ଢାଳିଦେଲା ସ୍ମିତା । ଗରମ ଗରମ ଚକୁଳି ପରଷି ଦେଇ ସ୍ୱାମୀ ମୁହଁ କୁ ସତୃଷ୍ଣ ନୟନ ରେ ଚାହିଁଲା ସ୍ମିତା । "ସତରେ କ'ଣ ଯୁଗ୍ମ ଜୀବନ ବିଫଳ ତା'ର ??? ପଦେ କଥା ରେ,ସାମାନ୍ୟ ଛୋଟିଆ କଥା ରେ କେତେ ଯେ ସାହାଚର୍ଯ୍ୟ,କେତେ ତ୍ୟାଗ,କେତେ ଭଲପାଇବା ଛପି ରହିଥାଏ ତାହା କେହି ବୁଝେନା। ସ୍ୱାମୀ ହିସାବ ରେ ଶୁଭେନ୍ଦୁ ଯେ କେବେ ତା'ର ଦେହ ପା 'ର ଉପଯୁକ୍ତ ଯ ନେଇପାରିଛନ୍ତି ସେ କଥା ମନେ ପକେଇ ପାରେନ ସ୍ମିତା । କିନ୍ତୁ ଯେତେବେଳେ ଅସହ୍ୟ ମନୋବେଦନା ରେ ଭାଙ୍ଗି ପଡୁଥିଲା ବେଳେ, ଘାଣ୍ଟି ଗୋଳାଇ ହେଉଥିଲା ବେଳେ ଅସରାଏ ବର୍ଷା ଛିଟା ରୁ ମୁନ୍ଦେ ଛିଟିକେଇ ଦିଅନ୍ତି । ବାସ .....ସେତିକି ରେ ସବୁ ଅସହିଷ୍ଣୁତା ପାଣି ର ବୁନ୍ଦ ବୁନ୍ଦ ପରି ମିଳେଇଯାଏ ସେଇ ଅନନ୍ତ ଜଳ ରାଶି ମଧ୍ୟ ରେ.... ଯେମିତି ଅସୀମ ତରଙ୍ଗ ର ସମଷ୍ଟି ଏଇ ଜୀବନ । ଜୀବନର ଦର୍ଶନ ବୁଝି ବି ବୁଝେନା ସ୍ମିତା ।ହିନ୍ଦୁ ଶାସ୍ତ୍ର ପୁରାଣ, ଦର୍ଶନ ମନରେ ଦ୍ୱନ୍ଦ ସୃଷ୍ଟି କରେ । ଶେଷରେ କେବଳ ଗୋଟିଏ କଥା ହିଁ ବୁଝେ,ବିଶେଷ ବାର ବ୍ରତ ଓପାସ କିଛି କରି ନ ପାରିଲେ ଖାଲି 'ମୁଣ୍ଡିଆ' ଟିଏ ହିଁ ଯଥେଷ୍ଟ ସମର୍ପଣ ରେ ମାରିଦେଲେ ସରିଲା । ବେଶୀ ଗଭୀର ଚାଷ କୁ ଗଲେ ବହୁତ ଅଡୁଆ । ନିଜ ସଂସାର କୁ କାହା ନଜର ନ ଲାଗିବା ପାଇଁ ସେ ସର୍ବଦା ଚେଷ୍ଟିତ । ସେଥିପାଇଁ ମନ କୁ ଶାସନ କରିବାକୁ ବିବେକ ର ଛାଟ ଦିଏ ସେ । ଅଯଥା ସନ୍ଦେହ କୁ ପ୍ରଶ୍ରୟ ଦେଇ ଜୀବନ ନଷ୍ଟ କରିବାକୁ ଉଚିତ ବୋଲି ଭାବେନି ସେ। ତଥାପି ସ୍ତ୍ରୀୟା ଚରିତ୍ର ରୁ ବେଳେ ବେଳେ

ବାଦ ପଡେନ । ଖାଇବା ଭିତରେ ଶୁଭେନ୍ଦୁ ଖଣ୍ଡିଆ ଚକୁଳ ଟିଏ ସ୍ମିତା ପାଟି କୁ ବଢାଇ ଦେଉ ଦେଉ କହୁଛନ୍ତି --ଆଜିପର୍ଯନ୍ତ ମୁଁ ତମକୁ ବୁଝିପାରିଲିନାହିଁ । କେତେବେଳେ ରାଗ ରେ ଅଗ୍ନିଶର୍ମା, କେତେବେଳେ ପାହାଡ ପରି ଗୁରୁ ଗମ୍ଭୀର ତ ପୁଣି କ୍ଷଣକ ରେ ଚଳ ଚଞ୍ଚଳ ନଈ .....ସତ ରେ ତମ ନାରୀ ଚରିତ୍ର କୁ ବୁଝିବା ଭାରି କଷ୍ଟ ।      ମୁଁ ପ୍ରକୃତରେ ଭାଗ୍ୟବାନ ତମ ପରି ସ୍ତ୍ରୀ ଟିଏ ପାଇ ।....କହି ହାତ ଧୋଇ ହେଲେ ଶୁଭେନ୍ଦୁ । ---- ତୁମେ କାମ ରେ ବ୍ୟସ୍ତ ରହୁଛ ।ତମ ସମସ୍ୟା ରେ କାହାକୁ ଜଡିତ କରୁନ । କିନ୍ତୁ ସବୁରି ମୂଳରେ ଏ ଶରୀର । ତା'ର ଉପଯୁକ୍ତ ତତ୍ତ୍ୱାବଧାନ ନ କଲେ ଆମ ସଂସାର ଟା କଣ ହେବ କହିଲ **??** ତମେ ମୋର ସବୁ କିଛି, ତମ ବିନା ମୁଁ କିଛି ଭାବିପାରେନା । ତମର ମୋ ପ୍ରତି ଅବହେଳା ସହିପାରିବି ସିନା କିନ୍ତୁ ତମ ନିଜ ପ୍ରତି ଅବହେଳା କେମିତି ସହିବି କୁହ**??** କହି ସ୍ମିତା ଶୁଭେନ୍ଦୁ କୁ ଜଡାଇ ଧରିଲା । ଆଖିରୁ ଅମାନିଆ ଲୁହ ର ଶ୍ରାବଣୀ ଧାର କୁ ବନ୍ଦ କରି ପାରୁ ନ ଥିଲା ସେ । ଶୁଭେନ୍ଦୁ ତା' ଆଖି ରୁ ଲୁହ ପୋଛି ଦେଇ କହୁଥାନ୍ତି -- ହଉ ହେଲା ବାବା ହେଲା, ଚେଷ୍ଟା କରିବି ସବୁ କଥା ତୁମର ମାନିବା ପାଇଁ । ଏବେ ଚାଲ ଟିକେ ଶୋଇପଡିବା । ରାତି ଅନେକ ହେଲାଣି ।" ଶୁଭେନ୍ଦୁ ର କୋଳ ରେ ଆଖି ବନ୍ଦ କଲା ସ୍ମିତା । କିଛି କ୍ଷଣ ମଧ୍ୟ ରେ ତନ୍ଦ୍ରାଚ୍ଛନ୍ନ ହୋଇ ଦେଖୁଥିଲା,ଏକ ସୁନ୍ଦର ମହଲ, ତା'ଚାରିପାଖରେ ରେ ଏକ ସୁନ୍ଦର ବଗିଚା । ବଗିଚା ମଧ୍ୟ ରେ ଏକ ଦୋଳା ଆଉ ସେଠି ଖେଳୁଛନ୍ତି ତିନୋଟି ଝିଅ ଏବଂ ଦୋଳା ରେ ଝୁଲୁଛି ଏକ ଶିଶୁପୁତ୍ର । ବାହୁରେ ବାହୁ ଛନ୍ଦି ଦୁଇଟି ପୁରୁଷ ଓ ନାରୀ ଙ୍କ ର ଯୁଗଳ ମୂର୍ତ୍ତି ସେମାନଙ୍କୁ ଦେଖି ଆନନ୍ଦ ରେ ଉତଫୁଲ ହେଉ ହେଉ ପ୍ରେମାଲିଙ୍ଗନ କୁ ଦୃଢ଼ ରୁ ଦୃଢ଼ୀଭୂତ କରୁଥିଲେ .........||||

ତୁଳସୀଚଉରା, ପୋ-ବାରିପଦା, ମୟୁରଭଞ୍ଜ, ଓଡିଶା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଧନ କିଣି ପାରେନା ମନ



ସାଗର ପ୍ରଧାନ

ଧନ କିଣି ପାରେ ଅନେକ ପୁସ୍ତକ
କିଣି ପାରେନା ଜ୍ଞାନ
ଧନ କିଣି ପାରେ ଅନ୍ୟର ଶରୀର
କିଣି ପାରେନା ମନ ।

ଧନ କିଣି ପାରେ ମନ୍ଦିର ମୂରତି
କିଣି ପାରେନା ଭକ୍ତି
ଧନ କିଣି ପାରେ ସରଗ ସୁଷମା
କିଣି ପାରେନା ମୁକ୍ତି ।

ଧନ କିଣି ପାରେ ପ୍ରସାଧନ ସାମଗ୍ରୀ
କିଣି ପାରେନା ରୂପ
ଧନ କିଣି ପାରେ ନାଟକ ଯାତ୍ରା
କିଣି ପାରେନା ତପ ।

ଧନ କିଣି ପାରେ ରୋଗର ଔଷଧ
କିଣି ପାରେନା ଜୀବନ
ଧନ କିଣି ପାରେ ଉଚ୍ଚ ପଦବୀ ଟେ
କିଣି ପାରେନା ସମ୍ମାନ ।

ଧନ କିଣି ପାରେ ମଣିଷ ଟିଏ
କିଣି ପାରେନା ବିଶ୍ୱାସ
ଧନ କିଣି ପାରେ ସକଳ ସମ୍ପଦ
କିଣି ପାରେନା ହସ ।

ପଦାଦିଗି, ଗଞ୍ଜାମ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଗ୍ରୀନ୍ ଲାଇଟ୍ ଓ ସେ



ସଚ୍ଚିଦା ନନ୍ଦ ବାରିକ

ଏଇ
ରହ ମ !!!
ଏଇ ଅଛୁ
ଏଇ ନାଇଁ
ବନ୍ଦ କର ଲୁଚକାଳି ଖେଳବା ॥
ସେ ସିନା ବ୍ୟସ୍ତ ବୋଲି
ଆଗ ଭଳି ଆଉ ଗପେନି
କି ରିପ୍ଲାଇ ଆସେନି ତାର
ତାକୁ ସିନା ମୁଁ ବୁଝେଇ ପାରେନି
ହେଲେ ତୁ......
ମୋ ଅସହାୟତା କୁ ଦେଖି
ତୋର ଏ ଲୁଚକାଳି କାହିଁକି??
ବୁଝ ଟିକିଏ ମୋତେ
ଖେଳବା ବନ୍ଦ କର ମୋ ସହ ॥
ସେ ଯେତେବେଳେ ଆସେ
ଗ୍ରୀନ୍ ଲାଇଟ୍ ଟା ଜଳି ଉଠେ
ମନ ମୋର ଖୁସି ହୁଏ
ଅପେକ୍ଷା କରେ ତା ରିପ୍ଲାଇ କୁ
ସମୟ ଗଡେ

ଅପେକ୍ଷା ଯେବେ ଅସହ୍ୟ ହୁଏ
ମନ କଥା
କହିବି ଭାବିଲା ବେଳକୁ
ସେ ଗାୟବ.....
କେତେ କଥା ଅକୁହା ରହିଯାଏ
ତଥାପି ନିର୍ଲଜ ଗ୍ରୀନ୍ ଲାଇଟ ଟା ଜଳୁଥାଏ
ମୋତେ ଜଳେଇବାକୁ ॥
ମନ କହେ ସେ ଆସିବ
ସେ ଜାଣେ
ତା ଗୁଡ୍ ନାଇଟ୍ ବିନା ମୋତେ ନିଦ
ହୁଏନି
ଅପେକ୍ଷା କରେ
ସମୟ ସରେ ॥
ମୋ ବ୍ୟାକୁଳତାର ଭରପୁର ମଜା ନିଏ
ଏ ଗ୍ରୀନ୍ ଲାଇଟ୍
ସେ ଗାୟବ କେତେବେଳୁ
ତଥାପି ଯେ ହସୁଥାଏ
ନିଜେ ଜଳୁଥାଏ
ତା ଠୁ ଅଧିକା ମୋତେ ଜଳାଉଥାଏ ॥



ମନ ମରିଯାଏ
ସେ କାହିଁ ବୁଝିବ
ମୋ ଅସହାୟତା କୁ
ସବୁ ଥାଇ କିଛି ନଥିବାର
ଅଭାବ ବୋଧ କୁ
ପ୍ରତିଥର ତଣ୍ଟି ଆଗରୁ
ଫେରି ଯାଉଥିବା ଅଯୁତ ଭାବାବେଗ କୁ ॥
ସାଧାରଣ ଯନ୍ତ୍ର ଟିଏ ସେ
ତଥାପି ମୋ ଅନ୍ତରଙ୍ଗ ସାଥିଟିଏ
ସେ ହିଁ ତ ସବୁକିଛି
ଏକ ମାଧ୍ୟମ ॥
ସବୁ ଭିତରେ
ଅପେକ୍ଷା ଥାଏ
ତାର ଧାଡିକିଆ ରିପ୍ଲାଇ କୁ
କେବେ ଆସେ
କେବେ ଆସେନ
ଗ୍ରୀନ୍ ଲାଇଟ୍ ଲିଭେ
ମୋତେ ଇସାରା କରେ
କହେ ଯା ଶୋଇବୁ
ପୁଣି ଦେଖା ହବ ଆର ଥରକୁ..... ॥

ଗ୍ରାମ/ପୋଷ୍ଟ – ଝୁମ୍ପୁରା,
ଜିଲ୍ଲା – କେନ୍ଦୁଝର, ଓଡିଶା

# ଉପଦେଶ



ଡ. ସତ୍ୟନାରାୟଣ ମିଶ୍ର

ବେଶ୍ କଛିଦିନ ହେଲା ସଂଗ୍ରାମ୍ ବାବୁ ସକାଳୁ ଉଠି ଘରଠାରୁ ପାର୍କ ପର୍ଯ୍ୟନ୍ତ ଚାଲିବା ଅଭ୍ୟାସ କରୁଛନ୍ତି । ଦିନେ ହଠାତ୍ ଡାକ୍ତର ପାଖକୁ ଅସୁସ୍ଥ ଲାଗିବାରୁ ଯାଇଥିଲେ ସେ ଆଉ ଡାକ୍ତର ଜଣକ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି କହିଲେ, ଆପଣଙ୍କ ରକ୍ତଚାପ ବଢିଯାଇଛି । ଖାଇବାରେ ଲୁଣ କମାଇ ଦିଅନ୍ତୁ ଆଉ ସକାଳୁ ଅତି କମରେ ଚାରି, ପାଞ୍ଚ କିଲୋମିଟର ଚାଲନ୍ତୁ । ଆଉ ସେହିଦିନଠାରୁ, ତାଙ୍କର ଅଭ୍ୟାସରେ ପଡିଯାଇଛି ସକାଳୁ ଉଠି ଚାଲିବା ଆଉ ଯାହାକୁ ଦେଖିଲେ ଚାଲିବା ପାଇଁ ଉପଦେଶ ଦେବା । ବେଳେବେଳେ ଭାବନ୍ତି ସେ, ସତରେ ସମୟ ସହ ତାଳ ଦେଇ ଚାଲିପାରିଲେନ ବୋଲି ତାଙ୍କର ଏ ଅବସ୍ଥା । ତେବେ ଏ ସକାଳ ଚାଲି ତାଙ୍କୁ ବେଶ୍ ଫୁର୍ତ୍ତି ଯୋଗାଉଛି । କେତେ ସାଙ୍ଗ ସାଥୀଙ୍କ ସାଥେ ଭେଟ ହେଉଛି । ବାର୍ତ୍ତାଳାପ ହେଉଛି । ସମସ୍ତେ ଚାଲିବାରେ ବିଭୋର । "ଖାଲି ନିଜେ ଚାଲିଲେ କଣ ହେବ, ଅନ୍ୟକୁ ଚଲେଇ ପାରିଲେ ସମାଜର ଉପକାର ହେବ", ଏହି ଅନ୍ତଃପ୍ରେରଣାରେ ଉଦବୁଦ୍ଧ ହୋଇ ସେ ଯାହାକୁ ବାଟରେ ଘାଟରେ ଦେଖିଲେ, ଚାଲିବା ପାଇଁ ଉପଦେଶ ଦେଉଛନ୍ତି । ହେଲେ ଅଧିକାଂଶ ତାଙ୍କ କଥାକୁ ଭୁଲ୍ ବୁଝୁଛନ୍ତି ।

ବହୁତ ଦିନ ପରେ ଗାଁକୁ ଯାଇଥିଲେ ସଂଗ୍ରାମ ବାବୁ । ପୁରୁଣା ଚାଷୀ ମଧୁଆ ରାଉତ ସହ ସାକ୍ଷାତ ହେଲା । ତାକୁ ଦେଖି କହିପକେଇଲେ, "ଆରେ ମଧୁ, ବୟସ ବଢୁଛି, ସକାଳୁ ଅଧଘଣ୍ଟେ ଲେଖାଁ ଚାଲିବା ଅଭ୍ୟାସ କର ।" ମଧୁଆ ତାଜୁବ ହୋଇ କହିପକେଇଲା, "କଣ କମ୍ ପରିଶ୍ରମ ହେଉଛି କି? ଆମର ଚାଲି ଦରକାର ନାହିଁ ବାବୁ, ସେଗୁଡା ତୁମ ଭଳି ସହରୀ ବାବୁଭାୟାଙ୍କ ପାଇଁ ।"

ଦିନେ ଘରେ ସ୍ତ୍ରୀ ସୁଷମାକୁ କହିଲେ, ତୁମେ ସକାଳୁ ଉଠି ମୋ ସାଙ୍ଗରେ ପାର୍କ ପର୍ଯ୍ୟନ୍ତ ଗ୍ଭଲିବା ଅଭ୍ୟାସ କଲେ ହୁଅନ୍ତାନ। ସୁଷମା ଉତ୍ତର ଦେଲେ, "ନା, ହବନ, ସମୟ କୋଉଠୁ ମିଳବ, ତୁମ ଅଫିସ୍ ଗଲାବେଳକୁ ରୋଷେଇ କରି ଖାଇବାକୁ ଦେବାକୁ, ତୁମେ ଗ୍ଭଲ, ମୁଁ ଗ୍ଭଲିପାରିବିନ।"

ସେଦିନ ରେଳଷ୍ଟେସନରେ ଟିକେଟ ପାଇଁ ଧାଡିରେ ଠିଆ ହୋଇଥିବା ବେଳେ ଆଗ ଲୋକକୁ ସେ କହିଲେ, ଭାଇ, ଟିକଏ ଆଗକୁ ଗ୍ଭଲୁନ। ଲୋକଟା ଦୁଇପଦ ଶୁଣାଇ ଦେଇ କହିଲା, କଣ ଆଖିରେ ପଟି ବାନ୍ଧିଛ କ, ଦିଶୁନ ଆଗରେ କେତେ ଭିଡ। ପାର୍କପାଖରେ ହୁଇଲ୍ ଚେଆର୍ ରେ ବସି ଭିକ ମାଗୁଥିବା ଲୋକଟାକୁ ଦେଖି କହିପକେଇଲେ, ଭିକ ନ ମାଗି ଗ୍ଭଲିଲେ ହବନ।" ଲୋକଟି ହସିପକେଇଲା ଆଉ କହିଲା, "ସମସ୍ତେ ଗ୍ଭଲିପାରିବେନ ଆଜ୍ଞା। ମୋର ଗୋଡ ନାହିଁ, ମୁଁ ଗ୍ଭଲିବି କେମିତି?" ସଂଗ୍ରାମ୍ ବାବୁ ଚୁପ୍ ହୋଇଗଲେ।

ସି-୮୬, ଲିଙ୍ଗରାଜବିହାର, ପୋଖରୀପୁଟ, ଭୁବନେଶ୍ୱର-୨୦



# ଛାତି ତଳର ପ୍ରେମ



ଜୟପ୍ରକାଶ ଦୁରିଆ(ରମଣ)

ତୁମକୁ ଯେବେ ମୁଁ ପ୍ରଥମେ ଦେଖିଲି ଝର୍କା ଆର ପଟରେ
ମୋ ଯୁଗଳ ନୟନ ହୋଇଗଲା ପୂନ୍ୟ
ତୁମ ସୁନ୍ଦର ତୃପ୍ତିକୁ କରି ଦର୍ଶନ
ସୁନ୍ଦରୀ ରୂପସୀ ମୋହିନୀ କନ୍ୟା ପରି, ମୋତେ ମୋହିନେଲ
ତୁମ ରୂପଚର୍ଯ୍ୟାର ଗ୍ଧତୁରତା ଆଳରେ ॥୧॥

ତୁମ ଦେହରେ ପୃଥିବୀ ଭଳ ମାଧ୍ୟାକର୍ଷଣ ଶକ୍ତି ଅଛିନା
ଚୁମ୍ବକୀୟ ଶକ୍ତି ଅଛି ଯେ,
ମୁଁ ତୁମ କୁ ଯେତେଥର ଦେଖେ, ତୁମ ପାଖକୁ ଟାଣି ହୋଇଆସେ
ହେଲେ କହି ମୁଁ ପାରେନା, ମୋ ମନରେ ସର୍ଜନା ହୋଇଥିବା
ତୁମ ପ୍ରତି ଭଲ ପାଇବାକୁ ॥୨॥

ଅଫିସ ରୁ ହାଲିଆ ହୋଇ ଫେରିବା ପରେ
ସୋଫା ସେଟ୍ ରେ ଥକ୍କା ମାରି ବସି ପକାଏ
ଆଖି ଦୁଇଟି କୁ ମୁଜି, ଆଖି ଲାଗିଗଲେ ସ୍ୱପ୍ନରେ ଆସ ତୁମେ
ପୁଷ୍ପ ଉଦ୍ୟାନରେ ଆମେ ଦୁହେଁ ଖୁବ ମଜା କରୁଛେ,
ମୋ କୋଳରେ ତୁମ ମୁଣ୍ଡକୁ ରଖିଛ
ମୁଁ ସୁନ୍ଦର ପୁଷ୍ପଟିଏ ତୋଳ, ତୁମ ଦେହସାର୍ ସୁଆଁଲୁଛି

ମାଁ ହଠାତ୍ ଆସି ମୋ ଦେହକୁ ହଲେଇ ଡାକ ପକାଏ,
ନିଦ ଭାଙ୍ଗିଯାଏ, ସ୍ୱପ୍ନ ଖସିଯାଏ, ତୁମେ ହଜିଯାଅ,
ଆଖି ଖୋଲି ଦେଖେ ତ,
ସାମ୍ନା ରେ ମାଁ ପାଣି ଗ୍ଲାସ ଧରି ଠିଆ ହୋଇଥାଏ ॥ ୩ ॥

ପୁଣି ଆରଦିନ ଅଫିସ ଯିବା ବାଟରେ ଭାବେ,
ଆଜି ଯେମିତି ହେଲେ ବି, ମୋ ମନକଥା ଖୋଲି କହିବି, ତୁମେ ଆଗେ,
ହେଲେ ଅଫିସ ଯାଇ ତୁମକୁ ଦେଖିଲେ
ପୂର୍ବଥର ଭଳି ମୋ ସାହସ ପୁଣି ଥରେ ଧିମେଇ ଯାଏ,
କାରଣ, କାଳେ କହିଦେବି
ହୁଏତ ତମେ ନିନ୍ଦିତ ବି ହୋଇପାର ସମସ୍ତଙ୍କ ଆଗେ
ଆଉ ମୁଁ ତୁମକୁ ନିନ୍ଦିତ କରିବା ପାଇଁ ଆଦୌ ଚାହିଁବିନି
ମୋ ମନକୁ ଲଗାମ ଦିଏ, ତୁମକୁ ଦେଖିଲେ ନ ଦେଖିଲା ପରି ହୁଏ,
ହେଲେ, ମୋ ଆଖିଟା ମୋ ବୋଲ ମାନେନା,
ତୁମକୁ ଚାହିଁ ବସେ ପୁଣିଥରେ ପାଗଳଙ୍କ ପରି ॥୪ ॥

ତୁମ ଆଗରେ ମୋ ମନର କଥା, ହୃଦୟର ବ୍ୟଥା,
ଖୋଲି କହି ପାରୁନି ମୁଁ,
ତୁମ ପାଇଁ କେଦାର ସାଜିବାଟା ତ
ମୋ ପାଇଁ ସାତ ସପନ
ଏମିତି ଭାବନା ମନରେ କ'ଣ ପାଇଁ ଆସେ,
ନିଜକୁ ପଚାରି ବୁଝେ, ହେଲେ ଉତ୍ତର ଖୋଜି ପାଏନି ମୁଁ ॥ ୫ ॥

ଜହ୍ନକୁ ବି ମୁଁ ପଗ୍ଚରି ବୁଝେ,
ଜହ୍ନଲୋ, ଏ ଜହ୍ନ, ମୋ ପରି ପ୍ରେମିକ ତୁ କେବେ ଦେଖିଥିଲୁ,
ଯିଏ କ ତା ଭଲ ପାଇବାକୁ ପ୍ରକାଶ ସୁଦ୍ଧା କରିପାରୁନ,
ଜହ୍ନ ବି ଉତ୍ତର ଦିଏନ,
ଜହ୍ନକୁ କହେ, ତୁ ଟିକେ ମୋ ମନକଥା ତାକୁ କହିଦେବୁ,
ନା ଜହ୍ନ ନା.....ତୁ କହିବୁନ.....
ସେ ଜାଣିଲେ ହୁଏତ ତା ମନକୁ ବହୁତ କଷ୍ଟ ହେବ
ସେ ଗ୍ଚଗି ବି ଯାଇପାରେ,
ସେତିକରେ ହୁଏତ ମୋ ଭଲପାଇବା ଶେଷ ବି ହୋଇପାରେ,
ମୋ ଭଲପାଇବା ଏମିତି ବରଂ ଥାଉ,
ମୋ ପ୍ରିୟା ର ମନ ଦୁଃଖ ନ ହେଉ,
ସେ ଖୁସିରେ ଥାଉ, ଭଲରେ ଥାଉ, ସବୁବେଳେ ହସୁଥାଉ ॥୬ ॥

ନୂଆପଡା, ଓଡିଶା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାଗ୍ଚ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପ୍ରିୟା



ବିଭୁତି ରଞ୍ଜନ ପାଣିଗ୍ରାହୀ

ହୃଦୟ ଦେଇ ଭଲ ପାଏ ମୁଁ ସାଙ୍ଗ କଣ ଯେ କହି ବୁଝେଇବି
ସିଏ ଯେ ମୋଁ ଜୀବନର ପ୍ରଥମ ପ୍ରେମ ଏହା କିପରି ଯେ ତାକୁ କହିବି
ଭାବିବାର ସୀମା ବାହାରେ ସିଏ ମୋଁ,
ମୋଁ ଜୀବନର ଶେଷ ନିଶ୍ୱାସ ସିଏ
କଣ ଯେ ଏତେ ପୀରତି ତା ପ୍ରତି କାହିଁ ଜେ ଏତେ ଟାଣି ହୁଏ
ନୁହେଁ ଆଜି ସିଏ ମୋଁ ପାଖରେ କିନ୍ତୁ ମନରେ ରହିଛି ସିଏ
ହୃଦୟ ଦେଇ ଭଲ ପାଏ ମୁଁ ସାଙ୍ଗ କଣ ଯେ କହି ବୁଝେଇବି
ସିଏ ଯେ ମୋଁ ଜୀବନର ପ୍ରଥମ ପ୍ରେମ ଏହା କିପରିଯେ ତାକୁ କହିବି
ଅଭିଲାଷା ନାହିଁ ଆଉ କିଛି ରହିଗଲା ଇଚ୍ଛା କିଛି ମନେ
ଅପେକ୍ଷା ରହିଲା ତାହାର, କେବେ ପାଖକୁ ଚାଲି ଆସିବ ସିଏ ଦିନେ
ଖୋଜୁ ଥାଏ ତାକୁ ମୁଁ ପ୍ରତ୍ୟେକ ମୁହୂର୍ତ୍ତରେ,
ଭାବୁ ଥାଏ ତାକୁ ହୃଦୟର ପ୍ରତି ସ୍ପନ୍ଦନେ
ସିଏ ମୋଁ ଜୀବନର ଶେଷ ଆକାଂକ୍ଷା
ଭାବି ତା କଥା ହସୁ ଥାଏ ମୁଁ ମନେ ମନେ
କିପରି କହିବି ମୋଁ ହୃଦୟର କଥା, ବର୍ଣ୍ଣନା କରିବି କିପରି
ହୃଦୟ ଦେଇ ଭଲ ପାଏ ମୁଁ ସାଙ୍ଗ କଣ ଯେ କହି ବୁଝେଇବି

ସିଏ ଯେ ମୋଁ ଜୀବନର ପ୍ରଥମ ପ୍ରେମ ଏହା କପରି ତାକୁ କହିବି
ଭଲ ପାଏ ତାକୁ ମନ ଦେଇ ମୁଁ, କେମିତି ବୁଝିବ ସିଏ
ସକାଳର ପ୍ରଥମ କରଣରେ ପୁନେଇ ଜହ୍ନର ଯୋସ୍ନାରେ
ଅଭୁଲା ସ୍ମୃତିର ଅଭୁଲା ନାୟିକା ସିଏ
ଆଖି ତା ଯେମିତି ଆକାଶେ ଘେନ ଆସିଥିବା କଳା ବାଦଲ ଟିଏ
ଆଖିରେ ତାର ଅସୁମାରୀ ସ୍ୱପ୍ନ, ଲାଗେ ଜେମିତି ନୀଳ ଅକାତ ସମୁଦ୍ର ଟିଏ
କଣ କହି ତତେ ବୁଝେଇବି ସାଙ୍ଗ କେବଳ ପ୍ରିୟ ନୁହିଁ ସିଏ
ମୋଁ ବଂଚବାର କାରଣ ଟିଏ
ଶବ୍ଦର ଅଭାବେ ଲେଖି ପାରୁନ କବିତା କେମିତି ତାକୁ କହିବି
ହୃଦୟ ଦେଇ ଭଲ ପାଏ ମୁଁ ସାଙ୍ଗ କଣ ଯେ କହି ବୁଝେଇବି
ସିଏ ଯେ ମୋଁ ଜୀବନର ପ୍ରଥମ ପ୍ରେମ ଏହା କପରି ଯେ ତାକୁ କହିବି
ଶୁଣିବ ନାହିଁ ମୋଁ କଥା ବୁଝିବ ନାହିଁ ମୋଁ ବ୍ୟଥା
ରହିବ ମୋଁ ଠୁ ଦୁରେଇ, ହେବନ ମୋଁ ସହ କଥା
କରିଛି ଅଭିମାନ ମୋଁ ପ୍ରିୟା
ସ୍ୱପ୍ନରେ ବାସ ଭାବୁ ଥାଏମୁହିଁ, ପାଖକୁ ଆସିଲେ କଣ ଯେ ତାକୁ କହିବି
ହୃଦୟ ଦେଇ ଭଲ ପାଏ ମୁଁ ସାଙ୍ଗ କଣ ଯେ କହି ବୁଝେଇବି
ସିଏ ଯେ ମୋଁ ଜୀବନର ପ୍ରଥମ ପ୍ରେମ ଏହା କପରି ଯେ ତାକୁ କହିବି
ଓଠ ତା କଅଁଳ ଗୋଲାପର ପାଖୁଡା, ଦେଖିବାକୁ ସିଏ ଗୋଲାପୀ
କଥା ତାର ସୁମଧୁର ବଂଶୀର ସ୍ୱର, ପଦେ କଥା ରେ ମନ ନଏ ହରି
କଣ ଦେଇ ତାକୁ ବନେଇଛି ଏ ପ୍ରକୃତି ବିଧାଣି
କେମିତି ତାକୁ ଗଢିଛି, କୋଉ ଫୁଲ ରେ ତାକୁ ତିଆରି କରିଛି
ପାରୁନ ଆଜି ମୁଁ ନଜେ ବି ଜାଣି

ହୃଦୟ ଦେଇ ଭଲ ପାଏ ମୁଁ ସାଙ୍ଗ କଣ ଯେ କହି ବୁଝେଇବି
ସିଏ ଯେ ମୋଁ ଜୀବନର ପ୍ରଥମ ପ୍ରେମ ଏହା କପରି ଯେତାକୁ କହିବି
ଚେହେରା ତାର ପୁନେଇ ଜହ୍ନ ଦେହ ତା ସୁନାର ଝଲେଇ
ଦେଖିଲେ ଲାଗେ ତାକୁ ପରି ଟିଏ କେହି ମର୍ତ୍ତ୍ୟ ରେ ଆସିଛି ଓଲ୍ହେଇ
ହାଏ ତା ରୂପର ପରିସୀମା, ଭାବିବାର ବାହାରେ ମୋଁ ଚନ୍ତନର
କଣ ଯେ କହି ତାକୁ ବଖାଣିବି, କପରି ଯେ ତା ମନରେ ରହିବି
ପାଇବାର ଅଭିଳାଷା ରଖି ପାଇନ ଭଲ ତାକୁ
ପ୍ରତ୍ୟାଶା ବିହୀନ ଭଲ ପାଇବା ସିଏ ମୋଁ
ହୃଦୟ ନୁହେଁ ମୋଁ, ମନ ଆତ୍ମା ରେ ରଖିବି ତାକୁ
ହୃଦୟ ଦେଇ ଭଲ ପାଏ ମୁଁ ସାଙ୍ଗ କଣ ଯେ କହି ବୁଝେଇବି
ସିଏ ଯେ ମୋଁ ଜୀବନର ପ୍ରଥମ ପ୍ରେମ ଏହା କପରି ଯେ ତାକୁ କହିବି
ଜୀବନଠୁ ଅଧିକ ଭଲ ପାଏ ମୁଁ ତାକୁ, ଶେଷ ନଶ୍ୱାସ ପର୍ଯ୍ୟନ୍ତ ଭଲ ପାଇବି.........

ବରହମପୁର, ଗଞ୍ଜାମ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଛୋଟ ମୋର ନାଆଟି

## (ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

### ୪-ଭାଗବତ ଘର:-

ଆଜି ୧୬ ସେପ୍ଟେମ୍ବର ବୁଧବାର । ଆସନ୍ତା କାଲି ଭାଦ୍ରପଦ ପୂର୍ଣ୍ଣୀମା **(**ଭାଗବତ ଜନ୍ମ**)** ଏ ବର୍ଷ ପୂର୍ଣ୍ଣମୀଟି ଦୁଇଦିନ ଥିଲା ।ପୂର୍ଣ୍ଣୀମା ଦିନ ଚନ୍ଦ୍ର ଗ୍ରହଣ ଲାଗୁ ଥିବାରୁ ଆଜି ଭାଗବତ ପାଠର ସମୟ ନିର୍ଣ୍ଣୟ କରାଯାଇଥିଲା । ଯାଜପୁର ମଠର ବାବା ବାପାଙ୍କୁ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଥିଲେ । ପୁରୀରୁ କେତେଜଣ ମହନ୍ତ ଏବଂ ବ୍ରହ୍ମଚାରୀ ମାନେ ଆସିଛନ୍ତି । ଭାଗବତ ଜନ୍ମତିଥି ପାଳନ କରିବା ପାଇଁ ପୁରାଦିନ ଅଖଣ୍ଡଶ୍ରୀମଦ ଭାଗବତ ପାଠ କରାଯିବ । ଭାଗବତ ପଢିବା ପାଇଁ ବାପା ମୋ ନାମ ରଦ୍ଦ କରାଇଥିଲେ । ମତେ ପଚାରିଥିଲେ, "ଭାଗବତ ନ ପଢି ଭାଗବତ ବିଷୟରେ ଦୁଇ ଲାଇନ୍ କହି ପାରିବୁ**?**"

ଘରେ ପୁରାଣ ପଢିବା ସମୟରେ ବହି ନଦେଖି ରଙ୍ଗିଆ, ଭିକାରୀ ପ୍ରଭୃତିଙ୍କୁ କିଛି କିଛି ବୁଝାଇଥାଏ । କାଳସେଠୀର ଭାରିଜା ଥରେ ସେମାନଙ୍କୁ ଭାଗବତ ବିଷୟରେ ବୁଝାଇବାକୁ କହିଥିଲା । ମୁଁ ପଢି ଶୁଣାଇଥିଲି, ମାତ୍ର ସେମାନେ କିଛି ବୁଝି ପାରୁ ନ ଥିଲେ ବୋଲି କଥାରେ କିଛି ବୁଝାଇବାକୁ ଅନୁରୋଧ କଲା । ତା କଥା ଅନୁସାରେ ମୁଁ କିଛି ଭାଗବତ ତତ୍ତ୍ୱ ସରଳରେ ଲେଖିଥିଲି । ମାତ୍ର ଏ ମହା ଜ୍ଞାନୀମାନଙ୍କ ସାମ୍ନାରେ ତାହା ପଢିବା କ'ଣ ଉଚିତ୍ ହେବ**!** କହିଲି,"ଭୟ ଲାଗୁଛି । ମୋ ପାଟି ଖନ ମାରିଯିବ । ସେମାନେ କେତେ ଜ୍ଞାନୀ ।"

ବାପା ଅପେକ୍ଷାକୃତ ଚଢାଗଳାରେ କହିଲେ, "ମାନୁଛି ସେମାନେ ମହାଜ୍ଞାନୀ," ଭୟ ଲାଗୁଛି, ପାଟି ଖନ ମାରିଯିବ" ଏ ସବୁ ଭୀରୁ ମାନଙ୍କର ଭାଷା, ପୁଣି ନରମ ଗଳାରେ କହିଲେ, "କିଛି ବ୍ୟସ୍ତ ହେବାର ନାହିଁ, ତୁ ତ ସାନ ପିଲାଟା, ନ କହି ପାରିଲେ କେହି ପ୍ରତିବାଦ

କରିବେନ । ମାତ୍ର ମନେ ରଖିଥା ବରଂ ଚୁପ୍ ରହିବୁ ବାହାଦୂରୀ ମାରି ଭୁଲ୍ ଭାଲ୍ କହିବୁନ ।"

ସେଠାରେ ପହଞ୍ଚି ଆମେ ଦେଖିଲୁ ବହୁ ମହାନ୍ ଜ୍ଞାନୀ ମାନେ ଭାଗବତ ଉପରେ ଭାଷଣ ଦେବା ପାଇଁ ଏକତ୍ରିତ ହୋଇଛନ୍ତି । ଭାଗବତ ପାଠ ଆରମ୍ଭ ଦଶଟାରେ । ତା ପୂର୍ବରୁ ପୂଜା,ହୋମ ପ୍ରଭୃତି ସଂପୂର୍ଣ୍ଣ ହେବ । ତ ମୁଁ ବୈତରଣୀ ନଦୀକୁ ଗାଧୋଇବା ବାହାନାରେ ଯାଇ ମୋ ଲେଖା କାଗଜରେ ଆଉ ଯାହାଯାହା ମନକୁ ଆସିଲା ଯୋଡି ଦେଲି ।ଗାଧୋଇ ଆସି ଆଦେଶ ଅପେକ୍ଷାରେ ବସି ରହିଲି ।

କେହି ଜଣେ ବୟସ୍କ ବ୍ୟକ୍ତି ଛିଡା ହୋଇ କହିଲେ,ଆମ ଯାଜପୁର ସବ୍ଡିଭିଜନ୍ ରେ ଏମିତି କୌଣସି ଗାଁ ନାହିଁ ଯେଉଁଠାରେ ଭାଗବତ ଘର ନାହିଁ । ଏମିତି କୌଣସି ଘର ନାହିଁ ଯେଉଁଠି ପ୍ରତିଦିନ ଗୋଟିଏ ଅଧ୍ୟାୟ ଶ୍ରୀମଦଭାଗବତ ପଢା ନଯାଏ । ତେଣୁ ଏଠାର ଆବାଳ ବୃଦ୍ଧ ବନତା ଭାଗବତ ସହ ସଂପୂର୍ଣ୍ଣ ଭାବେସଂପୃକ୍ତ । ଏହାର ପ୍ରମାଣ ଏଇ ଛୋଟିଆ ଝିଅଟି । ଶୁଣିବା ଭାଗବତ ବିଷୟରେ ତାର ମତାମତ ।

ଭଂଗା ଭଂଗି କରି ରଖିଥିବା କାଗଜ ଖଣ୍ଡାକ ମୋ ମାଳୀ ବ୍ୟାଗ ଭିତରୁ ବାହାର କଲି,ପୂଜନୀୟ ବାବା ବ୍ରହ୍ମଚାରୀ ଶ୍ରୀ ନତ୍ୟାନନ୍ଦ ଦାସ ମହାରାଜ,ଶ୍ରୀକ୍ଷେତ୍ରରୁ ଆସିଥିବା ସ୍ୱାମୀ ଦୟାନନ୍ଦ ସରସ୍ୱତୀ,ମହନ୍ତ ନାରାୟଣ ଦାସ ମହାରାଜ,ଅନ୍ୟାନ୍ୟ ଅତିଥି ମାନଙ୍କୁ ମୋର ସାଷ୍ଟାଙ୍ଗ ପ୍ରଣାମ । ଏଠାରେ ମୋର ଉପସ୍ଥିତି"ବକ ମଧ୍ୟେ କାକ ଯଥା" । ତଥାପି ଯାହା ଜାଣିଛି ସବୁ କହି ବଖାଣିବି । ତ୍ରୁଟି କ୍ଷମା କରିବେ । ଅଜ୍ଞତାରୁ କିଛି ଭୁଲ୍ କଲେ ଗୁରୁଜନ ମାନେ ତାର ସଂଶୋଧନ କରିଦେବେ ବୋଲି ମୁଁ ହାତ ଯୋଡି ପ୍ରାର୍ଥନା କରୁଛି ।

"ବିଦ୍ୟା ଭାଗବତାଧି"

ଅତିବଡି ଜଗନ୍ନାଥଙ୍କୁ କଏବା ନ ଜାଣେ । ଶ୍ରୀମଦ ଭାଗବତ ତାଙ୍କରି ଦ୍ୱାରା ଲିଖିତ ଆମର ଲୋକ ପ୍ରିୟପୁରାଣ ।

ପୁରାଣ----ଅର୍ଥାତ ପୁରୁଣା ସମୟର ବର୍ଣ୍ଣନା । ବେଦ, ଉପନଷଦ୍ ର ସାନ୍ନିଧରେ ଏ ପୁରାଣମାନଙ୍କର କାହିଁକ ଉତ୍ପନ୍ନ, ମୁଁ ଯଦି ସରଳ ଭାଷା ଏବଂ ଅତି ସଂକ୍ଷିପ୍ତରେ କହିବି ତାହା ହେଲା:- ବେଦ ଆଉ ଉପନଷଦ୍ ସାଧାରଣ ମଣିଷ ମାନଙ୍କ ପାଇଁ ବୁଝିବା କଷ୍ଟକର, ସେଥିପାଇଁ ପୁରାଣର ଜନ୍ମ ।ଧୀରେ ଧୀରେ ଏଇ ପୁରାଣମାନଙ୍କର ସଂଖ୍ୟା ବଢି ଅଷ୍ଟାଦଶ ପୁରାଣ ହେବା ପରେ ଅନ୍ୟ ଏକ ସମସ୍ୟା ଦେଖାଗଲା । ଏଇ ଅଷ୍ଟାଦଶ ପୁରାଣରୁ କେଉଁ ପୁରାଣଟି ପଢିବା ଉଚତ୍! କଏ ବିଷ୍ଣୁପୁରାଣ ତ ଅନ୍ୟ କେହି ରାମାୟଣ ଅଥବା ଶିବ ପୁରାଣ, ଲକ୍ଷ୍ମୀ ପୁରାଣ ଇତ୍ୟାଦି ଇତ୍ୟାଦି ।

ଏଇ ସନ୍ତୁଳନ ଭିତରେ ହେଲା ଭାଗବତର ସୃଷ୍ଟି । କହିବାକୁ ଗଲେ ଭାଗବତ ହେଲା ସବୁ ପୁରାଣ ମାନଙ୍କର ସାରାଂଶ । ଏହାର ପ୍ରାରମ୍ଭ ଏହିପରି ହେଇଥାଏ;

"ନମଇଁ ନୃସିଂହ ଚରଣ,ଅନାଦି ପରମ କାରଣ
ଦୁଷ୍ଟ ନବାରି ସନ୍ଥ ପାଳୁ, ତୁ ନାଥ ପରମ ଦୟାଳୁ ।"

ଭାଗବତ କେବଳ ଏକ ଆଧାତ୍ମିକ ପୁରାଣ ନୁହେଁ, ଏହା ଆମମାନଙ୍କୁ ଚଳତ ଜୀବନ ସମ୍ବନ୍ଧରେ ମଧ ଶିକ୍ଷା ଦେଇଥାଏ । ତେଣୁ କୁହାଯାଇଥାଏ:

"ସକଳ ତୀର୍ଥ ତୋ ଚରଣେ
ବଦ୍ରିକା ଯିବି କ କାରଣେ?"
"ଇହ ସଂସାରେ ଜନ୍ମ ହୋଇ
ଦେବତା ହେଲେ ବି ମରଇ"

ଏଇମିତି ପଂକ୍ତି ଗୁଡିକ ବାସ୍ତବତାକୁ ପ୍ରତ୍ୟକ୍ଷ କଂବା ପରୋକ୍ଷରେ ସ୍ପଷ୍ଟ କରିଥାଏ ।

ଉଦାହରଣ:-୧

ଅଜ୍ଞାନ ଜନ ଏ ଜଗତେ
ବନ୍ଧନ କର୍ମର ଆୟତ୍ତେ
ସୁଖର ଲୋଭେ ଦୁଃଖେ ପଡେ

ଯାବତ ଭକ୍ତି ମାର୍ଗ ହୁଡେ ।
ତାବତ ସୁଖ କାହିଁ ତାର
ଲଭଇ ଦୁଃଖ ମହାଘୋର"

ଏହି ଅବର୍ଣ୍ଣନୀୟ ଗୁଣ ଥିବା ଭାଗବତ ସର୍ବ ପ୍ରଥମେ ବ୍ୟାସ ଦେବଙ୍କ ଦ୍ଵାରା ସଂସ୍କୃତ ଲିପିରେ ଲେଖାଥିଲା । ପରେ ପରେ ପ୍ରାୟ ସମସ୍ତ ଭାରତୀୟ ଭାଷାରେ ଏହା ଉଲ୍ଲେଖିତ । ଏଇ ଦ୍ଵାଦଶସ୍କନ୍ଧ ଭାଗବତରେ ୩୩୨ଟି ଅଧ୍ୟାୟ ଏବଂ ୧୮,୦୦୦ ଟି ଶ୍ଳୋକ ନିହିତ ରହିଛି। ଅର୍ଥାତ ଆମେ ଯଦି ଜନ୍ମ ଦିବସରେ ଏଇ ପୁରାଣଟି ଆରମ୍ଭ କରିବାକୁ ନିଶ୍ଚିତ କରିବା ତେବେ ତାହା ସମ୍ଭବ ହୋଇପାରିବ ।

ମୁଁ ଏତିକ କହି ବିରତି ନେବାକୁ ଯାଉଁଛି, "ନା ଆମେ ଅତି ବଡି ଜଗନ୍ନାଥ ଦାସ ନାଁ ଶୁକଦେବଙ୍କ ଭଳି ଭାଗବତ ଜ୍ଞାନ ଶୁଣାଇ ପାରିବା ନାଁ ଚୈତନ୍ୟ ଦେବ କିଂବା ପରୀକ୍ଷିତ ରାଜାଙ୍କ ଭଳି ଶ୍ରୋତା ହୋଇ ମୋକ୍ଷ ପ୍ରାପ୍ତ କରି ପାରିବା, ତଥାପି ଭାଗବତ ପଠନରୁ ଆମେ ପଛଘୁଞ୍ଚା ଦେବାନି ।

ଏତିକ କହି ସଦ୍ୟ ଯୋଡିଥିବା ଦୁଇ ଧାଡି ପାଠ କରିବାର ପ୍ରୟାସ କଲି । ଭଗବତ,ଭାଗବତା--ସଂସ୍କୃତରେ ଆଉ ଆଗକୁ ପଢି ପାରିଲିନି,ବାପା ପୂରଣ କଲେ,

"ଭଗବତ୍ ଭାଗବତା ପାଞ୍ଚ ମୁଖସ୍ଥିତମ୍ ଅକ୍ଷରମ୍
ହ୍ରୀ ଅକ୍ଷରଂ ମହା ବୀଜଂ ଅନନ୍ତଂ ତଂ ନିଯୋଜୟେତ୍ ।"

ବାପାଙ୍କ ମୁହଁକୁ ହାଁ କରି ଚାହିଁ ରହିଥିଲି । କେଡେ ଅନାୟାସରେ ଗାଇ ଶୁଣାଇ ଦେଲେ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ମୁଁ, ତୁମେ ଓ ସେ



ଖଗେଶ୍ୱର ବାଗ

ମୁଁ ଯେ ଚର୍ପର୍ଧୀ ତୁମର ନା ଦେଇ ପାରିଲି ଚେନାଏ ହସ ନା ଟିକେ ସୁଖ
ନା ପୂରଣକଲି ପ୍ରତିଶ୍ରୁତି ନା ସଜାଇଲି ସ୍ୱପ୍ନସବୁ
କେବଳ ପ୍ରତାରଣା ଛଡା କଛି ତ ଦେଇନ ।।
ତଥାପି – ତୁମେ ଯେ କେତେ ସରଳା ଆଉ ଅଭିମାନନୀ
କେତେ ଯେ ସହିଛ ଯାତନା ହେଉଛ ଲୋକହସା
ପ୍ରୀତିର ଅଗ୍ନି ପରୀକ୍ଷା ଦେଇଛ ଖାସ୍ ମୋ ପାଇଁ
ତ୍ୟାଗ ଓ ସମର୍ପଣର ତୁମେ ଅନନ୍ୟ ପ୍ରତିମା ମୁଁ ବା କେମିତି ଭୁଲି ପାରିବି -?
କେମିତି ଭୁଲି ପାରିବି ତା କୁ ସେ ମୋର ଜନ୍ମ ଜନ୍ମାନ୍ତରର ବାନ୍ଧବୀ
ଯୁଗଯୁଗର ସାଥୀ ପାତକ ପାବନୀ ମନ୍ଦାକନୀ
ସର୍ଜନାର ଶ୍ରେଷ୍ଠ ସ୍ରଷ୍ଟା ତା ବିନା ନାହିଁ ମୋର ପରିଚୟ ନାହିଁ ଅସ୍ତିତ୍ୱ ॥
ଯଦି ତୁମେ ମୋ ହୃଦୟର ପ୍ରଥମ ସ୍ପନ୍ଦନ ସେ ଅଟେ ଜୀବନର ଶେଷଶ୍ୱାସ
ତୁମେ ନମିଷ ବସନ୍ତ ହେଲେ ସେ ଚରସ୍ରୋତା ଫଲଗୁ
ତୁମେ ଯଦି ଅତୀତର ସ୍ମୃତି ମାତ୍ର
ତେବେ ସେ ମୋର ଶତାବ୍ଦୀର ସତ୍ୟ
ଅଥଚ ମୁଁ, ତୁମେ ଓ ସେ ସ୍ରଷ୍ଟାର ଅନବଦ୍ୟ ସୃଷ୍ଟି ॥

# ମଦ



ତିଳ ରାଉତ

“ମଦ” ବୋଲି ଆମ୍ଭେ କହିଥାଉ ଯାହା
ତାହା ଯେ ଅଟଇ “ମନ୍ଦ”
ସ୍ନେହ ପ୍ରେମ, ସୁଖ ଶାନ୍ତି ହରି ନେଇ
ଆଣିଦିଏ ଅପବାଦ ॥
“ମଦ” ପାଇଁ ଭାଇ ଭଗାରୀ ସାଜଇ
ଆତ୍ମୀୟ ହୁଅଇ ପର
“ମଦ”ର ସକାଶେ ଉଜୁଡି ଯେ ଯାଏ
କେତେ ଯେ ସୁନାସଂସାର ॥
ଆମ୍ଭ ବଡୀମାର ସକାଶେ ସିନା
ବ୍ୟକ୍ତି କରେ ମଦ୍ୟପାନ
ଶରୀର ପକ୍ଷେ ତା କ୍ଷତିକାରକ
ଶୀଘ୍ର ଯାଏ ଯମ ଭୁବନ ॥
ମଦ୍ୟପାନ କରି ମଣିଷ ସତେ
ପଥଭ୍ରଷ୍ଟ ହୋଇଯାଏ
ଲକ୍ଷ୍ମୀଛଡା ହୋଇ ଦୁନଆରେ
ଅପମାନ ପାଉଥାଏ ॥
ହେବନ୍ଧୁ ବାନ୍ଧବ ସଖା ସହୋଦର

ଛାଡିଦିଅ ମଦ ଆହାର

ବେଳ ଥାଉ ଥାଉ ହୁଅ ସଚେତନ

ଯୋଡୁଅଛି ବେନ କର ॥

ନଶା ନବାରଣେ ସାମିଲ ହେବା

ଆସ ସମସ୍ତେ ଆଗେଇ

ନଶାମୁକ୍ତ ଦେଶ ଗଢିବା ଆମେ

ମିଳମିଶି ଏକ ହୋଇ ॥

ଗ୍ରାମ – ଜଡ଼ାମୁଣ୍ଡା, ବ୍ଲକ – କୋମନା, ଜି- ନୂଆପଡ଼ା



# ଅଥଃ ପତନଃ ସମ୍ବାଦ



ସତ୍ୟବ୍ରତ ମହାପାତ୍ର

ଆଃ, ଉଃ, ଆଉଚ୍ ଶବ୍ଦ ବୋଧହୁଏ କେବଳ ଟିଭିରେ ଦେଖେଉଥିବା ବିଜ୍ଞାପନରେ ହୁଏ । କାରଣ ପାଦ ମୋଡି ହୋଇ ଯେତେବେଳେ ମୁଁ ପଡିଲି, ସେତେବେଳେ ପାଟିରୁ ବାହାରିଗଲା "ମୋ ବୋଉଲୋ" ।

ରତି ନ ଟା ରେ ଗୋଟିଏ ଦୋକାନ ରୁ ବାହାରି ରାସ୍ତାକୁ ଆସୁଥିଲା ବେଳେ ଜାଣି ପାରିଲିନ ଯେ ମୋ ପାଇଁ ଛୋଟ ଗାତ ଟେ ଅପେକ୍ଷା କରିଛି ବୋଲି । ପାଦରୁ ଇଞ୍ଚେ ଖଣ୍ଡେ ମୋଡି ହୋଇଗଲା ଆଉ ପୁରା ଅଶିକଲୋ ଓଜନଆ ଦେହଟା ତା ଉପରେ ମେଞ୍ଚା ହୋଇ ରହିଗଲା । ଠୋ କରି ଶବ୍ଦ ହେଲା ମୋ ପାଦରେ, ଆଉ କ ଯନ୍ତ୍ରଣା । ଛଟପଟ ହୋଇ ମୁଁ ଫୁଟପାଥ ଉପରେ ବସିଗଲି ଓ ପାଖକୁ ପହଞ୍ଚି ଯାଇଥିବା ମୋ ପତ୍ନୀଙ୍କୁ କହିଲି ପାଦଟା ଭାଙ୍ଗିଗଲା ।

ଟିକଏ ସମୟ ପରେ ଆମେ ଗ୍ଧଲି ଆସିଲୁ ଘର ପାଖରେ ଥିବା ଘରୋଇ ହାସପାତାଳକୁ । ଖବର ପାଇ ମୋର ଆଦରଣୀୟ ପଡୋଶୀମାନେ ମଧ ପହଞ୍ଚିଗଲେ । ଏକ୍ସରେ ହେଲା, ଡାକ୍ତର ଦେଖି କହିଲେ – ଭାଙ୍ଗିନାହିଁ, କନ୍ତୁ ବହୁତ ଜୋରରେ ମୋଡି ହୋଇଯାଇଛି । ତେଣୁ ଠିକ୍ ହେବାକୁ କଛି ଦିନ ଲାଗିବ । ସେତିକ କହିବାକୁ ତଙ୍କୁ ସମୟ ଲାଗିଲା । ମତେ ଲାଗିଲା, ସେଦିନ ର ତାଙ୍କର କର୍ପୋରେଟ୍ ଟାର୍ଗେଟ ବୋଧହୁଏ ପୁରା ହୋଇ ନଥିଲା । ରାତିରେ ମୋ କେସ୍ ରୁ କଛି ସାହାଯ୍ୟ ମିଳବ । ତେଣୁ ମୋ ପାଦର ଏକ୍ସରେଟା ଦେଖି ସେ ବେଶ୍ ଦୁଃଖିତ ଜଣା ପଡୁଥିଲେ ।

ତାଙ୍କଠାରୁ ବେଶି ଦୁଃଖୀ ଜଣା ପଡୁଥିଲେ ମୋ ପଡୋଶୀନ, ସୁନ୍ଦରୀ ଓ ଚଳଚଞ୍ଚଳା, ଯେ କ ତାଙ୍କର କଅଁଳ ନଦ ଭଙ୍ଗି ଦଉଡି ଆସିଥିଲେ ସମବେଦନା ଦେବାପାଇଁ। ଯାହ ହେଲେ ବି ଗୋଡ ଭଙ୍ଗା ର "ଆହା""ଚୁ""ଚୁ" ର ଏମୋଟାନ୍ସ୍ ଟା ଅଲଗା। ଆଉ ଗୋଡ ଟା ମୋଡି ହୋଇଗଲା ତ ହୋଇଗଲା, ସେଥିରେ କଏ କଣ କରିବ? ଦେଖି ଶୁହିଁ ଚ଼ଲିବା କଥା ନା।

ଘରେ ସପ୍ତାହେ ବିଶ୍ରାମ କଲାପରେ ଅଫିସ୍ ଗଲି ପାଦ ରେ କ୍ରେପ୍ ବ୍ୟାଣ୍ଡେଜ ଗୁଡାଇ। ଭୀଷ୍ମଙ୍କ ଶରଶଯ୍ୟା କଥା ଶୁଣିଥିଲି, ଏବେ ଅନୁଭବ କଲି ପ୍ରଶ୍ନ ବାଣରେ।

କଣ ହେଲା କ? ପଡିଗଲି।

କୋଉଠି ପଡିଲେ? ଘରେ? ନା ଆଉ କୋଉଠି?

ରାସ୍ତାରେ।

କଣ ସ୍କୁଟର ରୁ ପଡିଗଲେ?

ନାହିଁ, ଚ଼ାଲି ଚ଼ାଲି ଯାଉଥିଲି।

ତା ପର ର ପ୍ରଶ୍ନ ସବୁ ଚୁଙ୍ଗ୍ ଚୁଙ୍ଗ୍ ହୋଇ ଦେହରେ ଫୋଡି ହେଲା ଭଳିଆ।

କଣ, ଚ଼ାଲି ଚ଼ାଲି ଯାଉଥିଲେ ଆଉ ପଡିଗଲେ???

ଚଷମା ପିନ୍ଧିଥିଲେ ଟି?

କୁଆଡେ ଅନେଇ କଷ୍ଟୟ ଯାଉଥିବେ?

କଣ, ନଜରଟା କାହା ଉପରେ ଥିଲା କ?

ନାଇଁ ଆଜ୍ଞା, ମୋ ପତ୍ନୀ ସାଙ୍ଗରେ ଥିଲେ।

ଆରେ ସେ କଣ ଜଗିଛନ୍ତି ଆପଣ କୁଆଡେ ଅନାଉଛନ୍ତି ବୋଲି।

କାହା କଥାଭାବୁଥିଲେ କ?

ଆରେ, କୋଉଠି ପଡିଲେ?

ଏଇ ଡମଣା ଛକରେ।

ଡମଣା ର କୋଉଠି ମ**?**

ସେଇ ଯେଉଁ ହାଟ ପାଖ ମାର୍କେଟ ରେ ।

କୋଉଠି କହିଲେ**?**

ସେ ଜକ ଆଉଟ୍ ଲେଟ୍ ବାହାରେ ।

ଆରେ**,** ସେଇଟା ତ ମୋ ଘର ପାଖରେ ।

ଆପଣ ଡମଣା କଣ କହୁଛନ୍ତି**,** ସେଇଟା ଶୈଳଶ୍ରୀ ବିହାର ରେ ଯିବ ।

ଆଛା**,** ଆପଣ କଣ ଜାଣି ପାରିଲେନ ସେଠି ରାସ୍ତା ଟା ଟିକଏ ଅନ୍ଧାରୁଆ ଥାଏ ବୋଲି**?**

ଟିକଏ ଦେଖି ଶୁଣି ଯିବା କଥା ନା ।

ଆରେ**,** ଗୋଡ କଣ ହେଲା**?** ପଡିଗଲି ।

କାହା ଘରେ ପଶିଥିଲେ କ**?** ଫାଳେ ପଡିଛି**?**

ନାହିଁ ଭାଇ**,** ରାସ୍ତାରେ ପଡିଲି**,** ପତ୍ନୀ ସାଙ୍ଗରେ ଥିଲେ ।

କେଜାଣି ଆପଣ ସତ କହୁଛନ୍ତି କ ନାହିଁ**?** ସତ କହିଲେ କାହା ସହିତ ଲାଗୁଥିଲେ ଆଉ ସେ ଧକ୍କା ଦେଇଦେଲା**?**

ସେମିତି କଛି ନାହିଁ ଭାଇ । ଜାଣିପାରିଲିନ**,** କେମିତି ପଡିଗଲି ।

ଆରେ**,** ଆପଣ ଛୋଟୋଉଛନ୍ତି କାହିଁକ**?**

ପଡିଗଲି ରାସ୍ତା ରେ**,** ଅନ୍ଧାର ହୋଇଥିଲା**,** ଗାତ ରେ ପଡି ଗୋଡ ମୋଡି ହୋଇଗଲା । ପତ୍ନୀ ସାଙ୍ଗରେ ଥିଲେ ।

କୋଉଠି ପଡିଲେ**?**

ଶୈଳଶ୍ରୀ ବିହାର ମାର୍କେଟ ରେ ।

ଆରେ ମୁଁ ତ ସେହି ପଟେ ରହୁଛି । କୋଉଠି ପଡିଲେ କହିଲେ**?** ଆଜ୍ଞା ଛାଡନ୍ତୁ**,** ପଡିଗଲି ତ**!**

ନାଇଁ ନାଇଁ**,** କୋଉଠି ପଡିଲେ ଏକ୍କାଟଲି କହୁନାହାନ୍ତି**?**

ସେ ଜକ ଦୋକାନ ପାଖରେ ।

ସେଇଟି ତ ଜକ ର ତିନଟା ଦୋକାନ ଅଛି । କୋଉଠି ପଡିଲେ**?**

ସେ ବହି ଦୋକାନ ପାଖଟା ।

ଓଃ, ଆରେ ଆପଣ ସେଇଠିକୁ କାହିଁକି ଗଲେ? ସେଇଠି ଭଲ ଷ୍ଟକ ନଥାଏ । ଆପଣ ଛକ ଆରପାଖ ଦୋକାନରୁ ନେବେ । ମୋ ନାଁ କହିଲେ ଟିକଏ ଦର କମେଇବ ।

ପ୍ରଶ୍ନ ପରେ ପ୍ରଶ୍ନ । ମୋର ଶୁଭଚନ୍ତକଙ୍କ ସଂଖ୍ୟା ଅନେକ । ଉପଦେଶ ବି କଛି କମ୍ ନୁହେଁ ।

ହେଲେ ମୋ ବିଚର୍‌ା ପାଦ । ବହୁତ କମ୍ ଲୋକ ପଗ୍ଚରିଲେ ତା କଥା । ମାସେ ହେଲାଣି, ହେଲେ ଦରଜ ଅଛି । ଧୀରେ ଧୀରେ କମୁଛି । ଔଷଧ ଲଗାଇବା ଇତ୍ୟାଦି ମୁଁ କରିଗ୍ଲିଛି ଘରେ । କନ୍ତୁ ଅଫିସ୍ ରେ ଚେଷ୍ଟା କରୁଛି ନ ଛୋଟେଇବା ପାଇଁ । ଏବେବି କଏ କଏ ଦେଖିଦେଲେ ପଗ୍ଚରୁଛନ୍ତି, କୋଉଠି ପଡିଲେ?

ସତରେ ମୁଁ କୋଉଠି ପଡିଲି !!!!

୪୭, ପ୍ରାଚୀ ଏନକ୍ଲେଭ,ଚନ୍ଦ୍ରଶେଖରପୁର, ଭୁବନେଶ୍ୱର




# ସୁପ୍ରଭାତ



ଜ୍ୟୋତିର୍ଦିତ୍ୟ ପୁଝାରୀ

ବିତିଗଲେ
କଛି ଭଙ୍ଗାଗଢା ସ୍ୱପ୍ନ
ହସଲୁହ ଭିଜା ବାର୍ତ୍ତା
ସରିଗଲେ
ହାରିବା ଜିତିବାର ଖେଳ
ଖୁସି ସାଉଁଟିବାର ବେଳ
ମିଳଗଲେ
ମେଳ ଅମେଳରେ ମିତ
ସଜଫୁଲର ପଥ
ହୋଇଯାଏ
କଛି ମିଛ କଛି ସତ
ଲିଭା ଅଲିଭା ଅତୀତ



ଭବିଷ୍ୟତ କୁ ସ୍ମୃତି କରିବା ଲାଗି
ସମୟ ପୁଣି ଏକ ରୂପ ଦେଇ
ବ୍ରହ୍ମାଣ୍ଡକୁ ଭେଟି ଦିଏ ସୁପ୍ରଭାତ ।

କୁଲିଗାଁ, ବଡମହେଶ୍ୱର, ଖଡିଆଳ, ନୂଆପଡା

# ଜୟ କୋଶଲ୍

ଭରତ ମେହେର

କୋଶଲ୍ ଗ୍ଏଜ୍ ବନାବାର ଲାଗି
କେତେ ଦୂର୍ କେ ଗଲାନ କଥା
ହେଲେ ଦିନୁ ଦିନ୍ କେ
ବଢି ଗ୍ଲିଛେ କଟକଆ କଥା॥

ଆମର ଗ୍ଏଜ୍ ରେ ଆମର ଭ୍ଷା
କୋଶଲ୍ ଭ୍ଷା ହଁ ଚଲବା
ଜିଏ ନାଇ ଜାନଲେ କୋଶଲ୍ ଭ୍ଷା
ସେ କୋଶଲ୍ ଛାଡି ପଲ୍ବା॥

ଶିକ୍ଷିତ୍ ହଉଛ ନାଏରେ ପିଲେ
କୋଶଲ୍ ଛାଡି କଟକଆ କହୁଛ
ହେତେ ଜାନ ବାର ହୁଅନରେ
କୋଶଲ୍ ଭ୍ଷାକେ ଲୁକଉଛ॥

ଆମର ଗ୍ଏଜ୍ ନେ ଆମର ଭ୍ଷା
କେହି ନାଇପାରନ୍ ଖସରେଇ
ଠାନ ଦେମୁ ଆମେ ଆମର ଭ୍ଷାକେ
କେହି ନଇପାରନ୍ ଅଲଗେଇ॥

ଆମର ନଏଦ୍ ଆମର ଖେତ୍
ଆମର ଗ୍ଉଲ୍ ଆମର ଭ୍ତ୍
ଅମକୁ କରବେ ଆଶ୍
ଫେର ଆମକୁ ମରବେ ଲ୍ତ୍ ॥

ଜାଗି ଉଠରେ କୋଶଲିଆ ସଭେଁ
ଏକା ପାରେକେ ଯିମା ଲଢି
ସଭେଁ କୋଶଲିଆ ଏକ୍ ହେଲେଗା
ତାକତ୍ ଜିବା ନ ବଢି ॥

ଗ୍ରାମ - ଯଏଁତଗ୍, ଚଳକ, ବଲାଙ୍ଗିର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ପ୍ରେମ ଏକ ଅଭୁଲା ସ୍ମୃତି

ଶାଶ୍ୱତି ସାମଲ

ପ୍ରେମ ଶାଶ୍ୱତ, ପ୍ରେମ ଅବ୍ୟକ୍ତ । ଏହା ଏକ ଅବ୍ୟକ୍ତ ସ୍ୱର୍ଗୀୟ ଅନୁଭୂତି, ଏଥିରେ ଥାଏ ବଂଚବାର ସତ୍ତା, ଏହା ବ୍ୟକ୍ତି ର ମନ, ମସ୍ତିଷ୍କ ଓ ସମଗ୍ର ସଂସାର କୁ ସୁନ୍ଦର କରିଥାଏ, ପ୍ରେମ ବିନା ମଣିଷ ଜୀବନ ର କୌଣସି ଅସ୍ତିତ୍ୱ ନାହିଁ। ଏହା ମାନବ ସମାଜ କୁ ଈଶ୍ୱର ପ୍ରଦତ୍ତ ଏକ ବରଦାନ ।

ଏ ଦୁନୟା ରେ କାହା ପାଇଁ ପ୍ରେମ ଏକ ସୁନ୍ଦର ଅନୁଭବ ତ କାହା ପାଇଁ ଏହା ଏକ ଲୁହ ର ହ୍ରଦ । କନ୍ତୁ ସତ୍ୟବ୍ରତ ଙ୍କ ଜୀବନ ରେ ଏହା ଏକ ଅବୁଝା କବିତା, ତାଂକୁ କଏ ପ୍ରେମ କରିବା ତ ଦୁର ର କଥା ବଂନ୍ଧୁତା ବି ସ୍ଥାପନ କରିବାକୁ ଆଗେଇ ଆସନ୍ତିନ, ଯେଉଁ କେତେଜଣ ତାଂକ ଲିଖିତ ଗଳ୍ପ କମ୍ବା କବିତା ଦ୍ୱାରା ପ୍ରଭାବିତ ହୋଇ ଦେଖା କରିବାକୁ ଆସନ୍ତି ତାଂକ କୁତ୍ସିତ ରୁପ ଓ ଅକ୍ରମଣ୍ୟ ଶରୀର କୁ ଦେଖି ମୁଖ ବିକୃତ କରି ଗ୍ଳଲି ଯାଆନ୍ତି । ସେଥିପାଇଁ ସେ ସବୁବେଳେ ପ୍ରଶଂସା ପତ୍ର ର ଉତ୍ତର ଧନ୍ୟବାଦ ରେ ହିଁ ସୀମିତ ରଖନ୍ତି, ତା ଠାରୁ ଅଧିକା ସମ୍ପର୍କ ବଢ଼େଇବାକୁ ଗ୍ଳହାନ୍ତିନ। ଏ ଝିଅ ଟି କନ୍ତୁ ସମସ୍ତଙ୍କ ଠୁ ଭିନ୍ନ, ଅସୀମ ଧୈର୍ଯ୍ୟ ତାର। ନରାଶ ନ ହୋଇ ଏକାଧିକ ପତ୍ର ଲେଖି ପାରିଛି, ସବୁ ପତ୍ର ରେ ସାକ୍ଷାତ କରିବାକୁ ଅନୁରୋଧ । ଆଜି ଭାବୁଛନ୍ତି ନଜ ବିଷୟରେ ସବୁ କଥା ଲେଖି ଜଣାଇ ଦେବାକୁ। ହୁଏତ ପତ୍ର ପଢି ଝିଅ ଟି ର ମୋହ ଭଂଗ ହେବ ଓ ତାଂକ ବିଷୟରେ ଜାଣି ସାକ୍ଷାତ ର ଆଶା ଛାଡିଦେବ।

"ଏକ ମଧ୍ୟବିତ୍ତ ପରିବାର ରେ ମୋର ଜନ୍ମ,ମାତ୍ର ବାପା ଥିଲେ ଉଚ୍ଚମନା ଓ ଆଶାବାଦୀ, ତାଂକ ଏକମାତ୍ର ସନ୍ତାନ କୁ ନେଇ ସେ ବହୁତ ସ୍ୱପ୍ନ ଦେଖିଥିଲେ। କନ୍ତୁ ବିଧାତା ହୁଏତ ମୋ ଭାଗ୍ୟ ରେ ସେ ସୁଖ ବେଶି ଦିନ ପାଇଁ ଲେଖିନଥିଲା । ହଠାତ୍ ଦିନେ ହୃଦଘାତ ରେ ବାପା ଆରପାରି କୁ ଗ୍ଳଲିଗଲେ । ତାଂକ ଯିବା ପରେ ଘର ର ସମସ୍ତ ଦାୟିତ୍ୱ ମୋ ଉପରକୁ

ଅସିଗଲା । ବାଧ୍ୟତାବଶତ ମୋତେ ପଢା ଛାଡି ଚାକିରି ଖୋଜିବାକୁ ପଡିଲା । ଏଠିବି ଦୁର୍ଭାଗ୍ୟ ମୋ ପିଛା ଛାଡିଲାନ । ଚାକିରି ସଂକ୍ରାନ୍ତ ରେ ସାକ୍ଷାତକାର ପରୀକ୍ଷା ଦବାକୁ ବସ୍ ରେ ଯାଉଥିଲି ଗଲାବେଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ର ଶିକାର ହେଲି । ପୁରା ଛଅ ମାସ ଡାକ୍ତରଖାନା ରେ ଚିକିତ୍ସିତ ହୋଇ କଦାକାର ଚେହେରା ଓ ବିକଳାଙ୍ଗ ଶରୀର ସହିତ ଘରକୁ ଫେରିଲି । ମା ବାପାଙ୍କ ପୁଣ୍ୟବଳ ରୁ ବଂଚ ଗଲି ସିନା ନିଜ ପାଇଁ ଦେଖୁଥିବା ଅନ୍ୟ ସବୁ ସ୍ୱପ୍ନ କୁ ଭୁଲିବାକୁ ପଡିଲା । କେଉଁଠି ଚାକିରି କରିବାକୁ ସାହସ ନଥିଲା । ଏକ ବନ୍ଧୁ ର ଅନୁରୋଧ ଏଡାଇ ନ ପାରି ତାଙ୍କ ପିଲା ମାନଙ୍କୁ ପାଠ ପଢେଇଲି । ଏହି ଘରୋଇ ଶିକ୍ଷକତା ହାତକୁ ଦୁଇ ପଇସା ବି ଆସିଲା । ଛୋଟ ବେଳୁ କାହାଣୀ, କବିତା ଲେଖିବା ଓ ପଢିବା ରେ ରୁଚି ଥିଲା । କିନ୍ତୁ ଏବେ ନିଜ ଅସହାୟ ଏବଂ ଏକାନ୍ତ ଜୀବନ ର ଦୁଃଖ କୁ ଦୁର କରିବା ପାଇ ଲେଖିଲି । ମୋ ଲେଖା ପାଠକଙ୍କ ଦ୍ୱାରା ବେଶ୍ ଆଦୃତ ହେଲା । ଏହି ଲେଖା ହିଁ ମୋ ଜୀବନ ରେ ଯଶ ଓ ଅର୍ଥ ଉଭୟ ଆଣୀଦେଲା । ଏବେ ଆଉ କୌଣସି ଜିନିଷ ର ଅଭାବ ନଥିଲା । ମା ମୋ ପାଇଁ କନ୍ୟା ଯୋଗାଡ କରିବାରେ ଲାଗିଗଲା । କିନ୍ତୁ ସ୍ୱପ୍ନ ଓ ବାସ୍ତବତା ମଧ୍ୟ ରେ ଅକାଶ ପାତାଳ ର ପ୍ରଭେଦ, ଏକ ଶାରୀରିକ ଅକ୍ଷମ ବ୍ୟକ୍ତି ସମସ୍ତଙ୍କ ସହାନଭୁତି ପାଇ ପାରେ । ମାତ୍ର ତାକୁ ପ୍ରେମ କରା ଯାଇପାରେନା । ଏ କଥା ସେ ବହୁତ୍ ଜଲଦି ଜାଣିପାରିଲେ, ସେଥିପାଇଁ ବିବାହ ବିଷୟରେ ଚର୍ଚ୍ଚା କରି ସେ ମୋତେ ଆଉ ଅଧିକା କଷ୍ଟ ଦେବାକୁ ଚାହୁଁନାହାନ୍ତି । ଏହି ପତ୍ର ଟି ପଢିସରିଲା ପରେ ଆପଣଙ୍କ ମନରେ ମୋ ବିଷୟରେ ଥିବା ଭ୍ରାନ୍ତଧାରଣ ଦୁର ହୋଇ ଯିବ, ଏତିକି ମୋର ଆଶା ।”

ପତ୍ର ଟିକୁ ତା ଠିକଣା ରେ ପଠେଇ ଦେଇ ଦୀର୍ଘ ନିଶ୍ୱାସ ଛାଡିଲେ ସତ୍ୟବ୍ରତ । ବହୁତ୍ ଦିନରୁ ଛାତି ଭିତରେ ଥିବା ଏକ ବୋଝ ହାଲକା ହୋଇଗଲା । କିନ୍ତୁ କାହିଁକି ସେ ଖୁସି ହେଇ ପାରୁନାହାନ୍ତି । ଲାଗୁଛି ସତେ ଯେମିତି ନିଜର ଅତି ପ୍ରିୟ ଜିନିଷକୁ ହଜାଇ ବସିଛନ୍ତି ।

ଏମିତି ଦୁଇ ସପ୍ତାହ ବିତିଗଲା । ସେ ବି ଭାବୁଛନ୍ତି ତାଙ୍କ ଜୀବନ ର ଅନେକ ଦୁଃସ୍ୱପ୍ନ ପରି ଏହା ଏକ ଦୁଃସ୍ୱପ୍ନ ଥିଲା । କିନ୍ତୁ ତାଙ୍କୁ ଭୁଲ୍ ସାବ୍ୟସ୍ତ କରି ଚଠି ଟିଏ ଆସି ପହଂଚିଲା ।

ପୁଣି ସେହି ସାକ୍ଷାତ କରିବାର ଅନୁରୋଧ । କ ଉପାଦାନ ରେ ଗଢା ଏ ଝିଅ ଟି କେଜାଣି । ସବୁ ଜାଣି ବି ଦେଖା କରିବାକୁ ଚାହୁଁଛନ୍ତି । ମନା କରି ତା ମନରେ ଅଉ କଷ୍ଟ ଦେବାକୁ ଚାହୁଁନଥିଲେ। ରବିବାରଦିନ ଘର ପାଖ ଏକ ମନ୍ଦିର ରେ ସାକ୍ଷାତ କରିବାକୁ ନିର୍ଦ୍ଧାରଣ କଲେ ।

ସେଦିନ ରବିବାର । ମନ୍ଦିର ରେ ପ୍ରବଳ ଭିଡ, ବହୁତ୍ ସମୟ ଅପେକ୍ଷା କଲାପରେ ଭାବିଲି ଭଲ ହେଲା । ଦେଖା କରିବାକୁ ସିନା କହି ଦେଇଥିଲେ, ପଛରେ ନିଜ ଭୁଲ୍ ବୁଝିପାରି ଆସିଲେନି । ହଠାତ୍ ଜଣେ କେହି ପଛରୁ କହିଲେ, "କ୍ଷମା କରିବେ ଆସିବାରେ ବିଳମ୍ବ ହୋଇ ଗଲା । ରାସ୍ତା ରେ ଅଟୋ ଖରାପ ହୋଇ ଯିବାରୁ ଅଉ ଗୋଟେ ଅଟୋ ନେଇ ଅସିବାକୁ ପଡିଲା ।" ବୁଲି ଚାହିଁ ଦେଖନ୍ତି ତ ଜଣେ ଭଦ୍ର ମହିଳା ବୟସ ବତିଶି କ ତେତିଶି ହେବ, ନିଳ ରଂଗ ର ଶାଢୀ ଟିଏ ପିନ୍ଧି ଛିଡା ହୋଇ ଛନ୍ତି । କଣ ଏ ସେହି ଅପରିଚିତା ଯିଏ ତାଂକ ସାକ୍ଷାତ ପାଇଁ ବ୍ୟାକୁଳ ଥିଲେ । ଦେଖିବାକୁ ଅତିଶୟ ସୁନ୍ଦର ନହେଲେ ବି ମୁହଁ ରେ ଏକ ଆର୍କର୍ଷଣୀୟ ଭାବ ଅଛି । ନମସ୍କାର ଆଜ୍ଞା, ମୋ ନା ସୀମା । ଆପଣ ଦେବବ୍ରତ ବାବୁ ନା ? ମୋତେ ଆପଣଙ୍କ କବିତା ଓ ଗଳ୍ପ ବହୁତ୍ ଭଲ ଲଗେ। ଆପଣଙ୍କ ଦ୍ୱା ଲିଖିତ ସବୁ ବହି ମୁଁ ପଢିଛି ।

ଏ ସାକ୍ଷାତକାର ପ୍ରାୟ ଅଧ ଘଣ୍ଟା ଥିଲା। ଅଧିକାଂଶ ସମୟ ସେ ଚୁପ୍ ରହିଥିଲେ। ନହେଲେ ଉତ୍ତର ହଁ ବା ନା ରେ ଦେଇଥିଲେ । ଶେଷରେ ସୀମା ବିଦାୟ ନେଲାବେଳେ ତାଂକ ଠିକଣା ମାଗିଲେ । ମନା କରିବାର କୌଣସି କାରଣ ନଥିଲା । ରାତି ସାରା ସେ ତାଂକ ବିଷୟ ରେ ଭାବୁଥିଲେ । ଏକ ଅଜଣା ଅନୁଭୂତି ଭିତରେ ସେ ଗତି କରୁଥିଲେ। ଭାବୁଥିଲେ ଏଇଟା ତାଂକ କଳ୍ପନା ନା ସତ୍ୟ । କଛି ଦିନ ପରେ ସତ କୁ ସତ ସୀମା ତାଂକ ଭାଇଙ୍କ ସହିତ ଆସି ପହଂଚ ଥିଲେ । ଅଳ୍ପ ସମୟ ର ସେ ସାକ୍ଷାତ ଖାଲି ତାଂକ ମନରେ ନୁହେଁ,ସୁପ୍ତାବସ୍ଥା ରେ ଥିବା ମା ଙ୍କ ଆଶାରେଯେମିତି ଏକ ନୂଆ ଡେଣା ଲାଗି ଆଇଥିଲା। ଏବେ ପ୍ରାୟ ପ୍ରତି ସପ୍ତାହ ରେ ସୀମା ଘରକୁ ଆସନ୍ତି । ତାଂକ ସହିତ ମିଶିବା, ମନଖୋଲା କଥା ହବା ଭିତରେ ସେ ସୀମାଙ୍କର ତାଂକ ପ୍ରତି ଥିବା ଭାବନା କୁ ପଢି ପାରିଥିଲେ। ତାଂକୁ

ଯେ କଏ ଏତେ ଭଲ ପାଇ ବସିବ ସେ କଥା ସ୍ୱପ୍ନ ରେ ବି ଭାବି ନଥିଲେ । ଏ ଭଲ ପାଇବାରେ ଦୈହିକ ଆସକ୍ତି ର ଅବିଳତା ନଥିଲା । କେବଳ ମନ ଓ ହୃଦୟ ର ମିଳନ ।

ଦିନେ କଥା ହେଉଥିଲା ବେଳେ ସୀମା କହିଲେ "ଆପଣ ସବୁବେଳେ ଜୀବନ ର ଦୁଃଖ ,ହତାଶାଭାବ ଉପରେ କାହିଁକି ଲେଖନ୍ତି । ହଁ, ମୁଁ ମାନୁଛି ଆପଣଙ୍କ ଜୀବନ ବହୁତ୍ ସଂଘର୍ଷମୟ । ହୃଦୟ ର ବ୍ୟଥା କୁ ଲେଖା ଦ୍ୱାରା ପ୍ରକାଶ କରି ଆପଣଙ୍କ ମନ କୁ କିଛି ଶାନ୍ତି ମିଳୁଛି । କିନ୍ତୁ ସବୁ ଅନ୍ଧକାର ରାତି ପରେ ଦିନ ଆସେ । ସୂର୍ଯ୍ୟ ତା ପ୍ରଖର କିରଣ ରେ ସାରା ପୃଥିବୀ କୁ ଆଲୋକିତ କରେ ।ସେମିତି ଆପଣ ନିଜ ପ୍ରତିଭା ରୁପକ ଆଲୋକ ରେ ନିଜ ଭିତରେ ଥିବା ନୈରାଶ୍ୟଜନକ ଅନ୍ଧକାର କୁ ଦୁର କରନ୍ତୁ । ଦେଖିବେ ସାରା ଦୁନିୟା ଆପଣଙ୍କୁ ସୁନ୍ଦର ଦେଖାଯିବ । ସୀମାଙ୍କ ଏହି କଥା ପଦକ ତାଂକ ମନ ପରିବର୍ତ୍ତନ କରିବା ପାଇଁ ଯଥେଷ୍ଟ ଥିଲା । ଆଗରୁ ଯେଉଁ ଲେଖା ଗୁଡିକ ସମାଜ ର ଦୁଃଖ,ଦୈନ, ଅଭାବ ଅନାଟନ କୁ ଦର୍ଶାଉଥିଲା ତାହା ଏବେ ସୌନ୍ଦର୍ଯ୍ୟ, ମଧୁରତା,ପ୍ରେମଭାବରେ ପରିବର୍ତ୍ତିତ ହେଲା । ସେ ଅନୁଭବ କରୁଥିଲେ ତାଂକ କଳା ଧଳା ରୁପକ ଜୀବନ ରେ କିଏ ଯେମିତି ଇନ୍ଦ୍ରଧନୁ ର ସାତଟି ରଂଗ ରେ ଭରି ଦେଇଛି ।

କିଛି ଦିନ ର ମିଳାମିଶା ପରେ ଓ ପରସ୍ପର କୁ ଜାଣିବା ପରେ ବିବାହବନ୍ଧନ ରେ ବାନ୍ଧି ହେବା ପାଇଁ ନିଷ୍ପତି ନେଲେ । ସୀମାଙ୍କ ପରିବାର କହିଲେ ସେ ଓ ତାଂକ ଦୁଇ ଭାଇ । ସେଥିପାଇଁ ବିବାହ ର ଦିନ ଧାର୍ଯ୍ୟ ଠୁ ଆରମ୍ଭ କରି ଏଇ ସମ୍ବନ୍ଧିୟ ସମସ୍ତ ଦାଇତ୍ୱ ମା କୁ ଉଠେଇବାକୁ ପଡିଲା । ମା ବି ସେ ମୁହୁର୍ତ କୁ କେବେଠାରୁ ଅପେକ୍ଷା କରିଥିଲେ । ଖୁସିରେ ତାଂକ ପାଦ ଯେମିତି ତଳେ ଲାଗୁ ନ ଥାଏ । ବାହାଘର ଅଉ ଏକ ମାସ ଥାଏ । ଦୁଇ ପକ୍ଷ ଆୟୋଜନ ରେ ବ୍ୟସ୍ତ । ହଠାତ୍ ଖବର ମିଳିଲା ସୀମା ଙ୍କୁ ଭୀଷଣ ଜ୍ୱର ସେ ଡାକ୍ତରଖାନା ରେ ଭର୍ତ୍ତି ହୋଇଛନ୍ତି । ମୁହୁର୍ତ୍ତେ ମାତ୍ର ବିଳମ୍ବ ନ କରି ମା ଙ୍କ ସହିତ ସେଠାରେ ପହଂଚ ଦେଖିଲେ ସୀମା ଚେତା ଶୁନ୍ୟ ଅବସ୍ଥା ରେ ଥିଲେ । କେତେ ଦୁଃଶ୍ଚିନ୍ତା ମନ କୁ ଅସୁଥାଏ । ତଥାପି ସବୁ କିଛି ଠିକ୍ ହୋଇଯିବ ଭାବି ମନ କୁ ବୁଝେଇବାକୁ

ପଡୁଥାଏ । ସମୟ ଓ କାଳ କାହାକୁ ଅପେକ୍ଷା କରେ ନାହିଁ । ଏମିତି ଆଠ ଦିନ ବିତିଗଲା। ଭଲ ହେବା ପରିବର୍ତ୍ତେ ତାଂକ ଅବସ୍ଥା ଦିନ କୁ ଦିନ ଆହୁରି ବିଗିଡିବାକୁ ଲାଗିଲା। ସେଦିନ ସକାଳେ ଡାକ୍ତର ଆସି ସମସ୍ତଙ୍କୁ ଭିତର କୁ ଡାକଲେ । ତାଂକ ଭାଷା ବୁଝିବାକୁ କଷ୍ଟ ହୋଇ ନଥିଲା। ସୀମା ଶେଷଥର ପାଇଁ ଆଖି ଖୋଲିଲେ। ତାଂକ ଅଖିରୁ ଝର୍ ଝର୍ ହୋଇ ଲୁହ ବୋହି ଯାଉଥାଏ । ଇଶାରା ମାଧ୍ୟମ ରେ ସେ ବହୁତ୍ କଛି କହି ଯାଇଥିଲେ । ତାପରେ ତାଂକ ଶରୀର ନସ୍ତେଯ ହୋଇ ଯାଇ ।ଦୁଃଖ ର ପାହାଡ଼ ଭାଂଗି ପଡିଥିଲା ତାକଂ ଉପରେ । କନ୍ତୁ ଛାତି କୁ ପଥର କରି ଦୁଇ ପରିବାର କୁ ସମ୍ଭାଳବାକୁ ପଡିଥିଲା । ସୀମା ତା ଭାଇମାନଙ୍କ ପାଇଁ ଏକାଧାର ରେ ବାପା,ମା,ଭଉଣୀ ସବୁ କଛି ଥିଲେ । ସେମାନଙ୍କୁ ଆଶ୍ୱସନା ଦେଇ ସବୁ ଦାୟିତ୍ୱ ସମ୍ପନ୍ନ କରିବାକୁ ହେଲା । ସୀମା ଙ୍କ ଶେଷ ଇଛା କୁ ସମ୍ମାନ ଦେଇ ତାଂକ ମଥା ରେ ସେ ସିନ୍ଦୁର ପିନ୍ଧାଇ ଦେଇଥିଲେ। ଅନୁଭବ କରୁଥିଲେ ସତେ ଯେପରି ଜୁଇ ର ସେଇ ଲେଲିହାନ ଶିଖା ତାଂକ ହୃଦୟ ବନ କୁ ପୋଡି ଛାରକାର କରି ଦେଉଛି ।

ମଣିଷ ସ୍ୱପ୍ନ ଦେଖେ, ଭଲ ପାଇବାର ସ୍ୱପ୍ନ,ସୁଖ ଐଶ୍ୱର୍ଯ୍ୟ ର ସ୍ୱପ୍ନ। କନ୍ତୁ ସ୍ୱପ୍ନ ଦେଖେନା ବାସ୍ତବତା କୁ । କଳ୍ପନା ର ସୌଧ ଗଢ଼େ, ପ୍ରେମ ର ତାଜ୍ ମହଲ୍ ତୋଳେ, କନ୍ତୁ ସତ୍ୟ କୁ ସ୍ୱୀକାର କରେ ନାହିଁ । ସୀମା ଯିବାର ପ୍ରାୟ ଚ଼ାରି ମାସ ହୋଇ ଗଲାଣି । ତାଂକ ହୃଦୟ ସବୁବେଳେ ଗୋଟିଏ ପ୍ରଶ୍ନ ପଚ଼ାରୁ । ଯଦି ଏତେ ଦୁଃଖ ଦେବାର ଥିଲା ସୀମା ତାଂକ ଜୀବନ କୁ କାହିଁକି ଆସିଲେ । ପ୍ରେମ ବିନା ଉତ୍ସାହ ବିନା ବଂଚ ରହି ଲାଭ କଣ। ତଥାପି ତାଂକୁ ବଂଚବାକୁ ହେବ । ସୀମା ସବୁବେଳେ ଚ଼ାହୁଁଥିଲେ ସେ ପ୍ରେମ, ଅବେଗ ରେ ପରିପୁର୍ଣ୍ଣ କାହାଣୀ ଲେଖନ୍ତୁ। ତାଂକ ର ଇଚ୍ଛାକୁ ସେ ନଶ୍ଚୟ ପୁରା କରିବେ । ସୀମା ଓ ତାଂକ ଦୁଇ ଜଣକ କାହାଣୀ କୁ ନେଇ ସେ ଲେଖିବେ ତାଂକର ପରବର୍ତ୍ତି ଉପନ୍ୟାସ **"ପ୍ରେମ ଏକ ଅଭୁଲା ସ୍ମୃତି".**

******

# ନିଷେଧାଞ୍ଚଳ



ଏମ୍. ବିଜୟ କୁମାର

ମଣିଷ ପ୍ରବେଶ
ନିଷେଧ **144**
ଧାରା କର୍ଫ୍ୟୁ ଜାରି
ମଣିଷ ପାଇଁ କି
ନିଷେଧାଗ୍ୟାଚଳ
ନିର୍ଦ୍ଦେଶ ଗୁହାରୀ


ଦଳେ ମଣିଷଙ୍କ
ଖୋଲା ରଙ୍ଗମଞ୍ଚ
ଈଶ୍ୱର ମନ୍ଦିର
ସେହି ମଣିଷକୁ
ପ୍ରବେଶ ବାରଣ
ମନ୍ଦିର ଦୁଆର

ମଣିଷ ସମାଜେ
ମଣିଷ ନୁହେଁ କି
ଆକାଶ ପାତାଳ
ପ୍ରଭେଦ କାହିଁକି**?**

ପତିତ ପାବନ
ବାନା ଫରଫର
ପତିତ ବଞ୍ଚିତ
ହୁଏ ବାରମ୍ବାର
କାହିଁକିନା ଛାଇ
ପଡ଼ିଲା ମାତ୍ରକେ
ହେବ ଅପବିତ୍ର
ଅଛୁଆ ଈଶ୍ୱର

ଗାଧୋଇବା ଘାଟ
ସର୍ବସାଧାରଣ
ପୋଖରୀ ତୁଠ
ଗୋଟିଏ ଘାଟରେ
ଗାଧୋଇ ପାରନ୍ତି
କୁକୁର-ଘୁଷୁରି
ମହିଷି ଓ ଗାଈ
ଅଥଚ ତଥାପି
ଗାଧୋଇବା ମନା
ସେ ମଣିଷ ପାଇଁ

ପିଇବାର ପାଣି
ଜଳ ହିଁ ଜୀବନ
ପିଇ ପାରିବନ
ପ୍ରକୃତିର ଦାନ
ଗୋଟିଏ କୁଆଁରୁ
ମିଳେ ମଣିଷକୁ
ଅମରୁତ ଜଳ
ସେହି ମଣିଷକୁ
ବିରୋଧ କାହିଁକିଁ?
ଏପାନୀୟ ଜଳ



ସେମଣିଷ ପାଇଁ
ନିଷେଧାଞ୍ଚଳ
ସବୁ ଦ୍ୱାର ବନ୍ଦ
ବିଧିର ବିଧାନ
ଘୃଣାର ଚକ୍ରାନ୍ତ
କାହି ତମେ ଅନ୍ଧ!

ରେମଣଡ଼ା, ସଇନ୍ତଲ୍, ବଲ୍ଗିଂର-32

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଏଡସ୍



ଶୁଭକାନ୍ତ ସାହୁ

ଲଭ୍ ଲଭ୍ ଲଭ! ହେ ଭଗବାନ୍ ଏଇ ଶବ୍ଦଟା ଏତେ ଭୟଙ୍କର ହେଲାଣି ! ବଳଗଲାଣି ଆତଙ୍କିତ ଏଡସ୍ ଠାରୁ । କହିଲେ କହିବେ ପାଗଳର ପ୍ରଳାପ କରୁଛି ।ତୁମେ କୁହତ ବିଶ୍ୱ ଆତଙ୍କ ସୃଷ୍ଟିକାରୀ ଏଡସ୍ ଦ୍ୱାର୍ ଆକ୍ରାନ୍ତ ହୋଇ ମରଣକୁ ହାତ ଠାରି ଡାକୁଥିବା ବ୍ୟକ୍ତି ବିଶେଷ ମାନେ କ'ଣ ଜାଣି ନଥିଲେ ବହୁଜନ ସଂଗେ ଯୌନ ସଂଗମ ରୁ ଏଡସ୍ ହୁଏ ବୋଲି? ତେବେ! ତଥାପି ସେମାନେ ଯାଉଥିଲେ କାହିଁକି? ଏଡସ୍ ଆକ୍ରାନ୍ତ ସମସ୍ତ ବ୍ୟକ୍ତିବିଶେଷ ଯେ କେବଳ ନହାତି ମୂର୍ଖ ଅମଣିଷ, ତା' ନୁହେଁ; ସବୁ ସୁଖ ସ୍ୱଚ୍ଛନ୍ଦରେ ବୁଡି ରହିଥିବା ଧନୀକ ବ୍ୟକ୍ତି ଓ ଉଚ୍ଚ ପଦସ୍ଥ ଅଫିସର ମାନେ ମଧ୍ୟ ଏହାର କବଳରୁ ମୁକ୍ତ ନୁହନ୍ତି । ସ୍ୱଳ୍ପ ସମୟ ପାଇଁ ହେଉ ପଛେ, ସେଥିରେ ରହିଛି ଯୌନ କ୍ଷୁଧା ନର୍ବାପନର ନଶ୍ଚିତ ପ୍ରତିଶ୍ରୁତି । ସେଇ ସାମୟିକ ସୁଖକୁ ପାଇ ଭୁଲିଯାଆନ୍ତି ଭବିଷ୍ୟତ ଜୀବନ । ସବୁ ଜାଣି ପାଲଟି ଯାଆନ୍ତି ଅଜଣା ।

ଲଭ୍ ବା ପ୍ରେମ ମଧ୍ୟ ଏଇ ଜାତିର ଅନ୍ୟ ଏକ ରୋ୍ଗ । ଏଇ ଦେଖୁନହାନ୍ତି ତ'ର ମୌଳକ ଗୁଣ ସହିତ ଏହାର ମୌଳକ ଗୁଣର ଅନେକ ସମଞ୍ଜସ୍ୟ ଅଛି । ତୁମେ କୁହ ତ ପ୍ରେମ କରୁଥିବା ଯୁବକ ଯବତୀ ମଧ୍ୟରୁ କେତେ ପ୍ରତିଶତ ପାଆନ୍ତି ସୁଖ? କେତେ ପ୍ରତିଶତ ଦୁଃଖ? କେତେ ହତାଶ ଆଉ କେତେ ନର୍‌ାଶ ? ପ୍ରେମରେ ସାଫଲ୍ୟ ହାସଲ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ବହୁତ୍ କମ୍ ।ସମସ୍ତେ ଜାଣନ୍ତି ପ୍ରେମ ଏକ ଅଜଣା ଭ୍‌ାଇଜର ଫଳ; ପାଇବା ପୂର୍ବରୁ ମରଣ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡିବ । ତଥାପି କ'ଣ କମୁଛି ଗରୀବ ପୁଅ ଧନୀ ଝିଅକୁ, ଗରୀବ ଝିଅ ଧନୀ ପୁଅକୁ, ଗୋଟିଏ ଜାତିର ପୁଅ ଅନ୍ୟ

ଜାତିର ଝିଅକୁ ଭଲ ପାଇବାର ଦୁଃସାହାସିକତା ? ହେ ଭଗବାନ୍! ତୁମେ କୁହତ କାହିଁକ ମଣିଷ ମନରେ ଏମିତି ଏକ ଭାବନା ଦେଇଛ ? ଯେଉଁଥି ପାଇଁ ସବୁ ସୁଖ ସ୍ୱଛନ୍ଦକୁ ଭୁଲି ମଣିଷ ଭାସିଯାଏ ପ୍ରେମ ନଇରେ ? ସତରେ ପ୍ରେମରେ କ'ଣ ଏତେ ସୁଖ ମହଯୁଦ୍ ହୋଇ ରହିଛି!

ନଇକୂଳେ, ପାହାଡ ଉପରେ, ଛାତ ଉପରେ, ବଗିଗ୍ଚରେ,ବେଡରୁମ୍ ରେ ଏକାନ୍ତରେ ଅନେକ ଚନ୍ତା କରିଛି । ହେଲେ ମୁଁ ଖୋଜି ପାଉନ ଏହାର ପ୍ରତିକାର । ଏ ମଧତ ଏଡସ୍ ପରି ଔଷଧ ବିହୀନ ରୋଗ । ତୁମକୁ ଏତେ ଡାକୁଛି ଏତେ ପୂଜାର୍ଚ୍ଚନା କରୁଛି, ତଥାପି ମୋତେ ଏ ରୋଗରୁ ନାହି ମିଳୁନ । ସର୍ପ ଦଂଶନଠୁଁ ଆହୁରି ଅଧିକ ଜ୍ୱାଳାମୟ ପ୍ରେମ ଦଂଶନ |ସେ ଗରଳରେ ଜଳଯାଉଛି ଦେହ ଆଉ ମନ | ଜାଣିଗଲିଣି ପ୍ରେମ ପଥ କଣ୍ଟକ ମୟ | ତଥାପି ମୁଁ ଏ ପଥର ନୀରବ ପଥିକ | ତା' ପ୍ରତି ମୋ ମନରେ ରହିଛି ଅହେତୁକ ଦୁର୍ବଳତା । ମୁଁ ଭୁଲି ପାରୁନ ସେଇ ଷୋହଳ ବର୍ଷିୟା ଝିଅଟିକୁ । ଯେଉଁ ଡ୍ରେସ୍ ପିନ୍ଧୁ, ଯେଉଁ ଅବସ୍ଥାରେ ଥାଉ ସେ ମୋତେ ଖୁବ୍ ସୁନ୍ଦର ଦିଶେ । ନ ଦେଖିଲେ ନାଇଁ, ଦେଖି ଦେଲେ ସୃଷ୍ଟି ହୁଏ ଅସମ୍ଭବ ଦୁର୍ବଳତା । ସେଇ ଗ୍ଚରି ଫୁଟ୍ ଛଅ ଇଞ୍ଚ ଉଚ୍ଚତା ମଧମ ଚେହେରା ର ଗୋରୀ ଝିଅଟି ଠାରେ ମୋର ସମସ୍ତ ଶକ୍ତି ସାହସ ହାର୍ ମାନେ । ତା' ନାଁ କହିବାକୁ ଇଚ୍ଛା ହୁଏ କନ୍ତୁ ବଡ ପାଟିରେ କହି ପାରେନ । କାଳେ କଏ ଶୁଣିନେବ । ଏ ପାଖେ ସେ ପାଖେ ଗ୍ଚହିଁ ଖୁବ୍ ଧୀରେ କୁହେ 'ଲିପି' କଏ ଶୁଣିନେବ ବୋଲି ଡର ମାଡେ । ତଥାପି ମୁଁ ତା ପାଇଁ ପାଗଳ । ସେ ସ୍ୱପ୍ନରେ ଆସେ ବାରମ୍ବାର । ଗତ କେଇ ମାସ ହେବ ଚନ୍ତା କରିଛି ତା'ଠୁଁ ଦୂରେଇ ଯିବାକୁ । ହେଲେ ପାରୁଛି କେଉଁଠି? ତାକୁ ଦେଖିଲେ ହୃତ୍ ସ୍ପନ୍ଦନ ବଢିଯାଏ । ଲୋମ ଟାଙ୍କୁରି ଉଠେ । ତଥାପି ମୁଁ ନରୁପାୟ । ଏଇ କାଲି ସ୍ୱପ୍ନରେ ମୋତେ କାଲି ଯେମିତି କଏ କହିଲା, "ପ୍ରେମ ମଣିଷ ଠାରୁ ହରିନଏ ମଣିଷ ପଣିଆ ।

**LOVE** ର ଆକ୍ଷରିକ ଅର୍ଥ ହେଲା **"loss of laugh, omit of aim, vanish of ownship, elusive dream"** ଅର୍ଥାତ୍ ଖୁସିର ପତନ, ଲକ୍ଷ୍ୟ ପଥରୁ ବିଚ୍ୟୁତ, ନଜତ୍ୱ

ଉଭେଇଯିବା ଏବଂ ଅପହଞ୍ଚ ସ୍ୱପ୍ନ । ଆଉ ପ୍ରେମର ଅର୍ଥ ହେଲା ପ୍ରେତ ମହଲ । ଯେଉଁଠି ଥରେ ପାଦ ଦେଲେ ଆଉ ଫେରି ହୁଏନା । ନିଜକୁ ମୁକ୍ତି ଦେଇ ହୁଏନା। ଜୀବନ ପାଲଟିଯାଏ ହା-ହୁତାଶ । ସବୁ ବେଳେ ଡରକୁଳା ହେବାକୁ ହୁଏ । ପ୍ରେମ ଏକ ମରୀଚକା। ପୁଣି ସେଇଚନ୍ଦ୍ରା ପ୍ରେମ, ଭଲ ପାଇବା ଭିତରକୁ ମୁଁ କାହିଁକି ପଶିଲି ? କେମିତି ପଶିଲି?? ଏଥିରୁ ମୁକ୍ତିର ଉପାୟ କ'ଣ???

ମୁଁ ତାକୁ ଭୁଲିଯାଆନ୍ତିଣି । ହେଲେ ମୁଁ ଯେତେବେଳେ ଦେଖେ ସେ ମୋତେ କେମିତି ଏକ ବଙ୍କିମ ଚାହାଣିରେ ଚାହିଁ ରହିଥାଏ । ମୋତେ ଲାଗେ ତା' ଆଖିର ମୋ ଠାରେ କିଛି ଦାବି ଅଛି । ଆଉ ମୁଁ ଯେତେବେଳେ ତାକୁ ଏକ ପ୍ରେମାତ୍ମକ ଦୃଷ୍ଟି ନିକ୍ଷେପ କରେ ସାନ୍ତ୍ୱନା ପାଇବା ପରି ଫେରିଯାଏ ତା' ଦାବି ଉପସ୍ଥାପନକାରୀ ନୀଳକଇଁ ଆଖି ଦୁଇଟି ।ମୋତେ ଲାଗେ ସତେ ଯେମିତି ସେ ତା' ଆଖିରେ କହେ ମୁଁ ତାକୁ ସବୁବେଳେ ଏମିତି ଚାହିଁ ରହିଥାଏ।

ନାଁ ଆଉ ନୁହେଁ । ମୋତେ ନିଶ୍ଚୟ କିଛି ଗୋଟେ କରିବାକୁ ପଡିବ । ମୁଁ ଯେମିତି ହେଉ ଏ ପ୍ରେମ ରୋଗରୁ ମୁକ୍ତି ପାଇବି । ଏଇ ସଙ୍ଗମାନେ ଶୋଇଛନ୍ତି । ମୁଁ ଏବେ ତା ପାଖକୁ ଚିଠି ଲେଖିବି । ହୋଇଯାଉ ମୋ ଆତ୍ମ ସମ୍ମାନ ନଷ୍ଟ । ତଥାପି ମୁଁ ତାକୁ ଲେଖି ଜଣାଇ ଦେବି, "ତୁ ମୋତେ ଆଉ ଏମିତି କମିଆଁ ଚାହାଁଣି ରେ ଚାହିଁବୁନ । ଯଦି ବି ମୋତେ ଭଲ ପାଉଥିବୁ ଭୁଲିଯିବୁ, ଘୃଣା କରିବୁ । ତୁ ଘୃଣା କଲେ ହୁଏତ ତୋ ପ୍ରତି ଥିବା ମୋର ଦୁର୍ବଳତା କମିଯିବ ।ଏମିତି ଭାବି ମୁଁ ଚିଠିଲେଖା ଆରମ୍ଭ କରିଦେଲି ।

କିଛି ସମୟ ପରେ ହଠାତ୍ ଚନ୍ଦୁର ନିଦ ଭାଙ୍ଗିଲା । ସେ ମୋତେ ଏ ଯାଏଁ ପଢା ଟେବୁଲ୍ ପାଖେ ଦେଖି ଆଶ୍ଚର୍ଯ୍ୟ ହେଲା । ସେ କହିଲା, "ଆରେ ଯେଉଁ ଟୋକା ଦଶଟାରୁ ସାଢେ ଦଶଟା ଯାଏଁ ପଢା ଟେବୁଲ୍ ପାଖରେ ବସି ପାରେନାହିଁ, ଢୁଳେଇ ଢୁଳେଇ ବାରମ୍ବାର ଟେବୁଲ୍ ଉପରେ ମୁଣ୍ଡ ପିଟୁଥାଏ, ସେ ରାତି ଗୋଟାଏ ଯାଏଁ ଲେଖା ପଢା କରୁଛି! ଆରେ

କ'ଣ ଲେଖୁଛୁ ଦେଖି ?"ମୁଁ କହିଲି, "ନା, ଏ କଛି ନୁହେଁ ।"ସେ ମୋଠାରୁ ଛଡାଇ ନେଇ ଦେଖିଲ୍ ଚଠିଟି । ଏତେ ବେଳକୁ ସବୁ ସାଙ୍ଗ ଉଠି ସାରିଥିଲେ । ସମସ୍ତେ ଏକ ସ୍ୱରରେ କହିଲେ, "ଆରେ ତୁ ବି ଶେଷରେ ଏ ରୋଗର ଶିକାର? ଆମେ ଭାବିଥିଲୁ ଆମେ ସିନା ଛତେର୍ ବାତେର୍ ଟୋକା, ଝିଅ ମାନଙ୍କ ପଛରେ ଗୋଡାଇ ଗୋଡାଇ ଏ ରୋଗର ଶିକାର ହେଉ । ହେଲେ ତୋ ଭଳ ଶାନ୍ତ ସୁଧାର ପିଲ୍ ହେଲେ......ଆରେ ଭାଇ ଆଉ ମୁକ୍ତି ନାହିଁ ଏ ରୋଗରୁ । ବୟସ ହେଲେ ସମସ୍ତଙ୍କୁ ସଂକ୍ରମିତ ହୋଇଯାଏ ପ୍ରେମର ଏଇ ଏଡସ୍ ।"

ଗୋପବନ୍ଧୁ ହାଇସ୍କୁଲ, ପୋଲସର୍, ଗଞ୍ଜାମ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ମରିଚକା



କାହ୍ନୁ ଚରଣ ସାହୁ

ପାଉଁଜିର ରୁଣୁଝୁଣୁ ଶବ୍ଦ ଶୁଭଇ ଯେବେ
ହୃଦୟ ହୁଏ ମୋ ଅଧୀର
ପାଗଳ ପରାଏ ଏଣେତେଣେ ଧାଏଁ
ଦେଖିବାକୁ ରୂପ ପ୍ରିୟାର ॥
ଶୁଭୁଥିଲା ଦିନେ ମୋ ଘର ଅଗଣାରେ
ଛଇଳୀ ପ୍ରିୟାର ମଧୁର ସ୍ୱର
ଗୋଲାପି ଓଠର ଲାଜୁଆ ହସରେ
କଣୁଥିଲା ମନ ମୋର ॥
ଖାଁ ଖାଁ ଲାଗେ ଘର ଅଗଣା ଆଜି
ନାହିଁ ବୋଲି ପ୍ରିୟସୀ ମୋର
ସପନ ଦେଖୁଥିଲି ମୁହିଁ ରାତି ଅଧରେ
କରିବାକୁ ତାକୁ ନଜର ॥
ସପନ ନାୟିକା ମୋ ଜୀବନ ରାଧା
ରାଣୀ ସିଏ ହୃଦୟର
ଏକାଏକା ଲାଗେ ତାଆ ବିନା ସତେ
ପ୍ରାଣ ସିଏ ମୋ ଶରୀରର ॥
ଶୂନ୍ୟଶୂନ୍ୟ ଲାଗେ ଚଲାପଥ ମୋର
ନାହିଁ ବୋଲି ପ୍ରିୟା ସାଥୀରେ
ତୋଳଥିଲି ମୁହିଁ ସପନର ବାଲିଘର
ହଜିଗଲା ସପନ ସିନ୍ଧୁରେ ॥

ବୁଝି ପାରିଲିନି ପ୍ରେମ ନା ପ୍ରତାରଣା
ଘଟୁ ଥିଲା ମୋ ସାଥୀରେ
ଧାଉଁଥିଲି ମୁହିଁ ଏତେ ଦିନେ ହେଲା
ତୁଚ୍ଛ ମରିଚକା ପଛରେ ॥

ପଣ୍ଡକାମାଳ, ମ. ରାମପୁର, କଳାହାଣ୍ଡି

# ସମୟର ଅନ୍ତରାଳେ, ଏକ ସ୍ୱୀକାରୋକ୍ତି



କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ

ନୀରବ ଅପରାହ୍ନ । ମୁଁ ଏବଂ ସୋମେଶ ଆମ ବାସଭବନର ପାଖରେଥିବା ନଦୀ କୂଳରେ ବସିଥାଉ । ସୋମେଶ ବିଜ୍ଞାନର ଛାତ୍ର ଏବଂ ମୁଁ କଳାର । ଦୁହିଁଙ୍କ ଭିତରେ ପ୍ରଗାଢ ବନ୍ଧୁତା । ମୁଁ ଥିଲି ପ୍ରଚଣ୍ଡ ହେତୁବାଦୀ । ତେଣୁ ବିନା ଯୁକ୍ତିରେ କୌଣସୀ କଥାକୁ ମାନିନେବା ସପକ୍ଷରେ ତ ଆଦୌ ନୁହେଁ । ଯଦି କଥା ପରମ୍ପରା ର ତ ତେବେ ମୋ ପାଇଁ ତାହା ସଂପୂର୍ଣ୍ଣ ଅବିଶ୍ୱସନୀୟ, ଯଦି ଓ ମୁଁ ନାସ୍ତିକ ନୁହେଁ । ତେବେ ମୁଁ ସୋମେଶକୁ ପଚାରିଲି, ଯଦି ଜଣେବ୍ୟକ୍ତି ସମୟ ଅନୁସାରେ ଚନ୍ତାଧାରାର ପରିବର୍ତ୍ତନ କରେ, ତେବେ ତାହା କଣ ମେଟାମରଫୋସିସ୍ (**Metamorphosis**) । ତେବେ ସେ ସ୍ୱତଃ ନଦୀଜଳକୁ ଗୋଟିଏ ପଥର ଫିଙ୍ଗି କହିଲା –ଏ କ୍ଷେତ୍ରରେ ଏଟା ପ୍ରଯୁଜ୍ୟ ନୁହେଁ । ତେବେ ଏତିକ ଯୁକ୍ତି କରିବା ଆମର ଏକ ନିତିଦିନିଆ ଅଭ୍ୟାସ ହୋଇଯାଇଥିଲା । ଯେହେତୁ ସୋମେଶ ପଦାର୍ଥ ବିଜ୍ଞାନର ଛାତ୍ର, ଦିନେ ମୁଁ ତାକୁ ପଚାରିଲି – ସମୟ ଓ ଭଗବାନଙ୍କ ମଧ୍ୟରେ ପାର୍ଥକ୍ୟ କଣ**?** ସେ ଚରାଚରିତ ଢଙ୍ଗରେ ଚଡିଗଲା ଏବଂ କହିଲା **"Why the hell do you doubt about existence of God".** ପୁଣି କହିଲା – ଭଗବାନଙ୍କ ସୃଷ୍ଟି ସବୁକଛି । ତୁ, ମୁଁ ଏବଂ ସମସ୍ତେ । ମୁଁ କଛି ସମୟ ପାଇଁ ଚୁପ୍ ହୋଇଗଲି ଏବଂ ଭାବିଲି ଭଗବାନ୍**!** ଏମିତି ଯଦି ସତରେ କିଏ ଅଛନ୍ତି ତେବେ ଏ ଦୁନିଆର ବହୁତ ଅଧିକ ଦୁଃଖ କଷ୍ଟରେ ରହୁଥିବା ବ୍ୟକ୍ତିକୁ କଣ ସେ ଦେଖିପାରୁନାହାନ୍ତି । ତଥା କଥିତ ଭକ୍ତ ଓ ଆଧ୍ୟାତ୍ମବାଦୀମାନେଏହାକୁ ପୂର୍ବ ଜନ୍ମର ଫଳ ଭାବି ଗ୍ରହଣ କରି ନେଉଛନ୍ତି । ଏତିକବେଳେ ମୋ ଭାବନାରେ ବ୍ୟାଘାତ ଦେଲା ସୋମେଶ । କହିଲା ଅଭୁ କଣ ଏତେ ଭାବୁଛୁ । ମୁଁ କହିଲି ହଁ ତୁ କହ ଯେ ସମୟ ର ସୃଷ୍ଟି ପ୍ରଥମ ନା ଈଶ୍ୱରଙ୍କ ସୃଷ୍ଟି ପ୍ରଥମ । ଯଦିଓ ମୁଁବିଜ୍ଞାନର ଛାତ୍ର ନୁହେଁ, କିନ୍ତୁ ମୋର ସେସବୁରେ ସମ୍ୟକ

ଜ୍ଞାନ ଥିଲା । ମୁଁ ପୁନଶ୍ଚ ପ୍ରଶ୍ନ କଲି **"Theory of Relativity"**ରୁ ସେ ଯଦି ଗୋଟିଏ ବ୍ୟତିତ, ତେବେ ଏକ ନିର୍ଦ୍ଦିଷ୍ଟ **velocity** ରେ ଗତି କଲେ ତାର ବୟସ କିଛି ସମୟ ବଢିଯିବ । ଏଇଟା କେମିତି ସମ୍ଭବ ଏବଂ ଈଶ୍ୱରଙ୍କର ସ୍ପିଡ୍ କେବେ ଯଦି ସେ ସମୟର ପୂର୍ବରୁ ତେବେ ସୃଷ୍ଟି କେମିତି ସମ୍ଭବ । ମୋତେ ପୁଣି ସୋମେଶ୍ କହିଲା – ତୁ ଏତେ କଥା ଜାଣି କଣ କରିବୁ । ମୁଁ ଚୁପ୍ ରହିଲି ।

ଏମିତିଭିବେ ଆମ ସମୟ ଗଡିଗ୍ଲଲା ଆଉ ମେଟାମରଫୋସିସ୍ ମଧ୍ୟ । ଆମେ ଦୁହେଁ ଯୌବନରେ ପାଦ ଦେଲୁ । ଫିଜିକ୍ସରେ ପି.ଏଚ୍.ଡି. କରୁଥିବା ସମୟରେ ମେଟାମରଫୋସିସ୍ ଯୋଗୁ ସୋମେଶ ପ୍ରେମରେ ପଡିଲା ତାର ଜଣେ ସହପାଠିନ ଗାୟତ୍ରୀ ସହ ଏବଂ ମୋତେ ଆସି କହିଲା । ସେତେବେଳକୁ ମୋର ଗ୍ରାଜୁଏସନ୍ ପରେ ଗ୍ଲକରି ନମିଳବାରୁ ଗୋଟିଏ ଛୋଟ ଦୋକାନଟିଏ ମୁଁ କରିଥାଏ ଆମ ଛକ ନିକଟରେ । କିନ୍ତୁ ମୋର ଛାତ୍ର ଜୀବନର ଚପଳତା ନଥିଲେ ମୋର ଅନୁସନ୍ଧିତ୍ସୁ ମନ ସେମିତି ରହିଥାଏ । ସେ ଯାହା ହେଉ, ସେ ଦୁହିଁଙ୍କର ଲଭ୍ ଷ୍ଟୋରି ରେ ମୁଁ ସମୟ ନଷ୍ଟ କରି ବାଖ୍ୟା କରିବାକୁ ଗ୍ଲହୁଁନ । ହଁ, କେବଳ ଏତିକ ଜାଣି ରଖନ୍ତୁ ଯେ ମୋର ପୂର୍ଣ୍ଣ ସହାୟତା ସେମାନଙ୍କ ପାଇଁ ଥିଲା । ମୋ ଚେହେରା ସେମିତି କିଛି ବିଶେଷ ଆକର୍ଷଣ ନଥିଲେ ମଧ୍ୟ ସେଥିରେ କୌଣସୀ ରୁଚ ନଥିଲା । ତେବେ ଧିରେ ଧିରେ ସୋମେଶ୍ ସହ ତାର ବାନ୍ଧବୀ ମୋର ପରିଚତ ହେଲା । ମୁଁ ଅତ୍ୟନ୍ତ ସ୍ପଷ୍ଟବାଦୀ ଏବଂ ସ୍ୱାଧିନଚେତା ଥିଲି । ସମାଜର ନୀତିନିୟମ ଓ ପରମ୍ପରାର ଘୋର ବିରୋଧି ମୋର ଏହି ସ୍ୱଭାବ ସୋମେଶକୁ ତ ଠିକ୍ ଲାଗେନ । ପରନ୍ତୁ ଗାୟତ୍ରୀ କିଛିଟା ପସନ୍ଦ କରେ । ଏମିତି ସମୟକ୍ରମେ ସେ ଦୁହେଁ ବିବାହର ନିଷ୍ପତ୍ତି ନେଲେ । ହଁ ସୋମେଶ ଥିଲା ବ୍ରାହ୍ମଣ ଘରର ପୁଅ ଏବଂ ଗାୟତ୍ରୀ ଥିଲା କ୍ଷତ୍ରୀୟ । ସେଥିପାଇଁ ସମାଜ, ପରିବାର ବିରୁଦ୍ଧରେ ଯାଇ ମୁଁ ସେମାନଙ୍କ ବିବାହ କରାଇଲି । ତେବେ ସୋମେଶର ଘରକୁ ମୁଁ ପୂର୍ବବତ ଯିବା ଆସିବା କରେ । ଗାୟତ୍ରୀ କୁ ମୁଁ ଯେତେ ଜାଣିଛି ସେ ମଧ୍ୟ କିଛିଟା ହେତୁବାଦୀ ଥିଲା । ମୁଁ ତାକୁ ମଧ୍ୟ ପଗ୍ଲରେ ସମୟ ଏବଂ ଈଶ୍ୱରଙ୍କ ବିଷୟରେ । ସେ ମଧ୍ୟ ଚିନ୍ତାମଗ୍ନ ହୁଏ । ତେବେ ମୁଁ ତାକୁ ପଗ୍ଲରେ ଯେ ବିବାହ ପରେ ତୁମର ମଧ୍ୟ ମେଟାମରଫୋସିସ୍ ହୋଇଛି ନା ତୁମ ମନର? ସେ ମଧ୍ୟ ମୋ ଯୁକ୍ତିରେ ସହମତି ପ୍ରକାଶ କରି କହେ, ପୃଥିବୀର ସବୁ କିଛି

ପରିବର୍ତ୍ତନଶୀଳ । ସବୁକଛି ମାନେ ସବୁକଛି । ପୁଣି ମୁଁ ପ୍ରଶ୍ନ କରେ monphix law ଅନୁସାରେ Everything gets worse। ତେବେ କଣ ସମସ୍ତେ ଧିରେ ଧିରେ କ୍ଷୟାଭିମୁଖି । ସେ କହେ, ଭାଇ ଏହା ତୁମ ଭାଷାରେ ସମୟର ମେଟାମରଫୋସିସ୍ । ଏମିତିଭାବେ ସୋମେଶ୍ ଓ ଗାୟତ୍ରୀର ସମ୍ପର୍କ ମୋଟାମୋଟି ଭାବେ ଖୁସିରେ ଗ୍ଲୁଥାଏ । କହିବା ବାହୁଲ୍ୟ ଯେ ସେମାନଙ୍କ ମଧରେ ମତଭେଦ ନଥିଲା । ସମୟକ୍ରମେ ସେମାନଙ୍କ ଜୀବନକୁ ପୂର୍ଣ୍ଣ କରି ଗୋଟିଏ ପୁତ୍ର ସନ୍ତାନଆସିଯାଇଥିଲା । ଏମିତି ସୁଖରେ ସମୟ ଅତିବାହିତ ହେବା ସମୟରେ ଗାୟତ୍ରୀ ହଠାତ୍ ନରୁଦ୍ଦିଷ୍ଟ ହୋଇଗଲା । ସୋମେଶ୍ ବ୍ୟସ୍ତ ହୋଇ ମୋତେ ଫୋନ୍ କଲା । ଆମେ ଦୁହେଁ ପୋଲିସରେ ଏଫ୍. ଆଇ. ଆର୍. ଦେଲୁ । ବହୁଦିନ ପର୍ଯ୍ୟନ୍ତ କୌଣସି ସୁରାକ୍ ମିଳପାରି ନଥିଲା । ସୋମେଶ୍ ଗୁମ୍ ମାରି ବସିଥିଲା । ମୁଁ ତାକୁ ବୁଝାଇବାର ସମସ୍ତ ପ୍ରଚେଷ୍ଟା କରି ବିଫଳ ହେଲି । ତେବେ ସମୟର ମେଟାମରଫୋସିସ୍ ଯୋଗୁ ସୋମେଶ୍ ଧିରେ ଧିରେ ସେସବୁ ଭୁଲିବାକୁ ଲାଗିଲା । ମୁଁ ମଧ ବହୁଦିନ ପରେ ହଠାତ୍ ମୋ ଠିକଣାରେ ଏକ ଚଠି ଆସିଲା । ସେ ପୁଣି ସୁଦୁର ଆମେରିକାର ମେରିଲାଣ୍ଡ ରୁ ।

ଆରେ, ଏ କଣ । ଏ ଗାୟତ୍ରୀ ର ଚଠି! କନ୍ତୁ ସେ ତ ସୋମେଶକୁ ଚଠି ଦେଇପାରିଥାନ୍ତା । ସେ ଯାହା ହେଉ, ମୁଁ ଚଠିକୁ ପଢିବାକୁ ଲାଗିଲି । ଚଠିଟି ସଂକ୍ଷିପ୍ତ ଥିଲା, ଚଠିଟି ଥିଲା ଏମିତି:

"ଭାଇ, ବହୁତ ଭାବିଚନ୍ତି ତୁମକୁ ଜଣେଇବା ଉଚତ୍ ବୋଲି ଭାବିଲି । ତୁମର ବାସ୍ତବବାଦୀ ଚନ୍ତାଧାରା ଏହାକୁ ନଶ୍ଚିତ ବୁଝିପାରିବ । ମୁଁ ସୋମେଶଙ୍କୁ ବିବାହ କରିବାର କଛି ବର୍ଷ ପରେ ମୋର ଅନ୍ୟଜଣେ ପୁରୁଷ ସହ ପ୍ରେମ ସଂପର୍କ ଗଢି ଉଠିଲା । ସେ ହେଉଛନ୍ତି ଆମ ଇଉନଭରସିଟି ର ଜଣେ ପ୍ରଫେସର । ତେବେ ତୁମର ଅକାଟ୍ୟ ଯୁକ୍ତି ମନକୁ ସିଦ୍ଧାନ୍ତ ନେବାରେ ସାହାଯ୍ୟ କଲା । ତୁମଅନୁସାରେ ସବୁକଛି ମେଟାପରଫୋସିଲ୍, ଏହି ଚନ୍ତାଧାରାକୁ ନେଇ ମୁଁଭାବିଲି ସ୍ୱାମୀ, ସିନ୍ଦୁର, ସଂସାର ଏସବୁ କେବଳ ଇଲୁସନ୍, ସମାଜର ଶୃଙ୍ଖଳ । ତୁମ କଥା ଅନୁସାରେ ପରମ୍ପରାର ପରିବର୍ତ୍ତନ ଆବଶ୍ୟକ । ତେବେ କଣ ଏ ପରମ୍ପରାର ପରିବର୍ତ୍ତନ ହେଇପାରିବନ ଯେ ଜଣକୁ ବିବାହ କଲେ ଆଉ କାହାକୁ ପ୍ରେମ କରି ପାରିବିନ

ନା । ଏ ନୟମର ଶୃଙ୍ଖଳ କୁ ମୁଁଭାଙ୍ଗିଦେଲି ଏବଂ ସମ୍ବିତଙ୍କ ସହ ଆମେରିକା ଗ୍ଲି ଆସିଲି । ସୋମେଶକୁ ବୁଝେଇ ଦେବ ।" ବାସ୍ ଏତିକ, ତେବେ ସୋମେଶ ର ଜୀବନ ଓ ପରିବାର କଷ୍ଟ ପାଇଁକଣ ମୁଁ ଦାୟୀ, ମୁଁକଂକର୍ତ୍ତବ୍ୟମୂଢ ହୋଇଯାଇଥିଲି ।ମୋର ହେତୁବାଦୀ ଚନ୍ତାଧାର୍ ମୋତେ ଧିକ୍କାର କରୁଥିଲ୍ । ଏମିତି ଦୁଇଦିନ ବିତିଗଲ୍ ଓ ମୁଁ ଲେଖିଲି ଗାୟତ୍ରୀ ମହାନ୍ତୀ ର "ସୁଇସାଇଡ୍ ନୋଟ୍" । ନଜର ଗୋଟିଏ ବହୁତ ବଡଗ୍ରେଗ ପାଇଁ କଷ୍ଟ ସହିନପାରି ସେ କଲ୍ ଆତ୍ମହତ୍ୟା । ସୋମେଶ ମଧ ନଜକୁ ବୁଝେଇଦେଲ୍ ।

ଏବେ ବୟସର ଅପରାହ୍ନ । ସୋମେଶ ଅବସର ପ୍ରାପ୍ତ ପ୍ରଫେସର ଡ. ସୌମ୍ୟକାନ୍ତ ଆଉ ମୋର ବନ୍ଧୁ ସୋମେଶ । ତାର ପୁଅ ରବିନ୍ ଏମ୍ସ୍ ର ଡକ୍ଟର, ଦିଲ୍ଲୀରେ ରହେ । ଆଉ ମୋ କଥା, ମୋର ମଧ ବାର୍ଦ୍ଧକ୍ୟ ଉପନୀତ । ସାଗ୍ରଜୀବନ ଅବିବାହିତ ରହିଥିବା ମୁଁ ମୋ ଘରେ ଏକ ଛୋଟ ପିଲ୍ଙ୍କ ପାଇଁ ସ୍କୁଲଟିଏ କରିଛି । ସୋମେଶ୍ ଓ ମୁଁ ବସିଥିବା ନଦୀକୂଳ ଏବେ ଆଉ ନାହିଁ । ଗ୍ଜଗ୍ସ୍ତା ଏବଂ ପୋଲ ଉଚ୍ଚ ଅଟ୍ଟାଳକା ମାନ ତାକୁ ନଷ୍ଟ କରି ଦେଇଛି । ଆମେ ଦୁହେଁ ସେଇ ଏକା ସ୍ଥାନରେ ବସିଥିଲୁ ଠିକ୍ ଯେମିତି ତିରିଶ ବର୍ଷ ତଳେ ସୋମେଶ ପୁରୁଣା ସ୍ମୃତି ମନ୍ଥନ କରି ପଗ୍ଚରିଲ୍ – ଆରେ ଆଉ ମୋ ଗାୟତ୍ରୀ ମୋତେ କଣ ପାଇଁ ଛାଡି ଗ୍ଲିଗଲ୍? ମୁଁ କଣ ତାର ଚକତ୍ସା କରିପାରିନଥାନ୍ତି । ହଠାତ୍ ଏତେବର୍ଷ ପରେ ଏ ପ୍ରଶ୍ନ? ମୁଁ ଦୂର ଦିଗବଳୟକୁ ଗ୍ହିଁଥାଏ ।

ମୁଁ ସ୍ୱୀକାଗ୍ରୋକ୍ତି ଦେଲି । ଆମେ ତିନ ଜଣ ହିଁ ଗାୟତ୍ରୀକୁ ମାରିଦେଇଛୁ । ସୋମେଶ ଚକ୍ତାର କରି ଉଠିଲ୍ ଓ କହିଲ୍ ତୋ ସହ ଆଉ କଏ ଜଲଦି କହ । ମୁଁ ସ୍ୱୀକାର କଲି ଯେ ମୁଁ,ସମୟ ଏବଂ ମେଟାମରଫୋସିସ୍ । ସମୟ ଏବଂ ମେଟାମରଫୋସିସ୍ ତାକୁ ବହୁତ କଷ୍ଟ ଦେଉଥିଲେ, ବହୁତ ଯନ୍ତ୍ରଣା ଦେଉଥିଲେ । ସେ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ମୋତେ ହିଁ ଶେଷରେଅନ୍ତିମ ପ୍ରହାର କରି ତା ର ଜୀବନଲିଳା କୁ ସମାପ୍ତ କରିବାକୁ ପଡିଲ୍ । ହଁ, ମୁଁ ତେବେ ମୁଁହିଁ ତାକୁ ମୃତ ବୋଲି ଘୋଷଣା କରିଛି । ମୁଁ ହିଁ ହତ୍ୟାକାରୀ ।

ଭଦ୍ରକ, ଓଡିଶା

# କେମିତି ହେବି ମୁଁ ସାବିତ୍ରୀ



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ଯଉବନ ଯାକ ତିଳ ତିଳ କରି
ଜାଳିଲ ମୋ ପ୍ରିୟ ସାଥି,
ନବନାରୀ ସାଥେତବ ରତିବିତେ
ତଥାପି ମୁଁ ଭାଗ୍ୟବତି ॥
ମୋ ପାଇଁ ସିନା ଏ ମଧୁରାତି
ଏଇ ଜୀବନରେ ଥରେ,
ତୁମେ ବିତାଉଛ କତି ମଧୁରାତି
ନୂଆଁନୂଆଁ ପତ୍ନି ଠାରେ ॥
କେତେ ଆଶା କେତେ ନୂଆଁ ସମ୍ଭାବନା
ସବୁ କରିଦେଲ ଭଣ୍ଡ,
ପ୍ରତିରୋଧ କଲେ ପ୍ରତି ବଦଳରେ
ଦେଲ ନର୍ଯ୍ୟାତିତ ଦଣ୍ଡ ॥
କାଳ ନାଗୁଣୀ ମୁଁ ନୁହେଁ ପ୍ରାଣପ୍ରିୟ
ତଥାପି ଅଟଇ ମୁଁ ଦୋଷୀ,
ସବୁ ପରୀକ୍ଷାରେ ସତ ପ୍ରମାଣିବି
ସତି ଅଟେ ମୁଁ ମହିୟସୀ ॥
ସତ୍ୟବାନ ତୁମେ ନୁହେଁଗୋ ମୋ ଧନ
କେମିତି ହେବି ମୁଁ ସାବିତ୍ରୀ,

ପତ୍ନି ଥାଉ ଥାଉ କୁଆଁରୀ ସଙ୍ଗତେ
କଇତି ରଚୁଅଛ ରତି ॥

ତଥାପି ମୋହର ମଥାର ସିନ୍ଦୁର
ପାଇଁ କରେ ଓଷା ବ୍ରତ,
ସାବିତ୍ରୀ ଉଆଁସେ ମାଁ ସାବିତ୍ରୀଙ୍କୁ
କରେ ସଦା ଦଣ୍ଡବତ ॥
ଏଇ କଳଯୁଗେ ଏଇମିତି କର୍ମ
କର ସବୁ ସତ୍ୟବାନ,
ନାରୀ ଚରିତ୍ରରେ ଥିଲେଟିକେ ଦାଗ
ଦିଅ କେତେ ଅପମାନ ॥
ଅଣନିଃଶ୍ୱାସିଆ ହେଲିଣି ଗୋ ପ୍ରିୟ
ତୁମ ସାଥେ କାଟି ଜୀବନ,
ମନ ଖୋଜିଲାଣି ମୋର ବାଲ୍ୟକାଳ
ବିରହ ସ୍ମୃତି ର ମିଳନ ॥
ଗୀତେ କହେ ଆର୍ତ୍ତତ୍ରାଣ
ଗୀତେ କହେ ଆର୍ତ୍ତତ୍ରାଣ ॥

-----

## ଆଜ୍ଞା

ଭୁଲ୍ ଥିଲେ ଦେବେ କ୍ଷମା
ଦୋଷ ଧରିବେନି ଜମା
ଆପଣଙ୍କ ଭଳି ନୁହେଁ ମୁଁ ଲେଖକ
ତଥାପି ଦେଇଛି ଲେଖି
କବିତା ହେଉଛି ହୃଦୟ ଭିତର
ବେଦନାର ମୂକ ସାକ୍ଷୀ ॥

ସୌଦାମିନୀ ନାୟକ, ବଙ୍କିଆ, ବ୍ରହ୍ମପୁର

# ସମାଜ ଆରୁ ଆମେ



ପ୍ରସନ୍ନ ପ୍ରୟାସ ଭୁଏ (ପ୍ରୟାସ)

ଆଏଜ୍ ଦୁନଆ । ବହୁତ ଦୁରକେ ଗତି କଲ୍ନ । ତାର୍ ସାଂଗେ ପାହା କେ ପାହା ମିଲେଇଆମେ ଭି ଗ୍ୟଲୁଛୁ ଆରୁ ଗ୍ୟଲମା । ଜୀବନ୍ କେ ସରସ ଆରୁ ସୁନ୍ଦର ସାଂଗେ ଜବର ବନାବାର କେ ସଭେ ନଜର ଚନ୍ତାଧାର୍ କେ ବଦଲ୍ଉଛନ୍ । ତାର୍ ସାଂଗେ ସମାଜ କେ ଭି ଗୁଟେ ବରକସ୍ କରବାର କେ ଚେଷ୍ଟା କରୁଛନ୍ ଗିଆନ ଗୁନଜନ୍ ମାନେ । ହେଲେ ଆମର୍ ଇ ସମାଜ ଥି ଭିନ୍ ଭିନ୍ ପରକାରର୍ ମୁନୁସ୍ ମାନେ ଅଛନ । ସେମାନକର୍ ଚନ୍ତାଧାର୍ ଟା କେଭେ କାହାରିର୍ ସାଂଗେ ଖାପ୍ ନ ଖାଏ ।

ଦୁନଆଁ ଟା ଭଲ୍ ଆରୁ ଖର୍ପ କେ ନେଇକରି ତିଆର ହଇଛେ । ଆମର୍ ଭ୍ବନା ଆରୁ ଚନ୍ତାଧାର୍ ବିଗ୍ୟର୍ ଉପରେ ସବୁ ରହେଲ୍ । ଯଦି ଆମର୍ ବିଗ୍ୟର ଆରୁ ଚନ୍ତାଧାର୍ଟା ଭଲ ରହେତା ବେଲେ ସବୁ ଭଲ୍ ହେତା। କନ୍ତୁ ନାଇଁ ଆମେ କେବେ କାହାରିର୍ ଭଲ୍ ନ ଗ୍ୟହୁଁ । ଆମର୍ ଦିମାଗ୍,ମନ୍ ଭିତରେ ଈର୍ସା ଅହଁକାର ଢୁଡ଼ା ଚୁପର୍ ରଁଚ ଯାଇଛେ । ଆମେ କେବେବିଗ୍ୟର୍ କରି ନାଇଁ ପାରୁ କ ଇଟା ଯାହା କରୁଛୁ ଭଲକ ଖର୍ପ୍ ଆଏ । ଆମେ ସବୁବେଲେ ନଜ୍ କେ ଠିକ୍ ବଲି ଭ୍ବସୁ । ଇଟା ଆମର୍ ମାନକର୍ ଦୁର୍ଗୁନ୍ ଆଏ ।

ସମାଜର ଅଧାନୁ ବେସି ଲ୍କେ୍ ଗୋଡ଼ ଘିଗ୍ୟ କାରବାର୍ କରସନ୍ । ସେମାନେ ସଭେ ଝନେ କେ ନଗ୍ୟ କରବାର୍ କେ ଗ୍ୟହେସନ୍ । ଝନେ କେ ଦୁଖ ଦେଇ ଅରକଲେ ପକାବାର୍ କେ ବେଶି ଲ୍କେ୍ ଗ୍ୟହେସନ୍ । ହେଥି ଆମେ ନାଆଁ କମେଇ ପାରମା କାଏଁ,କ ଖୁସି କ ସାନ୍ତି ପାଇ ପାରମା କାଏଁ, ଇଟା ନଜର ମନ୍ କେ ପଚରେଇ ଦେଖ ତ । ଝନକର୍ ଲ୍ଗିଢୁଡ଼ା

କୁଡ଼ଲେ ନଜେ ଭି ସେ ଢୁଡ଼ା ଥି ପଡ଼ିପାର । ସାହାଜ୍ କରବାର୍ କେ ଆମେ ଆଏଜ୍ କାଏଲ୍ ନାଇଁ ଗୃହେବାର୍ । ମୁନୁସ୍ ପନ୍ ଟାକେ ହଜେଇ ଦେଲା ନ ।

ମୁନୁସ୍ କେ ଦୁନଆଁ ସିରଜିନା ହେଲା ବେଲୁସବୁ ଜୀବ୍ ନୁ ମହାନ୍ ବଲି ମନାଯାଉଛେ। ବୁ ଜୀବ୍ନିଜର୍ ବେଭର୍,ଗୁନ୍,ବୁଝବାର୍ ଅନସାରୁ ବଡ଼ ସିଆନଛୋଟର ଠାନ୍ ପାଇଛେ । ମୁନୁସ୍ ପାଖେ ସବୁ ଗୁନ୍ ଟାବେସି ଅଛେ ବଲି ପହେଲା ଜୀବ୍ ବଲି କୁହାଯାଉଛେ । କନ୍ତୁ ଆଏଜ୍ କାଏଲ୍ ଦେଖଲା ବେଲ କେ ମୁନୁସ୍ ରମୁନୁସ୍ ଗୁନ୍ ଟା ସରି ଯାଉଛେ ଲେଖେ ଲାଗସି । କାଁକରି କ ଆଏଜ୍ କାଏଲ୍ ଭାବନା ବାହାରେ ଲେଖେ କାମ ମାନ୍ କରୁଛେ । ପସୁ ମାନଙ୍କର୍ ନୁ ଭି ହୀନ୍ କାମକରୁଛେ ।

ସମାଜ ଥି ଆଏଜ୍ ବିଗ୍ୟାନ ବହୁତ୍ ଆଗକେ ଗଲାନ ଆରୁ ତାର୍ ଗୁଟେ ଅଲଗା ଠାନ୍ ଅଛେ । ନଜରସୁବିଧା ଲାଗି ମୋବାଇଲ ବେଭାର କଲା । ହେଲେଆଜିର୍ ମୋବାଇଲ ଜମାନା ଥି, ଛୁଆ ଆରୁ ଜୁଆନ୍ ପିଲାମାନକର୍ ଉପରେ ବେସି ପରଭାବ୍ ପଡୁଛେ । ସେମାନେ ଜୀବନର୍ ମାନେ ଆରୁ ସମାଜ କେ ତାକର ତାକର କେତେ ଜରୁରତ୍ ହେଟା ସେମାନେଭୁଲି ଯାଉଛନ । ମୋବାଇଲରେ ଭିନ ଭିନ୍ ଅସାମାଜିକ ଫଟୁ ଆରୁ ବିଡିଓ ଦେଖି ହିତାହିତ ଗିଆନ୍କେ ଲୁକେଇ ଦଉଛନ । ବେକାର କଥାମାନ୍ ଭାବି,ବେକାର କାମ ମାନ କରୁଛନ । ସେ ଛୁଆ ଜୁଆନ୍ ମାନେ ଆମର ଭବିସ ପିଢ଼ି ଆନ୍। ସେମାନେ ଯଦିବାଟ୍ ଭୁଲି କାଦୋ ଚଖଲ୍ ବାଟକେ ଧରବେ ବଏଲେସମାଜର ଭବିସ୍ ଟା କାଣା ହେବା । ଇ କଥା ମାନ୍ ଚନ୍ତାର୍ ବିସଏଟେ  ଆଏଜ ହଇଯାଇଛେ ।

ଏଛେନ୍ ଆମେ ଆମର ତଲ୍ ପିଢ଼ିକେ ଠିକ୍ ବାଟେଆନମା ବଏଲେ ସବୁ ଠିକ୍ ହେବା । ଦୁନଆଁ ସମାଜ୍ ଟାବରକସ୍ ଜବର୍ ହଇ ରହେବା । ଗୀତା, ଭାଗବତ, ଉପନସଦ କେତେ କେତେ ହେନ୍ତା ଗିଆନର୍ ଭଣାରଗରନ୍ଥମାନ୍ ଅଛେ ଆମର ଦେସେ । ସେ ଗରନ୍ଥ ମାନକେ

ଗିଆନ ଗୁନ ମାନେ ପଢ଼ିକରି ତାହାକେ ସାନ୍ମାନ୍ ବହି କଥାନୀ କବିତା ଗିତ ଆକାର ନେ ଆମରସମାଜ କେ ଭେଟି ଦେଇଛନ । ହେଲେ ପିଲାଛୁଆ ମାନେ ସେ ବହି ସବୁ କେ ପଢ଼ବାର କେ ନାଇଁ ଗ୍ରହେବାର । ଇଟା ଗୁଟେ ବଡ଼ ଦୁଖର କଥା । ରିତି ନିତିପରମ୍ପରା କଲା ସଁସକୃତି କେ ଭୁଲି ଭୁଲି ଯାଉଛୁ । ଆମେ ଆରୁ ଆମର୍ ସମାଜ କେନ୍ ଆଡ଼େ ଗତି କରୁଛୁଭିବ୍ ବାର ବିସୟେ ଟେ ହଇଛେ ।

ରେଜା

ଭୁକା ଦୁଖା ପେଟର ଲାଗି
ସବୁ ଦୁଖ୍ ସହେମି,
ଠି ଠି ଖରା ଝୋ ଝୋ ବର୍ଷା ଥି
କାମ୍ ମୁଇଁ କରମି।
ଗରିବ ଘରେ ଜନମ ପାଇଛେ
କପାଲେ ଲେଖା ସଜା,
ପାଠ୍ ପଢ଼ବାର ସଉକ ଥିଲା
ବନଗଲି ମୁଇଁ ରେଜା ।
ବହିବସ୍ତାନ ପଢ଼ା ଛାଡିକରି
ମୁଁଡ଼େ ବୁହୁଛେ ଗମଲା,
ଗରିବ୍ ଘରର୍ ଝି ବହ ଲାଗି
ଇ ଟା ବଢ଼େ ଝମେଲା ।
ଖରା ବର୍ଷା ଶୀତ କାକର
ସବୁ ଆଏ ସମାନ,
ନିଜର କମାମୁ ନିଜର ଖାଏମୁ
ସହୁ ନ ବଦନାମ୍ ।

ଅବସୋସ୍ ଲାଗସି ଦେଖଲେ ମତେ
ମୋର ସାଂଗର ଛୁଆ,
ବନେ ପେଣ୍ଟସାର୍ଟ ଢ଼ିପିକୁରି ହଇ
ମାଁବୁଆର୍ ସାଂଗେ ଠିଆ ।
ମୋର୍ ବି ମନ ଲାଗସି ଦିନେ ଦିନେ
ମୁଇଁ ବି ଥିତି ହେନ୍ତା,
ଫଟା କପାଲ କେ ଆବରି କରି
କରମି କାମ୍ ଏନ୍ତା ।
ସମିଆଁ ସାଂଗେ ଦୁନଆ ଘୁରୁଛେ
ନାଇଁ ହଏ ପାସରି,
ଆମର ବି ଦିନେ ଏନ୍ତା ଦିନ ଆସବା
ନ ଯାଏଁ ମୁଇଁ ହାରି ।
ଲଢ଼ମି ମୁଇଁ ଦୁନଆଁ ସମିଆଁ ସାଂଗେ
ଜୀବନ୍ ଥିବା ତକ,
ହାର୍ ନ ମାନେ ଜିତମି ଦିନେ, ନୁହେ
ମୁହଁର ବକ୍ ବକ୍ ।
ପାଠସାଠ୍ ନାଇଁ ପଢ଼ି ଯେ କାଏଁ ହେଲା
ଶୁନଛେ ନାରୀର କଥା,
ସେ ନାରୀ ଭିତରୁ ମୁଇଁ ଗୁଟେ ହେମି
ତଲେ ପଡି ନ ଦିଏଁ ମଥା ।
ଜୀବନଟା ନୁହେ ମୋର ସସ୍ତା
ଗେଟି ସିମେଣ୍ଟ ଝୁଡ଼ି,
ଜୀବନ କେ ସରସ ସୁନ୍ଦର ବନାମି

ଆସୁ ତୁଫାନ ମାଡ଼ି ।
ଜୀବନ ଥି ଜଦର୍ଭି ଦୁଖ୍ ନାଇଁ ନ
ସୁଖର କାଏଁ ମୂଲ୍,
ସୁଖର ଜୀବନେ କାହୁଁ ଜାନବୁ
କେନ ଅଛେ ଯେ ଭୁଲ ।
ଆମର ଜୀବନ କଁଟାଝଁଟାର୍ ବାଟ
ଗ୍ଲବାର କେ କଠିନ୍,
ଉଆଁସ ରାତିର ଅନ୍ଧାର ଜୀବନ
ନାଇଁ ଥାଏ ଲାଣ୍ଟିନ୍ ।
ଦୁଖର ରାସ୍ତା ପସରେଇ ହଇଛେ
ନାଇଁ ନ ତାର ସୀମା,
ସହି ଲହି କରି ବାଟ ଗ୍ଲୁଛୁ
ନ ହଇ କରି ଧିମା ।
କାଏଁ ଦିନ କାଏଁ ରାଏତ୍ ନ ଥାଏ
ଝାଲ ପୁଛା ସମିଆଁ,
ସମାଜେ ମୋର ନାଁ ଜୁଡ଼ା ହଇଛେ
ରେଜା ଆଏଁ କମିହାଁ ।

ପ୍ରଧାନପାଲି,ସମ୍ବଲପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଏତେ ଭଲପାଅ ମତେ?

ଶୁଭସ୍ମିତା ବେହେରା

ବସି ବସି ତମେ ମୋ କଥା
କ'ଣ ପାଇଁ ଏତେ ଭାବ?
କ'ଣ ପାଇଁ ଝରାଉଛ ନୟନୁ ଅଶ୍ରୁ ଧାର?
ଏତେ ଭଲପାଇବା କ'ଣ ପାଇଁ?
ମୁଁ ଜାଣେ ତୁମ ହୃଦୟରେ
ମୁଁ ହିଁ କେବଳ ଅଛି ଏବେ ବି
ତୁମେ ମତେ ନେଇ ଦେଖ ସୁନେଲି ସ୍ୱପ୍ନ.....
ଏବେ ବି ତୁମେ ପ୍ରତୀକ୍ଷାରେ ମୋର
ଗଡିଗଡି ଦିନଦିନ....
ତୁମେ ଜାଣନା ତୁମର ପ୍ରତୀକ୍ଷା
ସଂପୂର୍ଣ୍ଣ ନିରର୍ଥକ ବୋଲି;
ସେ ଅବୁଝା ମନ ତୁମର ବୁଝେନା.....
ଅଦ୍ୟାପି ବି ତୁମେ ବାଡୁଅ ଅଛ
ଅଶରୀରାତ୍ମାରେ ଏବେ ବି ଆଶା
ସେ ଆଶା ତା'ର ନା କେବେ ପୂରଣ ହେବ
ନା ହେବ ଆଶାର ଅନ୍ତ.....
ଅନ୍ତହୀନ ପଥେ ତୁମେ ଏବେ ବି ଛିଡା
ସେ ପଥେ ତୁମେ ଏକା ଏକା ବାଟୋଇ....
ମୁଁ ତ ସେ ପଥର ଛାଇ ବି ହେଇ ପାରିବିନି
କାହିଁକି ନା ମୁଁ କେଉଁ କାଳୁ ପରିଣତ
ଅଲଗା ଇଲାକାର ଅତିଥିଟିଏ.....
ତଥାପି ଏବେ ବି ମୋ ଚଉ଼େ
ଉଙ୍କିମାରେ ପ୍ରଶ୍ନ, ସତରେ....
ଏତେ ଭଲପାଅ ମତେ ??

ଜେନାପୁର, ଜାଜପୁର, ଓଡିଶା

# ପାଶବିକ ଶକ୍ତି ବିରୁଦ୍ଧରେ



ଅନନ୍ତ ବାଗ

ପାଶବିକ ଶକ୍ତି କ'ଣ...? ଏହା ମନୁଷ୍ୟ ଭିତରକୁ କପରି ଆସେ ଓ କ'ଣ କ୍ଷତିକରେ...? ଏ ପ୍ରଶ୍ନର ଉତ୍ତର ଯଦି ଖୋଜିବାକୁ ଯିବା ତେବେପ୍ରଥମେ ଆମକୁ 'ପାଶବିକ ଶକ୍ତି' ବିଷୟରେ ଜାଣିବାକୁ ପଡ଼ିବ। ମନୁଷ୍ୟ ଭିତରେ ସୃଷ୍ଟି ହେଉଥିବା କୁ ପ୍ରବୃତ୍ତିଯାହା ଆମକୁ ଖରାପ ଆଚରଣ କରିବା ପାଇଁ ପ୍ରବର୍ତ୍ତାଇ ଥାଏ, ତାହାକୁ ହିଁ ପାଶବିକ ଶକ୍ତିକୁହାଯାଏ! ଏହା ସାଧାରଣତଃ ପରିବେଶ, ପରିସ୍ଥିତି ଅନୁଯାୟୀ ମନୁଷ୍ୟ ଭିତରକୁ ପଶି ଆସେ।ଏହାର ପ୍ରଭାବ ଦ୍ୱାରା ମନୁଷ୍ୟ ସମାଜର ବହୁ କ୍ଷତି ଘଟିଥାଏ!

ପାଶବିକ ଶକ୍ତି କେତେବେଳେ ମନୁଷ୍ୟକୁ ପ୍ରଭାବିତ କରେ? ଆମେ ଯଦି ଜାଣିବାକୁ ଯିବା ତେବେ ଦେଖିବା ଯେ ଏହା ଯେ କୌଣସି ସମୟରେ ମନୁଷ୍ୟକୁ ଆକ୍ରମଣ କରି ପାରେ। ଦିନକୁଦିନ ଘଟି ଚାଲିଥିବା ବ୍ୟଭିଚାର, ଅପରାଧ, ଆତଙ୍କବାଦ, ହତ୍ୟା, ବଳାତ୍କାର ଆଦି ସବୁ ପାଶବିକ ଶକ୍ତିର ହିଁ ପ୍ରଭାବ ଅଟେ| ଏହା ଦ୍ୱାରା ମନୁଷ୍ୟପଶୁ ପାଲଟି ଯାଏ! ସେତେବେଳେ ତା'ର ବିବେକ ଶୂନ୍ୟ ହୋଇଯାଏ, ଯାହା ଫଳରେ ନିମିଷକ ଭିତରେ ଅନେକ ଅପକର୍ମମାନ କରି ପକାଇ ଥାଏ। ସାଧାରଣତଃ ଏ ପାଶବିକ ପ୍ରବୃତ୍ତି କେତେକଙ୍କ ଛୁଆ ବେଳେ ଦେଖାଯାଇଥାଏ ତ ଆଉ କେତେକଙ୍କର ସମୟ ପରିବର୍ତ୍ତନ ସହ ଦେଖା ଦିଏ। ତେବେ ଯାହା ହେଲେବି ଏଥିପାଇଁ ପରିସ୍ଥିତି ଓ ପରିବେଶ ହିଁ ମୂଖ୍ୟତଃ ଦାୟୀ, ଏହା ଆମକୁ ମାନିବାକୁ ପଡ଼ିବ।

ପୌରାଣିକ ବିଷୟକୁ ଯଦି ଆମେ ଆଧାର କରିବା ତେବେ "ଅଭିମନ୍ୟୁ" ଚରିତ୍ର ଏଥିପାଇଁ ପ୍ରକୃଷ୍ଟ ହେବ। ଯେତେବେଳେ ସୁଭଦ୍ରାଙ୍କ ଗର୍ଭରେ ଅଭିମନ୍ୟୁ ଥିଲେ; ସେତେବେଳେ ଦିନେ ଅର୍ଜୁନ ସୁଭଦ୍ରାଙ୍କୁ "ଚକ୍ରବିହ୍ୱ" ରଚନା ଓ ଭଙ୍ଗର ରହସ୍ୟ କହି

ଦେଉଥିଲେ। ଏହାକୁ ଅଭିମନ୍ୟୁ ଗର୍ଭ ଭିତରେ ଶୁଣି କ ଶିଖି ଯାଇଥିଲେ! ପରବର୍ତ୍ତି ସମୟରେ ଅଭିମନ୍ୟୁ ମହାଭାରତ ଯୁଦ୍ଧରେ "ଚକ୍ରବିହ୍ୟୁକୁ" ପଶି କୌରବମାନଙ୍କୁ ବିଚଳତ କରିପକାଇଥଲେ। ତେଣୁ ସତ୍ ଆଚରଣ ହେଉ ବା କୁ-ଆଚରଣ ଯେତେବେଳେ ଜଣେ ଶିଶୁ ବାପା, ମା'ଠୁ ଯୋଉ ଶିକ୍ଷା ଗ୍ରହଣ କରେ; ତାହା ପରବର୍ତ୍ତି ସମୟରେ ଉକ୍ତ ଆଚରଣ ପ୍ରକାଶ ପାଇବାନିଶ୍ଚିତ! ଆହୁରି ମଧ ପରିସ୍ଥିତି ଓ ପ୍ରତିଶୋଧ ମନୁଷ୍ୟକୁ ଜଘନ୍ୟ କାମ ପାଇଁପ୍ରବର୍ତ୍ତାଇ ଥାଏ । ଆଜିକାଲିର ପ୍ରେମିକ ମାନେ ପ୍ରେମିକାଠୁ ପ୍ରତାରଣା ପାଇଲା ପରେ ଉତକ୍ଷିପ୍ତ ହୋଇ ପ୍ରେମିକାର ଦେହରେ ଏସିଡ୍ ପକାଇ ଦେଉଛନ୍ତି! ଏବେ ପ୍ରତିଦିନ ବଢୁଥିବା ଜଘନ୍ୟ ଅପରାଧକୁ ଦେଖିଲେ ମନେ ହେଉଛି ଯେ ମନୁଷ୍ୟ ନିଜକୁ ଯେତିକ ବିକଶି ତବୋଲି ଡିଣ୍ଡିମ ପିଟୁଛି ଏଆଡ଼େ ତା'ର ମାନବିକତାର ଅବନତି ଘଟି ଘଟି ଗ୍ଲଲିଚ। ଆମେଏବେ ଧନ, ସମ୍ପତ୍ତି ପଛରେ ପଡ଼ି ଅନ୍ଧ ହେଇ ଯାଇଛେଁ... ଯାହା ଦ୍ୱାରା ସବୁ ଜାଣିକ ମଧ ଖରାପ ଆଚରଣ ପାଇଁ ବାଧ୍ୟ ହୋଇ ଯାଉଛୁ। କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଏ ଛଅଟି ରିପୁ ପାଶବିକ ଶକ୍ତିର ମୂଖ୍ୟ ଅସ୍ତ୍ର ଅଟେ! ଏହା ଅନେକ ସମୟରେ ଆମ ପାଶକୁ ଆସିଥାଏ। ଯେତେବେଳେ ଆମେ ଏ ଛ' ରିପୁର ବଶବର୍ତ୍ତି ହେଇଯାଉ ସେତେବେଳେ ଆମେ ସବୁ ଜାଣିକ ମଧ ଅନେକ ଭୁଲ୍ କରି ପକାଇ ଥାଉ!

ଆଜିକାଲିର ଆତ୍ମଘୋଷିତ ବାବାମାନଙ୍କ କଳାକାରନାମା ଦେଖିଲେ ମନେ ହୁଏ ଯେ, ଯେଉଁମାନେ ନିଜେ ଅନ୍ଧକାରରେ ରହି ଜୁଡୁବୁଡୁ ହେଉଛନ୍ତି ସେମାନେ ଅନ୍ୟକୁ କିପରି ଅନ୍ଧକାରରୁ ମୁକ୍ତ କରି ପାରିବେ? ତେବେ କ'ଣ ମନୁଷ୍ୟ ଏ ପାଶବିକ ତଥା ଅପକର୍ମରୁ ମୁକୁଳ ପାରିବ ନି..? ନା, ଆମେ ନିଶ୍ଚିତ ଏ ଅନ୍ଧକାରରୁ ମୁକ୍ତ ହେଇପାରିବା। ଏଥିପାଇଁ ଆମକୁ ଗଭୀର ଆତ୍ମ ଚନ୍ତନର ଆବଶ୍ୟକତା ଅଛି ! ଆମ ମନ ହେଉଛି ସବୁଠୁ ବେଗଶାଳୀ, ଏହା ସର୍ବଦା ଭଲ ହେଉ କି' ମନ୍ଦ ହେଉ କୋଉଠି ନା କୋଉଠି ସେ ରହି ଥାଏ! ଆମେଯଦି ମନକୁ ବୁଦ୍ଧି, ବିବେକ ଦ୍ୱାରା ସତ୍ତ୍ୱିକ କାମରେ ବିନିଯୋଗ କରିବା ତେବେ ଯାଇ ଏପାଶବିକ ତଥା ଅପକର୍ମରୁ ମୁକୁଳି ପାରିବା। ବହୁତ ବଡ଼ ବଡ଼ ଲୋକମାନେ ଇନ୍ଦ୍ରିୟର ବଶହୋଇ ଅନେକ ଭୁଲ୍ କରି ଦେଇଛନ୍ତି! ଭୁଲ୍ ସମସ୍ତଙ୍କ ହୁଏ, କିନ୍ତୁ ସେ

ଭୁଲ୍‌ରୁଶିଖି ପରବର୍ତ୍ତି ସମୟରେ ଏଥିପ୍ରତି ସଜାଗ ହେବା ତେବେ ଯାଇ ଆମେ ଆମ କାମରେ ସାଫଲ୍ୟମଣ୍ଡିତ ହେଇ ପାରିବା।

ଜ୍ଞାନୀ ପାଠକ ବୃନ୍ଦ, ପ୍ରକୃତି ଦ୍ୱାରା ସୃଷ୍ଟ ଏ ମନୁଷ୍ୟ ଜୀବନ ହେଉଛି ସବୁଠୁଶ୍ରେଷ୍ଠ ଯୋନୀ। ଈଶ୍ୱର ଆମକୁ ଗୋଟେ ମହାନ୍ ଉଦ୍ଦେଶ୍ୟ ନେଇ ଜନ୍ମ ଦେଇଛନ୍ତି। ଆମେ ଯଦି ସେ ଉଦ୍ଦେଶ୍ୟକୁ ସାକାର କରି ପାରିଲେ, ତେବେ ଯାଇ ଆମ ମନୁଷ୍ୟଜୀବନ ସାଫଲ୍ୟ ମଣ୍ଡିତ ହେଇ ପାରିବ। ଆମେ କେହିବି ଚିର ଦିନ ପାଇଁ ରହିପାରିବା ନାହିଁ! ଆମପୂର୍ବରୁ ଅନେକ ଲୋକ ଜନ୍ମ ନେଇ ବିଦାୟ ନେଇ ସାରିଛନ୍ତି, ନେଉଛନ୍ତି ଓ ଆଗକୁ ନେବେ! କିନ୍ତୁଏଥି ଭିତରୁ ସେମାନେ ହିଁ ଚିର ସ୍ମରଣୀୟ ହେଇ ରହି ଯାଇଛନ୍ତି, ଯେଉଁମାନେ ମହତ କାମ କରିଛନ୍ତି! ଆମେ ମଧ୍ୟ ଆଜି ଜନ୍ମ ନେଇଛେ କାଲିକି ଚାଲିଯିବା। କିନ୍ତୁ ଆମେ ଯଦିନିସ୍ୱାର୍ଥ ଭାବେ ସମସ୍ତ ମାନବ ଜାତି ଉଦ୍ଦେଶ୍ୟରେ କିଛି ଭଲ କର୍ମ କରିବା, ତେବେ ଯାଇ ଆମକୁ ସମସ୍ତେ ମନେ ରଖିବେ ବା ଆମ ମନୁଷ୍ୟଜୀବନ ସାର୍ଥକ ହେଇ ପାରିବ।

ପିତାମହୁଲ,ରାଣୀପୁର-ଝରିଆଲ,
ଅଲଣ୍ଡା, ବଲାଙ୍ଗୀର



# ହିନ୍ଦୁ ଶବ୍ଦର ଐତିହାସିକ ତଥ୍ୟ



ବାଲ୍ମୀକ ନାୟକ

ବର୍ତ୍ତମାନ ଭାରତରେ ହିନ୍ଦୁ ଶବ୍ଦକୁ ନେଇ ଅନେକ ପ୍ରକାର ବାଦ-ବିବାଦ ଚାଲିଛି । ହିନ୍ଦୁ ଏକ ଧର୍ମ ଓ ତାର ସଂସ୍କୃତି ହେଉଛି ହିନ୍ଦୁ ସଂସ୍କୃତି ବୋଲି ବହୁଳଭାବେ ପ୍ରଚାର ଚାଲିଛି । ଆମର ହିନ୍ଦୁ ଧର୍ମ ଓ ହିନ୍ଦୁ ସଂସ୍କୃତି ବର୍ତ୍ତମାନ ଧ୍ୱଂସ ହେବାକୁ ଯାଉଥିବା କଥା ମଧ୍ୟ ପ୍ରଚାର ହେଉଛି । ଏହାକୁ ସାଧାରଣ ଲୋକ ନଜର ଅସ୍ମିତାର ପ୍ରଶ୍ନ ଭାବେ ମଧ୍ୟ ନେଉଛନ୍ତି । କିନ୍ତୁ ଆମ ଦେଶର ବିଦ୍ୱାନ ଓ ପଣ୍ଡିତ ମାନେ ମାନିଲେଣି ଯେ ହିନ୍ଦୁ ଏକ ଧର୍ମ ନୁହେଁ ବରଂ ଏହା ଏକ ଜୀବନ ପଦ୍ଧତି । ଆସନ୍ତୁ ଦେଖିବା ହିନ୍ଦୁ ଶବ୍ଦର ଅର୍ଥ ଓ ଆରମ୍ଭର ଇତିହାସ । ପ୍ରଥମେ ଆମେ ଦେଖିବା ଆମର ସର୍ବମାନ୍ୟ ଧର୍ମଗ୍ରନ୍ଥ ମାନଙ୍କରେ କେଉଁଠି ହିନ୍ଦୁ ଶବ୍ଦଟି ଅଛି? ସତ କଥା ହେଉଛି – କେଉଁଠି ମଧ୍ୟ ନାହିଁ । ବେଦ, ଉପନିଷଦ, ମନୁସଂହିତା, ରାମାୟଣ, ମହାଭାରତ, ଗୀତା, ଭାଗବତ ଓ ଅନ୍ୟାନ୍ୟ ପୁରାଣରେ ହିନ୍ଦୁ ଶବ୍ଦର ଉଲ୍ଲେଖ ନାହିଁ । ଧର୍ମଶାସ୍ତ୍ର ମାନଙ୍କରେ ଆର୍ଯ୍ୟ ଶବ୍ଦର ବହୁଳବ୍ୟବହାର ହୋଇଛି । ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କୁ ଆର୍ଯ୍ୟପୁତ୍ର, ମହାଭାରତର ସମସ୍ତ ମହାନାୟକମାନଙ୍କୁ (କେବଳ କୃଷ୍ଣଙ୍କ ବ୍ୟତୀତ) ଆର୍ଯ୍ୟ ବୋଲି ଉଲ୍ଲେଖ ଅଛି । ଅର୍ଥାତ ସେତେବେଳେ ହିନ୍ଦୁ ନୁହେଁ ଆର୍ଯ୍ୟବର୍ତ୍ତ ଧର୍ମ ଥିଲା ।

ଏଇଠି ପ୍ରଶ୍ନ ଉଠୁଛି – ପୌରାଣିକ ଧର୍ମଗ୍ରନ୍ଥ ମାନଙ୍କରେ ବିଭିନ୍ନ ଦେବୀ-ଦେବତା, ମାନବ-ଦାନବ, ପଶୁ-ପକ୍ଷୀ, ଆକାଶ, ପାତାଳ, ସ୍ୱର୍ଗ, ନର୍କ, ଆତ୍ମା, ପରମାତ୍ମା ଇତ୍ୟାଦି ବିଷୟରେ ଅନେକ କିଛି ଲେଖା ଯାଇଛି କିନ୍ତୁ ଏହି ଧର୍ମର ନାମ ହିନ୍ଦୁଧର୍ମ ବୋଲି ଲେଖା ଯାଇନାହିଁ କାହିଁକି? ତେଣୁ ପ୍ରଶ୍ନ ଉଠୁଛି – ଆମ ଧର୍ମର ନାମ ହିନ୍ଦୁଧର୍ମ ହେଲା କିପରି?

ଇତିହାସ ଅନୁସାରେ ଗତ ୧୦୩୦ ମସିହାରେ ଯେତେବେଳେ ମହମ୍ମଦ ଗଜନୀ ଭାରତକୁ ଆସିଥିଲା, ତା ସହିତ ପାର୍ଶୀ ଐତିହାସିକ "ଅଲବେରୁନ" ମଧ୍ୟ ଆସିଥିଲା । ସେ ସମୟରେ ଭାରତୀୟ ଲୋକମାନଙ୍କ ଦେହର କଳା ରଙ୍ଗ, ସେମାନଙ୍କର ରହଣୀ ଶୈଳୀ ଓ ଜାତିପ୍ରଥା ଯୋଗୁ, ସେମାନଙ୍କୁ ପ୍ରଥମେ ହିନ୍ଦୁ ଲୋକ ବୋଲି ସମ୍ବୋଧନ କରିଥିଲା । ହିନ୍ଦୁ ଶବ୍ଦ ପାର୍ଶୀ ଭାଷାକୋଷ "ଗୟାଶୂଲସୌଗାତ"ରୁ ଆସିଛି । ଯାହାର ଶାବ୍ଦିକ ଅର୍ଥହେଉଛି – ଚୋର, ଡାକୁ, ରହାଜାନ, କଳା, ଗୋଲାମ, କାଫେର, ଅସଭ୍ୟ । ହିନ୍ଦୁ ଶବ୍ଦର ଅର୍ଥ ଆରବୀ ଓ ଉର୍ଦ୍ଦୁ ଭାଷାକୋଷରେ ମଧ୍ୟ ଏକାଭଳି ଲେଖା ହୋଇଛି । ସେତେବେଳେ ମୋଗଲମାନଙ୍କର ଭାରତୀୟ ଲୋକମାନଙ୍କ ପ୍ରତି ଥିବା ଘୃଣ୍ୟ ତଥା ନିକୃଷ୍ଟ ମନୋଭାବର ଏହା ହେଉଛି ଜ୍ୱଳନ୍ତ ଉଦାହରଣ । ହିନ୍ଦୁ ଶବ୍ଦ ଏକ ଅପମାନ ସୂଚକ ଗାଳି ବୋଲି ଅପ୍ରିୟ ସତ୍ୟକୁ ନମାନିବା ପାଇଁ କେତେକ ପଣ୍ଡିତ ଯୁକ୍ତି କରି କହିଲେ – ସିନ୍ଧୁ ନଦୀ କୂଳରେ ବାସ କରୁଥିବା ଲୋକମାନଙ୍କୁ ସେମାନେ ସିନ୍ଧୁ ପରିବର୍ତ୍ତେ ହିନ୍ଦୁ ବୋଲି କହିଲେ, କାରଣ ସେମାନେ "ସ" କୁ "ହ" ଉଚ୍ଚାରଣ କରୁଥିବାରୁ ସିନ୍ଧୁକୁ ହିନ୍ଦୁ କହିଲେ । ଏହି ଯୁକ୍ତି ଆଦୌ ଠିକ୍ ନୁହେଁ । କାରଣ ତାଙ୍କ ଭାଷା କୋଷରେ ଅସଂଖ୍ୟ "ସ" ଜଡିତ ଶବ୍ଦ ରହିଛି । ପାର୍ଶୀକୁ "ପାରହି", ମୁସଲମାନଙ୍କୁ "ମୁହଲମାନ", ଶରୀୟତକୁ "ହରିୟତ" ମାସଜିଦକୁ "ମହଜିଦ, ସିନ୍ଧୁ ଘାଟୀକୁ "ହିନ୍ଦୁ ଘାଟୀ" କହୁନାହାନ୍ତି କାହିଁକି?

ଅନ୍ୟ ଏକ ଉଦାହରଣ:-

ସେତେବେଳେ ବ୍ରାହ୍ମଣ ସମାଜ ନିଜକୁ ହିନ୍ଦୁ ବୋଲି ମଧ୍ୟ ମାନୁ ନଥିଲେ । ଏହାର ପ୍ରମାଣ – ଆର୍ଯ୍ୟ ଧର୍ମର ପ୍ରବର୍ତ୍ତକ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଲେଖିଲେ – "ହିନ୍ଦୁ ଶବ୍ଦ ସଂସ୍କୃତ ଶବ୍ଦ ନୁହେଁ । ଏହା ମୋଗଲମାନଙ୍କ ଦ୍ୱାରା ଦିଆ ଯାଇଥିବା ଏକ ଅପମାନ ସୂଚକ ଗାଳି । ଆମେ ନିଜକୁ ଆର୍ଯ୍ୟ ବୋଲି କହିବା ଉଚିତ ।" ସେ ନିଜ ନୈଷ୍ଠିକ ବ୍ରାହ୍ମଣ ହୋଇ ମଧ୍ୟ ନିଜକୁ ହିନ୍ଦୁ ବୋଲି ସ୍ୱୀକାର କରିନଥିଲେ ।

ଦ୍ୱିତୀୟ ଉଦାହରଣ: - ଇତିହାସ କହୁଛି – ଯେତେବେଳେ ମୋଗଲମାନଙ୍କ ଦ୍ୱାରା ଭାରତୀୟ ଅଣମୁସଲମାନ ଏବଂ ହିନ୍ଦୁ ଲୋକମାନଙ୍କ ଉପରେ ଜିଜିଆ କର ଲାଗୁହେଲା,

ସେତେବେଳେ ବ୍ରାହ୍ମଣ ସମାଜ ଜିଜିଆ କର ଦେବାକୁ ମନାକଲେ, ସେମାନେ ଯୁକ୍ତି କଲେ – ଆମେ ହିନ୍ଦୁ ନୁହେଁ, ଆମେ ମଧ ତୁମମାନଙ୍କ ଭଳ ବିଦେଶୀ ଲୋକ। ଆମେ ଆର୍ଯ୍ୟ ଶାସକ ଭାବେ ତୁମ ମାନଙ୍କଠାରୁ ବହୁ ଆଗରୁ ଏଠାକୁ ଆସିଛୁ। ତେଣୁ ଆମେ ଜିଜିଆ କର ଦେବୁନାହିଁ। ମୋଗଲ ଶାସକ ଏହାକୁ ମାନ ସେମାନଙ୍କୁ ଜିଜିଆ କରରୁ ମୁକ୍ତ ରଖିଥିଲେ।

ମୋଗଲମାନଙ୍କ ଶାସନ ସମାପ୍ତ ହେବାପରେ, ଇଂରେଜମାନଙ୍କ ଶାସନ କାଳରେ ୧୯୨୦ ମସିହାରେ ବ୍ରାହ୍ମଣମାନେ ପ୍ରଥମେ ନିଜକୁ ହିନ୍ଦୁ ବୋଲି ଘୋଷଣା କଲେ – ଆସ ଆମେ ଗର୍ବର ସହ କହିବା "ଆମେ ହିନ୍ଦୁ"। ସେମାନେ ସେତେବେଳେ ହୁଏତ ହିନ୍ଦୁ ଶବ୍ଦର ପ୍ରକୃତ ଅର୍ଥ ବୁଝି ପାରିନଥିଲେ କିମ୍ବା ସିନ୍ଧୁ ଘାଟି କୂଳରେ ବାସକରୁଥିବା ଆର୍ଯ୍ୟମାନଙ୍କ ପାଇଁ ବ୍ୟବହାର ହୋଇଥିବା ଅପଭ୍ରଂଶ ଶବ୍ଦ ହିନ୍ଦୁ ଭାବି ଏହାକୁ ସ୍ୱୀକାର କରିଥିଲେ ଜାଣିବା କଷ୍ଟ। ମଜା କଥା ହେଉଛି- ହିନ୍ଦୁ ଏକ ମହାନ ଜାତି ବୋଲି ବୋଲି ଦାବି କରୁଥିବା ଯେକୌଣସି ଲୋକଙ୍କୁ "ଆପଣଙ୍କ ଜାତି କଣ ବୋଲି ପଚାରିଲେ – ମୁଁ ବ୍ରାହ୍ମଣ, ମୁଁ କରଣ, ମୁଁ ଖଣ୍ଡାୟତ, ମୁଁ ବଢେଇ, ମୁଁ ଧୋବା, ମୁଁ ବାରିକ ବୋଲି ଉତ୍ତର ଦେଉଛନ୍ତି। କେହି କହୁନାହାନ୍ତି ମୁଁ ଜଣେ ହିନ୍ଦୁଜାତିର ଲୋକ। ଏହି ପ୍ରଶ୍ନ ଅନ୍ୟ ଧର୍ମର ଲୋକଙ୍କୁ ପଚାରିଲେ ସେମାନେ ନିଜର ପରିଚୟ ବୌଦ୍ଧ, ଜୈନ, ଫାରସି, ମୁସଲମାନ କିମ୍ବା ଖ୍ରୀଷ୍ଟିୟାନ ବୋଲି ଉତ୍ତର ଦିଅନ୍ତି। କାରଣସେମାନଙ୍କର କୌଣସି ଜାତି ନାହିଁ।

ଏଇଠି ଆଉ ଗୋଟିଏ ବିଚାରଯୋଗ୍ୟ ତଥ୍ୟ ହେଉଛି – ପୁରାତନକାଳରେ ଏହିଦେଶରେ ଜଣେ ଭରତ ନାମକ ରାଜାଙ୍କ ନାମରେ ଦେଶର ନାମ ଭାରତବର୍ଷ ଦିଆ ଯାଇଥିଲା। ଏବେ ବି ସମସ୍ତେ ଆମେ ଭାରତୀୟ ବୋଲି କହୁଛନ୍ତି। ପୁଣି ଦେଶର ନାମ "ହିନ୍ଦୁସ୍ଥାନ" କିମ୍ବା "ଇଣ୍ଡିଆ" କାହିଁକି କହୁଛନ୍ତି? ଇଣ୍ଡିଆ ଶବ୍ଦର ଅର୍ଥ ଇନ୍ଦୁ ନଦୀ (ସିନ୍ଧୁ ନଦୀ) ନାମରୁ ସୃଷ୍ଟି ହୋଇଛି ବୋଲି ଯୁକ୍ତି କରୁଛନ୍ତି। କେତେବେଳେ ସିନ୍ଧୁ ଅପଭ୍ରଂଶ ହୋଇ ହିନ୍ଦୁ ହୋଇଯାଉଛି ତ କେତେବେଳେ ଇନ୍ଦୁରୁ ଇଣ୍ଡିଆ ହୋଇଯାଉଛି। ଇତିହାସ କହୁଛି –ଇଣ୍ଡିଆ ଶବ୍ଦ ଆମେରିକା ଲୋକମାନେ ବ୍ୟବହାର କରିଛନ୍ତି। ପରିତାପର ବିଷୟ ହେଉଛି ଏହି ଦୁଇଟିଯାକ ଶବ୍ଦ ବିଦେଶୀ। ଆମ ଦେଶର ଦେଶୀ ଶବ୍ଦ "ଭାରତ" କାହିଁ? ବିଦେଶୀ ଧର୍ମ ଓ ବିଦେଶୀ ସଂସ୍କୃତିକୁ ଆକଣ୍ଠ ଘୃଣା କରିଥିବା ଆମ ଦେଶର ମହାମହିମ ଧର୍ମଗୁରୁ ଓ

ରାଜନେତାମାନେ ଏହି ଦୁଇଟି ଶବ୍ଦକୁ, ଦେଶରୁ ବହିଷ୍କାର କରିବାକୁ ସାହାସ କରି ପାରୁନାହାନ୍ତି କାହିଁକି? ଆମ ଦେଶର ଅନେକ ରାଜ୍ୟର ତଥା ସ୍ଥାନର ନାମ ତ ପରିବର୍ତ୍ତନ ହୋଇ ପାରୁଛି । ଦେଶର ପରିବର୍ତ୍ତନ ହୋଇପାରିବ ନାହିଁ କାହିଁକି? ଦ୍ୱିତୀୟରେ – ୧୯୦୦ ଶତାବ୍ଦୀର ଅକ୍ସଫୋର୍ଡ ଭାଷାକୋଷର ପୃଷ୍ଠା ୭୮୯ ରେ ଇଣ୍ଡିଆର ଅର୍ଥ **"Poor, Old fashioned, Criminal people"** ବୋଲି ଲେଖା ଅଛି । ଏଇଟା ବି ଆମ ପାଇଁ ଏକ ଅପମାନ ସୂଚକ ଗାଳି । ଏହା ଯଦି ସତ, ତେବେ ଆମ ଦେଶର ନାମକୁ ପରିବର୍ତ୍ତନ କରି, ଭାରତ କିମ୍ବା ଭାରତବର୍ଷ ରଖିଲେ ଅସୁବିଧା କଅଣ ହେବ?

ଏଇଠି ପ୍ରଶ୍ନ ଉଠୁଛି – ବିଦେଶରୁ ଆସିଥିବା ବ୍ରାହ୍ମଣମାନେ ଯଦି ଆର୍ଯ୍ୟ ଏବଂ ଏଠିକା ଅଧିବାସୀ ଯଦି ମୂଳନିବାସୀ କିମ୍ବା ଦ୍ରାବିଡ, ତେବେ ହିନ୍ଦୁ କିଏ? ମୋଗଲ ଏବଂ ଇଂରେଜମାନଙ୍କ ଦ୍ୱାରା ଦିଆ ଯାଇଥିବା ଗାଳିଗୁଡିକ ଯଦି ଆମେ ତିରସ୍କାର ନକରି ସ୍ୱୀକାର କରିବା, ଗୋଲାମ ଓ ଗରିବ ଶବ୍ଦକୁ ନିଜ କପାଳରେ ଚନ୍ଦନ ଟୀକା ଭଳି ଲଗେଇ ଗର୍ବ ଅନୁଭବ କରିବା, ତେବେ ଦୁନିଆ ଆମ ଉପରେ ହସିବ କି ନାହିଁ? ଆମ ଦେଶବାସୀଙ୍କ ସ୍ୱାଭିମାନ କୁଆଡେ ଗଲା?

ପରିତାପର ବିଷୟ ହେଉଛି ଯେ ଆଜିର ସମୟରେ ହିନ୍ଦୁ ଶବ୍ଦର ଅସଲ ଅର୍ଥ ଜାଣି ନଥିବା ଲୋକମାନେ ହିନ୍ଦୁ ଧର୍ମର ରକ୍ଷକ ସାଜି ଅଣହିନ୍ଦୁ ଏବଂ ହେତୁବାଦୀମାନଙ୍କ ପ୍ରତି ତୀବ୍ର ଅସହିଷ୍ଣୁ ପ୍ରଦର୍ଶନ କରୁଛନ୍ତି । ସେମାନେ ଶାନ୍ତ ଚିତ୍ତରେ ବସି ନିଜକୁ ଏହି ପ୍ରଶ୍ନ କରିବା ଉଚିତ ଯେ ମୁଁ ଯଦି ହିନ୍ଦୁ ନୁହେଁ, ତେବେ ତଥାକଥିତ ହିନ୍ଦୁଧର୍ମ ପ୍ରତି ଏତେ ସମ୍ବେଦନଶୀଳ କାହିଁକି?

ଉପରୋକ୍ତ ସମସ୍ତ ତଥ୍ୟ ଗୁଡିକରେ ଯଦି କିଛି ଭୁଲ ବା ତ୍ରୁଟି ଥାଏ, ଆମର ପ୍ରିୟ ସୁଧୀ ପାଠକମାନଙ୍କୁ ବିନୀତ ଅନୁରୋଧ ଭୁଲ ସୁଧାରିବା ପାଇଁ ଉପଯୁକ୍ତ ପ୍ରମାଣ ସହ ମୋତେ ସାହାଯ୍ୟ କରନ୍ତୁ ।

କେ.ଆର. ପୂରମ, ବାଙ୍ଗାଲୋର

# ମାୟାବିନୀ ପ୍ରେମିକା




ଶିଶିର କୁମାର ସାମଲ

ସୁନାର ହୃଦୟ ଚୂନା କରିଦେଇ
କ ଲାଭ ପାଅ ଗୋ ସାଥୀ,
ତୁମେକ ଜାଣିବ ତୁମ ବିନା ମୋର
ଉଜାଗରେ ପାହେ ରାତି ॥
ଜହ୍ନ ଭଳ ତୁମ ଜୋଛନାରେ ଟିକେ
ଭାବିଥିଲି ଭିଜିବାକୁ,
ଅମାବାସ୍ୟା ପରି ତୁମ ଛଳନାରେ
ହଜାଇଲି ମୁଁ ନିଜକୁ ॥
ନୀଳ ନୀଳ ତୁମ କଥା କୁହା ଆଖି
ମନ ନେଇଥିଲା କଣି,
ମାୟାବିନୀ ରୂପେ ପ୍ରେମକୁ ସଜେଇ
ବାନ୍ଧିଦେଲ ଜାଣି ଜାଣି ॥
ଏକାଏକା ଏଇ ଜୀବନରେ ମୋର
ନଥିଲା କାହା ଭାବନା,
ଏକାରୁ ପ୍ରେମିକା ବାଛିନେଲା ପରେ
ହୋଇଗଲି ଆନମନା ॥
ପ୍ରେମିକ ମନମୋ ଭାଙ୍ଗିଦେଇ ତୁମେ
କ ଲାଭ ପାଇଲ କୁହ,
ଫୁଲ ଖୋଜୁଖୋଜୁ କଣ୍ଟାର ଆଘାତେ
ଲହୁ ରେ ଭିଜେ ମୋ ଦେହ ॥

କଣ୍ଟିପୁର, ଯାଜପୁର

# ପୁସ୍ତକ ପରିଚୟ




ସାହିତ୍ୟରେ ଅନୁବାଦ ଏକ ଆଧୁନିକ କଳା-କୌଶଳ କହିଲେ ଭୁଲହେବ ନାହିଁ। ତଥାପି ଆଦ୍ୟରୁ ଭାବର ପ୍ରକାଶରେ ଭାଷା ବା ଅନୁବାଦର ଆବଶ୍ୟକତା ଲକ୍ଷ୍ୟହୁଏ। ଅନେକେ ଅନେକ ଅନୁବାଦ ପାଇଁ ଭିନ୍ନ ଭିନ୍ନ ପନ୍ଥାକୁ ଆପଣାନ୍ତି। କିଏ ଠାରକୁ ଭାଷାରେ ତ ଭାଷାକୁ ଠାରରେ। କିନ୍ତୁ ଏସବୁରେ ଭାବ ପରିବର୍ତ୍ତନ ନ ହେବା ଉଚିତ୍। ଭାବ ଯଦି ବିପରୀତ ହୁଏ ତେବେ ଅର୍ଥ ମଧ୍ୟ ଭୁଲ ହୁଏ। ଏହି ପରିପ୍ରେକ୍ଷୀରେ ଲେଖକ ଶ୍ରୀ ସୁଧାଂଶୁ ଦ୍ୱିବେଦୀ ଦେଶ ଓ ବିଦେଶର ଅନେକଗୁଡିଏ କାହାଣୀକୁ ସଂଗ୍ରହ କରି ନିଜ ଭାଷାରେ ଅନୁବାଦ ପରେ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ କରିବା ସହିତ ଏଯାବତ୍ ତିନିଗୋଟି ଲୋକକଥା ପୁସ୍ତକ ପ୍ରକାଶରେ ସଫଳତା ଅର୍ଜନ କରିଛନ୍ତି। ଆଶା "କୂର୍ମାବତାର" ବି ତାଙ୍କର ସଫଳ ପ୍ରୟାସ ବିବେଚିତ ହେବ।

# ବିଦେଶ ଖବର

Under the leadership of Shri Arun Kumar Praharaj, Bahrain Odia Samaj organized the Utkal Divas Celebration on 14th April 2018 in Kingdom of Bahrain in a Grand way. In this program the book written by Gajapati " The Tradition of Lord Jagannath" and "Panacea for a better world" was released in addition to a Souvenir named " Bahrain Utkalika" to promote the industry and Tourism of Odisha.

The program was graced by Gajapati Maharaja Shri Dibyasingha Deb and Maharani, Mr. Alok Kumar Sinha The Ambasador of India, Mrs Mamta Sinha, Dr. Saj Mendis The Ambasador of Sri Lanka, Mr. Padam Sundas, The Ambasador of Nepal and his Mrs.

The Ambassador of India felicitated Gajapati Maharaja and Gajapati felicitated all the Ambassadors.

"ବନ୍ଦେ ଉତ୍କଳ ଜନନୀ"



Indian Ambassadors to the Kingdom of Bahrain HE Sri Alok Kumar Sinha Presenting a Memento to Gajapati Maharaja Shree Dibyasingha Deb

**Sri Arun Kumar Praharaj, Chief Advisor Bahrain Odia Samaj with Gajapati, Maharani Leelavati Pattamahadei , Mrs. Mamta Sinha and HE Alok Kumar Sinha , the Indian Ambasador to the Kingdom of Bahrain after during felicitation**



# କାର୍ଯ୍ୟକ୍ରମରେ ନିଆଯାଇଥିବା କିଛି ଛବି









APRIL 2018
BAHRAIN
Utkalika

# ଶିଶୁ ବିଭାଗ





# ଦେଖିଯିବା ହାତୀବେଶ

ସତ୍ୟବ୍ରତ ସାହୁ

ଆସିଛି ଆଜି ସ୍ନାନ ପୂର୍ଣ୍ଣିମା ଆସରେ ପିଲେ ଯିବା,
ସ୍ନାନ ଦେବୀରେ ତିନ ଦିଅଁଙ୍କ ହାତୀ ବେଶ ଦେଖିବା ॥ ୧ ॥
ଜାଣକି ପିଲେ ଆଜି କାହିଁକି ହୁଅଇ ହାତୀ ବେଶ?
ନଜାଣ ଯଦି କହୁଛି ଶୁଣ ଏହାର ଇତିହାସ ॥ ୨ ॥
ମରାଠା (ମହାରାଷ୍ଟ୍ର) ଦେଶେ ଗଣପତିଙ୍କ ଥିଲେ ଜଣେ ଭକତ,
ମହା ପଣ୍ଡିତ ମହା ଜ୍ଞାନୀ ସେ ନାମ ଗଣପତି ଭଟ୍ଟ ॥ ୩ ॥
ପୁରାଣ ପଢି ଜାଣିଲେ ସିଏ ଜଗନ୍ନାଥଙ୍କ କଥା,
ବ୍ରହ୍ମ ଅଟନ୍ତି କଳାଠାକୁର ସବୁରି ସିଦ୍ଧିଦାତା ॥ ୪ ॥
ଭାବିଲେ ଭଟ୍ଟ ନିଜ ପ୍ରଭୁଙ୍କୁ ଦେଖିବେ ଶ୍ରୀକ୍ଷେତ୍ରେ,
ପହଞ୍ଚି ଗଲେ ପୁରୀ ଧାମରେ ସ୍ନାନ ପୂର୍ଣ୍ଣିମା ଯାତେ ॥ ୫ ॥
ଦେଖିଲେ କଳା, ଧଳା, ହଳଦୀ ତିନ ଠାକୁର ବିଜେ,
ସ୍ନାନ ବେଦୀରେ ଅଛନ୍ତି ବସି ଝଲସେ ମୁଖ ତେଜେ ॥ ୬ ॥
ନଦେଖି ନିଜ ଇଷ୍ଟ (ଗଣେଷ) ପ୍ରଭୁଙ୍କୁ ମନେ ନିରାଶା ଭରି,
ଏ ତ ନୁହନ୍ତି ମୋ ଗଜାନନ ଦୁଃଖରେ ଗଲେ ଫେରି ॥ ୭ ॥
ଭକ୍ତର ମନ ଜାଣିଲେ ପ୍ରଭୁ ପଣ୍ଡାଙ୍କୁ କଲେ ସ୍ୱପ୍ନ,
ମୋ ଭକ୍ତ ଜଣେ ଯାଉଛି ଫେରି ତାକୁ ପାଛୋଟି ଆଣ ॥ ୮ ॥

ପଣ୍ଡାଏ ଯାଇ ବିନୟ ହୋଇ ଭଟଙ୍କୁ ଡାକଆଣି,

ଦେଖିଲେ ସ୍ନାନ ବେଦୀରେ ବିଜେ ଗଣେଷ ମହା ଜ୍ଞାନୀ ॥ ୯ ॥

ତୁମେ ହିଁ ମୋର ଇଷ୍ଟ ଦେବତା କହି ଆନନ୍ଦ ହୋଇ,

ଭଟ ପଣ୍ଡିତେ ବିଭୋର ହୋଇ ଗଡଘାଲି ଗଲେ ଶୋଇ ॥ ୧୦ ॥

ଭକତ ପାଇଁ ରୂପ ଲୁଗ୍ଯଇ (ବଦଳାଇ) ରଖିଲେ ପ୍ରଭୁ ଯଶ,

ସେଦିନୁ ସ୍ନାନବେଦୀରେ ହୁଏ ପ୍ରଭୁଙ୍କ ହାତୀବେଶ ॥ ୧୧ ॥

ପଲ୍ଲାସାହି, କଂଆଳପୁର, ଅହିୟାସ, ଯାଜପୁର





# ବାପା ମା

ପ୍ରକାଶ ସାହୁ

ବାପା ମା ମୋ ଦେବତା ସମାନ
ତାଙ୍କ ଚରଣ ରେ କରେ ପ୍ରଣାମ
ବାପା କରୁଛନ୍ତି ଦିନରାତି ଶ୍ରମ
ମା କଷ୍ଟ ସହି ଦେଇଛି ଜନମ
ବାପା ଙ୍କ ର ଆଶୀର୍ବାଦ ବଳେ
ଆଉ ମା ର ପଣତ କାନ ତଳେ
ଜୀବନ ଜିଇଛି ଏ ଆକାଶ ତଳେ
ଛୋଟ ଥିଲି ଦିନେ ମା ର କୋଳେ
ବଡ ହୋଇଗଲି ସମୟ ର ତାଳେ
ହେଲେ ଛୋଟ ଅଛି ମା କୋଳେ
ଦୁଷ୍ଟ ଥିଲି ଦିନେ ବାପା ଙ୍କ ପାଇଁ
ଆଜି ଗର୍ବ କରନ୍ତି ସେ ମୋ ପାଇଁ
ଦିନେ କରୁଥିଲି ମା ପାଖେ ଅଳ
ଆଜି ବୁଢ଼ାପା ରେ ମୁଁ ଆଶ୍ରା ବାଡ଼ି
ମୋ ମା ହାତ ରନ୍ଧା ଅବଢ଼ା ଅନ୍ନ
ଗୀତା ଭାଗବତ ବାପା ଙ୍କ ବଚନ
ମୋ ମା ହାତ ଧରି ଚାଲିଶିଖିଲି
ବାପା ଙ୍କ ଠାରୁ ସାହସ ପାଇଲି

ବାପା ମା ମୋର ଠିକଣା ଦେଲେ

ଫୁଲ ହୋଇ ଅଗଣା ରେ ଫୁଟାଇଲେ

ଆଖି ଖୋଲି ଦେଖିବାକୁ ଦେଲେ

ନାଉରି ସାଜି ନା ବାହିବାକୁ ଦେଲେ

ମୋ ଆଶା ଗୁଡି କୁ ଉଡିବାକୁ ଦେଲେ

ଭସା ବାଦଲ ମୁଠାଏ ଧରାଇଲେ

କାଳମା ଛାଇବା ପୂର୍ବ ରୁ ଦୁରକଲେ

ସେହି ହେଉଛନ୍ତି ମୋ ବାପା ଆଉ ମା

ସୁରୁଜ ଆକାଶେ ଯେତେ ଦିନ ଥିବେ

ଜହ୍ନ ଅବା ତାରା ଆସୁ ଥିବେ

ମୋ ହୃଦୟରେ ବାପା ମା ଥିବେ

ବିଶାଖାପାଟଣା, ତେଲେଙ୍ଗାନା



# କହିଲ ଦେଖି



ଦୟାନନ୍ଦ ଶବର

ନିଜେ ଦୁଃଖ କଷ୍ଟ ସହନ କରେ ।
ସପନ ଆମର ପୁରଣ କରେ ॥
ତାଙ୍କ ଉପକାର କେବେ ଭୂଲିବ ନାହିଁ ।
ଜିବନ୍ତ ଭଗବାନ୍ ସେ ଆମ ପାଇଁ ॥
ଆମ ପାଇଁ ସେ କାମ କରନ୍ତି ।
ପଢେଇ ଲେଖେଇ ବଡ କରନ୍ତି ॥
ମହାନ ସେଇ ଧରଣି ଧାମେ ।
ଆମେ ଡାକୁ ତାଙ୍କୁ କହ କ ନାମେ?

ଉତ୍ତର

ସିଏ ହେଉଛନ୍ତି ବାପା ଆମର
ସୁଝି ପାରିବାନ ଋଣ ତାଙ୍କର
ସବୁ ଇଚ୍ଛା ଆମର ପୁରଣ କରେ
ମହାନ ଅଟେ ସେ ଏଇ ଦୁନିଆରେ

ନୂଆପଡା, ପଲସିପାଣି, ଓଡିଶା

# ଚତ୍ର



ପ୍ରକାଶ ସାହୁ




ବିଶାଖାପାଟଣା, ତେଲେଙ୍ଗାନା

# ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/୦୬/୨୦୧୮ | ଶରଣ ଆରମ୍ଭ |
| ୦୭/୦୬/୨୦୧୮ | ଶରଣ ଶେଷ |
| ୧୦/୦୬/୨୦୧୮ | ଏକାଦଶୀ ଓ ହଳ ନଷେଧ |
| ୧୨/୦୬/୨୦୧୮ | ସବେ-କଦର୍ (ପୂର୍ବରତ୍ନି) ଓ ଶିବ ଚତୁର୍ଦ୍ଦଶୀ ଉପବାସ |
| ୧୩/୦୬/୨୦୧୮ | ମଳ ଅମାବାସ୍ୟା, ମଳ ମାସ ଶେଷ, ଚନ୍ଦ୍ରକ୍ଷୟ ଓ ହଳ ନଷେଧ |
| ୧୪/୦୬/୨୦୧୮ | ପ୍ରଥମ ରଜ ଓ ମାସାନ୍ତ |
| ୧୫/୦୬/୨୦୧୮ | ମିଥୁନ (ରଜ) ସଂକ୍ରାନ୍ତି, ଚନ୍ଦ୍ର ଦର୍ଶନ, ରମ୍ଭା ତୃତୀୟା |
| ୧୭/୦୬/୨୦୧୮ | ଶିବ ବିବାହୋତ୍ସବ, ବସୁମତୀ ସ୍ନାନ |
| ୧୮/୦୬/୨୦୧୮ | ଶୀତଳ ଷଷ୍ଠୀ ଯାତ୍ରା |
| ୧୯/୦୬/୨୦୧୮ | ଶ୍ରୀମନ୍ଦିରେ ଶୀତଳ ଷଷ୍ଠୀ |
| ୨୨/୦୬/୨୦୧୮ | ଗଙ୍ଗା ଦଶହରା |
| ୨୩/୦୬/୨୦୧୮<br>୨୪/୦୬/୨୦୧୮<br>୨୬/୦୬/୨୦୧୮<br>୨୭/୦୬/୨୦୧୮ | ନିର୍ଜଳା ଏକାଦଶୀ,<br>ଚମ୍ପକ ଦ୍ୱାଦଶୀ<br>ଶିବ ଚତୁର୍ଦ୍ଦଶୀ ଉପବାସ<br>ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ |
| ୨୮/୦୬/୨୦୧୮ | ଦେବସ୍ନାନ ପୂର୍ଣ୍ଣିମା |
| ୨୯/୦୬/୨୦୧୮ | ଶରଣ ଆରମ୍ଭ |



# ଚିତ୍ର କଥା କହେ

ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com



ମୋ ମାଲିକ ପିଲାର କଷ୍ଟକୁ ଜାଣି
ବସିବା ପାଇଁ ପିଠିକୁ ଦେଲି ଆଣି
ଜୀବ ମୁଁ ଏକ ନାମଟି ମୋର ଶ୍ୱାନ
ମାଲିକ ପାଇଁ ଦିଏ ମୁଁ ଜୀବନଦାନ

(ବିଜେତା: ପ୍ରକାଶ ସାହୁ, ବିଶାଖାପାଟଣା)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଷୟର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:**vedantimagazine@gmail.com** ।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**